# ଧରିତ୍ରୀ
DHARITRI

ଭୁବନେଶ୍ୱର, ରବିବାର, ଅଗଷ୍ଟ ୪/୨୦୧୯ (୨୦ ପୃଷ୍ଠା) | Bhubaneswar, Sunday, August 4/2019 (ଛୁଟିଦିନ ସହ) | ★★★★★★

୪୫ଶ ଭାଗ ୨୫୦ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-




### ଅଭିନୟ ଆରମ୍ଭ କରିବେ ଇସାବେଲ୍

ଅଭିନେତ୍ରୀ କାତ୍ରିନା କୈଫଙ୍କ ଭଉଣୀ ଇସାବେଲ୍ 'କ୍ୱାଥା' ଫିଲ୍ମରେ ପ୍ରଥମକରି ଅଭିନୟ ଜୀବନ ଆରମ୍ଭ କରିବାକୁ ଯାଉଛନ୍ତି। **୦୭**

**୧୯** 

### ଭର୍ଷ୍ଟାପେନ୍‌ଙ୍କୁ ପ୍ରଥମ ପୋଲ୍ ପୋଜିଶନ

ହଙ୍ଗେରିଆନ ଗ୍ରାଁ ପ୍ରି ପାଇଁ କ୍ୱାଲିଫାଇଙ୍ଗ ରେସ୍‌ରେ ମାକ୍ସ ଭର୍ଷ୍ଟାପେନ ତାଙ୍କ ଫର୍ମୁଲାୱାନ କ୍ୟାରିୟର ପ୍ରଥମ ପୋଲ ପୋଜିଶନ ହାସଲ କରିଛନ୍ତି।





ବିଶିଷ୍ଟ ସାହିତ୍ୟ ସାଧିକା ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଧରିତ୍ରୀର ପ୍ରେରଣାଦାୟିନୀ ନନ୍ଦିନୀ ଶତପଥୀଙ୍କର ତ୍ରୟୋଦଶତମ ଶ୍ରାଦ୍ଧ ବାର୍ଷିକୀରେ ଧରିତ୍ରୀ ପରିବାରର ବିନମ୍ର ଶ୍ରଦ୍ଧାଞ୍ଜଳି ।

# ରହସ୍ୟ ଘେରରେ କୁନ୍ଧୁଲି ପୀଡ଼ିତାଙ୍କ ଆତ୍ମହତ୍ୟା

**ଗୃହରେ ଉପସ୍ଥାପନ ହେଲା ତଦନ୍ତ ରିପୋର୍ଟ**

- କମିଶନ କହିଲେ ଆହୁରି ତଦନ୍ତ ଆବଶ୍ୟକ
- ମୂର୍ତ୍ତି ହଟାଇବା ପ୍ରସ୍ତାବକୁ ସରକାରଙ୍କ ଅଗ୍ରାହ୍ୟ

ଭୁବନେଶ୍ୱର,୩।୮ (ବ୍ୟୁରୋ)

କୁନ୍ଧୁଲି ପୀଡିତାଙ୍କ ଆତ୍ମହତ୍ୟା ରହସ୍ୟ ଘେରକୁ ଚାଲିଯାଇଛି। ପୀଡିତା କେଉଁ ପରିସ୍ଥିତିରେ ଆତ୍ମହତ୍ୟା କଲେ ତାହା ଉପରୁ ପରଦା ହଟାଇବା ପାଇଁ ଆହୁରି ତଦନ୍ତର ଆବଶ୍ୟକତା ରହିଛି। ଏହି ଘଟଣାର ତଦନ୍ତ କରୁଥିବା କମିଶନ ରାଜ୍ୟ ସରକାରଙ୍କୁ ଏଭଳି ରିପୋର୍ଟ ଦେଇଛନ୍ତି। ଶନିବାର ବିଧାନସଭାରେ ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର ଏହି ବହୁଚର୍ଚ୍ଚିତ କୁନ୍ଧୁଲି ନାବାଳିକା ଅପହରଣ ଓ ଗଣବଳାତ୍କାର ଘଟଣାର ତଦନ୍ତ ରିପୋର୍ଟ ଉପସ୍ଥାପନ କରିଛନ୍ତି। ପୀଡିତାଙ୍କ ପରିଚୟ ଗୋପନ ରହିବା ସହ ତଦନ୍ତ ଶେଷ ନ ହେବା ଯାଏ ଏହାର ଅଗ୍ରଗତି ସମ୍ପର୍କରେ ଗଣମାଧ୍ୟମରେ ନ କହିବାକୁ ପୋଲିସ ଓ ତଦନ୍ତକାରୀ ସଂସ୍ଥାକୁ କମିଶନ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି କୁନ୍ଧୁଲି ଛକରୁ ପୀଡିତାଙ୍କ ପ୍ରତିମୂର୍ତ୍ତି ହଟାଇବାକୁ କମିଶନଙ୍କ ପକ୍ଷରୁ କରାଯାଇଥିବା ସୁପାରିସକୁ ସରକାର ଅଗ୍ରାହ୍ୟ କରି ଦେଇଛନ୍ତି। କମିଶନ କରିଥିବା ସୁପାରିସ ଅନୁଯାୟୀ ପୀଡିତାଙ୍କ କୌଣସି ବିଷୟ ଯେପରି ପ୍ରଘଟ ନ ହେବ ତଦନ୍ତ କରୁଥିବା ସମସ୍ତ ସଂସ୍ଥାକୁ ନିର୍ଦ୍ଦେଶ ଦେବାକୁ ପୋଲିସ ମୁଖ୍ୟାଳୟକୁ ରାଜ୍ୟ ସରକାର ପରାମର୍ଶ ଦେଇଛନ୍ତି। କମିଶନ ତଦନ୍ତ ସାରି ତାଙ୍କ ରିପୋର୍ଟ ୨୦୧୮ ସେପ୍ଟେମ୍ବର ୨୦ ତାରିଖରେ ରାଜ୍ୟ ସରକାରଙ୍କୁ ପ୍ରଦାନ କରିଥିଲେ। ଏହାକୁ ପରୀକ୍ଷାନିରୀକ୍ଷା କରିବା ପରେ କମିଶନଙ୍କ କେବଳ ମୂର୍ତ୍ତି ହଟାଇବା ସୁପାରିସକୁ ସରକାର ଅଗ୍ରାହ୍ୟ କରିଥିବା ରିପୋର୍ଟରେ ଉଲ୍ଲେଖ କରାଯାଇଛି।

୨୦୧୭ ଅକ୍ଟୋବରରେ କୁନ୍ଧୁଲି ଗଣବଳାତ୍କାର ମାମଲା ପଦାକୁ ଆସିଥିଲା। ଜଙ୍ଗଲ ବାଟ ଦେଇ ଫେରିବା ବେଳେ ୪ ଜଣ ସୁରକ୍ଷା କର୍ମୀ ତାଙ୍କୁ ଗଣବଳାତ୍କାର କରିଥିଲେ ବୋଲି ଅଭିଯୋଗ ହୋଇଥିଲା। ଏହାକୁ ନେଇ ରାଜ୍ୟରେ ତୁମ୍ଭିତୋଫାନ ହୋଇଥିଲା। ବିଭିନ୍ନ ସଂଗଠନ ପକ୍ଷରୁ ବିକ୍ଷୋଭ କରାଯାଇଥିଲା। ବିରୋଧୀ ଦଳଗୁଡିକ ସରକାରଙ୍କୁ ଉଭୟ ବିଧାନସଭା ଓ ବିଧାନସଭା ବାହାରେ ଘେରିଥିଲେ। ରାଜ୍ୟ ସରକାର ୨୦୧୭ ଡିସେମ୍ବର ୨୬ ତାରିଖରେ ଏହି ଘଟଣାର ତଦନ୍ତ କରିବାକୁ କୋରାପୁଟ ଜିଲା ଜଜ୍‌ଙ୍କୁ ନିଯୁକ୍ତ କରିଥିଲେ। ୧୦ ମାସ ମଧ୍ୟରେ କମିଶନ ତାଙ୍କର ତଦନ୍ତ ରିପୋର୍ଟ ରାଜ୍ୟ ସରକାରଙ୍କୁ ପ୍ରଦାନ କରିଥିଲେ। ଶେଷରେ ପୀଡିତା ୨୦୧୮ ଜାନୁୟାରୀ ୨୨ ତାରିଖରେ ଆତ୍ମହତ୍ୟା କରିଥିଲେ।

# ୨୪ ଘଣ୍ଟାରେ ୧୦ ସଫା

## ସୀତାଗୋତା ଜଙ୍ଗଲରେ ଏନ୍‌କାଉଣ୍ଟର
## ଟଳିଲେ ୭ ମାଓବାଦୀ

ମାଲକାନଗିରି, ୩।୮ (ଡି.ଏନ୍.ଏ.)



ଛତିଶଗଡ଼ର ରାଜନନ୍ଦଗାଁଓ ଜିଲା ଅନ୍ତର୍ଗତ ସୀତାଗୋତା ଜଙ୍ଗଲରେ ଶନିବାର ଯବାନ ଓ ମାଓବାଦୀଙ୍କ ମଧ୍ୟରେ ଗୁଳିବିନିମୟ ହୋଇଛି। ଏଥିରେ ୭ ମାଓବାଦୀ ନିହତ ହୋଇଛନ୍ତି। ଘଟଣାସ୍ଥଳରୁ ଯବାନମାନେ ୭ ମାଓବାଦୀଙ୍କ ମୃତଦେହ ସହ ଏକେ. ୪୭ ରାଇଫଲ, ୩୦୩ ରାଇଫଲ୍, ୧୨ ବୋର୍ ଗନ୍, ସିଙ୍ଗଲ୍ ସଟ୍ ରାଇଫଲ ଏବଂ ବିପୁଳ ପରିମାଣର ଗୁଳିଗୋଳା ଜବତ କରିଛନ୍ତି। ଗତ ୨୮ ତାରିଖରୁ ମାଓବାଦୀ ସଂଗଠନ ତରଫରୁ ଶହୀଦ ସପ୍ତାହ ପାଳନ ହେଉଥିଲାବେଳେ ଶେଷଦିନରେ ଛତିଶଗଡ଼ ସୁରକ୍ଷା କର୍ମୀଙ୍କୁ ବଡ଼ ସଫଳତା ମିଳିଛି।

ଜିଲା ରିଜର୍ଭ ଗାର୍ଡ (ଡିଆର୍‌ଜି) ଯବାନମାନେ ଶନିବାର ସକାଳେ ତଲାସି ଅଭିଯାନରେ ବାହାରିଥିଲାବେଳେ ଛତିଶଗଡ-ମହାରାଷ୍ଟ୍ର ସୀମନ୍ତ ବଙ୍ଗାଡି ଥାନା ଅଧୀନ ସୀତାଗୋତା ଜଙ୍ଗଲରେ କେତେକ ମାଓବାଦୀ ଲୁଚି ରହିଥିବା ସୂଚନା ମିଳିଥିଲା। ସୂଚନା ଆଧାରରେ ଡିଆରଜି, ଛତିଶଗଡ ସଶସ୍ତ୍ର ବଳ ଏବଂ ଜିଲ୍ଲା ପୁଲିସ ସେଠାରେ ପହଞ୍ଚି ତଲାସି ଅଭିଯାନ ଆରମ୍ଭ କରିଥିଲେ ବୋଲି ଛତିଶଗଡ଼ ପୋଲିସ ମହାନିର୍ଦ୍ଦେଶକ ଡି.ଏମ୍. ଅୱସ୍ଥି କହିଛନ୍ତି। ପ୍ରବଳ ବର୍ଷା ସତ୍ତ୍ୱେ ଗୁଳି ବିନିମୟ ଜାରି ରହିଥିବା ଜଣାପଡିଛି। ଏକେ-୪୭ ରାଇଫଲ ଜବତ ହୋଇଥିବାରୁ କମାଣ୍ଡର କ୍ୟାଡରର ମାଓବାଦୀ ନିହତ ହୋଇଥିବା ଜଣାପଡିଛି। ତେବେ ତାଙ୍କ ପରିଚୟ ମିଳିନାହିଁ । ଏମ୍‌ଏମ୍‌ସି ମାଓବାଦୀ ଜୋନ୍‌ରେ ଛତିଶଗଡ଼ ପୋଲିସ ପାଇଁ ଏହା ଏକ ବଡ଼ ସଫଳତା ବୋଲି ଡିଜିପି କହିଛନ୍ତି।

ବସ୍ତର ଅଞ୍ଚଳରେ ବର୍ଷେ ହେଲା ମାଓବାଦୀ ଦମନ ଅଭିଯାନକୁ ଜୋରଦାର କରାଯାଇଥିବାରୁ ସେମାନେ ଏମ୍‌ଏମ୍‌ସି (ମହାରାଷ୍ଟ୍ର-ମଧ୍ୟପ୍ରଦେଶ-ଛତିଶଗଡ଼) ଜୋନ୍‌କୁ ପଳାଇଆସିଛନ୍ତି। ସେଥିପାଇଁ ଉକ୍ତ ଜୋନ୍‌ରେ ତଲାସି ଅଭିଯାନ ଆରମ୍ଭ ହୋଇଛି। ଏଠାରେ ବିସ୍ତାର ଦଳମ୍ ନାମରେ ମାଓବାଦୀ ସଂଗଠନ କାର୍ଯ୍ୟ କରୁଛି, ଯେଉଁଥିରେ ପାଖାପାଖି ୨୦୦ ସଶସ୍ତ୍ର କ୍ୟାଡର ରହିଛନ୍ତି। ସୂଚନାଯୋଗ୍ୟ, ଜୁଲାଇ ୨୭ରେ ଜଗଦଲପୁର ଜିଲା ଜଙ୍ଗଲ ମଧ୍ୟରେ ସୁରକ୍ଷା ବଳର ଏନ୍‌କାଉଣ୍ଟରରେ ୩ ମହିଳା କ୍ୟାଡରଙ୍କ ସମେତ ୭ ମାଓବାଦୀ ନିହତ ହୋଇଥିଲେ। ସେଠାରୁ ପୋଲିସ ଇନ୍‌ଶାସ୍ ରାଇଫଲ ସମେତ ୫ଟି ଅସ୍ତ୍ର ଜବତ କରିଥିଲା।

## ୩ ଜେଇଏମ୍ ଆତଙ୍କବାଦୀ ନିହତ

ଶ୍ରୀନଗର,୩।୮ (ପି.ଟି.)

ଜମ୍ମୁ-କଶ୍ମୀରର ବାରମୁଲା ଓ ଶୋପିଆନ ଜିଲାରେ ଶନିବାର ଦୁଇଟି ପୃଥକ୍ ଏନ୍‌କାଉଣ୍ଟରରେ ୩ ଜଣ ଜୈଶ-ଇ-ମହମ୍ମଦ (ଜେଇଏମ୍) ଆତଙ୍କବାଦୀ ନିହତ ହୋଇଛନ୍ତି। ସୁରକ୍ଷା ବଳର କାର୍ଯ୍ୟାନୁଷ୍ଠାନରେ ବାରମୁଳାର ସୋପୋର ସହରରେ ୨ ଆତଙ୍କବାଦୀଙ୍କ ମୃତ୍ୟୁ ହୋଇଥିବାବେଳେ ଶୋପିଆନରେ ଜଣେ ଆତଙ୍କବାଦୀ ନିହତ ହୋଇଛନ୍ତି। ସୋପୋର ଅନ୍ତର୍ଗତ ୱାରପୋରା ଅଞ୍ଚଳରେ ଆତଙ୍କବାଦୀ ଆତ୍ମଗୋପନ କରିଥିବା ଗୋଇନ୍ଦା ସୂଚନା ପାଇ ଶନିବାର ସକାଳେ ସୁରକ୍ଷା ବଳ ଉକ୍ତ ଅଞ୍ଚଳକୁ ଚାରିପଟୁ ଘେରିଯାଇ ତଲାସି ଅଭିଯାନ ଆରମ୍ଭ କରିଥିଲା। ଯବାନମାନେ ନିକଟତର ହେବାରୁ ଆତଙ୍କବାଦୀ ଗୁଳିମାଡ଼ କରିଥିଲେ। ସୁରକ୍ଷା ବଳ ଏହାର ପ୍ରତିଜବାବ ଦେଇଥିଲା। ନିହତ ଦୁଇ ଆତଙ୍କବାଦୀ ଜେଇଏମ୍ ସଦସ୍ୟ ବୋଲି ଜଣାପଡିଛି।

ସେହିପରି ଶୋପିଆନର ପଣ୍ଡୁଶନ ଅଞ୍ଚଳରେ ଆତଙ୍କବାଦୀ ଥିବା ଖବର ପାଇ ଶୁକ୍ରବାରଠାରୁ ସେଠାରେ ସର୍ଚ୍ଚ ଅପରେଶନ ଆରମ୍ଭ ହୋଇଥିଲା। ଏଥିରେ ଜେଇଏମ୍ ଆତଙ୍କବାଦୀ ମନ୍‌ଜୁର ଭଟ୍ଟ ନିହତ ହୋଇଛନ୍ତି।

**ଆପଣଙ୍କ ଏହି କପି ସହିତ ପାଇବେ ଛୁଟିଦିନ**



**ହକର ଭାଇଙ୍କଠାରୁ ମାଗି ନିଅନ୍ତୁ**

**ଆଜିର ସମ୍ପାଦକୀୟ**

**ଜନବିରୋଧୀ ଆଇନ**

## ■ ଶେଷ ହେଲା ବିଧାନସଭା ଅଧିବେଶନ
# ୫ ଦିନ ଆଗରୁ ସରିଲା

ଭୁବନେଶ୍ୱର,୩।୮ (ବ୍ୟୁରୋ)

ଷୋଡ଼ଶ ବିଧାନସଭାର ପ୍ରଥମ ଅଧିବେଶନ ଶନିବାର ଶେଷ ହୋଇଛି। ନିର୍ଦ୍ଧାରିତ ସମୟର ୫ ଦିନ ପୂର୍ବରୁ ଅଧିବେଶନକୁ ବନ୍ଦ କରି ଦିଆଯାଇଛି। ଏହି ଅଧିବେଶନ ଦୁଇଟି ପର୍ଯ୍ୟାୟରେ ଅଗଷ୍ଟ ୮ ତାରିଖ ଯାଏ ଚାଲିବାର ଥିଲା। ଏହାର ପ୍ରଥମ ପର୍ଯ୍ୟାୟ ଅଧିବେଶନ ଜୁନ ୨୫ରୁ ଆରମ୍ଭ ହୋଇ ଜୁଲାଇ ୨ ତାରିଖରେ ଶେଷ ହୋଇଥିଲା। ସେହିପରି ଦ୍ୱିତୀୟ ପର୍ଯ୍ୟାୟ ଅଧିବେଶନ ଜୁଲାଇ ୧୨ରୁ ଆରମ୍ଭ ହୋଇ ଅଗଷ୍ଟ ୩ ତାରିଖ ଯାଏ ଚାଲିଥିଲା। ଏଥିରେ ମୋଟ ୨୫ଟି କାର୍ଯ୍ୟ ଦିବସ ରହିଥିଲା। ଅଧିବେଶନ କାଳରେ ୮ଟି ଶୋକ ପ୍ରସ୍ତାବ ଗୃହରେ ଆଗତ ହୋଇଥିବା ବେଳେ ୧୨ଟି ମୁଲତବୀ, ୩ଟି ଦୃଷ୍ଟି ଆକର୍ଷଣକାରୀ ପ୍ରସ୍ତାବ, ୨୯୯୪ ଅଣତାରକା ପ୍ରଶ୍ନ, ୧୪୮ଟି ପେପର, ୧୯ଟି ବାର୍ଷିକ ରିପୋର୍ଟ, ବିଭିନ୍ନ ବିଭାଗର ୪୩ଟି ରିପୋର୍ଟ ଗୃହରେ ଆଗତ କରାଯାଇଥିଲା। ଏହି ସମୟରେ ୧୯ଟି ଖର୍ଚ୍ଚଦାବି ଆଲୋଚନା ହୋଇଥିବା ବେଳେ ୫ଟି ବିଲ୍ ଗୃହର ଅନୁମୋଦନ ଲାଭ କରିଛି।

ଏହି ଅଧିବେଶନର ପ୍ରଥମ ପର୍ଯ୍ୟାୟରେ ୨୦୧୯-୨୦ ପାଇଁ ପୂର୍ଣ୍ଣାଙ୍ଗ ବଜେଟ ଗୃହରେ ଉପସ୍ଥାପନ କରାଯାଇଥିଲା। ଏଥିସହିତ ଉପବାଚସ୍ପତି ନିର୍ବାଚନ ମଧ୍ୟ ଅନୁଷ୍ଠିତ ହୋଇଥିଲା। ଅଧିବେଶନର ଦ୍ୱିତୀୟ ଭାଗରେ ବ୍ୟୟମଞ୍ଜୁରୀ ବିଲ୍ ଓ ଅତିରିକ୍ତ ଖର୍ଚ୍ଚ ଅନୁଦାନ ମଧ୍ୟ ଗୃହର ଅନୁମୋଦନ ଲାଭ କରିଥିଲା। ଏଥିସହିତ ଶେଷ ଦିବସରେ ଦୁଇଟି ବିଲ୍ ବିଧାନସଭାର ଅନୁମୋଦନ ଲାଭ କରିଥିଲା। ଏହି ଲମ୍ବା ଅଧିବେଶନ ବେଶ୍ ସରଗରମ ହୋଇଥିଲା। ବିରୋଧୀ ଦଳ ଦୁଇଫାଳ ହୋଇ ସରକାରଙ୍କୁ ଆକ୍ରମଣ କରିଥିଲେ। ତେବେ ଉଭୟ କଂଗ୍ରେସ ଓ ଭାଜପା ଶାସକ ଦଳକୁ ଘେରିବା ପରିବର୍ତ୍ତେ ପରସ୍ପରକୁ ଆକ୍ରମଣ କରିବା ଘଟଣା ଅତ୍ୟନ୍ତ ରୋମାଞ୍ଚକର ହୋଇଥିଲା। ଚାଷୀ ଆତ୍ମହତ୍ୟା, ଜଳସେଚନ, ଶିକ୍ଷା, ମରୁଡି, ଆଇନ ଶୃଙ୍ଖଳା, ନାବାଳିକା ବଳାତ୍କାର ଆଦି ଘଟଣାକୁ ନେଇ ବିରୋଧୀ ସରକାରଙ୍କୁ ଅଡୁଆରେ ପକାଇଥିଲେ।

## ୫ ଜିଲାରେ ପ୍ରବଳ ବର୍ଷା
## ୪୮ ଘଣ୍ଟାରେ ଲଘୁଚାପ

ଭୁବନେଶ୍ୱର,୩।୮ (ବ୍ୟୁରୋ)

ଆସନ୍ତା ୨୪ ଘଣ୍ଟା ମଧ୍ୟରେ ମାଲକାନଗିରି, ନବରଙ୍ଗପୁର, କୋରାପୁଟ, କଳାହାଣ୍ଡି ଏବଂ ନୂଆପଡା ଜିଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏହି ସବୁ ଜିଲା ପାଇଁ ପାଣିପାଗ ବିଭାଗ ଅରେଞ୍ଜ ୱାର୍ନିଂ ସତର୍କ ସୂଚନା ଜାରି କରିଛି। ଏଥିସହିତ ବଲାଙ୍ଗୀର, ବରଗଡ, ଗଜପତି, କେନ୍ଦୁଝର, ଖୋର୍ଦ୍ଧା, ଗଞ୍ଜାମ, ପୁରୀ ଓ ମୟୂରଭଞ୍ଜ ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହେବ ବୋଲି ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ପୂର୍ବାନୁମାନ କରାଯାଇଛି।

ଉତ୍ତର ପୂର୍ବ ବଙ୍ଗୋପସାଗର ଓ ଏହାର ଆଖପାଖ ଅଞ୍ଚଳରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି। ଆସନ୍ତା ୪୮ ଘଣ୍ଟା ମଧ୍ୟରେ ଏହା ଆହୁରି ଅଧିକ ଘନୀଭୂତ ହେବାର ସମ୍ଭାବନା ରହିଛି। ଏହାର ପ୍ରଭାବରେ ୬ରୁ ୮ ତାରିଖ ଯାଏ ବର୍ଷା ଲାଗି ରହିବ। ଲଘୁଚାପକୁ ଦୃଷ୍ଟିରେ ରଖି ଆସନ୍ତା ୪ ତାରିଖରୁ ସମୁଦ୍ରକୁ ନ ଯିବା ଲାଗି ମତ୍ସ୍ୟଜୀବୀମାନଙ୍କୁ ସତର୍କ କରାଯାଇଛି।






**ଆଜିର ମନ୍ତବ୍ୟ**

"ଭାଜପା ସରକାର କିଛି ଗଢ଼ିପାରୁ ନାହାଁ। ଦଶନ୍ଧି ଦଶନ୍ଧି ଧରି ଆଗ୍ରହ ଓ କଠିନ ପରିଶ୍ରମରେ ଗଢାଯାଇଥିବା ଜିନିଷକୁ ଖାଲି ଭାଙ୍ଗୁଛି।

-ରାହୁଲ ଗାନ୍ଧୀ, କଂଗ୍ରେସ ନେତା

**କିଛି ତଥ୍ୟ**

ଗତ ବର୍ଷ ୮୪୪ ଲକ୍ଷ ହେକ୍ଟରରେ ଖରିଫ ଫସଲ ହୋଇଥିବା ବେଳେ ଚଳିତ ବର୍ଷ ଏଥିରେ ୬.୬% ହ୍ରାସ ଘଟି ୭୮୮.୫ ଲକ୍ଷ ହେକ୍ଟର ରହିଛି।

– କୃଷି ମନ୍ତ୍ରଣାଳୟ


NECC NATIONAL EGG CO-ORDINATION COMMITTEE | 03.08.2019 | Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 65 | 113 | 123 |
| CTC | 65 | 113 | 123 |
| DKL | 62 | 109 | 119 |
| BDK | 65 | 113 | 123 |
| BLS | 66 | 114 | 124 |
| ANG | 64 | 111 | 121 |
| BHM | 62 | 109 | 119 |

*Conditions Apply

Eggs Retail Price- 42/-Dozen
Issued in the Interest of Consumers


# ରାଜ୍ୟରେ ଆଉ ୪ ପ୍ଲାନେଟାରିୟମ

- ଖର୍ଚ୍ଚ ହେବ ୩୦ କୋଟି
- ରାଜ୍ୟର ସମସ୍ତ ଜିଲାରେ ହେବ ବିଜ୍ଞାନ ପାର୍କ



ଭୁବନେଶ୍ୱର,୩।୮ (ବ୍ୟୁରୋ)

ରାଜ୍ୟର ସମସ୍ତ ୩୦ଟି ଜିଲାରେ ବିଜ୍ଞାନ ପାର୍କ ନିର୍ମାଣ ହେବ। ପ୍ରଥମ ପର୍ଯ୍ୟାୟରେ ୧୦ଟି ଜିଲାରେ ଏହି ପାର୍କ ନିର୍ମାଣ କରାଯିବ। ଏଥିସହ ବାରିପଦା, କେନ୍ଦୁଝର, ରାୟଗଡ଼ା ଓ ଗୋପାଳପୁର ୪ଟି ସ୍ଥାନରେ ନୂତନ ପ୍ଲାନେଟାରିୟମ ନିର୍ମାଣ କରାଯିବ। ବାରିପଦା, କେନ୍ଦୁଝର ଓ ରାୟଗଡ଼ା ପାଇଁ ୭ କୋଟି ଲେଖାଏ ବ୍ୟୟବରାଦ କରାଯାଇଥିବାବେଳେ ଗୋପାଳପୁର ପାଇଁ ୯ କୋଟି ଟଙ୍କା ଚଳିତ ବଜେଟରେ ଖର୍ଚ୍ଚ ବ୍ୟବସ୍ଥା କରାଯାଇଛି। ଏହି ୪ଟି ନୂତନ ପ୍ଲାନେଟାରିୟମ ପାଇଁ ମୋଟ ୩୦କୋଟି ଟଙ୍କା ଖର୍ଚ୍ଚ ହେବ। ଶନିବାର ପ୍ରଶ୍ନୋତ୍ତର ବେଳେ ବିଜ୍ଞାନ ଓ କାରିଗରି ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଏହି ସୂଚନା ଦେଇଛନ୍ତି।

ବିଜେଡି ସଭ୍ୟ ସୁଧୀର ସାମଲ ମୂଳ ପ୍ରଶ୍ନରେ କହିଥିଲେ ଯେ, ପ୍ରତ୍ୟେକ ଜିଲାରେ ପ୍ଲାନେଟାରିୟମ ପାଇଁ ସରକାରଙ୍କ ଯୋଜନା ଅଛି କି? ମନ୍ତ୍ରୀ କହିଥିଲେ, ଓଡ଼ିଶାରେ ୨ଟି ପ୍ଲାନେଟାରିୟମ କାର୍ଯ୍ୟକ୍ଷମ ଅଛି। ଅନ୍ୟ ୪ଟି ସ୍ଥାନରେ ନୂତନ ପ୍ଲାନେଟାରିୟମ ପାଇଁ ବ୍ୟୟବରାଦ କରାଯାଇଛି। ସମସ୍ତ ଜିଲାରେ ପ୍ଲାନେଟାରିୟମ କରିବା ଲାଗି ବର୍ତ୍ତମାନ ସୁଦ୍ଧା କୌଣସି ପ୍ରସ୍ତାବ ନାହିଁ। ତେବେ ସବୁଠାରେ ବିଜ୍ଞାନ ପାର୍କ ନିର୍ମାଣ କରାଯିବାକୁ ଲକ୍ଷ୍ୟ ରଖାଯାଇଛି ବୋଲି ମନ୍ତ୍ରୀ କହିଛନ୍ତି।

ବିଜେଡି ସଦସ୍ୟ ଦେବୀ ପ୍ରସାଦ ମିଶ୍ର ଅତିରିକ୍ତ ପ୍ରଶ୍ନରେ ସାତକୋଶିଆ ଓ କମଳାଡ଼ିହଠାରେ ଜୈବବିବିଧତା (ବାୟୋଡାଇଭର୍ସିଟି) ପାର୍କ ନିର୍ମାଣ କରିବେ କି ବୋଲି ପଚାରିଥିଲେ। ☞ ପୃଷ୍ଠା-୪



ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ୪ ଅଗଷ୍ଟ ,୨୦୧୯



"ଅଯୋଧ୍ୟା ମାମଲାର ଆପୋସ ସମାଧାନ ଦିଗ ବାହାର କରିବାରେ ମଧ୍ୟସ୍ଥ କମିଟି ବିଫଳ ହୋଇଛି। ଏହା ପ୍ରଥମ ଘଟଣା ନୁହେଁ। ମହାଭାରତ ଯୁଦ୍ଧ ପୂର୍ବରୁ ମଧ୍ୟସ୍ଥତା ବିଫଳ ହୋଇଥିଲା।
- ଯୋଗୀ ଆଦିତ୍ୟନାଥ, ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ



### ସେନା ପ୍ରେରଣ ନେଇ ଆଶଙ୍କାରେ କଶ୍ମୀରବାସୀ

# ପ୍ରଧାନମନ୍ତ୍ରୀଙ୍କ ବିବୃତି ଦାବି କଲା କଂଗ୍ରେସ

ଶ୍ରୀନଗର/ନୂଆଦିଲ୍ଲୀ, ୩।୮ (ପି.ଟି.)

ଜମ୍ମୁ-କଶ୍ମୀରକୁ ଅତିରିକ୍ତ ସେନା ପ୍ରେରଣ ନେଇ ରାଜ୍ୟବାସୀ ଆଶଙ୍କା ମଧ୍ୟରେ ରହିଛନ୍ତି। କେନ୍ଦ୍ର ସରକାର ରାଜ୍ୟରେ ଆତଙ୍କର ବାତାବରଣ ସୃଷ୍ଟି କରିଥିବା ବିରୋଧୀ ଦଳ ଅଭିଯୋଗ କରିଛନ୍ତି। କଶ୍ମୀରକୁ ଅତିରିକ୍ତ ସେନା ପ୍ରେରଣର ଉଦ୍ଦେଶ୍ୟ ସମ୍ପର୍କରେ ପ୍ରଧାନମନ୍ତ୍ରୀ ସ୍ପଷ୍ଟ କରନ୍ତୁ ବୋଲି କଂଗ୍ରେସ ଦାବି କରିଛି। ଲୋକଙ୍କ ମନରୁ ଭୟର ବାତାବରଣ ଦୂରକରିବା ପ୍ରଧାନମନ୍ତ୍ରୀଙ୍କ କର୍ତ୍ତବ୍ୟ। ଆତଙ୍କବାଦୀ ତୀର୍ଥଯାତ୍ରୀଙ୍କୁ ଟାର୍ଗେଟ କରୁଥିଲାବେଳେ ମଧ୍ୟ ଅମରନାଥ ଯାତ୍ରା ସ୍ଥଗିତ ହୋଇ ନ ଥିଲା ବୋଲି ବରିଷ୍ଠ କଂଗ୍ରେସ ନେତା ଗୁଲାମ ନବୀ ଆଜାଦ କହିଛନ୍ତି।

ଶନିବାର ପୂର୍ବତନ ମୁଖ୍ୟମନ୍ତ୍ରୀ ଓମାର ଅବ୍ଦୁଲ୍ଲାଙ୍କ ନେତୃତ୍ୱରେ ନ୍ୟାଶନାଲ୍ କନ୍ଫରେନ୍ସ (ଏନ୍‌ସି)ର ଏକ ପ୍ରତିନିଧି ଦଳ ରାଜ୍ୟପାଳ ସତ୍ୟପାଳ ମଲିକଙ୍କୁ ଭେଟି ସରକାରଙ୍କ ଉଦ୍ଦେଶ୍ୟ ସମ୍ପର୍କରେ ଜାଣିବାକୁ ଚାହିଁଥିଲେ। ସୁରକ୍ଷା କାରଣରୁ ଅତିରିକ୍ତ ଯବାନ ମୁତୟନ ହୋଇଥିବା ସେ କହିଛନ୍ତି। ତେବେ ସାମ୍ବିଧାନିକ ବ୍ୟବସ୍ଥାରେ ପରିବର୍ତ୍ତନ ସମ୍ପର୍କରେ ତାଙ୍କ ପାଖରେ କୌଣସି ସୂଚନା ନ ଥିବା ରାଜ୍ୟପାଳ କହିଛନ୍ତି। ଅମରନାଥ ଯାତ୍ରାରେ ଆତଙ୍କବାଦୀ ଆକ୍ରମଣ ହୋଇପାରେ ବୋଲି ସୁରକ୍ଷା ବଳକୁ ନିର୍ଭରଯୋଗ୍ୟ ସୂଚନା ମିଳିବା ପରେ ସୁରକ୍ଷା ବ୍ୟବସ୍ଥାକୁ ବଢ଼ାଇ ଦିଆଯାଇଛି। ଏଲ୍‌ଓସି ଆରପଟୁ ପାକିସ୍ତାନୀ ସେନା ଜୋରଦାର ଶେଲ୍ ମାଡ଼ କରୁଛି।



ଅମରନାଥ ଯାତ୍ରା ସ୍ଥଗିତ ହେବାପରେ ତୀର୍ଥଯାତ୍ରୀ ଫେରିଯାଉଛନ୍ତି।

ଭାରତୀୟ ଯବାନମାନେ ଏହାର ଠିକଣା ଜବାବ ଦେଉଥିବା ରାଜ୍ୟପାଳ କହିଛନ୍ତି। ଆତଙ୍କବାଦୀଙ୍କ ଆକ୍ରମଣ ଉଦ୍ୟମକୁ ପଣ୍ଡ କରିଥିବାନେଇ ଶୁକ୍ରବାର ସେନା ଓ ରାଜ୍ୟ ପୋଲିସ ପକ୍ଷରୁ ମିଳିତ ଖବରଦାତା ସମ୍ମିଳନୀରେ ସ୍ପଷ୍ଟ କରିଦିଆଯାଇଥିଲା। ଆତଙ୍କବାଦୀମାନେ ବଡ଼ ଧରଣର ଆକ୍ରମଣ ଯୋଜନାରେ ଥିବାରୁ ଏଥିପାଇଁ ତ୍ୱରିତ୍ କାର୍ଯ୍ୟାନୁଷ୍ଠାନର ଆବଶ୍ୟକତା ଥିବା ରାଜ୍ୟପାଳ ସୂଚନା ଦେଇଛନ୍ତି। ଏହାକୁ ଅନ୍ୟ ପ୍ରସଙ୍ଗ ସହ ଯୋଡ଼ି ଅଯଥା ଭୟର ବାତାବରଣ ସୃଷ୍ଟି ନ କରିବାକୁ ସେ ପରାମର୍ଶ ଦେଇଛନ୍ତି।

ସମ୍ବିଧାନର ଅନୁଚ୍ଛେଦ ୩୭୦ ଓ ୩୫ଏ ଉଚ୍ଛେଦ କିମ୍ବା ରାଜ୍ୟକୁ ୩ ଭାଗରେ ବିଭକ୍ତ କରିବାର କୌଣସି ଯୋଜନା ନାହିଁ ବୋଲି ରାଜ୍ୟପାଳ ପ୍ରତିଶ୍ରୁତି ଦେଇଥିବା ଓମାର କହିଛନ୍ତି। ତେବେ ଏନେଇ କେନ୍ଦ୍ର ସରକାର ପାର୍ଲାମେଣ୍ଟରେ ସ୍ପଷ୍ଟ କରନ୍ତୁ ବୋଲି ସେ ଦାବି କରିଛନ୍ତି। କେନ୍ଦ୍ର ସରକାରଙ୍କ ବିବୃତି ଦାବିରେ ସୋମବାର ପାର୍ଲାମେଣ୍ଟରେ ଏନ୍‌ସି ସଦସ୍ୟମାନେ ପ୍ରସ୍ତାବ ଆଣିବେ। ରାଜ୍ୟର ଜନସାଧାରଣ ଭାବାବେଗକୁ ନିୟନ୍ତ୍ରଣରେ ରଖି ଶାନ୍ତ ରହିବାକୁ ଓମାର ନିବେଦନ କରିଛନ୍ତି।

- ସାମ୍ବିଧାନିକ ପରିବର୍ତ୍ତନ ସମ୍ପର୍କିତ ସୂଚନା ନାହିଁ: ରାଜ୍ୟପାଳ
- ଅମରନାଥ ପରେ ମଚୈଲ ମାତା ଯାତ୍ରା ସ୍ଥଗିତ
- କଶ୍ମୀର ନ ଯିବାକୁ ବ୍ରିଟେନ ଓ ଜର୍ମାନୀ ପକ୍ଷରୁ ଆଡ୍‌ଭାଇଜରି

ସୁରକ୍ଷାଗତ କାରଣରୁ ଅମରନାଥ ଯାତ୍ରା ସ୍ଥଗିତ ରହିବା ସହିତ ଯାତ୍ରୀମାନଙ୍କୁ ତୁରନ୍ତ ଫେରିଯିବା ପାଇଁ ରାଜ୍ୟ ସରକାର ଶୁକ୍ରବାର ପରାମର୍ଶ ଦେଇଥିବାବେଳେ ଜମ୍ମୁ-କଶ୍ମୀରର କିସ୍ତୱାର ଜିଲାରେ ହେଉଥିବା ୪୩ ଦିନିଆ ମଚୈଲ ମାତା ଯାତ୍ରାକୁ ଶନିବାର ସ୍ଥଗିତ ରଖାଯାଇଛି। ଏହି ଯାତ୍ରାରେ ନ ଯିବା ପାଇଁ ସରକାର ପରାମର୍ଶ ଦେଇଛନ୍ତି। ଯେଉଁମାନେ ଯାତ୍ରାରେ ବାହାରିଛନ୍ତି ସେମାନଙ୍କୁ ଫେରିଯିବା ପାଇଁ କୁହାଯାଇଛି। ସୁରକ୍ଷା କାରଣରୁ ଏହି ଯାତ୍ରାକୁ ସ୍ଥଗିତ ରଖାଗଲା ବୋଲି କିସ୍ତୱାରର ଡେପୁଟି କମିଶନର ଅଙ୍ଗରାଜ୍ ସିଂ ରଣା କହିଛନ୍ତି। ଜୁଲାଇ ୨୫ରୁ ଆରମ୍ଭ ହୋଇଥିବା ଏହି ଯାତ୍ରା ସେପ୍ଟେମ୍ବର ୫ରେ ଶେଷ ହୋଇଥାନ୍ତା। ସାରା ଦେଶରୁ ଲକ୍ଷାଧିକ ଭକ୍ତ ଏହି ଯାତ୍ରାରେ ସାମିଲ ହୋଇଥାନ୍ତି।

ରାଜ୍ୟ ପର୍ଯ୍ୟଟନ ବିଭାଗ ପକ୍ଷରୁ ବସ୍ ପଠାଯାଇଛି। ଶୁକ୍ରବାର କଶ୍ମୀରରେ ୨୨ ହଜାର ପର୍ଯ୍ୟନ୍ତ ପର୍ଯ୍ୟଟକ ଥିବାବେଳେ ସେଥିରୁ ଅଧିକାଂଶ ଶ୍ରୀନଗରରେ ପହଞ୍ଚିଲେଣି କିମ୍ବା ଉପତ୍ୟକା ଛାଡ଼ିଦେଲେଣି ବୋଲି ପର୍ଯ୍ୟଟନ ନିର୍ଦ୍ଦେଶକ ନିସାର ୱାନି କହିଛନ୍ତି।

ଯାତ୍ରା ଅଧାରୁ ଫେରିବାକୁ ପଡୁଥିବାରୁ ତୀର୍ଥଯାତ୍ରୀ ଓ ପର୍ଯ୍ୟଟକମାନେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଏହାଦ୍ୱାରା ରାଜ୍ୟ ପର୍ଯ୍ୟଟନ ଶିଳ୍ପ କ୍ଷତିଗ୍ରସ୍ତ ହେବ ବୋଲି କଶ୍ମୀର ଚାମ୍ବର ଅଫ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରିଜ୍ ପକ୍ଷରୁ କୁହାଯାଇଛି।



ଖବରଦାତା ସମ୍ମିଳନୀରେ କଂଗ୍ରେସ ନେତା ଗୁଲାମନବୀ ଆଜାଦ୍ ଓ ଅନ୍ୟମାନେ ।

ରାଜ୍ୟ ସରକାରଙ୍କ ପରାମର୍ଶ କ୍ରମେ ଶନିବାର ସକାଳୁ ହଜାର ହଜାର ତୀର୍ଥଯାତ୍ରୀ ଓ ପର୍ଯ୍ୟଟକ ଉପତ୍ୟକା ଛାଡ଼ିବା ଆରମ୍ଭ କରିଛନ୍ତି। ଆବଶ୍ୟକତାକୁ ଅନୁଭବ କରି ବାୟୁସେନା ଯାତ୍ରୀ ପରିବହନରେ ନିଜ ବିମାନକୁ ନିୟୋଜିତ କରିଛି। ବିଭିନ୍ନ ପର୍ଯ୍ୟଟନ ସ୍ଥଳରୁ ଯାତ୍ରୀଙ୍କୁ ଶ୍ରୀନଗର ପର୍ଯ୍ୟନ୍ତ ଆଣିବା ଲାଗି ଜମ୍ମୁ-କଶ୍ମୀରକୁ ଭ୍ରମଣରେ ନ ଯିବା ଲାଗି ବ୍ରିଟେନ ଓ ଜର୍ମାନୀ ପକ୍ଷରୁ ଏହାର ନାଗରିକମାନଙ୍କୁ ବାରଣ କରାଯାଇଛି। ଉପତ୍ୟକାରେ ଆତଙ୍କବାଦୀ ଆକ୍ରମଣ ଆଶଙ୍କା ଥିବାରୁ ସେଠାକୁ ନ ଯିବା ଲାଗି ଉଭୟ ଦେଶର ସରକାର ଆଡଭାଇଜରି ଜାରି କରି ନାଗରିକମାନଙ୍କୁ ସତର୍କ କରାଇଦେଇଛନ୍ତି।

### ବ୍ୟାଟ୍‌ର ଆକ୍ରମଣ ଉଦ୍ୟମ ପଣ୍ଡ



## ୭ ଆତଙ୍କବାଦୀ ନିହତ

ନୂଆଦିଲ୍ଲୀ,୩।୮

ନିୟନ୍ତ୍ରଣ ରେଖା (ଏଲ୍‌ଓସି)ରେ ଉତ୍ତେଜନା ବଢୁଥିବାବେଳେ ପାକିସ୍ତାନୀ ସେନା ଦ୍ୱାରା ପରିଚାଳିତ ସୀମା କାର୍ଯ୍ୟାନୁଷ୍ଠାନ ଟିମ୍ (ବ୍ୟାଟ୍)ର ଆକ୍ରମଣ ଉଦ୍ୟମକୁ ଭାରତୀୟ ଯବାନମାନେ ପଣ୍ଡ କରିଦେଇଛନ୍ତି। ଜୁଲାଇ ୩୧ ରାତିରେ ଜମ୍ମୁ-କଶ୍ମୀରର କେରନ ସେକ୍ଟରରେ ବ୍ୟାଟ୍ ପକ୍ଷରୁ ଆକ୍ରମଣ ଉଦ୍ୟମ ହୋଇଥିଲା। ଏହି ଟିମ୍‌ରେ ପାକିସ୍ତାନର ସ୍ୱତନ୍ତ୍ର ସର୍ଭିସ ଗ୍ରୁପ୍ (ଏସଏସ୍‌ଜି) ସହ ଆତଙ୍କବାଦୀ ରହିଛନ୍ତି। ତେବେ ଭାରତୀୟ ସେନାର ଠିକଣା ପଦକ୍ଷେପ ଯୋଗୁ ୫ରୁ ୭ ଜଣ ଆତଙ୍କବାଦୀ କିମ୍ବା ଏସ୍‌ଏସ୍‌ଜି ନିହତ ହେବା ସହ ସେମାନଙ୍କ ଆକ୍ରମଣ ଉଦ୍ୟମ ବିଫଳ ହୋଇଥିଲା। ସେମାନଙ୍କ ମଧ୍ୟରୁ ୪ ଜଣଙ୍କ ମୃତଦେହ ଭାରତୀୟ ପାର୍ଶ୍ୱରୁ ମିଳିଛି। ଉକ୍ତ ସେକ୍ଟରରେ ସୀମାପାର ଗୁଳିବିନିମୟ ଜାରୀ ରହିଥିବା ଜଣେ ବରିଷ୍ଠ ସେନା ଅଧିକାରୀ କହିଛନ୍ତି। ଚଳିତ ବର୍ଷ ଏଲ୍‌ଓସିରେ ୧୬୦୦ରୁ ଅଧିକ ଥର ଅସ୍ତ୍ରବିରତି ଉଲ୍ଲଂଘନ ହେଲାଣି। ଆତଙ୍କବାଦୀଙ୍କୁ ଭାରତରେ ଅନୁପ୍ରବେଶ କରାଇବା ଲାଗି ପାକିସ୍ତାନ ସୈନ୍ୟବାହିନୀ ଉଦ୍ୟମ ଜାରି ରଖିଛି। ଏଲ୍‌ଓସି ନିକଟବର୍ତ୍ତୀ ଲଞ୍ଚପ୍ୟାଡ୍‌ରେ ୨୦୦ରୁ ୨୫୦ ଆତଙ୍କବାଦୀ ଅନୁପ୍ରବେଶ ଅପେକ୍ଷାରେ ରହିଥିବା ଗୋଇନ୍ଦା ସୂଚନାରୁ ଜଣାପଡିଛି।

### ସହପାଠିନୀଙ୍କୁ ପୋଡ଼ିମାରିବା ଘଟଣା

# ପୁରୁଷ ବନ୍ଧୁଙ୍କୁ ଫାଶୀଦଣ୍ଡ

ଗୁଆହାଟୀ, ୩।୮ (ପି.ଟି.)

ଆସାମର କାମ୍‌ରୂପ ଜିଲାରେ ଜଣେ କଲେଜ ଛାତ୍ରୀଙ୍କୁ ଜିଅନ୍ତା ପୋଡ଼ି ମାରିଦେବା ଘଟଣାରେ ସ୍ଥାନୀୟ ଅଦାଲତ ପୁରୁଷ ବନ୍ଧୁଙ୍କୁ ଫାଶୀ ଦଣ୍ଡାଦେଶ ଦେଇଥିବାବେଳେ ତାଙ୍କ ମା' ଓ ଭଉଣୀଙ୍କୁ ଆଜୀବନ କାରାଦଣ୍ଡାଦେଶ ଦେଇଛନ୍ତି।

ଘଟଣାରୁ ପ୍ରକାଶ, ଶ୍ୱେତା ଅଗ୍ରୱାଲ୍ ନାମକ ଜଣେ ଛାତ୍ରୀଙ୍କୁ ଅତି ନିର୍ମମଭାବେ ପୋଡ଼ି ହତ୍ୟା କରାଯାଇଥିଲା। ଶ୍ୱେତାଙ୍କ ରକ୍ତାକ୍ତ ମରଶରୀର ଗତ ୨୦୧୭ ଡିସେମ୍ବର ୪ରେ ଗୋବିନ୍ଦ ସିଂଘଲଙ୍କ ଘରୁ ମିଳିଥିଲା। ଗୋବିନ୍ଦ ଓ ଶ୍ୱେତା ଗୋଟିଏ କଲେଜରେ ସେତେବେଳେ ପାଠ ପଢୁଥିଲେ। ପରୀକ୍ଷା ଶେଷହେବା ପରେ ଗୋବିନ୍ଦ ଶ୍ୱେତାଙ୍କୁ ନିଜ ଘରକୁ ଆଣିଥିଲେ। ପୋଲିସ ଏହି ହତ୍ୟାକାଣ୍ଡର ଖୋଳତାଡ଼୍ କରିବା ପରେ ତଦନ୍ତ ରିପୋର୍ଟ ଦାଖଲ କରିଥିଲା। ଏହି ମାମଲାରେ କାମରୂପର ଫାଷ୍ଟ ଟ୍ରାକ୍ କୋର୍ଟର ବିଚାରପତି ଅପରେଶ ଚକ୍ରବର୍ତ୍ତୀ ଶନିବାର ଅଭିଯୁକ୍ତ ଗୋବିନ୍ଦଙ୍କୁ ଫାଶୀ ଦଣ୍ଡାଦେଶ ଶୁଣାଇ ଥିବାବେଳେ ତାଙ୍କ ମା' କମଳାଦେବୀ ଓ ଭଉଣୀ ଭବାନୀଙ୍କୁ ଆପରାଧୀକ ଷଡ଼ଯନ୍ତ୍ର ଓ ତଥ୍ୟ ଲୁଚାଇବା ଅଭିଯୋଗରେ ଆଜୀବନ କାରାଦଣ୍ଡାଦେଶ ଶୁଣାଇଛନ୍ତି।



## ମା', ଭଉଣୀଙ୍କୁ ଆଜୀବନ ଜେଲ୍

# ରାଜନୀତି ଛାଡ଼ିବେ କୁମାରସ୍ୱାମୀ



ହାସାନ୍, ୩।୮ (ପି.ଟି.)

କର୍ଣ୍ଣାଟକର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଜେଡିଏସ୍ ନେତା କୁମାରସ୍ୱାମୀ ରାଜନୀତିରୁ ସନ୍ୟାସ ନେବେ। ଏନେଇ ସେ ଶନିବାର ସଙ୍କେତ ଦେଇଛନ୍ତି। ଅକସ୍ମାତ୍ ସେ ମୁଖ୍ୟମନ୍ତ୍ରୀ ହୋଇଥିବା କହିନ୍ତି। ତେବେ ୧୪ ମାସ ମେଣ୍ଟ ସରକାରର ନେତୃତ୍ୱ ନେଇ ଲୋକଙ୍କ ସେବା ଓ ବିକାଶ କାର୍ଯ୍ୟ କରିଥିବରୁ ସେ ସନ୍ତୁଷ୍ଟ ଥିବା ପ୍ରକାଶ କରିଛନ୍ତି। ଅଚାନକ୍ ରାଜନୀତିରେ ପ୍ରବେଶ କରି ଭଗବାନଙ୍କ ଦୟାରୁ ୨ ଥର ମୁଖ୍ୟମନ୍ତ୍ରୀ ହୋଇପାରିଥିବା ସେ କହିଛନ୍ତି। ଏବେର କଳୁଷିତ ରାଜନୀତିକୁ ସମାଲୋଚନା କରି ଭଲ ଲୋକଙ୍କ ପାଇଁ ଏହା ଅନୁପଯୁକ୍ତ ବୋଲି ସେ ମତ ରଖିଛନ୍ତି।

# ମୁମ୍ବାଇରେ ପ୍ରବଳ ବର୍ଷା: ସ୍କୁଲ, କଲେଜ ଛୁଟି

ମୁମ୍ବାଇ/ଠାଣେ, ୩।୮ (ପି.ଟି.)

ମୁମ୍ବାଇ ଓ ଏହାର ଆଖପାଖ ଅଞ୍ଚଳରେ ପ୍ରବଳ ବର୍ଷା ହେବା ଫଳରେ ଯାତାୟାତ ବାଧାପ୍ରାପ୍ତ ହୋଇଛି। ଚାରିଆଡ଼ ଜଳାର୍ଣ୍ଣବ ହେବା ସହ ଲୋକମାନେ ନାହିଁ ନ ଥିବା ଅସୁବିଧା ଭୋଗୁଛନ୍ତି। ଆଗାମୀ ୨୪ ଘଣ୍ଟା ପର୍ଯ୍ୟନ୍ତ ଜୋର୍‌ଦାର୍ ବର୍ଷା ହେବ ବୋଲି ଭାରତୀୟ ପାଣିପାଗ ବିଭାଗ ସତର୍କ ସୂଚନା ଜାରି କରିଛି। ସମୁଦ୍ରରେ ଜୁଆର ପ୍ରାୟ ୪ ଫୁଟ ଉପରକୁ ଉଠୁଥିବାବେଳେ ଏହା ଭିତରକୁ ନ ଯିବା ଲାଗି ସତର୍କ କରାଯାଇଛି। ବିଏମ୍‌ସି ପକ୍ଷରୁ ସମସ୍ତ ଶିକ୍ଷାନୁଷ୍ଠାନ ଛୁଟି ଘୋଷଣା କରାଯାଇଛି। ଶୁକ୍ରବାର ରାତିତମାମ୍ ବର୍ଷା ଲାଗି ରହିବା ସହରବାସୀଙ୍କ ଚିନ୍ତା ବଢାଇଦେଇଛି।

## ଆସନ୍ତା ୨୪ ଘଣ୍ଟା ଲାଗି ସତର୍କ ସୂଚନା

ପଡ଼ୋଶୀ ଠାଣେ ଓ ପାଲ୍‌ଘର ଜିଲାରେ ମଧ୍ୟ ପ୍ରବଳ ବର୍ଷା ଲାଗିରହିଛି। ଥାଣେରେ ଜଣେ ବ୍ୟକ୍ତି ଏଥିଯୋଗୁ ପ୍ରାଣ ହରାଇଥିବାବେଳେ ମୁମ୍ବାଇରେ ଜଣେ ଆହତ ହୋଇଥିବା ଖବର ମିଳିଛି। ଠାଣେ, ପାଲ୍‌ଘର ସ୍ଥିତି ଜଟିଳ ହୋଇପଡ଼ିବାରୁ ସେଠାରେ ସ୍କୁଲ, କଲେଜ ଆଦି ଛୁଟି ଘୋଷଣା କରାଯାଇଛି। ବିଭିନ୍ନ ରେଳଧାରଣାରେ ପାଣି ଜମିରହିବା ଯୋଗୁ ରେଳ ଚଳାଚଳରେ ବାଧା ସୃଷ୍ଟିହୋଇଛି। କେତେକ ରେଳସେବା ବାତିଲ୍ ମଧ୍ୟ କରାଯାଇଥିବା ବିଭାଗୀୟ ଅଧିକାରୀ କହିଛନ୍ତି। ବର୍ଷା ଯୋଗୁ ମଲାଡ୍, ଅନ୍ଧେରି, ଦହିସାର୍ ଅବସ୍ଥା ମଧ୍ୟ ସାଙ୍ଘାତିକ ହୋଇପଡ଼ିଛି। ସହରତଳି ଲୋକମାନେ ଏହାଦ୍ୱାରା ବିଶେଷ ଭାବେ ପ୍ରଭାବିତ ହୋଇଛନ୍ତି।




# ଡଙ୍ଗାବୁଡ଼ି ୧୩ ମୃତ

**ମାନିଲା, ୩।୮ (ପି.ଟି.):** କେନ୍ଦ୍ରୀୟ ଫିଲିପାଇନ୍ସ ନିକଟ ସମୁଦ୍ରରେ ଶନିବାର ୨ଟି ଡଙ୍ଗା ବୁଡ଼ିଯିବାରୁ ୧୩ ଜଣଙ୍କ ପ୍ରାଣହାନି ଘଟିଥିବାବେଳେ କେତେକ ନିଖୋଜ ଥିବା ଜଣାପଡ଼ିଛି। ୩୧ ଜଣ ଯାତ୍ରୀଙ୍କୁ ଉଦ୍ଧାର କରାଯାଇଛି। ଇଲୋଇଲୋ ଓ ଗୁଇମାରା ଦ୍ୱୀପ ମଧ୍ୟରେ ପ୍ରବଳ ପବନ ଓ ଢେଉ ହେବାରୁ ଦୁଇଟି ଡଙ୍ଗା ବୁଡ଼ିଯାଇଥିଲା। ମୃତକଙ୍କ ମଧ୍ୟରେ ୬ ମହିଳା ଥିବା ଜଣାପଡ଼ିଥିଲେ ହେଁ ସେମାନଙ୍କ ଠିକଣା ମିଳିନାହିଁ। ରେଡ୍‌କ୍ରସ ପକ୍ଷରୁ ଦୁଇଟି ଡଙ୍ଗାର ଫଟୋ ସୋସିଆଲ୍ ମିଡିଆରେ ପୋଷ୍ଟ କରାଯାଇଛି। ନିଖୋଜ ଯାତ୍ରୀଙ୍କୁ ଉଦ୍ଧାର କରିବା ଲାଗି ପ୍ରୟାସ ଜାରି ରହିଛି।



### ଭାଜପା ଏମ୍‌ପିଙ୍କୁ ପ୍ରଧାନମନ୍ତ୍ରୀଙ୍କ ପରାମର୍ଶ

# କର୍ମୀଙ୍କ ଅବଦାନକୁ ଭୁଲନାହିଁ

ନୂଆଦିଲ୍ଲୀ,୩।୮ (ପି.ଟି.)

କର୍ମୀମାନେ ମାଆ ଭଳି ଦଳକୁ ବଢ଼ାଇଛନ୍ତି। ସେମାନଙ୍କ ଅବଦାନକୁ ଭୁଲନାହିଁ। ସେମାନେ କଦାପି ଅନାଦର ଅନୁଭବ କରିବା ଉଚିତ ନୁହେଁ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭାଜପା ଏମ୍‌ପିମାନଙ୍କ ଦୁଇଦିନିଆ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅବସରରେ ପରାମର୍ଶ ଦେଇଛନ୍ତି। କୌଣସି ପରିବାରର ଲିଗାସୀରୁ ନୁହେଁ ଭାଜପାର ନୀତିଆଦର୍ଶ ଓ ଚିନ୍ତାଧାରା ଏହାକୁ ବର୍ତ୍ତମାନର ସ୍ଥିତିରେ ପହଞ୍ଚାଇଥିବା ପ୍ରଧାନମନ୍ତ୍ରୀ କହିଥିଲେ। ଆପଣମାନଙ୍କୁ ଏମ୍‌ପି ଓ ମନ୍ତ୍ରୀ କରିବାରେ କର୍ମୀମାନଙ୍କ ଅବଦାନକୁ ଭୁଲିଯିବା ଉଚିତ ନୁହେଁ। ସେମାନଙ୍କ ସହ ସମ୍ପର୍କରେ ରହିବା ପାଇଁ ପାର୍ଲାମେଣ୍ଟର ଉଭୟ ସଦନର ୩୮୦ ଏମ୍‌ପିଙ୍କୁ ପ୍ରଧାନମନ୍ତ୍ରୀ ପରାମର୍ଶ ଦେଇଛନ୍ତି।

ଭାଜପା ଏକ ପରିବାର ଭଳି। ଏହା ଗୁଣ୍ଡୀଭୂତ ସତ୍ତା ନୁହେଁ, ଏକ ସାଂଗଠନିକ ସଂସ୍ଥା ବୋଲି ପ୍ରଧାନମନ୍ତ୍ରୀ କହିଥିଲେ। ତ୍ରିପୁରା ପଞ୍ଚାୟତ ନିର୍ବାଚନରେ ଦଳର ବଡ଼ ବିଜୟକୁ ନେଇ ସେ ସାଙ୍ଗଠନିକ ଶକ୍ତିର ଗୁରୁତ୍ୱ ସମ୍ପର୍କରେ ବୁଝାଇଥିଲେ। ପାର୍ଲାମେଣ୍ଟ ଭବନ ପରିସରରେ ପ୍ରଶିକ୍ଷଣ କାର୍ଯ୍ୟକ୍ରମ 'ଅଭ୍ୟାସ ବର୍ଗ'କୁ ପ୍ରଧାନମନ୍ତ୍ରୀ ଉଦ୍‌ଘାଟନ କରି ସୂରଜ୍‌କୁଣ୍ଡ କାର୍ଯ୍ୟକ୍ରମର ଅନୁଭୂତି ସମ୍ପର୍କରେ କହିଥିଲେ। ଶିକ୍ଷାଗ୍ରହଣ ପ୍ରକ୍ରିୟା ଜାରି ରଖିବାକୁ ସେ ପରାମର୍ଶ ଦେଇଥିଲେ। ଭାଜପା ଅଧ୍ୟକ୍ଷ ଅମିତ୍ ଶାହ, କାର୍ଯ୍ୟକାରୀ ଅଧ୍ୟକ୍ଷ ଜେ.ପି. ନଡ୍ଡା ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ। ରବିବାର ଦ୍ୱିତୀୟ ଦିନରେ ପ୍ରଧାନମନ୍ତ୍ରୀ ଓ ଭାଜପା ଅଧ୍ୟକ୍ଷ ଏମ୍‌ପିମାନଙ୍କୁ ଉଦ୍‌ବୋଧନ ଦେବାର କାର୍ଯ୍ୟକ୍ରମ ରହିଛି।




## ପ୍ରଶିକ୍ଷଣ କାର୍ଯ୍ୟକ୍ରମ

# ମାଳଦ୍ୱୀପର ପୂର୍ବତନ ଉପରାଷ୍ଟ୍ରପତି ଗିରଫ

ମାଲେ,୩।୮ (ପି.ଟି.)

ମାଳଦ୍ୱୀପର ପୂର୍ବତନ ଉପରାଷ୍ଟ୍ରପତି ଅହମ୍ମଦ ଅଧିବ୍ ଅବଦୁଲ ଗଫୁରଙ୍କୁ ଶନିବାର ଗିରଫ କରାଯାଇଛି। ସେ ଗୁରୁବାର ଏକ ମାଲ୍‌ବାହୀ ଜାହାଜରେ ତାମିଲନାଡୁରେ ଉପକୂଳରେ ପହଞ୍ଚି ଭାରତରେ ରାଜନୈତିକ ଶରଣ ଚାହିଁଥିଲେ। ତାଙ୍କ ପାଖରେ ଉପଯୁକ୍ତ କାଗଜପତ୍ର ନ ଥିବାରୁ ଭାରତୀୟ କର୍ତ୍ତୃପକ୍ଷ ତାଙ୍କୁ ଜାହାଜରୁ ଓହ୍ଲାଇବାକୁ ଦେଇ ନ ଥିଲେ। ଏଥିସହିତ ଭାରତୀୟ ଗୋଇନ୍ଦା ଅଧିକାରୀମାନେ ତାଙ୍କୁ ଜାହାଜରେ ଜେରା କରିଥିଲେ। ଶେଷରେ ତାଙ୍କୁ ଶରଣ ନ ଦେଇ ଫେରାଇଦେବା ପରେ ମାଳଦ୍ୱୀପ ପୋଲିସ ଗିରଫ କରିଛି। ମାଳଦ୍ୱୀପରେ ଗଫୁରଙ୍କ ଜୀବନ ପ୍ରତି ବିପଦ ଥିବାରୁ ସେ ଭାରତରେ ରାଜନୈତିକ ଶରଣ ଚାହିଁଥିଲେ।



ଅହମ୍ମଦ ଅଧିବ୍ ଅବଦୁଲ ଗଫୁର

### କୁଳଭୂଷଣଙ୍କୁ କୂଟନୈତିକ ସହଯୋଗ ମାମଲା

# ସର୍ତ୍ତକୁ ନେଇ ବଢୁଛି ଅଡୁଆ

ଇସ୍‌ଲାମାବାଦ,୩।୮ (ପି.ଟି.)

ପାକିସ୍ତାନ ସେନା ଅଦାଲତରେ ମୃତ୍ୟୁ ଦଣ୍ଡାଦେଶ ପାଇ ବନ୍ଦିଥିବା ଭାରତର ପୂର୍ବତନ ସେନା ଅଧିକାରୀ କୁଳଭୂଷଣ ଯାଦବଙ୍କୁ କୂଟନୈତିକ ସହାୟତା ଯୋଗାଇ ଦେବା ଲାଗି ଅନ୍ତର୍ଜାତୀୟ ଅଦାଲତ(ଆଇସିଜେ) ନିର୍ଦ୍ଦେଶ ଦେଇଥିବାବେଳେ ପାକିସ୍ତାନ ଏଯାଏ ଭାରତକୁ ଏଥିଲାଗି ଅନୁମତି ପ୍ରଦାନ କରିନାହିଁ। ଭାରତୀୟ ଉଚ୍ଚାୟୁକ୍ତ ଅଧିକାରୀ ଓ କୁଳଭୂଷଣଙ୍କ ମଧ୍ୟରେ ହେବାକୁ ଥିବା ସାକ୍ଷାତ ଆଲୋଚନା ଶୁକ୍ରବାର ଭିନ୍ନମୋଡ଼ ନେଇଥିଲା। ଏନେଇ ଦୁଇଦେଶ ମଧ୍ୟରେ ଦ୍ୱନ୍ଦ୍ୱ ଉପୁଜିଥିଲା। ପାକିସ୍ତାନ ଏନେଇ ସର୍ତ୍ତ ରଖିବାରୁ ଭାରତ ଏହାକୁ ଅଗ୍ରାହ୍ୟ କରିଥିଲା। ଯାଦବଙ୍କୁ ଭାରତ ଦୂତାବାସ ସହଯୋଗ ଦେବା ଓ ଆଲୋଚନା କରିବାବେଳେ ପାକିସ୍ତାନ ଅଧିକାରୀ ଉପସ୍ଥିତ ରହିବେ ବୋଲି ସର୍ତ୍ତ ରଖାଯିବାରୁ ଭାରତ ଏହାକୁ ବିରୋଧ କରିଥିଲା। ଫଳରେ ଏହି ଅଡୁଆ ଏବେ ବଢିବାରେ ଲାଗିଛି।



## ପାକ୍ ଅନୁମତିକୁ ଭାରତର ଅପେକ୍ଷା

ଯାଦବଙ୍କ ମୃତ୍ୟୁଦଣ୍ଡାଦେଶ ଉପରେ ଆଇସିଜେ ରହିବାଦେଶ ଲଗାଇବା ସହ ଭାରତକୁ ଏହି ମାମଲାରେ କୂଟନୈତିକ ସହାୟତା ଲାଗି ପାକିସ୍ତାନ ଅନୁମତି ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ଆଇସିଜେ ନିର୍ଦ୍ଦେଶକୁ ୧୫ ଦିନ ପୂରିଯାଇଥିବାବେଳେ ପାକିସ୍ତାନ ଦ୍ୱନ୍ଦ୍ୱ ସୃଷ୍ଟିକରୁଛି। କୂଟନୈତିକ ସ୍ତରରେ ଶୁକ୍ରବାର ଅପରାହ୍ନ ୩ଟାରେ ଏନେଇ ବୈଠକ ହେବାକୁ ସ୍ଥିର କରାଯାଇଥିଲା। ଏଥିଲାଗି ଗୁରୁବାର ଭାରତ ପକ୍ଷରୁ ପାକିସ୍ତାନକୁ ଅବଗତ କରାଯାଇଥିଲା। ପାକିସ୍ତାନ ବହିର୍ବ୍ୟାପାର କାର୍ଯ୍ୟାଳୟ ପକ୍ଷରୁ ମଧ୍ୟ ଶୁକ୍ରବାର ଏନେଇ ଆଲୋଚନା କରାଯିବାକୁ ଦିନଧାର୍ଯ୍ୟ କରାଯାଇଥିଲା। ଆଇସିଜେଙ୍କ ନିର୍ଦ୍ଦେଶାନୁଯାୟୀ ବିନା ଭୟ ଓ ବିନା ସର୍ତ୍ତରେ ଦୂତାବାସ ସହାୟତା ଲାଗି ଭାରତ କହିଥିଲା। କିନ୍ତୁ ପାକିସ୍ତାନର ସର୍ତ୍ତ ଅଡୁଆ ବଢାଇଦେଇଛି। ଭିଏନା ରାଜିନାମା ଅନୁଯାୟୀ ବନ୍ଦୀଙ୍କୁ କୂଟନୈତିକ ସହାୟତା ଯୋଗାଇ ଦେବା କଥା। ହେଲେ ପାକିସ୍ତାନ ଜାଣିଶୁଣି ଦ୍ୱନ୍ଦ୍ୱ ସୃଷ୍ଟିକରୁଛି। ଇରାନରେ ବ୍ୟବସାୟ କରୁଥିବା ଯାଦବଙ୍କୁ ଅପହରଣ କରାଯାଇ ପାକିସ୍ତାନ ଆତଙ୍କବାଦୀର ଆଖ୍ୟା ଦେଉଛି ବୋଲି ଭାରତ ଅଭିଯୋଗ କରିଛି। ଯାଦବଙ୍କୁ ବିନା ସର୍ତ୍ତରେ ଭାରତର ଦୂତାବାସ ସହାୟତା ଲାଗି ପାକିସ୍ତାନ କେବେ ଅନୁମତି ଦେଉଛି , ଏବେ ତାକୁ ହିଁ ଅପେକ୍ଷା।

# ଭାରପ୍ରାପ୍ତ କୁଳପତି ଭାବେ ଦାୟିତ୍ୱ ନେଲେ ଆରଡିସି

ବ୍ରହ୍ମପୁର ଅଫିସ,୩।୮

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ



ଆରଡିସି ଟି. ଆଓ

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଭାରପ୍ରାପ୍ତ କୁଳପତି ଭାବେ ଶନିବାର ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନର(ଆରଡିସି) ଟି.ଆଓ ଦାୟିତ୍ୱ ଗ୍ରହଣ କରିଛନ୍ତି। ଜୁଲାଇ ୩୧ରେ ରାଜଭବନରୁ ଆସିଥିବା ଚିଠି ପ୍ରକାରେ ଶନିବାରରୁ ନୂତନ କୁଳପତି ଚୟନ ପ୍ରକ୍ରିୟା ଶେଷ ହେବା ପର୍ଯ୍ୟନ୍ତ ଅସ୍ଥାୟୀ କୁଳପତି ଭାବେ ସେ ଏହି ଦାୟିତ୍ୱରେ ରହିବେ। ଅପରାହ୍ନରେ ବ୍ରହ୍ମପୁର ଆରଡିସିଙ୍କ କାର୍ଯ୍ୟାଳୟରେ ଆଓ ଅସ୍ଥାୟୀ କୁଳପତି ଭାବେ ଦାୟିତ୍ୱ ଗ୍ରହଣ କରିଥିବା କୁଳସଚିବ ରଞ୍ଜନ କୁମାର ବିଶ୍ୱାଳ ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, ପୂର୍ବତନ କୁଳପତି ପ୍ରଫେସର ରାଜେନ୍ଦ୍ର ପ୍ରସାଦ ଦାସଙ୍କ କାର୍ଯ୍ୟକାଳ ଶନିବାର ଶେଷ ହୋଇଛି। ଏହାର ଦିନକ ପୂର୍ବରୁ ପ୍ରଫେସର ଦାସ ନିଜ ପଦବୀ ଛାଡିବାକୁ ନେଇ କୁଳାଧିପତି ତଥା ରାଜ୍ୟପାଳଙ୍କୁ ଅନୁରୋଧ କରିଥିଲେ। ପ୍ରଫେସର ଦାସଙ୍କ ଅନୁରୋଧ କ୍ରମେ ରାଜ୍ୟପାଳ ଶୁକ୍ରବାର ଅପରାହ୍ନରୁ ଆରଡିସିଙ୍କୁ ଅସ୍ଥାୟୀ କୁଳପତି ଭାବେ ଦାୟିତ୍ୱ ଗ୍ରହଣ ପାଇଁ ରାଜଭବନ ପକ୍ଷରୁ ନିର୍ଦ୍ଦେଶନାମା ଜାରି କରାଯାଇଥିଲା।




# ରାଜ୍ୟ ପ୍ରଶାସନରେ ଅଦଳବଦଳ

- ବଦଳିଲେ ନୟାଗଡ଼, କୋରାପୁଟ ଜିଲାପାଳ
- ଶ୍ରମ କମିଶନର ହେଲେ ନିରଞ୍ଜନ

ଭୁବନେଶ୍ୱର,୩।୮(ବ୍ୟୁରୋ)

ରାଜ୍ୟ ସରକାର ପ୍ରଶାସନିକ ସ୍ତରରେ ଏକ ଛୋଟ ଧରଣର ଅଦଳବଦଳ କରିଛନ୍ତି। ଏ ନେଇ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଶନିବାର ବିଜ୍ଞପ୍ତି ପ୍ରକାଶ ପାଇଛି। ଉଚ୍ଚଶିକ୍ଷା ନିର୍ଦ୍ଦେଶକ ସହ ଶ୍ରମ କମିଶନର ଅତିରିକ୍ତ ଦାୟିତ୍ୱ ତୁଲାଇଥିବା ନିରଞ୍ଜନ ସାହୁଙ୍କୁ ପୂର୍ଣ୍ଣକାଳୀନ ଶ୍ରମ କମିଶନର ଦାୟିତ୍ୱ ଦିଆଯାଇଛି। ପୌର ପ୍ରଶାସକ ଏବଂ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ଏକ୍ସ-ଅଫିସିଓ ଅତିରିକ୍ତ ସଚିବ ଥିବା ସଂଗ୍ରାମଜିତ ନାୟକ ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) ପ୍ରଶାସକ ଭାବେ ଅତିରିକ୍ତ ଦାୟିତ୍ୱ ତୁଲାଇବେ। ସେହିପରି ସଂଗ୍ରାମଜିତ ନାୟକ ଦାୟିତ୍ୱ ଗ୍ରହଣ କରିବା ଯାଏ ବିଏମ୍‌ସି ପ୍ରଶାସକ ଦାୟିତ୍ୱରେ ଥିବା ଡକ୍ଟର କ୍ରିଷ୍ଣନ କୁମାର ଦାୟିତ୍ୱ ତୁଲାଇପାରିବେ। ସାମାଜିକ ସୁରକ୍ଷା, ଭିନ୍ନକ୍ଷମ ସଶକ୍ତୀକରଣ ନିର୍ଦ୍ଦେଶକ ଥିବା ସୁଶାନ୍ତ ମହାପାତ୍ରଙ୍କୁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଅତିରିକ୍ତ ସଚିବ ଭାବେ ନିଯୁକ୍ତି ମିଳିଛି। ନୟାଗଡ ଜିଲାପାଳ ଥିବା ଡକ୍ଟର ନୁନ୍‌ସାବଥ ଥିରୁମାଲା ନାଏକଙ୍କୁ କଟକସ୍ଥିତ ମତ୍ସ୍ୟସମ୍ପଦ ନିର୍ଦ୍ଦେଶକ ଦାୟିତ୍ୱ ଦିଆଯାଇଛି। ଏହି ଦାୟିତ୍ୱ ସହ ଥିରୁମାଲା ନାଏକ ଭୁବନେଶ୍ୱରସ୍ଥିତ ସିଏମ୍‌ଜିଆଇ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଭାବେ ଅତିରିକ୍ତ ଦାୟିତ୍ୱ ତୁଲାଇବେ। ସେହିପରି ବର୍ତ୍ତମାନ ମତ୍ସ୍ୟସମ୍ପଦ ନିର୍ଦ୍ଦେଶକ ଥିବା ରତ୍ନାକର ରାଉତ ଥିରୁମାଲାଙ୍କ ଯୋଗଦାନ ଯାଏ ଦାୟିତ୍ୱ ତୁଲାଇବେ। କୋରାପୁଟ ଜିଲାପାଳ ଡକ୍ଟର ପୋମା ଟୁଡୁଙ୍କୁ ନୟାଗଡ ଜିଲାପାଳ ଭାବେ ବଦଳି କରାଯାଇଛି। ବାଲିଗୁଡା ଉପଜିଲାପାଳ ସିନ୍ଦେ ଦତ୍ତାତ୍ରେୟ ଭାଉସାହେବଙ୍କୁ ଗଞ୍ଜାମ ଜିଲା ବ୍ରହ୍ମପୁର ଉପଜିଲାପାଳ ଭାବେ ନିଯୁକ୍ତି ଦିଆଯାଇଛି। ସିନ୍ଦେ ସ୍ଥାନୀୟ ଅଞ୍ଚଳର ଉପଖଣ୍ଡୀୟ ମାଜିଷ୍ଟ୍ରେଟ ଦାୟିତ୍ୱ ମଧ୍ୟ ତୁଲାଇବେ। ଅପରପକ୍ଷରେ ବଦଳି ହୋଇ ଭୁବନେଶ୍ୱରସ୍ଥିତ ମାର୍କଫେଡ୍‌ର ପରିଚାଳନା ନିର୍ଦ୍ଦେଶକ ଥିବା ମଧୁସୂଦନ ମିଶ୍ର(ଦ୍ୱିତୀୟ)ଙ୍କୁ କୋରାପୁଟ ଜିଲାପାଳ ଭାବେ ଦାୟିତ୍ୱ ଦିଆଯାଇଛି।

## ଓଡ଼ିଶା ଡାକ ପରିମଣ୍ଡଳ ଚାମ୍ପିୟନ

ଭୁବନେଶ୍ୱର, ୩।୮(ବ୍ୟୁରୋ) – ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ପାରଦର୍ଶିତା ପାଇଁ ଓଡ଼ିଶା ଡାକ ପରିମଣ୍ଡଳ ଜାତୀୟ ସ୍ତରରେ ସର୍ବଶ୍ରେଷ୍ଠ ବିବେଚିତ ହୋଇଛି। ଭାରତୀୟ ଡାକ ବିଭାଗ ଦ୍ୱାରା ଜୁଲାଇ ୨୯ରୁ ୩୧ ତାରିଖ ପର୍ଯ୍ୟନ୍ତ ଜମ୍ମୁକଶ୍ମୀରର ଶ୍ରୀନଗରଠାରେ ମୁଖ୍ୟ ମହାଡାକପାଳମାନଙ୍କର ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଭାରତୀୟ ଡାକ ବିଭାଗର ସଚିବ ଅନନ୍ତ ନାରାୟଣ ନନ୍ଦଙ୍କଠାରୁ ଓଡ଼ିଶା ଡାକ ପରିମଣ୍ଡଳର ମୁଖ୍ୟ ମହାଡାକପାଳ ଡ. ସନ୍ତୋଷ କୁମାର କମିଲା ପୁରସ୍କାର ଓ ମାନପତ୍ର ଗ୍ରହଣ କରିଥିଲେ। ସୂଚନାନୁସାରେ, ଓଡ଼ିଶା ଡାକ ପରିମଣ୍ଡଳ ୨୦୧୮-୧୯ ଆର୍ଥିକ ବର୍ଷରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ପ୍ରଦର୍ଶନ କରିଥିବାରୁ ଦେଶର ସମସ୍ତ 'ୱାଇ' କ୍ୟାଟେଗୋରୀ ପରିମଣ୍ଡଳମାନଙ୍କ ମଧ୍ୟରେ ଚାମ୍ପିଅନ ହୋଇଛି। ସେହିପରି ୨୦୧୮-୧୯ ଆର୍ଥିକ ବର୍ଷରେ ଓଡ଼ିଶା ଡାକ ପରିମଣ୍ଡଳ ଦ୍ୱାରା ସ୍ପିଡ୍ ପୋଷ୍ଟ ରାଜସ୍ୱରେ ଅଭିବୃଦ୍ଧି ନିମନ୍ତେ ଓଡ଼ିଶା ଡାକ ପରିମଣ୍ଡଳକୁ ପ୍ରଥମ ପୁରସ୍କାର ପ୍ରଦାନ କରାଯାଇଛି। ଏହି ସଫଳତାପାଇଁ ଓଡ଼ିଶା ଡାକ ପରିମଣ୍ଡଳର ଅଧିକାରୀମାନେ ମୁଖ୍ୟ ମହାଡାକପାଳ ଡ. କମିଲାଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଛନ୍ତି।

## ଶିଶୁ ଓ ମହିଳାଙ୍କ ସୁରକ୍ଷାକୁ ନେଇ ଜାତୀୟ କର୍ମଶାଳା

# 'ପରୀ ପାଇଁ କଥାଟିଏ' ସମାଜରେ ନୂଆ ଜାଗରଣ ସୃଷ୍ଟି କରିଛି

ଭୁବନେଶ୍ୱର, ୩।୮(ବ୍ୟୁରୋ)

'ପରୀ ପାଇଁ କଥାଟିଏ' କାର୍ଯ୍ୟକ୍ରମ ସମାଜରେ ନୂଆ ଜାଗରଣ ସୃଷ୍ଟି କରିଛି। ନାବାଳିକାଙ୍କୁ ଉଦ୍ଧାର କରାଯାଇ ଠିକଣା ସ୍ଥାନରେ ପହଞ୍ଚାଇ ପାରିଛି ପୋଲିସ। ଏହି ଅଭିଯାନରେ ରାଜ୍ୟ ପୋଲିସ ଏକ ଗୁରୁଦାୟିତ୍ୱ ବହନ କରିଛି। ପୋଲିସ ନାଗରିକଙ୍କୁ ସମସ୍ତ ପ୍ରକାର ସୁରକ୍ଷା ଯୋଗାଇଦେବ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମତବ୍ୟକ୍ତ କରିଛନ୍ତି। ୟୁନିସେଫ୍, ଇଣ୍ଡିଆନ ପୋଲିସ ଫାଉଣ୍ଡେଶନ ଓ ଓଡିଶା ପୋଲିସ ପକ୍ଷରୁ ଭୁବନେଶ୍ୱର ପୋଲିସ ଭବନରେ ଅନୁଷ୍ଠିତ 'ଶିଶୁ ଓ ମହିଳାଙ୍କ ସୁରକ୍ଷା' ଶୀର୍ଷକ ଜାତୀୟ କର୍ମଶାଳା ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ ପଟ୍ଟନାୟକ ମହିଳା ଓ ଶିଶୁଙ୍କ କ୍ଷେତ୍ରରେ ହେଉଥିବା ଅପରାଧର ଦ୍ରୁତ ତଥା ପ୍ରଭାବଶାଳୀ ତଦନ୍ତ କରି ଅଭିଯୁକ୍ତଙ୍କୁ ଶତ ପ୍ରତିଶତ ଦଣ୍ଡ ଦେବାକୁ ପୋଲିସ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ଏହି ଅବସରରେ 'କଫି ଟେବୁଲ୍ ବୁକ୍ ଅନ୍ ପରୀ ପାଇଁ କଥାଟିଏ-ଏ ୱାର୍ଡ ଅଫ୍ ଦ ଲିଟ୍‌ଲି ଆଙ୍ଗେଲ' ପୁସ୍ତକ ଓ 'ପରୀ ପାଇଁ କଥାଟିଏ' ଉପରେ ଆଧାରିତ ଏକ ଡକ୍ୟୁମେଣ୍ଟାରୀ ଫିଲ୍ମକୁ ମୁଖ୍ୟମନ୍ତ୍ରୀ ଉନ୍ମୋଚିତ କରିଥିଲେ।



ଅନୁଗୋଳ ନାବାଳିକା ବଳାତ୍କାର ମାମଲାରେ ପ୍ରଭାବଶାଳୀ ତଦନ୍ତ କରି ଅଭିଯୁକ୍ତଙ୍କୁ ବହୁ ଶୀଘ୍ର ଗିରଫ କରାଯାଇଥିଲା। ଏପରିକି ଆବଶ୍ୟକ ତଥ୍ୟ ଓ ପ୍ରମାଣ ଠିକ୍ ସମୟରେ କୋର୍ଟରେ ଦାଖଲ କରାଯାଇଥିଲା। ଫଳରେ ଅଭିଯୁକ୍ତଙ୍କୁ ଫାଶୀ ଦଣ୍ଡାଦେଶ ହୋଇଛି। ଏଥିପାଇଁ ଅନୁଗୋଳ ଏସ୍‌ପି ମିତ୍ରଭାନୁ ମହାପାତ୍ର, ଅନୁଗୁଳ ଟାଉନ ଥାନା ଅଧିକାରୀ ରମେଶ ଚନ୍ଦ୍ର ବିଶୋଇ ଓ ସରକାରୀ ଆଇନଜୀବୀ ସରୋଜ କୁମାର ପଟ୍ଟନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

ପୋଲିସ ଡିଜିପି ଆର୍.ପି. ଶର୍ମା କହିଲେ, ପରୀ ପାଇଁ କଥାଟିଏ କାର୍ଯ୍ୟକ୍ରମକୁ ଓଡ଼ିଶା ଏକ ଚ୍ୟାଲେଞ୍ଜ ଭାବେ ଗ୍ରହଣ କରିଛି। କୌଣସି ପରିସ୍ଥିତିରେ ମହିଳା ଓ ନାବାଳିକାଙ୍କୁ ଅସୁରକ୍ଷିତ ଅବସ୍ଥାରେ ରହିବାକୁ ଦିଆଯିବ ନାହିଁ। ରାଜ୍ୟରେ ବଢ଼ି ଚାଲିଥିବା ନାବାଳିକା ବଳାତ୍କାର ଓ ଶିଶୁ ଯୌନ ନିର୍ଯାତନା ରୋକିବାକୁ ପୋଲିସ ପ୍ରଚେଷ୍ଟା ଜାରି ରଖିଛି। ୧୫ଦିନ ପାଇଁ କରାଯାଇଥିବା 'ପରୀ ପାଇଁ କଥାଟିଏ' ସଚେତନତା କାର୍ଯ୍ୟକ୍ରମରେ ଆମକୁ ବହୁ ସଫଳତା ମିଳିଛି। ଏହାକୁ ଦୃଷ୍ଟିରେ ରଖି ଆରମ୍ଭ ହେବାକୁ ଯାଉଛି 'ମିଶନ ପରୀ-୨୦୨୪'। ତେବେ ଏହି ଅଭିଯାନ କିପରି କାର୍ଯ୍ୟ କରିବ ସେ ସମ୍ପର୍କରେ ଡିଜିପି ପ୍ରକାଶ କରି କହିଲେ, ନାବାଳିକାଙ୍କୁ ଯୌନ ଶୋଷଣରୁ ମୁକ୍ତ କରିବା, ନାବାଳିକା ଚାଲାଣ ଉପରେ ରୋକ୍, ଶିଶୁ ଶ୍ରମିକଙ୍କୁ ବିପଜ୍ଜନକ ସ୍ଥାନରୁ ଉଦ୍ଧାର ଓ ଶିଶୁ ବିବାହକୁ ସମ୍ପୂର୍ଣ୍ଣ ରୋକାଯିବା ଏହାର ଲକ୍ଷ୍ୟ ରହିବ। ଶିଶୁଙ୍କ କ୍ଷେତ୍ରରେ ଘଟୁଥିବା ଅପରାଧର ତୁରନ୍ତ ତଦନ୍ତ ସହ ଅଭିଯୁକ୍ତଙ୍କୁ କିପରି କଠୋର ଦଣ୍ଡ ମିଳିବ ତାହାକୁ ଗୁରୁତ୍ୱ ଦିଆଯାଉଛି। ୟୁନିସେଫ ମୁଖ୍ୟ ମୋନିକା ନିଲଶନ କହିଲେ, ୟୁନିସେଫ୍‌ର ସହଭାଗୀତାରେ ୨୦୧୮ରୁ ଆରମ୍ଭ ହୋଇଥିବା ପରୀ ପାଇଁ କଥାଟିଏ କାର୍ଯ୍ୟକ୍ରମ ସଫଳତାର ସହ ଆଗେଇ ଚାଲିଛି। ଏ କ୍ଷେତ୍ରରେ ଓଡିଶା ପୋଲିସର ଯଥେଷ୍ଟ ଅବଦାନ ରହିଛି।

କାର୍ଯ୍ୟକ୍ରମରେ ଗୃହ ବିଭାଗ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର, ଅତିରିକ୍ତ ଶାସନ ସଚିବ ଅସିତ ତ୍ରିପାଠୀ, ମହିଳା ଓ ଶିଶୁ ବିକାଶ ବିଭାଗର ପ୍ରମୁଖ ଶାସନ ସଚିବ ଅନୁ ଗର୍ଗ, ନ୍ୟାଶନାଲ ପୋଲିସ ଫାଉଣ୍ଡେଶନର ଚେୟାରମ୍ୟାନ ପ୍ରକାଶ ସିଂ ପ୍ରମୁଖ ଅନ୍ୟତମ ଅତିଥି ଭାବ ଯୋଗଦେଇ ମତ ରଖିଥିଲେ। ଏଡିଜି ସନ୍ତୋଷ ଉପାଧ୍ୟାୟ, ଆଇଜି ଅସିତ ପାଣିଗ୍ରାହୀ, ଆଇଜି ଅରୁଣ ବୋଥ୍ରା ପ୍ରମୁଖ କର୍ମଶାଳା ପରିଚାଳନା କରିଥିଲେ।









ଓଡ଼ିଶା ସରକାର

ଖରିଫ ଧାନ ସଂଗ୍ରହ ପାଇଁ ଚାଷୀ ପଞ୍ଜିକରଣ

ଧାନ ସଂଗ୍ରହ ବର୍ଷ 2019-20



ରାଜ୍ୟରେ ଖରିଫ ଧାନ ସଂଗ୍ରହ ଆସନ୍ତା ନଭେମ୍ବର ୧ ତାରିଖରୁ ପର୍ଯ୍ୟାୟ କ୍ରମେ ଆରମ୍ଭ ହେବ । ଏଥି ପାଇଁ ଚାଷୀମାନେ ସେମାନଙ୍କ ନିକଟସ୍ଥ ଅନୁମୋଦିତ ପ୍ରାଥମିକ କୃଷି ସମବାୟ ସମିତି (ପେକ୍ସ/ଲ୍ୟାମ୍ପସ୍), ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ପାଣି ପଞ୍ଚାୟତ (ସଂକ୍ଷେପରେ,ସମିତି)ରେ ଆଗୁଆ ପଞ୍ଜିକରଣ କରିବା ଆବଶ୍ୟକ ।

ପଞ୍ଜିକରଣ ପ୍ରକ୍ରିୟା

- ଚାଷୀ ପଞ୍ଜିକରଣ ଆସନ୍ତା ୭ ଅଗଷ୍ଟରୁ ଆରମ୍ଭ ହେବ । ଖରିଫ ଧାନ ଚାଷ କରିଥିବା ଚାଷୀମାନେ ଚାଷୀ ପଞ୍ଜିକରଣରେ ଭାଗ ନେବେ । ଚଳିତ ବର୍ଷ ନବୀକରଣ ପଦ୍ଧତି ଉଚ୍ଛେଦ କରାଯାଇଛି । ଅର୍ଥାତ ବିଶଦ ବିବରଣୀ ସହ ଚାଷୀ ସମିତିରେ ପଞ୍ଜିକରଣ କରିବା ଅତ୍ୟାବଶ୍ୟକ । ସମସ୍ତ ଇଚ୍ଛୁକ ଚାଷୀ ନିକଟସ୍ଥ ସମିତିରୁ ଗୋଟିଏ ନୂତନ ପଞ୍ଜିକରଣ ଫର୍ମ ନେଇ ପୂରଣ କରିବେ । ଏହା ବିଭାଗର website www.foododisha.inରେ ମଧ୍ୟ ଉପଲବ୍ଧ । ନୂଆ ଫର୍ମରେ ସମସ୍ତ ବ୍ୟକ୍ତିଗତ ତଥ୍ୟ ସହ ଚାଷ ହୋଇଥିବା ପ୍ଲଟର ବିଶଦ ବିବରଣୀ ଦେବାକୁ ହେବ ।

ଆବଶ୍ୟକୀୟ କାଗଜାତ୍

- ପଞ୍ଜିକରଣ ପାଇଁ ଇଚ୍ଛୁକ ଚାଷୀ ସେମାନଙ୍କ ପଞ୍ଜିକରଣ ଫର୍ମ ସହିତ ନିମ୍ନଲିଖିତ କାଗଜାତ୍‌ର ନକଲ ପ୍ରଦାନ କରିବା ଆବଶ୍ୟକ -

1. ବ୍ୟାଙ୍କ ପାସ ବୁକର ପ୍ରଥମ ପୃଷ୍ଠା
2. ଚାଷ ଜମି ବାବଦ ପ୍ରମାଣ ପତ୍ର ଅର୍ଥାତ ଜମି ପଟ୍ଟା (RoR )/ ଦଲିଲ ଇତ୍ୟାଦି
3. ଆଧାର କାର୍ଡ
4. ମୋବାଇଲ ନମ୍ବର - ଯଦି ନିଜର ମୋବାଇଲ ନଥାଏ, ତେବେ ତାଙ୍କ ପରିବାର ସଦସ୍ୟଙ୍କ ମୋବାଇଲ ନମ୍ବର ଦେବା ଆବଶ୍ୟକ ।
5. ଯଦି ଭାଗ ଚାଷୀ ହୋଇଥାନ୍ତି, ତେବେ ସଂପୃକ୍ତ ଜମି ମାଲିକଙ୍କ ସହମତି ପତ୍ର/ସରପଞ୍ଚଙ୍କ ପ୍ରମାଣ ପତ୍ର

ପଞ୍ଜିକରଣ ଅବଧି

- ପଞ୍ଜିକରଣ ଫର୍ମ ପୂରଣ କରି ଚାଷୀମାନେ ସମିତି କାର୍ଯ୍ୟାଳୟରେ ଚଳିତ ୩୧ ଅଗଷ୍ଟ ମଧ୍ୟରେ ଦାଖଲ କରିବେ ।
- ନିର୍ଦ୍ଧାରିତ ସମୟର ଯଥେଷ୍ଟ ପୂର୍ବରୁ ଚାଷୀମାନଙ୍କୁ ସମିତିରେ ପୂରଣ କରାଯାଇଥିବା ଫର୍ମ ଦାଖଲ କରିବାକୁ ଅନୁରୋଧ ।
- ଏଥି ଉଦ୍ଦେଶ୍ୟରେ ଚାଷୀମାନେ ବିଗତ ବର୍ଷ ଯେଉଁ ସମିତିରେ ପଞ୍ଜିକୃତ ହୋଇଥିଲେ ସେଇଠି ସମ୍ପର୍କ କରିବା ଆବଶ୍ୟକ ।
- ଚାଷୀମାନେ ଶେଷ ତାରିଖକୁ ଅପେକ୍ଷା ନକରି ଯଥା ଶୀଘ୍ର ପଞ୍ଜିକରଣ ପାଇଁ ସମିତିରେ ଅନୁମୋଦିତ ଫର୍ମରେ ଦରଖାସ୍ତ ଦାଖଲ କରିବାକୁ ଅନୁରୋଧ ।

ଭାଗ ଚାଷୀ

- ଯେଉଁ ଭାଗ ଚାଷୀମାନେ ଜମି ମାଲିକଙ୍କ ସହମତି ପତ୍ର/ସରପଞ୍ଚଙ୍କ ପ୍ରମାଣ ପତ୍ର ଦାଖଲ କରିପାରୁନାହାନ୍ତି, ସେମାନଙ୍କର ଜମି ବାବଦ ତଥ୍ୟ ପଞ୍ଜିକୃତ କରାଯିବ, କିନ୍ତୁ କ୍ଷେତ୍ର ତଦନ୍ତ ପରେ ତା'ହା ଅନୁପ୍ରମାଣିତ ହେଲା ପରେ ସେହି ଭାଗଚାଷୀମାନେ ସରକାରଙ୍କୁ ଧାନ ବିକ୍ରି କରିବେ।

କ୍ଷୁଦ୍ର ଓ ନାମମାତ୍ର ଚାଷୀ

- ଅଧିକରୁ ଅଧିକ କ୍ଷୁଦ୍ର ଓ ନାମମାତ୍ର ଚାଷୀମାନେ ଧାନ ସଂଗ୍ରହ ବ୍ୟବସ୍ଥାରେ ଅନ୍ତର୍ଭୁକ୍ତ ହେବା ସରକାରଙ୍କ ଏକାନ୍ତ ଇଚ୍ଛା।

ସମିତିର ଦାୟିତ୍ୱ

- ଧାନ ବିକ୍ରୀ ପାଇଁ ଇଚ୍ଛୁକ ଥିବା ସମସ୍ତ ଚାଷୀମାନଙ୍କୁ (ନୂତନ) ପଞ୍ଜିକରଣ ଫର୍ମ ପ୍ରଦାନ କରିବେ ।
- ସମିତି କର୍ମକର୍ତ୍ତା ପଞ୍ଜିକରଣ ଫର୍ମରେ ଥିବା ତଥ୍ୟକୁ ୫ ସେପ୍ଟେମ୍ବର ମଧ୍ୟରେ ତାଙ୍କ LOGINରେ ଡିଜିଟାଇଜ କରିବେ । ଡିଜିଟାଇଜେସନ କାର୍ଯ୍ୟ ସତ୍ୟନିଷ୍ଠ ଓ ନିର୍ଭୁଲ ହେବା ଆବଶ୍ୟକ ।
- ପଞ୍ଜିକରଣ ଯଥା ଶୀଘ୍ର ହୋଇ ତ୍ରୁଟିଶୂନ୍ୟ ଚାଷୀ ତାଲିକା ପ୍ରସ୍ତୁତ ହେବା ଆବଶ୍ୟକ । ଏହା ବିଳମ୍ବିତ ହେଲେ ସମସ୍ତ ଆନୁଷଙ୍ଗିକ କାର୍ଯ୍ୟ ବିଳମ୍ବିତ ହେବ ।

ହେଲ୍ପ ଡେସ୍କ

- ସମିତି କର୍ମକର୍ତ୍ତାମାନେ ଫର୍ମ ପୂରଣ ପାଇଁ ଚାଷୀମାନଙ୍କୁ ଆବଶ୍ୟକୀୟ ସହାୟତା ଯୋଗାଇଦେବେ । ଏଥି ନିମନ୍ତେ ଏକ ଉତ୍ସର୍ଗୀକୃତ ହେଲ୍ପ ଡେସ୍କ ସମିତି ସ୍ତରରେ କାର୍ଯ୍ୟ କରିବ ।

ହେଲ୍ପଲାଇନ୍

- ଯଦି କୌଣସି ଅଭିଯୋଗ ଥାଏ ତେବେ ଦେୟମୁକ୍ତ ନମ୍ବର 1967 ରେ ସରକାରୀ କାର୍ଯ୍ୟ ନିର୍ଘଣ୍ଟ ମଧ୍ୟରେ ଯୋଗାଯୋଗ କରିବା ପାଇଁ ଅନୁରୋଧ ।

ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ, ଓଡିଶା ସରକାର
www.foododisha.in | FoodOdisha | @Food_Odisha



ଶିଶୁଙ୍କୁ ବଳାତ୍କାର କରିଥିବା ଅଭିଯୋଗରେ ୨୮ବର୍ଷର ଜଣେ ବ୍ୟକ୍ତିଙ୍କୁ ଗିରଫ କରାଯାଇଛି। ବୁଧବାର ଆନ୍ଧ୍ରପ୍ରଦେଶର ଚନ୍ଦ୍ରୟଗୁଟା ଥାନା ଅଞ୍ଚଳରେ ଘଟିଛି। ଡ୍ରାଇଭର ଭାବେ କାର୍ଯ୍ୟ କରୁଥିବା ଭାସ୍କର ତାଙ୍କ ଶିଶୁଙ୍କୁ ବାଲାପୁରସ୍ଥିତ ଗୁରରାମ ଚେରୁଭୁର ଏକ ନିଛାଟିଆ ସ୍ଥାନକୁ ନେଇ ବଳାତ୍କାର କରିଥିଲେ। ଏହାପରେ ତାଙ୍କୁ ଘରେ ଛାଡିଦେଇ ଏ କଥା କାହାରିକୁ କହିଲେ ଝିଅକୁ ଛାଡପତ୍ର ଦେବେ ବୋଲି ଧମକ ଦେଇଥିଲେ।

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................



ଭୂମି
ପରିବାରବର୍ଗ



ସୁଧାଂଶୁ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

### ୫ ଦଫା ଦାବି ପୂରଣ ନେଇ ରାଜ୍ୟପାଳଙ୍କୁ ଭେଟିଲା ଭାଜପା

# ଓବିସି କମିଶନ ଲାଗୁ ନ ହେଲେ ଆନ୍ଦୋଳନ ଚେତାବନୀ

ଭୁବନେଶ୍ୱର, ୩।୮ (ବ୍ୟୁରୋ)

ରାଜ୍ୟରେ ଓବିସି କମିଶନ ଗଠନ, ପଛୁଆବର୍ଗ ଛାତ୍ରୀଛାତ୍ରଙ୍କୁ ବୃତ୍ତି ପ୍ରଦାନ, ଉଭୟ ସରକାରୀ ଓ ବେସରକାରୀ ନିଯୁକ୍ତି କ୍ଷେତ୍ରରେ ୨୭ପ୍ରତିଶତ ସଂରକ୍ଷଣ ବୃଦ୍ଧି, ଓବିସି ଫାଇନାନ୍ସ କର୍ପୋରେଶନ ମାଧ୍ୟମରେ ଋଣ ପ୍ରଦାନ ଏବଂ ସାମାଜିକ, ଶିକ୍ଷାଗତ ପଛୁଆବର୍ଗଙ୍କୁ(ଏସ୍ଇବିସି)ଙ୍କୁ ଓବିସି ବର୍ଗରେ ସାମିଲ କରିବା କ୍ଷେତ୍ରରେ ପଦକ୍ଷେପ ନେବାକୁ ଭାଜପା ପକ୍ଷରୁ ଦାବି କରାଯାଇଛି। ଏହି ଦାବି ନେଇ ଭାଜପାର ଏକ ପ୍ରତିନିଧି ଦଳ ଶନିବାର ରାଜ୍ୟପାଳଙ୍କୁ ଭେଟି ୫ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରିଛନ୍ତି। ଭାଜପା କରିଥିବା ଦାବି ହେଲା, କେନ୍ଦ୍ର ସରକାର ଦେଉଥିବା ବୃତ୍ତି ବାବଦ ରାଶିରୁ ବହୁତ କମ ପରିମାଣର ଅର୍ଥ ପଛୁଆ ବର୍ଗ ଛାତ୍ରୀଛାତ୍ରଙ୍କୁ ମିଳୁଛି। ଅନେକ ସମୟରେ ଏହାକୁ ମଧ୍ୟ ଦିଆଯାଉନାହିଁ, ଯଥାଶୀଘ୍ର ଏହି ଅନୁଦାନ ରାଜ୍ୟର ଛାତ୍ରୀଛାତ୍ରଙ୍କୁ ପ୍ରଦାନ କରାଯାଉ। ପିଲାମାନେ କେନ୍ଦ୍ର ନିକଟରେ ଆବେଦନ କଲାବେଳେ ରାଜ୍ୟରେ ଥିବା ଏସ୍ଇବିସି ସାର୍ଟିଫିକେଟ ଗ୍ରହଣୀୟ ହେଉନାହିଁ। ଏସ୍ଇବିସି ସାର୍ଟିଫିକେଟକୁ ଓବିସି ମାନ୍ୟତା ଦିଆଯାଇ ଏହାକୁ ଗ୍ରହଣ କରାଯାଉ। ଓବିସି ଅର୍ଥ ନିଗମକୁ ଋଣ ଅନୁଦାନ ଦିଆଯାଉ ବୋଲି ସେମାନେ ଦାବି କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ପରିଚାଳିତ କେନ୍ଦ୍ର ସରକାର ୨ ବର୍ଷ ତଳୁ ନ୍ୟାଶ୍ନାଲ କମିଶନ ଫର ବ୍ୟାକ୍ୱାର୍ଡକ୍ଲାସେସ୍କୁପରିବର୍ତ୍ତନକରିନ୍ୟାଶନାଲକମିଶନ ଫର ସୋସିଆଲି ଆଣ୍ଡ ଏଜୁକେସନାଲି ବ୍ୟାକୱାର୍ଡ କ୍ଲାସେସ୍ କରିଛନ୍ତି। ଏହି କମିଶନ ସାମ୍ବିଧାନିକ ମାନ୍ୟତା ପ୍ରାପ୍ତ ହୋଇଥିବା ଯୋଗୁ ପଛୁଆ ବର୍ଗର ଲୋକଙ୍କୁ ନ୍ୟାୟ ଦେବାରେ ସହାୟକ ହୋଇଛି । ଅନ୍ୟପଟେ ରାଜ୍ୟର ଅର୍ଦ୍ଧାଧିକ ଜନସଂଖ୍ୟା ପଛୁଆ ବର୍ଗରୁ ଆସିଥିବା ସତ୍ତ୍ୱେ ରାଜ୍ୟ ସରକାର ଦୀର୍ଘବର୍ଷ ହେଲା ଓବିସି କମିଶନ ନିଯୁକ୍ତ କରିନାହାନ୍ତି। ଏହା ପଛୁଆବର୍ଗଙ୍କ ପ୍ରତି ରାଜ୍ୟ ସରକାରଙ୍କ ଉଦାସୀନତା। ଆର୍ଥିକ ସ୍ତରରେ ଥିବା ପଛୁଆ ବର୍ଗର ଲୋକଙ୍କୁ କିଭଳି ନିଜସ୍ୱ ବ୍ୟବସାୟୀ ଆରମ୍ଭ କରି ନିଜ ଗୋଡରେ ନିଜେ ଠିଆ ହୋଇପାରିବେ ସେଥିପାଇଁ ଓବିସି ଅର୍ଥ କମିଶନକୁ ରାଜ୍ୟରେ ଲାଗୁ କରାଯାଉ ବୋଲି ଏହି ପ୍ରତିନିଧି ଦଳ ଦାବି କରିଛି। ରାଜ୍ୟ ଓବିସି କମିଶନ ଯଦି ତୁରନ୍ତ ଗଠନ କରା ନ ଯାଏ, ତା'ହେଲେ ଭାଜପା ଆନ୍ଦୋଳନକୁ ଓହ୍ଲାଇବ ବୋଲି କହିଛି।



୫ ଦଫା ଦାବି ନେଇ ରାଜ୍ୟପାଳଙ୍କୁ ଭାଜପା ପ୍ରତିନିଧି ଦଳର ଦାବିପତ୍ର ପ୍ରଦାନ।

### ଆତଙ୍କବାଦୀଙ୍କ ଟାର୍ଗେଟରେ ଶ୍ରୀମନ୍ଦିର

# ମୁକୁଳା ପଡ଼ିଛି ସମୁଦ୍ର ତଟ



ଶ୍ରୀମନ୍ଦିର ଚତୁଃପାର୍ଶ୍ୱରେ ଡଗ୍ ସ୍କାଡ୍ ଏବଂ ବୋମା ନିଷ୍କ୍ରିୟ ଟିମ୍ ପକ୍ଷରୁ ଯାଞ୍ଚ ଚାଲିଛି।

- ୪ ସାମୁଦ୍ରିକ ଥାନାରେ କର୍ମଚାରୀ ଅଭାବ
- ଅଗଷ୍ଟ ୧୫ରେ ଆକ୍ରମଣ ଯୋଜନା
- ସଜାଗ ରହିବାକୁ ଗୋଇନ୍ଦା ବିଭାଗର ପରାମର୍ଶ
- ଶତାଧିକ ହୋଟେଲ, ବଡ଼ଦାଣ୍ଡରେ ଯାଞ୍ଚ

ପୁରୀ ଅଫିସ, ୩।୮

ଦେଶର ଅନ୍ୟତମ ପ୍ରମୁଖ ତୀର୍ଥସ୍ଥଳ ହେଉଛି ଶ୍ରୀକ୍ଷେତ୍ର। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ କରିବା ସହ ସମୁଦ୍ର ସ୍ନାନ ଓ ବେଳାଭୂମି ବୁଲିବା ଲାଗି ଏଠାକୁ ଦୈନିକ ଲକ୍ଷାଧିକ ଭକ୍ତ ଏବଂ ପର୍ଯ୍ୟଟକ ଦେଶ ବିଦେଶରୁ ଛୁଟି ଆସନ୍ତି। ଏଥିପାଇଁ ବିଭିନ୍ନ ସମୟରେ ପୁରୀ ଆତଙ୍କବାଦୀଙ୍କ ଟାର୍ଗେଟରେ ରହିଥିବା ନେଇ ଗୋଇନ୍ଦା ରିପୋର୍ଟ ପ୍ରକାଶ ପାଇଛି। ଆସନ୍ତା ସ୍ୱାଧୀନତା ଦିବସ ଅର୍ଥାତ ଅଗଷ୍ଟ ୧୫ ତାରିଖରେ ଦେଶର ବିଭିନ୍ନ ସ୍ଥାନରେ ଆକ୍ରମଣର ଯୋଜନା ରଖିଛି ଆତଙ୍କବାଦୀ ସଙ୍ଗଠନ ଲସ୍କର- ଇ- ତୋଇବା। ଏଥିମଧ୍ୟରେ ପୁରୀ ଶ୍ରୀମନ୍ଦିର ରହିଛି ବୋଲି ସୂଚନା ପାଇଛି ଭାରତୀୟ ଗୋଇନ୍ଦା ବିଭାଗ (ଆଇଆଇବି)। ତେଣୁ ସଜାଗ ଓ ସତର୍କ ରହିବାକୁ ଓଡ଼ିଶା ପୋଲିସକୁ ପରାମର୍ଶ ଦେଇଛି। ଏହାପରେ ଓଡ଼ିଶା ପୋଲିସ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଶନିବାର ପୋଲିସ ଓ ଗୋଇନ୍ଦା ବିଭାଗ ପକ୍ଷରୁ ପୁରୀ ସହରସ୍ଥ ଶତାଧିକ ହୋଟେଲରେ ଯାଞ୍ଚ କରାଯାଇଛି। ହୋଟେଲରେ ରହୁଥିବା ପର୍ଯ୍ୟଟକଙ୍କ ସଂଖ୍ୟା ଓ ଠିକଣା ଆଦି ବିଭିନ୍ନ ତଥ୍ୟ ସଂଗ୍ରହ ହୋଇଛି। ସେହିପରି ବଡ଼ଦାଣ୍ଡରେ ଡଗ୍ ସ୍କାଡ୍ ଏବଂ ବୋମା ନିଷ୍କ୍ରିୟକାରୀ ଟିମ୍ ପକ୍ଷରୁ ଯାଞ୍ଚ କରାଯାଇଛି। ଏହି ଯାଞ୍ଚ ତଥା ତଲାସି ଅଭିଯାନ ଜାରି ରହିବ ବୋଲି ଜଣାପଡ଼ିଛି। ଅନ୍ୟପଟେ ପୁରୀ ସମୁଦ୍ର ତଟବର୍ତ୍ତୀ ଅଞ୍ଚଳ ମୁକୁଳା ପଡ଼ିଛି। ଜିଲାର ୪ଟି ସାମୁଦ୍ରିକ ଥାନାରେ କର୍ମଚାରୀ ଅଭାବ ସାଙ୍ଗକୁ ଆବଶ୍ୟକ ଭିତ୍ତିଭୂମି ନାହିଁ। ତେଣୁ ପୁରୀ ପୋଲିସ ଓ ପ୍ରଶାସନର ଚିନ୍ତା ବଢିଛି।

ଗୋଇନ୍ଦା ରିପୋର୍ଟରେ ଦର୍ଶାଯାଇଛି, ଲସ୍କର-ଇ-ତୋଇବା ଆତଙ୍କବାଦୀ ସଙ୍ଗଠନର ୮ଜଣ ସଦସ୍ୟ ଦୁଇଟି ଟିମ୍ରେ ଭାରତରେ ପ୍ରବେଶ କରିଛନ୍ତି। ଅଗଷ୍ଟ ୧୫ରେ ଦେଶର ପୁରୀ ସମେତ ବିଭିନ୍ନ ସ୍ଥାନରେ ବିସ୍ଫୋରଣ ଘଟାଇବା ଲାଗି ସେମାନେ ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରିଛନ୍ତି। ଏହି ଆଧାରରେ ଭାରତ ସରକାର ସମସ୍ତ ରାଜ୍ୟ ସରକାରଙ୍କ ଗୃହ ବିଭାଗକୁ ନୋଟିସ କରିଥିବା ଜଣାପଡ଼ିଛି। ଗତ ୩୧ତାରିଖରେ ଗୋଇନ୍ଦା ରିପୋର୍ଟ ପରେ ରାଜ୍ୟ ପୋଲିସ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ସୂଚନାଯୋଗ୍ୟ, ପୂର୍ବରୁ ଶ୍ରୀମନ୍ଦିର ସୁରକ୍ଷା ଉପରେ ଅଧିକ ଗୁରୁତ୍ୱ ଦେବାକୁ ଜିଲା ପ୍ରଶାସନ ଏବଂ ଶ୍ରୀମନ୍ଦିର ପ୍ରଶାସନକୁ କହିଥିଲା ନ୍ୟାଶନାଲ ସିକ୍ୟୁରିଟି ଗାର୍ଡସ୍ (ଏନ୍ଏସ୍ଜି)। ଏହାସତ୍ତ୍ୱେ ସରକାରଙ୍କ ପକ୍ଷରୁ କୌଣସି ଦୃଢ ପଦକ୍ଷେପ ଗ୍ରହଣ କରାଯାଇ ନ ଥିବା ସାଧାରଣରେ ଅଭିଯୋଗ ହେଉଛି।

ଅନ୍ୟପଟେ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟଠାରୁ ଷ୍ଟଲିନ ପର୍ଯ୍ୟନ୍ତ ୮କିମି ବ୍ୟାପ୍ତ ସମୁଦ୍ର ତଟବର୍ତ୍ତୀ ଅଞ୍ଚଳ ମୁକୁଳା ପଡ଼ିଛି। ପୁରୀ ଜିଲାର ପେଣ୍ଟକଟା, ଚନ୍ଦ୍ରଭାଗା, ଅରଖକୁଦା ଏବଂ ଅସ୍ତରଙ୍ଗରେ ଥିବା ସାମୁଦ୍ରିକ ଥାନାରେ କର୍ମଚାରୀ ଅଭାବ ସାଙ୍ଗକୁ ଅତ୍ୟାଧୁନିକ ବ୍ୟବସ୍ଥା ନାହିଁ। ଏଭଳି ସ୍ଥିତିରେ ଯଦି ସମୁଦ୍ରତଟ ଦେଇ ଆତଙ୍କବାଦୀ ପୁରୀରେ ପ୍ରବେଶ କରନ୍ତି ତେବେ ମୁକାବିଲା କରିବା ପୋଲିସ ପାଇଁ କଷ୍ଟକର ହୋଇପଡ଼ିବ।

ଏ ସମ୍ପର୍କରେ ପୁରୀ ଏସ୍ପି ଡା. ଉମାଶଙ୍କର ଦାଶଙ୍କୁ ପଚାରିବାରୁ କହିଛନ୍ତି, ଶ୍ରୀକ୍ଷେତ୍ରରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି। ରାତ୍ର ପାଟ୍ରୋଲିଂ, ପ୍ରବେଶ ପଥରେ ଯାନବାହନ ଯାଞ୍ଚ ଚାଲିଛି। ସମସ୍ତ ଥାନା ଅଧିକାରୀଙ୍କୁ ମଧ୍ୟ ଆଲର୍ଟ କରାଯାଇଛି।ଶ୍ରୀମନ୍ଦିର ଭିତର ଓ ବାହାର ଏବଂ ସହରର ଜନଗହଳି ଅଞ୍ଚଳରେ ସିସିଟିଭି ବ୍ୟବସ୍ଥା ରହିଛି। ଏହାକୁ ଯାଞ୍ଚ କରାଯାଉଛି। ଶ୍ରୀମନ୍ଦିର ସୁରକ୍ଷା ପ୍ରତି ବିଶେଷ ଗୁରୁତ୍ୱ ଦିଆଯାଇଛି।

# ରାଜଧାନୀରେ ଏନ୍କାଉଣ୍ଟର







ଏନ୍କାଉଣ୍ଟରରେ ଆହତ ଦୁଇ ଅଭିଯୁକ୍ତ ଅରୁଣ ଓ ବିବେକାନନ୍ଦ । ଜବତ ବନ୍ଧୁକ ।

- ପୋଲିସ ଗୁଳିରେ ଅଭିଯୁକ୍ତ ପୋଡ଼ା, ବିବେକ ଆହତ
- ଏସ୍ସିବି ମେଡିକାଲରେ ଭର୍ତ୍ତି
- ୩ଦିନିଆ ରିମାଣ୍ଡରେ ଆଣିବାକୁ ହେବ ଆବେଦନ

ଭୁବନେଶ୍ୱର, ୩।୮ (ବ୍ୟୁରୋ)/
ବାଲିଅନ୍ତା, (ଡି.ଏନ୍.ଏ.)

ବାଲିଅନ୍ତା ଥାନା ଅନ୍ତର୍ଗତ ବାଲିଅନ୍ତା-ବାଲକାଟୀ ରାସ୍ତାର ଟଙ୍କପାଣି କୁଆଖାଇ ସେତୁ ନିକଟରେ ଡକାୟତି ଯୋଜନାବେଳେ କମିଶନରେଟ ପୋଲିସ ଏନ୍କାଉଣ୍ଟର କରିଛି। ଶନିବାର ଭୋର୍ ସମୟରେ ଘଟିଛି ଏହି ଘଟଣା। ପୋଲିସ ଗୁଳିରେ ଦୁଇଜଣ ଆହତ ହୋଇଥିବାବେଳେ ଆଉ ଦୁଇଜଣ ଘଟଣାସ୍ଥଳରୁ ଖସି ଯାଇଛନ୍ତି। ଆହତମାନେ ହେଲେ ବାଲେଶ୍ୱର ଜିଲା ସୋର ଥାନା ପଥରପେଣ୍ଡର ପୋଡ଼ା ଓରଫ ଅରୁଣ ମଲ୍ଲିକ (୪୨) ଓ କଟକ ଜିଲା ଆଠଗଡ଼ ଅରଖପାଟଣା ଅଞ୍ଚଳର ବିବେକ ଓରଫ ବିବେକାନନ୍ଦ ନାୟକ(୨୨)। ଅରୁଣଙ୍କ ବାମ ଗୋଡ଼ ଓ ବିବେକଙ୍କ ଜଙ୍ଘରେ ଗୁଳି ବାଜିଛି। ପୋଲିସ ପ୍ରଥମେ ସେମାନଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଥିଲା। ପରେ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଅନ୍ୟପକ୍ଷରେ ପୋଲିସ ଘଟଣାସ୍ଥଳରୁ ଏକ କାର, ଗୋଟିଏ ବନ୍ଧୁକ ଓ ଗୋଟିଏ ଗୁଳି ଜବତ କରିଛି। ସକାଳୁ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ଏନ୍କାଉଣ୍ଟର ସ୍ଥାନକୁ ଚିହ୍ନଟ କରିବା ସହ ବିଭିନ୍ନ ନମୁନା ସଂଗ୍ରହ କରିଛି।

ଗତ ୩୦ ତାରିଖରେ ମଞ୍ଚେଶ୍ୱର ଥାନାଞ୍ଚଳରେ ଲଗାତାର ୪ଟି ବଡ଼ ଲୁଟ୍ ଓ ଡକାୟତି ହୋଇଥିଲା। ଏଥିରେ ସମ୍ପୃକ୍ତ ଅଭିଯୁକ୍ତମାନଙ୍କୁ ଧରିବାକୁ ପୋଲିସ ବିଭିନ୍ନ ମାମଲାରେ ସମ୍ପୃକ୍ତ ଥିବା ଅପରାଧୀଙ୍କ ଫୋନ୍ ନମ୍ବରକୁ ଟ୍ରାକ୍ କରିଥିଲା। ଶନିବାର ରାତିରେ ଟଙ୍କପାଣି ସେତୁ ନିକଟ ଅନ୍ଧାରୁଆ ସ୍ଥାନରେ ଏକ କାରରେ ୪ଜଣ ବ୍ୟକ୍ତି କୌଣସି ଅପରାଧ ପାଇଁ ଯୋଜନା କରୁଥିଲେ। ହେଲେ ଉକ୍ତ ରାତିରେ ପୋଲିସର ବ୍ଲକିଂ ଓ ଚେକିଂ ଚାଲୁଥିବାରୁ ସମ୍ଭବ ହୋଇ ନ ଥିଲା। ଏପରିକି ସହରରୁ ବାହାରିବା ସମ୍ଭବ ନ ଥିବାରୁ ସକାଳ ପର୍ଯ୍ୟନ୍ତ ଅପେକ୍ଷା କରିଥିଲେ। ସେତେବେଳକୁ ସେମାନଙ୍କ ଉପରେ ସ୍ପେଶାଲ ସ୍କ୍ୱାଡ୍ର ନଜର ପଡ଼ି ସାରିଥିଲା। ଭୋର୍ ପ୍ରାୟ ୪ଟା ସମୟରେ ସ୍ପେଶାଲ ସ୍କ୍ୱାଡ୍ ଟିମ୍ ଟଙ୍କପାଣି ସେତୁ ନିକଟ ରଙ୍ଗବଜାରଠାରେ ଉକ୍ତ କାରକୁ ଠାବ କରି ଚଢ଼ାଉ କରିଥିଲେ। ଚଢ଼ାଉରେ ସ୍ପେଶାଲ ଟିମ୍ ସହ ୪ ଥାନା ଅଧିକାରୀ ଓ ୩ ଏସିପି ସାମିଲ ଥିଲେ। ପୋଲିସକୁ ଦେଖି ଜଣେ ଅଭିଯୁକ୍ତ ପ୍ରଥମେ ଦୁଇ ରାଉଣ୍ଡ୍ ଗୁଳି ଚଳାଇଥିଲେ। ଜବାବ ଦେବାକୁ ଯାଇ ପୋଲିସ ପାଲଟା ଗୁଳି କରିବାରୁ ପୋଡ଼ା ଓ ବିବେକଙ୍କ ଗୋଡ଼ରେ ବାଜିଥିଲା।

ଅନ୍ୟପକ୍ଷରେ ଆହତ ଦୁଇଜଣ ଏବେ କଟକ ବଡ଼ ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ସ୍ୱାସ୍ଥ୍ୟ ଅବସ୍ଥା ଠିକ୍ ହେବା ପରେ ପୋଲିସ ସେମାନଙ୍କୁ ଗିରଫ କରି କୋର୍ଟ ଚାଲାଣ କରିବ। ଏହାସହ ୩ଦିନିଆ ରିମାଣ୍ଡରେ ଆଣିବା ପାଇଁ କୋର୍ଟରେ ଆବେଦନ କରିବ। ପଚରାଉଚରା ପରେ ଅପରାଧ ପେଡ଼ି ଖୋଲିବ ବୋଲି ଭୁବନେଶ୍ୱର ଡିସିପି ଅନୁପ କୁମାର ସାହୁ ସୂଚନା ଦେଇଛନ୍ତି।



## ଜିଲା ଚିଠି
## ଗଞ୍ଜାମ

# ବର୍ଜ୍ୟବସ୍ତୁ ପରିଚାଳନା

ଜିଲାର ସମସ୍ତ ସହରାଞ୍ଚଳରେ ବର୍ଜ୍ୟବସ୍ତୁ ପରିଚାଳନା ଏବଂ ପରିବେଶକୁ ଲୁଣ୍ଠନ କରୁଥିବା ପଲିଥିନ ବ୍ୟବହାର ସମ୍ପୂର୍ଣ୍ଣ ନିଷେଧ କରାଯାଇଛି। ଜିଲା ପ୍ରଶାସନ ପକ୍ଷରୁ ଏହି ବ୍ୟବସ୍ଥାକୁ କଡ଼ାକଡ଼ି କରିବା ପାଇଁ ଗୁରୁତ୍ୱ ଦିଆଯାଇଛି। ଜିଲାରେ ବ୍ରହ୍ମପୁର ମହାନଗର ନିଗମ ଓ ହିଞ୍ଜିଳି ପୌର ସଂସ୍ଥା ସମେତ ଆଉ ୧୬ ଏନ୍ଏସି (ବିଜ୍ଞାପିତ ଅଞ୍ଚଳ ପରିଷଦ) ରହିଛି। ପରିମଳ ଓ ସୁସ୍ଥ ପରିବେଶ ପାଇଁ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମରେ କଠିନ ବର୍ଜ୍ୟବସ୍ତୁକୁ ଠିକଣା ଭାବେ କିଭଳି ପରିଚାଳନା କରାଯିବ, ସେଥିନିମନ୍ତେ ବିଭିନ୍ନ ସ୍ଥାନରେ ତୁହାକୁତୁହା ପ୍ରଶିକ୍ଷଣ ଶିବିର କରାଯାଇ କର୍ମଚାରୀ ଓ ଅଧିକାରୀଙ୍କୁ ତାଲିମ ଦିଆଯାଉଛି। ସହରାଞ୍ଚଳ ବାସିନ୍ଦାଙ୍କୁ ଏ ସଂକ୍ରାନ୍ତରେ ସଚେତନ କରାଇବାକୁ ପରାମର୍ଶ ଦିଆଯାଉଛି। ଜିଲାପାଳ ଓ ଅନ୍ୟ ଅଧିକାରୀମାନେ ଏହି କାର୍ଯ୍ୟକ୍ରମ ତଦାରଖ କରୁଛନ୍ତି। ଅଳିଆ ଓ ଆବର୍ଜନା ଏଣେତେଣେ ନ ଫିଙ୍ଗି ପ୍ରତି ଘରକୁ ଦୁଇଟି ଲେଖାଏଁ ଭିନ୍ନ ରଙ୍ଗର ଡଷ୍ଟବିନ ଦିଆଯିବାର ବ୍ୟବସ୍ଥା ହୋଇଛି। ଶୁଖିଲା ଏବଂ ଓଦା ବର୍ଜ୍ୟବସ୍ତୁ ସାଇତି ରଖିବା ପାଇଁ ପରାମର୍ଶ ଦିଆଯିବା ସହ ପୌରସଂସ୍ଥାର ଅଳିଆ ବୋଝେଇ ଗାଡ଼ି ସାହିକୁ ସାହି ଯାଇ ସେହି ଆବର୍ଜନା ସଂଗ୍ରହ କରିବାର ପଦକ୍ଷେପ ନିଆଯାଇଥିବା ପ୍ରଶିକ୍ଷଣ ଶିବିରରେ କୁହାଯାଉଛି। ସେସବୁକୁ ରାସାୟନିକ ପଦ୍ଧତିରେ ଚିହ୍ନଟ ଡମ୍ପିଂୟାଡରେ ପରିଚାଳନା କରି ଚାଷକାର୍ଯ୍ୟ ନିମନ୍ତେ ଖତ ପ୍ରସ୍ତୁତ କରାଯିବା ଓ ସୁଲଭ ଦରରେ ଚାଷୀଙ୍କୁ ବିକ୍ରି କରାଯିବାର ବ୍ୟବସ୍ଥା ହୋଇଥିବା ଶିବିରମାନଙ୍କରେ ସଚେତନ କରାଯାଉଛି। ତେଣୁ ଏହାର ସଫଳତା ନିମନ୍ତେ ସରକାରୀସ୍ତରରେ ତତ୍ପରତା ପ୍ରକାଶ ପାଇଛି। ଅନ୍ୟପକ୍ଷେ ଜିଲାର ବଡ଼ ସହର ବ୍ରହ୍ମପୁରରେ ପ୍ରତିଦିନ ୧୫୦ ଟନ ବର୍ଜ୍ୟବସ୍ତୁ ବିଭିନ୍ନ ବଜାର, ପରିବା ମାର୍କେଟ ଓ ଫାଷ୍ଟଫୁଡ ବିକ୍ରି ଅଞ୍ଚଳରୁ ବାହାରୁଛି। ସଫେଇ କର୍ମଚାରୀଙ୍କ ଦ୍ୱାରା ସଂଗୃହୀତ ଅଳିଆ ନିକଟସ୍ଥ ମହୁଡ଼ା ନେଇ ସେଠାରେ ରାସାୟନିକ ପଦ୍ଧତିରେ ପରିଚାଳନା କରିବା ପାଇଁ ବିଏମ୍ସି ପକ୍ଷରୁ ଯୋଜନା ପ୍ରସ୍ତୁତ ହୋଇଥିଲା। ସେଠାରେ ସଲିଡ୍ ୱେଷ୍ଟ ମ୍ୟାନେଜମେଣ୍ଟ ପ୍ଲାଣ୍ଟ ସ୍ଥାପନ ପାଇଁ ୨୦୧୩ ଅକ୍ଟୋବର ୩ରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଶିଳାନ୍ୟାସ କରାଯାଇଛି। ପ୍ରଶାସନ ପକ୍ଷରୁ ୩୨ ଏକର ଜମି ମଧ୍ୟ ଯୋଗାଇ ଦିଆଯାଇଛି। ପିପିପି ମୋଡରେ ଏହି ପ୍ଲାଣ୍ଟ କରାଯିବାର ନିଷ୍ପତ୍ତି ନିଆଯାଇ ଟେଣ୍ଡର ହେଲା। ନିର୍ମାଣକାରୀ ସଂସ୍ଥା ଖୋଜିବା ଲାଗି ଆଇଏଫ୍ସି (ଇଣ୍ଟରନ୍ୟାଶନାଲ ଫାଇନାନ୍ସ କର୍ପୋରେଶନ)କୁ ଦାୟିତ୍ୱ ଦିଆଗଲା। ଜଣେ ମହିଳା ଅଧିକାରୀ ମଧ୍ୟସ୍ଥ ସାଜିଲେ ଓ ମୋଟା ଅଙ୍କର ଅର୍ଥ ନେଲେ। ଗୁଜରାଟର ଏକ ଘରୋଇ ଉଦ୍ୟୋଗକୁ ଚୟନ କରାଯାଇଥିଲା। ମହାନଗର ନିଗମ (ବିଏମ୍ସି) ଓ ସେହି ଉଦ୍ୟୋଗ ମଧ୍ୟରେ ଚୁକ୍ତିନାମା ମଧ୍ୟ ସ୍ୱାକ୍ଷରିତ ହେଲା। ପ୍ରଥମେ ୭୦ କୋଟି ଟଙ୍କାର ବ୍ୟୟ ଅଟକଳ ହୋଇଥିଲା। ଧାର୍ଯ୍ୟ ସମୟରେ ପ୍ଲାଣ୍ଟ ନିର୍ମାଣ କରାଯିବାର ନିଷ୍ପତ୍ତି ହେଲା। ଚୁକ୍ତିନାମାର ଦେଢ଼ବର୍ଷ ପରେ ସେହି ସଂସ୍ଥା ପ୍ଲାଣ୍ଟ ନିର୍ମାଣରୁ ଓହରିଗଲା। ତେଣୁ ପ୍ରକଳ୍ପ ନିର୍ମାଣ ଅନିଶ୍ଚିତ ହୋଇଯାଇଥିଲା। ପରବର୍ତ୍ତୀ କାର୍ଯ୍ୟକ୍ରମରେ ପ୍ଲାଣ୍ଟ ନିର୍ମାଣ ପାଇଁ ମହାନଗର ନିଗମ ଅଣ୍ଟା ଭିଡ଼ିଛି। ବ୍ୟୟ ଅଟକଳ ପ୍ରାୟ ୪୫ କୋଟି ଟଙ୍କାକୁ କମାଇ ଦିଆଯାଇଛି। ରାଜ୍ୟ ନଗର ଉନ୍ନୟନ ବିଭାଗର ସହରାଞ୍ଚଳ ଭିତ୍ତିଭୂମି ବିକାଶ ପାଣ୍ଠିରୁ ଦୁଇବର୍ଷ ତଳୁ ବିଏମ୍ସି ୪୦ରୁ ଉର୍ଦ୍ଧ୍ୱ କୋଟି ଟଙ୍କା ଋଣ ଆକାରରେ ଆଣିଛି। ସେହି ଟଙ୍କା ବ୍ୟାଙ୍କରେ ଜମା ରହିଛି ଏବଂ ଋଣ ଟଙ୍କାର ସୁଧ ବଢୁଛି। ଶିଳାନ୍ୟାସର ସାଢ଼େ ୫ ବର୍ଷ ବିତିଛି ଏବଂ ପ୍ଲାଣ୍ଟ ନିର୍ମାଣ ପାଇଁ ଚିହ୍ନଟ ସ୍ଥାନରେ କେବଳ ପ୍ରାଚୀର ନିର୍ମାଣ କରାଯାଇଛି। ସଲିଡ ୱେଷ୍ଟ ମ୍ୟାନେଜମେଣ୍ଟ ପ୍ଲାଣ୍ଟ ନିର୍ମାଣ ହେବ କି ନାହିଁ ଏବେ ସନ୍ଦେହ ଘେରକୁ ଆସିଛି।

– ନରସିଂହ ସାହୁ

ପ୍ରଥମ ପୃଷ୍ଠାରୁ...

## ରାଜ୍ୟରେ ଆଉ...

ବିଜେଡି ସଭ୍ୟ ସୁବ୍ରତ ତରାଇ, ଅନନ୍ତ ନାରାୟଣ ଜେନା, ଭାଜପା ସଦସ୍ୟ ମଦନ ମୋହନ ଦତ୍ତ, ମୋହନ ମାଝି, କଂଗ୍ରେସ ସଭ୍ୟ ସୁରେଶ କୁମାର ରାଉତରାୟ ଏବଂ ତାରା ପ୍ରସାଦ ବାହିନୀପତି ପ୍ରମୁଖ ଅତିରିକ୍ତ ପ୍ରଶ୍ନରେ ପ୍ରତ୍ୟେକ ଜିଲାରେ ମୋବାଇଲ ଭ୍ୟାନ ଜରିଆରେ ବିଜ୍ଞାନ ଶିକ୍ଷା ଦେବା ଲାଗି ବ୍ୟବସ୍ଥା କରିବେ କି? ଓଡ଼ିଶାର ସବୁ ଜିଲାରେ ଇ-ଲାଇବ୍ରେରି ଖୋଲିବେ କି? ଚିଲିକାରେ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ଲାଗି ଏକ ପ୍ଲାନେଟାରିୟମ ନିର୍ମାଣ କରିବା ସହ ଭୁବନେଶ୍ୱର ପ୍ଲାନେଟାରିୟମକୁ ଅପ୍ଗ୍ରେଡ୍ କରିବା ପାଇଁ ବ୍ୟବସ୍ଥା ଅଛି କି ବୋଲି ପଚାରିଥିଲେ। ମନ୍ତ୍ରୀ କହିଥିଲେ ଯେ ସାତକୋଶିଆଠାରେ ଏକ ବାୟୋଡାଇଭର୍ସିଟି ପାର୍କ ନିର୍ମାଣ କରାଯିବ। ଏଥିଲାଗି ୯ କୋଟି ଟଙ୍କା ଦିଆଯାଇଛି।

ରାୟଗଡ଼ାଠାରେ ଏକ ଭ୍ରାମ୍ୟମାଣ ପ୍ଲାନେଟାରିୟମ ରହିଛି। ରାଜ୍ୟର ବିଭିନ୍ନ ସ୍ଥାନର ଛାତ୍ରୀଛାତ୍ରମାନଙ୍କୁ ବିଜ୍ଞାନ ବିଷୟରେ ସୂଚନା ଦେବା ଲାଗି ଦୁଇଟି ଭ୍ରାମ୍ୟମାଣ ପ୍ଲାନେଟାରିୟମ କାର୍ଯ୍ୟ କରୁଛି। ତେବେ ଏହାକୁ ଚଳାଇବା ଲାଗି ବିଶେଷଜ୍ଞଙ୍କ ଆବଶ୍ୟକତା ରହିଥିବାରୁ ସବୁ ଜିଲା ଲାଗି ଭ୍ରାମ୍ୟମାଣ ପ୍ଲାନେଟାରିୟମ କରିବା ସମ୍ଭବ ନୁହେଁ। ଭୁବନେଶ୍ୱରଠାରେ ଥିବା ପଠାଣି ସାମନ୍ତ ପ୍ଲାନେଟାରିୟମକୁ ଆହୁରି ଅଧିକ ବିକଶିତ କରିବା ଲାଗି ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। କେନ୍ଦୁଝରଠାରେ ୫ ଏକର ଜାଗାରେ ୭ କୋଟି ଟଙ୍କା ବ୍ୟୟରେ ନୂତନ ପ୍ଲାନେଟାରିୟମ ନିର୍ମାଣ ହେବ। ଏଥିପାଇଁ ମାଷ୍ଟରପ୍ଲାନ୍ ପ୍ରସ୍ତୁତ କରାଯାଉଛି। ଏହାର ନିର୍ମାଣ କାର୍ଯ୍ୟ ଖୁବ୍ଶୀଘ୍ର ଆରମ୍ଭ ହେବ। ଛାତ୍ରୀଛାତ୍ରଙ୍କୁ ବିଜ୍ଞାନ ସମ୍ବନ୍ଧୀୟ ଜ୍ଞାନ ଦେବା ଲାଗି ଟାଟା ଫାଉଣ୍ଡେଶନ ସହ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ପ୍ରତ୍ୟେକ ବର୍ଷ ୨୦ଜଣ ପିଲାଙ୍କୁ ଯୁବ ବୈଜ୍ଞାନିକ କାର୍ଯ୍ୟକ୍ରମ ଜରିଆରେ ଇସ୍ରୋର ଅହମ୍ମଦାବାଦ ସେଣ୍ଟର ଏବଂ ଶ୍ରୀହରିକୋଟାକୁ ପଠାଯାଉଛି ବୋଲି ମନ୍ତ୍ରୀ କହିଥିଲେ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରଣାଧୀନ ରହିବାରୁ ଆଶ୍ୱସ୍ତି ଲାଭ । ଉନ୍ନତ ଚିନ୍ତା, ନିରଳସ ଉଦ୍ୟମ, ଆନ୍ତରିକତାପୂର୍ଣ୍ଣ କାର୍ଯ୍ୟ ଓ ମନ ବୁଝିଲା ଭଳି କଥା କହି ପ୍ରଶଂସିତ ହେବେ । ଶିକ୍ଷାକ୍ଷେତ୍ରରେ ସୁନାମ, ପିଲାଙ୍କ ସଫଳତା, ପ୍ରେମ ସମ୍ପର୍କ, ଉନ୍ନତମାନର ଆଲୋଚନା, ଶିଳ୍ପ, ବ୍ୟବସାୟ, ପରିବହନ ଓ ରାଜନୀତିରେ ଆଶା ପୂରଣହେବ ।

**ବୃଷ** ଯାତ୍ରା, ବାଣିଜ୍ୟ, ପ୍ରତିଦ୍ୱନ୍ଦ୍ୱିତା, ଅଦାଲତ ସମ୍ବନ୍ଧୀୟ କାର୍ଯ୍ୟ, ସ୍ତ୍ରୀ ସମ୍ପର୍କ କ୍ଷେତ୍ରରେ ଉଚ୍ଚମାନର ସୁଫଳ । ପଡ଼ୋଶୀଙ୍କ କଥାରେ ମୁଣ୍ଡ ପୂରାଇ ସମାଲୋଚିତ ହୋଇପାରନ୍ତି । ଘର ତିଆରି, ଯାନବାହନ, ଦୋକାନର ଉନ୍ନତି ଓ ସଭାସମିତିରୁ ଉପକୃତ ହେବେ । ଟେନ୍ସନ କିଛି ମାତ୍ରାରେ ଲାଗିରହିବ । ଖଳପ୍ରକୃତିର ଲୋକ ବିରୁଦ୍ଧାଚରଣ କରିପାରନ୍ତି ।

**ମିଥୁନ** ଜମିଜମା, ପୁରୁଣା ଗାଡ଼ି ଓ ଯାନ୍ତ୍ରିକ ଦ୍ରବ୍ୟ କିଣାବିକା ସକାଶେ ମନ ବଳାଇବେ । ଭାଇ କିମ୍ବା ପଡ଼ୋଶୀଙ୍କ ସହ ସମସ୍ୟା ସୃଷ୍ଟି ହୋଇପାରେ । ସଂଘର୍ଷମୟ ପରିସ୍ଥିତିର ସାମ୍ନା କରିପାରନ୍ତି । ପରିବାର କିମ୍ବା ବନ୍ଧୁମାନଙ୍କ ମଧ୍ୟରେ ଆଲୋଚନା ଅସମାପ୍ତ ରହିବା ସହ ଆଗାମୀ ମାଙ୍ଗଳିକ କାମ ପାଇଁ ଆଲୋଚନା କରିପାରନ୍ତି ।

**କର୍କଟ** କର୍ମକ୍ଷେତ୍ରରେ ଆପଣଙ୍କ ସମ୍ମୁଖରେ କିଛି ସିନା କହିବେ ନାହିଁ, କିନ୍ତୁ ପଛରେ ସମାଲୋଚନା କରିପାରନ୍ତି । ଟଙ୍କା ପଇସା ଦିଆନିଆ କ୍ଷେତ୍ରରେ ସତର୍କ ରହନ୍ତୁ ନଚେତ୍ କ୍ଷତିରେ ପଡ଼ିବେ । କାର୍ଯ୍ୟବ୍ୟସ୍ତତା ଯୋଗୁ ଖାଦ୍ୟପେୟ ଠିକ୍ ନ ରହିବାରୁ ସ୍ୱାସ୍ଥ୍ୟହାନିର କାରଣ ହୋଇପାରେ । କଚେରି ମାମଲା ମନ୍ଥର ହେବା କାରଣରୁ ଚିନ୍ତା କରିପାରନ୍ତି ।

**ସିଂହ** କର୍ମକ୍ଷେତ୍ରରେ ପାରିପାର୍ଶ୍ୱିକ ପରିସ୍ଥିତି କେତେକାଂଶରେ ଭଲ ରହିବ । ସାହିତ୍ୟ,ସାମ୍ବାଦିକତା,ବ୍ୟବସାୟ,ବାଣିଜ୍ୟ, ଜମିଜମା କାରବାର, ନିର୍ମାଣ, ପରିବହନରୁ ଲାଭ ପାଇବେ । ପର ଉପରେ ନିର୍ଭରକରିବାରୁ କେତେକ ବ୍ୟତିକ୍ରମ ଦେଖାଦେଇପାରେ । ମନ ମଧ୍ୟରେ ଦୁଃଖ ଭରି ରହିଥିଲେ ମଧ୍ୟ ଦାୟିତ୍ୱ ନେଇଥିବା କାମରେ ଆଦୌ ହେଳା କରିପାରିବେ ନାହିଁ ।

**କନ୍ୟା** ଆପଣ ଯାହା କରିବାକୁ ମନସ୍ଥ କରିଥିଲେ ବାସ୍ତବ କ୍ଷେତ୍ରରେ ତାହାର ଓଲଟା ଫଳ ମିଳିବ । ଉପରିସ୍ଥଙ୍କ ବିରକ୍ତିଭାବରୁ କଡ଼ା ଭାଷା ଶୁଣିବାକୁ ପଡ଼ିପାରେ । କୌଣସି ଏକ ଭିନ୍ନ ପରିବେଶରେ ଶତ୍ରୁତା କରୁଥିବା ଲୋକମାନେ ମଧ୍ୟ ମିତ୍ର ହେବାକୁ ଚେଷ୍ଟିତ ହେବେ । ସାମ୍ବାଦିକତା,ପ୍ରଶାସନ,ଆଇନ, ପ୍ରକାଶନ କ୍ଷେତ୍ରରେ ସଫଳତା ପାଇବେ ।

**ତୁଳା** ସମସ୍ୟା ସମାଧାନ କରିବା କ୍ଷେତ୍ରରେ ଟେନ୍ସନ ଲାଗି ରହିବ । ଦୀର୍ଘ ସମୟ ପରେ କାମଗୁଡ଼ିକ ସୁରୁଖୁରୁରେ ହୋଇଯିବ, ଭ୍ରାତୃ ସମ୍ପର୍କ ଭଲ ରହି ନ ପାରେ । କଳା,କ୍ରୀଡ଼ା, ସାହିତ୍ୟ ଚର୍ଚ୍ଚା, ସଭାସମିତି ଓ ସାମ୍ବାଦିକତାରେ ପ୍ରଶଂସିତ ହେବେ । ଗବେଷଣା, ଅନୁସନ୍ଧାନ, କୃଷି, ବାଣିଜ୍ୟ ଓ ରାଜନୀତିରେ ଚେଷ୍ଟା ସଫଳ ହେବ ।

**ବିଛା** ଅଭିଳାଷ ପୂରଣ ଲକ୍ଷ୍ୟରେ ସୁନ୍ଦର କଥା ମାଧ୍ୟମରେ ବନ୍ଧୁଙ୍କୁ ଆପଣାର କରିପାରିବେ । ପ୍ରକୃତ ଘଟଣା ନ ବୁଝି ପଡ଼ୋଶୀ କ୍ରୋଧ ପ୍ରକାଶ କରିପାରନ୍ତି । ବାଣିଜ୍ୟ,ବ୍ୟବସାୟ, ପରିବହନ ପାଇଁ ବିଶେଷ ଅସୁବିଧା ହେବ ନାହିଁ । ଅତି ନିକଟରେ ରହୁଥିବା ଲୋକଟିର କାର୍ଯ୍ୟକାଳାପ ସନ୍ଦେହଜନକ ହୋଇପାରେ ।

**ଧନୁ** ସ୍ୱାସ୍ଥ୍ୟ ସମସ୍ୟା ସୁଧୁରିଯିବ, କିନ୍ତୁ ମାନସିକ ଅଶାନ୍ତି ଲାଗି ରହିବ । ଆପଣ ମନେ ମନେ ଯାହା ଭାବୁଛନ୍ତି ତାହା ବନ୍ଧୁଙ୍କ ଆଗରେ ଖୋଲାଖୋଲି ପ୍ରକାଶ କରି ପାରିଲେ ହିଁ ଭଲ ହେବ । ଶାରୀରିକ ଅବସ୍ଥାରେ ଉନ୍ନତି ଘଟିବା ଆଶା ରହିଛି । ସଭାସମିତିରେ କିମ୍ବା କର୍ମକ୍ଷେତ୍ରରେ ସମ୍ମାନନୀୟ ବ୍ୟକ୍ତିବିଶେଷ ସହାୟତା କରିପାରନ୍ତି ।

**ମକର** କର୍ମକ୍ଷେତ୍ରରେ ଅନ୍ୟମାନଙ୍କ ମତକୁ ସମ୍ମାନଦେଇ ପ୍ରଶଂସିତ ହେବେ । ବନ୍ଧୁ କିମ୍ବା ଗୁରୁଜନଙ୍କ ପରାମର୍ଶ କ୍ରମେ ଆପୋସ ମିଳାମିଶାରୁ ପାରିବାରିକ ସମସ୍ୟାର ସମାଧାନ ଘଟିବ । ଅସାବଧାନତା କାରଣରୁ ଧନହାନି ଓ ପୂର୍ବ ଶତ୍ରୁତାରୁ କଳହକୁ ଏଡ଼ିହେବ ନାହିଁ । ପ୍ରତିଯୋଗିତାରେ ସଫଳତା ଅବଶ୍ୟ ପାଇପାରନ୍ତି ।

**କୁମ୍ଭ** ଯେଉଁଠି ଯାହା କହିବେ ଠିକ୍ ଭାବେ କାର୍ଯ୍ୟକାରୀ ହେବା ବଦଳରେ କଷ୍ଟକର ହୋଇପାରେ । ନୀଚ ସଂସର୍ଗରୁ ଦୂରେଇ ରୁହନ୍ତୁ । ଆର୍ଥିକ ସ୍ଥିତି ସୁଦୃଢ଼ ରହିବ,କିନ୍ତୁ ଋଣ ପରିଶୋଧ କରିବାରେ ପଛେଇଯିବେ । ପ୍ରେସ୍, ପବ୍ଲିକେଶନ, ଜମିଜମା କାରବାର, ନିର୍ମାଣ, ବ୍ୟବସାୟରେ ଆଶାନୁଯାୟୀ ସୁଫଳ ପାଇବେ ।

**ମୀନ** ସକାଳୁ କର୍ମପନ୍ଥା ସ୍ଥିର କରି ନିଜକୁ ପ୍ରସ୍ତୁତ କରିନେଇପାରନ୍ତି । ବ୍ୟାଙ୍କରୁ ଋଣ କରିବା ପାଇଁ ଯୋଜନା କରିବାକୁ ମନସ୍ଥ କରିବେ । ବହୁଦିନରୁ କ୍ଷତିରେ ଚାଲୁଥିବା ବ୍ୟବସାୟ କ୍ଷେତ୍ରରେ କ୍ରମଶଃ ସ୍ଥିରତା ଫେରିପାଇବେ । କୌଣସି ନିକଟ ସମ୍ପର୍କୀୟଙ୍କ ସହ ସମ୍ପର୍କ ହାନି ଯୋଗୁ ଚିନ୍ତା ପ୍ରକଟ କରିପାରନ୍ତି ।

ଆଜି ଶ୍ରାବଣ ଶୁକ୍ଳ ଚତୁର୍ଥୀ ରବିବାର, ଅଗଷ୍ଟ ୪ ତାରିଖ, ବିଶ୍ୱ ବନ୍ଧୁତା ଦିବସ, ଓଡ଼ିଶାର ପ୍ରଥମ ମହିଳା ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀଙ୍କ ତିରୋଧାନ ଦିବସ, ରାଶି ନକ୍ଷତ୍ର-ଉତ୍ତରାଫାଲ୍ଗୁନୀ/ସିଂହ। ଦିବା ଘ୧୦ ।୦୮ମି. ଗତେ, କନ୍ୟା ଚନ୍ଦ୍ର, ମେଷ ରାଶିର ଘାତବାର, ଚତୁର୍ଥୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ସକାଳ ଘ୬ ।୫୦ମି. ମଧ୍ୟେ ଘ୪ ।୫୪ମି. ଗତେ ଘ୬ ।୧୫ମି. ମଧ୍ୟେ ଅମୃତବେଳା। ଦିବା ଘ୮ ।୨୭ମି. ଗତେ, ଘ୧୦ ।୦୪ମି. ମଧ୍ୟେ ମାହେନ୍ଦ୍ରବେଳା।



ଫାଇନାଲ ରାଉଣ୍ଡକୁ ଯାଇଥିବା ସିନିୟର ଗ୍ରୁପ୍ ପ୍ରତିଯୋଗୀମାନଙ୍କ ସହ ଓଡ଼ିଶା ପୋଷ୍ଟ ତଥା ଧରିତ୍ରୀ ସମ୍ପାଦକ ତଥାଗତ ସତପଥୀ, ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ, କୁଇଜ୍ ମାଷ୍ଟର ଅଜୟ ପୁନିଆ।



ଓଡ଼ିଶା ପୋଷ୍ଟ ତଥା ଧରିତ୍ରୀ ସମ୍ପାଦକ ତଥାଗତ ସତପଥୀ, ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ, କୁଇଜ୍ ମାଷ୍ଟର ଅଜୟ ପୁନିଆଙ୍କ ଗହଣରେ ଫାଇନାଲ ରାଉଣ୍ଡକୁ ଉତ୍ତୀର୍ଣ୍ଣ ହୋଇଥିବା ଜୁନିୟର ଗ୍ରୁପ୍‌ର ପ୍ରତିଯୋଗୀ।

**ଫାଇନାଲକୁ ଗଲେ ୧୬ ଟିମ୍**

# ପ୍ରିଲିମ୍ସରେ ୮୦ ଶିକ୍ଷାନୁଷ୍ଠାନର ୮୮ ଟିମ୍

**ଭୁବନେଶ୍ୱର,୩।୮ (ବ୍ୟୁରୋ)**

ଦୈନିକ ଇଂଲିଶ ଖବରକାଗଜ 'ଓଡିଶା ପୋଷ୍ଟ' ପକ୍ଷରୁ ଶନିବାର ହୋଟେଲ ସ୍ୱସ୍ତି ପ୍ରିମିୟମ୍‌ଠାରେ ଆରମ୍ଭ ହୋଇଛି ରାଜ୍ୟସ୍ତରୀୟ କୁଇଜ୍ ପ୍ରତିଯୋଗିତା 'ମେଟଲ୍ ମିଟ୍-୨୦୧୯'। ଚଳିତବର୍ଷ ରାଜ୍ୟର ୮୦ ସ୍କୁଲ୍, କଲେଜ, ବୈଷୟିକ ଶିକ୍ଷାନୁଷ୍ଠାନ ଓ ବିଶ୍ୱବିଦ୍ୟାଳୟରୁ ୮୮ଟି ଟିମ୍ ଏହି ପ୍ରତିଯୋଗିତାରେ ଭାଗନେଇଥିଲେ। ଏହି ବାର୍ଷିକ କୁଇଜ୍ ପ୍ରତିଯୋଗିତାରେ ଉଭୟ ଜୁନିୟର୍ ଓ ସିନିୟର ବିଭାଗରେ ଶନିବାର ପ୍ରିଲିମ୍ସ ରାଉଣ୍ଡ ଅନୁଷ୍ଠିତ ହୋଇଥିଲା। ଜୁନିୟର୍ ବିଭାଗରେ ଏଥର ୪୨ ସ୍କୁଲ୍ ଓ ଜୁନିୟର୍ କଲେଜରୁ ୪୩ ଟିମ୍ ଅଂଶଗ୍ରହଣ କରିଥିଲେ। ସେହିଭଳି ସିନିୟର୍ ବିଭାଗରେ ୩୮ ମହାବିଦ୍ୟାଳୟ, ବିଶ୍ୱବିଦ୍ୟାଳୟ, ଇଞ୍ଜିନିୟରିଂ, ମେଡିକାଲ ଓ ମ୍ୟାନେଜମେଣ୍ଟ କଲେଜରୁ ୪୫ ଟିମ୍ ଏହି 'ବ୍ୟାଟଲ୍ ଅଫ୍ ବ୍ରେନ୍'ରେ ଭାଗ ନେଇଥିଲେ।

'ଓଡ଼ିଶା ପୋଷ୍ଟ' ଏବଂ 'ଧରିତ୍ରୀ'ର ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ ପ୍ରାରମ୍ଭିକ ଉଦ୍‌ବୋଧନ ଦେଇ କହିଥିଲେ, ଓଡ଼ିଶାରେ କୁଇଜିଂ କଲଚର୍‌କୁ ପ୍ରୋତ୍ସାହିତ କରିବା 'ମେଟଲ୍ ମିଟ୍'ର ମୁଖ୍ୟ ଉଦ୍ଦେଶ୍ୟ। ନାଚ, ଗୀତ, ମଡେଲିଂ ଭଳି ବହୁ ଗ୍ଲାମର୍ ଇଭେଣ୍ଟ ହେଉଥିଲେ ମଧ୍ୟ କୁଇଜିଂ ପାଇଁ ଏଠାରେ ଭଲ ପ୍ଲାଟଫର୍ମ ନ ଥିଲା। ଆମେ ସେହି ଖାଲିସ୍ଥାନକୁ ପୂରଣ କରିବାକୁ ୨୦୧୬ରେ ମେଟଲ୍ ମିଟ୍‌ର ଆରମ୍ଭ କରିଥିଲୁ। ଏହା ଧୀରେ ଧୀରେ ବ୍ୟାପକ ହୋଇଛି। କୁଇଜିଂରେ ଆଗ୍ରହ ରଖୁଥିବା ପିଲାମାନଙ୍କ ପାଇଁ ଏହା ଏକ ବଡ଼ ସୁଯୋଗ ଆଣିଦେଇଛି। ଆଗକୁ ଏହି ଯାତ୍ରା ଏମିତି ଜାରି ରହିବ। ମୁଁ ଚାହୁଁଛି ଭଲ ଟିମ୍ ଜିତୁ, କିନ୍ତୁ ସବୁ ପ୍ରତିଯୋଗୀ ଏକ ଭଲ ଅନୁଭୂତି ଓ ଅଭିଜ୍ଞତା ନେଇ ଏଠାରୁ ଯାଆନ୍ତୁ ବୋଲି ସତପଥୀ କହିଥିଲେ। 'ଓଡ଼ିଶା ପୋଷ୍ଟ' ଓ 'ଧରିତ୍ରୀ'ର ସମ୍ପାଦକ ତଥାଗତ ସତପଥୀ କହିଥିଲେ, ମେଟଲ୍ ମିଟ୍‌ର କୌଣସି ପ୍ରତିଯୋଗୀ ଲୁଜର ନୁହନ୍ତି। ସମସ୍ତଙ୍କ ପାଖରେ ପ୍ରତିଭା ରହିଛି ଓ ଏଠି ସମସ୍ତେ ୱିନର୍। କୁଇଜ୍‌ର ଏହି ମହାକୁମ୍ଭକୁ ଚଳିତବର୍ଷ ଲୋକପ୍ରିୟ କୁଇଜ୍‌ମାଷ୍ଟର ଅଜୟ ପୁନିଆ ହୋଷ୍ଟ କରିଥିଲେ। କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ଶୋଭନା ମିଶ୍ର।

## ଜୁନିୟରରେ ପୁଣି ମଦର୍ସ ଆଗରେ

ପ୍ରିଲିମ୍ସ ରାଉଣ୍ଡରେ ପ୍ରଥମେ ଜୁନିୟର ବିଭାଗର ଛାତ୍ରୀଛାତ୍ରଙ୍କୁ ନେଇ ପ୍ରତିଯୋଗିତା ହୋଇଥିଲା। ମୋଟ ୩୫ଟି ପ୍ରଶ୍ନ ରହିଥିଲା, ଯେଉଁଥିରେ ସାଧାରଣ ଜ୍ଞାନ ସହ ଅଡିଓ ଭିଜୁଆଲ ପ୍ରଶ୍ନ ଏବଂ ବର୍ତ୍ତମାନର ଘଟଣାକୁ ଆଧାର କରାଯାଇଥିଲା। ଜୁନିୟର ବିଭାଗରେ ଏଥର ମଧ୍ୟ ଭୁବନେଶ୍ୱରର ମଦର୍ସ ପବ୍ଲିକ୍ ସ୍କୁଲ୍ ସର୍ବାଧିକ ସ୍କୋର୍ କରି ଶୀର୍ଷରେ ରହିଥିବା ବେଳେ ଦ୍ୱିତୀୟରେ ୟୁନିଟ୍-୮ ଡିଏଭି ଏବଂ ୩ୟରେ ରାଉରକେଲା ସେଣ୍ଟ ପଲ୍ସ ସ୍କୁଲ୍ ରହିଛି। ଏଥର ଫାଇନାଲକୁ ଯାଇଥିବା ଜୁନିୟର୍ ଟିମ୍ ମଧ୍ୟରେ ଭୁବନେଶ୍ୱରର ସର୍ବାଧିକ ୬ଟି ଶିକ୍ଷାନୁଷ୍ଠାନ ରହିଛି।

## ସିନିୟରରେ ୩ ନୂଆ ଟିମ୍‌କୁ ଫିନାଲେ ଟିକେଟ୍

ସିନିୟର ବିଭାଗରେ ୪୫ ଟିମ୍ ମଧ୍ୟରୁ ୮ଟି ଫାଇନାଲକୁ ପ୍ରବେଶ କରିଥିବା ବେଳେ ଏଥର ୩ଟି ନୂଆ ଟିମ୍ ଏକ୍ସଆଇଏମ୍‌ବି, ନାଇଜର୍ ଏବଂ ଆଇଜିଆଇଟି ସରାଙ୍ଗକୁ ପ୍ରଥମଥର ପାଇଁ 'ମେଟଲ୍ ମିଟ୍' ଫିନାଲେ ଟିକେଟ୍ ମିଳିଛି। ୨୦୧୮ରେ କଡ଼ା ଟକ୍କର ଦେଇଥିଲେ ମଧ୍ୟ ଶ୍ରେଷ୍ଠ ୩ରେ ରହି ପାରି ନ ଥିବା ଏମ୍‌ସ ଭୁବନେଶ୍ୱର ଏଥର ପୁଣିଥରେ ଫର୍ମକୁ ଫେରିଛି। ସର୍ବାଧିକ ସ୍କୋର୍ ସହ ଏମ୍‌ସ ତାଲିକାର ଶୀର୍ଷରେ ରହିଥିବା ବେଳେ ଏହାତଳକୁ ଯଥାକ୍ରମେ ଏନ୍‌ଆଇଟି ରାଉରକେଲା ଏବଂ ଆଇଆଇଟି ଭୁବନେଶ୍ୱର ରହିଛନ୍ତି।

## ଆଜି ଗ୍ରାଣ୍ଡ୍ ଫିନାଲେ

ଉଭୟ ବିଭାଗର ୧୬ଟି ଟିମ୍ ରବିବାର ହୋଟେଲ ସ୍ୱସ୍ତି ପ୍ରିମିୟମ୍‌ଠାରେ ଆୟୋଜିତ ହେବାକୁଥିବା ଗ୍ରାଣ୍ଡ ଫିନାଲେରେ ଅଂଶଗ୍ରହଣ କରିବେ। ପୁରସ୍କାର ବାବଦରେ ମୋଟ ୩.୫ ଲକ୍ଷ ଟଙ୍କା ରହିଥିବା ବେଳେ ଉଭୟ ବିଭାଗର ବିଜେତାଙ୍କୁ ୧ଲକ୍ଷ, ପ୍ରଥମ ରନର୍ସଅପ୍‌କୁ ୫୦ ହଜାର ଏବଂ ୨ୟ ରନର୍ସଅପ୍‌କୁ ୨୫ ହଜାର ଟଙ୍କାର ଚେକ୍ ପ୍ରଦାନ କରାଯିବ। ଗ୍ରାଣ୍ଡ ଫିନାଲେର ଲାଇଭ୍ ସ୍କ୍ରିନିଂକୁ ଓଡ଼ିଶା ଲାଇଭ୍ ସହ ଓଡ଼ିଶା ପୋଷ୍ଟ, ମେଟଲ୍ ମିଟ୍‌ର ଫେସ୍‌ବୁକ୍ ପେଜ୍‌ରେ ଲୋକ ଘରେବସି ଦେଖିପାରିବେ। ଓଏମ୍‌ସି, ନାଲ୍‌କୋ ଏଥର 'ମେଟଲ୍ ମିଟ୍-୨୦୧୯'ର ସ୍ପନ୍‌ସର ଥିବାବେଳେ କୋ-ସ୍ପନ୍‌ସର ଅଛନ୍ତି ଇଣ୍ଡିଆନ୍ ଅଏଲ୍, ଗେଲ୍ ଇଣ୍ଡିଆ ଲିମିଟେଡ୍, ଓଡ଼ିଶା ଟୁରିଜିମ୍, ଏମ୍‌ସିଏଲ୍, ବେଦାନ୍ତ ଏବଂ ପାରାଦୀପ ଫସ୍‌ଫେଟ୍ ଲିମିଟେଡ୍। ଏହାସହ ପାର୍ଟନର ଭାବେ ଓମ୍‌ଫେଡ୍, ଟିମ୍, ଏକ୍ସପୋଜ୍ ଏବଂ ଓଡ଼ିଶା ଲାଇଭ୍ ଅଛନ୍ତି।

## ଟପ୍ ୮ ଜୁନିୟର ଟିମ୍

- ମଦର୍ସ ପବ୍ଲିକ୍ ସ୍କୁଲ୍, ଭୁବନେଶ୍ୱର
- ଡିଏଭି ପବ୍ଲିକ୍ ସ୍କୁଲ୍, ୟୁନିଟ୍-୮
- ସେଣ୍ଟ ପଲ୍‌ସ ସ୍କୁଲ୍, ରାଉରକେଲା
- ଡିଏଭି ପବ୍ଲିକ୍ ସ୍କୁଲ୍, ପୋଖରୀପୁଟ
- ଡିଏଭି ପବ୍ଲିକ୍ ସ୍କୁଲ, ସିଡିଏ, କଟକ
- ଓଡିଏମ୍ ପବ୍ଲିକ୍ ସ୍କୁଲ୍, ଭୁବନେଶ୍ୱର
- ବିଜେଇଏମ୍ ସ୍କୁଲ୍, ଭୁବନେଶ୍ୱର
- ସାଇ ଇଣ୍ଟରନ୍ୟାଶନାଲ ସ୍କୁଲ୍, ଭୁବନେଶ୍ୱର

## ଟପ୍-୮ ସିନିୟର ଟିମ୍

- ଏମ୍‌ସ, ଭୁବନେଶ୍ୱର
- ଏନ୍‌ଆଇଟି, ରାଉରକେଲା
- ଆଇଆଇଟି, ଭୁବନେଶ୍ୱର
- ନାଇଜର୍, ଖୋର୍ଦ୍ଧା
- ଏସ୍‌ସିବି ମେଡିକାଲ କଲେଜ, କଟକ
- ସିଇଟି, ଭୁବନେଶ୍ୱର
- ଆଇଜିଆଇଟି, ସରାଙ୍ଗ
- ଏକ୍ସଆଇଏମ୍, ଭୁବନେଶ୍ୱର

## ଉତ୍ତର ପାଇଁ କସରତ










ବର୍ତ୍ତମାନ ସେହି ନିର୍ଦ୍ଧାରିତ ସମୟ ଆସିଯାଇଛି। ଏତିକି ବେଳେ ହିଁ ଆମ ସମସ୍ତଙ୍କୁ ଚୂଡାନ୍ତ ଓ ନିଶ୍ଚିତ ସିଦ୍ଧାନ୍ତ ନେବାକୁ ପଡିବ। ପ୍ରଭୁ ! ମିଥ୍ୟାକୁ ଜୟକରିବା ଲାଗି ଆମକୁ ଶକ୍ତି ଦିଅ ଏବଂ ଆମେ ଯେପରି ତୁମରି ସତ୍ୟ ଓ ପବିତ୍ରତାକୁ ସଂପୂର୍ଣ୍ଣ ଭାବେ ଆଦରି ନେଉ ଏବଂ ତୁମର ବିଜୟ ସକାଶେ ଉପଯୁକ୍ତ ହେଉ।
-ଶ୍ରୀମା

# ଜନବିରୋଧୀ ଆଇନ



ଆକାର ପଟେଲ

ଭାରତ ତା'ର ଆତଙ୍କବାଦ-ନିରୋଧୀ ଆଇନ, ଦ ଅନ୍‌ଲଫୁଲ୍ ଆକ୍ଟିଭିଟିଜ୍ ପ୍ରିଭେନ୍‌ସନ୍ ଆକ୍ଟ (ୟୁଏପିଏ)ରେ ଏକ ପରିବର୍ତ୍ତନ କରିଛି। ଏହି ଆଇନ ଅନୁସାରେ କୌଣସି ଅପରାଧ ଘଟାଇବା ପୂର୍ବରୁ ବିନା ଅଭିଯୋଗରେ ଜଣେ ସନ୍ଦିଗ୍ଧ ବ୍ୟକ୍ତିଙ୍କୁ ଅଟକ ବା ଜେଲରେ ରଖିବାର ଅଧିକାର ରାଷ୍ଟ୍ରର ରହିଛି। ଏପରିଭାବେ ଜେଲରେ ରଖାଯାଇଥିବା ବ୍ୟକ୍ତିଙ୍କୁ ସହଜରେ ଜାମିନ ନ ମିଳିବାର ବ୍ୟବସ୍ଥା ମଧ୍ୟ କରାଯାଇଛି ଏବଂ ଏହା ଭିତରେ ପୋଲିସ ପାଇଁ ଦୁର୍ନୀତି କରିବା ଓ ନିର୍ଯାତନା ଦେବାର ସୁଯୋଗ ଅଛି। ଏଭଳି ଆଇନ କ'ଣ କିଛି କାମରେ ବା ଦେଶହିତରେ ଲାଗୁଛି? କେବେ ନୁହେଁ। ପଞ୍ଜାବରେ ହିଂସାକାଣ୍ଡ ଘଟିବା ପରେ କଂଗ୍ରେସ ସରକାର ଟେରୋରିଜ୍‌ମ୍ ଆଣ୍ଡ୍ ଆଣ୍ଟି-ଡିସ୍‌ରପ୍ଟିଭ୍ ଆକ୍ଟିଭିଟିଜ୍ ପ୍ରିଭେନ୍‌ସନ୍ ଆକ୍ଟ (ଟାଡା) ଆଣିଲା। ଏହି ଆଇନ ପ୍ରାୟ ଏକ ଦଶନ୍ଧି ବଳବତ୍ତର ରହିଲା ଏବଂ ଏହି ଆଇନ ବଳରେ ହଜାର ହଜାର ଲୋକ (ଅଧିକାଂଶ ମୁସଲମାନ ଓ ଶିଖ) ଗିରଫ ହୋଇ ଜେଲ ଗଲେ। ମାତ୍ର ସେମାନଙ୍କ ମଧ୍ୟରୁ ମାତ୍ର ୧ ପ୍ରତିଶତ ଲୋକ ଦୋଷୀ ସାବ୍ୟସ୍ତ ହେଲେ। ଅର୍ଥାତ୍ ଗିରଫ ହୋଇଥିବା ବ୍ୟକ୍ତିମାନଙ୍କ ମଧ୍ୟରୁ ୧୦୦ରେ ୯୯ ଜଣ ଥିଲେ ନିର୍ଦ୍ଦୋଷ।

ଏହା ଅତି କଡ଼ା ଓ ଅନୁଚିତ ଆଇନ ଥିଲା, ତେଣୁ ତାହା ଆଉ ଅଧିକ ଦିନ ତିଷ୍ଠିପାରିଲା ନାହିଁ। ଏହି ଆଇନ ବଦଳରେ ୨୦୦୨ ମସିହାରେ ପ୍ରିଭେନ୍‌ସନ୍ ଅଫ୍ ଟେରୋରିଜ୍‌ମ୍ ଆକ୍ଟ (ପୋଟା) ଆସିଲା। ଆତଙ୍କବାଦକୁ ଦମନ କରିବାରେ ଏହା ସାହାଯ୍ୟ କରିବ ବୋଲି କୁହାଯାଉଥିଲା। ପୂର୍ବତନ କେନ୍ଦ୍ରମନ୍ତ୍ରୀ ମନୀଷ ତିୱାରୀ କହିଥିଲେ ଯେ, ପୋଟା ଅଧୀନରେ ୪୩୪୯ଟି ମାମଲା ପଞ୍ଜୀକୃତ କରାଯାଇଥିବା ବେଳେ ମୋଟ ୧୦୩୧ ଜଣ ବ୍ୟକ୍ତିଙ୍କ ବିରୋଧରେ ଆତଙ୍କବାଦ ଅଭିଯୋଗ ରହିଛି। ଏମାନଙ୍କ ମଧ୍ୟରୁ ସରକାର ମାତ୍ର ୧୩ ଜଣଙ୍କୁ ଦୋଷୀ ସାବ୍ୟସ୍ତ କରିପାରିଥିଲେ। ସୁତରାଂ ନିର୍ଦ୍ଦୋଷ ଲୋକଙ୍କୁ ଦୋଷୀ କରିବାରେ ଟାଡା ଅପେକ୍ଷା ଏହି ପୋଟା ଆହୁରି ଖରାପ। ସେତେବେଳର ସ୍ୱରାଷ୍ଟ୍ରମନ୍ତ୍ରୀ ଏଲ୍.କେ. ଆଡ୍‌ଭାନୀ ଅନୁଭବ କଲେ ଯେ, ଏହି ଆଇନର ଦୁରୁପଯୋଗ କରାଯାଉଛି। ତେଣୁ ଏହି ଆଇନକୁ ପ୍ରତ୍ୟାହାର କରିବାର ପ୍ରକ୍ରିୟା ଆରମ୍ଭ ହେଲା।

ଏବେ ୟୁଏପିଏରେ ଯେଉଁ ସଂଶୋଧନ କରାଯାଇଛି, ସେଥିରେ କୌଣସି ବ୍ୟକ୍ତିଙ୍କୁ ଆତଙ୍କବାଦୀ ବୋଲି ଅଭିହିତ କରିବାର ଅଧିକାର ରାଷ୍ଟ୍ର ରହିଛି। ମୋର ସହକର୍ମୀ ମୃଣାଳ ଶର୍ମା ଲେଖିଛନ୍ତି ଯେ, ଏହା ସେହି ଅନ୍ତର୍ଜାତୀୟ ଆଇନର ଉଲ୍ଲଂଘନ, ଯାହାକୁ ସରକାର ଅନୁସରଣ କରୁଛନ୍ତି ବୋଲି କହୁଛନ୍ତି। ୨୦୦୬ରେ ଜାତିସଂଘର ସ୍ୱତନ୍ତ୍ର ରାପୋର୍ଟର (ରେକର୍ଡ କିପର) କହିଥିଲେ ଯେ, କୌଣସି ଅପରାଧକୁ 'ଆତଙ୍କବାଦୀ କାର୍ଯ୍ୟକଳାପ' କହିବାକୁ ହେଲେ ତିନୋଟି ଜିନିଷ ଥିବା ଦରକାର: ଅପରାଧୀ ଯେଉଁ ଅସ୍ତ୍ର ବ୍ୟବହାର କରିଥିଲା ତାହା ମାରାତ୍ମକ ହୋଇଥିବ, ଜନସାଧାରଣଙ୍କ ଭିତରେ ଆତଙ୍କ ସୃଷ୍ଟି କରି ସରକାର ବା ଆନ୍ତର୍ଜାତିକ ସଂଗଠନଠାରୁ କିଛି ଦାବି ହାସଲ କରିବାର ଉଦ୍ଦେଶ୍ୟ ଥିବ ଏବଂ ସେହି ଲକ୍ଷ୍ୟ ଭିତରେ କୌଣସି ଆଦର୍ଶ ପ୍ରତିଷ୍ଠା ଉଦ୍ଦେଶ୍ୟ ନିହିତ ଥିବ।

ଅନ୍ୟପକ୍ଷରେ ୟୁଏପିଏରେ ଆତଙ୍କବାଦୀ କାର୍ଯ୍ୟକଳାପର ଏକ ଅନିର୍ଦ୍ଦିଷ୍ଟ ଓ ଅସ୍ପଷ୍ଟ ସଂଜ୍ଞା ରହିଛି। ଏଥିରେ ଅଛି, ସେହି କାର୍ଯ୍ୟକଳାପକୁ ଆତଙ୍କବାଦ କୁହାଯିବ, ଯେଉଁଥିରେ କୌଣସି ବ୍ୟକ୍ତିର ମୃତ୍ୟୁ ହୋଇଥିବା ବା ସେ ଆହତ ହୋଇଥିବ, ଧନସମ୍ପତ୍ତି ହାନି ହୋଇଥିବ, ଅପରାଧିକ ଶକ୍ତି ଦ୍ୱାରା କୌଣସି ସରକାରୀ କାର୍ଯ୍ୟନିର୍ବାହକଙ୍କ କାର୍ଯ୍ୟ ନିର୍ବାହରେ ବାଧା ବା ଭୟ ସୃଷ୍ଟି କରାଯାଇଥିବ ବା କୌଣସି ବ୍ୟକ୍ତି ବା ସରକାରଙ୍କ କୌଣସି କାର୍ଯ୍ୟ କରିବା ବା ନ କରିବା ପାଇଁ ବାଧ୍ୟ କରାଯିବାର ଉଦ୍ଦେଶ୍ୟ ଥିବ। ଧମକ ଦେବା ବା ଲୋକଙ୍କ ଭିତରେ ଆତଙ୍କ ସୃଷ୍ଟି କରିବାର ସମ୍ଭାବନା ଥିବା କାର୍ଯ୍ୟକଳାପକୁ ବି ଆତଙ୍କବାଦ ପରିସରଭୁକ୍ତ କରାଯାଇଛି। ଏହାଦ୍ୱାରା କୌଣସି ସାଧାରଣ ନାଗରିକ ବା କର୍ମୀଙ୍କ ଉପରେ ସେ କିଛି କରି ନ ଥିଲେ ମଧ୍ୟ ଆତଙ୍କବାଦୀର ମୋହର ମାରିବାର ପୂର୍ଣ୍ଣ ଅଧିକାର ସରକାରଙ୍କର ରହିଛି। ଏହି ଆଇନ ସାଧାରଣ ନାଗରିକଙ୍କ ବ୍ୟକ୍ତିଗତ ଗୋପନୀୟତା ଓ ସ୍ୱାଧୀନତା ଉପରେ ହସ୍ତକ୍ଷେପ।

ଜାତୀୟ ଅପରାଧ ରେକର୍ଡ ବ୍ୟୁରୋ ମତରେ ୨୦୧୪ରୁ ୨୦୧୬ ମଧ୍ୟରେ ୟୁଏପିଏ ଅଧୀନରେ ପଞ୍ଜୀକୃତ ୭୫ ପ୍ରତିଶତ ମାମଲା ଭିତ୍ତିହୀନ ବୋଲି ପ୍ରମାଣିତ ହୋଇଛି। ଏତେ ବର୍ଷ ଭିତରେ ୟୁଏପିଏ କେବଳ ନିର୍ଦ୍ଦୋଷ ବ୍ୟକ୍ତିଙ୍କୁ ଗିରଫ କରିବା, ତାଙ୍କୁ ଆଇନର ଜାଲରେ ଛନ୍ଦିବା ଏବଂ ରାଷ୍ଟ୍ର ଯେତେ ଦିନ ଚାହିଁବ ସେତେ ଦିନ ତାଙ୍କୁ ଜେଲରେ ରଖିବାର ଅସ୍ତ୍ରରେ ପରିଣତ ହୋଇଛି। ଉକ୍ତ ସଂଶୋଧନ ଆଇନକୁ ଆହୁରି ଶକ୍ତିଶାଳୀ କରିଦେଇଛି, ଯାହାଦ୍ୱାରା ସକ୍ରିୟ ସାମାଜିକ କର୍ମୀମାନଙ୍କୁ ଆତଙ୍କବାଦୀ ଭାବେ ଚିତ୍ରଣ କରି ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଇପାରିବ। ଜଣେ ପୂର୍ବତନ କେନ୍ଦ୍ର ସ୍ୱରାଷ୍ଟ୍ରମନ୍ତ୍ରୀ ଏହି ସଂଶୋଧନକୁ ବିରୋଧ କରିଥିଲେ। ଲସ୍କର-ଇ-ତୋଇବା ମୁଖ୍ୟ ହାଫିଜ୍ ସଇଦ ଏବଂ ୟୁଏପିଏ ଅଧୀନରେ ଗିରଫ ହୋଇଥିବା ଗୌତମ ନଓ୍ୱଲଖାଙ୍କ ଭିତରେ ପ୍ରଭେଦ ଅଛି। ରିପୋର୍ଟ ଅନୁସାରେ କଂଗ୍ରେସ ଏହି ସଂଶୋଧନ ସପକ୍ଷରେ ଭୋଟ ଦେଇଥିଲେ ମଧ୍ୟ ଚିଦାମ୍ବରମ୍ କହିଛନ୍ତି ଯେ, ଦଳ ଏହାକୁ ସୁପ୍ରିମ୍‌କୋର୍ଟରେ ଚ୍ୟାଲେଞ୍ଜ କରିବ। ସାମ୍ବିଧାନିକ ଗଣତନ୍ତ୍ରରେ ଏପରି ଆଇନ ରହିବା ଉଚିତ ନୁହେଁ, ଯାହା ନାଗରିକଙ୍କୁ ହଇରାଣ କରିବା ଲାଗି ରାଷ୍ଟ୍ରକୁ ଅଧିକାର ଦେବ। ସଭ୍ୟ ଦେଶଗୁଡ଼ିକରେ ଆପରାଧିକ ନ୍ୟାୟ ବ୍ୟବସ୍ଥାରେ ଅଭିଯୁକ୍ତର ଅଧିକାର ଉପରେ ଗୁରୁତ୍ୱ ଦିଆଯାଇଛି। ବିନା ପ୍ରମାଣରେ ଲୋକଙ୍କୁ ଆତଙ୍କବାଦୀ କହିବାର ନିଷ୍ପତ୍ତି ହେଉଛି ଆଇନ ଓ ନ୍ୟାୟ ନୀତିର ବିରୋଧୀ।

Email: aakar.patel@gmail.com

# ନୀତିବିହୀନ ରୀତି



ଚିତ୍ର-ଚରିତ୍ର

ନିରଞ୍ଜନ ପାଢ଼ୀ

ମାନବ ସମାଜରେ ସଭ୍ୟତାର ବିକାଶ ହେବା ପରଠୁଁ ପୁଅଟିଏ ଝିଅଟିଏକୁ ବାହା ହୋଇ ସଂସାର ବାନ୍ଧିବାର ସ୍ୱୀକୃତି ହାସଲ କରିଆସୁଛି। ପୂର୍ବ କାଳରେ ବରକନ୍ୟା ମିଳନର ଏହି ବିବାହ ପର୍ବଟି ଭିନ୍ନ ଭିନ୍ନ ସମ୍ପ୍ରଦାୟର ରୀତିନୀତି ଅନୁଯାୟୀ ସମ୍ପନ୍ନ ହେଉଥିଲେ ମଧ୍ୟ ଏବେ ଆଧୁନିକତାର ଆହ୍ୱାନରେ ଜାତିଧର୍ମ ନିର୍ବିଶେଷରେ ସମାନ ଭାବରେ ପାଳିତ ହେଉଛି ଏହି ବର୍ଣ୍ଣାଢ୍ୟ ଉତ୍ସବ। ବିବାହ ଦୁଇଟି ହୃଦୟର ମିଳନ ପାଇଁ କେବଳ ଏକ ଆନୁଷ୍ଠାନିକ ପର୍ବ ହୋଇ ରହିନାହିଁ। ଏହା ସହ ଜଡ଼ିତ ହୋଇଯାଇଛି ବହୁ ପାରିପାର୍ଶ୍ୱିକ ପ୍ରବାହ, ସମାଜର ଚଳଣି, ପରିବାରର ମାନ ମର୍ଯ୍ୟାଦା ଓ ବୁନିୟାଦ ପ୍ରଦର୍ଶନର ଏକ ପ୍ରତିଯୋଗିତା। ସୁତରାଂ ଜ୍ୱାଇଁର ପଦବୀ ବା ପ୍ରତିଷ୍ଠାକୁ ଚାହିଁ କେଇଲକ୍ଷ ଟଙ୍କାର ଯୌତୁକ, ଦିଗ୍‌ବିଜୟୀ ରାଜପୁରୁଷଙ୍କ ବିଜୟ ଶୋଭାଯାତ୍ରା ପରି ଗାଡିମୋଟର ଗହଣରେ ଶତାଧିକ ବରଯାତ୍ରୀଙ୍କ ବାଦ୍‌ଶାହୀ ଥାଟ, ସୁସଜ୍ଜିତ ଡିଜେର ବୁକୁଫଟା ଗର୍ଜନର ତାଳେ ତାଳେ ମଦମତ୍ତ ଯୁବତୀଯୁବକଙ୍କ ଉଦଣ୍ଡ ନୃତ୍ୟ, ରଙ୍ଗବେରଙ୍ଗର ଆତସବାଜି ସହ ଶତାଧିକ ଛେଳି, କୁକୁଡାଙ୍କ ଗଣହତ୍ୟାର ପର୍ବ ମଧ୍ୟରେ ସଂଘଟିତ ହୁଏ ଦୁଇ ନବ ଯୁବତୀଯୁବକଙ୍କ ମିଳନର ପର୍ବ!

ଏମିତି ଏକ ବିବାହ ଉତ୍ସବରେ ବରଯାତ୍ରୀ ଭାବେ ଯୋଗଦେଇ କପାଳରେ ସୁବାସିତ ଶୀତଳ ଚନ୍ଦନ ବଦଳରେ ଅବାଞ୍ଛିତ ଅତିଥିର ରକ୍ତତିଳକ ଲଗାଇ ରାତି ଅଧରେ ଅଭୁକ୍ତ ଭାବେ ଫେରିଥିବା ଜଣେ ବନ୍ଧୁ ଅବସୋସ ପ୍ରକଟ କରି କହୁଥିଲେ, ''ଆମ ପୂର୍ବପୁରୁଷମାନେ ବିବାହ ସହ ଏମିତି ରୀତି ସବୁ ଯୋଡୁଥିଲେ କାହିଁକି କେଜାଣି? ବିପୁଳ ବ୍ୟୟଭାରରେ ଆୟୋଜିତ ବାଜା ରୋଶଣି ଓ ମଦ ପିଇ ଉନ୍ମତ୍ତ ଆଚରଣ କରୁଥିବା ବରଯାତ୍ରୀଙ୍କୁ ବାଦ୍ ଦେଇ ବାହାଘର କ'ଣ ହୋଇପାରନ୍ତା ନାହିଁ?'' ସେ ଯେଉଁ ବାହାଘରକୁ ବରଯାତ୍ରୀ ହୋଇ ଯାଇଥିଲେ, ତହିଁରେ ବରକର୍ତ୍ତାଙ୍କ ବିକଳ ମୁରବିପଣ ତଥା କନ୍ୟାପିତାଙ୍କ ଆକୁଳ ଆବେଦନକୁ ଅବଜ୍ଞା କରି ବରପକ୍ଷ ଓ କନ୍ୟାପକ୍ଷର ଯୁବକମାନଙ୍କ ମଧ୍ୟରେ ସଂଘଟିତ ହୋଇଥିଲା ରକ୍ତାକ୍ତ ସଂଘର୍ଷ ଓ ପ୍ରାଣ ବଞ୍ଚାଇ ଅଖିଆ ଅପିଆ ଫେରି ଆସିଥିଲେ ବନ୍ଧୁ।

ଆଧୁନିକତାର ପାହାଚ ପରେ ପାହାଚ ଚଢ଼ି ଜୀବନ ଯେତେବେଳେ ଭିନ୍ନ ରଙ୍ଗରେ ଚିତ୍ରିତ, ସେତେବେଳେ ସାମାଜିକ ଜୀବନର ପ୍ରଥା ପରମ୍ପରା ଓ ରୀତିରିୱାଜ ମଧ୍ୟରେ ନୀତି ଖୋଜୁଥିବା ବନ୍ଧୁଙ୍କୁ କେଉଁଠୁ ବା ମିଳନ୍ତେ ବିନା ବରଯାତ୍ରୀରେ ବାହା ହେବାକୁ ରାଜି ଥିବା ବର ଜଣେ! କେବଳ ବିବାହ ନୁହେଁ, ଆଧୁନିକ ଧାରାରେ ଆକ୍ରାନ୍ତ ଉତ୍ତରପୁରୁଷଙ୍କ ନବ୍ୟ ଜୀବନଧାରାରେ ନବଜାତକର ଏକୋଇଶା ପୂଜାରୁ ଆରମ୍ଭ କରି ବ୍ରତ, ଯଜ୍ଞ, ରୁଦ୍ର ପୂଜନ ଆଦି ବିଭିନ୍ନ ବୈଦିକ କ୍ରିୟାକର୍ମ ଯେମିତି ଭାବେ ସମ୍ପନ୍ନ ହେଉଛି, ତାହା ଦେଖି ଆମ ପୂର୍ବପୁରୁଷଙ୍କୁ ଗାଳି ଦେଇ ବନ୍ଧୁ କ'ଣ ଖସିଯାଇ ପାରିବେ? ବନ୍ଧୁ ଜାଣନ୍ତୁ ଓ ନିଜକୁ ବୁଝାଇ ଦିଅନ୍ତୁ ଯେ ଏବେ ସବୁକଥା ପରି ରୀତି ପାଖରୁ ବି ଦୂରେଇଗଲାଣି ନୀତି !

କେଇଦିନ ପୂର୍ବରୁ ମାଟ୍ରିକ ପରୀକ୍ଷା ଦେବାକୁ ଯାଉଥିବା ନିଜ ପୁଅ ପାଇଁ ଏକ ଉଜ୍ଜ୍ୱଳ ଫଳ କାମନା କରି ଜଣେ ଧନଶାଳୀ ପିତା ରୁଦ୍ରାଭିଷେକ କରୁଥିଲେ। ଏକ ଦୁର୍ବଳ ମେଧା ନେଇ ଜନ୍ମ ନେଇଥିବା ବା ଅଧ୍ୟୟନ ପ୍ରତି ନିଷ୍ଠାର ଅଭାବ ଥିବା ପରୀକ୍ଷାର୍ଥୀର ପରୀକ୍ଷା ଫଳ ରୁଦ୍ର ପୂଜନ ଦ୍ୱାରା ଉଜ୍ଜ୍ୱଳ ହୁଏ କି ନାହିଁ କେଜାଣି, ମାତ୍ର ସେଦିନ ସେଇ ପୂଜାପର୍ବର ଔଜ୍ଜ୍ୱଲ୍ୟ ଦେଖି ମନ୍ଦିରରେ ଅଧିଷ୍ଠିତ ମହାଦେବ ମଧ୍ୟ କମ୍ ଚମତ୍କୃତ ହୋଇ ନ ଥିବେ! ବହୁ ଭାବେ ସୁସଜ୍ଜିତ ମନ୍ଦିର ପ୍ରାଙ୍ଗଣ, ମାଇକ୍ରୋଫୋନରୁ ଭାସି ଆସୁଥିବା ପଣ୍ଡିତଙ୍କ ମନ୍ତ୍ର ଉଚ୍ଚାରଣ, ପରୀକ୍ଷାର୍ଥୀ ପୁତ୍ରକୁ ଆଶୀର୍ବାଦ ଦେବା ପାଇଁ ସମବେତ ହୋଇଥିବା ପାଟମଠା ପରିହିତ ବନ୍ଧୁବାନ୍ଧବ, ଜ୍ଞାତି, ପରିଜନ ଓ ସେମାନଙ୍କ ପାଇଁ ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ ହୋଇ ଖଣ୍ଡମଣ୍ଡଳକୁ ମହକାଇ ଦେଉଥିବା ସୁସ୍ୱାଦୁ ବ୍ୟଞ୍ଜନ। ଭକ୍ତ ପ୍ରାଣରେ ବିଶ୍ୱାସର ପ୍ରତିଷ୍ଠା ପାଇଁ ଏମିତି ବିପୁଳ ବାଦ୍‌ଶାହୀ ଖର୍ଚ୍ଚ କରିବାକୁ ଆମ ପୂର୍ବପୁରୁଷମାନେ କ'ଣ ରୀତିନିର୍ଦ୍ଧାରଣ କରିଯାଇଛନ୍ତି?

ଆଉ ଏକ ଉତ୍ସବର ଦୃଶ୍ୟ। ଏକ ବ୍ରାହ୍ମଣ ସନ୍ତାନର ଯଜ୍ଞୋପବୀତ ଧାରଣ କରିବାର ଉତ୍ସବ। ଶାସ୍ତ୍ରନୀତି ଅନୁଯାୟୀ ବ୍ରାହ୍ମଣ ପୁଅଟିଏ ବ୍ରତ ଗ୍ରହଣ କରି ଏକ ଶୁଦ୍ଧ ଜୀବନର ଶପଥ ନିଏ ଓ ନିଜକୁ ବ୍ରହ୍ମମନ୍ତ୍ରରେ ଅଭିମନ୍ତ୍ରିତ କରେ। ଏଥିପାଇଁ ଲୋଡାପଡେ ଗୋଟିଏ ଯଜ୍ଞକୁଣ୍ଡ, ଠେକିଏ ଘିଅ, କିଛି ପୂଜା ସାମଗ୍ରୀ, ଜଣେ ବା ଦୁଇଜଣ ପୁରୋହିତ ଓ ବ୍ରହ୍ମଚାରୀକୁ ପଇତା ପିନ୍ଧାଇବାକୁ ପାଞ୍ଚଜଣ ବ୍ରାହ୍ମଣ। ଅଥଚ ସାମାଜିକ ରୀତି ପ୍ରତି ନିଜ ନିଜର ନିଆରା ନିଷ୍ଠା ପ୍ରକଟ କରି ପୁଅ କାନ୍ଧରେ ପଇତା ଦେବାକୁ ପିତାମାନଙ୍କର ଚାଲେ ପାଗଳ ପ୍ରତିଯୋଗିତା। ନିଜ ପ୍ରତିଷ୍ଠା ଓ ପ୍ରତିପତ୍ତିର ପ୍ରଦର୍ଶନ ପାଇଁ ସୁଦୃଶ୍ୟ ତୋରଣ, ସୁସଜ୍ଜିତ ଯଜ୍ଞ ମଣ୍ଡପ, ନିମନ୍ତ୍ରିତ ଅତିଥିଙ୍କ ସଂଖ୍ୟା, ସ୍ୱାଦିଷ୍ଟ ବ୍ୟଞ୍ଜନ, ବ୍ରତ ଶୋଭାଯାତ୍ରାରେ ଡିଜେ ବାଦ୍ୟର ତାଳେ ତାଳେ ପୁଅର କିଶୋର ସାଙ୍ଗମାନଙ୍କ ବେତାଳ ନାଚ ଓ ଏସବୁକୁ ଚିରକାଳ ସ୍ମୃତିପେଟିକାରେ ସାଇତି ରଖିବା ପାଇଁ ଭିଡିଓ କ୍ୟାମେରାରେ ଚିତ୍ର ଉତ୍ତୋଳନ। ସତେ ଯେମିତି କେଉଁ ରାଜପୁତ୍ରର ଅଭିଷେକ ଉତ୍ସବରେ ରାଜାଙ୍କ ନବାବୀପଣର ନଗ୍ନ ପ୍ରଦର୍ଶନ!

ମଣିଷ ଯେତେ ସଭ୍ୟ ଶିକ୍ଷିତ ହେଲେ ବି, ଯେତେ ଆଧୁନିକ ବୋଲାଇଲେ ମଧ୍ୟ ପ୍ରାଚୀନ ପ୍ରଥା ପରମ୍ପରାର ପ୍ରଭାବରୁ ନିଜକୁ ମୁକ୍ତ ରଖିବା ଏତେ ସହଜ ନୁହେଁ। ବାର୍ଦ୍ଧକ୍ୟର ଶେଷ ସୋପାନରେ ଉପନୀତ ହୋଇଥିବା ଶିକ୍ଷିତ ବାପା ଜଣେ ନିଜ ପୁଅ ପାଖରେ ଦାନଧର୍ମ କରି ପୁଣ୍ୟ ଅର୍ଜନ କରିବାର ଅଭିଳାଷ ପେସ୍ କଲେ। ବିଶିଷ୍ଟ ବ୍ରାହ୍ମଣମାନଙ୍କୁ ବରଣ କରି ଯଜ୍ଞ ଉପରାନ୍ତେ ସେମାନଙ୍କ ହାତରେ ଗୋଧନ, ଭୂମିଧନ ଓ ସ୍ୱର୍ଣ୍ଣଧନ ପ୍ରଦାନ କରିବାର ଇଚ୍ଛା ପ୍ରକଟ କଲେ। ଧର୍ମକୁ ଭିନ୍ନ ଭାବେ ବୁଝିଥିବା ତାଙ୍କ ପୁଅ ବାପାଙ୍କୁ ବୁଝାଇଲେ, ''ସ୍ୱଚ୍ଛଳ ବ୍ରାହ୍ମଣମାନଙ୍କୁ ଦାନ ଦେଇ ଲାଭ ନାହିଁ ବାପା! ବରଂ ସେଇ ଅର୍ଥ ଅନାଥାଶ୍ରମକୁ ଦାନ କଲେ ବିଶେଷ ପୁଣ୍ୟ ମିଳିବ।'' ପୁରାଣଶାସ୍ତ୍ର ପଢି ପାପପୁଣ୍ୟର ପରିଭାଷା ସମ୍ପର୍କରେ ବିଶଦ ଜ୍ଞାନ ଅର୍ଜନ କରିଥିବା ବୃଦ୍ଧ ପିତା ପୁଅ ଉପରେ ଖପ୍ପା ହୋଇ କହିଲେ, ''ତୋ ଭଳି କୁଳାଙ୍ଗାର ପୁଅର ଅର୍ଥରେ ମୁଁ ପୁଣ୍ୟ ଅର୍ଜନ କରିବାକୁ ଚାହୁଁନାହିଁ। ମୋ ସଞ୍ଚୟକୁ ନେଇ ମୁଁ ଇଚ୍ଛା ମୁତାବକ ଦାନ କରିବି।''

ତାହା ହିଁ ହେଲା। ବଛା ବଛା କେଇଜଣ ବ୍ରାହ୍ମଣଙ୍କୁ ନିମନ୍ତ୍ରଣ କରି ବୃଦ୍ଧ ମହୋଦୟ ସେମାନଙ୍କ ହାତରେ ଦୁଇଟି ଗାଈ, ଖଣ୍ଡିଏ ଜମିର ପଟ୍ଟା ଓ କିଛି ସୁନା ଅଳଙ୍କାର ଧରାଇଦେଲେ। ଅଥଚ ଏହି ଅବସରରେ ଆୟୋଜିତ ଭୋଜିର ଗନ୍ଧ ବାରି କେଇଜଣ ବୁଲା ଭିକାରି ଖାଇବାକୁ ଅପେକ୍ଷା କରିଥିଲା ବେଳେ ଦାନବୀର ବୃଦ୍ଧଙ୍କ ନିକଟରୁ ମିଳିଲା ତାଚ୍ଛଲ୍ୟଭରା ତିରସ୍କାର। ''ଆଜି ଭଳି ଶୁଭଦିନରେ ଏ କାଙ୍ଗାଳମାନଙ୍କର ମୁହଁ ଚାହିଁବାକୁ ଥିଲା''- ଅତି କୁଣ୍ଠାର ସହ ଭିକାରିଙ୍କୁ ଖାଇବାକୁ ଦେବାକୁ ଆଦେଶ ଦେଉଥିଲା ବେଳେ ବୃଦ୍ଧଙ୍କ ମୁହଁରୁ ଝରିପଡିଥିଲା ଏମିତି କିଛି ଅସନ୍ତୋଷ। ବ୍ରାହ୍ମଣକୁ ଦାନ ଦେଇ ସେ ଯେଉଁ ପୁଣ୍ୟ ଅର୍ଜନ କରିଥିଲେ, ତାହା ଭିକାରିମାନଙ୍କ ମୁଖଦର୍ଶନ ଦ୍ୱାରା ସତେ ଯେମିତି ଅଚାନକ ଉଭେଇ ଗଲା! ନିଷ୍ଫଳ ହୋଇଗଲା ସମସ୍ତ ସାଧନାର ସିଦ୍ଧି!

ଈଶ୍ୱରପ୍ରାପ୍ତି ବା ପୁଣ୍ୟ ଅର୍ଜନର ଏ ପ୍ରକାର ପ୍ରମାଦଯୁକ୍ତ ବ୍ୟବସ୍ଥା ଲକ୍ଷ୍ୟ କରି ପ୍ରବାଦ ପୁରୁଷ ସ୍ୱାମୀ ବିବେକାନନ୍ଦ ଧର୍ମର ଭିନ୍ନ ଏକ ପରିଭାଷା ସୃଷ୍ଟି କରି କହିଥିଲେ, ମନ୍ଦିରରେ ପୂଜାପାଠ ବା ଭଜନକୀର୍ତ୍ତନ ଦ୍ୱାରା ଜଣେ ଧାର୍ମିକ ହୋଇଯାଏନା କି ଅପାତ୍ରରେ ଦାନ କରି ଜଣେ ପୁଣ୍ୟ ଅର୍ଜନ କରେନା। ଯେଉଁ ଧର୍ମ ବିଧବାର ଆଖିରୁ ଲୁହ ପୋଛିପାରେନା କି ଅନାଥ ଅସହାୟ ତୁଣ୍ଡରେ ରୁଟି ଖଣ୍ଡିଏ ଦେଇପାରେନା, ସେଇ ଧର୍ମକୁ ମୁଁ ସୁଧର୍ମ ବୋଲି ସ୍ୱୀକାର କରେନା।'' ବିବେକାନନ୍ଦଙ୍କ ଦର୍ଶନ ନ ପଢ଼ନ୍ତୁ, ସାରା ଜୀବନ ଆତ୍ମସେବାରେ ନିବିଷ୍ଟ ରହି ମୃତ୍ୟୁ ପୂର୍ବରୁ କେଇଜଣ ସ୍ୱଚ୍ଛଳ ବ୍ରାହ୍ମଣଙ୍କୁ ଗୋ, ଭୂମି, ସ୍ୱର୍ଣ୍ଣ ଦାନ କରିଦେଲେ ପୁଣ୍ୟ ପ୍ରାପ୍ତ ହୁଏ ବୋଲି ବୃଦ୍ଧ ମହୋଦୟ କେଉଁ ଶାସ୍ତ୍ରରୁ ପଢ଼ିଥିଲେ କେଜାଣି? ତେବେ ସେ ଶାସ୍ତ୍ରର ନାମ ଯାହା ବି ହେଉ, ନୀତି ବହିର୍ଭୂତ ରୀତିର ଜୟଗାନ କରୁଥିବା ଶାସ୍ତ୍ର ଜଗତରେ ଏ ଯାଏଁ ଲେଖା ହୋଇନାହିଁ !

ପ୍ରଜ୍ଞା ନିଳୟ, ବିଦ୍ୟାପତି ନଗର, ଚକେଇସିହାଣି, ଭୁବନେଶ୍ୱର, ମୋ-୮୮୯୫୬୨୪୧୦୫

# ଲୋକଙ୍କ ସ୍ୱର

ଭାରତର ଅଧିକାଂଶ ଟେଲିଭିଜନ ନ୍ୟୁଜ୍‌ଚ୍ୟାନେଲରେ ଉପସ୍ଥାପକମାନେ ସମଗ୍ର କାର୍ଯ୍ୟକ୍ରମକୁ ନିଜ ଅକ୍ତିଆରକୁ ନେଇଯାଉଥିବା ଆଲୋଚନା ହେଉଛି। ଏପରି କି ପ୍ୟାନେଲରେ ବସୁଥିବା ଅତିଥିମାନଙ୍କୁ ସହଜରେ କହିବାକୁ ଦିଆଯାଉ ନାହିଁ। ବିଶେଷଜ୍ଞମାନେ କହୁଥିବା ବେଳେ ଉପସ୍ଥାପକମାନେ ଯେଭଳି ହସ୍ତକ୍ଷେପ କରୁଛନ୍ତି ତାହା ଦ୍ୱାରା ଦର୍ଶକ ବିରକ୍ତ ହୋଇଯାଉଥିବା ଅନୁଭବ ହେଉଛି। ସାଧାରଣରେ କୁହାଯାଉଛି, ଏଭଳି କରି ଉପସ୍ଥାପକମାନେ ସତେଯେମିତି ସମସ୍ତଙ୍କଠାରୁ ଅଧିକ ଜାଣିଛନ୍ତି ବୋଲି ଦେଖେଇ ହୋଇଥାଆନ୍ତି। ହେଲେ କେତେକ ଉପସ୍ଥାପକ ଅଛନ୍ତି, ଯେଉଁମାନେ ବହୁ ବିଷୟରେ ଜ୍ଞାନ ଅର୍ଜନ କରିଥିଲେ ମଧ୍ୟ ଅତି ଭଦ୍ର ଭାବେ ଅତିଥିଙ୍କ ସହ ଆଲୋଚନା କରିବାରେ ଆନନ୍ଦ ପାଇଥାଆନ୍ତି। ଏମାନଙ୍କ ମଧ୍ୟରୁ 'ଏନ୍‌ଡିଟିଭି ଇଣ୍ଡିଆ'ର ରବୀଶ କୁମାର ଅନ୍ୟତମ। ତାଙ୍କ ତଥ୍ୟଭିତ୍ତିକ ଉପସ୍ଥାପନା ସାମ୍ବାଦିକତାର ବୃତ୍ତିଗତ ମୂଲ୍ୟବୋଧ ବଜାୟ ରଖିବାରେ ନୂଆ ଦିଗ ଦେଖାଇଛି। ବୋଧହୁଏ ସେଥିପାଇଁ ରବୀଶ ୨୦୧୯ ରେମନ୍ ମାଗ୍‌ସେସେ ପୁରସ୍କାର ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଏଥିପାଇଁ ନାମ ଚୟନ କରାଯିବା ବେଳେ ବିଚାରକମଣ୍ଡଳୀ ତାଙ୍କୁ 'ଲୋକଙ୍କ ସ୍ୱର' ଭାବେ ଅଭିହିତ କରିଛନ୍ତି। ସତ ବିଷୟ ଜନସାଧାରଣଙ୍କ ନିକଟରେ ପହଞ୍ଚାଇବା ଦିଗରେ ରବୀଶ ଯେଭଳି ନୈତିକ ସାହସ ଦେଖାଇପାରିଛନ୍ତି, ତାହା ଅନନ୍ୟ ବୋଲି କୁହାଯାଇଛି। ଏସିଆର ନୋବେଲ ପୁରସ୍କାର ଭାବେ ବିବେଚିତ ହେଉଥିବା ରେମନ୍ ମାଗ୍‌ସେସେ ୨ ଅଗଷ୍ଟରେ ଘୋଷଣା କରାଯାଇଛି। ସାମ୍ବାଦିକତା କ୍ଷେତ୍ରରେ ରବୀଶ ମନୋନୀତ ହେବା ପରେ ତାଙ୍କୁ ସମାଜର ପ୍ରତ୍ୟେକ ବର୍ଗରୁ ଶୁଭେଚ୍ଛା ମିଳିବାରେ ଲାଗିଛି।

ବ୍ୟକ୍ତିତ୍ୱ



ରବୀଶ କୁମାର

ବିହାର ମୋତିହାରିରେ ୫ ଡିସେମ୍ବର ୧୯୭୪ରେ ରବୀଶ ଜନ୍ମଗ୍ରହଣ କରିଥିଲେ। ପାଟନାର ଲୟଲା ହାଇସ୍କୁଲରୁ ପଢ଼ା ସାରିବା ପରେ ସେ ଉଚ୍ଚଶିକ୍ଷା ଲାଗି ଦିଲ୍ଲୀ ବିଶ୍ୱବିଦ୍ୟାଳୟ ଅଧୀନ ଦେଶବନ୍ଧୁ କଲେଜକୁ ଯାଇଥିଲେ। ତେବେ ଭାରତୀୟ ଜନସଞ୍ଚାର ସଂସ୍ଥାନ (ଆଇଆଇଏମ୍‌ସି)ରୁ ହିନ୍ଦୀ ସାମ୍ବାଦିକତାରେ ଡିଗ୍ରୀ ଅର୍ଜନ କରିବା ପରେ ଏହି ବୃତ୍ତିରେ ନିଜକୁ ସେ ନିୟୋଜିତ କରିଥିଲେ। ସୌଭାଗ୍ୟକ୍ରମେ ଏନ୍‌ଡିଟିଭି ଇଣ୍ଡିଆ ତାଙ୍କ ପାଇଁ ପାଲଟିଯାଇଥିଲା ଉତ୍ତମ ମଞ୍ଚ। ୧୯୯୬ ମସିହାରୁ ସେ ଏହି ଚ୍ୟାନେଲରେ କାର୍ଯ୍ୟ କରିଆସୁଛନ୍ତି। ଅସହାୟଙ୍କ ପାଇଁ ସ୍ୱର ପାଲଟିଥିବା ଏହି ସାମ୍ବାଦିକ ଅନ୍ୟାୟ ବିରୋଧରେ ରିପୋର୍ଟ ଉପସ୍ଥାପନ କରି ଅନେକଙ୍କ ଧମକର ସମ୍ମୁଖୀନ ହୋଇଛନ୍ତି। ତଥାପି ନିଜ ଆଭିମୁଖ୍ୟ ବଦଳାଇ ନାହାନ୍ତି। ଲୋକପ୍ରିୟ କାର୍ଯ୍ୟକ୍ରମ 'ପ୍ରାଇମ୍ ଟାଇମ୍', 'ହମ୍ ଲୋଗ୍' ଏବଂ 'ରବୀଶ କୀ ରିପୋର୍ଟ'ରେ ତଥ୍ୟଭିତ୍ତିକ ଓ ମାର୍ମିକ ଉପସ୍ଥାପନା ଯୋଗୁ ସେ ଅସଂଖ୍ୟ ପ୍ରଶଂସକ ସୃଷ୍ଟି କରିପାରିଛନ୍ତି।

ଭାରତୀୟ ସାମ୍ବାଦିକତା କ୍ଷେତ୍ରରେ ରବୀଶ ଯେଉଁଭଳି ନିର୍ଭୀକ ବୃତ୍ତିଧାରୀ ପାଲଟି ନୂଆ ଫର୍ଦ୍ଦ ଯୋଡ଼ି ଚାଲିଛନ୍ତି, ତାହା ଏହି ପେସାକୁ ଆଦରି ନେଉଥିବା ପିଢ଼ି ପାଇଁ ନିଶ୍ଚିତ ଦିଗବାରିଣୀ ପାଲଟିବ। ସିଧା ସିଧା କହିବାରେ ପ୍ରତିବଦ୍ଧତା ତାଙ୍କୁ ଆଜି ଅନେକ ସ୍ୱୀକୃତି ଦେଇଛି। କେବଳ ଜଣେ ସାମ୍ବାଦିକ ନୁହନ୍ତି, ଲେଖକ ଭାବେ ମଧ୍ୟ ତାଙ୍କ ପରିଚୟ ସୁସ୍ପଷ୍ଟ। ତାଙ୍କ 'ଦି ଫ୍ରି ଭଏସ୍-ଅନ୍ ଡେମୋକ୍ରାସି, କଲ୍‌ଚର ଆଣ୍ଡ୍ ନେଶନ୍' ପୁସ୍ତକ ବହୁ ପାଠିକାପାଠକ ସୃଷ୍ଟି କରିପାରିଛି। ପୁରସ୍କାର ଓ ସମ୍ମାନ ଦିଗକୁ ଦେଖିଲେ ଅନେକ ଅନୁଷ୍ଠାନ ତାଙ୍କ କାର୍ଯ୍ୟକୁ ଉଚ୍ଚପ୍ରଶଂସା କରିଛନ୍ତି। ୨୦୧୦ରେ ହିନ୍ଦୀ ସାମ୍ବାଦିକତା ଲାଗି ଗଣେଶ ଶଙ୍କର ବିଦ୍ୟାର୍ଥୀ ସମ୍ମାନ ଓ ୨୦୧୪ରେ ସୃଜନଶୀଳ ସାହିତ୍ୟ ଲାଗି ସେ ରାଷ୍ଟ୍ରପତି ପୁରସ୍କାର ପାଇଛନ୍ତି। ସେହିପରି ସାମ୍ବାଦିକତାରେ ଉତ୍କର୍ଷ ସକାଶେ ୨୦୧୩ ଓ ୨୦୧୭ରେ ରାମନାଥ ଗୋଏଙ୍କା ଏକ୍ସଲେନ୍ସ ଇନ୍ ଜର୍ନାଲିଜମ୍ ସମ୍ମାନର ଅଧିକାରୀ ହୋଇପାରିଛନ୍ତି। 'ଦି ଇଣ୍ଡିଆନ୍ ଏକ୍ସପ୍ରେସ' ପକ୍ଷରୁ ୨୦୧୬ରେ କରାଯାଇଥିବା ୧୦୦ ପ୍ରଭାବଶାଳୀ ଭାରତୀୟଙ୍କ ତାଲିକାରେ ସେ ସ୍ଥାନ ପାଇଥିଲେ। ମୁମ୍ବାଇ ପ୍ରେସ୍ କ୍ଲବ୍ ପକ୍ଷରୁ ୨୦୧୬ରେ ତାଙ୍କୁ 'ବେଷ୍ଟ ଜର୍ନାଲିଷ୍ଟ ଅଫ୍ ଦି ଇୟର' ଓ ୨୦୧୭ରେ ପ୍ରଥମ 'କୁଲଦୀପ୍ ନାୟାର ଜର୍ନାଲିଜମ୍ ଆୱାର୍ଡ'ରେ ଭୂଷିତ କରାଯାଇଥିଲା। ତେବେ ରେମନ୍ ମାଗ୍‌ସେସେ ପୁରସ୍କାର ତାଙ୍କୁ ଅନ୍ତର୍ଜାତୀୟ ଖ୍ୟାତି ଆଣି ଦେଇଛି।

ରବୀଶଙ୍କ ବ୍ୟକ୍ତିଗତ ଜୀବନ ଦେଖିଲେ ସ୍ତ୍ରୀ ନୟନା ଦାସଗୁପ୍ତ ଓ ଗୋଟିଏ ଝିଅକୁ ନେଇ ତାଙ୍କ ସଂସାର।

-ଜିତେନ୍ଦ୍ର କୁମାର ନାୟକ

## ଏଇ ଭାରତରେ

ପ୍ରତିବର୍ଷ ଅଗଷ୍ଟ ୧୫କୁ ଭାରତ ସ୍ୱାଧୀନତା ଦିବସ ଭାବେ ପାଳନ କରିଥାଏ। କାରଣ ଭାରତୀୟଙ୍କ ପାଇଁ ଏହି ଦିନର ମହତ୍ତ୍ୱ ଖୁବ୍ ଅଧିକ। ହେଲେ ଭାରତରେ ଏମିତି ଏକ ଗାଁ ଅଛି ଯେଉଁଠି ଲୋକେ ସ୍ୱାଧୀନତାର ୭୦ବର୍ଷରୁ ଊର୍ଦ୍ଧ୍ୱ ହେଲା ନିଜକୁ ପରାଧୀନ ବୋଲି ଧରି ନେଇଛନ୍ତି। କାରଣ ଏମାନେ ଆଜି ମଧ୍ୟ ପରାଧୀନ ଭଳି ରହୁଛନ୍ତି। ହରିୟାଣାର ରୋହନତ୍ ଗାଁରେ ସ୍ୱାଧୀନତା ସହ ଜଡ଼ିତ କୌଣସି ପର୍ବ ପାଳନ କରାଯାଏ ନାହିଁ। କେବଳ ସ୍ୱାଧୀନତା ଦିବସ ନୁହେଁ, ଏଠାରେ ସାଧାରଣତନ୍ତ୍ର ଦିବସ ମଧ୍ୟ ପାଳନ କରାଯାଇ ନ ଥାଏ। ଇତିହାସ କହେ ଇଂରେଜମାନେ ଏଠାରେ ଜାଲିଆନାୱାଲାବାଗ ଭଳି ନରସଂହାର କରିବା ସହ ୧୮୫୭ କ୍ରାନ୍ତିକାରୀ ବିପ୍ଳବରେ ଯେଉଁମାନେ ଅଂଶଗ୍ରହଣ କରିଥିଲେ ସେମାନଙ୍କୁ ମୃତ୍ୟୁଦଣ୍ଡ ଦେଇଥିଲେ। ଏହାସହ ଗାଁରେ ତୋପ ଫୁଟାଇ ଅନେକଙ୍କୁ ମାରିଦେବା ସହ କେତେକଙ୍କୁ ରୋଲର ଚଢାଇ ଇଂରେଜମାନେ ମାରି ଦେଇଥିବା କୁହାଯାଏ। ଏମିତି ପରିସ୍ଥିତିରେ ଅନେକ ମହିଳା କୂଅକୁ ଡେଇଁ ଆତ୍ମହତ୍ୟା କରିଥିବା ମଧ୍ୟ ଇତିହାସରେ ବର୍ଣ୍ଣନା କରାଯାଇଛି। ଏମିତି ସବୁ ଘଟଣା ଇତିହାସ ପୃଷ୍ଠାରୁ ତଥା ବୟସ୍କ ବ୍ୟକ୍ତିଙ୍କଠାରୁ ଶୁଣିବା ପରେ ଆଜିବି ରୋହନତ୍ ଗାଁର ଲୋକେ ନିଜକୁ ପରାଧୀନ ବୋଲି ଭାବି ଗାଁରେ ଜାତୀୟ ପତାକା ଉଡାଉ ନ ଥିଲେ। ଏବେ ସରକାରଙ୍କର ବିଭିନ୍ନ ଯୋଜନା ମାଧ୍ୟମରେ ଗାଁର ଉନ୍ନତି କରାଯାଇଥିବା ବେଳେ ଗାଁ ଲୋକଙ୍କ ମନ ଧୀରେ ଧୀରେ ପରିବର୍ତ୍ତନ ହେଉଥିବା ଲକ୍ଷ୍ୟ କରାଯାଉଛି। କାରଣ ୨୦୧୮ ସ୍ୱାଧୀନତା ଦିବସରେ ସେଠାରେ ଜାତୀୟ ପତାକା ଉତ୍ତୋଳନ କରାଯାଇଥିବା କେତେଜଣ ସରକାରୀ ଅଧିକାରୀ ସୂଚନା ଦେଇଛନ୍ତି। ତେଣୁ ଚଳିତବର୍ଷ ସ୍ୱାଧୀନତା ଦିବସରେ ଏଠାରେ ଜାତୀୟ ପତାକା ଉତ୍ତୋଳନ କରାଯିବ ବୋଲି ଆଶା କରାଯାଉଛି।

## ଚିରନ୍ତନୀ

ହେଉ ଅନ୍ଧ ଏ ନୟନ
ନିନ୍ଦା ତବ ଦେଖେଁ ଯଦି ତାହା,
ସବୁ ଦରଶନ ମମ
ହେଉ ଦୂର, ଜୀବନର ନାହା !
ଏ ବଦନେ ତବ ନାମ
ଧରି ଯଦି କରେ ଅପମାନ,
ସେ ରସନା ଲଭୁ ମୋର
ସକଳ ରସର ଅବସାନ।
(ଆସ୍ତିକର ଆକୁତି)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ରହିବା ଦରକାର ନାଁ ପଢ଼ାଇବା ଦରକାର

ମହାଶୟ,

ଜଣେ ଅଧ୍ୟାପକ ବହି ଧରି ପଢାଇ ନ ଥାନ୍ତି। ସେଥିପାଇଁ ତାଙ୍କର ଭାଷାଚାତୁରି, ପାଠଦାନ କୌଶଳ ଏବଂ ଆନ୍ତରିକତା ବେଶ ସହାୟକ ହୋଇଥାଏ। ଏଥିପାଇଁ ଚାପମୁକ୍ତ ଜୀବନ ନିହାତି ଆବଶ୍ୟକ। ଏଠାରେ ଛାତ୍ରମାନଙ୍କୁ ପଢାଇ ମଣିଷ କରିବାକୁ କିଏ କେତେ ସମୟ କଲେଜରେ ରହିଲା ତାହା ଯେତିକି ଗୁରୁତ୍ୱପୂର୍ଣ୍ଣ, ତା' ଅପେକ୍ଷା କିଏ କେତେ କ୍ଲାସ୍ ନେଲା ତାହା ଅଧିକ ଗୁରୁତ୍ୱପୂର୍ଣ୍ଣ। ଏ ପର୍ଯ୍ୟନ୍ତ ସରକାର ଚିନ୍ତା କଲେଣି କି, କଲେଜରେ ୧୧ ହଜାର, ୩୬ ହଜାର ପାଉଥିବା ଏବଂ ୧ ଲକ୍ଷରୁ ଅଧିକ ଟଙ୍କା ଦରମା ପାଉଥିବା ଅଧ୍ୟାପକ ସମାନ କ୍ଲାସ କରୁଛନ୍ତି ନାଁ ସେଥିରେ କିଛି ତାରତମ୍ୟ ରହିଛି? ମୋ ମତରେ ଅଧ୍ୟାପକମାନଙ୍କୁ ନିର୍ଦ୍ଦିଷ୍ଟ ଘଣ୍ଟା କଲେଜରେ ରହିବାକୁ ବାଧ୍ୟ କରିବା ଅପେକ୍ଷା ପ୍ରତ୍ୟେକ ଅଧ୍ୟାପକଙ୍କୁ ନିର୍ଦ୍ଦିଷ୍ଟ ସଂଖ୍ୟକ କ୍ଲାସ୍ ନେବାକୁ ବାଧ୍ୟତାମୂଳକ କରିବା ଅଧିକ ଉପଯୁକ୍ତ ହୁଅନ୍ତା।

ପ୍ରଦୀପ ମହାନ୍ତି, ଯାଜପୁର

### ବୀଜବିକ୍ଷେପ ସହିତ ତାଳବଣ ସୃଷ୍ଟି କରିବା

ପ୍ରଳୟଙ୍କରୀ ବାତ୍ୟା ଫନୀ ଧ୍ୱଂସର ତାଣ୍ଡବ ରଚିଲା ଓଡିଶାର ଉପକୂଳବର୍ତ୍ତୀ ଜିଲ୍ଲାଗୁଡିକରେ। ଧନଜୀବନର ବ୍ୟାପକ କ୍ଷୟକ୍ଷତି ହେଲା ଓ ଟଳିପଡିଲା ଲକ୍ଷଲକ୍ଷ ଗଛ। ପରିବେଶ ଉପରେ ସାଂଘାତିକ ପ୍ରଭାବ ପଡିଲା। ତେଣୁ ଆମେ ବୃକ୍ଷରୋପଣ ଓ ବୀଜବିକ୍ଷେପ ସହିତ ତାଳବଣ ସୃଷ୍ଟି କରିବା ଉଚିତ। ଲୋକେ ପାଚିଲା ଆମ୍ବ, ପଣସ, ଖଜୁରି, ତାଳ, ଜାମୁ ଆଦି ଖାଇ ତା'ର ମଞ୍ଜିକୁ ଏଣେତେଣେ ନ ଫୋପାଡ଼ିଦିଅନ୍ତି। ଆପଣମାନେ ଏହାକୁ ନ ଫୋପାଡ଼ି ଖୋଲା ପଡ଼ିଆ କିମ୍ବା ରାସ୍ତାକଡରେ ପକାଇଦିଅନ୍ତୁ। ବର୍ଷାଦିନ ହେତୁ ଏହି ମଞ୍ଜି ଗଜା ହୋଇ ଗଛ ଆପେ ବଢ଼ି ସବୁଜ ପରିବେଶ ସୃଷ୍ଟି କରିବ। ଚାଷୀଟେ ବିଲରେ ଚାଷ କାର୍ଯ୍ୟରେ ଲିପ୍ତ ଥିବା ବେଳେ ବିଜୁଳି ସାଧାରଣତଃ ଚାଷୀ ଉପରେ କିମ୍ବା ଉଚ୍ଚ ଗଛ ଉପରେ ପଡିଥାଏ। ବିଜୁଳିରୁ ଚାଷୀ ନିଜ ଜୀବନକୁ ରକ୍ଷା କରିବା ପାଇଁ ବିଲର ହିଡ଼ରେ ପ୍ରଚୁର ତାଳବଣ ସୃଷ୍ଟି କରିବା ଆବଶ୍ୟକ। ଗଛ ଲଗାଇ ଆମର ଉତ୍ତରପିଢିର ଭବିଷ୍ୟତ ସୁରକ୍ଷିତ କରିବାର ଆବଶ୍ୟକତା ରହିଛି।

କପିଳାସ କୁମାର ବେହେରା, kumarkapilash958@gmail.com

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ୨୫ ବର୍ଷ ତଳର ଧରିତ୍ରୀ

୪ ଅଗଷ୍ଟ ୧୯୯୪

- ରୁଷିଆର ଦକ୍ଷିଣ ପ୍ରଜାତନ୍ତ୍ର ଚେଚେନ୍ୟାର ବିରୋଧୀ ଦଳ ସ୍ୱେଚ୍ଛାଚାରୀ ଅପରାଧୀ ତଥା ଏକଚ୍ଛତ୍ରବାଦୀ ସରକାରଠାରୁ ଜୋର କରି କ୍ଷମତା ଦଖଲ କରିଛି।
- ପ୍ରତିଭୂତି ହେରଫେର ସଂକ୍ରାନ୍ତ କାର୍ଯ୍ୟାନୁଷ୍ଠାନ ରିପୋର୍ଟକୁ କେନ୍ଦ୍ର କରି ଦେଖାଦେଇଥିବା ଅଚଳାବସ୍ଥାକୁ ଏଡ଼ାଇବା ପାଇଁ ଲୋକ ସଭା ବାଚସ୍ପତି ଶିବରାଜ ପାଟିଲ ଏବଂ ବିରୋଧୀ ଦଳର ନେତାମାନଙ୍କ ବୈଠକ ବିଫଳ।
- ଇଟାଲୀରେ ଅନୁଷ୍ଠିତ ୨୫ତମ ତାଓରମାନା ଆର୍ଟ ଆନ୍ତର୍ଜାତିକ ଫିଲ୍ମ ଉତ୍ସବରେ 'ପତଙ୍ଗ' ଚଳଚ୍ଚିତ୍ର ପାଇଁ ସାବ୍‌ନା ଆଜମୀଙ୍କୁ ଶ୍ରେଷ୍ଠ ଅଭିନେତ୍ରୀ ପୁରସ୍କାର।

## sudoku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | | 8 | D | | | | | | 6 | 9 | | C | |
| | B | | A | | | | E | | D | 0 | | 1 | | 7 |
| | 3 | 9 | | | 5 | | | | B | 8 | 2 | | E | |
| 0 | | | 1 | | | | | | | | | 8 | A | |
| | | 7 | | | 4 | B | | | A | | | | 0 | |
| | A | | | 5 | | | | | | D | 3 | C | 1 | |
| C | | | B | 1 | | | | 7 | | | | | | 5 |
| E | | 6 | C | | D | | | | | | | 3 | | |
| | 5 | | 0 | E | | | | 3 | | A | | | 7 | 8 |
| 8 | | | | | 3 | | 0 | | | | | 9 | | |
| | | 5 | | 8 | | | | | 3 | C | | | | D |
| | | | | 3 | 6 | | | 1 | | | | E | 9 | |
| B | | | | | 1 | | | C | E | | 5 | 2 | | |
| | 8 | | 7 | | | | | 2 | | | | 5 | | 0 |
| | 9 | | | 0 | | | | 8 | | | 4 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| D | 1 | 7 | 8 | E | 3 | A | 5 | C | 6 | 9 | B | 4 | 0 | 2 |
| 2 | E | 0 | 5 | 1 | 7 | 4 | 6 | 9 | D | C | 3 | 8 | A | B |
| 8 | 9 | 4 | 6 | A | C | B | 0 | D | 2 | E | 1 | 5 | 7 | 3 |
| C | 5 | A | B | 2 | 9 | 3 | 8 | 1 | 0 | 4 | 7 | D | E | 6 |
| B | 6 | 3 | D | 0 | 4 | E | 7 | 2 | 5 | A | 8 | 9 | 1 | C |
| E | 8 | 1 | 3 | 6 | 2 | C | D | 7 | A | 5 | 9 | B | 4 | 0 |
| 9 | B | 6 | 1 | D | A | 8 | 4 | 0 | E | 3 | 2 | 7 | C | 5 |
| 0 | 4 | C | 9 | 7 | E | 5 | 2 | 3 | B | 1 | 6 | A | D | 8 |
| 7 | 2 | 5 | 0 | 4 | B | 9 | A | E | C | 8 | D | 3 | 6 | 1 |
| 3 | A | D | C | 5 | 8 | 6 | 1 | B | 7 | 0 | 4 | 2 | 9 | E |
| A | 0 | B | 4 | 9 | D | 1 | E | 6 | 8 | 2 | 5 | C | 3 | 7 |
| 4 | 3 | E | 2 | 8 | 1 | 0 | C | 5 | 9 | 7 | A | 6 | B | D |
| 5 | C | 9 | 7 | B | 6 | 2 | 3 | A | 1 | D | 0 | E | 8 | 4 |
| 6 | 7 | 2 | E | 3 | 0 | D | 9 | 8 | 4 | B | C | 1 | 5 | A |
| 1 | D | 8 | A | C | 5 | 7 | B | 4 | 3 | 6 | E | 0 | 2 | 9 |

ଗତକାଲିର ଉତ୍ତର

## ଭୂକମ୍ପରେ ୪ ମୃତ

ଭୂକମ୍ପରେ ଜାଭା ଦ୍ୱୀପ ବହୁଳ ଭାବେ କ୍ଷତିଗ୍ରସ୍ତ ହୋଇଛି। ଏହାର ପ୍ରଭାବରେ ୪ ଜଣ ପ୍ରାଣ ହରାଇଥିବାବେଳେ ୨୨୩ ଘର ଭାଙ୍ଗିଯାଇଥିବା ଜଣାପଡ଼ିଛି। ବାଣ୍ଟେନ୍ ଓ ପଶ୍ଚିମ ଜାଭା ଭୂକମ୍ପରେ ବହୁଳ କ୍ଷତି ସହିଥିବା କୁହାଯାଉଛି। ଶୁକ୍ରବାର ରାତିରେ ହୋଇଥିବା ଭୂକମ୍ପର ତୀବ୍ରତା ୬.୮ ରହିଥିବା ଆମେରିକା ଭୂବିଜ୍ଞାନ ସର୍ବେକ୍ଷଣ ସଂସ୍ଥା ପକ୍ଷରୁ କୁହାଯାଇଛି। ଏଥିଲାଗି ସୁନାମି ସତର୍କତା ଜାରି କରାଯାଇଥିଲା।

## ସିରିଆ ଏୟାରବେସ୍‌ରେ ବିସ୍ଫୋରଣ: ୩୧ ମୃତ



**ବିରୁଟ୍,୩।୮ (ଏଏଫ୍‌ପି):** କେନ୍ଦ୍ରୀୟ ସିରିଆର ଶାୟରାତ୍ ସାମରିକ ଏୟାରବେସ୍‌ରେ ଶନିବାର ବିସ୍ଫୋରଣ ହେବାରୁ ୩୧ ସୈନ୍ୟ ନିହତ ହୋଇଛନ୍ତି। ବିସ୍ଫୋରଣର କାରଣ ଜଣାପଡ଼ିନାହିଁ। ତେବେ ଅବଧି ଅତିକ୍ରାନ୍ତ ହୋଇଥିବା ଗୁଳିଗୋଳା ସ୍ଥାନାନ୍ତର ବେଳେ ବୈଷୟିକ ତ୍ରୁଟିରୁ ବିସ୍ଫୋରଣ ହୋଇଥିବା ସ୍ଥାନୀୟ ନ୍ୟୁଜ୍ ଏଜେନ୍ସୀ ପକ୍ଷରୁ କୁହାଯାଇଛି। ସେଠାରେ ସିରିଆ ସେନା ସହ ଇରାନ ଯବାନମାନେ ରହୁଥିଲେ। ୨୦୧୭ରେ ଉକ୍ତ ଏୟାରବେସ୍‌ରୁ ସିରିଆ ବିଦ୍ରୋହୀଙ୍କ ଉପରେ ରାସାୟନିକ ଆକ୍ରମଣ କରିଥିବା ସନ୍ଦେହରେ ଆମେରିକା ସେଠାରେ ଏୟାରଷ୍ଟ୍ରାଇକ୍ କରିଥିଲା।

### ଉନ୍ନାଓ ପୀଡ଼ିତା ଗୁରୁତର, ନିମୋନିଆରେ ଆକ୍ରାନ୍ତ

# ସେନ୍‌ଗରଙ୍କୁ ଜେଲ୍‌ରେ ସିବିଆଇ ଜେରା

**ଲକ୍ଷ୍ନୌ, ୩।୮ (ପି.ଟି.)**

ଉନ୍ନାଓ ପୀଡ଼ିତାଙ୍କ ଅବସ୍ଥା ଏବେ ସଙ୍କଟାପନ୍ନ ରହିଛି। ସେ ନିମୋନିଆରେ ଆକ୍ରାନ୍ତ ହୋଇଥିବାବେଳେ ଡ଼ାକ୍ତରୀ ଚିକିତ୍ସା ଜାରି ରହିଛି। ଜ୍ୱର ସହ ବ୍ଲଡ ସୁଗାର ବଢ଼ିଯାଇଛି। ୱିଣ୍ଡ ପାଇପ୍ ସହାୟତାରେ ସେ ଅକ୍ସିଜେନ୍ ନେଉଛନ୍ତି। ତେବେ ତାଙ୍କ ସହ ଦୁର୍ଘଟଣାର ଶିକାର ହୋଇଥିବା ଓକିଲଙ୍କ ସ୍ୱାସ୍ଥ୍ୟାବସ୍ଥାରେ ସୁଧାର ଆସିଥିବା ଜଣାପଡ଼ିଛି। ବିନା ଭେଣ୍ଟିଲେଟରରେ ସେ ନିଃଶ୍ୱାସ ପ୍ରଶ୍ୱାସ ନେଇପାରୁଥିବା କିଙ୍ଗ ଜର୍ଜସ ମେଡ଼ିକାଲ ୟୁନିଭର୍ସିଟି



ଟ୍ରାଉମା ସେଣ୍ଟର ମୁଖ୍ୟ ସନ୍ଦୀପ ତିୱାରୀ ପ୍ରକାଶ କରିଛନ୍ତି। ପ୍ରକାଶଥାଉ କି, ପୀଡ଼ିତାଙ୍କୁ ଦିଲ୍ଲୀର ଏମ୍ସକୁ ଚିକିତ୍ସା ଲାଗି ନିଆଯିବ କି ନାହିଁ, ସୁପ୍ରିମକୋର୍ଟ ସୋମବାର ସେ ସମ୍ପର୍କରେ ନିର୍ଦ୍ଦେଶ ଦେବେ। ଅନ୍ୟ ପକ୍ଷରେ

**ବନ୍ଧୁକ ଲାଇସେନ୍ସ ରଦ୍ଦ**

ଏହି ଘଟଣାରେ ସିବିଆଇ ଭାଜପା ବିଧାୟକ କୁଲଦୀପ ସିଂ ସେନଗରଙ୍କ ସମେତ ୧୦ ଜଣଙ୍କୁ ଗିରଫ କରିଥିବାବେଳେ ତଦନ୍ତ ଜାରି ରହିଛି। ସିବିଆଇ ପକ୍ଷରୁ ଜେଲ୍‌ରେ ସେନ୍‌ଗରଙ୍କୁ ଶନିବାର ଜେରା କରାଯାଇଛି। ସେପଟେ ସେନ୍‌ଗର ପାଇଥିବା ବନ୍ଧୁକ ଲାଇସେନ୍ସକୁ ଉନ୍ନାଓ ଜିଲା ମାଜିଷ୍ଟ୍ରେଟ୍ ରଦ୍ଦ କରିଛନ୍ତି। ଗୋଟିଏ ରାଇଫଲ, ଗୋଟିଏରିଭଲ୍‌ଭର ଓ ଗୋଟିଏ ସିଙ୍ଗିଲ ବ୍ୟାରେଲ ଗନ୍ ଲାଗି ତାଙ୍କୁ ଅନୁମତି ମିଳିଥିଲା। ବଳାତ୍କାର ମାମଲାରେ ସେନ୍‌ଗରଙ୍କୁ ଗତ ଏପ୍ରିଲ ୧୩ରେ ଗିରଫ କରାଯାଇଥିବାବେଳେ ଏବେ ସେ ସୀତାପୁର ଜିଲା କାରାଗାରରେ ଅଛନ୍ତି।

## 'କ୍ୱାଥା'ରେ ଅଭିନୟ କରିବେ ଇସାବେଲ୍



**ମୁମ୍ବାଇ:** ଅଭିନେତ୍ରୀ କାତ୍ରିନା କୈଫଙ୍କ ଭଉଣୀ ଇସାବେଲ୍ 'କ୍ୱାଥା' ଫିଲ୍ମରେ ଅଭିନୟ ଜୀବନ ଆରମ୍ଭ କରିବେ। ତାଙ୍କ ସହ ଅଭିନୟ କରିବେ ସଲମାନ୍ ଖାନ୍‌ଙ୍କ ଭିଣୋଇ ଆୟୁଷ ଶର୍ମା। କରନ୍ ଲଳିତ ବୁଟାନୀଙ୍କ ନିର୍ଦ୍ଦେଶିତ 'କ୍ୱାଥା'ଭାରତୀୟ ସେନା ସହ ଜଡ଼ିତ ଏକ ସତ୍ୟ ଘଟଣା ଉପରେ ଆଧାରିତ। ଆୟୁଷ ଏହି ଫିଲ୍ମରେ ଜଣେ ସେନା ଅଫିସର ଚରିତ୍ରରେ ଅଭିନୟ କରିବେ। ଏଥିପାଇଁ ଆୟୁଷ ଶାରୀରିକ ଦକ୍ଷତା ଏବଂ ଜଣେ ଯବାନ ଭଳି ଦେଖାଯିବା ପାଇଁ କଷ୍ଟକର ତାଲିମ ଗ୍ରହଣ କରୁଛନ୍ତି। ତେବେ ଇସାବେଲ୍ କେଉଁ ଚରିତ୍ରରେ ଅଭିନୟ କରିବେ ତାହା ବର୍ତ୍ତମାନ ପାଇଁ ଗୁପ୍ତ ରଖାଯାଇଛି। ଏ ସମ୍ପର୍କରେ ନିର୍ଦ୍ଦେଶକ ବୁଟାନୀ କହନ୍ତି, 'କ୍ୱାଥା'ରେ ଆୟୁଷ ଶର୍ମା ଓ ଇସାବେଲ୍ କୈଫ ମୁଖ୍ୟ ଚରିତ୍ରରେ ଅଭିନୟ କରୁଥିବାରୁ ଆମେ ଉତ୍ସାହିତ। ଭାରତ ଓ ମ୍ୟାନ୍‌ମାର ସୀମାନ୍ତରେ 'କ୍ୱାଥା' ନାମକ ଏକ ଗାଁ ରହିଛି। ଏହି ଗାଁକୁ ନେଇ ଫିଲ୍ମଟି ଗତିଶୀଳ। ଏ ସମ୍ପର୍କରେ ପ୍ରଯୋଜକ ଆଦିତ୍ୟ ଜୋଷୀ କହିଛନ୍ତି, କ୍ୱାଥା ଏକ ଭିନ୍ନ ଧରଣର ଫିଲ୍ମ। ଏହା ଭାରତୀୟ ଯବାନଙ୍କ ହୃଦୟର କଥା କହିବ। ବର୍ତ୍ତମାନ ଅଭିନେତା ଅଭିନେତ୍ରୀମାନେ ଫିଲ୍ମ ପାଇଁ କଠିନ ତାଲିମ ଗ୍ରହଣ କରୁଛନ୍ତି। ସେମାନେ ଖୁବ୍‌ଶୀଘ୍ର ଉତ୍ତରପୂର୍ବ ରାଜ୍ୟକୁ ଯାଇ କେତେକ ସ୍ଥାନ ପରିଦର୍ଶନ କରିବେ। ଚଳିତବର୍ଷ ସେପ୍ଟେମ୍ବରରେ ଉକ୍ତ ଫିଲ୍ମର ଶୁଟିଂ ଆରମ୍ଭ ହେବ ଏବଂ ୨୦୨୦ରେ ଏହା ରିଲିଜ ହେବା ଆଶା କରାଯାଉଛି। ପର୍ପଲ ବୁଲ୍ ଏଣ୍ଟରଟେନମେଣ୍ଟ ଏବଂ କଲ୍ଟ ଏଣ୍ଟରଟେନମେଣ୍ଟର ମିଳିତ ଉଦ୍ୟମରେ ପ୍ରସ୍ତୁତ ହେଉଥିବା ଏହି ଫିଲ୍ମରେ ଅନ୍ୟମାନଙ୍କ ମଧ୍ୟରେ ଅଭିନୟ କରୁଛନ୍ତି ସୁନୀଲ ଜୈନ, ଓମ୍ ପ୍ରକାଶ ଭଟ୍ଟ, ଆଦିତ୍ୟ ଜୋଷୀ, ଆଲୋକ ଅରବିନ୍ଦ ଠାକୁର ଏବଂ ସୁଜୟ ଶଙ୍କରୱାର।

## କେମିତି ରହିବ ଆଜିର ପାଗ



ଶନିବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

**ରାଜ୍ୟ–**ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ପାଗ ମୁଖ୍ୟତଃ ମେଘୁଆ ରହିବ। **ସ୍ଥାନୀୟ ଅଞ୍ଚଳ–** ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ଆକାଶ ମେଘାଚ୍ଛନ୍ନ ରହିବା ସହିତ ପ୍ରବଳ ବର୍ଷା ହେବାର ସମ୍ଭାବନା ଅଛି। ରବିବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୦ ଡିଗ୍ରୀ ଏବଂ ସର୍ବନିମ୍ନ ୨୫ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ଶନିବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୧.୭ | ୨୪.୮ |
| ଚାନ୍ଦବାଲି | ୩୧.୬ | ୨୬.୪ |
| କଟକ | ୩୦.୦ | ୨୪.୦ |
| ପାରାଦ୍ୱୀପ | ୩୦.୦ | ୨୬.୯ |
| ଭୁବନେଶ୍ୱର | ୩୦.୨ | ୨୫.୪ |
| ଗୋପାଳପୁର | ୨୮.୩ | ୨୪.୮ |
| ପୁରୀ | ୩୦.୪ | ୨୫.୬ |
| ଅନୁଗୋଳ | ୨୯.୧ | ୨୧.୬ |
| ବାରିପଦା | ୩୦.୪ | ୨୬.୮ |
| ଝାରସୁଗୁଡ଼ା | ୨୯.୦ | ୨୫.୨ |
| କେନ୍ଦୁଝର | ୩୦.୬ | ୨୩.୮ |
| ସମ୍ବଲପୁର | ୨୮.୬ | ୨୪.୬ |
| ସୁନ୍ଦରଗଡ଼ | ୨୭.୦ | ୨୬.୦ |
| ହୀରାକୁଦ | ୨୭.୭ | ୨୪.୬ |
| ତାଳଚେର | ୩୦.୭ | ୨୫.୨ |
| ଭବାନୀପାଟଣା | ୨୭.୭ | ୨୩.୮ |
| ବଲାଙ୍ଗୀର | ୨୮.୦ | ୨୪.୫ |
| କୋରାପୁଟ | ୨୧.୪ | ୧୯.୬ |
| ଫୁଲବାଣୀ | ୨୬.୮ | ୨୨.୮ |
| ଟିଟିଲାଗଡ଼ | ୨୮.୪ | ୨୦.୫ |
| ମାଲକାନଗିରି | ୨୫.୨ | ୧୮.୨ |
| ସୋନପୁର | ୨୯.୨ | ୨୧.୪ |
| ଦାରିଙ୍ଗିବାଡ଼ି | ୨୫.୦ | ୧୮.୦ |

ଡିଗ୍ରୀ ସେଲ୍‌ସିୟସ୍

## 'ପିଓକେ'ରେ ସେନାର ବଡ଼ କାର୍ଯ୍ୟାନୁଷ୍ଠାନ



**ନୂଆଦିଲ୍ଲୀ, ୩।୮ (ପି.ଟି.):** ଭାରତୀୟ ସେନା ପାକିସ୍ତାନ ଅଧିକୃତ କଶ୍ମୀର(ପିଓକେ)ର ପାଖାପାଖି ୩୦ କିମି ଭିତରେ ପ୍ରବେଶ କରି ଆତଙ୍କବାଦୀଙ୍କ ଆଡ୍ଡାକୁ ଧ୍ୱଂସ କରିଛି। ସେନାର ଏହି କାର୍ଯ୍ୟାନୁଷ୍ଠାନରେ ନୀଲମ୍ ଝେଲମ୍ ଜଳବିଦ୍ୟୁତ ପ୍ରକଳ୍ପ କ୍ଷତିଗ୍ରସ୍ତ ହୋଇଛି। ଏଥିସହିତ ଏନ୍‌ଜେଏଚ୍‌ପି ପ୍ରକଳ୍ପ ମଧ୍ୟ କ୍ଷତିଗ୍ରସ୍ତ ହୋଇଥିବା ଜଣାପଡ଼ିଛି। ସେପଟେ ଭାରତ 'ପିଓକେ'ରେ ପଶି କ୍ଲଷ୍ଟର ବୋମା ବ୍ୟବହାର କରି ଜାତିସଂଘ ନିୟମ ଉଲ୍ଲଂଘନ

**ଆତଙ୍କବାଦୀ ଶିବିର ଧ୍ୱଂସ**

କରିଥିବା ପାକିସ୍ତାନ ଅଭିଯୋଗ କରିଛି। ସୂଚନାଯୋଗ୍ୟ, ଜମ୍ମୁ-କଶ୍ମୀରରେ ଲ୍ୟାଣ୍ଡମାଇନ ଠାବ ହେବା ପରେ ସରକାର ଅମରନାଥ ଯାତ୍ରା ସ୍ଥଗିତ ରଖିବା ସହ ଯାତ୍ରୀମାନଙ୍କୁ ଫେରିଯିବା ଲାଗି ଆଡଭାଇଜରି ଜାରି କରିଥିଲେ। ଏହା ପରେ ସେନାବାହିନୀ ପକ୍ଷରୁ ବଡ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି।

## ନିଲାମ ହେବ ବିଶିଷ୍ଟ ଚିତ୍ରଶିଳ୍ପୀଙ୍କ କଳାକୃତି

**ନୂଆଦିଲ୍ଲୀ:** ବିଶିଷ୍ଟ ଚିତ୍ରଶିଳ୍ପୀ ଏମ୍.ଏଫ୍. ହୁସେନ, ଅମ୍ରିତା ଶେର-ଗିଲ, ଏସ୍.ଏଚ୍. ରାଜା, ଯାମିନୀ ରଏ ଏବଂ ଏଫ୍.ଏନ୍. ସୁଜାଙ୍କ କଳାକୃତି ଆସନ୍ତା ସପ୍ତାହରେ ନିଲାମ ହେବାକୁ ଯାଉଛି। ଏହିସବୁ କଳାକୃତି ବର୍ତ୍ତମାନ ଦିଲ୍ଲୀର ହୋଟେଲ ତାଜ ପ୍ୟାଲେସର ଶୋଭାମଣ୍ଡନ କରୁଛି। ଉକ୍ତ ହୋଟେଲର ୧୧୫ତମ ପ୍ରତିଷ୍ଠା ବାର୍ଷିକୀରେ ୨୫ଟି ଚିତ୍ରକଳା ନିଲାମ



ହେବାକୁ ଥିବାବେଳେ ଲବ୍ଧ ଅର୍ଥ ତାଜ ପବ୍ଲିକ୍ ସର୍ଭିସ ୱେଲଫେୟାର ଟ୍ରଷ୍ଟକୁ ପ୍ରଦାନ କରାଯିବ। ଉକ୍ତ କାରୁକାର୍ଯ୍ୟ ସହିତ ସୁପରିଚିତ ସେଲିବ୍ରିଟିଙ୍କ ନାମ ମଧ୍ୟ ଉଲ୍ଲେଖ ରହିଛି। ଆତଙ୍କବାଦ, ପ୍ରାକୃତିକ ବିପର୍ଯ୍ୟୟ ଦ୍ୱାରା ପୀଡିତ ବ୍ୟକ୍ତି ଏବଂ ଶହୀଦ ଯବାନଙ୍କ ପରିବାର ସଦସ୍ୟଙ୍କୁ ସହାୟତା ନିମନ୍ତେ ଉକ୍ତ ଅର୍ଥ ବିନିଯୋଗ କରାଯିବ। ପ୍ରତ୍ୟେକ ଚିତ୍ରରେ ଭାରତୀୟ କଳା ପ୍ରତିଫଳିତ। ଏହିସବୁ ଚିତ୍ରଗୁଡିକ ୧୯୫୨ରୁ ୨୦୦୫ ମଧ୍ୟରେ ପ୍ରସ୍ତୁତ କରାଯାଇଛି ।






## ମହାକାଶ ଆବର୍ଜନା ଅନୁଧାନ କେନ୍ଦ୍ର

**ଚେନ୍ନାଇ:** ମହାକାଶରେ କୃତ୍ରିମ ଉପଗ୍ରହର ଭଙ୍ଗାରୁଜା ଅଂଶକୁ ଅନୁଧାନ କରିବା ଲାଗି ଏକ କେନ୍ଦ୍ର ସ୍ଥାପିତ ହେବାକୁ ଯାଉଥିବାବେଳେ ଏହାର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିବା ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ) ପକ୍ଷରୁ ସୂଚନା ଦିଆଯାଇଛି। ଇସ୍ରୋ ଅଧ୍ୟକ୍ଷ କେ. ଶିବନ୍ ଶୁକ୍ରବାର ବେଙ୍ଗାଲୁରୁର ପିନ୍ୟାଠାରେ ସ୍ପେସ୍ ସିଚୁଏଶନାଲ ଆୱାରନେସ୍ କଣ୍ଟ୍ରୋଲ ସେଣ୍ଟରର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। କୃତ୍ରିମ ଉପଗ୍ରହଗୁଡିକର ଭଙ୍ଗାରୁଜା ଅଂଶ ମହାକାଶରେ ବୃଦ୍ଧି ପାଉଥିବା ଏବଂ ନୂଆ ସ୍ପେସ୍‌କ୍ରାଫ୍ଟ ସହ ଏଗୁଡିକ ଧକ୍କା ଖାଇବା ଆଶଙ୍କା ଥିବାରୁ ଏଥିନିମନ୍ତେ ଏକ ନିୟନ୍ତ୍ରଣ କେନ୍ଦ୍ର ବେଙ୍ଗାଲୁରୁଠାରେ ସ୍ଥାପିତ ହେବାକୁ ଯାଉଥିବା ଇସ୍ରୋ ପକ୍ଷରୁ କୁହାଯାଇଛି।


Estd. - 2009
A Government Engineering College
E-mail - pmecbam@gmail.com
Website - www.pmec.ac.in

**PARALA MAHARAJA ENGINEERING COLLEGE**

(A constituent college of Biju Patnaik University of Technology, Odisha, Rourkela)
SITALAPALLI: BERHAMPUR: DIST.:- GANJAM: PIN - 761003

No.PMEC/ACA/ 1514 Date:- 03/08/2019

**NOTICE FOR REPORTING OF CANDIDATES FOR FINAL ADMISSION INTO 1ST SEMESTER B.TECH, 3RD SEMESTER B.TECH(LE) AND 1ST SEMESTER M.TECH PROGRAMME FOR THE ACADEMIC SESSION 2019-20**

The candidates allotted by OJEE-2019 for admission in this college for 1st semester B.Tech, 3rd semester B.Tech(LE) and 1st semester M.Tech programme in the academic session 2019-20 are advised to visit college website i.e. www.pmec.ac.in for Date of reporting, Documents to be submitted during reporting, Commencement of classes and etc.

N.B.:- LAST DATE FOR REPORTING & ADMISSION IS 08.08.2019.

Sd/-
Principal
PMEC, Berhampur



**ODISHA JOINT ENTRANCE EXAMINATION-2019 (OJEE - 2019)**

No: 396/OJEE19 Date: 03.08.2019

**NOTICE**

A Spot Round counselling for admission against the vacant seats of **MBBS / BDS** courses shall be conducted by Odisha Joint Entrance Examination Committee during 4th to 6th August, 2019 at the OJEE office, Gandamunda, Bhubaneswar. All candidates, listed in the OJEE State Merit List, irrespective of their admission status, are eligible to participate. Interested candidates are advised to refer to OJEE website (**www.ojee.nic.in**) for detailed information such as guidelines, seat matrix and schedule for this spot round counselling.

Sd/-
CHAIRMAN, OJEE


### [ଇତିହାସର ଆଇନାରେ]

## ଅଗଷ୍ଟ ୪ର ପ୍ରମୁଖ ଘଟଣା

୧୯୪୬ ଅଗଷ୍ଟ ୪ରେ ନର୍ଦ୍ଦର୍ନ ଡୋମିନିକାନ୍ ରିପବ୍ଲିକ୍‌ରେ ୮.୦ ତୀବ୍ରତାର ଭୂକମ୍ପ ଯୋଗୁ ୧୦୦ଜଣଙ୍କ ମୃତ୍ୟୁ ଘଟିବା ସହିତ ୨୦ହଜାର ଲୋକ ଗୃହହୀନ ହୋଇପଡିଥିଲେ। ଡୋମିନିକାନ୍ ରିପବ୍ଲିକ୍ ହେଉଛି କାରିବିୟାନ୍ ରିଜିୟନ୍‌ର ହିସ୍‌ପାନିଓଲା ଦେଶରେ ଅବସ୍ଥିତ।

୧୯୭୪ ଅଗଷ୍ଟ ୪ରେ ଇଟାଲିର ସାନ୍ ବେନେଡେଟୋ ଭାଲ୍ ଡି ସାମ୍ବ୍ରୋରେ ଏକ ଏକ୍ସପ୍ରେସ୍ ଟ୍ରେନ୍‌ରେ ବୋମା ବିସ୍ଫୋରଣ ଯୋଗୁ ୧୨ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୨୨ ଆହତ ହୋଇଥିଲେ।


ବ୍ୟାଙ୍କ ଅଫ୍ ଇଣ୍ଡିଆ Bank of India BOI

**ବ୍ୟାଙ୍କ ଅଫ୍ ଇଣ୍ଡିଆ**
ଆଞ୍ଚଳିକ କାର୍ଯ୍ୟାଳୟ: ଷ୍ଟାର ହାଉସ୍, ୧/୧ଡି, ଜୟଦେବ ବିହାର, ନୟାପଲ୍ଲୀ, ଭୁବନେଶ୍ୱର-୧୫

**ଦଖଲ ନୋଟିସ୍**
ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ-୨୦୦୨ର [ରୁଲ୍-୮ (୧)]

ନିମ୍ନ ସ୍ୱାକ୍ଷରକାରୀ **ବ୍ୟାଙ୍କ ଅଫ୍ ଇଣ୍ଡିଆର କ୍ଷମତାପ୍ରାପ୍ତ ଅଧିକାରୀଙ୍କ** ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଏବଂ ଧାରା ୧୩(୧୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୩ ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ନିମ୍ନଲିଖିତ ଋଣଗ୍ରହୀତାମାନଙ୍କୁ ଡ଼ିମାଣ୍ଡ ନୋଟିସ୍ ଜାରିକରି କଥିତ ନୋଟିସ୍ ମାଧ୍ୟମରେ ନୋଟିସ୍ ଦର୍ଶିତ ଅର୍ଥରାଶି ସହିତ ସେବାବଦ ସୁଧ ଓ ଖର୍ଚ୍ଚ କଥିତ ନୋଟିସ୍‌ପ୍ରାପ୍ତି ତାରିଖ ଠାରୁ **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା। ଋଣଗ୍ରହୀତାମାନେ ଦେୟ ପଇଠ କରିବାରେ ବିଫଳ ହୋଇଥିବାରୁ, ଏହି ନୋଟିସ୍ ମାଧ୍ୟମରେ ବିଶେଷକରି ଋଣଗ୍ରହୀତା ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ, ନିମ୍ନ ସ୍ୱାକ୍ଷରକାରୀଙ୍କ ଦ୍ୱାରା ଉପର କଥିତ ଆକ୍ଟର ଧାରା ୧୩ର ଉପଧାରା (୪) ସହିତ କଥିତ ରୁଲ୍ସର ରୁଲ୍ ୮ ଅନୁଯାୟୀ ନିମ୍ନଲିଖିତ ସମ୍ପତ୍ତି ଗୁଡିକୁ **ଦଖଲ**କୁ ନିଆଯାଇଅଛି। ତେଣୁ ବିଶେଷକରି ଋଣଗ୍ରହୀତା ଏବଂ ସର୍ବସାଧାରଣଙ୍କୁ ସତର୍କ କରାଇ ଦିଆଯାଉଅଛି ଯେ ନିମ୍ନଲିଖିତ ସମ୍ପତ୍ତି ଗୁଡିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତି ଗୁଡିକ ଉପରେ କୌଣସି ପ୍ରକାର କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ଦେୟ ରାଶି ସହିତ ସେବାବଦ ସୁଧ ଓ ଅନ୍ୟାନ୍ୟ ଖର୍ଚ୍ଚ ନିମନ୍ତେ **ବ୍ୟାଙ୍କ ଅଫ୍ ଇଣ୍ଡିଆ, ଶୈଳଶ୍ରୀ ବିହାର ଶାଖା** ନିକଟରେ ଉତ୍ତରଦାୟୀ ରହିବେ। **ଏତଦ୍‌ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରିପାରିବେ।**

| ଶୈଳଶ୍ରୀ ବିହାର ଶାଖା / ଋଣଗ୍ରହୀତାମାନଙ୍କ ନାମ ଏବଂ ଠିକଣା | ନୋଟିସ୍ ଅନୁଯାୟୀ ବକେୟା ପରିମାଣ | ଡିମାଣ୍ଡ ନୋଟିସ୍ ତାରିଖ / ଦଖଲ ତାରିଖ | ସ୍ଥାବର ସମ୍ପତ୍ତି ଗୁଡିକର ବିବରଣୀ |
|---|---|---|---|
| ଋଣଗ୍ରହୀତାମାନେ: ୧) ଶ୍ରୀ ଭକ୍ତ ବତ୍ସଳ ଚକ୍ରବର୍ତ୍ତୀ, ପିତା: ସ୍ୱ ସୁଧାଂଶୁ ଶେଖର ଚକ୍ରବର୍ତ୍ତୀ, ୨) ଶ୍ରୀମତୀ କଳ୍ପନା ଚକ୍ରବର୍ତ୍ତୀ, ସ୍ୱାମୀ: ଶ୍ରୀ ଭକ୍ତ ବତ୍ସଳ ଚକ୍ରବର୍ତ୍ତୀ, ୩) ଶ୍ରୀ ଅଭିଜିତ୍ ଚକ୍ରବର୍ତ୍ତୀ, ପିତା: ଶ୍ରୀ ଭକ୍ତ ବତ୍ସଳ ଚକ୍ରବର୍ତ୍ତୀ, ସମସ୍ତଙ୍କ ଠିକଣା- ପ୍ଲଟ୍ ନଂ.: ୨୩୪, କଟକ ରୋଡ୍, ଭୁବନେଶ୍ୱର-୭୫୧୦୦୬ | ଟ.୨୦,୭୩,୨୩୪.୧୭ + ସେବାବଦ ସୁଧ ଏବଂ ଖର୍ଚ୍ଚ | ୦୮.୦୫.୨୦୧୯ / ୦୨.୦୮.୨୦୧୯ | ୧) ଶ୍ରୀମତୀ କଳ୍ପନା ଚକ୍ରବର୍ତ୍ତୀଙ୍କ ନାମରେ ଥିବା ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୫୬୫/୩୩, ପ୍ଲଟ୍ ନଂ.: ୨୬୦/୧୩୧୪/୧୭୩୮, କ୍ଷେତ୍ର: ଏକର୦.୦୨୧ଡିସିମିଲି, କିସମ: ଘରବାରୀ, ମୌଜା: ଭୁବନେଶ୍ୱର ସହର, ଥାନା: ଲକ୍ଷ୍ମୀସାଗର, ଏସ୍‌ଆରଓ: ଭୁବନେଶ୍ୱର, ତହସିଲ: ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ଏହାର ଚାରିପାର୍ଶ୍ୱରେ ଉତ୍ତର: ଭକ୍ତ ବତ୍ସଳ ଚକ୍ରବର୍ତ୍ତୀ, ଦକ୍ଷିଣ: କଲ୍ୟାଣୀ ମହାଦାନୀ, ପୂର୍ବ: ରାସ୍ତା, ପଶ୍ଚିମ: ବିକ୍ରେତା<br>୨) ଶ୍ରୀ ଭକ୍ତ ବତ୍ସଳ ଚକ୍ରବର୍ତ୍ତୀଙ୍କ ନାମରେ ଥିବା ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୫୬୫/୬୫, ପ୍ଲଟ୍ ନଂ.: ୨୬୦/୧୩୧୪/୧୭୭୧, କ୍ଷେତ୍ର: ଏକର୦.୦୦୫ଡିସିମିଲି, କିସମ: ଘରବାରୀ, ମୌଜା: ଭୁବନେଶ୍ୱର ସହର, ଥାନା: ଲକ୍ଷ୍ମୀସାଗର, ଏସ୍‌ଆରଓ: ଭୁବନେଶ୍ୱର, ତହସିଲ: ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ଏହାର ଚାରିପାର୍ଶ୍ୱରେ ଉତ୍ତର: ଭକ୍ତ ବତ୍ସଳ ଚକ୍ରବର୍ତ୍ତୀ, ଦକ୍ଷିଣ: କଳ୍ପନା ଚକ୍ରବର୍ତ୍ତୀ, ପୂର୍ବ: ରାସ୍ତା, ପଶ୍ଚିମ: ବିକ୍ରେତା |

ସ୍ଥାନ: ଭୁବନେଶ୍ୱର
ତାରିଖ: ୦୨.୦୮.୨୦୧୯

କ୍ଷମତାପ୍ରାପ୍ତ ଅଧିକାରୀ
ବ୍ୟାଙ୍କ ଅଫ୍ ଇଣ୍ଡିଆ


## ଲଙ୍କାଗୁଣ୍ଡ ଫିଙ୍ଗି ୬୦ ଲକ୍ଷ ଲୁଟ୍

**ଜୟପୁର, ୩।୮ (ପି.ଟି.)**

ରାଜସ୍ଥାନର ଚିତ୍ତୋରଗଡ଼ ଜିଲାରେ ୪ ଦୁର୍ବୃତ୍ତ ଶନିବାର ୨ ଜଣ ବ୍ୟାଙ୍କ କର୍ମଚାରୀଙ୍କ ଆଖିରେ ଲଙ୍କାଗୁଣ୍ଡ ଫିଙ୍ଗି ସେମାନଙ୍କ ପାଖରେ ଥିବା ୬୦ ଲକ୍ଷ ଟଙ୍କା ଲୁଟିନେଇଛନ୍ତି। ଏଟିଏମ୍‌ରେ ଟଙ୍କା ଭରିବା ଲାଗି ଏମାନେ ଯାଉଥିବାବେଳେ ଲୁଟ୍‌ର ଶିକାର ହୋଇଛନ୍ତି। ଦୁର୍ବୃତ୍ତମାନେ ଏକ ନମ୍ବରବିହୀନ କାର୍‌ରେ ଆସିଥିବା ପୋଲିସ କହିଛି। ଏହା ପରେ ସମସ୍ତ ରାସ୍ତାକୁ ସିଲ୍ କରାଯିବା ସହ ସିସିଟିଭି ଫୁଟେଜ୍‌କୁ ଆଧାର କରି ପୋଲିସ ତଦନ୍ତ ଜାରି ରଖିଛି।







ଆମେରିକାର ଟେକ୍ସାସ୍ସ୍ଥିତ ଏକ ସପିଙ୍ଗ ମଲ୍‌ରେ ଶନିବାର ଗୁଳିକାଣ୍ଡ ଘଟି ଅନ୍ୟୂନ ୨୦ ଜଣ ମୃତ୍ୟୁ ହୋଇଥିବା ଅନୁମାନ କରାଯାଉଛି। ପୋଲିସ ୩ ଜଣ ସନ୍ଦିଗ୍ଧଙ୍କୁ ଗିରଫ କରିଛି। ପ୍ରକୃତ ମୃତ୍ୟୁସଂଖ୍ୟା ସ୍ପଷ୍ଟ ହୋଇ ନ ଥିବା ଟେକ୍ସାସ୍‌ର ଲ୍ୟୁଟ୍‌ନାଣ୍ଟ ଗଭର୍ଣ୍ଣର ଡାନ୍ ପାଟ୍ରିକ୍ ଫକ୍ସ ନ୍ୟୁଜ୍‌କୁ କହିଛନ୍ତି।



## ସଂକ୍ଷେପରେ

### ଉପକାରାଗାରରେ କଏଦୀଙ୍କ ମୃତ୍ୟୁ

**କେନ୍ଦ୍ରାପଡା ଅଫିସ, ୩।୮:** ଡେରାବିଶ ବ୍ଲକ ବାରିମୂଳସ୍ଥିତ କେନ୍ଦ୍ରାପଡା ଉପକାରାଗାରର କଏଦୀ ପୀତାମ୍ବର ନାୟକଙ୍କ ଗତ ୧ ତାରିଖରେ ମୃତ୍ୟୁ ହୋଇଛି। ତାଙ୍କ ଘର ମାର୍ଶାଘାଇ ଥାନା ବୀରଭଦ୍ରପୁର ଗ୍ରାମରେ। ଏନେଇ ଉପକାରାଗାର ସୁପରିଣ୍ଟେଣ୍ଡେଣ୍ଟ ସରୋଜ କୁମାର ବିଶ୍ୱାଳ କେନ୍ଦ୍ରାପଡା ଜିଲା ଦୌରାଜଜ୍ ବାସୁଦେବ ପଣ୍ଡାଙ୍କୁ ଶନିବାର ଚିଠି ଲେଖି ସୂଚନା ଦେଇଛନ୍ତି। ୨୦୧୫ ମସିହାରେ ପୀତାମ୍ବର ଜଣେ ନାବାଳିକାଙ୍କୁ ଅସଦାଚରଣ କରିଥିଲେ। ପୋକ୍ସୋ ଆକ୍ଟରେ ତାଙ୍କୁ ୧୦ ବର୍ଷ ଜେଲ ଦଣ୍ଡାଦେଶ ସେହିବର୍ଷ ସେପ୍ଟେମ୍ବର ୩ ତାରିଖରେ ହୋଇଥିଲା। ଜେଲରେ ରହୁଥିବା ପୀତାମ୍ବରଙ୍କର ଗତ ଜୁନ ୬ ତାରିଖରେ ଦେହ ଖରାପ ହେବାରୁ ଚିକିତ୍ସା ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରୁ କଟକ ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ଗତ ୧ ତାରିଖ ସନ୍ଧ୍ୟା ୬ଟା ୪୫ ମିନିଟରେ ଆଇସିୟୁରେ ଥିବା ସମୟରେ ତାଙ୍କର ମୃତ୍ୟୁ ହୋଇଛି। ତାଙ୍କ ମୃତଦେହକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ସୂଚନା ମିଳିଛି।

### ଖଣି ଚାଲୁ କରିବାକୁ ଏମ୍‌ସିଏଲ୍‌ର ଅନୁରୋଧ

**ତାଳଚେର,୩।୮(ନି.ପ୍ର.):** ଜୁଲାଇ ୨୩ରେ ଭରତପୁର ଖଣିରେ ଦୁର୍ଘଟଣା ଘଟିଥିଲେ ବି ତାଳଚେରର ଅନ୍ୟ ୮ଟି ଖଣିରେ କାର୍ଯ୍ୟ ବନ୍ଦ ରଖାଯିବା ଯୁକ୍ତିଯୁକ୍ତ ନୁହେଁ ବୋଲି ଏମ୍‌ସିଏଲ୍ ପକ୍ଷରୁ ଶନିବାର ଏକ ପ୍ରେସ୍ ବିବୃତିରେ କୁହାଯିବା ସହ ଖଣି କାର୍ଯ୍ୟ ଚାଲୁ କରିବାକୁ ଅନୁରୋଧ କରାଯାଇଛି। ଏମ୍‌ସିଏଲ୍ ପକ୍ଷରୁ କୁହାଯାଇଛି ଯେ, ଭାଜପା ଆନ୍ଦୋଳନ ପ୍ରତ୍ୟାହାର କରିବାର ୨ ଘଣ୍ଟା ପରେ ୪ ଗୋଟି ଗ୍ରାମବାସୀଙ୍କ ପକ୍ଷରୁ ଆନ୍ଦୋଳନ ଜାରି ରଖାଯାଇଛି। ମୃତକଙ୍କ ପରିବାରକୁ ୩ କୋଟି ଟଙ୍କା ଲେଖାଏ କ୍ଷତିପୂରଣ ସହ ସ୍ଥାୟୀ ଚାକିରି ଦେବାକୁ ତାଳଚେର ସୁରକ୍ଷା ମଞ୍ଚ ପକ୍ଷରୁ ଦାବି କରାଯାଇଛି। ମୃତ କର୍ମଚାରୀଙ୍କ ପରିବାରକୁ କୋଲ୍ ଇଣ୍ଡିଆ ନିୟମ ଅନୁଯାୟୀ ଅନୁକମ୍ପା ରାଶି ଓ ପରିବାରର ଜଣକୁ ଠିକା ନିଯୁକ୍ତି ଦେବାର ବ୍ୟବସ୍ଥା ରହିଥିବାରୁ କରାଯାଉଥିବା ଦାବି ବେଆଇନ। ଖଣି ବନ୍ଦ ରଖାଯିବା ଦ୍ୱାରା କେବଳ କମ୍ପାନୀର କ୍ଷତି ନୁହେଁ ବରଂ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ରାଜସ୍ୱ ହାନି ହେଉଛି। ଜୁଲାଇ ୨୪ଠାରୁ ଆଜିଯାଏ କୋଇଲା ଉତ୍ପାଦନରେ ୧୭୦.୯୬ କୋଟି କ୍ଷତି ହୋଇଥିବା ବେଳେ ରାଜ୍ୟ ଓ କେନ୍ଦ୍ର ସରକାର ୧୧୦.୬୬ କୋଟି ଟଙ୍କାର ରାଜସ୍ୱ ହରାଇ ସାରିଲେଣି। ଏହାସହିତ ୨୬୭୨.୫୦ ମିଲିୟନ ୟୁନିଟ୍ ବିଦ୍ୟୁତ୍ ଉତ୍ପାଦନରେ ବାଧା ସୃଷ୍ଟି ହୋଇଛି। ରାଷ୍ଟ୍ରର ଚାହିଦା ଓ ଖଣିର ସୁରକ୍ଷା ଦୃଷ୍ଟିରୁ ଅନ୍ୟ ୮ଗୋଟି ଖଣି କାର୍ଯ୍ୟ ଚାଲୁ କରାଯିବା ପାଇଁ ଏମସିଏଲ୍ ପକ୍ଷରୁ ଅନୁରୋଧ କରାଯାଇଛି।

■ ଛାତ୍ରୀଙ୍କୁ ଗଣବଳାତ୍କାର ମାମଲା

# ନାବାଳକଙ୍କୁ ୨୦ ବର୍ଷ ଜେଲ

**ଅନୁଗୋଳ ଅଫିସ, ୩।୮**

■ ରାଜ୍ୟରେ ଚିଲଡ୍ରେନ୍ କୋର୍ଟଙ୍କ ଏପରି ଦଣ୍ଡାଦେଶ ପ୍ରଥମ
■ ପୂର୍ବରୁ ଅନ୍ୟ ୪ ଅଭିଯୁକ୍ତଙ୍କୁ ହୋଇଥିଲା ଆଜୀବନ ସଜା
■ ଧରାପଡ଼ିନାହାନ୍ତି ଆଉ ଜଣେ ଅଭିଯୁକ୍ତ

ଅନୁଗୋଳ ଥାନା ପଞ୍ଚମହଲା ନିକଟରେ ୨୦୧୭ ମାର୍ଚ୍ଚ ୩୧ରେ ଜଣେ ଛାତ୍ରୀଙ୍କୁ ଗଣ ବଳାତ୍କାର କରାଯାଇଥିବା ମାମଲାରେ ଶନିବାର ଏକ ଗୁରୁତ୍ୱପୂର୍ଣ୍ଣ ରାୟ ପ୍ରକାଶ ପାଇଛି। ଘଟଣାରେ ସମ୍ପୃକ୍ତ ଜଣେ ନାବାଳକଙ୍କୁ ଅନୁଗୋଳ ଅତିରିକ୍ତ ଜିଲା ଦୌରା ଜଜ୍ ତଥା ବାଳ ଅପରାଧ ବିଚାରପତି ସୁରେଶ ଚନ୍ଦ୍ର ପ୍ରଧାନ ୨୦ ବର୍ଷ ଜେଲ୍ ଦଣ୍ଡାଦେଶ ପ୍ରଦାନ କରିଛନ୍ତି। ଏଥିସହ ୫ ହଜାର ଟଙ୍କା ଜରିମାନା ନିର୍ଦ୍ଦେଶ ଦେଇଥିବା ମାମଲା ପରିଚାଳନା କରିଥିବା ଅତିରିକ୍ତ ପିପି ତାପସ ରଞ୍ଜନ ମିଶ୍ର ସୂଚନା ଦେଇଛନ୍ତି। ମୋଟ ୧୨ ଜଣଙ୍କ ସାକ୍ଷ୍ୟ ପ୍ରମାଣ ଓ ୮ଟି ଦସ୍ତାବିଜ ଅନୁଧ୍ୟାନ କରି କୋର୍ଟ ଏପରି ରାୟ ଶୁଣାଇଥିବା ପିପି ପ୍ରକାଶ କରିଛନ୍ତି। ଏହି ମାମଲାରେ ମୋଟ୍ ୬ଜଣଙ୍କ ସମ୍ପୃକ୍ତି ଥିବା ବେଳେ ପୂର୍ବରୁ ୪ ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡାଦେଶ ହୋଇସାରିଛି। ତେବେ ଅନ୍ୟ ଜଣେ ଅଭିଯୁକ୍ତ ଏବେ ବି ଫେରାର ରହିଛନ୍ତି।

ମାମଲାର ବିବରଣୀରୁ ପ୍ରକାଶ ଯେ, ୨୦୧୭ ମାର୍ଚ୍ଚ ୩୧ରେ ସମ୍ପୃକ୍ତା ଛାତ୍ରୀ ମାଉସୀ ପୁଅ ଭାଇ ସହ ଯାଉଥିବା ବେଳେ ୬ ଅଭିଯୁକ୍ତ ସେମାନଙ୍କୁ ଏକ ନିଛାଟିଆ ସ୍ଥାନକୁ ନେଇ ଟଙ୍କା ମାଗିଥିଲେ। ପରେ ଅଭିଯୁକ୍ତମାନେ ଛାତ୍ରୀଙ୍କୁ ବଳାତ୍କାର କରିବା ସହିତ ମୋବାଇଲରେ ଭିଡିଓ ରେକର୍ଡ଼ କରିଥିଲେ। ୨୦ ହଜାର ଟଙ୍କା ନ ଦେଲେ ଇଣ୍ଟରନେଟରେ ଭିଡିଓ ଭାଇରାଲ କରିଦେବାକୁ ଧମକ ଦେଇ ଉଭୟଙ୍କୁ ଛାଡି ଦେଇଥିଲେ। ଘଟଣା ସମ୍ପର୍କରେ ଛାତ୍ରୀଙ୍କ ପରିବାର ପକ୍ଷରୁ ୨୦୧୭ ଏପ୍ରିଲ ୧ରେ ଅନୁଗୋଳ ଥାନାରେ ଅଭିଯୋଗ କରାଯାଇଥିଲା। ପୋଲିସ ନଂ.୧୮୧/୨୦୧୭ରେ ମାମଲା ରୁଜୁ କରି ଜଣେ ନାବାଳକଙ୍କ ସହ ୫ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ଜଣେ ଅଭିଯୁକ୍ତ ଫେରାର ହୋଇଯାଇଥିଲେ। ଗିରଫ ୫ ଅଭିଯୁକ୍ତଙ୍କ ମଧ୍ୟରୁ ୪ ଅଭିଯୁକ୍ତଙ୍କୁ ୨୦୧୮ ସେପ୍ଟେମ୍ବର ୨୫ରେ କୋର୍ଟ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଥିଲେ। ତେବେ ନିର୍ଭୟା ଘଟଣା ପରେ ପ୍ରତ୍ୟେକ କୋର୍ଟରେ ସିଆଇସିଏଲ୍ (ଚାଇଲ୍ଡ ଇନ୍ କନ୍‌ଫ୍ଲିକ୍ଟ ଉଇଥ ଲ) କୋର୍ଟ ଗଠନ କରିବାକୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ଅନୁଗୋଳ କୋର୍ଟରେ ଗଠନ ହୋଇଥିବା ଏହି କୋର୍ଟ ଅଭିଯୁକ୍ତ ନାବାଳକଙ୍କୁ ୨୦ ବର୍ଷ ଦଣ୍ଡାଦେଶ ଶୁଣାଇଛନ୍ତି। ଓଡ଼ିଶାରେ କୌଣସି ନାବାଳକଙ୍କୁ ଏପରି ଦଣ୍ଡାଦେଶ ପ୍ରଥମ ବୋଲି ପିପି କହିଛନ୍ତି।

■ ନାବାଳିକା ବଳାତ୍କାର ଓ ହତ୍ୟା ମାମଲା

### ଫାଶୀ ଦଣ୍ଡାଦେଶକୁ ହାଇକୋର୍ଟରେ ଚ୍ୟାଲେଞ୍ଜ

**ଅନୁଗୋଳ ଅଫିସ, ୩।୮**

ଅନୁଗୋଳ ସହର ଉପକଣ୍ଠରେ ଗତ ଜାନୁୟାରୀ ୨୦ରେ ଘଟିଥିବା ନାବାଳିକା ଛାତ୍ରୀ ବଳାତ୍କାର ଓ ହତ୍ୟା ଘଟଣାରେ ଦୋଷୀ ସାବ୍ୟସ୍ତ ହୋଇ ଫାଶୀ ଦଣ୍ଡାଦେଶ ପାଇଥିବା ଅନାମ ଦେହୁରୀ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହୋଇଛନ୍ତି। ହାଇକୋର୍ଟଙ୍କ ଉଦ୍ଦେଶ୍ୟରେ ସେ ଏ ସମ୍ପର୍କିତ ଏକ ପିଟିଶନ ଅନୁଗୋଳ ଆଇନସେବା ପ୍ରାଧିକରଣକୁ ପଠାଇଛନ୍ତି। ସେହିପରି ଅନାମଙ୍କ ଜଣେ ସମ୍ପର୍କୀୟ ମଧ୍ୟ ହାଇକୋର୍ଟରେ ଅନ୍ୟ ଏକ ଅପିଲ୍ ପିଟିଶନ ଦାୟର କରିଥିବା ସୂଚନା ମିଳିଛି। ଫାଶୀ ଦଣ୍ଡାଦେଶ ପରଦିନ ଅନାମ ଅନୁଗୋଳ ଜେଲରୁ ଏପରି ଅପିଲ୍ କରିଥିବା ଜେଲ ପକ୍ଷରୁ କୁହାଯାଇଛି।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଚତୁରେଇ, ବିରି ଦେଇଥାଏ ବତୁରେଇ
ଏଣେ ତେଣେ ଚାହିଁ ଗୋଟିଏ ଗୋଟିଏ
ଟୋକି ଦେଇଥାଏ ସୁତେରେଇ।**

ସିଆଣିଆ ବ୍ୟକ୍ତିଙ୍କ ଏପରି ଚତୁରାମିକୁ କେହି ସହଜରେ ବୁଝି ବା ଧରି ପାରି ନ ଥାନ୍ତି। ଦୃଷ୍ଟି ଆଢୁଆଳରେ ରହି ଏପରି କୌଶଳରେ ନିଜ ଉଦ୍ଦେଶ୍ୟ ପୂରଣ କରାଇ ନିଅନ୍ତି, ଯେ ତା' ଟେର୍ କେହି ପାଇ ପାରି ନ ଥାନ୍ତି। ଅନ୍ୟର ଆଢୁଆଳରେ ଗୋଟି ଗୋଟି କରି ଲୁଟିନେବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଚାଉଳ ଡୋଲିକି ଓଳିଏ କଲି
ପାଞ୍ଚ କୁଣିଆଙ୍କ ପାଇଁ
ଯେତକ ଖାଇଲି ଲୁଚାଇ ଚୋରାଇ
ଦିହରେ ଲାଗିଲା ନାହିଁ।**

ଖାଦ୍ୟଲୋଭି ବ୍ୟକ୍ତି ନିଜ ଜିହ୍ୱା ସମ୍ବରଣ କରିପାରି ନ ଥାନ୍ତି। ସୁସ୍ୱାଦ୍ୟ ଦେଖିଲେ କେମିତି ଖାଇବେ ସେଇ ଚିନ୍ତାରେ ରହିଥାନ୍ତି। ବହୁ କୁଣିଆଙ୍କ ପାଇଁ ଖାଦ୍ୟ ପ୍ରସ୍ତୁତି ହୋଇଥିବା ସ୍ଥଳେ ଲୋଭବଶତଃ ଲୁଚାଇ ଚୋରାଇ ଖାଇ ଦେହ ଖରାପ ହେବା ପରିପ୍ରେକ୍ଷୀରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
- ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି.

■ ବିଦ୍ୟୁତ୍ ଉତ୍ପାଦନ ପାଇଁ କୋଇଲା ମିଳୁନି

# ଏନ୍‌ଟିପିସିର ୪, ଟିଟିପିଏସ୍‌ର ୫ ୟୁନିଟ୍ ବନ୍ଦ

**ତାଳଚେର,୩।୮ (ନି.ପ୍ର.)**

ଏମ୍‌ସିଏଲ୍‌ର ଭରତପୁର କୋଇଲା ଖଣି ଦୁର୍ଘଟଣା ପରେ ଜାରି ରହିଥିବା ଆନ୍ଦୋଳନ ଯୋଗୁ ତାଳଚେର କୋଲ୍ ଫିଲଡ୍ସରେ ଅଚଳାବସ୍ଥା ସୃଷ୍ଟି ହୋଇଛି। ଫଳରେ ଏହାର ସିଧାସଳଖ ପ୍ରଭାବ ୩୦୦୦ ମେଗାୱାଟ୍ ବିଶିଷ୍ଟ ମହାରତ୍ନ କମ୍ପାନୀ କଣିହାଁସ୍ଥିତ ଏନ୍‌ଟିପିସି ଓ ଏହା ଅଧୀନରେ ଥିବା ଟିଟିପିଏସ୍ ଉପରେ ପଡ଼ିଛି। କୋଲ୍ ଫିଲଡ୍ସରୁ ଉତ୍ତୋଳନ ଓ ପରିବହନ ହୋଇପାରୁ ନ ଥିବାରୁ ଏହି ଦୁଇ ବିଦ୍ୟୁତ୍ ଉତ୍ପାଦନ କେନ୍ଦ୍ରରେ ଗୁରୁତର କୋଇଲା ସଙ୍କଟ ସୃଷ୍ଟି ହୋଇଛି। ଏଥିଯୋଗୁ ଶନିବାର ଏନ୍‌ଟିପିସିର ଗୋଟିଏ ବିଦ୍ୟୁତ୍ ଉତ୍ପାଦନ ୟୁନିଟ୍‌କୁ ବନ୍ଦ ରଖାଯାଇଛି। ଏହାକୁ ମିଶାଇ ପ୍ରକଳ୍ପର ମୋଟ୍ ୪ଟି ୟୁନିଟ୍ ବନ୍ଦ ହେଲାଣି। ସେହିପରି ଟିଟିପିଏସ୍‌ର ୫ଟି ୟୁନିଟ୍ ଶୁକ୍ରବାରଠାରୁ ବନ୍ଦ ରହିଛି।

ଏନ୍‌ଟିପିସିରେ ଥିବା ମୋଟ୍ ୬ଟି ୟୁନିଟ୍‌ରୁ ଦୈନିକ ୩ ହଜାର ମେଗାୱାଟ୍ ବିଦ୍ୟୁତ୍ ଉତ୍ପାଦିତ ହୋଇଥାଏ। ଏଥିପାଇଁ ଦିନକୁ ୫୫ ହଜାର ମେଟ୍ରିକ୍ ଟନ୍ କୋଇଲା ଆବଶ୍ୟକ ପଡ଼ିଥାଏ। ଗତ ମାସ ୨୩ ତାରିଖ ଭରତପୁର ଖଣି ଦୁର୍ଘଟଣା ପରଠାରୁ ଏନ୍‌ଟିପିସିକୁ କୋଇଲା ଯୋଗାଣ ହୋଇପାରୁ ନାହିଁ। ପ୍ରକଳ୍ପ ଷ୍ଟକୟାର୍ଡରେ ମଧ୍ୟ ଆଉ ଅଧିକ କୋଇଲା ନାହିଁ। ଫଳରେ କର୍ତ୍ତୃପକ୍ଷ ପ୍ଲାଣ୍ଟର ୧, ୪ ଓ ୫ ନମ୍ବର ୟୁନିଟ୍‌କୁ ଗତ ୨୯ରୁ ତାରିଖରୁ ବନ୍ଦ ରଖିଛନ୍ତି। ବାହାରୁ କୋଇଲା ଯୋଗାଡ଼ କରି ବାକି ୩ଟି ୟୁନିଟ୍ ଚଳାଯାଉଥିଲେ ବି ଶନିବାର ୨ ନମ୍ବର ୟୁନିଟ୍‌କୁ ବନ୍ଦ ରଖାଯାଇଛି। ଆବଶ୍ୟକ ପରିମାଣର କୋଇଲା ନ ମିଳିଲେ ଅବଶିଷ୍ଟ ୨ ୟୁନିଟ୍‌କୁ ମଧ୍ୟ ବନ୍ଦ କରିବାକୁ କର୍ତ୍ତୃପକ୍ଷ ବାଧହେବେ ବୋଲି ଜଣାପଡ଼ିଛି। ମୋଟ୍ ୪ଟି ୟୁନିଟ୍ ବନ୍ଦ ହୋଇଯାଇଥିବାରୁ ବିଦ୍ୟୁତ୍ ଉତ୍ପାଦନ କ୍ରମଶଃ ହ୍ରାସ ପାଇବାରେ ଲାଗିଛି। ସେହିପରି ୪୬୦ ମେଗାୱାଟ୍ ବିଶିଷ୍ଟ ଟିଟିପିଏସ୍‌ରେ ୬ଟି ୟୁନିଟ୍ ରହିଛି। ଏହା ଚାଲିବା ପାଇଁ ଦୈନିକ ୯ ହଜାର ମେଟ୍ରିକ ଟନ୍ କୋଇଲା ଆବଶ୍ୟକ। କିନ୍ତୁ ଏଠାରେ ମଧ୍ୟ ସମାନ ପରିସ୍ଥିତି ଯୋଗୁ ୧, ୨, ୩, ୪ ଓ ୫ ନମ୍ବର ୟୁନିଟ୍‌କୁ ବନ୍ଦ କରି ଦିଆଯାଇଛି।

# ବିଧାନସଭା: ଗୁରୁତ୍ୱପୂର୍ଣ୍ଣ କମିଟି ଅଧ୍ୟକ୍ଷ, ସଦସ୍ୟଙ୍କ ନାମ ଘୋଷଣା

**ଭୁବନେଶ୍ୱର,୩।୮(ବ୍ୟୁରୋ)**

ଷୋଡଶ ବିଧାନସଭାର ପ୍ରଥମ ଅଧିବେଶନ ଶନିବାର ସମାପ୍ତ ହୋଇଛି। ଶେଷ ଦିନରେ ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ର ବିଭିନ୍ନ କମିଟି, ଏହାର ଅଧ୍ୟକ୍ଷ ଓ ସଦସ୍ୟମାନଙ୍କ ନାମ ଘୋଷଣା କରିଛନ୍ତି। ବିଧାନସଭା ପକ୍ଷରୁ ସରକାରୀ ହିସାବ କମିଟି, ପ୍ରାକଳନ କମିଟି, ଉଦ୍ୟୋଗ ସମୀକ୍ଷା କମିଟି ଏବଂ ଏସ୍‌ସି/ଏସ୍‌ଟି ଉନ୍ନୟନ କମିଟି ଅଧ୍ୟକ୍ଷ ଏବଂ ସଦସ୍ୟଙ୍କ ନାମ ଘୋଷଣା କରାଯାଇଛି। ବିରୋଧୀ ଦଳ ନେତା ପ୍ରଦୀପ୍ତ ନାୟକ ସରକାରୀ ହିସାବ କମିଟି ଅଧ୍ୟକ୍ଷ, ପ୍ରତାପ କେଶରୀ ଦେବ ପ୍ରାକଳନ କମିଟି ଅଧ୍ୟକ୍ଷ, ଅତନୁ ସବ୍ୟସାଚୀ ନାୟକ ଉଦ୍ୟୋଗ ସମୀକ୍ଷା କମିଟି ଏବଂ ଶଶିଭୂଷଣ ବେହେରା ଏସ୍‌ସି/ଏସ୍‌ଟି ଉନ୍ନୟନ କମିଟିର ଅଧ୍ୟକ୍ଷ ଭାବେ ମନୋନୀତ ହୋଇଛନ୍ତି। ସେହିପରି ନିୟମ ଅନୁଯାୟୀ ରାଜ୍ୟର ବିଭିନ୍ନ ବିଶ୍ୱବିଦ୍ୟାଳୟ ପାଇଁ ଗୃହର ସଦସ୍ୟଙ୍କୁ ମନୋନୀତ କରାଯାଇଛି। ଆବଶ୍ୟକ ସଦସ୍ୟ ଏବଂ ନିର୍ବାଚନ ପାଇଁ ଦାଖଲ କରିଥିବା ସଦସ୍ୟଙ୍କ ସଂଖ୍ୟା ସମାନ ରହିଥିବାରୁ ଭୋଟ୍‌ର ଆବଶ୍ୟକତା ପଡି ନ ଥିବା ବାଚସ୍ପତି ଘୋଷଣା କରିଥିଲେ। ସେହିପରି ମନ୍ତ୍ରୀ ପ୍ରତାପ ଜେନା ବିଧାନସଭା ସ୍ୱାଧିକାର କମିଟି, ବଦ୍ରି ନାରାୟଣ ପାତ୍ର ଆବେଦନ ପତ୍ର କମିଟି, ପ୍ରଶାନ୍ତ ମୁଦୁଲି କାଗଜ ଉପସ୍ଥାପନ କମିଟି, ଉଷା ଦେବୀ ନାରୀ ଓ ଶିଶୁ କଲ୍ୟାଣ କମିଟି ଏବଂ ପ୍ରଦୀପ ମହାରଥୀ ପାଠାଗାର କମିଟି ଅଧ୍ୟକ୍ଷ ଭାବେ ମନୋନୀତ ହୋଇଛନ୍ତି। ଏତଦ୍‌ବ୍ୟତୀତ ଅନ୍ୟାନ୍ୟ ବହୁ ଗୁରୁତ୍ୱପୂର୍ଣ୍ଣ କମିଟିର ଅଧ୍ୟକ୍ଷ ଓ ସଦସ୍ୟଙ୍କ ନାମ ଘୋଷଣା କରାଯାଇଥିଲା।

## ଖଣ୍ଡପଡା ସବ୍‌ଜେଲ: ଗିରଫ କଏଦୀ ପୁଣି ଫେରାର

**ଖଣ୍ଡପଡା,୩।୮(ସ୍ୱ.ପ୍ର)**

ନୟାଗଡ ଜିଲା ଖଣ୍ଡପଡା ସବ୍‌ଜେଲରୁ ପାଚେରି ଡେଇଁ ଫେରାର ହୋଇଥିବା ଜଣେ ବିଚାରାଧୀନ କଏଦୀଙ୍କୁ ଫତେଗଡ ଓ ଖଣ୍ଡପଡା ପୋଲିସ ମିଳିତ ଭାବେ ଧରିବାରେ ସଫଳ ହୋଇଥିଲେ। ତେବେ ଦେଢମାସ ପରେ ଶନିବାର ସମ୍ପୃକ୍ତ କଏଦୀ ପୁନର୍ବାର ଫେରାର ହୋଇଯାଇଛନ୍ତି। ଏଥିପାଇଁ ଜେଲ କର୍ତ୍ତୃପକ୍ଷଙ୍କ ଦାୟିତ୍ୱହୀନତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ଖଣ୍ଡପଡ଼ା ସବ୍‌ଜେଲରେ ବିଚାରାଧୀନ କଏଦୀ ଭାବେ ରହୁଥିବା ତପନ କୁମାର ରାଉତ ଶନିବାର ପୂର୍ବାହ୍ନରେ ଜେଲ ପରିସରରୁ ଦ୍ୱିତୀୟ ଥର ପାଇଁ ଚମ୍ପଟ ମାରିଛନ୍ତି। ଖଣ୍ଡପଡା ସବ୍‌ଜେଲରେ ସୁରକ୍ଷା ବ୍ୟବସ୍ଥା ଢିଲା ଯୋଗୁ ଏଭଳି ଘଟଣା ଘଟିଥିବା ଅଭିଯୋଗ ହେଉଛି। ମିଳିଥିବା ସୂଚନାଅନୁସାରେ ସମ୍ପୃକ୍ତ କଏଦୀ ଜଣଙ୍କ ପୂର୍ବରୁ ଗତ ଜୁନ୍ ମାସ ୧୦ ତାରିଖ ରାତିରେ ସବ୍‌ଜେଲ ପରିସରରୁ ପ୍ରଥମେ ଫେରାର ହୋଇଯାଇଥିଲେ। ଜେଲ କର୍ତ୍ତୃପକ୍ଷଙ୍କ ଲିଖିତ ଅଭିଯୋଗକ୍ରମେ ଖଣ୍ଡପଡା ଓ ଫତେଗଡ ପୋଲିସ ମିଳିତ ଭାବେ ଚଢାଉ କରି ଫତେଗଡ ଥାନା ଅଧୀନ କରବର ଗ୍ରାମ ହାଡୁଆସାହିସ୍ଥିତ ତାଙ୍କ ଘରୁ ତପନଙ୍କୁ ଗିରଫ କରିଥିଲେ। ଶନିବାର ସକାଳେ ଜିଲା ଦୌରାଜଜ୍‌ଙ୍କ ଜେଲ ପରିଦର୍ଶନ କାର୍ଯ୍ୟକ୍ରମ ରହିଥିବାରୁ ଅନ୍ୟ କଏଦୀମାନେ ଜେଲ ପରିସରରେ ସଫାସୁତରା କାର୍ଯ୍ୟରେ ନିୟୋଜିତ ହୋଇଥିଲେ। ତେବେ ଏହାର ସୁଯୋଗ ନେଇ କଏଦୀ ତପନ କିଭଳି ଜେଲର ପଛପାର୍ଶ୍ୱ ପାଚେରି ଡେଇଁ ଚମ୍ପଟ ମାରିଲେ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହେଉଛି।

■ ପାଟକୁରା ବିଧାନସଭା ନିର୍ବାଚନ ନେଇ ଥମୁନି ଚର୍ଚ୍ଚା

# ପୂର୍ବତନ ମନ୍ତ୍ରୀ ଦାମୋଦର ରାଉତଙ୍କୁ ଓକିଲ ନୋଟିସ

**କେନ୍ଦ୍ରାପଡା ଅଫିସ, ୩।୮**

ପାଟକୁରା ବିଧାନସଭା ନିର୍ବାଚନ ଫଳାଫଳ ପ୍ରକାଶ ହେବାର ଇତିମଧ୍ୟରେ ୧୦ ଦିନ ବିତିଛି। ତେବେ ଏହି ଆସନକୁ ନେଇ ଚର୍ଚ୍ଚା ଥମିନାହିଁ। କଂଗ୍ରେସ ପ୍ରାର୍ଥୀ ଜୟନ୍ତ ମହାନ୍ତିଙ୍କ ପକ୍ଷରୁ ଗତ ୩୧ ତାରିଖରେ ଭାଜପା ନେତା ତଥା ପୂର୍ବତନ ମନ୍ତ୍ରୀ ଦାମୋଦର ରାଉତଙ୍କୁ ହୋଇଥିବା ଓକିଲ ନୋଟିସ ସାମାଜିକ ଗଣମାଧ୍ୟମରେ ଘୂରି ବୁଲିବା ପରେ ଏହାକୁ ନେଇ ଜିଲା ସାରା ଶନିବାର ଚର୍ଚ୍ଚା ଆରମ୍ଭ ହୋଇଛି। ଏହି ଆସନ ପାଇଁ ଗତ ଜୁଲାଇ ୨୦ରେ ନିର୍ବାଚନ ହୋଇଥିବା ବେଳେ ୨୪ ତାରିଖରେ ଫଳଫଳ ବାହାରିଥିଲା। ଏଥିରେ ବିଜେଡି ପ୍ରାର୍ଥୀ ସାବିତ୍ରୀ ଅଗ୍ରୱାଲ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଭାଜପା ପ୍ରାର୍ଥୀ ବିଜୟ ମହାପାତ୍ରଙ୍କ ଠାରୁ ୧୭ ହଜାରରୁ ଊର୍ଦ୍ଧ୍ୱ ଭୋଟ ପାଇ ବିଜୟୀ ହୋଇଛନ୍ତି। ଏହି ନିର୍ବାଚନରେ କଂଗ୍ରେସ ପ୍ରାର୍ଥୀ ମୋଟ ୨୧୦୪ ଖଣ୍ଡ ଭୋଟ ପାଇ ତୃତୀୟ ସ୍ଥାନରେ ରହିଥିଲେ।

ନିର୍ବାଚନ ଫଳ ପ୍ରକାଶ ପରେ ପୂର୍ବତନ ମନ୍ତ୍ରୀ ରାଉତ ଗଣମାଧ୍ୟମ ପ୍ରତିନିଧିଙ୍କ ପ୍ରଶ୍ନର ଉତ୍ତରରେ କଂଗ୍ରେସ ପ୍ରାର୍ଥୀ ବିଜେଡି ନିକଟରେ ବିକ୍ରି ହୋଇଥିବା ମନ୍ତବ୍ୟ ଦେଇଥିଲେ। ଏହା ଗଣମାଧ୍ୟମ ଓ ସାମାଜିକ ଗଣମାଧ୍ୟମରେ ପ୍ରକାଶ ପାଇଥିବାରୁ କଂଗ୍ରେସ ପ୍ରାର୍ଥୀ ମହାନ୍ତିଙ୍କ ସମ୍ମାନ ହାନି ହୋଇଥିବା ଦର୍ଶାଇ ତାଙ୍କ ପକ୍ଷରୁ ଆଇନଜୀବୀ ଦୀପ୍ତିରେଖା ନନ୍ଦ ଏକ ନୋଟିସ ପଠାଇଛନ୍ତି। ଅପରପକ୍ଷରେ ପୂର୍ବତନ ମନ୍ତ୍ରୀ ରାଉତ ଏ ସମ୍ପର୍କରେ ଗଣମାଧ୍ୟମକୁ ଜଣାଇଛନ୍ତି ଯେ, ଜୟନ୍ତ ମହାନ୍ତିଙ୍କ ବିରୋଧରେ ସେ ମନ୍ତବ୍ୟ ଦେଇନାହାନ୍ତି। ଗତ ୨୦୧୪ ମସିହାରେ ଏଠାରୁ କଂଗ୍ରେସ ୪୨ ହଜାର ଭୋଟ ପାଇଥିବା ବେଳେ ଗତ ନିର୍ବାଚନରେ ୨୧୦୪ ଭୋଟ ପାଇବା ଘଟଣା କଂଗ୍ରେସ ଏଠାରେ ବିକ୍ରି ହୋଇଥିବା କଥାକୁ ସୂଚାଉଛି। ଅଯଥା ପ୍ରଚାର ପାଇଁ ଏହି ନୋଟିସ ହୋଇଥାଇ ପାରେ ବୋଲି ସେ ମନ୍ତବ୍ୟ ଦେଇଛନ୍ତି।


## CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

ନୂଆ ଯୋଜନା ଅଧୀନରେ ଭାରତର ନଂ.1 କମ୍ପାନୀ
1988ଠାରୁ ଆପଣଙ୍କ ସେବାରେ
MAHALAXMI FINANCE PVT. LTD. ସବୁ ବ୍ୟାଙ୍କ ଦ୍ୱାରା
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି BPL ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ରିହାତି
ଠକାମିର ଶିକାର ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
କାମ ଆମର, ବିଶ୍ୱାସ ଆପଣଙ୍କର
9499135756
H.No. 10, Mandi Road, Bathinda, Punjab

ASTROLOGY

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

ଫ୍ରି ସେବା କୌଣସି ଫିସ୍ ନାହିଁ
ଭଲ କାମର ପରିଣତି ଭଲ ହୋଇଥାଏ
MY PROMISE
ଅଘୋରୀ ତାନ୍ତ୍ରିକ ବାବା ଓମପ୍ରକାଶ ଶାସ୍ତ୍ରୀ
ବଶୀକରଣ, ମୁଠକରଣୀ ସ୍ପେଶାଲିଷ୍ଟ
ପ୍ରେମବିବାହ, ମନ ଚାହୁଁଥିବା ପ୍ରେମ, ଗୃହକ୍ଲେଶ, ଚାକିରି, ବ୍ୟବସାୟ, ବିବାହରେ ବାଧା, ସ୍ୱାମୀ, ସ୍ତ୍ରୀ ମନୋମାଳିନ୍ୟ, ସଉତୁଣୀ, ଶତ୍ରୁ ମୁକ୍ତି, 3 ଘଣ୍ଟାରେ ଘରେ ବସି ସମାଧାନ।
Khamarisahi, Mahipur, Nayagarh
81 26 92 24 05

BUSINESS
ଖାଲିଥିବା ଜମି ଓ ଛାତ ଉପରେ ବଂଶଲ ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ। ଜଣକୁ ଚାକିରି ମିଳିବ। ଆଜି ହିଁ ସଂପର୍କ କରନ୍ତୁ
242/4, Bannerghatta Main Rd, Mulimavu, Bengaluru, Karnataka 560076
Call / SMS Now
9479667248

ଇଣ୍ଡସ୍ ଫାଇନାନ୍ସ ଲିଃ
କମ୍ପାନୀ ଋଣ ଉପଲବ୍ଧ କରାଉଛି ଏଥିରେ ଆପଣଙ୍କୁ ପର୍ସନାଲ ଋଣ, ବ୍ୟବସାୟ ଋଣ, ସାଲାରୀ ସ୍ଲିପ୍ ଋଣ ମାତ୍ର 2% ସୁଧରେ ମିଳିପାରିବ।
ମହିଳାଙ୍କ ପାଇଁ 50% ରିହାତି
9911417764
9911417461
BISWANATHPUR, BALARAMAPUR, BALESWAR, ODISHA - 756024

ଲୋନ! ଲୋନ! ଲୋନ
୧ ରୁ ୫୦ ଲକ୍ଷ୍ୟ ଲୋନ
LAXMI NARAYAN FINANCE
ଗୃହରୁଣ, ମାର୍କସିଟ ପର୍ସନାଲ, ବିଜନେସ, କୃଷି, ବ୍ୟବସାୟ, ସମ୍ପତି, କୁକୁଡାପାଳନ, ଇଟାଭାଟି, ଆଧାର କାର୍ଡ, ରାସନ କାର୍ଡ, ଆଦି ସମସ୍ତ ରୁଣ
ବେରୋଜଗାର ଓ ମହିଳାଙ୍କୁ ବିଶେଷ ଛାଡ
୧% ସୁଧ ୫୦% ରିହାତି
88102-23468
laxminarayanfinancemp@gmail.com
82871-99144
Pandey bhawan hinoo ranchi

ଋଣ
ପ୍ରଥମ 100 କଲର୍‌ଙ୍କୁ ବିଶେଷ ରିହାତି
ଟଙ୍କା ନେଉନ୍ତୁ, ଧୋକା ଦେଉନୁ
ଆଗେ କାମ - ପରେ ଦାମ
ସରକାରୀ ଯୋଜନା ଅଧୀନରେ
ଲକ୍ଷାଧିକ ଗ୍ରାହକଙ୍କ ସମ୍ପୂର୍ଣ୍ଣ ବିଶ୍ୱାସ
1,00,000ରୁ 80,00,000 ପର୍ଯ୍ୟନ୍ତ ଋଣ
ସତ୍ୟମ୍ ଫାଇନାନ୍ସ
ମାର୍କଶିଟ୍, ପ୍ରପର୍ଟି ପର୍ସନାଲ, ବ୍ୟବସାୟ, ରାଶନ କାର୍ଡ, ଆଧାର କାର୍ଡ, ଚାଷ, ଏଗ୍ରିକଲ୍ଚର ସବୁ ପ୍ରକାର ଋଣ
24 ଘଣ୍ଟାରେ ଘରେ ବସି ପାଆନ୍ତୁ
2% ସୁଧ - 40% ରିହାତି
ଠକମାନଙ୍କ ପ୍ରତି ସାବଧାନ
7291060977
7291046520
B-36/7, A-Block, Vijay Enclave, Burari, New Delhi-74

VEDANSI FINANCE PVT LTD
100% ଲୋନ ପ୍ରାପ୍ତ କରନ୍ତୁ 7 ଦିନରେ।
ସୁଧ 2%, ଛାଡ଼ 40%
ଡିଲରଶିପ୍ / ଏଜେଣ୍ଟ ପାଇଁ କମ୍ପାନୀକୁ ସମ୍ପର୍କ କରନ୍ତୁ।
Balasore: 7409536767, Jajpur: 9084652616, Dhenkanal: 7409543249, Angul: 7252964716, Jeypore: 9084652615

BUSINESS

FINANCE

ଋଣ ମଞ୍ଜୁର ହେବା ପରେ
25 ବର୍ଷ ଧରି ଆପଣଙ୍କ ସେବାରେ
JEEVANJYOTI FINANCE PVT. LTD.
ମାର୍କଶିଟ୍, ପ୍ରପର୍ଟି ଆଧାରକାର୍ଡ, ପର୍ସନାଲ
ସବୁ ଋଣ ମାତ୍ର 24 ଘଣ୍ଟାରେ
2% ସୁଧ, 50% ରିହାତି
ଠକାମିର ଶିକାର ବ୍ୟକ୍ତି ନିଶ୍ଚୟ କଲ୍ କରନ୍ତୁ
କାମ ଆମର, ବିଶ୍ୱାସ ଆପଣଙ୍କର
ମହିଳା, ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି
8765256101
B-36/7 A-Block Vijay Enclave Burari, New Delhi-74

GTL Telecom Network Company
ଖାଲିଥିବା ଜମି ଓ ଛାତ ସବୁ ସ୍ଥାନରେ ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 90,000,00/-, ଭଡା 50,000/- ଟଙ୍କା ପାଆନ୍ତୁ। ଜଣକୁ ଚାକିରି ମିଳିବ। ମାତ୍ର ୭୨ ଘଣ୍ଟାରେ ଜମି ଯାଞ୍ଚ ଓ ଉପକରଣ ସ୍ଥାପନ + ମୋବାଇଲ ଫ୍ରୀ + ବାଇକ୍ + 30,000ର ଅନ୍ୟାନ ସୁବିଧା ମହିଳା ମାନଙ୍କ ପାଇଁ ବିଶେଷ ରିହାତି।
Plot No 124, MG Road, DLF City Centre Mall, MG Road, Gurgaon, Haryana, 122003.
9348274623
8227843135

FINANCE
ବାଲାଜୀ ଋଣ ଭାରତର ସବୁଠୁ ବଡ କମ୍ପାନୀ ଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, BPL ଋଣ ମାତ୍ର ୨୪ ଘଣ୍ଟାରେ ଘରେବସି ପାଆନ୍ତୁ
3% ସୁଧ 25% ଛାଡ ୧୦ ବର୍ଷର ଏଗ୍ରୀମେଣ୍ଟ ସହିତ
କେବଳ ଆସାମ, ଓଡିଶା, ବିହାର, ଝାରଖଣ୍ଡ, ଗୁଜୁରାଟ ହାଇଦ୍ରାବାଦ, ହିମାଚଳ, ବେଙ୍ଗାଲୁରୁ, ମଧ୍ୟପ୍ରଦେଶ ରେ
balajifinancegroupchd@yahoo.com
Plot No 4542, Shahnajaf Rd, Chandigarh 226001
09517415755
09598246628

ପ୍ରାଇଭେଟ୍ କମ୍ପାନୀ ପ୍ରତି ସାବଧାନ
GRAMIN FINANCE
ଦ୍ୱାରା ସବୁ ପ୍ରକାର ଋଣ ନିଅନ୍ତୁ କମ୍ ସୁଧ + Subsidy, No File Charge, No Guarantor, Only Bank fees -
ଏ ସବୁକିଛି ଋଣ ମଞ୍ଜୁର ହେବା ପରେ
Miss Call Alert:
09610759333
S/O Durvijay Singh, 549/328, Shanti Nagar, Vakola, Santacruz, Mumbai- 400055

See Color Display Classified on every Tuesday & Friday


**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ଦକ୍ଷିଣ ଚାଇନାର ଏକ ହସ୍ପିଟାଲରେ ଡାକ୍ତରମାନେ ଜଣେ ରୋଗୀଙ୍କ ପେଟରୁ ୧୪ସେଣ୍ଟିମିଟର ଲମ୍ବର ଟୁଥବ୍ରଶ୍ ବାହାର କରିଛନ୍ତି। ଏହି ବ୍ୟକ୍ତି ୨୦ବର୍ଷ ତଳେ ଟୁଥବ୍ରଶ୍ ଗିଳିଦେଇଥିଲେ। ଡାକ୍ତରମାନେ ରୋଗୀର ଅନ୍ତ୍ରନଳିରେ ଅଟକି ରହିଥିବା ଏକ କଣ୍ଟା, ମୁଦ୍ରା ଓ ଲାଇଟର ମଧ ବାହାର କରିଛନ୍ତି। ୫୧ବର୍ଷ ବୟସ୍କ ଏହି ବ୍ୟକ୍ତି ଲି ନାମରେ ପରିଚିତ। ଜୁନ୍ ଶେଷଭାଗରେ ତଳିପେଟରେ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ ହସ୍ପିଟାଲ୍‌ରେ ଭର୍ତ୍ତି କରାଯାଇଥିଲା। ସିଟିସ୍କାନରୁ ପେଟରେ ଏସବୁ ଜିନିଷ ଥିବା ଜଣାପଡିଥିଲା।



# ବିଧାନସଭାରେ ୩ ବିଧେୟକ ଗୃହୀତ

- ୨ ସଂଶୋଧନ, ଗୋଟିଏ ବେସରକାରୀ ବିଶ୍ୱବିଦ୍ୟାଳୟ ବିଲ୍
- ପଦାଧିକାରୀ ଦାଖଲ କରିବେ ସମ୍ପତ୍ତି ତାଲିକା
- ଅନୁଦାନ ପାଇଁ ଓଡ଼ିଶା ମୁକ୍ତ ବିଶ୍ୱବିଦ୍ୟାଳୟ



ଭୁବନେଶ୍ୱର,୩।୮(ବ୍ୟୁରୋ)

ରାଜ୍ୟ ସରକାରଙ୍କ ପକ୍ଷରୁ ବିଧାନସଭାରେ ଆଗତ ହୋଇଥିବା ୩ ଗୁରୁତ୍ୱପୂର୍ଣ୍ଣ ବିଧେୟକ ଶନିବାର ଗୃହୀତ ହୋଇଛି। ଏଥି ମଧ୍ୟରେ ଦୁଇଟି ସଂଶୋଧନ ଏବଂ ଗୋଟିଏ ବେସରକାରୀ ବିଶ୍ୱବିଦ୍ୟାଳୟ ସମ୍ପର୍କିତ ବିଧେୟକ ରହିଥିଲା। ଏଗୁଡ଼ିକ ହେଉଛି- ଓଡ଼ିଶା ଲୋକାୟୁକ୍ତ(ସଂଶୋଧନ) ଅଧିନିୟମ-୨୦୧୯, ଓଡ଼ିଶା ମୁକ୍ତ ବିଶ୍ୱବିଦ୍ୟାଳୟ(ସଂଶୋଧନ) ବିଧେୟକ-୨୦୧୯ ଏବଂ ତୃତୀୟଟି ଏଏସ୍‌ବିଏମ୍ ବିଶ୍ୱବିଦ୍ୟାଳୟ ଓଡ଼ିଶା ବିଧେୟକ-୨୦୧୯। ଓଡ଼ିଶା ଲୋକାୟୁକ୍ତ ନିୟମ-୨୦୧୪, ଧାରା ୪୪ ଅନୁସାରେ ସରକାରୀ ପଦାଧିକାରୀମାନେ ପ୍ରତିବର୍ଷ ଜୁଲାଇ ୩୧ ସୁଦ୍ଧା ସେମାନଙ୍କ ସମ୍ପତ୍ତି ତାଲିକା କ୍ଷମତାପନ୍ନ କର୍ତ୍ତୃପକ୍ଷଙ୍କୁ ପ୍ରଦାନ କରିବାର ନିୟମ ରହିଥିଲା। ଏହି ଘୋଷଣାନାମା ବିଭାଗୀୟ ୱେବ୍‌ସାଇଟରେ ସେହି ବର୍ଷ ଅଗଷ୍ଟ ୩୧ ସୁଦ୍ଧା ପ୍ରଦର୍ଶିତ ହେବା ଆବଶ୍ୟକ ରହିଥିଲା। ଏହି ବ୍ୟବସ୍ଥାରେ ଥିବା ଅସୁବିଧାକୁ ବିଚାରକୁ ନେଇ ଭାରତ ସରକାର ଲୋକପାଳ ଓ ଲୋକାୟୁକ୍ତ ଅଧିନିୟମ-୨୦୧୩କୁ ସଂଶୋଧନ କରିଛନ୍ତି। ତେଣୁ ଓଡ଼ିଶା ସରକାର ୨୦୧୪ର ଧାରା ୪୪ର ପ୍ରତିସ୍ଥାପନ କରିବା ପାଇଁ ବିଚାର କରି ସଂଶୋଧନ ପ୍ରସ୍ତାବ ଦେଇଥିଲେ। ଏହି ବିଧେୟକ ସମ୍ପର୍କିତ ଆଲୋଚନାରେ ଭାଗନେଇ କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର ଏକ ଗୁରୁତ୍ୱପୂର୍ଣ୍ଣ ସଂଶୋଧନ ଯୋଡ଼ିବା ପାଇଁ ପ୍ରସ୍ତାବ ରଖିଥିଲେ। ହେଲେ ତାହା କାଟ୍ ଖାଇ ଯାଇଥିଲା। ପ୍ରତିବର୍ଷ ପରି ଅଧିକାରୀମାନେ ନିଜ ସରକାରୀ ଚାକିରି ସରିବା ପରେ ନିଜର ପୂର୍ଣ୍ଣକାଳୀନ ସମ୍ପତ୍ତି ତାଲିକା ପ୍ରଦାନ କରିବା ସହ କିପରି ଉପାୟରେ ଏହା ଅର୍ଜିତ ହୋଇଛି, ତାହା ଜାଣିବା ସଂକ୍ରାନ୍ତରେ ନିୟମ କରିବାକୁ ମତ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏହି ବିଲ୍ ଆଲୋଚନାରେ ବିଜେଡି ସଦସ୍ୟ ଅମର ଶତପଥୀ, ପ୍ରଫୁଲ୍ଲ ସାମଲ, କଂଗ୍ରେସ ବିଧାୟକ ସନ୍ତୋଷ ସିଂ ସାଲୁଜା ପ୍ରମୁଖ ଅଂଶଗ୍ରହଣ କରିଥିଲେ।

ସେହିପରି ଓଡ଼ିଶା ମୁକ୍ତ ବିଶ୍ୱବିଦ୍ୟାଳୟ ବେତନ, ପାରିଶ୍ରମିକ, ଫିଜ୍ କିମ୍ବା ମାନଦେୟ ନିମନ୍ତେ ସରକାରଙ୍କଠାରୁ କୌଣସି ଅନୁଦାନ ପାଇଁ ହକ୍‌ଦାର ହେବ ନାହିଁ ବୋଲି ପୂର୍ବରୁ ନିୟମ ରହିଥିଲା। ହେଲେ ବିଶ୍ୱବିଦ୍ୟାଳୟ ପ୍ରାଥମିକସ୍ତରରେ କର୍ମଚାରୀଙ୍କ ବେତନ ବହନ ସହ ନିଜ ରାଜସ୍ୱ ସୃଷ୍ଟି କରିବାରେ ଅସମର୍ଥ ହେବା ଲକ୍ଷ୍ୟ କରାଯାଇଥିଲା। ତେଣୁ ଏହା ଆତ୍ମନିର୍ଭରଶୀଳ ହେବା ଯାଏ ସରକାର ଆର୍ଥିକ ଅନୁଦାନ ଦେବା ନେଇ ଆସିଥିବା ସଂଶୋଧନ ଗୃହୀତ ହୋଇଛି। ଏ ସମ୍ପର୍କିତ ଆଲୋଚନାରେ ଭାଜପା ସଭ୍ୟ ମୁକେଶ ମହାଲିଙ୍ଗ, ବିଜେଡି ସଭ୍ୟ ଅମର ପ୍ରସାଦ ଶତପଥୀ, ପ୍ରଫୁଲ୍ଲ ସାମଲ, କଂଗ୍ରେସ ସଦସ୍ୟ ସନ୍ତୋଷ ସିଂ ସାଲୁଜା ଏବଂ ତାରାପ୍ରସାଦ ବାହିନୀପତି ଆଲୋଚନାରେ ଭାଗ ନେଇଥିଲେ। ଅନୁରୂପ ଭାବେ ଖୋର୍ଦ୍ଧା ଜିଲା ଭୁବନେଶ୍ୱର ତହସିଲ ଚନ୍ଦକା ଥାନା ଅନ୍ତର୍ଗତ ଏସିଆନ୍ ସ୍କୁଲ ଅଫ୍ ବିଜ୍‌ନେସ୍ ମ୍ୟାନେଜ୍‌ମେଣ୍ଟକୁ ବିଶ୍ୱବିଦ୍ୟାଳୟରେ ପରିଣତ କରିବା ପାଇଁ ଆଗତ ବିଧେୟକକୁ ଗୃହର ମଞ୍ଜୁରୀ ମିଳିଛି। ଏହା ଏକ ବେସରକାରୀ ବିଶ୍ୱବିଦ୍ୟାଳୟ ସମ୍ପର୍କିତ ବିଲ୍ ହୋଇଥିବାରୁ ଏହାକୁ ସିଲେକ୍ଟ କମିଟିକୁ ପଠାଇବା ପାଇଁ କେତେକ ସଭ୍ୟ ମତ ରଖିଥିଲେ। ଏ ସମ୍ପର୍କିତ ଆଲୋଚନାରେ କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର, ସଭ୍ୟ ସୁରେଶ ରାଉତରାୟ ଏବଂ ସନ୍ତୋଷ ସିଂ ସାଲୁଜା, ଭାଜପା ସଭ୍ୟ ମୁକେଶ ମହାଲିଙ୍ଗ, ବିଜେଡି ସଭ୍ୟ ପ୍ରତାପ କେଶରୀ ଦେବ ଏବଂ ଦେବୀପ୍ରସାଦ ମିଶ୍ର ପ୍ରମୁଖ ଭାଗନେଇଥିଲେ। ଓଡ଼ିଶା ମୁକ୍ତ ବିଶ୍ୱବିଦ୍ୟାଳୟ ସଂଶୋଧନ ଏବଂ ଏଏସ୍‌ବିଏମ୍ ବିଧେୟକ ସମ୍ପର୍କିତ ଆଲୋଚନା ପରେ ଉଚ୍ଚଶିକ୍ଷା ମନ୍ତ୍ରୀ ଅରୁଣ ସାହୁ ବକ୍ତବ୍ୟ ରଖିଥିଲେ। ସେହିପରି ଲୋକାୟୁକ୍ତ ଆଇନ ସମ୍ବନ୍ଧୀୟ ସଂଶୋଧନ ଆଲୋଚନା ଉପରେ ସଂସଦୀୟ ବ୍ୟାପାର ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ଉତ୍ତର ରଖିଥିଲେ।

# ଗରିବଙ୍କ ପାଇଁ ମାଗଣା ବିଜୁଳି ବ୍ୟବସ୍ଥା କରାଯାଉ: କଂଗ୍ରେସ

ଭୁବନେଶ୍ୱର, ୩।୮(ବ୍ୟୁରୋ)

ଓଡ଼ିଶାର ଚାଷୀ କୃଷିକାର୍ଯ୍ୟ ପାଇଁ ଠିକଣା ସମୟରେ ବିଜୁଳି ପାଉନାହାନ୍ତି। ରାଜ୍ୟ ସରକାର ଅନେକ ଶିଳ୍ପପତିଙ୍କ ଉପରେ ପଡ଼ିରହିଥିବା ବକେୟା ବିଜୁଳି ଶୁଳ୍କ ଆଦାୟ କରୁନାହାନ୍ତି। କିନ୍ତୁ ଚାଷୀଙ୍କଠାରୁ ବିଜୁଳି ଶୁଳ୍କ ଆଦାୟ କରିବାକୁ ଭୁଲୁନାହାନ୍ତି। ଉଠା ଜଳସେଚନ ପ୍ରକଳ୍ପ ନିର୍ମାଣ ପରେ ମଧ ଠିକ୍ ସମୟରେ ବିଦ୍ୟୁତ ସଂଯୋଗ କରାଯାଉ ନାହିଁ। ଫଳରେ ଚାଷୀ ଜଳସେଚନ କ୍ଷେତ୍ରରେ ଗୁରୁତର କ୍ଷତି ସହୁଛି। ସେହିପରି ପନିପରିବା, ଫଳ ପ୍ରଭୃତି ସଂରକ୍ଷଣ କରି ରଖୁଥିବା ଶୀତଳଭଣ୍ଡାରଗୁଡ଼ିକ ଚଢ଼ା ବିଜୁଳି ଶୁଳ୍କ ଯୋଗୁ ଅକାମୀ ହୋଇ ପଡ଼ିରହିଛି, ଯାହାଫଳରେ ଲକ୍ଷଲକ୍ଷ ଟଙ୍କାର ପନିପରିବା ନଷ୍ଟ ହେଉଛି। ରାଜ୍ୟର ବହୁ କୃଷି ପ୍ରକଳ୍ପ ବିଜୁଳି ସମସ୍ୟା ଯୋଗୁ ବନ୍ଦ ହୋଇଗଲାଣି। ଚାଷୀ ଓ କୃଷି ଶିଳ୍ପ ଉଦ୍ୟୋଗୀମାନେ ଆବଶ୍ୟକ ପରିମାଣର ବିଜୁଳି ନ ପାଇବାରୁ ଚାଷ ଓ କୃଷି ଶିଳ୍ପରୁ ନିବୃତ ହେବାକୁ ଯାଉଛନ୍ତି ବୋଲି ପ୍ରଦେଶ କଂଗ୍ରେସ କିଷାନ ସେଲ୍ ଅଧ୍ୟକ୍ଷ ଅମୀୟ ପଟ୍ଟନାୟକ ଅଭିଯୋଗ କରିଛନ୍ତି। ରାଜ୍ୟରେ କୋଇଲା ଓ ପାଣିରୁ ସବୁଠୁ ଶସ୍ତାରେ ବିଜୁଳି ଉତ୍ପାଦନ ହେଉଛି। କିନ୍ତୁ ସରକାରଙ୍କ ଉଦାସୀନତା ଯୋଗୁ କୃଷି କ୍ଷେତ୍ରକୁ ବିଜୁଳି ଯୋଗାଣ ଜାତୀୟ ହାରଠାରୁ ରାଜ୍ୟରେ ବହୁ ପଛରେ। ଜାତୀୟ ହାର ୮ ପ୍ରତିଶତ ଥିବାବେଳେ ଓଡ଼ିଶା ୩ ପ୍ରତିଶତରେ ରହିଛି। ନିକଟରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ତାଙ୍କ ରାଜ୍ୟବାସୀଙ୍କ ସ୍ୱାର୍ଥ ପାଇଁ ୨ଶହ ୟୁନିଟ୍ ପର୍ଯ୍ୟନ୍ତ ବିଜୁଳି ଦେୟ ଛାଡ଼ କରିଥିବା ବେଳେ ରାଜ୍ୟ ସରକାର ଗତ ସାଧାରଣ ନିର୍ବାଚନ ସମୟରେ ବାରମ୍ବାର ଚାଷୀଙ୍କୁ ମାଗଣାରେ ବିଜୁଳି ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇ ପ୍ରତାରଣା କରିଛନ୍ତି। ରାଜ୍ୟ ସରକାର ସମସ୍ତ ଚାଷୀ ଓ ସାଧାରଣ ବର୍ଗ, କୃଷିଭିତ୍ତିକ ଶିଳ୍ପୋଦ୍ୟୋଗୀ ଓ ଦାରିଦ୍ର୍ୟ ସୀମାରେଖା ତଳେ ଥିବା ସମସ୍ତ ବିଦ୍ୟୁତ ଉପଭୋକ୍ତାଙ୍କୁ ମାଗଣା ବିଜୁଳି ଯୋଗାଇ ଦେବାକୁ ପିସିସି କିଷାନ କଂଗ୍ରେସ ଦାବି କରିଛି। ଏନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ମଧ ଚିଠି ଦେଇଥିବା ଜଣାପଡିଛି।

■ କେନ୍ଦ୍ର ସମବାୟ ମନ୍ତ୍ରୀଙ୍କୁ ଚିଠି ଲେଖିଲେ ରଣେନ୍ଦ୍ର ପ୍ରତାପ

# କେନ୍ଦ୍ରୀୟ ପଣ୍ୟାଗାର କାର୍ଯ୍ୟାଳୟ ସ୍ଥାନାନ୍ତର ନ କରିବାକୁ ଅନୁରୋଧ

ଭୁବନେଶ୍ୱର, ୩।୮(ବ୍ୟୁରୋ)

କେନ୍ଦ୍ରୀୟ ପଣ୍ୟାଗାର ନିଗମର ଭୁବନେଶ୍ୱରସ୍ଥିତ ଆଞ୍ଚଳିକ କାର୍ଯ୍ୟାଳୟ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଉଛି। ଏହି କାର୍ଯ୍ୟାଳୟ ୧୯୯୦ରୁ ଓଡିଶାରେ ସ୍ଥାପିତ ହୋଇ ରହିଛି। ଏହି କାର୍ଯ୍ୟାଳୟ ବର୍ତ୍ତମାନ ବିହାରର ପାଟଣାକୁ ଉଠିଯିବା ନେଇ ଯୋଜନା କରାଯାଉଥିବା ଜାଣିବାକୁ ମିଳିଛି। ଏଭଳି ନିଷ୍ପତ୍ତି ନ ନେବା ପାଇଁ କେନ୍ଦ୍ର ଖାଦ୍ୟ ଯୋଗାଣ ମନ୍ତ୍ରୀ ରାମବିଳାସ ପାଶ୍ୱାନଙ୍କୁ ରାଜ୍ୟ ସମବାୟ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଚିଠି ଲେଖି ଅନୁରୋଧ କରିଛନ୍ତି। ମନ୍ତ୍ରୀ ସ୍ୱାଇଁ ତାଙ୍କ ଚିଠିରେ ଦର୍ଶାଇଛନ୍ତି ଯେ, ଏହି ନିଷ୍ପତ୍ତି ଓଡିଶାର ସ୍ୱାର୍ଥବିରୋଧୀ। ଓଡିଶାରେ ପଣ୍ୟାଗାର ନିଗମ ଅଧୀନରେ ରାଜ୍ୟର ୧୫ ଜିଲାର ୨୧ଟି ସ୍ଥାନରେ ମୋଟ ୩ଲକ୍ଷ ୪୮ ହଜାର ମେଟ୍ରିକ ଟନ୍ କ୍ଷମତା ବିଶିଷ୍ଟ ଗୋଦାମ କାର୍ଯ୍ୟ କରୁଛି। ଏହାର ସଂରକ୍ଷଣ ବ୍ୟବସ୍ଥାର ହାରାହାରି ୯୦ ଭାଗ କ୍ଷମତା ବିନିଯୋଗ କରାଯାଇଥାଏ। ଏହି ଆଞ୍ଚଳିକ କାର୍ଯ୍ୟାଳୟ ବିଗତ ୫ ବର୍ଷ ହେବ ବାର୍ଷିକ ହାରାହାରି ୮ କୋଟି ଟଙ୍କା ଲାଭ କରି ଆସୁଛି। କେନ୍ଦ୍ରୀୟ ପଣ୍ୟାଗାର ନିଗମ ଗୋଦାମରେ ରାଜ୍ୟ ଯୋଗାଣ ନିଗମ, ରାଜ୍ୟ ପଣ୍ୟାଗାର ନିଗମ ପଣ୍ୟଦ୍ରବ୍ୟ ମହଜୁଦ ରଖିଥାଆନ୍ତି। ଏହି କାର୍ଯ୍ୟାଳୟ ଯଦି ଅନ୍ୟ ରାଜ୍ୟକୁ ଉଠିଯାଏ ତେବେ ପ୍ରଶାସନିକ ଅସୁବିଧା ଅନୁଭୂତ ହେବା ସହିତ ରାଜ୍ୟ ସରକାରଙ୍କ ସମବାୟ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ସହ ସମନ୍ୱୟ ବାଧାପ୍ରାପ୍ତ ହେବ। ଏହି ନିଗମର ସବୁ ଗୋଦାମ ଘରେ ବୈଜ୍ଞାନିକ ପଦ୍ଧତିରେ ସାମଗ୍ରୀ ସଂରକ୍ଷଣ କରାଯାଏ। ଏଥିପାଇଁ ନିୟମିତ ପରିଦର୍ଶନ ଓ ନିରୀକ୍ଷଣର ଆବଶ୍ୟକତା ପଡିଥାଏ। ଆଞ୍ଚଳିକ କାର୍ଯ୍ୟାଳୟ ପାଟଣାକୁ ସ୍ଥାନାନ୍ତରିତ ହେଲେ ଏହି କାର୍ଯ୍ୟ ଅନିୟମିତ ହେବ, ଯାହାଦ୍ୱାରା ନିଗମର ବ୍ୟାପକ ଆର୍ଥିକ କ୍ଷତି ଘଟିବ। ଏହି ପଣ୍ୟାଗାର ନିଗମରେ ୧୩୦ କର୍ମଚାରୀ କାର୍ଯ୍ୟ କରୁଛନ୍ତି। ସେଥିରୁ ପ୍ରାୟ ୯୦ ଭାଗ ଓଡିଶାର ବାସିନ୍ଦା। ସେମାନଙ୍କ ମଧ୍ୟରୁ ଅଧିକାଂଶ ଦ୍ୱିତୀୟ ଓ ଚତୁର୍ଥ ଶ୍ରେଣୀ କର୍ମଚାରୀ। ଏହି ରାଜ୍ୟର ବାସିନ୍ଦା ହୋଇଥିବାରୁ ଆଞ୍ଚଳିକ କାର୍ଯ୍ୟାଳୟର ସ୍ଥାନାନ୍ତର ସେମାନଙ୍କ ପାଇଁ ସମସ୍ୟା ସୃଷ୍ଟିକରିବ। ଏନେଇ ଦଳ ମତ ନିର୍ବିଶେଷରେ ସମସ୍ତେ ବିଧାନସଭାରେ କହିଛନ୍ତି। ଏହି ନିଷ୍ପତ୍ତି ଯୋଗୁ ପ୍ରଶାସନିକ ସମନ୍ୱୟର ଅଭାବ ପରିଲକ୍ଷିତ ହେବା ସହିତ ସଂରକ୍ଷଣ ଓ ବିତରଣ ବ୍ୟବସ୍ଥା ଉପରେ କୁପ୍ରଭାବ ପଡିବାର ସମ୍ଭାବନା ରହିଛି। ଏଥିଲାଗି ଓଡିଶାର ଭୁବନେଶ୍ୱରରେ ଥିବା କେନ୍ଦ୍ରୀୟ ପଣ୍ୟାଗାର ନିଗମର ଆଞ୍ଚଳିକ କାର୍ଯ୍ୟାଳୟକୁ ଉଠା ନ ଯିବା ପାଇଁ କେନ୍ଦ୍ରମନ୍ତ୍ରୀଙ୍କୁ ସେ ଅନୁରୋଧ କରିଛନ୍ତି। ଚିଠି ଲେଖିବା ସହ ଏହି ପ୍ରସଙ୍ଗରେ ମନ୍ତ୍ରୀ ସ୍ୱାଇଁ ବିଧାନସଭାରେ ଶନିବାର ଦ୍ୱିତୀୟାର୍ଦ୍ଧରେ ଉତ୍ତର ରଖିଥିଲେ।

# ଶିକ୍ଷାର ବିକାଶ ପାଇଁ ଗଠନ ହେବ ଉପଦେଷ୍ଟା ପରିଷଦ

- ଚଳିତ ବର୍ଷରୁ ମିଳିବ 'ଗରିମା' ପୁରସ୍କାର
- 'ମୋ ସ୍କୁଲ' ଅଭିଯାନରେ ୮୯୫୧ ସ୍କୁଲ ପାଇଛନ୍ତି ୮୯କୋଟି ଟଙ୍କା
- ପିଲା କମ୍ ଥିବାରୁ ୯୬୬ ସ୍କୁଲରେ ତାଲା
- କମିଛି ଡ୍ରପ୍ ଆଉଟ୍ ହାର

ଭୁବନେଶ୍ୱର,୩।୮(ବ୍ୟୁରୋ)

ରାଜ୍ୟରେ ଥିବା ସ୍କୁଲଗୁଡ଼ିକରେ ଗୁଣାତ୍ମକ ଶିକ୍ଷା ବୃଦ୍ଧି କରିବା ଲାଗି ରାଜ୍ୟ ସରକାର 'ମୋ ସ୍କୁଲ' ଅଭିଯାନ ଆରମ୍ଭ କରିଛନ୍ତି। ଏହି ଯୋଜନାର ମୂଳ ଲକ୍ଷ୍ୟ, ସ୍କୁଲର ବିକାଶରେ ଜନସାଧାରଣ ଓ ପୁରାତନ ଛାତ୍ରୀଛାତ୍ରଙ୍କୁ ସାମିଲ କରିବା। ୨୦୧୮-୧୯ରେ ଏହି ଯୋଜନାରେ ୩୦ ଜିଲାର ୮,୯୫୧ଟି ସ୍କୁଲ ୮୯କୋଟି ୨୮ ଲକ୍ଷ ଟଙ୍କା ପାଇଛନ୍ତି। ଯେଉଁଥିରେ ୨୯କୋଟି ୭୬ଲକ୍ଷ ଟଙ୍କା ବିଭିନ୍ନ ସଂଗଠନ ଓ ପୁରାତନ ଛାତ୍ରୀଛାତ୍ର ବିଦ୍ୟାଳୟକୁ ଦାନ କରିଥିବା ବେଳେ ଏହାର ଦୁଇଗୁଣା ହିସାବରେ ୫୯ କୋଟି ୫୨ଲକ୍ଷ ଟଙ୍କା ସମ୍ପୃକ୍ତ ବିଦ୍ୟାଳୟଗୁଡ଼ିକୁ ପ୍ରଦାନ କରାଯାଇଛି। ଏଥିସହ ଛାତ୍ରୀଛାତ୍ରମାନଙ୍କର ଶୈକ୍ଷିକ ଜ୍ଞାନ ବୃଦ୍ଧି ନିମନ୍ତେ 'ଗରିମା' ପୁରସ୍କାର ଆରମ୍ଭ କରାଯାଇଛି। ଚଳିତ ବର୍ଷଠାରୁ 'ମୁଖ୍ୟମନ୍ତ୍ରୀ ମେଧାବୃତ୍ତି', 'ଓଡ଼ିଆ ଭାଷାବୃତ୍ତି', 'ଉତ୍ତମ ସ୍କୁଲ ବୃତ୍ତି' ପ୍ରଦାନ କରାଯିବ। ଶିକ୍ଷାର ବିକାଶ କିପରି ଅଧିକ ହୋଇପାରିବ ସେ ନେଇ ରାଜ୍ୟ ସରକାର ଏକ ଉପଦେଷ୍ଟା ପରିଷଦ ଗଠନ କରିବାକୁ ଯାଉଛନ୍ତି। ଏଥିପାଇଁ ଶିକ୍ଷାବିତ୍‌ମାନଙ୍କଠାରୁ ପରାମର୍ଶ ନିଆଯିବ। ଯେଉଁ ସ୍କୁଲରେ ୨୦ରୁ କମ ପିଲା ଅଛନ୍ତି ସେହି ସ୍କୁଲକୁ ବନ୍ଦ କରିବାକୁ ସରକାର ନୀତିଗତ ନିଷ୍ପତ୍ତି ନେଇଛନ୍ତି। ଯଦି କୌଣସି ସ୍ଥାନରେ ଭୌଗୋଳିକ ସମସ୍ୟା ରହିଥିବ ସେଠାରେ ଜିଲାପାଳ ଜଣାଇଲେ ସେହି ସ୍କୁଲଗୁଡ଼ିକୁ ଖୋଲାଯିବ। ଏ ପର୍ଯ୍ୟନ୍ତ ୯୬୬ଟି ସ୍କୁଲକୁ ବନ୍ଦ କରାଯାଇଛି। ଶନିବାର ବିଧାନସଭାରେ ମୁଲତବୀ ଆଲୋଚନା ବେଳେ ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାସ ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ, ୬ରୁ ୧୪ ବର୍ଷ ବୟସ ମଧ୍ୟରେ ରାଜ୍ୟରେ ୫୬ଲକ୍ଷ ୩୩ହଜାର ୬୯୦ ପିଲା ରହିଛନ୍ତି। ସେଥିରୁ ୫୬ଲକ୍ଷ ୨୩ହଜାର ୪୭୪ ପିଲା ବିଭିନ୍ନ ସ୍କୁଲରେ ପଢୁଛନ୍ତି। ସ୍କୁଲ ବାହାରେ ରହୁଥିବା ପିଲାଙ୍କୁ ସ୍ୱତନ୍ତ୍ର ଶିକ୍ଷା ଦିଆଯାଉଛି। ଏହାଛଡ଼ା ଯେଉଁମାନେ ଅଧାରୁ ପାଠ ଛାଡ଼ିଛନ୍ତି କିମ୍ବା ଅନ୍ୟ କୌଣସି କାରଣରୁ ସ୍କୁଲ ଶିକ୍ଷା ଶେଷ କରିପାରିନାହାନ୍ତି, ସେମାନଙ୍କୁ ଉତ୍ସାହିତ କରି ଶିକ୍ଷା ଦେବା ଲାଗି ରାଜ୍ୟର ୩୦ ଜିଲାରେ ୩୪୪ଟି ରାଜ୍ୟ ମୁକ୍ତ ବିଦ୍ୟାଳୟ ଖୋଲାଯାଇଛି। ଏହି ବିଦ୍ୟାଳୟରେ ୨୦୧୮-୧୯ରେ ୩୨ହଜାର ୯୩୧ଜଣ ଛାତ୍ରୀଛାତ୍ର ଉତ୍ତୀର୍ଣ୍ଣ ହୋଇଛନ୍ତି। ସମସ୍ତ ଛାତ୍ରୀଛାତ୍ରଙ୍କୁ ୧ କିମି ଭିତରେ ପ୍ରାଥମିକ ସ୍କୁଲ ଓ ୩ କିମି ଭିତରେ ଉଚ୍ଚ ପ୍ରାଥମିକ ସ୍କୁଲ ବ୍ୟବସ୍ଥା ପାଇଁ ସରକାର ଅଙ୍ଗୀକାରବଦ୍ଧ। ମାତ୍ର ଦୁର୍ଗମ ଅଞ୍ଚଳରେ ରହୁଥିବା ଛାତ୍ରୀଛାତ୍ରଙ୍କୁ ପରିବହନ ସୁବିଧା ଯୋଗାଇ ଦିଆଯାଉଛି। ପ୍ରତି ବ୍ଲକରେ ଗୋଟିଏ ଲେଖାଏ ଆଦର୍ଶ ବିଦ୍ୟାଳୟ ସ୍ଥାପନ କରିବା ଲାଗି ଲକ୍ଷ୍ୟ ରଖାଯାଇଛି। ଏ ପର୍ଯ୍ୟନ୍ତ ୨୧୪ଟି ଆଦର୍ଶ ବିଦ୍ୟାଳୟ ସ୍ଥାପନ କରାଯାଇଥିବା ବେଳେ ଅବଶିଷ୍ଟ ୧୦୦ଟି ଖୁବ୍‌ଶୀଘ୍ର ସ୍ଥାପନ ହେବ। ସରକାରଙ୍କ ବଳିଷ୍ଠ ପଦକ୍ଷେପ ଯୋଗୁ ୨୦୦୨-୦୩ରେ ଅନୁସୂଚିତ ଜାତି ଛାତ୍ରୀଛାତ୍ରଙ୍କ ଡ୍ରପ୍ ଆଉଟ୍ ହାର ୫୭.୫୫% ଥିବା ବେଳେ ୨୦୧୮-୧୯ରେ ଏହା ୮.୩୫%କୁ ଖସି ଆସିଛି। ସେହିଭଳି ଅନୁସୂଚିତ ଜନଜାତିଙ୍କ କ୍ଷେତ୍ରରେ ଡ୍ରପ୍ ଆଉଟ୍ ହାର ୭୨.୫୭% ଥିବା ବେଳେ ଏହା ୮.୯୪%କୁ ହ୍ରାସ ପାଇଛି। ବାଳିକାମାନଙ୍କ କ୍ଷେତ୍ରରେ ଏହି ହାର ୫୬.୪୯%ରୁ ୭.୦୮%କୁ ହ୍ରାସ ପାଇଛି ବୋଲି ମନ୍ତ୍ରୀ କହିଛନ୍ତି।

# ୧୨ ନିଗମ କ୍ଷତିରେ ଚାଲିଛି

- ଖର୍ଚ୍ଚ କମାଇବା ପାଇଁ ସ୍ୱେଚ୍ଛାକୃତ ଅବସର ଯୋଜନା

ଭୁବନେଶ୍ୱର,୩।୮(ବ୍ୟୁରୋ)

ରାଜ୍ୟରେ ୩୬ଟି ନିଗମ ଅଛି। ସେଥିରେ ୧୦,୪୭୩ ପଦବୀ ଖାଲି ରହିଛି। ନିଗମଗୁଡ଼ିକ ମଧ୍ୟରୁ ୨୨ଟି ଲାଭ କରୁଥିବା ବେଳେ ଗୋଟିଏ ବିନା ଲାଭ ଓ କ୍ଷତିରେ ଏବଂ ୧୩ଟି କ୍ଷତିରେ ଚାଲୁଛି। ଶନିବାର ପ୍ରଶ୍ନୋତ୍ତର ବେଳେ ସାଧାରଣ ଉଦ୍ୟୋଗ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଏହି ସୂଚନା ଦେଇଛନ୍ତି। ମୂଳ ପ୍ରଶ୍ନରେ କଂଗ୍ରେସ ସଭ୍ୟ ସନ୍ତୋଷ ସିଂ ସାଲୁଜା ପଚାରିଥିଲେ ଯେ ରାଜ୍ୟରେ କେତୋଟି ନିଗମ ରହିଛି। ସେଥିରେ କେତେ କର୍ମଚାରୀ ଅଛନ୍ତି। ସେଗୁଡ଼ିକ ଲାଭ ନା କ୍ଷତିରେ ଚାଲିଛି। ବିଜେଡି ସଭ୍ୟ ଅମର ଶତପଥୀ, ଭାଜପା ସଭ୍ୟ ବିଷ୍ଣୁ ଚରଣ ସେଠୀ, କଂଗ୍ରେସ ସଭ୍ୟ ନରସିଂହ ମିଶ୍ର ପ୍ରମୁଖ ଅତିରିକ୍ତ ପ୍ରଶ୍ନରେ ନିଗମଗୁଡ଼ିକର କ୍ଷତି କେବେଠାରୁ ଆରମ୍ଭ ହୋଇଛି। ଯେଉଁମାନେ ଏଥିପାଇଁ ଦାୟୀ ସେମାନଙ୍କ ବିରୋଧରେ କି କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ଯେଉଁ ସଂସ୍ଥାଗୁଡ଼ିକ ଲାଭ କରୁଛି, ସରକାର ସେଗୁଡ଼ିକୁ ସହାୟତା ଯୋଗାଇ ଦେବା ଦରକାର। ମନ୍ତ୍ରୀ କହିଥିଲେ ଯେ, ରାଜ୍ୟରେ କ୍ଷତିରେ ଚାଲୁଥିବା ନିଗମଗୁଡ଼ିକୁ କିଭଳି କାର୍ଯ୍ୟକ୍ଷମ କରାଯାଇପାରିବ ସେ ନେଇ ପଦକ୍ଷେପ ନିଆଯାଉଛି। ଏପରିକି ପ୍ରଶାସନିକ ଖର୍ଚ୍ଚ କମାଇବା ପାଇଁ ନିଗମଗୁଡ଼ିକରେ ସ୍ୱେଚ୍ଛାକୃତ ଅବସର ଯୋଜନା କାର୍ଯ୍ୟକାରୀ କରାଯାଉଛି।

# ଆଳୁଚାଷୀଙ୍କୁ କ୍ଷତିପୂରଣ ନ ଦେଲେ ଆନ୍ଦୋଳନ: ଭାଜପା

ଭୁବନେଶ୍ୱର, ୩।୮(ବ୍ୟୁରୋ)

ସରକାରଙ୍କ ଆଳୁମିଶନ ଦିଗହରା ହୋଇଥିବାବେଳେ ରାଜ୍ୟରେ ଶୀତଳଭଣ୍ଡାରର ସ୍ଥିତି ପୂରା ଦୟନୀୟ ଅବସ୍ଥାରେ ରହିଛି। ପୁରୀର ୧୧ଟି ବ୍ଲକରେ ମାତ୍ର ଗୋଟିଏ ଶୀତଳ ଭଣ୍ଡାର ରହିଛି। ସେହି ଶୀତଳଭଣ୍ଡାର ସ୍ଥିତି ପୂରା ବେହାଲ। ବାତ୍ୟା ଫନୀ ପରେ ରାଜ୍ୟ ସରକାର ବିଦ୍ୟୁତ ଯୋଗାଣ କରି ନ ପାରିବାରୁ ୪ ହଜାର କୁଇଣ୍ଟାଲ ଆଳୁ ଗଜା ହୋଇ ନଷ୍ଟ ହୋଇଛି। ବାତ୍ୟା ପରେ ଜେନେରେଟରର ବ୍ୟବସ୍ଥା ଥିଲେ ମଧ ଡିଜେଲ ଯୋଗାଇ ଦିଆ ନ ଯିବାରୁ ଏଭଳି ସ୍ଥିତି ଉପୁଜିଛି ବୋଲି ଭାଜପା ଅଭିଯୋଗ କରିଛି। ଶୀତଳ ଭଣ୍ଡାରର ସ୍ଥିତି ଏବଂ ଚାଷୀଙ୍କ ସମସ୍ୟା ସମ୍ପର୍କରେ ଅନୁଧ୍ୟାନ କରିବା ପାଇଁ ଭାଜପା କୃଷକ ମୋର୍ଚ୍ଚା ସାଧାରଣ ସମ୍ପାଦକ ସୁରଥ ବିଶ୍ୱାଳ ଓ ବିଧାୟକ ଜୟନ୍ତ ଷଡଙ୍ଗୀଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ସାତଶଙ୍ଖ ଗସ୍ତ କରି ଆଳୁ କ୍ଷୟକ୍ଷତିର ଅନୁଧ୍ୟାନ କରିଛନ୍ତି । ଏହି ଅବସରରେ ସୁରଥ କହିଛନ୍ତି, ଆଳୁ ଚାଷୀ ଶୀତଳ ଭଣ୍ଡାରରେ ପରିବା ସୁରକ୍ଷିତ ଭାବେ ରଖିପାରୁନାହାନ୍ତି । ସରକାର ଏବଂ ପ୍ରଶାସନର ଖାମଖିଆଲ ନୀତି ଯୋଗୁ ହଜାର ହଜାର କୁଇଣ୍ଟାଲ ଆଳୁ ଗଜା ହୋଇ ନଷ୍ଟ ହୋଇଛି । ବାତ୍ୟାରେ ବିଜୁଳି କଟିବା ପରେ ବିକଳ୍ପ ବିଜୁଳି ବ୍ୟବସ୍ଥା ପ୍ରଶାସନ କରିପାରିନାହିଁ । ପ୍ରାକୃତିକ ବିପର୍ଯ୍ୟୟର ଦୃଢ଼ ମୁକାବିଲା କରିଥିବା କଥା କହୁଥିବା ସରକାର ସମ୍ପୂର୍ଣ୍ଣ ଫେଲ୍ ମାରିଛନ୍ତି। ଶୀତଳଭଣ୍ଡାରର ଅଭାବ ଏବଂ ବେପରୁଆ ରକ୍ଷଣାବେକ୍ଷଣ ଯୋଗୁ ଆଳୁ ଚାଷୀଙ୍କ ମୁଣ୍ଡରେ ଚଡ଼କ ପଡିଛି ବୋଲି ସେ କହିଛନ୍ତି। ରାଜ୍ୟରେ ଆଳୁମିଶନ ଅନୁଯାୟୀ ଯେତିକି ଉତ୍ପାଦନ ଲକ୍ଷ୍ୟ ଥିଲା ତା'ର ଏକ ଚତୁର୍ଥାଂଶ ଚାଷ ହୋଇପାରିଲା ନାହିଁ ବୋଲି ବିଧାୟକ ଜୟନ୍ତ କହିଛନ୍ତି। ସରକାର ତୁରନ୍ତ ପୁରୀ ଜିଲାର ସାତଶଙ୍ଖ ଶୀତଳଭଣ୍ଡାର ସ୍ଥିତି ତଦନ୍ତ କରିବା ସହ ଆଳୁ ଚାଷୀଙ୍କୁ ସେମାନଙ୍କ ଜମା ଅର୍ଥ ଫେରସ୍ତ ଦେବା ଏବଂ ଗଜା ହୋଇଥିବା ଆଳୁର କ୍ଷତିପୂରଣ ଦିଅନ୍ତୁ। କ୍ଷତିପୂରଣ ପ୍ରଦାନ କରା ନ ଗଲେ ଆଗାମୀ ଦିନରେ କୃଷକ ମୋର୍ଚ୍ଚା ଚାଷୀମାନଙ୍କୁ ନେଇ ରାଜରାସ୍ତାରେ ଆନ୍ଦୋଳନ କରିବ ବୋଲି ଜୟନ୍ତ କହିଛନ୍ତି।

**ମୁଲତବୀ ଆଲୋଚନା**

# ଭୁଶୁଡ଼ି ପଡ଼ିଲାଣି ପ୍ରାଥମିକ ଶିକ୍ଷା

- ପଞ୍ଚମ ଶ୍ରେଣୀ ପିଲାଙ୍କୁ ଫେଡ଼ାଣ ଆସୁନି

ଭୁବନେଶ୍ୱର,୩।୮(ବ୍ୟୁରୋ)

୫ମ ଶ୍ରେଣୀ ପିଲାଙ୍କୁ ମିଶାଣ ଫେଡାଣ, ହରଣ ଗୁଣନ ଜଣାନାହିଁ। ସେମାନେ ଦ୍ୱିତୀୟ ଶ୍ରେଣୀ ପାଠ ବିଷୟରେ କହିପାରୁ ନାହାନ୍ତି। ରାଜ୍ୟରେ ପ୍ରାଥମିକ ଶିକ୍ଷା ବ୍ୟବସ୍ଥା ଭୁଶୁଡି ପଡିଲାଣି। ଗୋଟିଏ ଜାତିର ମେରୁଦଣ୍ଡ ଭାଙ୍ଗିବାକୁ ହେଲେ ପ୍ରଥମେ ଶିକ୍ଷାକୁ ଧ୍ୱଂସ କରିବାକୁ ପଡିଥାଏ। ସ୍ୱାଧୀନତା ପରେ ମଧ ଶିକ୍ଷା କ୍ଷେତ୍ରରେ କିଛି ପରିବର୍ତ୍ତନ ହୋଇପାରିଲା ନାହିଁ। ଶନିବାର ଓଡିଶାରେ ପ୍ରାଥମିକ ଶିକ୍ଷା ବ୍ୟବସ୍ଥା ଦିଗହରା ଶୀର୍ଷକ ମୁଲତବୀ ଆଲୋଚନା ବେଳେ ଭାଜପା ସଭ୍ୟ ମୋହନ ଚରଣ ମାଝି ସରକାରଙ୍କୁ କଡା ସମାଲୋଚନା କରିଥିଲେ। ସେ କହିଥିଲେ ଯେ ଗତ ୨୦ ବର୍ଷ ଧରି ରାଜ୍ୟ ସରକାର ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ଶିକ୍ଷାକୁ ପଙ୍ଗୁ କରି ଦେଇଛନ୍ତି। ୯୫୬୧ଟି ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ସ୍କୁଲର ନିଜସ୍ୱ ଗୃହ ନାହିଁ। ପଞ୍ଚମ ଶ୍ରେଣୀର ୩୩ ପ୍ରତିଶତ ପିଲା ୧୦ରୁ ୯୯ ଯାଏ ସଂଖ୍ୟା ଜାଣିନାହାନ୍ତି। ରାଜ୍ୟ ସରକାର ସ୍କୁଲରେ ପାରାଶିକ୍ଷକ, ଶିକ୍ଷା ସହାୟକ, ଗଣଶିକ୍ଷକ, ଚୁକ୍ତିଭିତ୍ତିକ ଶିକ୍ଷକ, ଏପରି କେତେ କ'ଣ ଶିକ୍ଷକ ନିଯୁକ୍ତ କରିଛନ୍ତି। ଏମାନଙ୍କର କାମ କ'ଣ। ପାଠ ପଢାଇବା ନା ଡ୍ରପ୍‌ଆଉଟ ରୋକିବା। ଏ ନେଇ ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ଜବାବ ଦିଅନ୍ତୁ ବୋଲି କହିଥିଲେ। ସର୍ବଶିକ୍ଷା ଅଭିଯାନ ଅର୍ଥକୁ ବାଟମାରଣା କରାଯାଉଛି। ଜିଲାପାଳଙ୍କ ଗାଡି ଓ ତେଲ ପକାରେ ସେହି ପଇସା ଚାଲିଯାଉଛି। ସରକାରୀ ସ୍କୁଲରେ ସଚିବାଳୟ କର୍ମଚାରୀ, ଆଇଏଏସ, ଆଇପିଏସ, ବିଧାୟକ, ମନ୍ତ୍ରୀ କାହାରି ପିଲା ପଢୁ ନାହାନ୍ତି। ଆମେ ଯଦି ଆମ ପିଲାଙ୍କୁ ପାଠ ପଢାଇବା ନାହିଁ ତେବେ ସ୍କୁଲ ଶିକ୍ଷାରେ ଉନ୍ନତି କେମିତି ଆସିବ ବୋଲି ସେ କହିଥିଲେ। ସ୍କୁଲ ପୋଷାକ କିଣା ଏବଂ ମଧ୍ୟାହ୍ନ ଭୋଜନରେ ବର୍ଷକୁ ୫୦ କୋଟି ଟଙ୍କାର ଦୁର୍ନୀତି ହେଉଛି। ଏହାର ତଦନ୍ତ କରାଯାଉ ବୋଲି ମାଝି ଦାବି କରିଥିଲେ। କଂଗ୍ରେସ ସଦସ୍ୟ ସନ୍ତୋଷ ସିଂ ସାଲୁଜା ରାଜ୍ୟର ପ୍ରାଥମିକ ଶିକ୍ଷା ବ୍ୟବସ୍ଥାକୁ ନେଇ କଡା ସମାଲୋଚନା କରିଥିଲେ । ସେ କହିଥିଲେ ଯେ ପ୍ରାଥମିକ ଶିକ୍ଷା ଦିଗହରା ହୋଇଛି। ଗଣଶିକ୍ଷା ଏକ ବଡ ବିଭାଗ ହୋଇଥିବାରୁ ଅନ୍ୟ ରାଜ୍ୟରେ ଏଥିପାଇଁ ଦୁଇ ତିନୋଟି ମନ୍ତ୍ରୀ ଦାୟିତ୍ୱରେ ରହିଛନ୍ତି। ରାଜ୍ୟରେ ଡ୍ରପ୍‌ଆଉଟ ହାର କମୁ ନାହିଁ । ସରକାରୀ ସ୍କୁଲରେ ଶିକ୍ଷକ ନାହାନ୍ତି। ଶିକ୍ଷା ବ୍ୟବସ୍ଥା ଭୁଶୁଡି ପଡିଲାଣି ବୋଲି ସାଲୁଜା କହିଥିଲେ। ଭାଜପା ସଭ୍ୟ ବିଷ୍ଣୁ ଚରଣ ସେଠୀ, ମୁକେଶ ମହାଲିଙ୍ଗ, କଂଗ୍ରେସ ସଭ୍ୟ ତାରା ପ୍ରସାଦ ବାହିନୀପତି ମଧ ପ୍ରାଥମିକ ଶିକ୍ଷା ବିପର୍ଯ୍ୟସ୍ତକୁ ନେଇ ସରକାରଙ୍କୁ ସଣ୍ଢୁଆଶି ଆକ୍ରମଣ କରିଥିଲେ।

■ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ସହ ସାତଟି ବୁଝାମଣାପତ୍ର ସ୍ୱାକ୍ଷରିତ

# 'ଓଡ଼ିଶା ହେବ କୃଷିରେ ବଳକା ରାଜ୍ୟ'

ଭୁବନେଶ୍ୱର, ୩।୮(ବ୍ୟୁରୋ)

କୃଷି କ୍ଷେତ୍ରରେ ଉନ୍ନତି ଆଣିବା ପାଇଁ ରାଜ୍ୟ ସରକାର ଅନେକ ଦୀର୍ଘ ମିଆଦୀ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି। ଉନ୍ନତ ମାନର ବିହନ ସୃଷ୍ଟି ସହ କୃଷକମାନଙ୍କୁ ଅଧିକ ପରିମାଣରେ ଏହାକୁ ଦିଆଯିବାର ଲକ୍ଷ୍ୟ ରଖାଯାଇଛି ବୋଲି କୃଷି ଓ କୃଷକ ସଶକ୍ତୀକରଣ ମନ୍ତ୍ରୀ ଅରୁଣ ସାହୁ କହିଛନ୍ତି। ରାଜ୍ୟରେ ଖାଦ୍ୟଶସ୍ୟ ଉତ୍ପାଦନ କ୍ଷେତ୍ରରେ ଏକ ବଡ଼ ସଫଳତା ହାସଲ କରିବାର ସମ୍ଭାବନା ସୃଷ୍ଟିହୋଇଛିବୋଲିସେ କହିଛନ୍ତି।

କୃଷି ଭବନଠାରେ ଶନିବାର କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ଏବଂ କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶାଳୟ ସହ ବିଭିନ୍ନ ସଂସ୍ଥାର ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଛି। ରାଜ୍ୟରେ ଅଧିକ ପରିମାଣର ଅଣଧାନ ଚାଷ ସହିତ ଡାଲି, ତୈଳ ବୀଜ, ପନିପରିବା ଓ ଫଳଚାଷ ଇତ୍ୟାଦି ଉପରେ ଗୁରୁତ୍ୱ ଦିଆଯାଉଛି । ଏହାଦ୍ୱାରା ରାଜ୍ୟ ସ୍ୱାବଲମ୍ବୀ ହେବା ସହିତ ବଳକା ରାଜ୍ୟ ଭାବେ ବାହାର ରାଜ୍ୟକୁ ଏସବୁ ରପ୍ତାନି କରିପାରିବ। ଏହାଦ୍ୱାରା ସ୍ୱଚ୍ଛତା ଅବଲମ୍ବନ ସହିତ ନିଗମଗୁଡ଼ିକର କାର୍ଯ୍ୟଧାରା ଏବଂ ଧାର୍ଯ୍ୟ ଲକ୍ଷ୍ୟ ସମ୍ପର୍କରେ ଜନସାଧାରଣ ସହଜରେ ଅବଗତ ହୋଇପାରିବେ। ଏହି କ୍ରମରେ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ତରଫରୁ ଭୂମିହୀନ ଚାଷୀମାନଙ୍କ ଜୀବିକାର୍ଜନରେ ଉନ୍ନତି ଆଣିବା ଓ ଆର୍ଥିକ ସଂସ୍ଥାଗୁଡ଼ିକରୁ କୃଷିଋଣ ଦେବା ନିମନ୍ତେ ଯୋଗ୍ୟତା ବୃଦ୍ଧି ପାଇଁ କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶାଳୟ ଏବଂ 'ଦ୍ୱାରା ଟ୍ରଷ୍ଟ' ମଧ୍ୟରେ ଏକ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଛି । ଏହି ସଂସ୍ଥା ଫସଲ ବୁଣାଠାରୁ ଆରମ୍ଭ କରି ଫସଲ ବୀମା ଓ ଅମଳ ପର୍ଯ୍ୟନ୍ତ ପ୍ରତ୍ୟେକ ସ୍ତରରେ ଅତ୍ୟାଧୁନିକ ଜ୍ଞାନକୌଶଳ ବ୍ୟବହାର ସମ୍ପର୍କରେ କୃଷକମାନଙ୍କୁ ପରାମର୍ଶ ଦେବ। ସମସ୍ତ ଭାଗୀଦାରି ସଂସ୍ଥା ବିଶେଷ କରି ଋଣ ପ୍ରଦାନକାରୀ ବ୍ୟାଙ୍କଗୁଡ଼ିକୁ ଏ ସମ୍ବନ୍ଧୀୟ ତଥ୍ୟ ମଧ ଉପଲବ୍ଧ କରାଇବ। ଯେପରି ଏହି ବର୍ଗର ଚାଷୀମାନେ ସହଜରେ ଋଣ ପାଇପାରିବେ ସେପରି ପଦକ୍ଷେପ ନିଆଯାଉଛି । ପ୍ରଥମ ଦଫାରେ ୫ ଜିଲାରେ ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେବ । ବିହନ ଉତ୍ପାଦନ କାର୍ଯ୍ୟକ୍ରମକୁ ଆହୁରି ବ୍ୟାପକ ଓ ଫଳପ୍ରଦ କରିବା ପାଇଁ ବିଭାଗ ହିନ୍ଦୁସ୍ଥାନ ଇନ୍‌ସେକ୍ଟିସାଇଡ୍ ଲିମିଟେଡ (ଏଚ୍‌ଆଇଏଲ୍) ଏବଂ ନାଫେଡ୍ ସହ ଏକ ଦୀର୍ଘ ମିଆଦୀ ତ୍ରିପାକ୍ଷିକ ବୁଝାମଣା ପତ୍ର ସ୍ୱାକ୍ଷରିତ କରିଛି । ଏହି ବୁଝାମଣା ପତ୍ର ରାଜ୍ୟରେ ବିହନ ଉତ୍ପାଦନ ଓ ଚାହିଦା ମଧ୍ୟରେ ତାରତମ୍ୟ ଦୂର କରିବାରେ ସହାୟକ ହେବ। ଚୁକ୍ତି ଅନୁଯାୟୀ ଆଗାମୀ ୩ ବର୍ଷ ଯଥା ୨୦୧୯-୨୦ ଠାରୁ ୨୦୨୧-୨୨ ପର୍ଯ୍ୟନ୍ତ ବଳବତ୍ତର ରହିବ। ଅନୁରୂପଭାବେ ରାଜ୍ୟରେ ଅଧିକରୁ ଅଧିକ କୃଷିଭିତ୍ତିକ ଉଦ୍ୟୋଗ ସ୍ଥାପନ ନିମନ୍ତେ ଆପିକଲ ନିରନ୍ତର ଉଦ୍ୟମ କରିଆସୁଛି। ଏହି ପରିପ୍ରେକ୍ଷୀରେ ବୁଝାମଣା ଅନୁଯାୟୀ ଏହି ସଂସ୍ଥା ୨୦୧୮ରୁ ଆରମ୍ଭ ହୋଇଥିବା ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାରେ ୨୦୧୯-୨୦ବର୍ଷ ପାଇଁ ୮ଶହ ଗୋଟି କୃଷିଭିତ୍ତିକ ଉଦ୍ୟୋଗ ସ୍ଥାପନ ନିମନ୍ତେ ୬୦ କୋଟି ଟଙ୍କାର ରିହାତି ବ୍ୟବସ୍ଥା ଓ ୬୦୦ଜଣ କୃଷି ଉଦ୍ୟୋଗୀଙ୍କୁ ପ୍ରଶିକ୍ଷଣ ଦେବାର ବ୍ୟବସ୍ଥା ହୋଇଛି। ଓଡ଼ିଶା କାଜୁ ଉନ୍ନୟନ ନିଗମ ଲିମିଟେଡ ସହିତ ବୁଝାମଣା ପତ୍ର ଅନୁସାରେ ଗତ ଆର୍ଥିକ ବର୍ଷ ତୁଳନାରେ ଚଳିତ ବର୍ଷ କାଜୁ ବଗିଚା ନିଲାମ ଓ ଉନ୍ନତମାନର କାଜୁ କଲମୀ ଚାରା ଉତ୍ପାଦନ ଓ ବିକ୍ରିର ମୋଟ ଆୟ ଲକ୍ଷ୍ୟ ଧାର୍ଯ୍ୟ ପରିମାଣ ୨୪ରୁ ୨୮କୋଟିକୁ ବୃଦ୍ଧି କରାଯାଇଛି। ରାଜ୍ୟରେ କାଜୁ ଚାଷର ବର୍ଦ୍ଧିତ ଚାହିଦା ପୂରଣ ଦୃଷ୍ଟିରୁ ଚଳିତ ବର୍ଷର ଉନ୍ନତ ମାନ କାଜୁ କଲମୀ ଚାରା ଉତ୍ପାଦନ ପରିମାଣକୁ ୩୮ ଲକ୍ଷ ପର୍ଯ୍ୟନ୍ତ ବଢାଇ ଦିଆଯାଇଛି । ସେହିପରି ଓଡ଼ିଶା କୃଷି ଶିଳ୍ପ ନିଗମ ସହିତ ବୁଝାମଣା ପତ୍ର ଅନୁଯାୟୀ ଚଳିତ ବର୍ଷ ପାଇଁ ୪୬୭.୧୧ କୋଟି ଟଙ୍କାର ବ୍ୟବସାୟ କରିବା ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ଏଥିରେ ନିଗମ ୨୨୬୨ ଟ୍ରାକ୍ଟର, ୫୩୦୦୪ ମେଟ୍ରିକ୍ ଟନ୍ ରାସାୟନିକ ସାର ଓ ୧୧୪୯୨ ହେକ୍ଟର ଜମିକୁ ଜଳଯୋଗାଣ ପାଇଁ ପ୍ରକଳ୍ପମାନ ସ୍ଥାପନ କରିବାକୁ ଯୋଜନା କରାଯାଇଛି।



ସତ୍ୟ, ଶାନ୍ତି, ଦୟା, କ୍ଷମା, ସଂସାରରେ ସାର ଅଟେ। ଏହା ଆଚରଣ କରୁ ନ ଥିବା ବ୍ୟକ୍ତିର ଜନ୍ମ ବିଫଳ। ଏଥିରେ ସନ୍ଦେହ ନାହିଁ।

- ଶ୍ରୀ ଅଭିରାମ ପରମହଂସ

## ଏ ସପ୍ତାହର କାର୍ଯ୍ୟକ୍ରମ

### ୪।୮।୨୦୧୯(ରବିବାର)

**ଭୁବନେଶ୍ୱର**

- ଉତ୍କଳ ସମ୍ମିଳନୀ ପକ୍ଷରୁ ପୂର୍ବତନ ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀଙ୍କ ଶ୍ରାଦ୍ଧୋତ୍ସବରେ ମାଲ୍ୟାର୍ପଣ କାର୍ଯ୍ୟକ୍ରମ, ଏଲଆଇସି ଅଫିସ ଛକ, ସକାଳ ୯ଟା।
- ସୁର ରାଉତରାୟ ଜୟନ୍ତୀ କମିଟି ପକ୍ଷରୁ ଚିତ୍ରାଙ୍କନ ପ୍ରତିଯୋଗିତା, ୟୁରୋ ସ୍ମାର୍ଟ ସ୍କୁଲ ପରିସର, ରାମେଶ୍ୱର ପାଟଣା, ପୁରୁଣା ଭୁବନେଶ୍ୱର, ପୂର୍ବାହ୍ନ ୧୦ଟା।
- ଓଡ଼ିଶା ଏନଭାଇରନମେଣ୍ଟାଲ ସୋସାଇଟି(ଓଇଏସ୍) ପକ୍ଷରୁ ସେମିନାର, ଓଇଏସ ପରିସର, ଏନଡି-୪, ଭିଆଇପି ଏରିଆ, ଆଇଆରସି ଭିଲେଜ, ପୂର୍ବାହ୍ନ ୧୦ଟା ୩୦।
- ଓଡ଼ିଶା ଡିଭିଜନାଲ ଆକାଉଣ୍ଟସ ଅଫିସରସ ଓ ଡିଭିଜନାଲ ଆକାଉଣ୍ଟାଣ୍ଟ ଆସୋସିଏଶନ ପକ୍ଷରୁ ସ୍ୱାଗତ ଉତ୍ସବ, ହୋଟେଲ ସ୍ୟାଣ୍ଡି ଟାୱାର, ଚନ୍ଦ୍ରଶେଖରପୁର, ପୂର୍ବାହ୍ନ ୧୦ଟା ୩୦।
- ମିରାକଲ ଡ୍ରିଙ୍କସ୍ ପକ୍ଷରୁ ପିର ଲର୍ନିଂ କର୍ମଶାଳା, ଶୀତଲ ହୋଟେଲ, ବାଣୀ ବିହାର, ପୂର୍ବାହ୍ନ ୧୧ଟା।
- ଓଡ଼ିଶା ଡିପ୍ଲୋମା ଇଞ୍ଜିନିୟର ସେବା ସଂଘର ସଂକଳ୍ପ ସମାବେଶ ଓ ସମ୍ବର୍ଦ୍ଧନା ଉତ୍ସବ, ଓଡ଼େଶା ଭବନ ପରିସର, ଖାରବେଳ ନଗର, ପୂର୍ବାହ୍ନ ୧୧ଟା।
- ଓଡ଼ିଶା ସେଚାଞ୍ଚଳ ଉନ୍ନୟନ ଅଣଗେଜେଟେଡ କର୍ମଚାରୀ ସମନ୍ୱୟ ସମିତି ପକ୍ଷରୁ ରାଜ୍ୟସ୍ତରୀୟ କର୍ମୀ ସମ୍ମିଳନୀ ଓ ସମ୍ବର୍ଦ୍ଧନା ଉତ୍ସବ, କୃଷି ଯନ୍ତ୍ରପାତି ଗବେଷଣା ଓ ଉନ୍ନୟନ କେନ୍ଦ୍ର, ସତ୍ୟନଗର, ପୂର୍ବାହ୍ନ ୧୧ଟା।
- ଓଡ଼ିଶା ରାଜ୍ୟ ବିଦ୍ୟୁତ୍ ନିଗମ ଯନ୍ତ୍ରୀ ସଂଘର ରାଜ୍ୟସ୍ତରୀୟ ସମ୍ମେଳନ ଓ ସାଧାରଣ ବୈଠକ, ଇନଷ୍ଟିଚ୍ୟୁଟ ଅଫ ଇଞ୍ଜିନିୟରସ, ୟୁନିଟ-୪, ପୂର୍ବାହ୍ନ ୧୧ଟା ୩୦।
- ବିଜୁ ଛାତ୍ର ଜନତା ଦଳ ପକ୍ଷରୁ 'ବି କ୍ୟୁଟ ଡଣ୍ଟ ପଲ୍ୟୁଟ' କାର୍ଯ୍ୟକ୍ରମ, ବୁଦ୍ଧ ମନ୍ଦିର, ଅପରାହ୍ନ ୪ଟା।
- ଶିବାଜୀ ସାଂସ୍କୃତିକ ସଂଘ ପକ୍ଷରୁ ସମ୍ବର୍ଦ୍ଧନା ସଭା, ଜୟ ଭାରତ ସଭାଗୃହ, ନିକୋ ପାର୍କ ଛକ ନିକଟ, ଅପରାହ୍ନ ୪ଟା।
- ବିଭିନ୍ନ ମାନବାଧିକାର ଓ ରାଜନୈତିକ ଗଣ ସଙ୍ଗଠନ ସମୂହର ଗଣ ପ୍ରତିବାଦ, ମାଷ୍ଟରକ୍ୟାଣ୍ଟିନ, ଅପରାହ୍ନ ୪ଟା।
- ଅଗ୍ରଣୀ ସିନିୟର ସିଟିଜେନ୍ସ ୱେଲଫେୟାର ଫୋରମର ଅଭିନନ୍ଦନ ଉତ୍ସବ, ମା' ସନ୍ତୋଷୀ କଲ୍ୟାଣ ମଣ୍ଡପ, ବମିଖାଲ, ଅପରାହ୍ନ ୫ଟା।
- ସାରସ୍ୱତ ସମାଜ ପକ୍ଷରୁ ଆଲୋଚନାଚକ୍ର ଓ କବିତା ପାଠୋତ୍ସବ, ଗୋଦାବରୀଶ ସାହିତ୍ୟ ସଂସଦ, ୟୁନିଟ-୩, ସନ୍ଧ୍ୟା ୬ଟା।
- ସଙ୍ଗୀତ ଅନୁଷ୍ଠାନ ସ୍ୱରାଗିଣୀ ପକ୍ଷରୁ ସଙ୍ଗୀତ ସନ୍ଧ୍ୟା, ଗୀତଗୋବିନ୍ଦ ସଦନ, ସନ୍ଧ୍ୟା ୬ଟା।
- ଏଣ୍ଡାଭୋର ଟ୍ରଷ୍ଟ ପକ୍ଷରୁ କିଶୋର କୁମାର ନାଇଟ, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା ୩୦।
- ମାରୱାଡି ଯୁବ ମଞ୍ଚ ପକ୍ଷରୁ ତିଜ ଉତ୍ସବ, ଭଞ୍ଜକଳା ମଣ୍ଡପ, ସନ୍ଧ୍ୟା ୭ଟା।

**ଖୋର୍ଦ୍ଧା**

- ଜିଲାସ୍ତରୀୟ ଅଭିଯୋଗ ଶୁଣାଣି ଶିବିର, ଖୋର୍ଦ୍ଧା ବ୍ଲକ, ପୂର୍ବାହ୍ନ ୧୦ଟା।

**କଟକ**

- ଲାଇନ୍ସ କ୍ଲବର ରୌପ୍ୟ ଜୟନ୍ତୀ, ହୋଟେଲ ପ୍ରମୋଦ, ଅପରାହ୍ନ ୪ଟା।

**ପୁରୀ**

- ବଡଦାଣ୍ଡ ମହୋତ୍ସବ, ସିଂହଦ୍ୱାର ନିକଟ, ସକାଳ ୬ଟା।
- ନୀଳାଚଳ ତତ୍ତ୍ୱାନୁସନ୍ଧାନ ପରିଷଦର ଆଲୋଚନାଚକ୍ର, ଜଗନ୍ନାଥ ବଲ୍ଲଭ, ପୂର୍ବାହ୍ନ ୧୧ଟା ୩୦।

### ୫।୮।୨୦୧୯(ସୋମବାର)

**ଭୁବନେଶ୍ୱର**

- ୟୁନିସେଫ ଏବଂ ଆଇନା ଅନୁଷ୍ଠାନ ପକ୍ଷରୁ ଶର୍ଟ ଫିଲ୍ମ 'କାଲଲୋଲା' ଉନ୍ମୋଚନ, ହୋଟେଲ ନ୍ୟୁ ମାରିଅନ, ଅପରାହ୍ନ ୨ଟା ୩୦ରୁ ଅପରାହ୍ନ ୪ଟା।
- ଆଇସିସିଆର ଏବଂ ଓଡ଼ିଆ ଭାଷା ସାହିତ୍ୟ ଓ କଳା ବିଭାଗର ମିଳିତ ଆନୁକୂଲ୍ୟରେ ନାଟ ମଣ୍ଡପ, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୭ଟା।

**ଖୋର୍ଦ୍ଧା**

- ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର, ବାଣପୁର ବ୍ଲକ କାର୍ଯ୍ୟାଳୟ, ପୂର୍ବାହ୍ନ ୧୦ଟା।

**ପୁରୀ**

- ଓଡ଼ିଶୀ ନୃତ୍ୟ ଓ ସଙ୍ଗୀତ କାର୍ଯ୍ୟକ୍ରମ, ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚ, ସନ୍ଧ୍ୟା ୬ଟା ୩୦।

### ୬।୮।୨୦୧୯(ମଙ୍ଗଳବାର)

**ଭୁବନେଶ୍ୱର**

- ସୃଷ୍ଟି ଏକାଡେମୀ ଅଫ ମ୍ୟାନେଜମେଣ୍ଟର ୧୬ତମ ପ୍ରତିଷ୍ଠା ଦିବସ, କ୍ୟାମ୍ପସ ପରିସର, ୩୮/୧, ଚନ୍ଦକା ଇଣ୍ଡଷ୍ଟ୍ରିଆଲ, ଇନଫୋସିଟି ନିକଟ, ଅପରାହ୍ନ ୪ଟା।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI
ସୀମିତ ସ୍ଥାନ ଯୋଗୁ ଏଠାରେ ସମସ୍ତ ସେଲ୍‌ଫି ଛାପି ହେଉନାହିଁ ।
ଅଧିକ ସେଲ୍‌ଫି ଦେଖିବା ପାଇଁ ଯାଆନ୍ତୁ ଆମ ୱେବ୍‌ସାଇଟ୍
www.dharitri.com/category/selfi/
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି : metroselfie@gmail.com



ରାଜେନ୍ଦ୍ର



ବିନତୀ



ଅବିନାଶ



ତପନ



ବିଶ୍ୱଭୂଷଣ



ଦୀପ୍ତିରଞ୍ଜନ



ଟୁକୁନୁ




# ବନ୍ଧୁ ବିନା ଜୀବନ ରଙ୍ଗହୀନ



ଭୁବନେଶ୍ୱର, ୩।୮(ବ୍ୟୁରୋ)/ କଟକ ଅଫିସ: 'ବନ୍ଧୁ' - ତୁମ ଖୁସିରେ ଯିଏ ଖୁସି ହୁଏ। ତୁମକୁ ସବୁବେଳେ ଆଗକୁ ବଢ଼ିବାରେ ପ୍ରେରଣା ଦିଏ। ଯିଏ ସବୁ ସମୟ, ସବୁ ପରିସ୍ଥିତିରେ ପାଖେ ପାଖେ ରହିଥାଏ ସେ ହିଁ ପ୍ରକୃତ ବନ୍ଧୁ। ବନ୍ଧୁତ୍ୱ ଗୋଟିଏ ଏପରି ସମ୍ପର୍କ ଯାହାର କିଛି ପୃଥକ୍ ସାଧନ ନାହିଁ ଆଉ ଯେଉଁ ସମ୍ପର୍କ ବିନା ଜୀବନ ରଙ୍ଗହୀନ ପରି ଅନୁଭବ ହୁଏ, ତାହା ହେଉଛି ବନ୍ଧୁତ୍ୱ। ଏହି ସମ୍ପର୍କକୁ ଆହୁରି ମଜଭୁତ କରିବା ପାଇଁ ଆଜି ହେଉଛି ସେହି ବନ୍ଧୁ ଓ ବନ୍ଧୁତ୍ୱର ଦିନଟିଏ। ଏହି ଦିବସ ଲାଟିନ ଆମେରିକା ଓ ଏସିଆ ମହାଦେଶର ବିଭିନ୍ନ ଦେଶରେ ବେଶ୍ ଧୁମ୍‌ଧାମରେ ପାଳନ କରାଯାଉଛି। ୧୯୫୮ ଜୁଲାଇ ୩୦ରେ ପରାଗୁଏଠାରେ ପ୍ରଥମେ ବିଶ୍ୱ ବନ୍ଧୁତା ଦିବସ ଭାବେ ପାଳନ କରାଯାଇଥିଲା। ହେଲେ ଦକ୍ଷିଣ ଏସୀୟ ଦେଶ ବାଂଲାଦେଶ, ଇଣ୍ଡିଆ ଓ ମାଲେସିଆରେ ଅଗଷ୍ଟ ମାସର ପ୍ରଥମ ରବିବାରକୁ ବନ୍ଧୁତ୍ୱ ଦିବସ ଭାବେ ପାଳନ କରାଯାଉଛି। ଏହି ଦିବସକୁ ସ୍ମରଣୀୟ କରିବା ଉଦ୍ଦେଶ୍ୟରେ କିଏ ପରସ୍ପରକୁ ଫ୍ରେଣ୍ଡସିପ୍ ବ୍ୟାଣ୍ଡ, କାର୍ଡ ଓ ମିଠା ଦେଇ ଶୁଭେଚ୍ଛା ଜଣାଉଛି ତ ଆଉକିଏ ନାଚଗୀତ ସାଙ୍ଗକୁ ଏକାଠି ବୁଲିବାକୁ ପସନ୍ଦ କରୁଛି। ତେବେ ନିଜ ବନ୍ଧୁ ଓ ବନ୍ଧୁତ୍ୱ ସମ୍ପର୍କ କାହା ପାଇଁ କେମିତି, ତାହାକୁ ନେଇ ଆମର ବିଶେଷ ଉପସ୍ଥାପନା।

### ଅକୁହା କଥାକୁ ବୁଝିପାରୁଥିବା ମନଟିଏ



"ଗୋଟେ ବଳିଷ୍ଠ ବନ୍ଧୁତା ପ୍ରତିଦିନ କଥା ହେବା ଏବଂ ପ୍ରତିଦିନ ଦେଖାହେବା ଆବଶ୍ୟକ କରେନି। ଯେତେଦିନ ପର୍ଯ୍ୟନ୍ତ ବନ୍ଧୁ ହୃଦୟରେ ଥିବ ସେତେଦିନ ଯାଏ ବନ୍ଧୁତ୍ୱ ତିଷ୍ଠି ରହିଥିବ। ପ୍ରକୃତ ସାଙ୍ଗମାନେ କେବେବି ଅଲଗା ହୋଇ ରହିପାରିବେ ନାହିଁ। ଗୋଟିଏ ମନର ଅକୁହା କଥାକୁ ବୁଝି ପାରୁଥିବା ଅନ୍ୟ ମନଟି ହେଉଛି ବନ୍ଧୁତ୍ୱ। ଯାହାର କିଛି ତୁଳନା ନାହିଁ।

- ଅରୁପ ଶ୍ରୀଚନ୍ଦନ, ଛାତ୍ର

### ଶ୍ରୀକୃଷ୍ଣ ଓ ସୁଦାମା ଶ୍ରେଷ୍ଠ ଉଦାହରଣ



"ବନ୍ଧୁତ୍ୱ ଆଜିକା ସମୟର ନୁହେଁ, ଏହା ବହୁ ଦିନ ତଳୁ ରହି ଆସିଛି। ପୁରାଣରେ ବି ବନ୍ଧୁତ୍ୱର ଶ୍ରେଷ୍ଠ ଉଦାହରଣ ରହିଛି। ଭଗବାନ ଶ୍ରୀକୃଷ୍ଣ ଓ ସୁଦାମା ଏହାର ଜ୍ୱଳନ୍ତ ଉଦାହରଣ। ଜଣେ ବନ୍ଧୁ ଯିଏ ତୁମ ଜୀବନର ସବୁ ମୁହୂର୍ତ୍ତରେ ପାଖେପାଖେ ରୁହେ। ଯିଏ ତୁମକୁ କେବେ ଏକା ଅନୁଭବ କରାଇ ଦିଏନାହିଁ। ତୁମ ହସରେ ହସେ ଓ ତୁମ ଦୁଃଖରେ ଦୁଃଖ ଅନୁଭବ କରେ। ତାକୁ ହିଁ ବନ୍ଧୁ କୁହାଯାଏ।

- ଅନିଷ ରଥ, ଯୁବ ଇଞ୍ଜିନିୟର

### ଏହା ଜୀବନର ଏକ ଆବଶ୍ୟକତା

"ବନ୍ଧୁତାରେ ବିବିଧତା ରହିଛି। କିଏ କର୍ମ କ୍ଷେତ୍ରର ବନ୍ଧୁ ତ କିଏ ସମ୍ପର୍କୀୟ ଭାବେ ବନ୍ଧୁ। ହେଲେ ପ୍ରତ୍ୟେକ ଜୀବନରେ ବନ୍ଧୁ ବା ବନ୍ଧୁତ୍ୱର ଆବଶ୍ୟକତା ରହିଛି। କେତେବେଳେ କ'ଣ ହେଲେ ଜଣେ ବନ୍ଧୁ ହିଁ ପାଖରେ ଛିଡ଼ା ହୁଏ। ତେଣୁ ବନ୍ଧୁମାନଙ୍କ ସହିତ ରହିବା ଓ ମୁହୂର୍ତ୍ତ ବିତାଇବା ଦରକାର। ଏଥିରେ ଯେଉଁ ଆନନ୍ଦ ମିଳେ ତାହା ହିଁ ବନ୍ଧୁତା ବୋଲି କେହିପାରିବା।



- ଭାସ୍କରଚନ୍ଦ୍ର ରଥ, ଅବସରପ୍ରାପ୍ତ ବାୟୁସେନା ଅଧିକାରୀ

### ବନ୍ଧୁତାର କିଛି ପରିଭାଷା ନାହିଁ



"ବନ୍ଧୁତାର କିଛି ପରିଭାଷା ନାହିଁ। ଜଣେ ବନ୍ଧୁ ଏପରି ହେବା ଉଚିତ, ଯିଏ ନିଜଠୁ ବି ଅଧିକ ତୁମ କଥା ଭାବେ। ଆବଶ୍ୟକ ପଡ଼ିଲେ ତୁମ ପାଇଁ ଜୀବନ ମଧ ଦେଇଥାଏ। ଜୀବନରେ ଯଦି କାହା ଉପରେ ବିଶ୍ୱାସ କରିହୁଏ ସେ ହେଉଛି ଜଣେ ଭଲ ବନ୍ଧୁ।

- ଦୀପକ କୁମାର ରାଉତ, ଛାତ୍ର

### ବିଶ୍ୱାସ ଓ ଭରସା ହେଉଛି ବନ୍ଧୁତ୍ୱ



"ଜଣେ ଭଲ ବନ୍ଧୁ କେବେ କାହା କଥାରେ ନିଜର ମନ୍ତବ୍ୟ ରଖେ ନାହିଁ। ନିଜ ବନ୍ଧୁତା ଓ ନିଜ ବନ୍ଧୁ ଉପରେ ସବୁବେଳେ ଭରସା ରଖେ। ଦିନ ବିତିଯାଏ, ବହୁ ନୂଆ ବନ୍ଧୁ ଜୀବନରେ ଆସନ୍ତି ଆଉ ଯାଆନ୍ତି, ହେଲେ ପ୍ରକୃତ ବନ୍ଧୁଟି ସବୁବେଳେ ପାଖରେ ଥାଏ। ସବୁଦିନ କଥା ହେବା କି ଦେଖା କରିବା ଜରୁରୀ ନୁହେଁ, ତୁମେ ତୁମ ବନ୍ଧୁଙ୍କୁ କେମିତି ବୁଝ ଓ ତୁମ ବନ୍ଧୁ ତୁମକୁ କେମିତି ବୁଝିପାରେ ତାହା ହିଁ ଜରୁରୀ।

-ଅନିଲ ରାଉତରାୟ, ଛାତ୍ର

### ଏହା ହେଉଛି ଦୁର୍ଲଭ ସମ୍ପର୍କ



"ପ୍ରତ୍ୟେକ ବ୍ୟକ୍ତିଙ୍କର ଅନ୍ୟସହ ବିଭିନ୍ନ ସମ୍ପର୍କ ଥାଏ। ସେଥି ମଧ୍ୟରୁ ଏକ ଦୁର୍ଲଭ ସମ୍ପର୍କ ହେଉଛି ବନ୍ଧୁତ୍ୱ। ସବୁ ସମ୍ପର୍କରେ ବନ୍ଧୁତ୍ୱ ନ ଥାଏ, ହେଲେ ବନ୍ଧୁତ୍ୱରେ ସବୁ ସମ୍ପର୍କ ଥାଏ। ତେଣୁ ଯିଏ ବନ୍ଧୁତାକୁ ବୁଝିପାରେ ସେ ସବୁ ସମ୍ପର୍କକୁ ବୁଝିପାରେ।

- ପ୍ରଦେଶ କୁମାର ସ୍ୱାଇଁ, ବିଜୁଛାତ୍ର ଜନତା ଦଳର ରାଜ୍ୟ ସମ୍ପାଦକ

### ସ୍ତ୍ରୀଙ୍କଠାରୁ ଭଲ ବନ୍ଧୁ କେହି ନାହାନ୍ତି



"ମୋ ସ୍ତ୍ରୀ ପ୍ରଜ୍ଞା ମହାନ୍ତି ମୋର ଜଣେ ଭଲ ବନ୍ଧୁ। ମୋ କ୍ୟାରିୟରର ଉତ୍ଥାନପତନ ବେଳେ ଓ ପରବର୍ତ୍ତୀ ସମୟରେ କୋଚିଂ ଦେବାବେଳେ ମଧ ସେ ମୋ ସହ ଅଛନ୍ତି। ୩୧ବର୍ଷ ତଳେ ବନ୍ଧୁତାରୁ ସମ୍ପର୍କ ଆରମ୍ଭ ହୋଇ ଏବେ ସ୍ୱାମୀ ସ୍ତ୍ରୀ ଭାବେ ଚଳୁଛୁ। ପ୍ରଜ୍ଞାଙ୍କ ଠାରୁ ଭଲ ବନ୍ଧୁ ମୋର କେହି ନାହାନ୍ତି।

- ସୌରଜିତ ମହାପାତ୍ର, କ୍ରିକେଟର

### ଯେତେ ମଣିଷ ସେତେ ସମ୍ପର୍କ



"ରିଲ୍ ଓ ରିଏଲ୍ ଲାଇଫ ଭିତରେ ଅନେକ ମଣିଷଙ୍କ ସହ ମିଶିଛି। ଯେତେ ମଣିଷ ସେତେ ସମ୍ପର୍କ। ହେଲେ ବନ୍ଧୁ ଭାବେ କାହା ସହ ନିର୍ଦ୍ଦିଷ୍ଟ ସମ୍ପର୍କ ଯୋଡ଼ି ନାହିଁ। କଟକର ଜଣେ କଣ୍ଟ୍ରାକ୍ଟର ରଜନୀକାନ୍ତ ସ୍ୱାଇଁ ୪୦ବର୍ଷ ହେଲା ମୋ ସୁଖଦୁଃଖରେ ଛିଡ଼ା ହେଉଛନ୍ତି। ସେ ହିଁ ମୋର ଭଲ ବନ୍ଧୁ ବୋଲି ମୁ ଭାବେ। ଏହାଛଡ଼ା ଅନେକ ଲୋକଙ୍କ ସହ ମିଶିଥିଲେ ମଧ କେହି ଅନ୍ତରଙ୍ଗ ହୋଇ ପାରିନାହାନ୍ତି।

- ଜୟୀରାମ ସାମଲ, ଅଭିନେତା

### କେକ୍ କାଟି ପାଳନ କରିବି



"ବନ୍ଧୁତାର ସମ୍ପର୍କ ମଜଭୁତ। ଯିଏ ଭାଇ ଭଳି ଭଲପାଏ ଓ ଶତ୍ରୁପରି ସମାଲୋଚନା କରେ ସେ ହିଁ ପ୍ରକୃତ ବନ୍ଧୁ। ବନ୍ଧୁତ୍ୱ ଦିବସରେ ସବୁକିଛି ଭୁଲି କେବଳ ବନ୍ଧୁ ସହିତ ସମୟ କାଟିବାରେ ବହୁତ ଆନନ୍ଦ ଥାଏ। କେକ୍ କାଟି ଏହି ଦିବସ ପାଳନ କରିବାର ଯୋଜନା ଅଛି।

- ପୂଜାରାଣୀ ରାଉତ, ଛାତ୍ରୀ

### ବନ୍ଧୁମାନେ ସବୁବେଳେ ହୃଦୟରେ ଥାଆନ୍ତି



"ଦୁନିଆର ସବୁ ସମ୍ପର୍କ ଠାରୁ ବନ୍ଧୁତାର ସମ୍ପର୍କ ଟିକେ ନିଆରା। ଏଥିରେ ଉଚ୍ଚନୀଚ, ଧନୀଗରିବ ଓ ବୟସର ତାରତମ୍ୟ ନ ଥାଏ। ଆମେମାନେ ନିଜର କାର୍ଯ୍ୟବ୍ୟସ୍ତତା ଭିତରେ ରହିଲେ ମଧ ବନ୍ଧୁମାନେ ସବୁବେଳେ ହୃଦୟରେ ଥାଆନ୍ତି। ମୁଁ କଟକରେ ରହୁଥିଲେ ମଧ ମୋର ପ୍ରିୟ ବନ୍ଧୁମାନେ ଭୁବନେଶ୍ୱରରେ ରହୁଛନ୍ତି। ଭୁବନେଶ୍ୱରରେ ଏହି ଦିବସକୁ ସ୍ୱତନ୍ତ୍ର ଭାବେ ପାଳନ କରିବାର ଯୋଜନା ଅଛି।

- ପ୍ରକାଶ ମହାରଥ, ଛାତ୍ର



ଆମେରିକାର ବୋଷ୍ଟନ୍‌ରେ ଅନୁଷ୍ଠିତ ଇଣ୍ଟରନ୍ୟାଶନାଲ ସ୍ୟାଣ୍ଡ୍ ଆର୍ଟ ଚାମ୍ପିୟନ୍‌ଶିପ୍‌ରେ ପିପୁଲ୍‌ସ ଚଏସ୍ ଆୱାର୍ଡ ଜିତି ଭାରତର ଗୌରବ ବୃଦ୍ଧି କରିଥିବା ଖ୍ୟାତନାମା ବାଲୁକା ଶିଳ୍ପୀ ସୁଦର୍ଶନ ପଟ୍ଟନାୟକଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଧାନସଭା ଚାମ୍ବରରେ ଶନିବାର ସମ୍ବର୍ଦ୍ଧିତ କରୁଛନ୍ତି।

## ଭୁବନେଶ୍ୱରରେ ବିଶ୍ୱର ପ୍ରଥମ ବୈଦିକ ସ୍ମୃତି ଗବେଷଣାଗାର

# ଅନ୍ତର୍ନିହିତ ଶକ୍ତିର ବିକାଶରେ ଦେଶର ବିକାଶ

ଭୁବନେଶ୍ୱର, ୩।୮(ବ୍ୟୁରୋ)

ମଣିଷ ଭିତରେ ଥିବା ଅନ୍ତର୍ନିହିତ ଶକ୍ତିର ବିକାଶ ଓ ବିନିଯୋଗ ହୋଇପାରିଲେ ଦେଶର ବିକାଶ ହୋଇପାରିବ। ବର୍ତ୍ତମାନର ଶିକ୍ଷା ପଦ୍ଧତି, ସୃଜନ ଶକ୍ତି ଓ କଳ୍ପନା ଶକ୍ତି ବିକାଶର ସହାୟକ ହୋଇପାରୁନାହିଁ। ତେଣୁ ସବୁବେଳେ ସମସ୍ତେ ଚାପଗ୍ରସ୍ତ ହୋଇ ରହୁଛନ୍ତି। ଏଥିପାଇଁ ସ୍ମୃତିଶକ୍ତି ବୃଦ୍ଧି ଉପରେ ଜୋର୍ ଦେବା ନିହାତି ଆବଶ୍ୟକ। ଶନିବାର ଭୁବନେଶ୍ୱରରେ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ଏହା କହିଛନ୍ତି ନିଜର ଗଭୀର ସ୍ମୃତିଶକ୍ତି ପାଇଁ ଲିମ୍‌କା ବୁକ୍ ଅଫ୍ ରେକର୍ଡରେ ସ୍ଥାନ ପାଇଥିବା ବୀରେନ୍ଦ୍ର ମେହେତା। ଭୁବନେଶ୍ୱରର କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ ଖୋଲିଥିବା ବିଶ୍ୱର ସର୍ବପ୍ରଥମ ବୈଦିକ ସ୍ମୃତି ଗବେଷଣାଗାର ସମ୍ପର୍କରେ ସୂଚନା ଦିଆଯାଇଛି। ଏହି ଅବସରରେ ମେହେତା କହିଛନ୍ତି ଯେ, ସ୍ମୃତିଶକ୍ତି ବୃଦ୍ଧି ତଥା ଚାପମୁକ୍ତ ହେବା ପାଇଁ ଆମ ପୁରାତନ ଶାସ୍ତ୍ର ବେଦରେ ଅନେକ ପଦ୍ଧତିର ଅବତାରଣା କରାଯାଇଛି। ଏସବୁ ପଦ୍ଧତିର ବିନିଯୋଗ କରି ଶ୍ରୀବିଦ୍ୟା, ବୈଦିକ ସ୍ମୃତି ଶକ୍ତି, ମାନସିକ ଶକ୍ତି, ଦୃଶ୍ୟମାନ କଳା ତଥା ଆହୁରି ଅନେକ ଲୁକ୍କାୟିତ ଶକ୍ତିର ବୃଦ୍ଧି ଘଟାଯାଇପାରିବ। ଏହାଦ୍ୱାରା ଠିକ୍ ଭାବେ ମସ୍ତିଷ୍କକୁ ସକ୍ରିୟ ରଖିବା, ଶକ୍ତିଶାଳୀ ଫଟୋଗ୍ରାଫିକ୍ ସ୍ମୃତି, ଚାପରୁ ମୁକ୍ତି, ବୈଦିକ ପଦ୍ଧତିରେ ମାନସିକ ସମସ୍ୟାର ସମାଧାନ, ଯୋଗକ୍ରିୟା, ଆତ୍ମନିର୍ଭରଶୀଳତା ଓ ଆତ୍ମପ୍ରତ୍ୟୟ ବୃଦ୍ଧି, ବ୍ୟକ୍ତିତ୍ୱର ବିକାଶ, ଚିନ୍ତାଶକ୍ତି ତଥା ଆଧ୍ୟାତ୍ମିକ ଶକ୍ତିର ଜାଗରଣ ଓ ସକାରାତ୍ମକ ଚିନ୍ତାର ବିକାଶ ଘଟିବ। ଚାପଗ୍ରସ୍ତ ମନୁଷ୍ୟ ଏବଂ ପିଲାମାନଙ୍କ ପାଇଁ ଏହା ନିହାତି ଆବଶ୍ୟକ । ଯଦି ଏହାକୁ ଠିକ୍ ଭାବରେ ଜଣେ ଅନୁସରଣ କରେ ବା ଗ୍ରହଣ କରେ, ଆଗାମୀ ଦିନରେ ସେ ଜଣେ ବିଦ୍ୱାନ ହୋଇପାରିବ। ଏଭଳି ପରିସ୍ଥିତିରେ ଯେ କୌଣସି ବ୍ୟକ୍ତି ଏହି ଗବେଷଣାଗାରର ଲାଭ ନେଇପାରିବେ। ଏହି ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ବିଶିଷ୍ଟ ଖାଦ୍ୟ ବିଶେଷଜ୍ଞ ନୀତା ଭୂପାଳନ୍ ଏବଂ ବି.ଆର୍. ସିଂ ରାଜପୁରୋହିତ ପ୍ରମୁଖ ଉପସ୍ଥିତ ଥିଲେ।





ସର୍ବଦା ଅହିଂସା ଆଚରଣ କର। କାରଣ ଅହିଂସା ପରମ ଧର୍ମ, ପରମ ତପ, ପରମ ଜ୍ଞାନ ଓ ଅହିଂସା ପରମ ପଦ ଅଟେ ।
- ବ୍ୟାସଦେବ



### ମହାତ୍ମା ଗାନ୍ଧୀଙ୍କ ୧୫୦ତମ ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହ ପାଇଁ ପ୍ରସ୍ତୁତି

# ଗାନ୍ଧୀ ସର୍କିଟ୍ କରିବାକୁ ତତ୍ପରତା

**ଭୁବନେଶ୍ୱର,୩।୮(ବ୍ୟୁରୋ)**

ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜୟନ୍ତୀ ସମାରୋହକୁ ନିଆରା ଭାବେ ଆୟୋଜନ କରିବାକୁ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପୂରା ପ୍ରସ୍ତୁତ। ଚଳିତ ବର୍ଷ ପ୍ରତି ରାଜ୍ୟ ସହ ଜାତୀୟ ତଥା ଅନ୍ତର୍ଜାତୀୟସ୍ତରରେ ମହାତ୍ମା ଗାନ୍ଧୀଙ୍କ ଜୟନ୍ତୀ ଉତ୍ସବ ପାଳନ ହେଉଥିବାବେଳେ ଓଡ଼ିଶା ସରକାରଙ୍କ ପକ୍ଷରୁ ମଧ୍ୟ ବ୍ୟାପକ କାର୍ଯ୍ୟକ୍ରମର ଆୟୋଜନ କରାଯିବ। ଏଥିପାଇଁ ଶନିବାର ପର୍ଯ୍ୟଟନ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ନିଷ୍ପତ୍ତି ମୁତାବକ, ୨୦୧୮ ସେପ୍ଟେମ୍ବରରେ ଗଠିତ ରାଜ୍ୟସ୍ତରୀୟ କମିଟି ଓ ଏହା

**କାର୍ଯ୍ୟ ତ୍ୱରାନ୍ୱିତ ପାଇଁ ସଂସ୍କୃତି ବିଭାଗର ସମୀକ୍ଷା ବୈଠକ**

ଅନ୍ତର୍ଗତ ସବ୍‌କମିଟିଗୁଡ଼ିକ କିପରି ତ୍ୱରାନ୍ୱିତ ହୋଇ କାମ କରିବେ ସେଥିପାଇଁ ପଦକ୍ଷେପ ନିଆଯିବ। ଗାନ୍ଧୀ ଜୟନ୍ତୀ ପାଳନ ପାଇଁ ଆଉ କମ୍ ଦିନ ଥିବାରୁ ଆବଶ୍ୟକ ସ୍ଥଳେ ଏହାର ପୁନର୍ଗଠନ ହୋଇପାରେ। ଦ୍ୱିତୀୟତଃ ଓଡ଼ିଶାକୁ ଗାନ୍ଧୀ ଯେତେଥର ଆସିଥିଲେ ଓ ଯେଉଁ ଯେଉଁ ସ୍ଥାନରେ ରହିଥିଲେ ସେଠାରେ ସ୍ଥାନୀୟ ଜିଲାପାଳ ଓ ସଂସ୍କୃତି ଅଧିକାରୀଙ୍କ ମିଳିତ ଉଦ୍ୟମରେ ଉତ୍ସବ ପାଳନ କରାଯିବ। ସ୍ୱରାଜ ଆଶ୍ରମ, ସତ୍ୟଭାମାପୁର, ତେଲେଙ୍ଗାପେଣ୍ଠ, ବାଲିଅନ୍ତା ନିକୁଞ୍ଜ ବିହାରୀ ମନ୍ଦିର, ବେରବୋଇଠାରେ ସ୍ୱତନ୍ତ୍ର ଉତ୍ସବ ପାଳନ ହେବ। ତେବେ ଦୀର୍ଘଦିନର ପ୍ରତୀକ୍ଷା ପରେ ଗାନ୍ଧୀଙ୍କ ରହଣି ସ୍ଥାନ ଓ ପରିଦର୍ଶନ କରିଥିବା ବିଭିନ୍ନ ସ୍ଥାନକୁ ନେଇ ପର୍ଯ୍ୟଟନ ବିଭାଗ ସର୍କିଟ ଡେଷ୍ଟିନେଶନ କରିବା ପାଇଁ ନିଷ୍ପତ୍ତି ନେଇଛି।

ଅନ୍ୟପକ୍ଷରେ ଗାନ୍ଧିଜୀଙ୍କ ଏହି ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହ ଉପଲକ୍ଷେ ଏହାସହ ସଂଶ୍ଳିଷ୍ଟ ଅନ୍ୟ ବିଭାଗର ସଚିବମାନଙ୍କର ଏକ ବୈଠକ ବସି ଆଲୋଚନା ହେବ। ଏହା ଅଲ୍‌-ସେକ୍ରେଟାରି ମିଟିଂରେ ଉପସ୍ଥାପିତ କରାଯିବ। ସଂସ୍କୃତି ବିଭାଗ ନୋଡାଲ ଡିପାର୍ଟମେଣ୍ଟ ଭାବେ କାର୍ଯ୍ୟ କରିବ। ରାଜ୍ୟ ଅଭିଲେଖାଗାର ପକ୍ଷରୁ ଅଗଷ୍ଟ ୯ରେ କ୍ରାନ୍ତି ଦିବସ ଅବସରରେ ଗାନ୍ଧୀ ଚର୍ଚ୍ଚା ଆୟୋଜନ କରାଯିବ। ଗାନ୍ଧିଜୀଙ୍କ ଆଗମନ ସଂପର୍କରେ ପ୍ରଦର୍ଶନୀ ଅନୁଷ୍ଠିତ ହେବ। ଆସନ୍ତା ୧୬ ତାରିଖରେ ବିଶିଷ୍ଟ ବିଦ୍ୱାନ ତଥା ଗାନ୍ଧୀବାଦୀ କୁମାର ପ୍ରଶାନ୍ତ ଗାନ୍ଧୀଙ୍କ ସମ୍ପର୍କରେ ବକ୍ତବ୍ୟ ରଖିବେ। ଅକ୍ଟୋବର ମାସର ସଂସ୍କୃତି ଚର୍ଚ୍ଚା ଓ ପୁସ୍ତକ ଚର୍ଚ୍ଚା ମଧ୍ୟ ମହାତ୍ମା ଗାନ୍ଧୀଙ୍କ ପାଇଁ ସମର୍ପିତ ହେବ। ଏହି ବୈଠକରେ ଜଳସମ୍ପଦ, ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ ରଘୁନନ୍ଦନ ଦାସ ଉପସ୍ଥିତ ଥିଲେ। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପ୍ରମୁଖ ଶାସନ ସଚିବ ମନୋରଞ୍ଜନ ପାଣିଗ୍ରାହୀ, ନିର୍ଦ୍ଦେଶକ ବିଜୟ କୁମାର ନାୟକ, ସୂଚନା ଓ ଲୋକସମ୍ପର୍କ ବିଭାଗ ନିର୍ଦ୍ଦେଶକ କୃପାସିନ୍ଧୁ ମିଶ୍ର, ପର୍ଯ୍ୟଟନ ବିଭାଗ ନିର୍ଦ୍ଦେଶକ ନିର୍ମଳ ଚନ୍ଦ୍ର ମିଶ୍ର ଏବଂ ଉପରୋକ୍ତ ୩ଟି ବିଭାଗର ବରିଷ୍ଠ ପଦାଧିକାରୀ ଉପସ୍ଥିତ ଥିଲେ।

## ମେଟଲ୍ ମିଟ୍ ଗ୍ରାଣ୍ଡ ଫିନାଲେରେ ଜଣେ ଛାତ୍ରୀ

**ଭୁବନେଶ୍ୱର,୩।୮(ବ୍ୟୁରୋ)**

ଓଡ଼ିଶା ପୋଷ୍ଟ ମେଟଲ୍ ମିଟ୍ ୨୦୧୯ ସିନିୟର ଗ୍ରୁପ୍‌ର ଗ୍ରାଣ୍ଡ ଫିନାଲେକୁ ଯାଇଥିବା ୮ଟି ଟିମ୍‌ର ୩୨ ପ୍ରତିଯୋଗୀଙ୍କ ମଧ୍ୟରେ ରହିଛନ୍ତି ମାତ୍ର ଜଣେ ଛାତ୍ରୀ। ସେ ହେଉଛନ୍ତି କଲେଜ ଅଫ୍ ଇଞ୍ଜିନିୟରିଂ ଆଣ୍ଡ୍ ଟେକ୍ନୋଲୋଜି(ସିଇଟି)ର ରୋନିଶା ଦାଶ। ପୂର୍ବରୁ ସେ ନିଜ ସ୍କୁଲର ବେଷ୍ଟ କୁଇଜର ଥିଲେ। ଏହାଛଡ଼ା ସେ ଅନେକ କୁଇଜ୍ ପ୍ରତିଯୋଗିତାରେ ସଫଳତା ପାଇଛନ୍ତି। ରୋନିଶା କୁହନ୍ତି, କ୍ଲାସ୍ ୯ରୁ ମୁଁ କୁଇଜିଂ ଆରମ୍ଭ କରିଥିଲି। ସେତେବେଳେ ମୋତେ ବହୁତ ସଂଘର୍ଷ କରିବାକୁ ପଡ଼ିଥିଲା। କାରଣ ସେ



ରୋନିଶା ଦାଶ

ସମୟରେ କୁଇଜିଂରେ ଯିବା ପାଇଁ ଝିଅମାନଙ୍କୁ ସୁଯୋଗ ପ୍ରାୟତଃ ମିଳୁ ନ ଥିଲା। ବର୍ତ୍ତମାନ ଯଦିଓ ଝିଅମାନେ କୁଇଜିଂରେ ଅଂଶଗ୍ରହଣ କରୁଛନ୍ତି। ତଥାପି ଅନେକ ଝିଅ ପ୍ରତିଯୋଗିତାରେ ଭାଗ ନେବା ପାଇଁ ନିଜଆଡୁ ଇଚ୍ଛା ପ୍ରକାଶ କରୁନାହାନ୍ତି। ପାଠ ସହିତ ବାହାର ଦୁନିଆ ସମ୍ପର୍କରେ ଝିଅମାନେ ଜାଣିବା ଉଚିତ ବୋଲି ରୋନିଶା କହିଛନ୍ତି। ପ୍ରିଲିମ୍ସରେ କ୍ୱାଲିଫାଏ କରିବା ସମ୍ପର୍କରେ ସେ କହିଛନ୍ତି ଯେ, ଯେଉଁ ଟିମ୍ କ୍ୱାଲିଫାଏ କରିବ ବୋଲି ଭାବିଥିଲୁ ସେମାନେ କରିଲେନି। ଏଥର ନୂଆ ଟିମ୍ ରହିଛନ୍ତି। କିଏ କେତେବେଳେ ଭଲ କରିବ ତାହା କହିହେବନି। ତଥାପି ଏମ୍ସ ଭୁବନେଶ୍ୱର ଓ ଏସ୍‌ସିବି ମେଡିକାଲ କଟକ ଟିମ୍‌କୁ ଆମର ଟପ୍ ପ୍ରତିଦ୍ୱନ୍ଦ୍ୱୀ ବୋଲି ମୁଁ ଭାବେ। ସୂଚନାଥାଉ କି, ମେଟଲ୍ ମିଟ୍ ୨୦୧୯ ଜୁନିୟର ଗ୍ରୁପ୍‌ର ଫିନାଲେକୁ ଯାଉଥିବା ୮ଟିମ୍ ମଧ୍ୟରେ କେହି ବି ଛାତ୍ରୀ ନାହାନ୍ତି।

### କ'ଣ କୁହନ୍ତି ଫାଇନାଲିଷ୍ଟସ୍

#### ସିନିୟର ଗ୍ରୁପ୍

**▸ ପ୍ରଶ୍ନଶୈଳୀ ସମ୍ପୂର୍ଣ୍ଣ ନୂଆ**



ପ୍ରିଲିମ୍ସ ବହୁତ ବଢ଼ିଆ ଥିଲା। ଏଥିରେ କିଛି ସହଜ ଓ କଷ୍ଟ ପ୍ରଶ୍ନ ପଚରା ଯାଇଥିଲା। ପ୍ରଶ୍ନଶୈଳୀ ସମ୍ପୂର୍ଣ୍ଣ ନୂଆ ଓ ଚ୍ୟାଲେଞ୍ଜିଂ ଥିଲେ ବି ଆମ ଟିମ୍ ଏହାକୁ ସଫଳତାର ସାମ୍ନା କରିପାରିଥିଲା। ଟପ୍-୮ରେ ପହଞ୍ଚି ବହୁତ ଖୁସି ଅଛୁ। ପରବର୍ତ୍ତୀ ରାଉଣ୍ଡ ଆହୁରି କଷ୍ଟକର ହେବ। ତଥାପି ଆମେ ଶ୍ରେଷ୍ଠ ପ୍ରଦର୍ଶନ କରିବୁ।

- ଆଇଆଇଟି, ଭୁବନେଶ୍ୱର

**▸ ସିଲେକ୍ଟ ପରେ ବି ହାର୍ଟ ବିଟ୍ କମି ନ ଥିଲା**



ପ୍ରତିଯୋଗିତା ବହୁତ ଟଫ୍ ଥିଲା। ଆମ କଲେଜ ନାଁ ଡକା ନ ଯିବା ପର୍ଯ୍ୟନ୍ତ ଡର ଲାଗୁଥିଲା। ସିଲେକ୍ଟ ହେବା ପରେ ବି ହାର୍ଟ ବିଟ୍ କମି ନ ଥିଲା। ବହୁତ ଭଲ ଭଲ ଟିମ୍ ଭାଗ ନେଇଥିବାରୁ ଆମ ଉପରେ ପ୍ରେସର ଆସିଯାଇଥିଲା। ଯାହା ବି ହେଉ, ଟପ୍-୮ରେ ପହଞ୍ଚି ବହୁତ ଖୁସି ଅଛୁ। ଏମ୍ସ ଓ ଏନ୍‌ଆଇଟି (ରାଉରକେଲା) ଭଳି ଟିମ୍ ସହ ପ୍ରତିଯୋଗିତା କରିବା ପାଇଁ ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ ହେବୁ।

- ସିଇଟି, ଭୁବନେଶ୍ୱର

**▸ ଆଶାଠାରୁ କମ୍ ନମ୍ବର ପାଇଛୁ**



ନେଗେଟିଭ୍ ମାର୍କିଂ ପାଇଁ ବହୁତ ଭଲ ଭଲ ଟିମ୍ ଟପ୍-୮କୁ ଆସିପାରିଲେନି। ପ୍ରିଲିମ୍ସରେ ଆଶାଠାରୁ କମ୍ ନମ୍ବର ପାଇଛୁ। ତଥାପି ପରବର୍ତ୍ତୀ ରାଉଣ୍ଡରେ ପହଞ୍ଚି ଉତ୍ସାହିତ ଅଛୁ। ଦଳଗତ ପ୍ରଚେଷ୍ଟା ଆମକୁ ଟପ୍-୮ରେ ପହଞ୍ଚାଇଛି। ଗତଥର ବହୁ ଚେଷ୍ଟା କରିଥିଲେ ବି ଫାଇନାଲକୁ ଯାଇ ପାରି ନ ଥିଲୁ।

- ଆଇଜିଆଇଟି, ସରାଙ୍ଗ

**▸ ନୂଆ ପ୍ରତିଯୋଗୀଙ୍କ ସହ ଟଫ୍ ଫାଇଟ୍ ହେବ**



ଫାଇନାଲରେ ଜିତିବା ପାଇଁ ବହୁତ ପ୍ରସ୍ତୁତି କରିଛୁ। ଟପ୍-୮କୁ ଆସିବା ପରେ ଉତ୍ସାହ ବଢ଼ିଛି। କୁଇଜ୍ ମାଷ୍ଟର ଅଜୟ ପୁନିଆଙ୍କ ପ୍ରଶ୍ନ ଓ ପଚାରିବାର ଶୈଳୀ ସମ୍ପୂର୍ଣ୍ଣ ନିଆରା ଥିଲା। ଆମେ କାର୍ଯ୍ୟକ୍ରମ ଓ ବାତାବରଣକୁ ବହୁତ ଉପଭୋଗ କଲୁ। ଏଥର ନୂଆ ପ୍ରତିଯୋଗୀଙ୍କ ସହ ଟଫ୍ ଫାଇଟ୍ ହେବ। ସମସ୍ତେ ନିଜ ଲେଭଲରେ ଭଲ ଅଛନ୍ତି। ଯେକୌଣସି ଟିମ୍ ବିଜେତା ହୋଇପାରେ।

- ଏମ୍ସ, ଭୁବନେଶ୍ୱର

#### ଜୁନିୟର ଗ୍ରୁପ୍

**▸ ଆମେ ଚାମ୍ପିୟନ**



ପ୍ରିଲିମ୍ସରେ କ୍ୱାଲିଫାଏ କରିବାକୁ ବିଶ୍ୱାସ ଥିଲା। କଲେକ୍ଟିଭ୍ ଡିସିଶନ ଯୋଗୁ ଟପ୍-୮ରେ ପହଞ୍ଚିଛୁ। ଡିଏଭି (ସିଡିଏ) ଓ ମଦର୍ସ ପବ୍ଲିକ୍ ସ୍କୁଲ ଆମର ପ୍ରତିଦ୍ୱନ୍ଦ୍ୱୀ ହୋଇପାରନ୍ତି। ହେଲେ ଆମେ ଚାମ୍ପିୟନ।

- ସାଇ ଇଣ୍ଟରନ୍ୟାଶନାଲ ସ୍କୁଲ, ଭୁବନେଶ୍ୱର

**▸ ପ୍ରଶ୍ନଗୁଡ଼ିକୁ ସାମ୍ନା କରିବା କଷ୍ଟକର ଥିଲା**



ପ୍ରଥମ ରାଉଣ୍ଡରେ ପ୍ରଶ୍ନଗୁଡ଼ିକୁ ସାମ୍ନା କରିବା କଷ୍ଟକର ଥିଲା। ଆମ ସହ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ବହୁତ ଭଲ ଭଲ ଟିମ୍ ଅଛନ୍ତି। ତଥାପି ଆତ୍ମବିଶ୍ୱାସ ରହିଛି ଆମେ ଫାଇନାଲରେ ଉତ୍ତମ ପ୍ରଦର୍ଶନ କରିବୁ। ହୋପ୍ ଫର୍ ଦି ବେଷ୍ଟ।

- ଡିଏଭି ପବ୍ଲିକ୍ ସ୍କୁଲ, ସିଡିଏ, କଟକ

**▸ ୨୪ ଘଣ୍ଟା ଆମ ପାଇଁ ଯଥେଷ୍ଟ**



ପ୍ରଥମ ଥର ମେଟଲ୍ ମିଟ୍‌ରେ ଭାଗ ନେଇ ଟପ୍-୮ରେ ପହଞ୍ଚିପାରିଛୁ। ପ୍ରିଲିମ୍ସରେ ପ୍ରଶ୍ନ ବହୁତ ପଜଲ୍ ଟାଇପ୍ ଥିଲା। ମଦର୍ସ ପବ୍ଲିକ ସ୍କୁଲ ମୁଖ୍ୟ ପ୍ରତିଦ୍ୱନ୍ଦ୍ୱୀ ହୋଇପାରେ। ପରବର୍ତ୍ତୀ ରାଉଣ୍ଡ ପାଇଁ ହାତରେ ୨୪ ଘଣ୍ଟା ଅଛି, ଯାହା ଆମ ପାଇଁ ଯଥେଷ୍ଟ।

- ସେଣ୍ଟ୍ ପଲ୍‌ସ ସ୍କୁଲ୍, ରାଉରକେଲା

**▸ ସବୁ ପ୍ରଶ୍ନର ଉତ୍ତର ଦେବା ସହଜ ନ ଥିଲା**



ଓଡ଼ିଶା ପୋଷ୍ଟ ପକ୍ଷରୁ ଆୟୋଜିତ ଏହି କୁଇଜ୍ ପ୍ରତିଯୋଗିତାରେ ପ୍ରଥମ ଥର ଭାଗ ନେଇ ଆମ ସ୍କୁଲ ଟପ୍-୮ରେ ପହଞ୍ଚିଛି। ପ୍ରିଲିମ୍ସରେ ସବୁ ପ୍ରଶ୍ନର ଉତ୍ତର ଦେବା ସହଜ ନ ଥିଲା। ତେବେ କଠିନ ପରିଶ୍ରମ ଯୋଗୁ ଆମେ ଏଠି ପହଞ୍ଚିଛୁ। ଫାଇନାଲରେ ବିଜେତା ହେବାକୁ ପୂରା ଚେଷ୍ଟା କରିବୁ।

- ଡିଏଭି ପବ୍ଲିକ୍ ସ୍କୁଲ୍, ୟୁନିଟ୍-୮, ଭୁବନେଶ୍ୱର

## ୫ ଡିଏସ୍‌ପି, ୩ ଅତିରିକ୍ତ ଏସ୍‌ପିଙ୍କ ବଦଳି

**ଭୁବନେଶ୍ୱର, ୩।୮(ବ୍ୟୁରୋ):** ପୋଲିସ ମୁଖ୍ୟାଳୟ ପକ୍ଷରୁ ଶନିବାର ୫ଜଣ ଡିଏସ୍‌ପି ଓ ୩ଜଣ ଅତିରିକ୍ତ ଏସ୍‌ପିଙ୍କ ବଦଳି କରାଯାଇଛି। ବଲାଙ୍ଗୀର ଜିଲାର ଏସ୍‌ଡିପିଓ କ୍ଷୀରସାଗର ନାୟକଙ୍କୁ ପୁରୀ ଡିଏସ୍‌ପି, ପୁରୀ ଡିଏସ୍‌ପି ସୁଧାକର ସାହୁଙ୍କୁ ବରଗଡ ଏସ୍‌ଡିପିଓ ଭାବେ ବଦଳି କରାଯାଇଛି। ଖୋର୍ଦ୍ଧା ଏସ୍‌ଡିଆରପିଓ ଅରୁଣ କୁମାର ସାହୁଙ୍କୁ ବୌଦ୍ଧ ପିସିଆର ସେଲ୍‌କୁ ଡିଏସ୍‌ପିଭାବେ ବଦଳି କରାଯାଇଛି। କଟକ ଡିଆଇବିରେ ଥିବା ଡିଏସ୍‌ଆରପି ଚନ୍ଦ୍ରଶେଖର ସାହୁଙ୍କୁ ଖୋର୍ଦ୍ଧା ଏସ୍‌ଡିଆରପିଓ, କଟକ ଇଣ୍ଟେଲିଜେନ୍ସରେ ଥିବା ବ୍ରଜ ମୋହନ ପ୍ରଧାନ ସେଠିଠାରେ ହିଁ କାର୍ଯ୍ୟ କରିବେ ଯେ ପର୍ଯ୍ୟନ୍ତ ତାଙ୍କର ପରବର୍ତ୍ତୀ ବଦଳି ଅର୍ଡର ନ ଆସିଛି। କେନ୍ଦ୍ରାପଡାର ଅତିରିକ୍ତ ଏସ୍‌ପି ଅରୁଣ କୁମାର ଜେନାଙ୍କୁ ପୁରୀକୁ ଓ ପୁରୀ ଆଇୟୁସିଏଡବ୍ଲ୍ୟୁରେ ଥିବା ଅତିରିକ୍ତ ଏସ୍‌ପି ବ୍ରହ୍ମାନନ୍ଦ ଗଗରିନ ମହାନ୍ତିଙ୍କୁ କେନ୍ଦ୍ରାପଡ଼ାର ଅତିରିକ୍ତ ଏସ୍‌ପିଭାବେ ବଦଳି କରାଯାଇଛି। ପୁରୀରେ ଅତିରିକ୍ତ ଏସ୍‌ପି ଧୀରେନ୍ ଚନ୍ଦ୍ର ନନ୍ଦଙ୍କୁ ପୁରୀ ଆଇୟୁସିଏଡବ୍ଲ୍ୟୁକୁ ଅତିରିକ୍ତ ଏସ୍‌ପିଭାବେ ବଦଳି କରାଯାଇଛି।

## ମେଡିକାଲ ନାମଲେଖା ପାଇଁ ସ୍ପଟ୍ ଆଡମିଶନ ଆଜି

**ଭୁବନେଶ୍ୱର, ୩।୮(ବ୍ୟୁରୋ):** ରାଜ୍ୟରେ ଖାଲି ପଡ଼ିଥିବା ମେଡିକାଲ ଓ ଡେଣ୍ଟାଲ କଲେଜ ସିଟ୍ ପାଇଁ ରବିବାରଠାରୁ ସ୍ପଟ୍ ଆଡମିଶନ ଆରମ୍ଭ ହେବ। ଏମ୍‌ବିବିଏସ୍ ଓ ବିଡିଏସ୍ ପାଇଁ ତିନିଦିନ ଯାଏ ସ୍ପଟ୍ ଆଡ଼ମିଶନ୍ କରାଯିବ। ଏନେଇ ଶନିବାର ଓଜେଇଇ ପକ୍ଷରୁ ବିଧିବଦ୍ଧ ବିଜ୍ଞପ୍ତି ଜାରି କରାଯାଇଛି। ଆସନ୍ତାକାଲି ସକାଳ ୧୦ଟାରୁ ଭୁବନେଶ୍ୱରରେ ଏନେଇ ସ୍ୱତନ୍ତ୍ର ଆଡ଼ମିଶନ୍ ହବ୍ କରାଯାଇଛି। ସୂଚନାଯୋଗ୍ୟ, ରାଜ୍ୟର ୮ ମେଡିକାଲ ଓ ୨ ଡେଣ୍ଟାଲ କଲେଜରେ ୧୮୦ଟି ସିଟ୍ ଖାଲିପଡ଼ିଛି। ସେଥିମଧ୍ୟରୁ ହାଇଟେକ୍ ଡେଣ୍ଟାଲ କଲେଜରେ ସର୍ବାଧିକ ୯୬ ସିଟ୍ ଖାଲି ପଡ଼ିଥିବାବେଳେ ହାଇଟେକ୍ ମେଡିକାଲ କଲେଜରେ ୩୬, ଏସ୍‌ସିବି ଡେଣ୍ଟାଲରେ ୨୭ ସିଟ୍ ଖାଲି ପଡ଼ିଛି।

## ଷ୍ଟୋଭ ଫାଟି ମହିଳା ଗୁରୁତର

**ବାଲକାଟୀ,୩।୮(ଡି.ଏନ୍.ଏ.):** ବାଲକାଟୀ ଫାଣ୍ଡି ଅଧୀନ ମାହାଲ ସାହିରେ ଶନିବାର ରୋଷେଇ କରୁଥିବାବେଳେ ଷ୍ଟୋଭ ଫାଟି ଜଣେ ମହିଳା ଗୁରୁତର ହୋଇଛନ୍ତି। ସେ ହେଲେ ଜିତେନ୍ଦ୍ର ସାହୁଙ୍କ ସ୍ତ୍ରୀ ଇଲା ସାହୁ। ଏଥିରେ ତାଙ୍କର ୫ବର୍ଷର ଝିଅ ମଧ୍ୟ ସାମାନ୍ୟ ଆହତ ହୋଇଛନ୍ତି। ମା' ଓ ଝିଅକୁ ପରିବାର ଲୋକେ ପ୍ରଥମେ ବାଲକାଟୀ ହସ୍ପିଟାଲ ପରେ କ୍ୟାପିଟାଲ ହସ୍ପିଟାଲ ନେଇଥିଲେ। କିନ୍ତୁ ଇଲାଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ କଟକ ବଡ ମେଡିକାଲକୁ ସ୍ଥାନାନ୍ତର କରିଥିଲେ।



ରାଜ୍ୟ ପୋଲିସ ଭବନରେ ର୍‍ୟାମ୍ପ ନ ଥିବାରୁ ସ୍ୱାଭିମାନ ଫାଉଣ୍ଡେଶନର ନିର୍ଦ୍ଦେଶକ ଡ. ଶ୍ରୁତି ମହାପାତ୍ରଙ୍କୁ ଟେକି ନିଆଯାଉଛି।

## ଦିବ୍ୟାଙ୍ଗ ଲାଗି ରାଜ୍ୟ ପୋଲିସ ଭବନରେ ନାହିଁ ର୍‍ୟାମ୍ପ

**ଭୁବନେଶ୍ୱର,୩।୮(ବ୍ୟୁରୋ)**

ଆଇନକୁ ଠିକ ଭାବେ ପାଳନ କରିବାକୁ ଜନତାଙ୍କୁ ପୋଲିସ ନିର୍ଦ୍ଦେଶ ଦେଇଥାଏ। କିନ୍ତୁ ନିଜେ ଜାତିସଂଘର ନିର୍ଦ୍ଦେଶକୁ ଅବହେଳା ପ୍ରଦର୍ଶନ କରୁଛି। ରାଜ୍ୟର ସମସ୍ତ ସରକାରୀ ଅଫିସରେ ଦିବ୍ୟାଙ୍ଗମାନଙ୍କ ପାଇଁ ର୍‍ୟାମ୍ପ ବ୍ୟବସ୍ଥା କରିବାକୁ ଜାତିସଂଘ ୨୦୧୬ରେ ନିର୍ଦ୍ଦେଶ ଦେଇଥିଲା। ମାତ୍ର ରାଜ୍ୟ ପୋଲିସ ଭବନରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି। ଶନିବାର ପୋଲିସ ଭବନରେ ୟୁନିସେଫ୍, ଇଣ୍ଡିଆନ ପୋଲିସ ଫାଉଣ୍ଡେଶନ ଓ ଓଡ଼ିଶା ପୋଲିସର ମିଳିତ ସହଯୋଗରେ ମହିଳା ଏବଂ ଶିଶୁମାନଙ୍କୁ ସୁରକ୍ଷା ଉପରେ ଏକ ଜାତୀୟସ୍ତରୀୟ କର୍ମଶାଳା ଆୟୋଜନ

**ଜାତିସଂଘ ନିର୍ଦ୍ଦେଶକୁ ବେଖାତିର**

**୧୦ଦିନରେ ର୍‍ୟାମ୍ପ କାମ ଶେଷ କରିବାକୁ ଡିଜିପିଙ୍କ ନିର୍ଦ୍ଦେଶ**

କରାଯାଇଥିଲା। ଏଥିରେ ଅତିଥି ଭାବେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ପୋଲିସ ଡିଜିପି ଆର.ପି. ଶର୍ମା, ଦିବ୍ୟାଙ୍ଗ ପିଲାମାନଙ୍କ ପାଇଁ କାର୍ଯ୍ୟ କରୁଥିବା ସ୍ୱାଭିମାନ ଫାଉଣ୍ଡେଶନର ନିର୍ଦ୍ଦେଶକ ଡ. ଶ୍ରୁତି ମହାପାତ୍ରଙ୍କ ସମେତ ରାଜ୍ୟ ତଥା ବାହାରୁ ଅନେକ ବୁଦ୍ଧିଜୀବୀ ଯୋଗ ଦେଇଥିଲେ। କିନ୍ତୁ ଦିବ୍ୟାଙ୍ଗମାନେ ପୋଲିସ ଭବନକୁ ପ୍ରବେଶ ଏବଂ ପ୍ରସ୍ଥାନ କରିବାବେଳେ ବହୁ ସମସ୍ୟାର ସମ୍ମୁଖୀନ ହୋଇଥିବାର ଦେଖାଯାଇଥିଲା। ପୋଲିସ ପକ୍ଷରୁ ଅସ୍ଥାୟୀ ଭାବେ ଏକ କାଠର ର୍‍ୟାମ୍ପ ବ୍ୟବସ୍ଥା କରାଯାଇଥିଲେ ମଧ୍ୟ ସେଥିରେ ସେତେଟା ସହଜ ହୋଇ ପାରି ନଥିଲା। ଫଳରେ ପ୍ରସ୍ଥାନ ସମୟରେ ସେମାନେ ପୋଲିସ ଓ ଅନ୍ୟମାନଙ୍କ ସହଯୋଗରେ ତଳକୁ ଓହ୍ଲାଇଥିଲେ। ଏ ନେଇ ଅନେକ ବରିଷ୍ଠ ଅଧିକାରୀ ଦୁଃଖ ପ୍ରକାଶ କରିଥିଲେ। ଏଥିସହ ଫାଉଣ୍ଡେଶନର ନିର୍ଦ୍ଦେଶକ ଡ. ଶ୍ରୁତି ର୍‍ୟାମ୍ପ ସମସ୍ୟା ସମ୍ପର୍କରେ ଡିଜିପିଙ୍କୁ ଘଟଣାସ୍ଥଳରେ ଅବଗତ କରିଥିଲେ। ୧୦ଦିନ ଭିତରେ ର୍‍ୟାମ୍ପ କାର୍ଯ୍ୟ ଶେଷ କରିବାକୁ ଡିଜିପି ପ୍ରତିଶ୍ରୁତି ଦେଇଥିବା ସେ ଗଣମାଧ୍ୟମକୁ ଜଣାଇଛନ୍ତି।




ଛଟେଇ ପ୍ରତିବାଦ ଓ ପୁନଃନିଯୁକ୍ତି ଦାବିରେ ଓଡ଼ିଶା ମଡେଲ କ୍ଲଷ୍ଟର ସ୍କୁଲ୍ କୋ-ଅର୍ଡିନେଟର ମହାସଂଘ ପକ୍ଷରୁ ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ଶନିବାର ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

**ରେଭେନ୍‌ଶା ବିଶ୍ୱବିଦ୍ୟାଳୟ**

## ତେଜୁଛି ସର୍ଭିସ ବୁକ୍ ବିବାଦ, ରାଜ୍ୟପାଳଙ୍କୁ ଭେଟିବ ରୁଟା

**କଟକ ଅଫିସ,୩।୮**

ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ୨୨ଜଣ ଅଧ୍ୟାପକଙ୍କ ସର୍ଭିସ ବୁକ୍ ଏ ଯାଏ ରାଜ୍ୟ ସରକାରଙ୍କ ନିକଟରୁ ଫେରିନାହିଁ। ୫ବର୍ଷ ତଳେ ସର୍ଭିସ ବୁକ୍‌ଗୁଡ଼ିକ ସମୀକ୍ଷା ହେବାକୁ ଯାଇଥିଲା। ହେଲେ ଏହା ନ ଫେରିବା ଫଳରେ ପଦୋନ୍ନତିରେ ବାଧା ଉପୁଜିଛି। ଯାହାକୁ ନେଇ ଏକବର୍ଷ ହେବ ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ଶିକ୍ଷକ ସଂଘ(ରୁଟା) ପକ୍ଷରୁ ହେଉଥିବା ପ୍ରତିବାଦ ପୁନର୍ବାର ତେଜିଛି। ଆଗାମୀ ଦିନରେ ଏହି ପ୍ରତିବାଦକୁ ବ୍ୟାପକ କରାଯିବ। ଏପରି କି ରାଜ୍ୟପାଳଙ୍କୁ ଭେଟିବା ସହ କାର୍ଯ୍ୟବନ୍ଦ କରାଯିବ ବୋଲି ସଂଘ ଉପସଭାପତି ଡ. କେଶବ ସିଦ୍ଧାର୍ଥ ଭରଦ୍ୱାଜ କହିଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ, ୨୦୧୪ରେ ବିଶ୍ୱବିଦ୍ୟାଳୟର ୭୮ଜଣ ଅଧ୍ୟାପକଙ୍କ ସର୍ଭିସ ବୁକ୍ ରାଜ୍ୟ ସରକାରଙ୍କ ନିକଟକୁ ପଠାଯାଇଥିଲା। ୭୮ଜଣଙ୍କ ନିଯୁକ୍ତିକୁ ସମୀକ୍ଷା କରାଯିବା ଉଦ୍ଦେଶ୍ୟରେ ରାଜ୍ୟ ସରକାର ଏକ ଚିଠି ପଠାଇଥିଲେ। ଫଳରେ ଚିଠିର ଉତ୍ତରରେ ଏହି ସର୍ଭିସ ବୁକ୍ ଦିଆଯାଇଥିଲା। ଏହାର ୨ବର୍ଷ ପରେ ୫୬ଟି ସର୍ଭିସ ବୁକ୍ ତନଖି ଶେଷ ହୋଇ ବିଶ୍ୱବିଦ୍ୟାଳୟକୁ ପଠାଯାଇଥିଲା। ହେଲେ ଅବଶିଷ୍ଟ ସର୍ଭିସ ବୁକ୍ ଏପର୍ଯ୍ୟନ୍ତ ବିଶ୍ୱବିଦ୍ୟାଳୟକୁ ପଠାଯାଇନାହିଁ। ଫଳସ୍ୱରୂପ ଏହି ୨୨ଜଣ ଅଧ୍ୟାପକଙ୍କ ପଦୋନ୍ନତି ପାଇଁ ସମସ୍ୟା ହୋଇଛି। ରିଡର କିମ୍ବା ସହକାରୀ ପ୍ରଫେସର ପଦବୀକୁ ଏମାନେ



ପଦୋନ୍ନତି ପାଇପାରୁନାହାନ୍ତି। ବେତନ ରାଶି ମଧ୍ୟ ବୃଦ୍ଧି କରାଯାଉନାହିଁ। ୨ବର୍ଷ ହେବ ଏ ନେଇ ରୁଟା ପକ୍ଷରୁ ପ୍ରତିବାଦ କରାଯାଉଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ। ଗତବର୍ଷ ରୁଟା ପକ୍ଷରୁ କୁଳପତିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ୭ ଦିନ ଧରି ଧାରଣା ଦିଆଯାଇଥିଲା। ହେଲେ ଫରକ କିଛି ପଡ଼ି ନ ଥିଲା। ବର୍ତ୍ତମାନ ପରିସ୍ଥିତିରେ ପ୍ରତିବାଦକୁ ତୀବ୍ର କରାଯିବ ବୋଲି ସଂଘ ପକ୍ଷରୁ କୁହାଯାଇଛି। ଉକ୍ତ ୨୨ଜଣଙ୍କ ସର୍ଭିସ ବୁକ ଏବେ ରାଜ୍ୟ ଉଚ୍ଚଶିକ୍ଷା ବିଭାଗ ନିକଟରେ ପଡ଼ିରହିଛି ବୋଲି ସଂଘ ପକ୍ଷରୁ କୁହାଯାଇଛି। ଏ ସମ୍ପର୍କରେ ରାଜ୍ୟ ଉଚ୍ଚଶିକ୍ଷା ବିଭାଗ ସହ ଯୋଗାଯୋଗ କରିବାରୁ ସେମାନେ ରାଜ୍ୟପାଳଙ୍କ କାର୍ଯ୍ୟାଳୟ ଯିବାକୁ କହୁଛନ୍ତି ବୋଲି ସଂଘର ଜଣେ ବରିଷ୍ଠ ସଦସ୍ୟ କହିଥିଲେ। ଅନ୍ୟପକ୍ଷରେ ବିଶ୍ୱବିଦ୍ୟାଳୟ ଉପରେ ଦୋଷ ଲଦିଛି ରୁଟା। ୨୦୧୭ରେ ରାଜ୍ୟ ଉଚ୍ଚଶିକ୍ଷା ବିଭାଗ ନିକଟରୁ ଏ ସମ୍ପର୍କିତ ଏକ ଚିଠି ବିଶ୍ୱବିଦ୍ୟାଳୟକୁ ଆସିଥିଲା। ଯେଉଁଥିରେ ଉକ୍ତ ୨୨ଜଣ ଅଧ୍ୟାପକଙ୍କ ସର୍ଭିସ ବୁକ ସମ୍ପର୍କରେ କିଛି ପଚରା ଯାଇଥିଲା। ସେତେବେଳେ ବିଶ୍ୱବିଦ୍ୟାଳୟ ପକ୍ଷରୁ କୌଣସି ଉତ୍ତର ଦିଆଯାଇ ନ ଥିଲା। ଏ ନେଇ କୁଳସଚିବ ଅଶୋକ କୁମାର ଦାଶ କୁହନ୍ତି, ସମସ୍ୟାର ସମାଧାନ ପାଇଁ ଚେଷ୍ଟା ଚାଲିଛି। ଅଧ୍ୟାପକଙ୍କ ପଦୋନ୍ନତି ନିମନ୍ତେ ବିଶ୍ୱବିଦ୍ୟାଳୟ ପକ୍ଷରୁ ଯାହା ସମ୍ଭବ ତାହା କରାଯିବ।

## ୪ବର୍ଷର ଶିଶୁକନ୍ୟାଙ୍କୁ ନିର୍ଯାତନା

**ଚୌଦ୍ୱାର,୩।୮(ଡି.ଏନ୍.ଏ.)**

ଚୌଦ୍ୱାର ପୌରପାଳିକା ଅଞ୍ଚଳରେ ୪ବର୍ଷର ଶିଶୁ କନ୍ୟାଙ୍କୁ ସାବତ ମା' ନିର୍ଯାତନା ଦେଉଥିବା ଅଭିଯୋଗ ହୋଇଥିଲା। ଶନିବାର କଟକ ଚାଇଲ୍ଡଲାଇନ୍ ଉକ୍ତ ଶିଶୁ କନ୍ୟାଙ୍କୁ ଉଦ୍ଧାର କରିଛି। ଚାଇଲ୍ଡଲାଇନ୍ କର୍ମକର୍ତ୍ତା ନାରାୟଣ ଶୁକ୍ଳାଙ୍କ ସୂଚନା ଅନୁଯାୟୀ, ଚୌଦ୍ୱାର ପୌରପାଳିକା ଅଞ୍ଚଳର ଜଣେ ବ୍ୟକ୍ତିଙ୍କ ଦୁଇ ଝିଅ ଥିବାବେଳେ ପରବର୍ତ୍ତୀ ସମୟରେ ତାଙ୍କ ସ୍ତ୍ରୀଙ୍କ ମୃତ୍ୟୁ ଘଟିଥିଲା। ପରେ ଉକ୍ତ ବ୍ୟକ୍ତିଜଣକ ଦ୍ୱିତୀୟ ବିବାହ କରିଥିଲେ। ୬ବର୍ଷର ବଡଝିଅ କଟକରେ ଜଣେକ ବନ୍ଧୁଘରେ ରହୁଥିବା ବେଳେ ୪ବର୍ଷର ସାନଝିଅ ତାଙ୍କ ପାଖରେ

**ଉଦ୍ଧାର କଲା ଚାଇଲ୍ଡଲାଇନ୍**

ରହୁଥିଲେ। ସାନ ଝିଅକୁ ପ୍ରାୟ ସମୟରେ ସାବତ ମା' ନିର୍ଯାତନା ଦେଉଥିଲେ ବୋଲି ଶୁକ୍ରବାର ସ୍ଥାନୀୟ ଲୋକେ ଅଙ୍ଗନୱାଡି କର୍ମୀଙ୍କୁ କହିଥିଲେ। ଅଙ୍ଗନୱାଡି କର୍ମୀ ଚାଇଲ୍ଡଲାଇନ୍ କର୍ମକର୍ତ୍ତା ଶୁକ୍ଳାଙ୍କୁ ଜଣାଇଥିଲେ। ଶୁକ୍ଳା ଚୌଦ୍ୱାର ଶିଶୁ ସଦନର କର୍ମକର୍ତ୍ତା ପରିଚାଳକ ସୀମନ୍ତ ନାୟକ, ପ୍ରଦୀପ ଦାସ, ଯାଜ୍ଞସେନୀ ପରିଡା, ମଧୁମିତା ମଲ୍ଲ ପ୍ରମୁଖ ପହଞ୍ଚି ଶିଶୁକନ୍ୟାଙ୍କୁ ଉଦ୍ଧାର କରି ଥାନାକୁ ଆଣିଥିଲେ। ଚାଇଲ୍ଡଲାଇନ କର୍ମକର୍ତ୍ତା ଥାନାରେ ଲିଖିତ ଅଭିଯୋଗ କରିବା ସହିତ ଶିଶୁ କନ୍ୟାଙ୍କୁ କଟକ ନେଇଥିବା ଜଣାପଡିଛି।



ରାଜମୁକୁଟ ସୁନାରେ ତିଆରି ବୋଲି ଦେଖାଯାଉଥାଏ, ପ୍ରକୃତରେ ତାହା କଣ୍ଟକ, ବିପଦ ଓ ଦୁଃଶ୍ଚିନ୍ତାରେ ତିଆରି।
- ଜନ୍ ମିଲ୍ଟନ୍



## ସଂକ୍ଷେପରେ

### ବଧୂ ହତ୍ୟା ଘଟଣାରେ ସ୍ୱାମୀ ଗିରଫ

**ବ୍ରହ୍ମଗିରି, ୩।୮(ଡି.ଏନ୍.ଏ.):** ବ୍ରହ୍ମଗିରି ଥାନା ଅନ୍ତର୍ଗତ ଗମ୍ଭାରୀ ଗ୍ରାମରେ ଏକ ବଧୂ ହତ୍ୟା ଘଟଣାରେ ଶନିବାର ବ୍ରହ୍ମଗିରି ପୋଲିସ ସ୍ୱାମୀ ଅଜୟ ମହାନ୍ତି(୩୫)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ପୋଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଉକ୍ତ ଗ୍ରାମର ଜ୍ୟୋସ୍ନାରାଣୀ ମହାନ୍ତି ୪ ମାସ ତଳେ କିରୋସିନ ଦ୍ୱାରା ପୋଡି ହୋଇ ଗୁରୁତର ଅବସ୍ଥାରେ ଚିକିତ୍ସିତ ହେଉଥିଲେ। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ଜ୍ୟୋସ୍ନାଙ୍କ ବାପା କୋଠସାହି ଗ୍ରାମର ପଞ୍ଚାନନ ବେଉରା ବ୍ରହ୍ମଗିରି ଥାନାରେ ଝିଅକୁ ହତ୍ୟା କରାଯାଇଥିବା ଅଭିଯୋଗ କରିଥିଲେ। ପଞ୍ଚାନନଙ୍କ ଅଭିଯୋଗକୁ ଭିତ୍ତିକରି ବ୍ରହ୍ମଗିରି ପୋଲିସ ୪୭/୧୯ରେ ଏକ ମାମଲା ରୁଜୁ କରିଥିଲା।

### ସଡ଼କ ଦୁର୍ଘଟଣାରେ ଅଧ୍ୟାପିକା ମୃତ

**କାକଟପୁର, ୩।୮(ଡି.ଏନ୍.ଏ.):** କାକଟପୁର ବ୍ଲକ ଅନ୍ତର୍ଗତ ବାଙ୍ଗୁରିଗାଁ ପ୍ରାଚୀ ମହାବିଦ୍ୟାଳୟର ଅଧ୍ୟାପିକା ପ୍ରିୟଙ୍କା ପ୍ରିୟଦର୍ଶିନୀଙ୍କର ଶନିବାର ଏକ ସଡ଼କ ଦୁର୍ଘଟଣାରେ ମୃତ୍ୟୁ ଘଟିଛି। ସେ ସ୍କୁଟିରେ କଲେଜରୁ ଘରକୁ ଫେରୁଥିବାବେଳେ ରାସ୍ତାକଡ଼ରେ ଥିବା ଧାନଗଦାରେ ବାଡ଼େଇ ହୋଇ ଭାରସାମ୍ୟ ହରାଇ ତଳେ ପଡ଼ିଯାଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ବାଙ୍ଗୁରିଗାଁ ମେଡିକାଲକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତାଙ୍କ ସ୍ୱାମୀ ସୂର୍ଯ୍ୟକାନ୍ତ ମହାନ୍ତି କାକଟପୁର ମଙ୍ଗଳା ମହାବିଦ୍ୟାଳୟରେ ଅଧ୍ୟାପକ ଅଛନ୍ତି। ତାଙ୍କର ଅଢ଼େଇ ବର୍ଷର ଝିଅ ଅଛି। ଏହି ଖବର ଜଣାପଡ଼ିବା ପରେ ମହାବିଦ୍ୟାଳୟର ଛାତ୍ରୀଛାତ୍ର ଏବଂ କର୍ମଚାରୀଙ୍କ ମଧ୍ୟରେ ଶୋକର ଛାୟା ଖେଳିଯାଇଛି।

### ସାପ କାମୁଡ଼ାରେ ପୂଜକ ମୃତ

**କଣାସ, ୩।୮(ଡି.ଏନ୍.ଏ.):** କଣାସ ଥାନା ଅନ୍ତର୍ଗତ ପାଣ୍ଡିଆକେରା ଗ୍ରାମର ଠାକୁର ବାନାମ୍ବର ଦେବଙ୍କ ମନ୍ଦିର ପୂଜକ ପ୍ରଦୀପ୍ତ କୁମାର ପଣ୍ଡା(୪୧)ଙ୍କୁ ଏକ ବିଷଧର ସାପ କାମୁଡି ଦେବାରୁ ତାଙ୍କର ମୃତ୍ୟୁ ହୋଇଛି। ଶୁକ୍ରବାର ରାତିରେ ପ୍ରଦୀପ୍ତ ନିଜ ଘରେ ଶୋଇଥିବା ଅବସ୍ଥାରେ ଏକ ବିଷଧର ସାପ ତାଙ୍କୁ କାମୁଡି ଦେଇଥିଲା। କାମୁଡ଼ିବା ପରେ ସେ ସାପଟିକୁ ଫୋପାଡି ଦେଇଥିଲେ ମଧ କିଛି ସମୟ ପରେ ସେ ଅସୁସ୍ଥ ହୋଇ ପଡିଥିଲେ। ପ୍ରଥମେ ତାଙ୍କୁ କଣାସ ପରେ ପୁରୀ ଏବଂ ସେଠାରୁ ଭୁବନେଶ୍ୱରକୁ ଚିକିତ୍ସା ପାଇଁ ସ୍ଥାନାନ୍ତର କରାଯାଇଥିଲା। ଶନିବାର ସକାଳେ ତାଙ୍କର ମୃତ୍ୟୁ ହୋଇଥିଲା। ମୃତଦେହ ବ୍ୟବଚ୍ଛେଦ କରାଯାଇ ଗ୍ରାମ ଶ୍ମଶାନରେ ଅନ୍ତିମ ସଂସ୍କାର କରାଯାଇଥିଲା। ସେ ନିଜ ଗ୍ରାମ ସମେତ ଶିମିଳିପାଟଣା ଓ ଅନ୍ୟ ଗ୍ରାମରେ ଦୀର୍ଘ ଦିନ ଧରି ପୂଜକ ଭାବେ କାମ କରୁଥିଲେ।

### ଯୁବକଙ୍କ ଆତ୍ମହତ୍ୟା ଅଭିଯୋଗ

**ନିମାପଡ଼ା,୩।୮(ଡି.ଏନ୍.ଏ.):** ଚାରିଛକ ଫାଣ୍ଡି ଅନ୍ତର୍ଗତ ଦଣ୍ଡିକେରା ମଲ୍ଲିକ ସାହି ଗ୍ରାମର ଶିବପ୍ରସାଦ ମଲ୍ଲିକ ଶୁକ୍ରବାର ରାତିରେ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି। ପୋଲିସ ଶନିବାର ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ଚାରିଛକ ଡାକ୍ତରଖାନାକୁ ପଠାଇଛି। ଏ ସମ୍ପର୍କରେ ପୋଲିସ ଅପମୃତ୍ୟୁ ମାମଲା(ନଂ.୧୧/୧୯)ରୁଜୁ କରି ତଦନ୍ତ ଚଳାଇଛି। ଅଭିଯୋଗ ଅନୁଯାୟୀ, ଶିବ ମାନସିକ ବିକାରଗ୍ରସ୍ତ ଥିବା ବେଳେ ଘର କବାଟ ଦେଇ ବେକରେ ଲୁଗା ବାନ୍ଧି ଫ୍ୟାନରେ ଝୁଲି ଆତ୍ମହତ୍ୟା କରିଥିବା ତାଙ୍କ ବାପା ବେଣୁଧର ମଲ୍ଲିକ ଅଭିଯୋଗଫର୍ଦ୍ଦରେ ଦର୍ଶାଇଛନ୍ତି।

### ତୃତୀୟ ଶ୍ରେଣୀ ମେଧାବୃତ୍ତି ପରୀକ୍ଷା

**କଣାସ, ୩।୮(ଡି.ଏନ୍.ଏ.):** କଣାସ ବ୍ଲକରେ ୩ୟ ଶ୍ରେଣୀ ମେଧାବୃତ୍ତି ପରୀକ୍ଷା ଶନିବାର ଅନୁଷ୍ଠିତ ହୋଇଯାଇଛି। ଦୁଇଟି କେନ୍ଦ୍ରରେ ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ସମୁଦାୟ ୨୨୨ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ। ସରକାରୀ ଉଚ୍ଚ ବିଦ୍ୟାଳୟ କଣାସରେ ୧୫୩ ଜଣ ଓ ଗ୍ରାମେଶ୍ୱର ବିଶ୍ୱନାଥ ସଂଯୁକ୍ତ ଉଚ୍ଚ ବିଦ୍ୟାଳୟ ଓହ୍ଲାଣରେ ୬୯ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ। ଗୋଷ୍ଠୀ ଶିକ୍ଷାଧିକାରୀ ନିରଞ୍ଜନ ପାତ୍ର ଓ ସହଗୋଷ୍ଠୀ ଶିକ୍ଷାଧିକାରୀ ମିନକେତନ ସାମନ୍ତରାୟ ପରିଚାଳନା କରିଥିଲେ।

# ମଧୁର ଜଳ ସଂରକ୍ଷିତ ଅଞ୍ଚଳରେ ଆବର୍ଜନା ପାହାଡ଼

**ହେମନ୍ତ କୁମାର ନାୟକ**
**ପୁରୀ ଅଫିସ, ୩।୮**

■ଭୂତଳ ଜଳ ପ୍ରଦୂଷଣକୁ ନେଇ ଉଦ୍‌ବେଗ
■ଦୁର୍ଗନ୍ଧରେ ଅତିଷ୍ଠ ସ୍ଥାନୀୟ ବାସିନ୍ଦା



ବଙ୍ଗୋପସାଗର କୂଳରେ ଅବସ୍ଥିତ ପୁରୀ ସହରର ପାନୀୟଜଳ ସଙ୍କଟ ଦୂର ଲାଗି ସୁଇଟ୍ ୱାଟର ଜୋନ (ମଧୁର ଜଳ ସଂରକ୍ଷିତ ଅଞ୍ଚଳ)ର ପରିକଳ୍ପନା କରାଯାଇଛି। ତାଳବଣିଆ ଅଞ୍ଚଳରେ ୪୪୮ଏକର ଏବଂ ବଳିଆପଣ୍ଡା ଅଞ୍ଚଳରେ ୨୦୭ ଏକର ଜମିକୁ ମଧୁର ଜଳ ସଂରକ୍ଷିତ ଅଞ୍ଚଳ ରହିଛି। ଏହି ଅଞ୍ଚଳକୁ ସଂରକ୍ଷିତ ରଖିବା ଲାଗି ପାଚେରି ମଧ ହୋଇଛି। ଏହାଦ୍ୱାରା ସହରବାସୀଙ୍କୁ ସ୍ୱଚ୍ଛ ପାନୀୟଜଳ ଯୋଗାଇଦେବା ଲକ୍ଷ୍ୟ ରହିଥିବାବେଳେ ବର୍ତ୍ତମାନ ମଧୁର ଜଳର ମାନକୁ ନେଇ ଉଠିଛି ପ୍ରଶ୍ନ। ତାଳବଣିଆସ୍ଥିତ ମଧୁର ଜଳ ସଂରକ୍ଷିତ ଅଞ୍ଚଳ କଡ଼ରେ ଗଦା ହୋଇଛି କୁଢ କୁଢ ଅଳିଆ ଆବର୍ଜନା। ବର୍ଷାରେ ଏହି ଆବର୍ଜନାର ପାଣି ଭୂତଳକୁ ଯାଇ ମଧୁର ଜଳକୁ ପ୍ରଦୂଷିତ କରୁଛି। ସେହିପରି ଏଥିରୁ ବାହାରୁଥିବା ଦୁର୍ଗନ୍ଧରେ ଲୋକେ ଅତିଷ୍ଠ ହୋଇପଡୁଛନ୍ତି। ସହରର ଏକ ପ୍ରମୁଖ ରାସ୍ତା (ଆଇଟିଆଇରୁ ପେଣ୍ଠକଟା) କଡ଼ ତଥା ପ୍ରସ୍ତାବିତ ଶ୍ରୀଜଗନ୍ନାଥ ଷ୍ଟାଡିୟମ୍ ପରିସରରେ ପୌରସଂସ୍ଥା ଆବର୍ଜନାର ପାହାଡ ସୃଷ୍ଟି କରିଥିବାରୁ ସ୍ଥାନୀୟ ଲୋକଙ୍କଠାରୁ ଆରମ୍ଭ କରି ପର୍ଯ୍ୟଟକ ନାକ ଟେକୁଛନ୍ତି। ସେହି ରାସ୍ତା ଦେଇ ଯା' ଆସ କରିବାକୁ କେହି ଇଚ୍ଛା କରୁନାହାନ୍ତି।

ବାତ୍ୟା ପରେ ପୁରୀ ସହରରୁ ଦୈନିକ ପୂର୍ବାପେକ୍ଷା ୧୦ଗୁଣା ଅଧିକ ଆବର୍ଜନା ବାହାରିଥିଲା। ତେବେ ଏହାକୁ ଜନବସତିଠାରୁ ଦୂର କିମ୍ବା ସହର ବାହାରେ ଡମ୍ପିଂ କରିବା ବଦଳରେ ପୌରସଂସ୍ଥା ପ୍ରସ୍ତାବିତ ଷ୍ଟାଡିୟମ୍ ପରିସରରେ ଗଦା କରିଥିଲା। ଧୀରେ ଧୀରେ ଆବର୍ଜନା ଜମା ହୋଇ ଛୋଟ ପାହାଡ଼ର ଭ୍ରମ ସୃଷ୍ଟି ହେଉଛି। ସବୁଠୁ ଉଦ୍‌ବେଗର ବିଷୟ ହେଉଛି ପ୍ରମୁଖ ରାସ୍ତା (ଆଇଟିଆଇରୁ ପେଣ୍ଠକଟା) ତଥା ମଧୁର ଜଳ ସଂରକ୍ଷିତ ଅଞ୍ଚଳ କଡ଼ରେ ଏହି ଆବର୍ଜନା ଜମା କରାଯାଇଛି। ତାଳବଣିଆ ହେଲିପ୍ୟାଡ୍, ଆଇଟିଆଇ କଲେଜ, ଇନ୍‌କମ୍ ଟ୍ୟାକ୍ସ ଅଫିସ, ସଂସ୍କୃତ ବିଶ୍ୱବିଦ୍ୟାଳୟ, ବିଏମ୍ ଲ' କଲେଜ ଆଦିକୁ ଏହି ରାସ୍ତା ଦେଇ ଲୋକେ ଯାତାୟାତ କରୁଥିବାବେଳେ ଆବର୍ଜନାର ଗନ୍ଧ ସମସ୍ତଙ୍କୁ ଅତିଷ୍ଠ କରିଦେଉଛି। ବର୍ତ୍ତମାନ ବର୍ଷାଦିନ ଚାଲିଛି। ବର୍ଷାରେ ଏହି ଅଳିଆ ଆବର୍ଜନାର ପାଣି ଭୂତଳକୁ ଯାଇ ମଧୁର ଜଳକୁ ପ୍ରଦୂଷଣ କରୁଥିବ ଏଥିରେ ସନ୍ଦେହ ନାହିଁ ବୋଲି କହିଛନ୍ତି ସ୍ଥାନୀୟ ବାସିନ୍ଦା। ଏହାକୁ ତୁରନ୍ତ ଏଠାରୁ ଉଠାଇ ନିଆଯିବା ଦରକାର। ନଚେତ ଲୋକେ ବିଭିନ୍ନ ପ୍ରକାର ରୋଗର ଶିକାର ହେବେ ବୋଲି ସେମାନେ ମତବ୍ୟକ୍ତ କରିଛନ୍ତି।

ପେଣ୍ଠକଟା ଅଞ୍ଚଳର ରାଜେଶ କୁମାର ନନ୍ଦ ଏହାକୁ ନେଇ ଉଦ୍‌ବେଗ ପ୍ରକାଶ କରିଛନ୍ତି। ବାତ୍ୟା ପରେ ଯଦି ଅଧିକ ଅଳିଆ ଆବର୍ଜନା ବାହାରିଲା ତେବେ ପୌରସଂସ୍ଥା ଚାହିଁଥିଲେ ସହର ବାହାରର କୌଣସି ଏକ ଖୋଲା ଜାଗାରେ ଏହାକୁ ପକାଇ ପାରିଥାନ୍ତା। ଆବର୍ଜନା ଯୋଗୁ ଆଇଟିଆଇରୁ ପେଣ୍ଠକଟା ରାସ୍ତାରେ ଯିବାବେଳେ ଦୁର୍ଗନ୍ଧରେ ନାକ ଫାଟି ପଡୁଛି। ସବୁଠୁ ଉଦ୍‌ବେଗର ବିଷୟ ହେଉଛି ମଧୁର ଜଳ ସଂରକ୍ଷିତ ଅଞ୍ଚଳ କଡ଼ରେ ଏହା ଜମା ହୋଇଛି । ଫଳରେ ବର୍ଷାରେ ଏହାର ପାଣି ଭୂତଳକୁ ଯାଉଛି। ତେଣୁ ପୌରସଂସ୍ଥା ଏଥିପ୍ରତି ଗୁରୁତ୍ୱ ଦେବା ଦରକାର। ସମାନ ପ୍ରକାର କଥା କହିଛନ୍ତି ପେଣ୍ଠକଟାର ପ୍ରିୟବ୍ରତ ମିଶ୍ର। ବାତ୍ୟା ପରେ ଯେତେବେଳେ ଅଳିଆ ଆଣି ଜମା କରାଗଲା ସେତେବେଳେ ୨/୩ ଥର ନିଆଁ ଲାଗି ପ୍ରବଳ ଧୂଆଁ ହୋଇଥିଲା। ଏବେ ବର୍ଷା ଯୋଗୁ ଏଥିରୁ ପ୍ରବଳ ଦୁର୍ଗନ୍ଧ ହେଉଥିବାବେଳେ ମଶା, ମାଛିଙ୍କ ପ୍ରାଦୁର୍ଭାବ ବଢ଼ିଛି। ମଧୁର ଜଳ ସଂରକ୍ଷିତ ଅଞ୍ଚଳ ଜଳକୁ ଏହା ନିଶ୍ଚିତ ପ୍ରଦୂଷିତ କରୁଥିବ। ସେହିପରି ପ୍ରସ୍ତାବିତ ଷ୍ଟାଡିୟମକୁ ଡମ୍ପିଂୟାର୍ଡ ଭଳି ବ୍ୟବହାର କରାଯିବା ଠିକ୍ ନୁହେଁ ବୋଲି ମିଶ୍ର ମତ ପ୍ରକାଶ କରିଛନ୍ତି।

ଏ ସମ୍ପର୍କରେ ସ୍ଥାନୀୟ ବିଧାୟକ ତଥା ପୌରସଂସ୍ଥାର ପୂର୍ବତନ ନଗରପାଳ ଜୟନ୍ତ ଷଡ଼ଙ୍ଗୀଙ୍କୁ ପଚାରିବାରେ କହିଛନ୍ତି, ନିଶ୍ଚିତ ଏହା ଏକ ଉଦ୍‌ବେଗଜନକ ବିଷୟ। ରଥଯାତ୍ରା ପୂର୍ବରୁ ଏ ନେଇ ଜିଲାପାଳଙ୍କ ସହ ଆଲୋଚନା କରିଥିଲି। ଷ୍ଟାଡିୟମ୍ ପରିସରରୁ ଆବର୍ଜନା ଉଠାଇ ବାହାରେ କେଉଁଠି ଖାଲ ଜାଗାକୁ ପୋତିଦେବାକୁ କହିଥିଲି। ଜିଲାପାଳ ମଧ ଏଥିରେ ସହମତି ପ୍ରକାଶ କରିଥିଲେ। କିନ୍ତୁ ଏ ପର୍ଯ୍ୟନ୍ତ ସଫା କରଯାଇନାହିଁ। ଏ ନେଇ ପୁନଶ୍ଚ ତାଙ୍କର ଦୃଷ୍ଟି ଆକର୍ଷଣ କରିବି। ଅନ୍ୟପକ୍ଷରେ ପୁରୀ ପୌରସଂସ୍ଥା କାର୍ଯ୍ୟନିର୍ବାହୀ ଅଧିକାରୀ ବିଜୟ କୁମାର ଦାଶ କହିଛନ୍ତି, ବାତ୍ୟା ପରେ ସହରରୁ ପୂର୍ବାପେକ୍ଷା ଦୈନିକ ୧୦ଗୁଣରୁ ଅଧିକ ଆବର୍ଜନା ବାହାରିଥିଲା। ସହର ବାହାରେ ପୌରସଂସ୍ଥାର ଏମିତି କୌଣସି ଖୋଲା ବଡ ଜାଗା ବି ନ ଥିଲା। ତେଣୁ ସମ୍ପୃକ୍ତ ସ୍ଥାନରେ ଆବର୍ଜନା ପକାଯାଇଥିଲା। ଏହାକୁ କମ୍ପୋଷ୍ଟ କରିବା ଲାଗି ଯୋଜନା ଚାଲିଛି। ଖୁବ୍‌ଶୀଘ୍ର ପ୍ରସ୍ତାବିତ ଷ୍ଟାଡିୟମ୍ ପରିସର ସଫେଇ କରାଯିବ ବୋଲି ଦାଶ ପ୍ରକାଶ କରିଛନ୍ତି।



ଘରୁ ଡକାୟତି ପରେ ଜିନିଷପତ୍ର ଏଣେତେଣେ ପଡିରହିଛି।

■ ସାକ୍ଷୀଗୋପାଳରେ ୨ଘରୁ ଡକାୟତି

## ହାତଗୋଡ ବାନ୍ଧି ଲୁଟିନେଲେ ଟଙ୍କା, ସୁନା

**ସାକ୍ଷୀଗୋପାଳ, ୩।୮(ଡି.ଏନ୍.ଏ.)**

ସାକ୍ଷୀଗୋପାଳ ରେଳଷ୍ଟେଶନ ନିକଟରେ ଶୁକ୍ରବାର ବିଳମ୍ବିତ ରାତ୍ରିରେ ଏକ ଦୁଇଟି ପରିବାରରୁ ଲୁଟେରାମାନେ ବିପୁଳ ପରିମାଣର ସମ୍ପତ୍ତି ଲୁଟ୍ କରିନେଇଛନ୍ତି। ଲୁଟେରାମାନେ ଯାଦବ ନିବାସରେ ୧୦ଜଣ ଡକାୟତ ପଶି ୭ଜଣ ପରିବାର ସଦସ୍ୟଙ୍କ ମୁଣ୍ଡରେ ପିସ୍ତଲ ଲଗାଇ ହାତଗୋଡ ବାନ୍ଧି ସେମାନଙ୍କୁ ମାରପିଟ୍ କରି ଲକ୍ଷାଧିକ ଟଙ୍କା, ସୁନା ଗହଣା ଲୁଟ୍ କରିଛନ୍ତି। ମାତ୍ର ୪୦ ମିନିଟ୍ ଭିତରେ ସେମାନେ ଅବସରପ୍ରାପ୍ତ ଦୁଇ କର୍ମଚାରୀଙ୍କୁ ସର୍ବଶାନ୍ତ କରିଦେଇ ଘଟଣାସ୍ଥଳରୁ ଖସି ପଳାଇ ଯାଇଥିଲେ। ଖବରପାଇ ରାତି ୩ଟାରେ ସତ୍ୟବାଦୀ ଥାନା ଆଇଆଇସି ତପନ କୁମାର ରାଉତ ଓ ପୋଲିସ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ଆଖପାଖ ଅଞ୍ଚଳରେ ଚଢ଼ାଉ କରିଥିଲେ। ଦୁଇ ପରିବାର ପକ୍ଷରୁ ସତ୍ୟବାଦୀ ଥାନାରେ ଲିଖିତ ଅଭିଯୋଗ କରାଯାଇଛି। ଏନେଇ ସତ୍ୟବାଦୀ ଥାନା କେସ୍ ନଂ ୧୩୦/୧୯ରେ ଏକ ମାମଲା ରୁଜୁ କରାଯାଇଛି। ତଦନ୍ତକାରୀ ଅଧିକାରୀ ରବିନ୍ଦ୍ର ନାଥ ନନ୍ଦ ସାଇଣ୍ଟିଫିକ୍ ଟିମ୍ ସହ ଘଟଣାସ୍ଥଳକୁ ଯାଇ ତଦନ୍ତ ଆରମ୍ଭ କରିଛନ୍ତି। ସାକ୍ଷୀଗୋପାଳ ଷ୍ଟେଶନ ନିକଟରେ ଅବସରପ୍ରାପ୍ତ ବ୍ୟାଙ୍କ କର୍ମଚାରୀ ଯାଦବ ନାୟକ ତାଙ୍କ ପରିବାର ସହ ଉପର ମହଲାରେ ରହୁଥିବାବେଳେ ଅନ୍ୟଜଣେ ଅବସରପ୍ରାପ୍ତ କର୍ମଚାରୀ ଗଦାଧର ରଥ ସ୍ତ୍ରୀ କଲ୍ୟାଣୀଙ୍କ ସହ ତଳେ ଭଡାରେ ରୁହନ୍ତି। ଡକାୟତମାନେ ମୁଖ୍ୟ ଫାଟକ ତାଲା ଭାଙ୍ଗି ଗୋଟିଏ ଝରକା ଗ୍ରୀଲ ତାଡି ଗଦାଧରଙ୍କ କୋଠରୀକୁ ପଶିଥିଲେ। ଗଦାଧର ଓ କଲ୍ୟାଣୀଙ୍କୁ ଖଟ ଉପରେ ବାନ୍ଧିଦେଇ ସେମାନଙ୍କ ଠାରୁ ଆଲମିରା ଚାବି ନେଇ ୪୦ ହଜାର ଟଙ୍କା, ୪ ଭରି ଓଜନର ସୁନା ଗହଣା ଲୁଟି ନେଇଥିଲେ। ଏହା ସହ ଆଲମିରା, ଫ୍ରିଜ୍, ରୋଷେଇଘର, ଟେବୁଲ ଡ୍ରରୁ ଜିନଷ ପତ୍ର ବାହାର କରି ପକାଇ ଦେଇଥିଲେ। ପରେ ଡକାୟତ ଦଳ ଉପର ମହଲାରେ ଯାଦବ ନାୟକ, ତାଙ୍କ ସ୍ତ୍ରୀ ମୀନା ଦେବୀ, ଦୁଇଝିଅ ଗୀତାଞ୍ଜଳୀ, ପୁଷ୍ପାଞ୍ଜଳୀ ଓ ନାତି ସୌମ୍ୟରଞ୍ଜନଙ୍କ ମୁଣ୍ଡରେ ପିସ୍ତଲ ଲଗାଇ ସେମାନଙ୍କୁ ଗୋଟିଏ ଘରେ ବାନ୍ଧି ବନ୍ଦ କରିଦେଇଥିଲେ। ଝିଅ ଓ ସ୍ତ୍ରୀ ପିନ୍ଧିଥିବା ସୁନା ଅଳଙ୍କାର ଛଡାଇ ନେଇଥିଲେ। ନଗଦ ଏକ ଲକ୍ଷ ଟଙ୍କା, ୧୦ ଭରି ସୁନା ଅଳଙ୍କାର, ରୂପା ଗହଣା, ୩ ଟି ମୋବାଇଲ ଓ ୪ ଟି ହାତ ଘଣ୍ଟା ଆଦି ଲୁଟି ନେଇଥିବା ପୋଲିସ ନିକଟରେ ଅଭିଯୋଗରେ ଉଲ୍ଲେଖ କରାଯାଇଛି।

## ଜୁଆର ଭସାଇନେଲା ବ୍ୟବସାୟୀଙ୍କ ପସରା



ଜୁଆର ଯୋଗୁ ସମୁଦ୍ରରେ ଏକ ଉଠା ଦୋକାନ ଭାସି ଯାଉଛି।

**ପୁରୀ ଅଫିସ, ୩।୮**

**ଅଶାନ୍ତ ପୁରୀ ସମୁଦ୍ର**

ଗତ ଦୁଇଦିନ ହେଲା ପୁରୀ ସମୁଦ୍ର ଅଶାନ୍ତ ହୋଇପଡ଼ିଛି। ବାଲି ଅତଡ଼ା ଧସି ସମୁଦ୍ରରେ ମିଶୁଛି। ଉଚ୍ଚ ଜୁଆର ଆସି କୂଳ ଖାଉଥିବାରୁ ଉଠାଦୋକାନୀ ଭୟଭୀତ ହୋଇପଡ଼ିଛନ୍ତି। ସେମାନଙ୍କ ଜୀବିକା ପ୍ରତି ସଙ୍କଟ ସୃଷ୍ଟି ହୋଇଛି । ଶୁକ୍ରବାର କେତେଜଣ ଉଠାଦୋକାନୀଙ୍କ ପସରାକୁ ଜୁଆର ଭସାଇ ନେଇଥିବାବେଳେ ଶନିବାର ମଧ ଏହାର ପୁନରାବୃତ୍ତି ଘଟିଛି। ସକାଳ ପ୍ରାୟ ସାଢେ ୮ଟାରେ ସ୍ୱର୍ଗଦ୍ୱାରଠୁ ଚୈତନ୍ୟ ଛକ ମଝିରେ ବସିଥିବା ଜଣେ ଉଠାଦୋକାନୀଙ୍କ ପସରାକୁ ଜୁଆର ଭସାଇ ନେଇଥିଲା। ଏହା ଦେଖି ଅନ୍ୟମାନେ ତାଙ୍କ ଉଠାଦୋକାନକୁ ରାସ୍ତା ପାର୍ଶ୍ୱକୁ ନେଇ ଆସିଥିଲେ। କିଛିଦିନ ଧରି ସମୁଦ୍ର ଏଭଳି କୂଳ ଲଂଘୁଥିବାରୁ ବେଳାଭୂମିରେ ବ୍ୟବସାୟ କରୁଥିବା ଉଠାଦୋକାନୀ ଚିନ୍ତାରେ ପଡ଼ିଛନ୍ତି। ଅନ୍ୟପକ୍ଷରେ ସମୁଦ୍ରର ଏଭଳି ସ୍ଥିତି ଦେଖି ଅଗ୍ନିଶମ ବିଭାଗ ପକ୍ଷରୁ ପର୍ଯ୍ୟଟକଙ୍କୁ ସତର୍କ କରି ଦିଆଯାଇଛି। ଚୈତନ୍ୟ ଛକରୁ ହୋଟେଲ କ୍ୟାମେଲିଆ ପର୍ଯ୍ୟନ୍ତ ବେଳାଭୂମିରେ ରେଡ୍ ଫ୍ଲାଗ ମରାଯାଇଛି ବୋଲି ଅଗ୍ନିଶମ କେନ୍ଦ୍ରାଧିକାରୀ ଧନଞ୍ଜୟ ମଲ୍ଲିକ କହିଛନ୍ତି। ସମୁଦ୍ରରେ ବଡ଼ ଜୁଆର ଆସୁଥିବାରୁ ସ୍ନାନ ନ କରିବା ଲାଗି ପର୍ଯ୍ୟଟକଙ୍କୁ ସତର୍କ କରାଯାଇଛି। ଅନ୍ୟପକ୍ଷରେ ସମୁଦ୍ର କୂଳ ଖାଇବା ଏକ ସ୍ୱାଭାବିକ ଘଟଣା। ସମୁଦ୍ର ଅଶାନ୍ତ ରହିଲେ ବଡ଼ ଜୁଆର ହୁଏ, ଏହା କୂଳରେ ମାଡ଼ ହୋଇ ବାଲି ଖାଇଯାଏ ବୋଲି କେହି କେହି କହୁଛନ୍ତି।

ଡକାୟତି ଉଦ୍ୟମ

## ଶାବଳ ମାଡ଼ରେ ଗୃହକର୍ତ୍ତା ଗୁରୁତର

**ନିମାପଡ଼ା,୩।୮(ଡି.ଏନ୍.ଏ.)**

ନିମାପଡ଼ା ଥାନା ଅନ୍ତର୍ଗତ ଭାଟବନ୍ଧ ଗ୍ରାମରେ ଶୁକ୍ରବାର ରାତିରେ ଡକାୟତି ଯୋଜନା ବିଫଳ ହୋଇଛି। ୪ଡକାୟତଙ୍କ ଶାବଳ ମାଡ଼ରେ ଗୃହକର୍ତ୍ତା ପ୍ରଦୀପ୍ତ ପରିଡ଼ା ଗୁରୁତର ହୋଇଛନ୍ତି। ଚିକିତ୍ସା ପାଇଁ ତାଙ୍କୁ ନିମାପଡ଼ା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଶନିବାର ପ୍ରଦୀପ୍ତଙ୍କ ଅଭିଯୋଗକ୍ରମେ ପୋଲିସ ମାମଲା(ନଂ. ୧୯୫/୧୯)ରୁଜୁ କରି ତଦନ୍ତ ଚଳାଇଛି। ଶୁକ୍ରବାର ରାତିରେ ୪ ଡକାୟତ ପ୍ରଦୀପ୍ତଙ୍କ ଘର କବାଟକୁ ଏକ ଶାବଳରେ ତାଡୁଥିଲେ। ହଠାତ୍ ଶବ୍ଦ ଶୁଣି ପ୍ରଦୀପ୍ତ ଆସିବାରୁ ଡକାୟତମାନେ ତାଙ୍କୁ ଶାବଳରେ ଆକ୍ରମଣ କରିଥିଲେ। ଏହା ସହ ତାଙ୍କ କାନରେ ବନ୍ଧୁକ ଲଗାଇ କବାଟ ଖୋଲିବାକୁ କହିଥିଲେ। ଏହାକୁ ପ୍ରଦୀପ୍ତ ବିରୋଧ କରି ପାଟିକରିବାରୁ ଘର ବାରଣ୍ଡାରେ ଥିବା ବାଇକ୍‌କୁ ନେଇ ପଳାଇଥିଲେ। ଡକାୟତମାନେ ନେଇଥିବା ବାଇକ୍‌କୁ ବାଳକାଟି ଅଞ୍ଚଳର ଏକ କେନାଲ ବନ୍ଧରେ ପକାଇ ପଳାଇଥିଲେ। ବାଲିପାଟଣା ପୋଲିସ ଉକ୍ତ ବାଇକ୍‌କୁ ଜବତ କରି ନିମାପଡ଼ା ଥାନା ପୋଲିସ ସୂତ୍ରରୁ ଜଣାପଡିଛି।

## ମହାପ୍ରଭୁଙ୍କୁ ଦର୍ଶନ କଲେ ଲାବଣ୍ୟା





ଶ୍ରୀମନ୍ଦିରରେ ଶ୍ରୀଜୀଉଙ୍କ ଦର୍ଶନ ସାରି ସମ୍ପର୍କୀୟଙ୍କ ସହ ଫେରୁଛନ୍ତି ଲାବଣ୍ୟା ଦାସ।

**ପୁରୀ ଅଫିସ, ୩।୮**

ସର୍ବଭାରତୀୟ ସ୍ତରରେ ଅନୁଷ୍ଠିତ ଟିନ୍ ଡିଭା ଇଣ୍ଡିଆ ଇଣ୍ଟରନ୍ୟାଶନାଲ ୨୦୧୯ ମୁକୁଟ ବିଜୟିନୀ ଲାବଣ୍ୟା ଦାସ ଶନିବାର ଶ୍ରୀକ୍ଷେତ୍ରକୁ ଆସି ମହାପ୍ରଭୁଙ୍କ ଦର୍ଶନ କରିଛନ୍ତି। ନିଜ ଦକ୍ଷତା ଓ ପ୍ରତିଭା ବଳରେ ସମସ୍ତ ପ୍ରତିଯୋଗୀଙ୍କୁ ପଛରେ ପକାଇ ବିଜୟ ହାସଲ କରିଥିବା ଲାବଣ୍ୟା ମହାପ୍ରଭୁଙ୍କ ଦର୍ଶନ କରି ଭାବ ବିହ୍ୱଳ ହୋଇପଡ଼ିଥିଲେ। ମହାପ୍ରଭୁଙ୍କ ଦର୍ଶନ ସାରି ଫେରିବା ବେଳେ ସିଂହଦ୍ୱାର ନିକଟରେ ଗଣମାଧ୍ୟମକୁ ଲାବଣ୍ୟା କହିଲେ ଯେ, ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦ ଏବଂ କୋଟି ଓଡ଼ିଆଙ୍କ ପ୍ରେରଣାରୁ ଏହି ପ୍ରତିଯୋଗିତାରେ ବିଜୟ ହାସଲ କରିଛି। ମୋର ଏହି ବିଜୟ ଓଡ଼ିଶାବାସୀଙ୍କର। ମହାପ୍ରଭୁଙ୍କ ଆଶୀର୍ବାଦ ଏବଂ ଓଡ଼ିଶାବାସୀଙ୍କ ସ୍ନେହ ଓ ଶ୍ରଦ୍ଧା ରହିଲେ, ଆଗାମୀ ଦିନରେ ଅନ୍ତର୍ଜାତୀୟ ସ୍ତରରେ ଅନୁଷ୍ଠିତ ହେବାକୁ ଥିବା ପ୍ରତିଯୋଗିତାରେ ବିଜୟ ଲାଭ କରିବି। ସେ ଓଡ଼ିଶାର କଳା,ସଂସ୍କୃତି ଓ ଐତିହ୍ୟ ପରମ୍ପରା ସମ୍ପର୍କରେ ତଥ୍ୟ ଉପସ୍ଥାପନ କରି ଜଜ୍‌ମାନଙ୍କ ମନ ଜିଣିଥିଲେ। ଭବିଷ୍ୟତରେ ଜଣେ ଆଇଏଏସ୍ ହେବାକୁ ଲକ୍ଷ୍ୟ ରଖିଥିବା ଲାବଣ୍ୟା ଲୋକଙ୍କ ସେବା କରିବେ ବୋଲି କହିଛନ୍ତି। ପୂର୍ବରୁ ସେ ଥାଇଲାଣ୍ଡରେ ଅନୁଷ୍ଠିତ ପ୍ରିନ୍ସ ଆଣ୍ଡ ପ୍ରିନ୍ସେସ ଇଣ୍ଟରନ୍ୟାଶନାଲ ପୁରସ୍କାର ପାଇଥିଲେ।

■ ଯୌତୁକ ପାଇଁ ସ୍ତ୍ରୀଙ୍କୁ ହତ୍ୟା ମାମଲା

## ସ୍ୱାମୀଙ୍କୁ ୧୦ବର୍ଷ ଜେଲ ଦଣ୍ଡାଦେଶ

**ଶାଶୁ, ଶ୍ୱଶୁର ଓ ନଣନ୍ଦ ନିର୍ଦ୍ଦୋଷ**

**ଭୁବନେଶ୍ୱର, ୩।୮(ବ୍ୟୁରୋ)**

ଯୌତୁକ ପାଇଁ ସ୍ତ୍ରୀକୁ ହତ୍ୟା କରିବା ମାମଲାରେ ଭୁବନେଶ୍ୱର ଅତିରିକ୍ତ ଜିଲା ଦୌରାଜଜ୍ ତାଙ୍କ ରାୟ ପ୍ରକାଶ କରିଛନ୍ତି। ହତ୍ୟାକାରୀ ସ୍ୱାମୀ ଡମ୍ବୁରଧର ସିଂଙ୍କୁ ୧୦ ବର୍ଷ ଜେଲ୍ ଦଣ୍ଡ ସହ ୧୦ ହଜାର ଟଙ୍କା ଜରିମାନା ଶୁଣାଇଛନ୍ତି। ଜରିମାନା ଅନାଦାୟ ହେଲେ ୩ ମାସ ଅଧିକ ଜେଲ୍ ଭୋଗିବାକୁ ପଡ଼ିବ। ତେବେ ଏହି ମାମଲାରେ କୋର୍ଟ ମୃତା ମହିଳାଙ୍କ ଶ୍ୱଶୁର ଲୋକନାଥ ସିଂ, ଶାଶୁ ବାସନ୍ତି ସିଂ ଓ ନଣନ୍ଦ ରାଧାରାଣୀ ସିଂଙ୍କୁ ନିର୍ଦ୍ଦୋଶରେ ଖଲାସ କରିଛନ୍ତି। ୨୩ ଜଣ ସାକ୍ଷୀ ଓ ୧୩ ଡକ୍ୟୁମେଣ୍ଟ ଆଧାରରେ ବିଚାରପତି ଅରୁଣ କୁମାର ମଲ୍ଲିକ ଏହି ଦଣ୍ଡାଦେଶ ଦେଇଛନ୍ତି।

ସୂଚନା ଅନୁଯାୟୀ, ପୁରୀ ଜିଲା ଗୋପ ଏରବଙ୍ଗ ଅଞ୍ଚଳର ବୀଣାପାଣି ଜେନା ୨୦୧୩ ମେ ୭ରେ ବୈଦିକ ରୀତିରେ ଖଣ୍ଡଗିରି ଥାନା ଘାଟିକିଆ ଅଞ୍ଚଳର ଡମ୍ବୁରଧର ସିଂଙ୍କୁ ବିବାହ କରିଥିଲେ। ବିବାହର ୩ ମାସଠାରୁ ଶାଶୁଘର ଲୋକେ ବୀଣାପାଣିଙ୍କୁ ଶାରୀରିକ ନିର୍ଯାତନା ଦେଉଥିଲେ। ନିର୍ଯାତନା ଦିଆଯାଉଥିଲା। ୨୦୧୩ ଅଗଷ୍ଟ ୨୩ରେ ବୀଣାପାଣିଙ୍କ ଝୁଲନ୍ତା ମୃତଦେହ ଘର ପରିସର ଏକ ଗଛରୁ ମିଳିଥିଲା। ତେବେ ଝିଅକୁ ମାରି ଦିଆଯାଇ ଟାଙ୍ଗି ଦିଆଯାଇଥିବା ନେଇ ତାଙ୍କ ବାପା ମହିଳା ଥାନାରେ ଯୌତୁକଜନିତ ହତ୍ୟା ଅଭିଯୋଗ କରିଥିଲେ। ପୋଲିସ କେସ୍ ନଂ-୨୨୫/୧୩, ଦଫା ୪୯୮(ଏ), ୩୦୨, ୩୦୪(ବି), ୩୪ ଓ ୪ ଡିପି ଆକ୍ଟ ଲଗାଇ ସ୍ୱାମୀ , ଶ୍ୱଶୁର, ଶାଶୁ ଓ ନଣନ୍ଦଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ପରବର୍ତ୍ତୀ ସମୟରେ ମୃତା ବୀଣାପାଣିଙ୍କ ପରିବାର ଲୋକେ କୋର୍ଟଙ୍କ ନିକଟରେ ଯୌତୁକ ନିର୍ଯାତନାକୁ ଅସ୍ୱୀକାର କରିଥିଲେ। ତେଣୁ କୋର୍ଟ କେବଳ ୩୦୪(ବି) ଦଫାରେ ଅଭିଯୁକ୍ତ ସ୍ୱାମୀ ଡମ୍ବୁରଧରଙ୍କୁ ଦଣ୍ଡାଦେଶ ଶୁଣାଇ ଅନ୍ୟମାନଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ସରକାରୀ ପିପି ପ୍ରଦୀପ୍ତ କୁମାର ମିଶ୍ର, ମନୋଜ ଦାଶ ଓ ସରୋଜ କୁମାର ଦାଶ ମାମଲା ପରିଚାଳନା କରୁଥିଲେ।

# କାଦୁଆ ଆଶ୍ରମ ଏବେ ଜରାଜୀର୍ଣ୍ଣ

ଦିନ ଥିଲା ଏଠି ଜୀବନକୁ ସଜାଡ଼ିବାର ଶିକ୍ଷା ଦିଆଯାଉଥିଲା। ଆଦର୍ଶବାଦର ଶିକ୍ଷା ଜଣେ ଭଲ ମଣିଷ ହେବା ପାଇଁ ବାଟ କଢାଇ ଦେଉଥିଲା। ପୁଣି ଅନେକ ଗରିବ, ବେସାହାରା ଓ ଅସହାୟ ଏଠାରେ ରାହା ପାଉଥିଲେ। କୁଟି ଖାଅ କାଟି ପିନ୍ଧର ସ୍ଲୋଗାନ ଭିତରେ ସମସ୍ତେ ନିଜକୁ ହଜାଇ ଦେଉଥିଲେ। ବିପଦ ସମୟରେ ସାହାଯ୍ୟ କଥା ଉଠିଲେ ସମସ୍ତଙ୍କର ମନେ ପଡ଼ିଯାଉଥିଲା ପୁଣ୍ୟାତ୍ମା ପଣ୍ଡିତ ଗୋପବନ୍ଧୁ ଦାସଙ୍କ ସ୍ଥାପିତ କାଦୁଆ ଆଶ୍ରମ କଥା। ହେଲେ ଆଜି ଉଜୁଡ଼ିଯାଇଛି କାଦୁଆ ଆଶ୍ରମ। କେଇ ବଖରା ଭଙ୍ଗାଦଦରା ଘର କେବଳ ଠିଆ ହୋଇଛି ସିନା, ଆଜି ଖାଁ ଖାଁ ଆଶ୍ରମ ପରିସର।





ଆଶ୍ରମ ପରିସରରେ ଭାଙ୍ଗିରୁଜି ଯାଇଥିବା ଘର।

**ପୁରୀ ଅଫିସ/ସାକ୍ଷୀଗୋପାଳ, ୩।୮ (ଡି.ଏନ.ଏ.)**

ସାକ୍ଷୀଗୋପାଳ ନିକଟ ପୁରୀ-ଭୁବନେଶ୍ୱର ଜାତୀୟ ରାଜପଥ ପାର୍ଶ୍ୱରେ ଅବସ୍ଥିତ କାଦୁଆ ଗାଁ। ଏହି ଗାଁରେ ୧୯୨୫ ମସିହାରେ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ ତିଆରି କରିଥିଲେ ଦରିଦ୍ର ନାରାୟଣ ସେବା ସଂଘ। ଲୋକମୁଖରେ ଏହା କାଦୁଆ ଆଶ୍ରମ ଭାବେ ପରିଚିତ। ଗୋପବନ୍ଧୁଙ୍କ ସେବାର ସନ୍ତକ ଭାବେ ସ୍ମୃତି ବହନ କରୁଥିବା ଏହି ଆଶ୍ରମରେ ଗରିବ ଏବଂ ଅସହାୟ ଲୋକଙ୍କୁ କାମ ଧନ୍ଦା ଯୋଗାଇ ଦିଆଯାଉଥିଲା। ସୂତା କାଟିବା, ତନ୍ତରେ ଖଦି ବସ୍ତ୍ର ତିଆରି କରିବା, ବସ୍ତ୍ରରେ ରଙ୍ଗ ଦେବା, ମହୁ ଓ ଏଣ୍ଡିପୋକ ଚାଷ, ଘଣାରେ ତେଲ ପେଡ଼ିବା ଆଦି କାମ କରୁଥିଲେ ଅନେକ ଲୋକ। ଏଥିସହ ପ୍ରାକୃତିକ ବିପତ୍ତି ଯେପରି କି ବନ୍ୟା, ବାତ୍ୟା, ଘରପୋଡ଼ି ସମୟରେ ଗୋପବନ୍ଧୁଙ୍କ ପ୍ରେରଣାରେ ବିପନ୍ନଙ୍କୁ ସେବା ମଧ ଯୋଗାଇ ଦେଉଥିଲେ। ଏହାବ୍ୟତୀତ ଏହି ଆଶ୍ରମ ପରିସରରେ ସାକ୍ଷରତା କାର୍ଯ୍ୟକ୍ରମ ଚାଲିଥିଲା। ସମାଜ ବିକାଶରେ ଏହି ଆଶ୍ରମର ଅବଦାନ ବେଶ୍ ଗୁରୁତ୍ୱପୂର୍ଣ୍ଣ ରହିଥିଲା। ଘରେ ଘରେ ଖଦିର ପ୍ରସାର, ସୂତା କାଟି ବସ୍ତ୍ର ତିଆରି କରିବା, ସମାଜରୁ କୁସଂସ୍କାର ଓ ଅନ୍ଧବିଶ୍ୱାସ ଦୂର କରିବା, କୁଟି ଖାଅ କାଟି ପିନ୍ଧର ବାର୍ତ୍ତା ଘରେ ଘରେ ପହଞ୍ଚାଇବାର ମାଧ୍ୟମ ପାଲଟିଥିଲା ଏହି ଆଶ୍ରମ। ବିଭିନ୍ନ ସଭା ସମାବେଶ ଏବଂ ପୂଜ୍ୟପୂଜା, ସେବାଶିବିର ଏଠାରେ ଆୟୋଜନ ହେଉଥିବାବେଳେ ଏକଦା ଜାତିର ଜନକ ମହାତ୍ମା ଗାନ୍ଧୀ ଏହି ଆଶ୍ରମରେ ପାଦ ଥାପି ଗୋଟିଏ ରାତି ବିତାଇଥିଲେ। ଗୋପବନ୍ଧୁଙ୍କ ଜନସେବାକୁ ସେ ଢେର ପ୍ରଶଂସା ମଧ କରିଥିଲେ। ଏଭଳି ଐତିହ୍ୟର ସ୍ମୃତି ବହନ କରୁଥିବା ଏହି ଆଶ୍ରମ ଆଜି ଖାଁ ଖାଁ । ୨୦/୨୫ ବର୍ଷ ହେବ ଏକପ୍ରକାର ନିସ୍ତବ୍ଧ ପାଲଟିଥିବା ଆଶ୍ରମ ବାତ୍ୟାରେ ସମ୍ପୂର୍ଣ୍ଣ ଭାବେ ଉଜୁଡ଼ି ଯାଇଛି। ଏହା ପରିସରରେ ଥିବା ଘରଗୁଡ଼ିକ ଭାଙ୍ଗି ଯାଇଥିବାବେଳେ ଏହାର ପୁନରୁଦ୍ଧାର ଦିଗରେ କେହି ନଜର ଦେଉନାହାନ୍ତି । ଫଳରେ ଏ ନେଇ ବୁଦ୍ଧିଜୀବୀମାନେ କ୍ଷୋଭ ପ୍ରକାଶ କରିଛନ୍ତି। ପୂଜ୍ୟପୂଜା ସଂସଦର ରାଜ୍ୟ ସଭାପତି କୃଷ୍ଣଚନ୍ଦ୍ର ଜଗଦ୍ଦେବ କହିଛନ୍ତି, ସ୍ୱଦେଶୀ ସ୍ୱାବଲମ୍ବନ ଏବଂ ସେବା ହିଁ ଏହି ଆଶ୍ରମର ମୂଳମନ୍ତ୍ର ଥିଲା। ହେଲେ ଐତିହ୍ୟକୁ ଜାବୁଡ଼ି ଧରିଥିବା ଏହି ଆଶ୍ରମ ଉପେକ୍ଷିତ ହୋଇପଡ଼ିଛି। ଏହାର ପୁନରୁଦ୍ଧାର ଜରୁରୀ ହୋଇପଡିଛି ବୋଲି ଜଗଦ୍ଦେବ ମତ ପ୍ରକାଶ କରିଛନ୍ତି।



“ ଯେଉଁ ଲୋକ ଭୟରୁ ମୁକ୍ତ ନ ହୋଇଛନ୍ତି, ତା'ର ସଦ୍‌ଗୁଣର କୌଣସି ମୂଲ୍ୟ ନାହିଁ।
-ଲାମାର୍ଟିନ



## ସଂକ୍ଷେପରେ

### ୨୨ଗ୍ରାମ୍ ବ୍ରାଉନସୁଗାର ଜବତ, ଅଭିଯୁକ୍ତ ଗିରଫ

**କଟକ ରୋଡ,୩।୮(ଡି.ଏନ୍.ଏ.):** କଟକ କେନ୍ଦ୍ରାଞ୍ଚଳ ଅବକାରୀ ଗୋଇନ୍ଦା ବିଭାଗ ଶନିବାର ଚନ୍ଦ୍ରଶେଖରପୁର ଥାନା ଅଞ୍ଚଳରେ ଚଢ଼ାଉ କରି ଜଣେ ବ୍ରାଉନସୁଗାର ବ୍ୟବସାୟୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ହେଲେ ମଞ୍ଚେଶ୍ୱର ଥାନା ଅଧୀନ ଇଞ୍ଜଣା ଅଞ୍ଚଳର ସାମନ୍ତ ଦାସ। ତାଙ୍କଠାରୁ ୨୨ଗ୍ରାମ୍ ବ୍ରାଉନସୁଗାର ସହ ଏକ ଆକ୍ଟିଭା ଜବତ ହୋଇଛି। ଜବତ ବ୍ରାଉନସୁଗାରର ମୂଲ୍ୟ ପ୍ରାୟ ୨ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ହେବ ବୋଲି ଗୋଇନ୍ଦା ବିଭାଗର ଜଣେ ଅଧିକାରୀ କହିଛନ୍ତି। ସୂଚନା ଅନୁଯାୟୀ, ଦୀର୍ଘଦିନ ହେବ ସାମନ୍ତ ପଟିଆ ଛକରେ ବ୍ରାନସୁଗାର ବିକ୍ରି କରୁଥିବା ନେଇ ଗୋଇନ୍ଦା ବିଭାଗ ପାଖରେ ସୂଚନା ରହିଥିଲା। ଏହି ଅଞ୍ଚଳରେ ଏକାଧିକ କଲେଜ ଥିବାରୁ କେତେଜଣ ଛାତ୍ରଙ୍କୁ ସାମନ୍ତ ଫୋନ କଲ ମାଧମରେ ବ୍ରାଉନସୁଗାର ପହଞ୍ଚାଉଥିଲେ। ପୂର୍ବାହ୍ନ ପ୍ରାୟ ୧୦ଟାରେ ଏକ ଟିମ୍ ଚଢ଼ାଉ କରି ଅଭିଯୁକ୍ତଙ୍କୁ ଧରିଥିଲା। ଏନେଇ ଅବକାରୀ କାର୍ଯ୍ୟାଳୟରେ ଏକ ମାମଲା (ନଂ. ୮୫/୨୦୧୯-୨୦୨୦) ରୁଜୁ ହୋଇଛି।

### ବେଆଇନ ଖଣି କାରବାର, ଆଉ ଜଣେ ଗିରଫ

**ଭୁବନେଶ୍ୱର,୩।୮(ବ୍ୟୁରୋ):** ବେଆଇନ ଖଣି କାରବାର ଅଭିଯୋଗରେ ବେଗୁନିଆ ଥାନା ଡଲକ ଗ୍ରାମର ବାଦଲ ବଡଜେନାଙ୍କୁ ଶନିବାର କ୍ରାଇମବ୍ରାଞ୍ଚ ଏସଟିଏଫ ଗିରଫ କରି କୋର୍ଟ ଚାଲାଣ କରିଛି। ତାଙ୍କୁ ଏସ୍‌ଟିଏଫ କେସ (ନଂ.୭/୧୯)ରେ ଗିରଫ କରିଥିବା କୁହାଯାଇଛି। ତାଙ୍କ ନାଁରେ ବେଆଇନଭାବେ ଖଣିରୁ ପଥର ଖନନ କରିବା ଅଭିଯୋଗ ରହିଛି। ମାରଣାସ୍ତ୍ର ରଖିବା, ଧମକ ଦେବା, ବଟି ଆଦାୟ କରିବା ଭଳି ଅଭିଯୋଗ ଏସଟିଏଫ ତଦନ୍ତ ବେଳେ ଜାଣିବାକୁ ପାଇଛି। ଗ୍ୟାଙ୍ଗଷ୍ଟାରଙ୍କ ଛତ୍ରଛାୟା ତଳେ ସେ ଏଭଳି ପଥର ଖନନ କରୁଥିବା ଜଣାପଡିଛି। ଏସଟିଏଫ ଖୋର୍ଦ୍ଧାରୁ ଖଣି ମାଫିଆଙ୍କୁ ଗିରଫ କରିବା ପରେ ବାଦଲ ଭୟରେ ଫେରାର ହୋଇଯାଇଥିଲା। ମୋବାଇଲ ଫୋନ ବ୍ୟବହାର ନ କରି ଜଙ୍ଗଲ ମଧରେ ପରିତ୍ୟକ୍ତଭାବେ ରହୁଥିଲେ। ଖବରପାଇ ଏସଟିଏଫ ଚଢ଼ାଉ କରି ବାଦଲଙ୍କୁ ଧରିଥିଲା।

### ଗଣ୍ଡଗୋଳ: ୨ ଗୁରୁତର

**ବାଲିପାଟଣା,୩।୮(ଡି.ଏନ୍.ଏ.):** ବାଲିପାଟଣା ଥାନା ଅନ୍ତର୍ଗତ ମକୁନ୍ଦାସପୁର ପଞ୍ଚାୟତର ଶେଉଳକୁଣ୍ଡ ଗ୍ରାମରେ ଦୁଇ ପରିବାର ମଧରେ ଗଣ୍ଡଗୋଳ ଘଟି ୨ଜଣ ଗୁରୁତର ହୋଇଛନ୍ତି। ସେମାନେ ହେଲେ ଶେଉଳକୁଣ୍ଡ ଗ୍ରାମର ମାଧବ ବେହେରା ଓ ନବୀନ ବେହେରା। ଉଭୟଙ୍କୁ ଚିକିତ୍ସା ପାଇଁ ବାଲିପାଟଣା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ମାଧବ ଓ ପୁଅ ନବୀନ ଜମି ହିଡ କଟି କରୁଥିଲେ। ସେଠାରେ ଭଇରିପୁର ଗ୍ରାମର ବୁଲା ଓଝା ଓ ତାଙ୍କ ପୁଅ ରାଜା ଓଝା, ରାକା ଓଝା ପହଞ୍ଚି ଏହାକୁ ବିରୋଧ କରିଥିଲେ। ଫଳରେ ଦୁଇ ପରିବାର ମଧରେ ବଚସା ହୋଇଥିଲା। ଏଥିରେ ଉତ୍‌କ୍ଷିପ୍ତ ହୋଇ ବୁଲାଙ୍କ ଦୁଇ ପୁଅ ମାଧବଙ୍କୁ କୋଦାଳରେ ଆକ୍ରମଣ କରିଥିଲେ। ଫଳରେ ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ମାଧବଙ୍କୁ ଉଦ୍ଧାର କରିବାକୁ ଯାଇ ପୁଅ ନବୀନ ମଧ ମାଡ଼ ଖାଇଥିଲେ। ଆଇଆଇସି ବଳରାମ ନାୟକ କୁହନ୍ତି, ଉଭୟ ପକ୍ଷରୁ ଥାନାରେ ଅଭିଯୋଗ ହୋଇଛି।

# ଦଳିତ ମହିଳାଙ୍କୁ ପୋଲିସ ଏସ୍‌ଆଇଙ୍କ ଅସଦାଚରଣ

- ଶୁଣିଲେନି ଥାନା ଅଧିକାରୀ ଓ ଡିସିପି
- କୋର୍ଟଙ୍କ ନିର୍ଦ୍ଦେଶ ପରେ ଏୟାର ଫିଲ୍ଡ ଥାନାରେ ରୁଜୁ ହେଲା ମାମଲା

ଭୁବନେଶ୍ୱର, ୩।୮(ବ୍ୟୁରୋ)

ସାଧାରଣ ଲୋକଙ୍କୁ ଉତ୍ତମ ବ୍ୟବହାର ଦେଖାଇବା ପାଇଁ ପୋଲିସ ଡିଜିଙ୍କଠାରୁ ଆରମ୍ଭ କରି ସିପି ପର୍ଯ୍ୟନ୍ତ ପୋଲିସ ଅଫିସରମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। କେତେଜଣ ପୋଲିସ ଅଫିସର ଏହି ନିର୍ଦ୍ଦେଶକୁ ମାନୁ ନ ଥିବା ଜଣାପଡିଛି। ଥାନାକୁ କେହି ଅଭିଯୋଗ କରିବାକୁ ଗଲେ ତାଙ୍କୁ ଅଶାଳୀନ ବ୍ୟବହାର କରୁଛନ୍ତି। ଯଦି କାହାକୁ ଫୋନ୍ କରି ଥାନାକୁ ଡାକୁଛନ୍ତି ସେ ଘରେ ନ ଥିଲେ ତାଙ୍କ ପରିବାର ସଦସ୍ୟଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରଛନ୍ତି। ଏଭଳି ଏକ ଘଟଣା ଏୟାରଫିଲ୍ଡ ଥାନାରେ ଦେଖିବାକୁ ମିଳିଛି। ଏହି ଥାନାର ଜଣେ କାର୍ଯ୍ୟରତ ଏସ୍‌ଆଇ ଜଣେ ଦଳିତ ମହିଳାଙ୍କୁ ଅସଦାଚରଣ କରିଥିବା ଅଭିଯୋଗ ହୋଇଛି। ଏ ନେଇ ମହିଳା ଜଣଙ୍କ ଏହି ଥାନାରେ ଅଭିଯୋଗ କରିଥିଲେ। ହେଲେ ତାଙ୍କ ଅଭିଯୋଗକୁ ପୋଲିସ ଗ୍ରହଣ କରି ନ ଥିଲା। ନ୍ୟାୟ ପାଇଁ ମହିଳା ଜଣଙ୍କ ଡିସିପିଙ୍କ ନିକଟକୁ ଯାଇଥିଲେ ମଧ ନିରାଶ ହୋଇ ଫେରିଥିଲେ। ଶେଷରେ ମହିଳା ଜଣଙ୍କ ଭୁବନେଶ୍ୱର କୋର୍ଟରେ ୧ ସିସିରେ କେସ୍ କରିଥିଲେ। କୋର୍ଟ ମାମଲା ରୁଜୁ କରି ଘଟଣା ତଦନ୍ତ କରିବା ପାଇଁ ଏୟାରଫିଲ୍ଡ ଥାନା ପୋଲିସକୁ ନିର୍ଦ୍ଦେଶ ଦେଇଥିଲେ। ଏ ନେଇ ଥାନାରେ କେସ୍ ନଂ-୧୨୮/୧୯ ଦଫା ୩୪୧, ୩୨୩, ୨୯୪, ୩୫୪, ୩୫୪(ବି), ୫୦୬, ୫୦୯ ଲଗାଇବା ସହ ଇନ୍‌ଫରମେଶନ୍ ଟେକ୍‌ନୋଲୋଜି ଆକ୍ଟ ୬୭ ଓ ଅନୁସୂଚିତ ଜାତି ଓ ଜନଜାତି-୩(ଆଇ)(ଆର) ଓ ଏସ୍‌ଟିଏସ୍‌ସି ଆକ୍ଟ-୩(ଆଇ)(ଏସ୍), ଏସଟି/ଏସ୍‌ସି-୩(୨)(ଭିଏ) ଆଦି ଦଫା ଏସ୍‌ଆଇଙ୍କ ନାମରେ ରୁଜୁ କରାଯାଇଛି। ଏହି ମାମଲାର ତଦନ୍ତ ଜୋନ୍-୨ ଏସିପି ସୁବାସଚନ୍ଦ୍ର ପଣ୍ଡା କରୁଛନ୍ତି।

ଅଭିଯୋଗ ଅନୁଯାୟୀ, ଏୟାରଫିଲ୍ଡ ଥାନା ଅଞ୍ଚଳରେ ଦଳିତ ମହିଳାଙ୍କ ପରିବାର ରୁହନ୍ତି। ତାଙ୍କ ପୁଅଙ୍କ ନାମରେ ଥାନାରେ ମାମଲା ରହିଥିବା ପୋଲିସ ଏସ୍‌ଆଇ କହିଥଲେ। ୨୦୧୯ ଜୁନ୍ ୨୫ ମଧାହ୍ନ ପ୍ରାୟ ୧୨ଟାରେ ପୋଲିସ ଏସ୍‌ଆଇ ମହିଳାଙ୍କ ଘର ନମ୍ବରକୁ ଫୋନ୍ କରିଥିଲେ। ଫୋନ୍ ଉଠାଇବା ପରେ ପୋଲିସ ଏସ୍‌ଆଇ ଉକ୍ତ ମହିଳାଙ୍କ ସ୍ୱାମୀଙ୍କୁ ଖୋଜିଥିଲେ। ସ୍ୱାମୀ ନ ଥିବା କହି ମହିଳା ଜଣଙ୍କ ଫୋନ୍ କାଟି ଦେଇଥିଲେ। ଏହାପରେ ପୁଣି ଫୋନ୍ କରିବା ସହ ଜାତି ନେଇ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ। ମହିଳା ଜଣଙ୍କ ଫୋନ୍ କାଟିଦେଇଥିଲେ ମଧ ସେ ବାରମ୍ବାର କଲ କରୁଥିଲେ। ପରେ ତାଙ୍କ ଝିଅ ଫୋନ୍ ଉଠାଇବାରୁ ଭାଇ ଘରେ ଥିବା ପଚାରିଥିଲେ। ମନା କରିବାରୁ ତାଙ୍କୁ ମଧ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ। ତା ପରଦିନ ଅର୍ଥାତ ୨୬ ତାରିଖରେ ଏସ୍‌ଆଇ ଜଣଙ୍କ ଉକ୍ତ ମହିଳାଙ୍କ ଘରକୁ ଯାଇଥିଲେ। ତାଙ୍କ ପୁଅ ଅଛି କି ନାହିଁ ପଚାରିବା ସହ ଜୋତା ପିନ୍ଧି ଠାକୁର ଘର ଭିତରେ ପଶିଥିଲେ। ଏହା ପରେ ଏସ୍‌ଆଇ ଜଣଙ୍କ ମହିଳାଙ୍କୁ ଅସଦାଚରଣ କରିଥିଲେ। ଏପରି କି କେଉଁଠି ଯାଇ କହିବୁ ଯାଅ ବୋଲି କହି ଧମକାଇଥିଲେ। ଶେଷରେ ଥାନା ଓ ଡିସିପିଙ୍କ ନିକଟରେ ଅଭିଯୋଗ କରିଥିଲେ ମଧ କେହି ଶୁଣି ନ ଥିଲେ। ଶେଷରେ କୋର୍ଟରେ ୧ ସିସି ନଂ-୧୯ରେ ଅଭିଯୋଗ କରିବା ପରେ କୋର୍ଟ ଏସ୍‌ଆଇଙ୍କ ବିରୋଧରେ ମାମଲା ରୁଜୁ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏନେଇ ତଦନ୍ତ କରୁଥିବା ଜୋନ୍-୨ର ଏସିପି ପଣ୍ଡା କୁହନ୍ତି, ସେମାନେ ଯେଉଁ ଅଭିଯୋଗ ଆଣିଛନ୍ତି ସେଥିରେ ସତ୍ୟତା ନାହିଁ। ତାଙ୍କ ପୁଅଙ୍କ ନାମରେ ମାମଲା ଥିବାରୁ ସେ ତାଙ୍କୁ ଖୋଜିବାକୁ ଯାଇଥିଲେ। କୋର୍ଟଙ୍କ ନିର୍ଦ୍ଦେଶ ପରେ ଏସ୍‌ଆଇଙ୍କ ନାମରେ ମାମଲା ହୋଇଛି ବୋଲି ସେ କହିଛନ୍ତି।



ଭାରତୀୟ ବିଦ୍ୟାଭବନରେ ଶନିବାର ସଙ୍ଗିନୀ ଅନୁଷ୍ଠାନ ପକ୍ଷରୁ ଶ୍ରାବଣ ସନ୍ଧ୍ୟାରେ କଣ୍ଠଶିଳ୍ପୀମାନେ ସଙ୍ଗୀତ ପରିବେଷଣ କରୁଛନ୍ତି।

## ଆର୍‌ପିଏଫ୍‌ର ରାତିଅଧିଆ ଚଢ଼ାଉ, ୬ ଗିରଫ

ଭୁବନେଶ୍ୱର,୩।୮(ବ୍ୟୁରୋ)

ଷ୍ଟେଶନରେ ମାତିଛନ୍ତି ଲୁଟେରା। ବିଳମ୍ବିତ ରାତିରେ ଟ୍ରେନରୁ ଓହ୍ଲାଉଥିବା ଯାତ୍ରୀମାନେ ବିଶ୍ରାମ କରୁଥିବା ସମୟରେ ଲୁଟ୍‌ର ଶିକାର ହେଉଛନ୍ତି। ଶନିବାର ଭୋରରୁ ରେଳ ସୁରକ୍ଷା ବଳ (ଆର୍‌ପିଏଫ)ର ସ୍ପେଶାଲ ଟାସ୍କ ଫୋର୍ସ(ଏସ୍‌ଟିଏଫ୍) ଚଢ଼ାଉ କରି ୬ ଲୁଟେରାଙ୍କୁ ଧରିଛି। ସେମାନେ ହେଲେ ଡେଲାଙ୍ଗର ରଞ୍ଜନ କୁମାର ସୁନ୍ଦରରାୟ, କେନ୍ଦ୍ରାପଡ଼ାର ଜିତେନ୍ଦ୍ର ମଲ୍ଲିକ, ନିକିରେଇର ଅଶୋକ ପାତ୍ର, ଢେଙ୍କାନାଳର ରାଜେଶ ରାଉତ, ହିଞ୍ଜିଳିର ମଙ୍ଗୁଳି ବେହେରା ଓ ଖୁଣ୍ଟୁଣୀର ବାବୁ ଦାସ। ଭିନ୍ନ ଭିନ୍ନ ଘଟଣାରେ ଏହି ଲୁଟେରାମାନେ ଯାତ୍ରୀଙ୍କଠାରୁ ଜିନିଷପତ୍ର ଲୁଟ୍ କରିଥିବା ନେଇ ରେଳବାଇ ଥାନାରେ ଅଭିଯୋଗ ହୋଇଥିଲା। ଅଧିକାଂଶ ଲୁଟ୍‌ରେ ଧରାପଡୁଥିବା ସମସ୍ତ ଅଭିଯୁକ୍ତ ଷ୍ଟେଶନ ନିକଟ ବସ୍ତିରେ ଲୁଚୁଛନ୍ତି। ଷ୍ଟେଶନକୁ ଲାଗି ବସ୍ତି ଥିବାରୁ ଲୁଟ୍ ଜିନିଷ ଧରି ଖସିଯିବାକୁ ସହଜ ହେଉଛି। ଶୁକ୍ରବାର ରାତିରେ ସରକାରୀ ରେଳବାଇ ଥାନାରୁ ସୂଚନା ପାଇବା ପରେ ଆରପିଏଫ ଥାନାଧିକାରୀ କାଲୁ ସେଠୀ ଦୁର୍ବୃତ୍ତଙ୍କୁ ଧରିବା ଲାଗି ସ୍ପେଶାଲ ସ୍କ୍ୱାର୍ଡକୁ ଦାୟିତ୍ୱ ଦେଇଥିଲେ। ଚୋରି କରି ଲୁଚୁଥିବା ଜାଗାଗୁଡିକରେ ରାତି ଅଧିଆ ଚଢ଼ାଉ କରିଥିଲା ଟାସ୍କ ଫୋର୍ସ। ପର୍ମାନେଣ୍ଟ ୱେ ଅଫିସ୍‌ର ସାଉଥ୍ ଏଣ୍ଡକୁ ରଞ୍ଜନ ଓ ଜିତେନ୍ଦ୍ର ଲୁଚିଥିବା ବେଳେ ସେମାନଙ୍କୁ ଧରିଥିଲା ଟାସ୍କ ଫୋର୍ସ। ଉଭୟଙ୍କ ନିକଟରୁ ଗୋଟିଏ ବ୍ୟାଗ୍, ମୋବାଇଲ ଫୋନ୍ ଓ ୩୭୦୦ ଟଙ୍କାର ଚୋରି ଜିନିଷ ଜବତ କରାଯାଇଛି ବୋଲି ଥାନାଧିକାରୀ କାଲୁ ସେଠୀ ସୂଚନା ଦେଇଛନ୍ତି। ଅନ୍ୟପଟେ ବାକି ଚାରି ଜଣଙ୍କ ଭିତରୁ ଦୁଇଜଣଙ୍କୁ ପ୍ଲାଟଫର୍ମ ନଂ.୬ର ପାଣିଟାଙ୍କି ନିକଟରୁ ଓ ବାୟୋଗ୍ୟାସ ପ୍ଲାଣ୍ଟ ପାଖରେ ଜିନିଷ ଲୁଚାଉଥିବା ବେଳେ ଧରାପଡିଛନ୍ତି। ସମ୍ପୃକ୍ତ ୬ଜଣ ଦୁର୍ବୃତ୍ତଙ୍କ ପାଖରୁ ୩୫ ହଜାର ୫୦୦ ଟଙ୍କାର ଚୋରି ଜିନିଷ ଜବତ କରିଛି ରେଳ ସୁରକ୍ଷା ବଳ। ସମସ୍ତ ଅଭିଯୁକ୍ତଙ୍କୁ ରେଳବାଇ ଥାନା ଧାରା-୩୭୯/୩୪ରେ ମାମଲା ରୁଜୁ କରି କୋର୍ଟ ଚାଲାଣ କରିଛି।

▪ ଗାନ୍ଧୀ ମାର୍ଗରେ ହୋଇ ନ ପାରେ ରାଜ୍ୟସ୍ତରୀୟ ପରେଡ୍

# ୩ ସ୍ଥାନ ବୁଲି ଦେଖିଲେ ଡିଜିପି, ସିପି

ଭୁବନେଶ୍ୱର, ୩।୮(ବ୍ୟୁରୋ)

ରାଜ୍ୟରେ ୭୨ତମ ସ୍ୱାଧୀନତା ଦିବସ ପାଳନ ପାଇଁ ଚାଲିଛି ପ୍ରସ୍ତୁତି। ସବୁଥର ପରି ଏଥର ମଧ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପତାକା ଉତ୍ତୋଳନ କରିବେ। କିନ୍ତୁ କେତେକ କାରଣ ପାଇଁ ଚଳିତବର୍ଷ ଗାନ୍ଧୀମାର୍ଗରେ ରାଜ୍ୟସ୍ତରୀୟ ପରେଡ କରା ନ ଯିବାକୁ ସ୍ଥିର ହୋଇଛି। ତେଣୁ ରାଜ୍ୟସ୍ତରୀୟ ପରେଡ ଅନ୍ୟ ସ୍ଥାନରେ କରାଯିବାକୁ ନେଇ ପୋଲିସ ବିଭାଗ ଯୋଜନା କରୁଥିବା ଜଣାପଡିଛି। ଶନିବାର ପୋଲିସ ଡିଜି ଡା. ରାଜେନ୍ଦ୍ର ପ୍ରସାଦ ଶର୍ମା, ପୋଲିସ କମିଶନର ସତ୍ୟଜିତ ମହାନ୍ତି, ଡିସିପି ଅନୁପ କୁମାର ସାହୁ ଓ ଅନ୍ୟ ବରିଷ୍ଠ ଅଧିକାରୀମାନେ ଭୁବନେଶ୍ୱରର ୩ ସ୍ଥାନ ପରିଦର୍ଶନ କରିଛନ୍ତି। ଡିଜିପି ପ୍ରଦର୍ଶନୀ ପଡିଆ, ଜନତା ମଇଦାନ ଓ କଳିଙ୍ଗ ଷ୍ଟାଡିୟମ ବୁଲି ଦେଖିଛନ୍ତି। ଏପର୍ଯ୍ୟନ୍ତ କେଉଁ ସ୍ଥାନରେ ପରେଡ ହେବ ସେନେଇ ଚୟନ ପ୍ରକ୍ରିୟା ଶେଷ ହୋଇନାହିଁ। ସ୍ଥାନ ପରିବର୍ତ୍ତନ ନେଇ ସୋମବାର ଗୃହ ବିଭାଗର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ବସିବ। ଉକ୍ତ ବୈଠକରେ ଡିଜିପି ବୁଲି ଦେଖିଥିବା ୩ ସ୍ଥାନ ବିଷୟରେ ଆଲୋଚନା କରିବେ। ଶେଷରେ ଏଥିମଧରୁ କୌଣସି ଗୋଟିଏ ସ୍ଥାନ ସ୍ଥିର କରାଯିବ ଓ ଏହାପରେ ସେଠାରେ ଆବଶ୍ୟକ ପ୍ରସ୍ତୁତି ଆରମ୍ଭ ହେବ ବୋଲି ଜଣାପଡିଛି। ଅନ୍ୟପକ୍ଷରେ ଗୃହ ବିଭାଗ ପ୍ରଦର୍ଶନୀ ପଡିଆକୁ ରାଜ୍ୟସ୍ତରୀୟ ପରେଡ ପାଇଁ ସ୍ଥିର କରିବ ବୋଲି ଅନୁମାନ କରାଯାଉଛି। କାରଣ ମୁଖ୍ୟମନ୍ତ୍ରୀଙ୍କ ସୁରକ୍ଷା ସହ ପରେଡ ପାଇଁ ଏହା ଠିକ୍ ହେବ ବୋଲି କୁହାଯାଉଛି।



ଡିଜିପି ଡା. ଆର୍.ପି. ଶର୍ମା ଓ ସିପି ସତ୍ୟଜିତ୍ ମହାନ୍ତି ପରେଡ୍ ସ୍ଥାନ ବୁଲି ଦେଖୁଛନ୍ତି।

**ଅଭ୍ୟାସ ପରେଡକୁ ନେଇ ଦ୍ୱନ୍ଦ୍ୱ**

ସବୁଥର ଗାନ୍ଧୀ ମାର୍ଗରେ ରାଜ୍ୟସ୍ତରୀୟ ପରେଡ କରାଯାଇଥାଏ। କିନ୍ତୁ ଏଥର ସୁରକ୍ଷା ଦୃଷ୍ଟିରୁ ସ୍ଥାନ ପରିବର୍ତ୍ତନ ପାଇଁ ରାଜ୍ୟ ପୋଲିସ ଗୁରୁତ୍ୱ ଦେଇଥିବା କୁହାଯାଉଛି। ଅନ୍ୟପକ୍ଷରେ ଏଠାରେ ହେଉଥିବା ପରେଡ ଅଭ୍ୟାସକୁ ନେଇ ମଧ ଦ୍ୱନ୍ଦ୍ୱ ଉପୁଜିଛି। ଯଦି ସ୍ଥାନ ପରିବର୍ତ୍ତନ କରାଯାଏ ତେବେ ରାଜ୍ୟସ୍ତରୀୟ ପରେଡ ପାଇଁ ଅଭ୍ୟାସ କେଉଁଠି ହେବ। କେବଳ ଅଭ୍ୟାସ ଗାନ୍ଧୀମାର୍ଗରେ କରାଯିବା ସହ ସ୍ୱାଧୀନତା ଦିବସ ଅନ୍ୟ ସ୍ଥାନରେ ହେବ କି ନାହିଁ ସେନେଇ ମଧ ପୋଲିସ ବିଭାଗ ପକ୍ଷରୁ କିଛି ସ୍ପଷ୍ଟ କରାଯାଇନାହିଁ।

## ଫେରିଲା ଠାକୁରଙ୍କ ଜମି

ବାରଙ୍ଗ,୩।୮(ଡି.ଏନ୍.ଏ.)

ରାଜଧାନୀ ଉପକଣ୍ଠ ଡାଉଆ ଗ୍ରାମର ସୋମନାଥ ମନ୍ଦିରରେ ଶୁକ୍ରବାର ଏକ ଭିନ୍ନ ପରିବେଶ ସୃଷ୍ଟି ହୋଇଥିଲା। ଅଞ୍ଚଳର ବୟୋଜ୍ୟେଷ୍ଠ ମୁରବୀ ତଥା ସିନିୟର ସିଟିଜେନଙ୍କ ଉପସ୍ଥିତିରେ ଗଣ୍ଡରପୁର ଗ୍ରାମର ଜଣେ ମହିଳା ୩୯ଡିସିମିଲି ଜାଗାକୁ ଶ୍ରୀଶ୍ରୀସୋମନାଥ ମହାଯଜ୍ଞ ଟ୍ରଷ୍ଟକୁ ଦାନ କରିଛନ୍ତି। ସୂଚନାଯୋଗ୍ୟ, ଗଣ୍ଡରପୁର ମୌଜାରେ ସୋମନାଥଙ୍କ ନାମରେ ଥିବା ଏହି ଜାଗାକୁ ୧୯୮୩ରେ ଗ୍ରାମର ପ୍ରମିଳା ରାଉତ କିଣିଥିଲେ। ଏହାପରଠାରୁ ତାଙ୍କ ପରିବାରରେ ଅଶାନ୍ତି ଲାଗି ରହିଥିଲା। ପୂଜାର୍ଚ୍ଚନା, ମାନସିକ ପରେ ମଧ ଶାନ୍ତି ମିଳି ନ ଥିଲା। ପରେ ପରିବାର ଲୋକଙ୍କ ନିଷ୍ପତ୍ତିକ୍ରମେ ଏହି ଜାଗାକୁ ସୋମନାଥ ମନ୍ଦିରର ପୁରାତନ ଅନୁଷ୍ଠାନ ଶ୍ରୀଶ୍ରୀସୋମନାଥ ମହାଯଜ୍ଞ ଟ୍ରଷ୍ଟକୁ ଦାନସୂତ୍ରରେ ଦେବା ପାଇଁ ନିଷ୍ପତ୍ତି ନେଇଥିଲେ ବୋଲି ପ୍ରମିଳା ଉପସ୍ଥିତ ଲୋକମାନଙ୍କ ଆଗରେ କହିବାସହ ଜମି ସଂକ୍ରାନ୍ତୀୟ କାଗଜପତ୍ର ଟ୍ରଷ୍ଟର କର୍ମକର୍ତ୍ତାଙ୍କୁ ପ୍ରଦାନ କରିଥିଲେ। ଏଥିରେ ଆଇନଜୀବୀ ସମରେନ୍ଦ୍ର ସାହୁ, ମନୋରଞ୍ଜନ ପଣ୍ଡା, ଜନ୍ମେଶ୍ୱର ରଥ, ଅନନ୍ତଚରଣ ସେନାପତି, ଅରୁଣ ଜେନା, ପ୍ରମୋଦ ପ୍ରଧାନ, ଯୁଧିଷ୍ଠିର ମହାରଣା, ଶେଷଦେବ କୁଅଁର, କାହ୍ନୁଚରଣ ବେଉରା, ବେଣୁଧର ଜେନା, ସଚ୍ଚିଦାନନ୍ଦ ପଢିହାରୀ ପ୍ରମୁଖ ଉପସ୍ଥିତ ଥିଲେ।

## ଗୋ ସେବକଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା

ପୁରୁଣା ଭୁବନେଶ୍ୱର, ୩।୮(ଡି.ଏନ.ଏ.)

ଗୋ ସେବକ ଚିନ୍ମୟ ପାତ୍ରଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁଭେଚ୍ଛା ଜଣାଇଛନ୍ତି। ରାସ୍ତା କଡ଼ରେ ଦୁର୍ଘଟଣା ହୋଇ ଛଟପଟ ହେଉଥିବା ଗୋରୁ ଏବଂ ଅନୁରୂପଭାବେ ଯନ୍ତ୍ରଣାରେ ପୀଡ଼ିତ ମଣିଷମାନଙ୍କ ସେବା କରିବା ଆଦର୍ଶରେ ଅନୁପ୍ରାଣିତ ଚିନ୍ମୟଙ୍କୁ ଶୁକ୍ରବାର ସନ୍ଧ୍ୟାରେ ପଟ୍ଟନାୟକ ନିଜ ବାସଭବନରେ ଫୁଲତୋଡ଼ା ଦେଇ ଶୁଭେଚ୍ଛା ଜଣାଇଥିଲେ। ଫନୀ ବାତ୍ୟାରେ ପୁରୀ, କଟକ, ଜିଲାର ବିଭିନ୍ନ ଅଞ୍ଚଳରେ ପ୍ରବାହିତ ଗୋରୁଙ୍କ ଯତ୍ନ ନେବା ସହ ଉପଯୁକ୍ତ ଚିକିତ୍ସା ଯୋଗାଇଥିଲେ ଚିନ୍ମୟ। ଗୋ ସେବାପାଇଁ ମୁଖ୍ୟମନ୍ତ୍ରୀ ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିବା ସହ ଉଚ୍ଚ ପ୍ରଶଂସା କରିଥିଲେ।

▪ ସମକାଳୀନ ହିନ୍ଦୀ-ଓଡ଼ିଆ କବିତା ଶୀର୍ଷକ ଆଲୋଚନା

## କବିତାରେ ରହିଛି ବ୍ୟକ୍ତିଗତ ଆବେଗ

ଭୁବନେଶ୍ୱର,୩।୮

ପ୍ରତ୍ୟେକ କବିତାରେ ରହିଛି ବ୍ୟକ୍ତିଗତ ଆବେଗ। ବୌଦ୍ଧିକତା, ରୂପକତା, ବ୍ୟଞ୍ଜନା ତଥା ମୌଖିକ ରୀତିର ସୁସମନ୍ୱୟରେ ଏହା ହୋଇଛି ରୁଦ୍ଧିମନ୍ତ। ନୂଆଦିଲ୍ଲୀସ୍ଥିତ ଜବାହରଲାଲ ନେହେରୁ ବିଶ୍ୱବିଦ୍ୟାଳୟ (ଜେଏନ୍‌ୟୁ) ଭାରତୀୟ ଭାଷା କେନ୍ଦ୍ରର ସାରଳା ଦାସ ଚେୟାର ଦ୍ୱାରା ଆୟୋଜିତ 'ସମକାଳୀନ ହିନ୍ଦୀ-ଓଡ଼ିଆ କବିତା: ଏକ ତୁଳନାତ୍ମକ ଅଧ୍ୟୟନ' ଶୀର୍ଷକ ଏକଦିବସୀୟ ଜାତୀୟ ଆଲୋଚନାଚକ୍ରରେ ଏହି ମତ ପ୍ରକାଶ ପାଇଛି। ଏଥିରେ ବିଶ୍ୱବିଦ୍ୟାଳୟର ରେକ୍ଟର ପ୍ରଫେସର ଚିନ୍ତାମଣି ମହାପାତ୍ର ଅଧ୍ୟକ୍ଷତା କରିଥିଲେ। ଓଡ଼ିଆ ଚେୟାରର ପ୍ରଫେସର ଉଦୟନାଥ ସାହୁ ସ୍ୱାଗତ ଭାଷଣ ପୂର୍ବକ ଆଲୋଚନା ଚକ୍ରର ଉଦ୍ଦେଶ୍ୟ ସଂପର୍କରେ ବୁଝାଇଥିଲେ। ଅତିଥି ରୂପେ ଯୋଗଦେଇଥିଲେ ଡକ୍ଟର ରାଜେନ୍ଦ୍ର ପ୍ରସାଦ କୃଷି ବିଶ୍ୱବିଦ୍ୟାଳୟ, ବିହାରର କୁଳାଧିପତି ପ୍ରଫେସର ପ୍ରଫୁଲ୍ଲ କୁମାର ମିଶ୍ର। ଭାରତୀୟ ଭାଷାକେନ୍ଦ୍ରର ଅଧ୍ୟକ୍ଷ ପ୍ରଫେସର ଓମ୍ ପ୍ରକାଶ ସିଂ ଆଲୋଚନାଚକ୍ରର ମୂଳସ୍ୱର ସଂପର୍କରେ ଅଭିଭାଷଣ ପ୍ରଦାନ କରିଥିଲେ। ସମ୍ମାନିତ ବକ୍ତାରୂପେ ଯୋଗଦେଇଥିଲେ ପୂର୍ବତନ କୂଟନୀତିଜ୍ଞ ଡ. ଅମରେନ୍ଦ୍ର ଖଟୁଆ ଏବଂ ହିନ୍ଦୀ ସାହିତ୍ୟର ବିଶିଷ୍ଟ ବିଦ୍ୱାନ ଗଙ୍ଗା ପ୍ରସାଦ ବିମଳ। ଏହି ଅବସରରେ ସାମ୍ପ୍ରତିକ ଓଡ଼ିଆ କବିତା ସମ୍ପର୍କରେ ହିନ୍ଦୀ ସାହିତ୍ୟ ବିଭାଗର ତିନିଜଣ ଛାତ୍ରୀଛାତ୍ର ପ୍ରବନ୍ଧ ପାଠ କରିଥିଲେ। ଆଲୋଚନାଚକ୍ରକୁ ଭାରତୀୟ ଭାଷାକେନ୍ଦ୍ରର ପ୍ରଫେସର ମାଲଖାନ୍ ସିଂ ପରିଚାଳନା କରିଥିଲେ।

# ଧରାଛୁଆଁ ଦେଉନାହାନ୍ତି ଘର ମାଲିକ, ଠିକାଦାର

**ସମ୍ପରେ ଫସି ୩ ମୃତ୍ୟୁ ଘଟଣା**

ଭୁବନେଶ୍ୱର,୩।୮(ବ୍ୟୁରୋ)

ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ପୁରୀ ବାଇପାସ ପାର୍ଶ୍ୱ ପଳାଶୁଣୀ ଅଞ୍ଚଳରେ ନିର୍ମାଣାଧୀନ ଘରର ପାଣି ସମ୍ପରେ ଫସି ଜଣେ ଶ୍ରମିକ ଠିକାଦାର ଓ ୨ଜଣ ଶ୍ରମିକଙ୍କ ମୃତ୍ୟୁ ଘଟଣାରେ ଘର ମାଲିକ ଓ ଠିକାଦାରଙ୍କ ଦେଖାମିଳିନି। ସେମାନଙ୍କ ସହ ଯୋଗାଯୋଗ କରିବାକୁ ଚେଷ୍ଟା କରାଯାଇଥିଲେ ମଧ ଯୋଗାଯୋଗ ହୋଇପାରିନି ବୋଲି ଘଟଣାର ତଦନ୍ତକାରୀ ଅଧିକାରୀ ବି.କେ.ପାହାଡ ସିଂ କହିଛନ୍ତି। ଖୁବଶୀଘ୍ର ତାଙ୍କୁ ଯୋଗାଯୋଗ କରାଯାଇ ତଦନ୍ତ ପରିସରଭୁକ୍ତ କରାଯିବ ବୋଲି ସେ କହିଛନ୍ତି। ଅପରପକ୍ଷେ ମୃତ ଶ୍ରମିକ ଠିକାଦାର ସିମରନ ମୁନିୟାନ, ଶ୍ରମିକ ଭ୍ରିଗୁରାମ ମଣ୍ଡଲ ଓ ବାସୁଦେବ ମଣ୍ଡଳଙ୍କ ମୃତଦେହ ଶନିବାର ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

ସୂଚନା ମୁତାବକ, ଠିକାଦର ଲକ୍ଷ୍ମଣ କରଣଙ୍କ ଅଧୀନରେ ଶ୍ରମିକ ଠିକାଦାର ସମେତ ୭ଜଣ ଶ୍ରମିକ ଘର ନିର୍ମାଣରେ ନିୟୋଜିତ ଥିଲେ। ଶୁକ୍ରବାର ସକାଳ ୭ଟାରେ କାଳିପଦ ଓ ଉତ୍ପଳ ଅନ୍ୟତ୍ର କାମକୁ ଚାଲିଯାଇଥିବା ବେଳେ ସାଢେ ୧୦ଟା ବେଳକୁ ପ୍ରଶାନ୍ତ ରୁଟି କାଟିବାକୁ ଯାଇଥିଲେ। ସିମରନ ଓ ଭ୍ରିଗୁରାମ ଉକ୍ତ ସମ୍ପର ସେଟ୍ରିଂ ଖୋଲୁଥିବା ବେଳେ ବାସୁଦେବ ରୋଷେଇ କରୁଥିଲେ। ପ୍ରଶାନ୍ତ ସାଢେ ୧୨ଟାରେ ଫେରିବା ବେଳକୁ ୩ଜଣ ସମ୍ପରେ ଭାସୁଥିବା ଦେଖିଥିଲେ। ଖବରପାଇ ପୋଲିସ ଏବଂ ଅନ୍ୟମାନେ ପହଞ୍ଚି ସମସ୍ତଙ୍କୁ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲ ପଠାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଘଟଣାପରଠାରୁ ଠିକାଦର ଜଣଙ୍କ ଘଟଣା ପରେ ଫୋନ ବନ୍ଦ ରଖିଥିବା ବେଳେ ସେ କୋରାପୁଟରେ ଅନ୍ୟ ଏକ ଠିକା କାମ ଚଳାଇଥିବା ପୋଲିସ ତଦନ୍ତରୁ ଜାଣିବାକୁ ପାଇଛି। ଏଥିସହ ଘର ମାଲିକଙ୍କ ନମ୍ବର ନ ଲାଗିବା ବେଳେ ପୋଲିସ ପକ୍ଷରୁ ତାଙ୍କୁ ଯୋଗଯୋଗ କରିବାକୁ ଉଦ୍ୟମ ଜାରି ରହିଛି। ଉଭୟଙ୍କୁ ତଦନ୍ତ ପରିସରଭୁକ୍ତ କରାଯିବ ବୋଲି ପାହାଡ ସିଂ କହିଛନ୍ତି।

# 'ପରିଶ୍ରମ ଉପରେ ସଫଳତା ନିର୍ଭର କରିଥାଏ'




ଭୁବନେଶ୍ୱର,୩।୮(ବ୍ୟୁରୋ)

ପ୍ରତିଦ୍ୱନ୍ଦ୍ୱିତା ମୂଳକ ପରୀକ୍ଷା ଦେଉଥିବା ଛାତ୍ରୀଛାତ୍ର ସକାରାତ୍ମକ ମନୋଭାବ ସହ ଆଗକୁ ବଢ଼ିବା ଆବଶ୍ୟକ। ନିଜ ଲକ୍ଷ୍ୟ ପ୍ରତି ସର୍ବଦା ସଚେତନ ରହି ପଢାରେ ମନୋନିବେଶ କରିବା ଉଚିତ। ପାଠପଢାକୁ ନିଜ ଅଭ୍ୟାସରେ ପରିଣତ କରିପାରିଲେ ଏହା ପରୀକ୍ଷାରେ ଭଲ ଫଳାଫଳ ଆଣିବା ସହ ସଫଳତା ପ୍ରଦାନରେ ଯୋଗଦାନ ରଖିବ ବୋଲି ଆଲେନ୍ କ୍ୟାରିୟର ଇନଷ୍ଟିଚ୍ୟୁଟର ବରିଷ୍ଠ ଉପସଭାପତି ସି.ଆର. ଚୌଧୁରୀ କହିଛନ୍ତି। ସ୍ଥାନୀୟ ରେଳ ଅଡିଟୋରିୟମ ଠାରେ ଅନୁଷ୍ଠିତ ନୂତନ ଛାତ୍ରୀଛାତ୍ରଙ୍କ ଓରିଏଣ୍ଟେଶନ କାର୍ଯ୍ୟକ୍ରମରେ ଅଭିଭାଷଣ ରଖି ଚୌଧୁରୀ କହିଛନ୍ତି ଯେ, ଛାତ୍ର ଜୀବନ ଏକ ଗୁରୁତ୍ୱପୂର୍ଣ୍ଣ ସମୟ ହୋଇଥିବା ବେଳେ ପରିଶ୍ରମ ଉପରେ ସଫଳତା ନିର୍ଭର କରିଥାଏ। ନିଜକୁ କାହା ସହ କେବେ ତୁଳନା କରିବା ଉଚିତ ନୁହେଁ ବୋଲି ସେ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ।

କାର୍ଯ୍ୟକ୍ରମରେ ୩ ହଜାର ଛାତ୍ରୀଛାତ୍ର ଏବଂ ଅଭିଭାବକ ଯୋଗ ଦେଇଥିଲେ। ଆଲେନ୍‌ର ସିଷ୍ଟମ, ମୂଲ୍ୟବୋଧ, ଏକାଡେମିକ କ୍ୟାଲେଣ୍ଡର, ସାପ୍ତାହିକ ପରୀକ୍ଷା, ନିୟମିତ ଉପସ୍ଥାନ ସିଷ୍ଟମ, ଡାଉଟ୍ କ୍ଲିୟର ନେଇ ରହିଥିବା ପଦକ୍ଷେପ ଉପରେ ଏଠାରେ ଆଲୋଚନା କରାଯାଇଥିଲା। ସଫଳତା ଲାଭ ପାଇଁ କିଭଳି ଛାତ୍ରୀଛାତ୍ର ଅଗ୍ରସର ହେବେ ସେ ପ୍ରସଙ୍ଗରେ ଭିପି ପଙ୍କଜ ଅଗ୍ରୱାଲ ମତ ରଖିଥିଲେ। ଏଠାରେ ସେଣ୍ଟର ମୁଖ୍ୟ ଅନୁରାଗ ମିଶ୍ରଙ୍କ ସମେତ ଅନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ।

ମନ୍ତ୍ରୀଙ୍କୁ ଶୁଭେଚ୍ଛା ଜଣାଇଲେ କଲୋନୀ ବାସିନ୍ଦା

## ଦିବ୍ୟବିହାର ରାସ୍ତା ଆରଡିକୁ ହସ୍ତାନ୍ତର

ପୁରୁଣା ଭୁବନେଶ୍ୱର, ୩।୮(ଡି.ଏନ.ଏ.)

ଶିଶୁପାଳଗଡ଼ ପଞ୍ଚାୟତ ଅଧୀନ ଦିବ୍ୟବିହାର କଲୋନୀ ରାସ୍ତାଟିକୁ ଏବେ ଆରଡି ବିଭାଗକୁ ହସ୍ତାନ୍ତର କରାଯାଇଛି। ଏଣିକି ଭୁବନେଶ୍ୱରର ୱାର୍ଡ ନଂ. ୧ ଅନ୍ତର୍ଗତ ପ୍ରାୟ ୨ କିଲୋମିଟର ୨୨ ମିଟର ରାସ୍ତାର ମରାମତି ଭଳି ସମସ୍ତ କାର୍ଯ୍ୟ ଗ୍ରାମ୍ୟ ଉନ୍ନୟନ ବିଭାଗ କରିବ। ସ୍ଥାନୀୟ ବିଧାୟକ ତଥା ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡାଙ୍କ ଚେଷ୍ଟାରେ ଏହା ସମ୍ଭବ ହୋଇପାରିଛି। ତେଣୁ ଗୁରୁବାର ମନ୍ତ୍ରୀଙ୍କ ବାସଭବନରେ କଲୋନୀ ବାସିନ୍ଦା ପହଞ୍ଚି ସମ୍ବର୍ଦ୍ଧନା ଜଣାଇଥିଲେ। ଏଥିରେ ଦିବ୍ୟବିହାର ସଭାପତି ରାଜେନ୍ଦ୍ର ପଣ୍ଡା, ସମ୍ପାଦକ ଲଳିତ ମହାନ୍ତି, ପ୍ରଭାସ ମହାନ୍ତି, ନବକିଶୋର ପରିଡା, ଲକ୍ଷ୍ମୀକାନ୍ତ ବେହେରା, ସୁନାକର ସାହୁ, ସୁବାସ ସୁନ୍ଦରାୟ, ପ୍ରଶାନ୍ତ ଚମ୍ପତି ପ୍ରମୁଖ ଉପସ୍ଥିତ ଥିଲେ।

▪ ଖଣ୍ଡଗିରି ଉଦୟଗିରିରେ ୭୭ତମ ଐତିହ୍ୟ ପଦଯାତ୍ରା

# ଜୈନଙ୍କ ସମ୍ପର୍କରେ ଜାଣିଲେ ଆଇଆଇଟି ଛାତ୍ରୀଛାତ୍ର



ଭୁବନେଶ୍ୱର, ୩।୮(ବ୍ୟୁରୋ)

ଶନିବାର ଖଣ୍ଡଗିରି ଉଦୟଗିରି ପାହାଡ଼ରେ ଅନୁଷ୍ଠିତ ହୋଇଥିଲା ୭୭ତମ ଐତିହ୍ୟ ପଦଯାତ୍ରା। ଭୁବନେଶ୍ୱର ଆଇଆଇଟିର ଶତାଧିକ ଛାତ୍ରୀଛାତ୍ର ପଦଯାତ୍ରାରେ ସାମିଲ ହୋଇଥିଲେ। କାଉଁଳିଆ ପାଗରେ ସେମାନେ ୩ଘଣ୍ଟା ଧରି ଗୁମ୍ଫାଗୁଡିକୁ ବୁଲି ଦେଖିବା ସହ ସେଥିରେ ଥିବା ଶିଳାଲିପି ଓ କୀର୍ତ୍ତିରାଜି ସମ୍ପର୍କରେ ପଚାରି ବୁଝିଥିଲେ। କଳିଙ୍ଗର ଇତିହାସ ସହିତ ଜଡିତ ରାଜା ଖାରବେଳ ଓ ମହାବୀର ଜୈନଙ୍କ ସହ ଖଣ୍ଡଗିରି ଉଦୟଗିରିର ସମ୍ପର୍କ କ'ଣ ଥିଲା ତାହା ଜାଣିବାକୁ ପାଇଥିଲେ। ତେବେ

**ପ୍ଲାଷ୍ଟିକ୍ ବର୍ଜ୍ୟ ଉଠାଇଲେ, ଉଦାହରଣ ସୃଷ୍ଟି କଲେ**

ପଦଯାତ୍ରା ସମୟରେ ଛାତ୍ରୀଛାତ୍ରମାନେ ଦୁଇ ପାହାଡ଼ରୁ ପ୍ଲାଷ୍ଟିକ୍ ଓ ବିଭିନ୍ନ ଆବର୍ଜନାକୁ ସଫା କରି ଉଦାହରଣ ସୃଷ୍ଟି କରିଥିଲେ। ଆଇଆଇଟି ଛାତ୍ର ତନ୍ମୟ ଖୋବେ କହିଥିଲେ, ପଦଯାତ୍ରାରେ ଆମକୁ ବହୁତ କିଛି ଜାଣିବାକୁ ମିଳିଲା। ହାଲ୍‌କା ବର୍ଷାରେ ବିନା ଛତାରେ ବୁଲିବା ମଜା ଲାଗିଲା। ଗୁମ୍ଫାଗୁଡ଼ିକ ବିଷୟରେ ଜାଣି ବହୁତ ଖୁସି ଲାଗିଲା।

**ପାଖେଇ ଆସିଲାଣି ରାଖୀ ପୂର୍ଣ୍ଣିମା। ଯାହାକୁ ନେଇ ଭାଇ ଏବଂ ଭଉଣୀମାନଙ୍କ ମନରେ ବଢ଼ିଚାଲିଛି ଉତ୍କଣ୍ଠା। ଭାଇ ହାତରେ କିଭଳି ରାଖୀ ବାନ୍ଧିବି ଏବଂ ଭଉଣୀଙ୍କୁ କ'ଣ ସରପ୍ରାଇଜ୍ ଗିଫ୍ଟ ଦେବି ତା'କୁ ନେଇ ସଭିଏ ଚଲାଇଛନ୍ତି ଜୋର୍‌ସୋର୍ ପ୍ଲାନିଂ...**

# ଆସୁଛି ରାଖୀ



ରାଖୀ ପୂର୍ଣ୍ଣିମାରେ ଭଉଣୀଟିଏ ସୁରକ୍ଷା କବଚ ସଦୃଶ ବାନ୍ଧିଦିଏ ଭାଇ ହାତରେ ରାଖୀ। ଅଉ ପ୍ରତିବଦଳରେ ଭଉଣୀକୁ ଖୁସି କରିବାକୁ ଭାଇ ବି ବଢ଼ାଇଦିଏ ସ୍ନେହ ଓ ପ୍ରୀତିଭରା ଉପହାର। ଏହା କେବଳ ଏକ ପରମ୍ପରା ନୁହେଁ ବରଂ ଏହାଦ୍ୱାରା ଉଭୟଙ୍କ ମଧ୍ୟରେ ସମ୍ପର୍କ ଆହୁରି ଦୃଢ଼ ହୋଇଥାଏ। ତେବେ ଗିଫ୍ଟ ଦେବା ସମୟରେ ହେଉ କିମ୍ବା ଗ୍ରହଣ କରିବା ସମୟରେ କେତୋଟି କଥା ପ୍ରତି ବିଶେଷ ଧ୍ୟାନ ଦେବା ଆବଶ୍ୟକ...

- ଭଉଣୀକୁ ଉପହାର ଦେବାବେଳେ ଅନ୍ୟମାନଙ୍କ ସହ ଆଦୌ ପ୍ରତିଯୋଗିତା କରନ୍ତୁ ନାହିଁ। ଅନ୍ୟମାନେ କ'ଣ ଉପହାର ଦେଉଛନ୍ତି, ସେଭଳି କିମ୍ବା ତା'ଠାରୁ ଅଧିକ ଦାମୀ ଉପହାର ଦେବା ପ୍ରତି ଗୁରୁତ୍ୱ ଦିଅନ୍ତୁ ନାହିଁ। ସେହିପରି ଭଉଣୀ ବି ଭାଇଠୁ ଉପହାରଟିଏ ପାଇବା ପରେ ଏହାର ଦାମ୍ ତର୍ଜମା କରିବାକୁ ଚେଷ୍ଟା କରନ୍ତୁ ନାହିଁ କିମ୍ବା ଏହାକୁ ଅଣଦେଖା କରନ୍ତୁ ନାହିଁ। ଏହା ପଛରେ ନିଜ ପ୍ରତି ଭାଇଙ୍କର ଥିବା ଶ୍ରଦ୍ଧା ଓ ଭଲପାଇବାକୁ ଜାଣିବାକୁ ଚେଷ୍ଟା କରନ୍ତୁ ଏବଂ ଉପହାରର ଗୁରୁତ୍ୱ ବୁଝନ୍ତୁ। କାରଣ ଉପହାର ଦେବା କିମ୍ବା ନେବା ବେଳେ ପ୍ରତିଯୋଗୀ ମନୋବୃତ୍ତି ରହିଲେ ଉପହାରର ଆନନ୍ଦ ନେବା ବଦଳରେ ଏହାର ମହତ୍ତ୍ୱ କମିଯାଏ।
- ଭଉଣୀକୁ ଦାମୀ ଉପହାରରେ ଆପ୍ୟାୟିତ କରିବା ନିଶାରେ ଅଯଥା ଗୁଡ଼ାଏ ଖର୍ଚ୍ଚ କରିବାର ଆବଶ୍ୟକତା ନାହିଁ। କେହି କେହି ଏଥିପାଇଁ ଧାରକରଜ କରୁଥିବାର ବି ନଜିର ରହିଛି। ହେଲେ ବାସ୍ତବରେ କୌଣସି ଉପହାରର ଅସଲ ଗୁରୁତ୍ୱ ଏହାର ଦାମ୍‌କୁ ନେଇ ହୋଇ ନ ଥାଏ। ଭଉଣୀ ପାଇଁ ଶ୍ରଦ୍ଧାର ସହ ଭାଇ ଦେଉଥିବା ପ୍ରତ୍ୟେକ ଉପହାର ହିଁ ମୂଲ୍ୟବାନ୍।
- ଉପହାର ଗ୍ରହଣ କରିବା ସମୟରେ ତାହା ଭଲ ନ ଲାଗିଲେ ଆଦୌ ପ୍ରକାଶ ନ କରି ଆଦରର ସହ ଗ୍ରହଣ କରି ଭାଇଙ୍କୁ ଧନ୍ୟବାଦ ଜଣାଇବା ଦରକାର। ଯାହାଦ୍ୱାରା ଭାଇକୁ ଆତ୍ମସନ୍ତୋଷ ମିଳିଥାଏ। କେବଳ ଏତିକି ନୁହେଁ ଭାଇଙ୍କୁ ଆବଶ୍ୟକତାରୁ ଅଧିକ ଦାମୀ ଉପହାର ଡିମାଣ୍ଡ କରନ୍ତୁ ନାହିଁ। ଭାଇଙ୍କ ପାଖରେ ଏତେ ଟଙ୍କା ନ ଥିଲେ ସେ ହୁଏତ ଦୁଃଖ କରିପାରନ୍ତି କିମ୍ବା ଏତେ ଟଙ୍କା ଖର୍ଚ୍ଚ କରିବା ପରେ ତାଙ୍କର ଅନ୍ୟାନ୍ୟ ଖର୍ଚ୍ଚ ପାଇଁ ଟଙ୍କା ନିଅଣ୍ଟ ହୋଇପାରେ ଅବା ଧାର ଉଧାର କରିବାକୁ ପଡିପାରେ, ସେସବୁ ଦିଗରେ ଧ୍ୟାନ ଦିଅନ୍ତୁ।
- ସେହିପରି ଉପହାର ଦେବା ସମୟରେ ଭାଇଙ୍କୁ ମଧ୍ୟ ଭଉଣୀଙ୍କ ପସନ୍ଦ, ନାପସନ୍ଦ ଏବଂ ଆବଶ୍ୟକତାକୁ ଆଖି ଆଗରେ ରଖି ଉପହାର ବାଛିବା ଦରକାର। ଯଦିଓ ଗିଫ୍ଟ ସରପ୍ରାଇଜ ରହିଲେ ହିଁ ଦେବାରେ ଅଧିକ ଆନନ୍ଦ ମିଳିଥାଏ ହେଲେ କେବେ କେବେ ଏପରି ନ କରି ଭଉଣୀଙ୍କୁ ଉପହାର ନିଜେ ବାଛିବାର ସୁଯୋଗ ଦେଇପାରିବେ। ଏଥିପାଇଁ ଆପଣ ଚାହିଁଲେ ଅନ୍‌ଲାଇନ୍ ଶପିଂ ସାଇଟ୍‌ର ସାହାଯ୍ୟ ନେଇପାରିବେ କିମ୍ବା ନିଜ ବଜେଟ ଅନୁଯାୟୀ ଗିଫ୍ଟ କାର୍ଡ ମଧ୍ୟ ଦେଇପାରିବେ, ଯାହାକୁ ବ୍ୟବହାରକରି ସେ ନିଜ ପସନ୍ଦର ଉପହାର କିଣିପାରିବେ। ଏପରି କରିବା ଦ୍ୱାରା ଭଉଣୀଙ୍କୁ ଗିଫ୍ଟ ପସନ୍ଦ ଆସିବା ନ ଆସିବା କିମ୍ବା କୌଣସି କାର୍ଯ୍ୟରେ ନ ଆସିବା ସମସ୍ୟା ରହିବ ନାହିଁ।
- ଉପହାର ମିଳିଲେ ସମସ୍ତଙ୍କୁ ଖୁସି ଲାଗେ। ବିଶେଷ କରି ଯେତେବେଳେ ତାହା ବ୍ୟବହାର ଉପଯୋଗୀ ହୋଇଥାଏ, ଏହାର ମୂଲ୍ୟ ଦ୍ୱିଗୁଣିତ ହୋଇଯାଏ। ତେଣୁ ଭଉଣୀ ପାଖରେ କ'ଣ ନାହିଁ ବା କ'ଣ ଦେଲେ କେବଳ ସାଇତି ରଖିବା ବଦଳରେ କାମରେ ଲାଗିପାରିବ ଜାଣିବାକୁ ଚେଷ୍ଟା କରନ୍ତୁ। ଦେଖିବେ ଏହି ଉପହାରରେ ଭଉଣୀ ଅଧିକ ଖୁସି ହେବେ।
- ଉପହାର ସବୁବେଳେ କିଣାଯିବା ଦରକାର ତା' ନୁହେଁ, ଆପଣ ଚାହିଁଲେ ନିଜେ ମଧ୍ୟ ଘରେ ପ୍ରସ୍ତୁତ କରି ଦେଇପାରିବେ, ଯେପରି କାର୍ଡ। ଏହା ବ୍ୟତୀତ ଫୁଲଗଛ, ଆକ୍ୱାରିଅମ୍ ଇତ୍ୟାଦି ବି ଦେଇପାରିବେ। ତେବେ ଉପହାରରେ ଭଉଣୀଙ୍କୁ ଟେଷ୍ଟି ଟେଷ୍ଟି ଖାଦ୍ୟ ବିଶେଷ କରି ନିଜ ହାତ ପ୍ରସ୍ତୁତ ଖାଦ୍ୟ ଖୁଆଇବା ଦ୍ୱାରା ତାଙ୍କ ପ୍ରତି ଆପଣଙ୍କର କେତେ ଶ୍ରଦ୍ଧା ରହିଛି ତାହା ସ୍ପଷ୍ଟ ଜଣାପଡିବା ସହ ତାଙ୍କୁ ଅଧିକ ଖୁସି ମିଳିବ।

## କ'ଣ କୁହନ୍ତି ଏମାନେ...



**ବିଷ୍ଣୁପ୍ରିୟା ନାୟକ** (କର୍ମଜୀବୀ, ନୟାଗଡ଼)– ପ୍ରାୟ ୫ ବର୍ଷ ହେବ ମୋ ଦୁଇ ଭାଇ ଜବ୍ ପାଇଁ ବାହାରେ ରହୁଥିବାରୁ ପ୍ରତିବର୍ଷ ରାଖୀ ପୂର୍ଣ୍ଣିମାରେ ଘରକୁ ଆସିବା ସମ୍ଭବ ହୋଇପାରୁନାହିଁ। ତେଣୁ ସ୍ପିଡ୍ ପୋଷ୍ଟରେ ସେମାନଙ୍କ ପାଖକୁ ରାଖୀ ସହିତ ନିଜ ହାତ ତିଆରି କାର୍ଡ ପଠାଇଥାଏ। ଯେଉଁଥିରେ ଆମ ପିଲାବେଳର ଅଭୁଲା ସ୍ମୃତି ଥିବା ଫଟୋ ସହିତ ପ୍ରୀତିଭରା କିଛି ମେସଜ୍ ଲେଖିଥାଏ। ଯଦିଓ ପ୍ରତିବଦଳରେ କିଛି ପାଇବାର ଆଶା ରଖି ନ ଥାଏ, ହେଲେ ଭାଇମାନଙ୍କ ଠାରୁ ମିଳୁଥିବା ସରପ୍ରାଇଜ୍ ଗିଫ୍ଟ ଯେମିତିକି ରିଷ୍ଟୱାଚ୍, ମୋବାଇଲ୍ ଫୋନ୍, ମେକ୍‌ଅପ୍ କିଟ୍ ହେଉ କିମ୍ବା ଟଙ୍କା ଅବା ଇ–ଗିଫ୍ଟ ଭାଉଚର ମୋତେ ବେଶ୍ ଖୁସି ଦେଇଥାଏ।



**ଲମ୍ବୋଦର ସାହୁ** (କର୍ମଜୀବୀ, ଯାଜପୁର)– ଜବ୍ ପାଇଁ କିଛିବର୍ଷ ହେବ ଘରଠାରୁ ଦୂରରେ ରହୁଛି। ହେଲେ ରାଖୀ ପୂର୍ଣ୍ଣିମାରେ ଆସିଲେ ନିଜ ଦୁଇ ଭଉଣୀଙ୍କଠାରୁ ଦୂରରେ ଆଦୌ ରହିପାରେନି। ଯେତେବି କାମ ଥାଉ ନା କାହିଁକି ସମୟ ବାହାର କରି ସେମାନଙ୍କ ପାଖକୁ ଯାଇ ନିଶ୍ଚୟ ରାଖୀ ବାନ୍ଧେ। ସେମାନେ ଗିଫ୍ଟ ମାଗିଲା ବେଳେ କିଛି ଆଣି ନ ଥିବା କହି ସେମାନଙ୍କୁ ଚିଡାଏ। ଆଉ ଏହା ଶୁଣି ସେମାନେ ଯେବେ ମୁହଁ ଶୁଖାନ୍ତି, ସାଙ୍ଗରେ ନେଇଥିବା ଗିଫ୍ଟ ବଢ଼ାଇଦିଏ। ସତ କହିବାକୁ ଗଲେ ମୁଁ ନେଇଥିବା ଗିଫ୍ଟର ଦାମ୍ କମ୍ ହୋଇଥିଲେ ମଧ୍ୟ ସେମାନଙ୍କ ପ୍ରତିକ୍ରିୟାରେ ମିଳୁଥିବା ସ୍ନେହ ଏବଂ ଭଲପାଇବା ମୋତେ ଯେଉଁ ଆତ୍ମସନ୍ତୋଷ ଦିଏ ତାହା ଅବର୍ଣ୍ଣନୀୟ।

## ଏ ସପ୍ତାହର ପ୍ରଶ୍ନ

୧– ବର୍ତ୍ତମାନ ବର୍ଡର ସିକ୍ୟୁରିଟି ଫୋର୍ସର ନୂଆ ଡାଇରେକ୍ଟର ଭାବେ......... ଯୋଗ ଦେଇଛନ୍ତି ?
୨– ଭାରତର ଗୀତା ଜୟନ୍ତୀ ମହୋତ୍ସବ–୨୦୧୯ରେ ଯୋଗଦେବାକୁ ନିମନ୍ତ୍ରିତ ପାର୍ଟନର ଦେଶ........... ?
୩– ମହିଳା ଉଦ୍ୟୋଗୀମାନଙ୍କୁ ପ୍ରୋତ୍ସାହନ ଦେବା ଲାଗି ନୀତି ଆୟୋଗ ସୋସିଆଲ ମିଡିଆ........ ସହିତ ପାର୍ଟନରଶିପ୍ କରିଛି ?
୪– ନିକଟରେ ଆରେମରିକାରେ ପିପୁଲ୍ସ ଚଏସ୍ ଆୱାର୍ଡ ପାଇଥିବା ଭାରତୀୟ ବାଲୁକା ଶିଳ୍ପୀ........... ?
୫– ପ୍ରେସିଡେଣ୍ଟ୍ସ କପ୍ ବକ୍ସିଙ୍ଗ୍ ଟୁର୍ନାମେଣ୍ଟରେ ଗୋଲ୍ଡ ମେଡାଲ ପାଇଥିବା ପ୍ରଥମ ଭାରତୀୟ ......?

## ଗତ ଥରର ଉତ୍ତର

୧ ରବୀନ୍ଦର କୁମାର ମଲିକ
୨ କେରଳ
୩ ଜୁଲାଇ୧୮
୪ ଘାନା
୫ ଅଟଳ ବିହାରୀ ବାଜପେୟୀ

## ଉତ୍ତର ଦାତା



ନରେଶ କୁମାର କର, ବାଲେଶ୍ୱର



ଲିପି ବେହେରା, କଟକ

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି ଇ–ମେଲ୍ ଠିକଣା: dharitriagamiasha @gmail.com

### ୟୁଥ୍ ଆଲର୍ଟ

# କ୍ୟାମେରାକୁ ସାବଧାନ

ବର୍ତ୍ତମାନ ଚୋରି, ଡକାୟତି ଭଳି ଅପରାଧ ବଢୁଥିବାରୁ ସୁରକ୍ଷାକୁ ଦୃଷ୍ଟିରେ ରଖି ରାସ୍ତା, ଦୋକାନ, ବଜାର, ଛୋଟ ବଡ଼ କାର୍ଯ୍ୟାନୁଷ୍ଠାନ ଠାରୁ ଆରମ୍ଭ କରି ଘର ପର୍ଯ୍ୟନ୍ତ ପ୍ରତ୍ୟେକ ସ୍ଥାନରେ ସିସିଟିଭି କ୍ୟାମେରା ଲଗାଯାଉଛି। ହେଲେ କେବେ କେବେ ଏହାର ଅପବ୍ୟବହାର କରି କେତେଜଣ ଅନ୍ୟମାନଙ୍କୁ ବିଶେଷ କରି ଯୁବତୀମାନଙ୍କୁ କ୍ଷତି ପହଞ୍ଚାଉଥିବାର ବି ନଜିର ରହିଛି। କିପରି ଏଥିରୁ ନିଜକୁ ଦୂରେଇ ରଖିପାରିବେ ଜାଣିରଖନ୍ତୁ...



- ହିଡେନ୍ କ୍ୟାମେରା କେଉଁ ସ୍ଥାନରେ ରହିଛି ତାହା ଜାଣିବା କଷ୍ଟ। ତେଣୁ ଯେକୌଣସି ସ୍ଥାନକୁ ଯାଆନ୍ତୁ ନା କାହିଁକି ପ୍ରଥମେ ନିଜର ସୁରକ୍ଷା ପ୍ରତି ସଜାଗ ରୁହନ୍ତୁ। ହୋଟେଲ୍ କିମ୍ବା ଲଜ୍‌ରେ ବାଥ୍‌ରୁମ୍ ଏବଂ ଟ୍ରାଏଲ୍ ରୁମ୍‌ର ହ୍ୟାଣ୍ଡେଲ୍‌ରେ ମଧ୍ୟ ହିଡେନ୍ କ୍ୟାମେରା ଲଗାଯାଇଥାଏ। ତେଣୁ ପୋଷାକ ବଦଳାଇବା ପୂର୍ବରୁ ପ୍ରଥମେ ସେଠାରେ ଲାଗିଥିବା ହ୍ୟାଣ୍ଡେଲ୍‌କୁ ଭଲ ଭାବେ ଚେକ୍ କରିନିଅନ୍ତୁ।
- ଶପିଂମଲ୍ ଆଦି ସ୍ଥାନରେ ଯଦି ଡ୍ରେସ୍ କିଣୁଛନ୍ତି, ତେବେ ଟ୍ରାଏଲ୍ ରୁମ୍‌କୁ ଯିବା ବେଳେ ସତର୍କ ରହିବେ। କାରଣ ଏସବୁ ସ୍ଥାନରେ ହିଡେନ୍ କ୍ୟାମେରା ଲାଗିଥିବାର ଆଶଙ୍କା ବେଶି।
- ଅନେକ ଟ୍ରାଏଲ୍ ରୁମ୍‌ର ଦର୍ପଣ ପଛପଟେ ମଧ୍ୟ କ୍ୟାମେରା ଲଗାଇ ଯୁବତୀମାନଙ୍କ ନଗ୍ନ ଫଟୋ ଏବଂ ଭିଡିଓ ରେକର୍ଡ କରାଯାଉଛି। ପରବର୍ତ୍ତୀ ସମୟରେ ଏହାକୁ ବ୍ୟବହାର କରି ବ୍ଲାକ୍‌ମେଲ୍ କରିବା ସହ ଅନ୍ୟାନ୍ୟ ଅପରାଧ ଘଟାଉଥିବାର ନଜିର ରହିଛି।
- ଯଦି ଏଭଳି କୌଣସି ସ୍ଥାନରେ ଆପଣଙ୍କୁ ହିଡେନ୍ କ୍ୟାମେରା ଥିବା ଭଳି ମନେହୁଏ, ତେବେ ଜାଣିବା ଲାଗି କେତୋଟି ଉପାୟ ଆପଣାନ୍ତୁ। ଦର୍ପଣରେ କ୍ୟାମେରା ଲାଗିଥିବା ସନ୍ଦେହ କରୁଥିଲେ ଏହା ଉପରେ ଆଙ୍ଗୁଠି ରଖନ୍ତୁ। ଯଦି ଦର୍ପଣ ଏବଂ ଆଙ୍ଗୁଠି ମଧ୍ୟରେ ଫାଙ୍କା ବା ଗ୍ୟାପ୍ ଦେଖାଦେବ, ତେବେ କ୍ୟାମେରା ଲାଗି ନାହିଁ।
- ସେହିପରି ବେଡ୍‌ରୁମ୍ ଏବଂ ବାଥ୍‌ରୁମ୍ ଆଦି ସ୍ଥାନରେ ହିଡେନ୍ କ୍ୟାମେରା ଥିବା ସନ୍ଦେହ ହେଲେ ମୋବାଇଲ୍‌ର ନେଟ୍‌ୱର୍କ ଚେକ୍ କରନ୍ତୁ। ଯଦି ଉକ୍ତ ରୁମ୍‌ରେ ପଶିବା ମାତ୍ରେ ହଠାତ୍ ନେଟୱର୍କ ସମ୍ପୂର୍ଣ୍ଣ ଭାବେ ଚାଲିଯାଏ, ତେବେ ସେଠାରେ କ୍ୟାମେରା ରହିଥିବାର ଯଥେଷ୍ଟ ସମ୍ଭାବନା ରହିଛି।
- କେବେକେବେ କ୍ୟାମେରା ଆକ୍ଟିଭ୍ ହେବା କ୍ଷଣି ସେଥିରୁ ଏକ ବିପ୍ ସାଉଣ୍ଡ୍ ଆସିଥାଏ। ତେଣୁ ଯଦି କେବେ କୌଣସି ରୁମ୍ ମଧ୍ୟକୁ ପଶିବା ମାତ୍ରେ ଏଭଳି କିଛି ଶବ୍ଦ ଶୁଣୁଛନ୍ତି ତେବେ ପୋଷାକ ବଦଳାଇବା କିମ୍ବା ନିଜର କୌଣସି ବ୍ୟକ୍ତିଗତ କାର୍ଯ୍ୟ କରିବା ପୂର୍ବରୁ ତୁରନ୍ତ ରୁମ୍ ଭିତର ଭଲ ଭାବେ ଚେକ୍ କରନ୍ତୁ।
- ଏହା ବ୍ୟତୀତ କେତେକ ହିଡେନ୍ କ୍ୟାମେରାରେ ଥିବା ଲାଇଟ୍ ସିଷ୍ଟମରୁ ମଧ୍ୟ ଏହା ସମ୍ପର୍କରେ ଜାଣିବା ସହଜ ହୋଇଥାଏ। କାରଣ ଏଭଳି କ୍ୟାମେରା ଅନ୍ ହେବା କ୍ଷଣି ସେଥିରେ ଲାଗିଥିବା ଗ୍ରୀନ୍ କିମ୍ବା ରେଡ୍ ଲାଇଟ୍ ମଧ୍ୟ ଅନ୍ ହୋଇଯାଇଥାଏ, ଯାହାର ଝାପ୍‌ସା ଲାଇଟ୍ ରୁମ୍ ଅନ୍ଧାର କରିବା ପରେ ଜଣା ପଡିଥାଏ।
- ଆପଣ ଚାହିଁଲେ ପାଖରେ ହିଡେନ୍ କ୍ୟାମେରା ଡିଟେକ୍ଟର ମଧ୍ୟ ରଖିପାରିବେ।
- ତେବେ କୌଣସି ସ୍ଥାନରେ ଏଭଳି ହିଡେନ୍ କ୍ୟାମେରା ମିଳିଲେ ତୁରନ୍ତ ଏ ନେଇ ଅଭିଯୋଗ କରିବାକୁ ଭୁଲନ୍ତୁ ନାହିଁ।



### ୟୁଥ୍ ଫ୍ୟାଶନ

# ଛତା



**ବର୍ଷା ହେଲେ ସବୁଠୁ ଆଗ ଖୋଜାପଡ଼େ ଛତା। କିନ୍ତୁ ବର୍ତ୍ତମାନ ଛତା କେବଳ ବର୍ଷାରୁ ସୁରକ୍ଷା ଦେବାରେ ସୀମିତ ହୋଇ ରହିନାହିଁ। କାରଣ ଏବେ ମାର୍କେଟରେ ବିଭିନ୍ନ ରଙ୍ଗ ଏବଂ ଡିଜାଇନ୍‌ର ଛତା ମିଳୁଛି, ଯାହାକି ପାଲଟିଛି ଯୁବପିଢ଼ିଙ୍କ ଲାଗି ଷ୍ଟାଇଲ୍ ଷ୍ଟେଟ୍‌ମେଣ୍ଟ....**



**ବ୍ଲଣ୍ଟ ଏକ୍ସଏସ୍:** ଅନ୍ୟ ଛତା ଭଳି ଏହି ଛତାରେ ମୁନିଆ ଅଗ୍ରଭାଗଗୁଡିକ ନାହିଁ। ତେଣୁ ଏହା ଦେଖିବାକୁ ଅପେକ୍ଷାକୃ ସୁନ୍ଦର ଲାଗିଥାଏ। ତା'ଛଡା ଭିଡରେ ବି ଏହାକୁ ଧରିଲେ କୌଣସି ଅଘଟଣ ଘଟିବାର ଆଶଙ୍କା ନ ଥାଏ। ଏହି ଛତା ଖୁବ୍ ମଜଭୁତ୍ ତେଣୁ ଅଧିକ ପବନରେ ହଠାତ୍ ଉଡିଯାଇ ନ ଥାଏ । ଏହା ଏରୋଡାଇନୋମିକ୍ ଡିଜାଇନ୍। ସବୁଠୁ ମଜାଦାର କଥା ହେଲା ହଜିଗଲେ ଏହାକୁ ଏକ ଆପ୍ ସାହାଯ୍ୟରେ ଖୋଜା ମଧ୍ୟ ଯାଇପାରେ।

**ସେଞ୍ଜ ଅରିଜନାଲ:** ଏହିଛତା କେବଳ ଜଣେ ହିଁ ବ୍ୟବହାର କରିପାରିବେ। ଏହାର ସ୍ୱୋକ୍ସ ଅନ୍ୟକୁ କ୍ଷତି ଯେପରି ନ ପହଞ୍ଚାଇବା ଭଳି ପ୍ରସ୍ତୁତ ହୋଇଛି। ଏହା ମୁଣ୍ଡ ପାଖରେ ଅଳ୍ପ ଗୋଲ ହୋଇ ପିଠି ଆଡକୁ ଲମ୍ବିଛି। ତେଣୁ ବର୍ଷା ପାଣି ଦେହରେ ପଡି ନ ଥାଏ। ଏଭଳି ଆକାର ଲାଗି ଏହି ଛତାର ଦାମ୍ ଅଧିକ ଏବଂ ଏହା ଅଧିକ ଆଇକ୍ୟାଚି ମଧ୍ୟ।

**ହାର୍ଟ ଶେପ୍ ଅମ୍ବ୍ରେଲା:** ଏହି ଛତା ଦେଖିବାକୁ ଖୁବ୍ ସୁନ୍ଦର । ବିଶେଷ କରି ଯୁବତୀମାନେ ଏହାକୁ ସର୍ବାଧିକ ବ୍ୟବହାର କରୁଥିବା ଦେଖିବାକୁ ମିଳୁଛି। ତେବେ ଏହି ଛତାରେ ପିଙ୍କ୍, ରେଡ୍, ପର୍ପଲ, ଲାଇମ୍ ଗ୍ରୀନ୍, ବ୍ଲୁ କଲରର ଡିମାଣ୍ଡ ବେଶି।

**ସ୍କୋୟାର ଅମ୍ବ୍ରେଲା:** ଗୋଲ ପରିବର୍ତ୍ତେ ଚାରିକଣିଆ ଏହି ଛତାର ଲୁକ୍ ଖୁବ୍ ନିଆରା। ତେବେ ଯୁବତୀଙ୍କ ତୁଳନାରେ ଯୁବକମାନେ ଏହାର ସର୍ବାଧିକ ଗ୍ରାହକ।

**ଡବଲ୍ ଅମ୍ବ୍ରେଲା:** ବର୍ଷାରେ ଗୋଟିଏ ଛତାରେ ଏକାଠି ବୁଲିବାର ମଜା ନେବାକୁ ଅନେକ ଯୁବପିଢି ଖୁବ୍ ଭଲପାନ୍ତି। ଆଉ ଏମିତିରେ ବିଭିନ୍ନ ଛତା କମ୍ପାନୀ ସ୍ପେଶାଲ ଡିଜାଇନ୍‌ର ଡବଲ୍ ଛତା ପ୍ରସ୍ତୁତ କରୁଛନ୍ତି। ଏ ଛତା ଗୋଲ ନ ହୋଇ ଏହାର ଉଭୟ ପାର୍ଶ୍ୱ ଅପେକ୍ଷାକୃତ ଲମ୍ବା ଅଧିକ ଥାଏ।

**ଫ୍ଲାୱାର ଅମ୍ବ୍ରେଲା:** ପୂର୍ବରୁ ଫ୍ଲାୱାର୍ ପ୍ରିଣ୍ଟ ଛତା ମାର୍କେଟ୍‌ରେ ଅନେକ ମିଳୁଥିଲା। ହେଲେ ବର୍ତ୍ତମାନ ଗ୍ରାହକଙ୍କ ପସନ୍ଦ ଏବଂ ଡିମାଣ୍ଡକୁ ଆଖି ଆଗରେ ରଖି ଛତା କମ୍ପାନୀଗୁଡିକ ବିଭିନ୍ନ ଫ୍ଲାୱାର୍ ଶେପ୍ ଛତା ମଧ୍ୟ ପ୍ରସ୍ତୁତ କରୁଛନ୍ତି। ଯାହାକି ଦେଖିବାକୁ ଖୁବ୍ ସୁନ୍ଦର ଏବଂ ଆକର୍ଷଣୀୟ। ଯୁବତୀମାନେ ବର୍ତ୍ତମାନ ଏହି ଛତା ଅଧିକ ପସନ୍ଦ କରୁଥିବା ଦେଖିବାକୁ ମିଳୁଛି।



# SUNDAY classifieds




## BRIDE WANTED

Brahmin 28/5'5", working in Gas company searching bride (Odisha). 8338083380. D-13756

Khandayat 35/5'6", Bhubaneswar searching bride (any location). 8338083380, 8480611745. D-13758

Khandayat boy 1986, B.Tech working at Vedanta, 1987 working at PNB, 1987 working as Geologist required beautiful tall girls. 9040120506, 7608969523. D-62197

Teli boy 1990, Manager MNC, Odisha, Vaisnabi. 06742362186, 2551286, 9238578590. D-66169

Brahmin boy 1986 / 5'8", +2, businessman required housewife. Barsha: 9338229705, 7749883585. D-66170

Karan boy 1989, B.Tech (CET), MBA (IIM), Software Engineer, Bangalore. 9437555525. D-67211

ଗୌରବର୍ଣ୍ଣ ଉଚ୍ଚଶିକ୍ଷିତା, 5'2" ଉର୍ଦ୍ଧ୍ୱ ବ୍ରାହ୍ମଣ ପାତ୍ରୀ ଆବଶ୍ୟକ। ବୟସ 35 / 5'8", Private Bank Manager, Bhubaneswar ନିମନ୍ତେ। 9692155737. D-13663

Khandayat boy 1982, M.Phil (Math), Ph.D, Asst. Professor, IIT. 9861255959. D-67206

## GROOM WANTED

MA କରିଥିବା, 45 ବୟସ୍କା, BBSR, ଛାଡ଼ପତ୍ର ପ୍ରାପ୍ତ ନିଃସନ୍ତାନ ବ୍ରାହ୍ମଣ ଝିଅଙ୍କ ପାଇଁ ପୁଅ ଦରକାର। 7381460017. D-13755

Match for beautiful, very fair, homely, brahmin girl, 34 yrs, 5'4", only to be housewife, no service, parents well settled at Bhubaneswar. Direct contact: 91-8144758880. D-66277

Brahmin MBBS 27/5'4", Cuttack, searching groom (Any location). 8338083380, 8480611745. D-13757

Beautiful Dama girl 1992, BSC working at PNB, 1994, BSC working at Kotak Mahindra groom wanted. 9040120506, 7608969523. D-62198

Govt.ର Technical Assistant, ସେଠୀ ଘରର ବିଧବା ଝିଅ, ବୟସ 49 ବର୍ଷ। ଯେ କୌଣସି ଜାତିର ବରପାତ୍ର ଆବଶ୍ୟକ। 8763283720. D-63787

Carpenter girl 1990/ Nationalised Bank Manager, Bhubaneswar, (No vision) Caste-no-bar. 9438852432, 9337336614. D-66165

Muslim bride 34/5'2" Khorda searching groom (Any location). 8338083380. D-13671

Bania 33/5' Assistant Professor, Bhubaneswar. Searching groom. 8338083380, 8480611745. D-13672




## SALE

TATA ACE mega 2017 model, NANO TWIST in excellent condition. Finance facility available. 9439778849. D-64997




## SALE

**3500 sqft gharabari plot sale at Jagamara (Khandagiri), 30 feet road, Bhubaneswar. Contact Deepak- 9937329999.** D-66272

Flat for sale of 2BHK flat at NH road side Khordha 1km. from Khordha Hospital. 9439778849, 7381883881. D-64983

**Gharabari boundary plot Tamando MCL boundary side, direct owner: 8144391451.** D-66739

Residential house at Rasulgarh, plots sale at AIIMS. Contact: 8249317990. D-13714

**Bhubaneswar Pitapallira BDA plot sqft. 549/-ରେ ମିଳୁଅଛି। 9090963952, 9937605788.** D-66737

Gharabari, boundary, Electricity plot at Bhingarpur, Hanspal. Call: 9937816565, 9937568585. D-13653

SUM Hospital ନିକଟରେ ଏବଂ ତମାଣ୍ଡୋ ବଜାର ପଛପଟେ ଘରବାରି plot ମିଳୁଅଛି। 9439864322. D-66752

4BHK duplex with gated community at Balianta (land- 1400 construction-2200 @ 55lakh and 2600 @ 65lakh). Contact: mplanets- 9938219397, 9861022055. D-13652

3 Store Building For Sale Near Dhauli Bhubaneswar. All Are 3BHK Flat. New Building Contact - 9337730923. D-13575

**2/3 BHK ready to move flats for sale at DHPL Pride, Ghatikia near DAV Kalinga Nagar, starting at Rs.32Lakhs, Contact - 9937059891, 8908292617.** D-13507

Sthitiban & patta plot near Bigbazar Patia to 3 k.m. Singada mouza 0.100 decml 4356 sqft Rs. 12lakh. Contact No: 8270495179. D-13725

**3BHK ready to move Premium Duplex at DHPL Sahoo Residency near Mancheswar Railway Station. Contact: 9937059891, 8908292617.** D-13500

Puri land for sale at Sankarpur Mouza 4acre nearest new N.H., 8018702198. D-64082

Flat for sale Geetanjali Palace, flat No. 4D, Bomikhal, Bhubaneswar. Contact: 9971616974, 9938127129. D-66276

**ଭୁବନେଶ୍ୱର ବାଲକାଟି ବଜାରରୁ 2km. boundary ଘରବାରି plot ଇଲେକ୍ଟ୍ରିସିଟି ସୁବିଧାଥାଇ sqft.-550/- (Spot possession then registration). 9348020724, 7978939440.** D-66744

2350 sqft residential plot near CET College, Ghatikia, Bhubaneswar, price-61lakh. Mobile: 9078151122. D-67341

**Studio flats (350sqft) specious 1BR cubical (590sqft) besides Lokanath temple, Puri, very affordable price for booking. Contact: Susil Pradhan (MBA Marketing)- 9348261173.** D-67331

Sale of mud (ମାଟି) 20 trucks free clear of area. 8917525377, 9777509408. D-13743

**ଭୁବନେଶ୍ୱର Infocity-2 boundaryକୁ ଲାଗି mega plotting project sqft. 350/- ରେ (Sidhavihar Colony)ରେ plot କିଣନ୍ତୁ 9114955347, 8658962508.** D-66753

Booking 2BHK simplex 1500 sqft land 27,40,000/-, Tankapani road,Sai Temple, simplex BJEM-(2) 1200 SQFT LAND 15,80,000/-. 7735738102. D-13713

**Sale of triplex near Rasulgarh chowk, cost @ 2.55 crore. Contact: 9437573355, 9861068796.** D-13664

Bhubaneswar Patia ଅଞ୍ଚଳରେ ଜଗନ୍ନାଥ ମନ୍ଦିର ପାଖରେ yellowzone, boundary ସୁବିଧା ଥାଇ ଜାଗା କିଣନ୍ତୁ। 8249693292. D-13707

**2Bedroom ready to move flat at Pokhariput, Bhubaneswar. Genuine buyers directly contact: Deepak- 9937329999.** D-66274

**2600 sqft corner plot sale at SUM Hospital (CET College), 30 feet road, Bhubaneswar. Contact: Deepak- 9937329999.** D-66273

**Ready to construction BDA yellowzone boundary, Electricity plot near VSS Nagar, Chakeisihani. 7978666923, 7326065426.** D-66751

**ଭୁବନେଶ୍ୱର ଜଟଣୀ ଗେଟ୍ NH5 ରୁ ଅଳ୍ପଦୂରତାରେ 1200sqft, 2,16,000/, IIT Argul ରେଲୱେ ଷ୍ଟେସନଠାରେ 1200sqft 2,00,000/- ରେ outright ରେ ମିଳୁଅଛି । 9776974912, 8144706560.** D-66750

**ନଖରା ତ୍ରିନାଥବଜାରଠାରେ SC plot ଘରବାରି ପାଚେରି ସହ 1500କୁ 5,25,000/, general plot sqft- 400/- outrightରେ ମିଳୁଅଛି। 9348847649, 8249243709.** D-66749

**Ready to move 4BHK flat near Hotel Mayfair, Jaydev Vihar, price Rs. 5500/- per sqft & triplex and duplex at Rangabazar near BJEM English Medium School-II. Price start Rs. 45lakhs. Call: 9040046767, 9040007267.** D-67340

**ORERA registered 1BHK studio flats @ Narendrakona, Puri, construction in full-swing. Mobile: 9238356740, 9437030740.** D-67339

**Residential plot at Bramhan Jharilo gharabari with compound wall 6k.m from Nakhara, Cuttack. 7809525452/ 8249851363.** D-66937




**Construct your dream home with pillar beam and interior design from the experts. Contact: 7008550473.** D-13651

**Built Your residential and commercial project with best quality material @ 1349/- onwards with 20 years experienced technical team. We provide Architecture, structural & BDA plan approval. SMPL Infratech 9040008777.** D-13722

## GENERAL

## SALE

Sale of Icecream 200pcs new trays, Bhubaneswar. 8917525377, 9777509408. D-13742

Agarbati Machine ଏବଂ Paperplate Machine ପାଇଁ ଯୋଗାଯୋଗ କରନ୍ତୁ। 9853089865. D-66714




3BHK apartment for to-let in Baishnav Vihar, Bomikhal, Bhubaneswar for family. 9238574993, D-13724

Independent house 1900 sqft / 4000 sqft plot, Patia, Bhubaneswar. 9437346902. D-67207

Three bedroom, two bath, kitchen, drawing cum dining, big balcony at Sahid Nagar. Contact: 9937444411. D-66275

3000 sqft. 3rd floor and 1300 sqft. 4th floor adjacent to BMC Mall, Sahid Nagar, Bhubaneswar for rent to Bank / Office / Corporates. Call: 9938014712. D-13746

Open space with boundary for rent of 30000sqft. for godown/ stockyard available opposite Synergy College, Nakhara, Bhubaneswar. Call: 9938014712. D-13747

2BHK Laxminarayan Mandir lane near DAV School, Bhubaneswar. 8144610464, 9437536413. D-64995

**Open space for rent at Jaipur Mauja near Pahala, Hanspala, about 18000 sqft. 9853631559, 9338562829.** D-13648

2000sqft house each in 1st and 2nd floor with parking space near Durgamandap, Bhubaneswar for office/ residence. Contact: 9437179626. D-66167

1000 sqft house at HB Colony, Chandrasekharpur on mainroad side for commercial purpose. 9438283062. D-66168

1BHK available for rent at Paikanagar, Bhubaneswar. Contact: 9831472010, 9831474844. D-64996

**10000 sqft cover godown available for rent at Hanspal highway square side, Bhubaneswar, sqft. 24/-. Contact: 9937097791.** D-66748




Fully refreshed / relaxed body massage by expert therapist, Shastri Nagar. 7377984773. D-67333

Rejuvenate and ayurvedic full body massage by smart therapist. 9114402304. D-67334

Ayurvedic full body massage ladies & gents smart therapist. 9040900385. D-66935

Full body herbal massage with refreshment expert therapist. 7381239385, 06742540855. D-67337

Experience full body massage with us (expert). Call: 7377048581, 06742597822. D-67338

Herbal full body massage by smart / expert therapist. Contact: 8338067247. D-67335

Summer special mesmerizing offer expert therapeutic refreshing massage appointment. 9668374480. D-67336

Thailand unisex massage experience luxurious hospitality home services. 7077335555. thailandunisexspa9853999966@gmail.com. D-59937

## PACKERS & MOVERS

Shivam logistic packers movers. Household/ car relocation countrywide. 9777044177, 9338461133. D-13610

## ASTROLOGY

ଫିସ୍ ନୁହେଁ, ପୁରସ୍କାର ନେବି, ସମସ୍ୟା ନୁହେଁ ସମାଧାନ ଦେବି। Gold Medalist, ପ୍ରେମବିବାହ, ସଉତୁଣୀ–ଶତ୍ରୁମୁକ୍ତି, ସମାଧାନ ଗୋଟିଏ ଫୋନ୍‌ରେ। 09521603776 096106-09485. D-13718

## LOST

ମୁଁ ଗଣ୍ଡୋତି ଈଶ୍ୱର ରାଓ, ପି– ଗଣ୍ଡୋତି ନାଗେଶ୍ୱର ରାଓ, ଗ୍ରାମ–ଟୁପାପଡ଼ା, ଜିଲ୍ଲା–ବରଗଡ଼। ତା. ୦୫.୦୭.୨୦୦୫ ଦିନ ରେଜେଷ୍ଟ୍ରି କରିଥିବା ସେଲ୍‌ଡ଼ିଡ଼ ନଂ. ୬୨୬. ଟୁପାପଡ଼ା– ଅତାବିରା ଛକ ମଧ୍ୟରେ ତା. ୦୧.୦୭.୨୦୧୯ ରେ ହଜିଯାଇଛି। କୌଣସି ବ୍ୟକ୍ତି ପାଇଲେ ମୋ.ନଂ: ୯୦୯୦୪୦୮୯୮୪ କୁ ଯୋଗାଯୋଗ କରିବାକୁ ଅନୁରୋଧ। ଧ–୧୩୭୫୯

## AFFIDAVIT

I, Laxmi Bai, spouse of Sankarshan Sahoo resident of At/Po: Notar, P.s: Itamati, Dist: Nayagarh (Odisha) have changed my name from Laxmi Bai to Laxmi Sahoo vide affidavit date 30.07.2019 before the Nayagarh Court, Odisha. D-67029

I Rupa Dhar, W/o: Hara Mohan Dhar, R/o- At/ Po- Jaganathpur, PS.- Coliery, Sub: Division-Talcher, Dist- Angul, Odisha, D.O.B- 15.11.1971, state that both the names Rupa Dhar and Roop Dhar are of same person and I will be known as Rupa Dhar for all purposes forever vide affidavit dated 26.07.2019 sworn in the court of judicial Executive Magistrate, Talcher. D-40547

By an affidavit before the Notary Public, Junagarh I Dhanraj Goel. DOB- 06.07.1986, S/o- Rabishankar Agrawal, Ward No.10, Talbandhpada, Junagarh, Dist- Kalahandi declared that I have changed my name from Naresh Kumar Agrawal to Dhanraj Goel. Henceforth I shall be known as Dhanraj Goel for all Purposes. D-13760

**ପାଠକଙ୍କ ପାଇଁ ସୂଚନା।**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

### ଦୀପକ କୁମାର ମିଶ୍ରଙ୍କ ଡକ୍ଟରେଟ ଲାଭ



ସମ୍ପ୍ରତି ରାଜ୍ୟ ସରକାରଙ୍କ ଦ୍ୱାରା ନିଯୁକ୍ତ ହୋଇ (S.S.B) ଯାଜପୁରର ଯୁଣଭଦ୍ରା ମହାବିଦ୍ୟାଳୟର ଓଡ଼ିଆ ବିଭାଗର ଅଧ୍ୟାପକ ଦୀପକ କୁମାର ମିଶ୍ର ଶାନ୍ତିନିକେତନ ବିଶ୍ୱଭାରତୀରୁ (ପଶ୍ଚିମବଙ୍ଗ) ଗବେଷଣା କରି ପି.ଏଚ୍.ଡ଼ି ଡ଼ିଗ୍ରୀ ହାସଲ କରିଛନ୍ତି। "ପୁନର୍ମୁଲ୍ୟାୟନ ପୃଷ୍ଠଭୂମିରେ ଓଡ଼ିଆ ପୌରାଣିକ ଉପନ୍ୟାସ" ଶୀର୍ଷକ ସନ୍ଦର୍ଭ ପ୍ରସ୍ତୁତ କରି ବିଶ୍ୱଭାରତୀ ଓଡ଼ିଆ ବିଭାଗର ମୁଖ୍ୟ ପ୍ରଫେସର ଡ. କଇଳାଶ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ଏ ଶ୍ରେୟ ହାସଲ କରିବା କ୍ଷେତ୍ରରେ ସେ ସଫଳକାମ ହୋଇଛନ୍ତି। ତାଙ୍କର ସନ୍ଦର୍ଭଟି ଜେ.ଏନ୍.ୟୁର(ନୂଆଦିଲ୍ଲୀ) ଓଡ଼ିଆ ବିଭାଗର ପ୍ରଫେସ୍ ଡ଼. ଉଦୟନାଥ ସାହୁଙ୍କ ଦ୍ୱାରା ଉଚ୍ଚ ପ୍ରସଂସିତ ହୋଇଛି। ଡ଼. ମିଶ୍ର ତାଙ୍କର ଗବେଶଣା ଲବ୍ଧ ସଫଳତା ପାଇଁ ଶାନ୍ତି ନିକେତନର ପ୍ରଫେସର ଡ଼. ଗିରିବାଳା ମହାନ୍ତି, ଠାକୁମା' ଚନ୍ଦ୍ରମଣି ମିଶ୍ର, ବାପା: ଶ୍ରୀଯୁକ୍ତ ସୁବ୍ରତ ମିଶ୍ର, ବୋଉ: ଶ୍ରୀମତୀ ନମିତା ରାଣୀ ମିଶ୍ର, ଜୀବନସାଥୀ: ଅଧ୍ୟାପିକା ମିନତୀ ମଞ୍ଜରୀ ନାୟକ (S.S.B), ତଥା ଶାନ୍ତିନିକେତନ ଓ ଯୁଣଭଦ୍ରା ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ ଅଧ୍ୟାପିକା ଓ ବନ୍ଧୁବର୍ଗଙ୍କ ଆଶୀର୍ବାଦ ପାଇଁ କୃତଜ୍ଞତା ଜ୍ଞାପନ କରିଛନ୍ତି। ତାଙ୍କର ଏ ସଫଳତା ପାଇଁ ସେ ପରିବାରର ଇଷ୍ଟଦେବ ଶ୍ରୀଗଣେଶଜୀଉଙ୍କ ନିକଟରେ କୃତଜ୍ଞତା ଜଣାଇଛନ୍ତି।

ଧ–୧୩୭୪୯

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/–ରେ। ବିବାହ ଶୁଭେଚ୍ଛା ଟ୨୧୦/– (ଫଟୋ ସହ)
ବି.ଦ୍ର.: ଶୁଭେଚ୍ଛା ୬ସେମି. (H) x ୪ସେମି. (W) ହେବା ଆବଶ୍ୟକ।

### Birthday wish



BHOOMI
May you forever sparkle and shine like the star that you are. Happy Birthday my Princess.
**Best Wishes:**
**Biju Bapa (Jharpada, BBSR)**
D-13745

### Birthday Wish



**Sudhanshu Sekhar Sahoo**
**D.O.B: 04.08.2004**
**(15th Birthday)**
**Happy Birthday Sudhanshu**
**Best wishes:**
ଜେଜେବାପା, ଜେଜେମା, ବାପା, ମା, ଦାଦା, ଖୁଡ଼ୀ, ସାନ ଭାଇ।
ଧ–୧୩୭୪୩

## ମନେ ପଡ଼ନ୍ତି

### ଅଷ୍ଟମ ଶ୍ରାଦ୍ଧବାର୍ଷିକୀ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତ ଇଂ କୈଶିକ୍ ମହାଲିକ୍ (ସୋନୁ)**
ଆବିର୍ଭାବ: ୦୯.୦୨.୧୯୮୭
ତିରୋଧାନ: ୦୩।୦୮।୨୦୧୧

ଧନ ତୁ ମୋଠାରୁ ବହୁତ ଦୂରକୁ ଚାଲିଯାଇଛୁ ଚାହିଁଲେ ବି ତୋତେ ଦେଖି ପାରୁନି କିନ୍ତୁ ତୋର ହୃଦୟସ୍ପର୍ଶୀ ଦିନଗୁଡ଼ିକ ମୋର ହୃଦୟରେ ଲିପିବଦ୍ଧ ହୋଇ ମୁଁ ତୋତେ ଝୁରି ଝୁରି ମରୁଛି। କିନ୍ତୁ ଏ ନିୟତି ମୋତେ ନେଉନାହିଁ।
'ଇତି'
ତୋର ବାପା, ମା, ବନ୍ଧୁ ଓ ପରିବାରବର୍ଗ।
ଧ–୬୬୭୫୪

### ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତା ସଂଯୁକ୍ତା ପାଢ଼ୀ**
ଆବିର୍ଭାବ– ୨୯.୦୫.୧୯୪୭
ତିରୋଧାନ– ୧୪.୦୮.୨୦୧୮
ଶ୍ରାବଣ ଶୁକ୍ଳପକ୍ଷ ଚତୁର୍ଥୀ

ଚାହୁଁ ଚାହୁଁ ଏକ ବର୍ଷ ପୂରିଗଲା । ତୁମର ଅନୁପସ୍ଥିତି ଆମେ ପ୍ରତି ମୁହୂର୍ତ୍ତରେ ଅନୁଭବ କରୁଛୁ । ତୁମର ସ୍ନେହ, ଶ୍ରଦ୍ଧା, ଆତ୍ମୀୟତା, ତ୍ୟାଗ ଓ କର୍ତ୍ତବ୍ୟ ପରାୟଣତା ଆମମାନଙ୍କ ପାଇଁ ଏବେ ବି ଚିରସ୍ମରଣୀୟ ହୋଇ ରହିଛି । ଆଜି ପ୍ରଥମ ଶ୍ରାଦ୍ଧବାର୍ଷିକୀ ଅବସରରେ ତୁମର ଅମର ଆତ୍ମାର ଶାନ୍ତି ଓ ସଦଗତି ନିମନ୍ତେ ଭଗବାନଙ୍କଠାରେ ପ୍ରାର୍ଥନା କରୁଛୁ ।
ଶୋକସନ୍ତପ୍ତ: ସ୍ୱାମୀ– ସଚ୍ଚିଦାନନ୍ଦ ପାଢ଼ୀ, ପୁଅ/ବୋହୂ– ହିଟୁ–ପୁଷ୍ପା, ବୁଲୁ–ଦିପା, ଜିତୁ–ଲିନା, ନାତି/ନାତୁଣୀ–ଶୁଭମ, ସଙ୍ଗମ୍, ଶିବମ୍, ମେଘା, ସାଇ ଓ ପାଢ଼ୀ ପରିବାର ବର୍ଗ ଏବଂ ମାଁ ତାରିଣୀ ଫୁଏଲ ସେଣ୍ଟର, ବଲମ ।
ଧ–୧୩୭୫୧

### ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ



**ସ୍ୱର୍ଗତ ବିଶ୍ୱାମିତ୍ର ମହାକୁଳ**
ଆବିର୍ଭାବ: ଅକ୍ଷୟ ତୃତୀୟା ୧୯୫୯
ତିରୋଧାନ: ଶ୍ରାବଣ ଚତୁର୍ଥୀ ୨୦୧୭

ହୃଦୟ ସ୍ପନ୍ଦନର ତାଳେ ତାଳେ ଆପଣ ପ୍ରତି ମୁହୂର୍ତ୍ତରେ ମନେପଡ଼ନ୍ତି। ଆପଣଙ୍କ ଅନାବିଳ ପ୍ରେମ, ଆନ୍ତରିକ ସ୍ନେହ, ଶ୍ରଦ୍ଧା ତଥା ଆଦର୍ଶ ଆପଣଙ୍କୁ ଚିର ଅମର କରି ରଖିଛି। ତଥାପି ଆପଣଙ୍କ ହସହସ ମୁହଁ ତଥା ଶାରୀରିକ ଅନୁପସ୍ଥିତି ଆମ ସମସ୍ତଙ୍କୁ ବ୍ୟାକୁଳ ତଥା ବ୍ୟଥିତ କରିଥାଏ। ଆପଣଙ୍କ ୨ୟ ଶ୍ରାଦ୍ଧବାର୍ଷିକୀରେ ଆପଣଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ଜଗନ୍ନାଥଙ୍କୁ ପ୍ରାର୍ଥନା।
ଆପଣଙ୍କ ଚିର ସ୍ମୃତିରେ:
ଅଭାଗିନୀ ପତ୍ନୀ: କଳ୍ପନା, ଝିଅ: ଅନନ୍ୟା, ପୁଅ: ପ୍ରିନ୍ସ ଓ ଜ୍ୱାଇଁ: ମଦନ।
ଧ–୧୩୭୫୩

### ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତା ବିଦ୍ୟୁତଲତା ମହାନ୍ତି**
(ସହଧର୍ମିଣୀ ସ୍ୱର୍ଗତ ଅପୂର୍ବ କୁମାର ମହାନ୍ତି)
ଆବିର୍ଭାବ: ୧୬।୦୩।୧୯୪୩
ତିରୋଧାନ: ୧୪।୦୮।୨୦୧୮
ଏନ୍–୨/୧୨୦, ଆଇ.ଆର୍.ସି.ଭିଲେଜ, ଭୁବନେଶ୍ୱର
(ଶୁକ୍ଳପକ୍ଷ ଶ୍ରାବଣ ଚତୁର୍ଥୀତିଥି)
ବୋଉ, ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥ, ଗୁରୁଦେବ ବାୟାବାବାଙ୍କ ଚରଣରେ ବିନମ୍ର ପ୍ରାର୍ଥନା କରୁଅଛୁ।
**ଶୋକସନ୍ତପ୍ତ:**
ପୁତ୍ର/ପୁତ୍ରବଧୂ– ବୁଲୁ–ନୀତା, ବାବୁ–କୁଳି, ମୁନି–ମିରା, ଫନି–ଧରିତ୍ରୀ, ଝିଅ/ଜ୍ୱାଇଁ: ରୁବି–ମଣ୍ଡଳ, ମାମୁନି–ଯତୀନ୍, ଜିନୁ–ବେଟୁ, ନାତି/ନାତୁଣୀ–ବିଟନ୍, ଲିଟନ୍, ପିନ୍ଟୁ, ଟୁନା, ମିଠୁ, ଗୁଣ୍ଡୁ, ଅର୍ପିତା ଏବଂ ଅନନ୍ୟା।
ଧ–୫୬୭୫୯

### ଚତୁର୍ଥ ଶ୍ରାଦ୍ଧବାର୍ଷିକୀ



**ସ୍ୱର୍ଗତ ଜୟ ଗୋପାଳ ଦାଶ**
ବାସୁଦେଇପୁର, ଦାଣ୍ଡମୁକୁନ୍ଦପୁର
ଆବିର୍ଭାବ: ୧୦।୦୨।୧୯୪୦
ତିରୋଧାନ: ୧୮।୦୮।୨୦୧୫

ଚାହୁଁ ଚାହୁଁ ୪ ବର୍ଷ ବିତିଲା। ଅଜଣା ରାଇଜେ ଛାଡ଼ିଗଲ ମତେ ଚାଲି। ନିଷ୍ଠୁର ଠାକୁର ଶୁଣିଲେନି ମୋତେ ରହିଗଲି ମୁଁ ଗଲତୁମେ କେଉଁଠି ଚାଲି। ତୁମେ ହୃଦୟେ ସଦା ରହିଥିବ ମୋର ଯିବା ଯାଏଁ ମୁହିଁ ସ୍ୱର୍ଗ ଦୁଆର।
**ଶୋକସନ୍ତପ୍ତ:**
ହତଭାଗିନୀ ସ୍ତ୍ରୀ: ଇନ୍ଦୁ, ପରିବାରବର୍ଗ।
ଧ–୧୩୭୫୦

Your Classified Advertisement published in Dharitri will be listed free in Dharitri Online Edition: www.dharitri.com

“ ତେଲେଙ୍ଗାନାର ମେଡକ ଜିଲାର ମନୋହରାବାଦ୍‌ରେ ଆଇଟିସିର ୮୦୦କୋଟି ଟଙ୍କାର ଫୁଡ୍ ପ୍ରସେସିଂ କାରଖାନା ନିର୍ମାଣ ଶେଷ ହୋଇଛି।

– ସଞ୍ଜୀବ ପୁରୀ, ଆଇଟିସି ଅଧ୍ୟକ୍ଷ



“ ବନ୍ଧନ ବ୍ୟାଙ୍କ ଚଳିତ ଆର୍ଥିକ ବର୍ଷରେ ୩୪୦ ଡୋର୍‌ଷ୍ଟେପ୍ ସେବା କେନ୍ଦ୍ର ଖୋଲିବ। ସେହିପରି ୧୮୭ ନୂଆ ବ୍ୟାଙ୍କ ଶାଖା ଖୋଲାଯିବ।

– ଚନ୍ଦ୍ର ଶେଖର ଘୋଷ, ସିଇଓ, ବନ୍ଧନ ବ୍ୟାଙ୍କ



## ସଂକ୍ଷେପରେ

### ୧୫ରୁ ଲାଗୁ ହେବ ପିଏମ୍. କିଷାନ ପେନ୍‌ସନ ଯୋଜନା



**ନୂଆଦିଲ୍ଲୀ,୩-୮:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସ୍ୱାଧୀନତା ଦିବସରୁ ପିଏମ୍ କିଷାନ ପେନ୍‌ସନ ଯୋଜନା ଲାଗୁ କରିବା ନେଇ ଘୋଷଣା କରିବାକୁ ଯାଉଛନ୍ତି। କୃଷି ସଚିବ ରାଜ୍ୟଗୁଡ଼ିକୁ ପତ୍ର ଲେଖି ଏହି ସ୍କିମ୍ ଲାଗୁ କରିବାର ବ୍ୟବସ୍ଥା ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ପେନ୍‌ସନ ଯୋଜନାର ଲାଭ ପ୍ରାୟ ୧୨-୧୩ କୋଟି ଚାଷୀଙ୍କୁ ମିଳିବାକୁ ଯାଉଛି। ସରକାର ପ୍ରଥମ ପର୍ଯ୍ୟାୟରେ ୫ କୋଟି ଚାଷୀଙ୍କ ନିକଟରେ ସହାୟତା ପହଞ୍ଚାଇବାର ଲକ୍ଷ୍ୟ ରଖିଛନ୍ତି। ୧୮ରୁ ୪୦ ବର୍ଷ ପର୍ଯ୍ୟନ୍ତ ବୟସର ଚାଷୀଙ୍କୁ ଏହି ଯୋଜନାରେ ସାମିଲ କରାଯିବ। ୬୦ ବର୍ଷ ପରେ ସେମାନଙ୍କୁ ମାସକୁ ୩ ହଜାର ଟଙ୍କା ଲେଖାଏଁ ପେନସନ ପ୍ରଦାନ କରାଯିବ। ତେବେ ଲାଭ ପାଉଥିବା ଚାଷୀଙ୍କ ଏହି ସମୟ ମଧ୍ୟରେ ମୃତ୍ୟୁ ହେଲେ ତାଙ୍କ ସ୍ତ୍ରୀଙ୍କୁ ୫୦ ପ୍ରତିଶତ ଅର୍ଥ ପ୍ରଦାନ କରାଯିବ। ଏହି ଯୋଜନାରେ ସରକାରଙ୍କୁ ବାର୍ଷିକ ପ୍ରାୟ ୧୦,୭୭୪.୫୦ କୋଟି ଟଙ୍କା ଖର୍ଚ୍ଚ କରିବାକୁ ହେବ।

### ଦୁର୍ନୀତି ଜଣାଇବାରେ ବିଳମ୍ବ ୯ ବ୍ୟାଙ୍କ ଠାରୁ ଆଦାୟ ହେବ ଜରିମାନା

**ମୁମ୍ବାଇ,୩-୮:** ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ସମେତ ୯ ବାଣିଜ୍ୟିକ ବ୍ୟାଙ୍କଠାରୁ ଜରିମାନା ଆଦାୟ କରିବାକୁ ଭାରତୀୟ ରିଜର୍ଭ ବ୍ୟାଙ୍କ(ଏସ୍‌ବିଆଇ) ନିର୍ଦ୍ଦେଶ ଦେଇଛି। ବିଭିନ୍ନ ଦୁର୍ନୀତି,ଜାଲିଆତି, ଠକାମୀ ସମ୍ପର୍କରେ ଠିକ୍ ସମୟରେ କେନ୍ଦ୍ରୀୟ ବ୍ୟାଙ୍କକୁ ସୂଚନା ଦେଇ ନ ଥିବାରୁ ଏହି ଜରିମାନା ଆଦାୟ ନିର୍ଦ୍ଦେଶ ଦିଆଯାଇଛି। କିଙ୍ଗ୍‌ଫିଶର ଏୟାରଲାଇନ୍ସର ଋଣ ଜାଲିଆତି ସମ୍ପର୍କରେ ବିଳମ୍ବରେ ସୂଚନା ଦେବା କାରଣରୁ ରାଷ୍ଟ୍ରାୟତ୍ତ ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ ବିରୋଧରେ ୫୦ ଲକ୍ଷ ଟଙ୍କା ଜରିମାନା ଆଦାୟ ଆଦେଶ ଦିଆଯାଇଛି। ସମାନ ଅଭିଯୋଗରେ ଓରିଏଣ୍ଟାଲ ବ୍ୟାଙ୍କ ଅଫ୍ କମର୍ସଠାରୁ ୧.୫ କୋଟି ଟଙ୍କା ଜରିମାନା ଆଦାୟ ହେବ। ଆର୍‌ବିଆଇ ନିର୍ଦ୍ଦେଶ ପାଇବାର ୧୪ ଦିନ ଭିତରେ ଜରିମାନା ଅର୍ଥ ଦାଖଲ କରିବାକୁ ହେବ। ଏହାଛଡ଼ା ୟୁନାଇଟେଡ ବ୍ୟାଙ୍କ ଅଫ୍ ଇଣ୍ଡିଆ, ପଞ୍ଜାବ ଆଣ୍ଡ ସିନ୍ଦ ବ୍ୟାଙ୍କକୁ ୧ କୋଟି ଲେଖାଏ, ଏସ୍‌ବିଆଇକୁ ୫୦ ଲକ୍ଷ, ବ୍ୟାଙ୍କ ଅଫ୍ ବରୋଦା ଓ ଫେଡେରାଲ ବ୍ୟାଙ୍କକୁ ୫୦ ଲକ୍ଷ ଲେଖାଏ, କର୍ପୋରେଶନ ବ୍ୟାଙ୍କକୁ ୧ କୋଟି, ଆଲ୍ଲାହାବାଦ୍ ବ୍ୟାଙ୍କ, ବ୍ୟାଙ୍କ ଅଫ୍ ମହାରାଷ୍ଟ୍ରକୁ ୨ କୋଟି ଟଙ୍କା ଲେଖାଏ ଜରିମାନା କରାଯାଇଛି। ଠକେଇ, ଜାଲିଆତି ଜଣାଇବା ସମ୍ପର୍କରେ ସମ୍ପୃକ୍ତ ବ୍ୟାଙ୍କଗୁଡ଼ିକର ଜବାବ ସନ୍ତୋଷଜନକ ନ ଥିଲା ବୋଲି ରିଜର୍ଭ ବ୍ୟାଙ୍କ ପକ୍ଷରୁ କୁହାଯାଇଛି।

### ୨୦୦୦ ଷ୍ଟେଶନରେ ମାଗଣା ୱାଇଫାଇ




**ନୂଆଦିଲ୍ଲୀ,୩-୮:** ଦେଶର ୨ ହଜାର ରେଳଷ୍ଟେଶନରେ ମାଗଣା ୱାଇଫାଇ ଆରମ୍ଭ କରାଯାଇଛି। ଶନିବାର ଜଣେ ବରିଷ୍ଠ ଅଧିକାରୀ ଏ ସମ୍ପର୍କରେ ସୂଚନା ଦେଇଛନ୍ତି। ରାଜସ୍ଥାନର ଅଜମେର ଡିଭିଜନର ରାଣା ପ୍ରତାପ ନଗର ରେଳଷ୍ଟେଶନ ମାଗଣା ୱାଇଫାଇ ସେବା ଯୋଗାଇବାରେ ୨ହଜାରତମ ଷ୍ଟେଶନ ହୋଇଛି ବୋଲି ରେଲଟେଲ୍ ସିଏମ୍‌ଡି ପୁନୀତ୍ ଚାୱଲା ଶନିବାର କହିଛନ୍ତି। ରେଳ କର୍ମଚାରୀମାନେ ଦିନରାତି କାର୍ଯ୍ୟରେ ଲାଗି ପଡିବା କାରଣରୁ ୱାଇଫାଇ ସେବା ବିସ୍ତାର ଦ୍ରୁତଗତିରେ ଆଗେଇ ଚାଲିଛି ବୋଲି ସେ କହିଛନ୍ତି। ଶୁକ୍ରବାର ୭୪ ଷ୍ଟେଶନରେ ଏହି ବ୍ୟବସ୍ଥା ଏକାସାଙ୍ଗରେ ଆରମ୍ଭ କରାଯାଇଥିଲା। ରେଳଷ୍ଟେଶନର ଡିଜିଟାଲୀକରଣ କରିବା ଲକ୍ଷ୍ୟରେ ରେଲ୍‌ଟେଲ୍ ପକ୍ଷରୁ ଷ୍ଟେଶନଗୁଡ଼ିକରେ ୱାଇଫାଇ ବ୍ୟବସ୍ଥା ଲାଗୁ କରାଯାଉଛି। ପ୍ରଥମ ପର୍ଯ୍ୟାୟରେ ୧୬୦୦ ଷ୍ଟେଟନକୁ ଏହି ବ୍ୟବସ୍ଥା ସହ ଯୋଡାଯାଇଥିଲା। ଇଣ୍ଟରନେଟ ଯୋଗାଣ ଲାଗି ରେଲ୍‌ଟେଲ୍ ଇତିମଧ୍ୟରେ ଟାଟା ଟ୍ରଷ୍ଟ ସହ ଚୁକ୍ତି କରିଛି।

# ବ୍ୟାଙ୍କ ବୋର୍ଡରେ ରହିପାରିବେନି ଏମ୍‌ପି, ବିଧାୟକ

ମୁମ୍ବାଇ,୩-୮

କେଉଁମାନେ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ବୋର୍ଡରେ ରହିପାରିବେ ସେନେଇ ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ) ପକ୍ଷରୁ ଏକ ଗାଇଡଲାଇନ ଜାରି କରାଯାଇଛି। ଏଥିରେ କୁହାଯାଇଛି ଯେ, ଏମ୍‌ପି, ବିଧାୟକ, ମ୍ୟୁନିସିପାଲିଟି ଅବା କର୍ପୋରେଶନର ମୁଖ୍ୟମାନେ ରାଷ୍ଟ୍ରାୟତ୍ତ ବ୍ୟାଙ୍କ(ପିଏସ୍‌ବି)ର ବୋର୍ଡ ଅଫ୍ ଡାଇରେକ୍ଟର୍ସରେ ସାମିଲ ହୋଇପାରିବେ ନାହିଁ। ଏହାଛଡ଼ା ବ୍ୟାଙ୍କର ଅଡିଟ ଦାୟିତ୍ୱରେ ଥିବା ଅଡିଟରଙ୍କ ପାର୍ଟନର ମଧ୍ୟ ବୋର୍ଡରେ ସ୍ଥାନ ପାଇପାରିବେ ନାହିଁ। ବ୍ୟାଙ୍କ ନିଜ ଇଚ୍ଛାରେ ଯେକୌଣସି ବ୍ୟକ୍ତିଙ୍କୁ ମନୋନୀତ କରିପାରିବ ନାହିଁ।

ଗାଇଡ୍‌ଲାଇନରେ କୁହାଯାଇଛି ଯେ, ରାଷ୍ଟ୍ରାୟତ୍ତ ବ୍ୟାଙ୍କ ବୋର୍ଡରେ ସାମିଲ ଥିବା ଡାଇରେକ୍ଟର ପ୍ରତିଯୋଗୀ ବ୍ୟାଙ୍କ ବୋର୍ଡରେ ନିଯୁକ୍ତି ପାଇପାରିବେ ନାହିଁ। କେବଳ ସେତିକି ନୁହେଁ ସେମାନେ ଅନ୍ୟ କୌଣସି ଆର୍ଥିକ ସଂସ୍ଥା, ବୀମା କମ୍ପାନୀ, ଅଣ ଆର୍ଥିକ କମ୍ପାନୀ ତଥା ବାଣିଜ୍ୟିକ ବ୍ୟାଙ୍କ, କୋଅପରେଟିଭ ବ୍ୟାଙ୍କ କିମ୍ବା ଆଞ୍ଚଳିକ ବ୍ୟାଙ୍କ ବୋର୍ଡରେ ସାମିଲ ହୋଇପାରିବେ ନାହିଁ। ସେହିପରି କିଣାବିକା, ଅର୍ଥ ଯୋଗାଣ, ଋଣ ପ୍ରଦାନ, ନିବେଶ ତଥା ଅନ୍ୟ ପାରା ବ୍ୟାଙ୍କିଙ୍ଗ କାର୍ଯ୍ୟକଳାପରେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ବୋର୍ଡରେ ଡାଇରେକ୍ଟର ଭାବେ ନିଯୁକ୍ତ ହୋଇପାରିବେ ନାହିଁ। ଏହାଛଡ଼ା ୬ ବର୍ଷ ପର୍ଯ୍ୟନ୍ତ ଅତୀତରେ କୌଣସି ବ୍ୟାଙ୍କ, ଆର୍ଥିକ ସଂସ୍ଥା, ବୀମା କମ୍ପାନୀର ଡାଇରେକ୍ଟର ଭାବେ ନିଯୁକ୍ତ ହୋଇଥିଲେ ତାଙ୍କୁ ପିଏସ୍‌ବି ବୋର୍ଡରେ ସାମିଲ କରାଯାଇପାରିବ ନାହିଁ। ଡାଇରେକ୍ଟର ସିଧାସଳଖ ଭାବେ ଷ୍ଟକ୍ ବ୍ରୋକିଂ କାର୍ଯ୍ୟରେ ଲିପ୍ତ ହୋଇ ନଥିବେ। ସର୍ବନିମ୍ନ ଶିକ୍ଷାଗତ ଯୋଗ୍ୟତା ଗ୍ରାଜୁଏଟ ହୋଇଥିବ ଏବଂ ତାଙ୍କର ବୟସ ୩୫ରୁ ୬୭ ବର୍ଷ ମଧ୍ୟରେ ହୋଇଥିଲେ ଜଣେ ବୋର୍ଡର ଡାଇରେକ୍ଟର ଭାବେ ନିଯୁକ୍ତ ହୋଇପାରିବେ। ଜଣେ ନିର୍ବାଚିତ ନିର୍ଦ୍ଦେଶକଙ୍କ କାର୍ଯ୍ୟକାଳ ୩ ବର୍ଷ ପର୍ଯ୍ୟନ୍ତ ହେବ ଏବଂ ଆବଶ୍ୟକସ୍ଥଳେ ପୁନଃନିର୍ବାଚିତ ହେବା କ୍ଷେତ୍ରରେ ସେ ସର୍ବାଧିକ ୬ ବର୍ଷ ପର୍ଯ୍ୟନ୍ତ ଡାଇରେକ୍ଟର ଭାବେ କାର୍ଯ୍ୟ କରିପାରିବେ ବୋଲି ଗାଇଡଲାଇନରେ ଦର୍ଶାଯାଇଛି। ନିଯୁକ୍ତି ପାଇବାକୁ ଥିବା ଡାଇରେକ୍ଟର ନିଜ ବ୍ୟାଙ୍କ ସହ ସିଧାସଳଖ କୌଣସି ବ୍ୟବସାୟ, ପରାମର୍ଶଦାତା ସେବା ଯୋଗାଣରେ ସମ୍ପୃକ୍ତ ନ ଥିବେ ବୋଲି ଆର୍‌ବିଆଇ କହିଛି। ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକୁ ରାଜନୀତି ଠାରୁ ଦୂରେଇ ରଖିବା ଲାଗି ଏକ ନମିନେଶନ ଏବଂ ରେମ୍ୟୁନେରେଶନ କମିଟି ଗଠନ କରିବାକୁ ଆର୍‌ବିଆଇ ଗାଇଡ୍‌ଲାଇନରେ ପରାମର୍ଶ ଦେଇଛି। ଏହି କମିଟିରେ ଅନ୍ତତଃପକ୍ଷେ ୩ ଜଣ ଅଣ ଏକ୍‌ଜିକ୍ୟୁଟିଭ ଡାଇରେକ୍ଟର ରହିବେ। କମିଟିରେ ଅର୍ଦ୍ଧେକ ସଦସ୍ୟ ସ୍ୱାଧୀନ ନିର୍ଦ୍ଦେଶକ ରହିବା ଆବଶ୍ୟକ। ବୋର୍ଡରେ ଥିବା ରିସ୍କ ମ୍ୟାନେଜମେଣ୍ଟ କମିଟିର ଜଣେ ସଦସ୍ୟ ସମ୍ପୃକ୍ତ ନିର୍ଦ୍ଦେଶକଙ୍କ ପ୍ରାର୍ଥିତ୍ୱ ସ୍ଥିର କରିବେ ବୋଲି ଗାଇଡ୍‌ଲାଇନରେ ଦର୍ଶାଯାଇଛି।

## ପିଏସ୍‌ବିଙ୍କ ପାଇଁ ଆର୍‌ବିଆଇ ଗାଇଡ୍‌ଲାଇନ




- ଅଡିଟରଙ୍କ ପାର୍ଟନର ବୋର୍ଡରେ ସାମିଲ ହେବେନି
- ନିର୍ଦ୍ଦେଶକଙ୍କ କାର୍ଯ୍ୟକାଳ ସର୍ବନିମ୍ନ ୩ ବର୍ଷ, ସର୍ବାଧିକ ୬ ବର୍ଷ ରହିବ
- ଶିକ୍ଷାଗତ ଯୋଗ୍ୟତା ଗ୍ରାଜୁଏଟ ହୋଇଥିବ
- ଡାଇରେକ୍ଟର ପ୍ରାର୍ଥୀଙ୍କ ବୟସ ୩୫ରୁ ୬୭ ବର୍ଷ ମଧ୍ୟରେ ହୋଇଥିବେ

# ଘର କ୍ରେତାଙ୍କୁ ମାଲିକାନା ନେବାକୁ ବାଧ କରାଯାଇପାରିବନି

ନୂଆଦିଲ୍ଲୀ,୩-୮




ବିଳମ୍ବରେ ନିର୍ମିତ ହାଉସିଂ ପ୍ରକଳ୍ପରେ ଘରର ମାଲିକାନା ନେବା ଲାଗି ବିଲ୍ଡର କ୍ରେତାଙ୍କୁ ବାଧ କରିପାରିବେ ନାହିଁ। ଏହା ଘର ମାଲିକଙ୍କ ଇଚ୍ଛାଧୀନ। ଫ୍ଲାଟ୍ ନିର୍ମାଣ ସରିଥିବାରୁ ଘର କ୍ରେତାଙ୍କୁ ଟଙ୍କା ଫେରସ୍ତ ଦେବ ନାହିଁ ବୋଲି ବିଲ୍ଡର କହିପାରିବ ନାହିଁ। ନ୍ୟାଶନାଲ କଞ୍ଜ୍ୟୁମର ଡିସ୍‌ପ୍ୟୁଟ୍ସ ରିଡ୍ରେସାଲ କମିଶନ(ଏନ୍‌ସିଡିଆର୍‌ସି) ପକ୍ଷରୁ ରାୟରେ ଉଲ୍ଲେଖ କରାଯାଇଛି। ଜଷ୍ଟିସ ଭି.କେ.ଜୈନଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ ଏ ସଂକ୍ରାନ୍ତରେ ଆଗତ ଏକ ମାମଲାର ବିଚାର କରି ବିଲ୍ଡର ପାୟୋନିୟର ଅର୍ବାନ ଲ୍ୟାଣ୍ଡ ଆଣ୍ଡ ଇନ୍‌ଫ୍ରାଷ୍ଟ୍ରକଚରକୁ ୪.୪୩ କୋଟି ଟଙ୍କା ଘର କ୍ରେତାଙ୍କୁ ଫେରସ୍ତ ଦେବା ଲାଗି ନିର୍ଦ୍ଦେଶ ଦେଇଛନ୍ତି। ସମ୍ପୃକ୍ତ କ୍ରେତା ଗୁରୁଗ୍ରାମରେ ଏକ ଫ୍ଲାଟ୍ କିଣିବା ଲାଗି ୨୦୧୨ରେ ବିଲ୍ଡରଙ୍କୁ ଟଙ୍କା ଦେଇଥିଲେ। ୨୦୧୫ ସୁଦ୍ଧା ତାଙ୍କୁ ଏହି ଫ୍ଲାଟ୍ ମିଳିବାର ଥିଲା। ତେବେ ବିଲ୍ଡର ଏହା ପ୍ରଦାନ କରିବାରେ ବିଫଳ ହୋଇଥିଲେ। ଏହାକୁ ଦୃଷ୍ଟିରେ ରଖି ଘର କ୍ରେତାଙ୍କ ପକ୍ଷରୁ ଟଙ୍କା ଫେରସ୍ତ ପାଇଁ ୨୦୧୮ରେ ଏନ୍‌ସିଡିଆର୍‌ସିଙ୍କ ନିକଟରେ ଆବେଦନ କରାଯାଇଥିଲା। ଆବେଦନକାରୀ ମାମଲା ଦାଏର କରିବାର ୧୫ ଦିନ ପୂର୍ବରୁ ବିଲ୍ଡର ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କ ଠାରୁ ନିବାସ ସାର୍ଟିଫିକେଟ ହାସଲ କରିଥିଲେ ସୁଦ୍ଧା କମିଶନ ଅର୍ଥ ଫେରାଇବାକୁ ନିର୍ଦ୍ଦେଶ ଦେଇଛନ୍ତି। କାରଣ ୨ ବର୍ଷରୁ ଅଧିକ ସମୟ ହେବ ଘର ଦେବାରେ ବିଳମ୍ବ ହୋଇଛି ବୋଲି ଖଣ୍ଡପୀଠ କାରଣ ଦର୍ଶାଇଛନ୍ତି।



# ଓଡ଼ିଶା ବଜାରରେ ନୂଆ ରିୟଲମି ଏକ୍ସ

ଭୁବନେଶ୍ୱର,୩-୮(ବ୍ୟୁରୋ)

ରିୟଲମି ଇଣ୍ଡିଆ ପ୍ରାଇଭେଟ ଲିମିଟେଡ ପକ୍ଷରୁ ନୂଆ 'ରିୟଲମି ଏକ୍ସ' ସ୍ମାର୍ଟଫୋନ ଓଡ଼ିଶା ବଜାରରେ ଶନିବାର ପ୍ରବେଶ କରିଛି। ସ୍ଥାନୀୟ ଶହୀଦ ନଗରସ୍ଥିତ ଲକ୍ଷ୍ମୀ ମୋବାଇଲ୍‌ସଠାରେ ମଡେଲଟିକୁ କମ୍ପାନୀର ଓଡ଼ିଶା ମୁଖ୍ୟ ନିଷ୍କଳଙ୍କ ମହାନ୍ତି, ଷ୍ଟୋର ଓନର ନକୁଳ ସୁବୁଦ୍ଧି, ବିଜ୍‌ନେସ ମ୍ୟାନେଜର ବାଣୀ ଭୂଷଣ ବାରିକ, ବିତରକ ଅଙ୍କିତ ଅଗ୍ରୱାଲ ପ୍ରମୁଖ ଉନ୍ମୋଚନ କରିଥିଲେ। ସେହିଭଳି ଭୁବନେଶ୍ୱରର ଟେକ୍ ଜୋନ, ସାଇ ଟେଲି ପଏଣ୍ଟ ସମେତ ୨୦ ଡିଲରଶିପ ପଏଣ୍ଟରେ ମଡେଲଟିକୁ ଉନ୍ମୋଚନ କରାଯାଇଛି। ଏହାବାଦ ରାଜ୍ୟର ବିଭିନ୍ନ ସ୍ଥାନ ଯଥା- ବ୍ରହ୍ମପୁରର ଭାରତ ଇନ୍‌ଫୋକମ୍, ମୋବିନେଟ୍ ରିଟେଲ, ସିଜିଆର୍, ରାଉରକେଲାର ମୋବାଇଲ ୱାର୍ଲଡ, ଫୋନ୍‌ଜୋନ, ଅନୁଗୋଳର ଗୋଏଲ ଏଜେନ୍ସି, ଗାଲେକ୍ସି, ସମ୍ବଲପୁରର ପପୁଲାର ମୋବାଇଲ ଷ୍ଟୋରରେ କମ୍ପାନୀ ପକ୍ଷରୁ ଏହି ସ୍ମାର୍ଟଫୋନର ଶୁଭାରମ୍ଭ କରାଯାଇଛି। ସାରା ରାଜ୍ୟରେ କମ୍ପାନୀର ଏହି ପ୍ରିମିୟମ ମଡେଲ ଉପଲବ୍ଧ ହେବ ବୋଲି ରାଜ୍ୟ ମୁଖ୍ୟ ନିଷ୍କଳଙ୍କ ମହାନ୍ତି କହିଛନ୍ତି। ଏହା ୪ଜିବି ସହ ୧୨୮ ଜିବି, ୮ ଜିବି ସହ ୧୨୮, ୩ କଲର ଭାରିଆଣ୍ଟ ସହ ଆସୁଛି। ଏଥିରେ ସ୍ନାପଡ୍ରାଗନ ୭୧୦ ଏସ୍‌ଓସି, ପପ୍ ଅପ୍ ସେଲ୍‌ଫି କ୍ୟାମେରା, ୪୮ ମେଗା ପିକ୍ସେଲ ପ୍ରାଇମେରି କ୍ୟାମେରା ଏବଂ ୬.୫୩ ଇଞ୍ଚର ଫୁଲ ଏଚ୍‌ଡି ସ୍କ୍ରିନ ରହିଛି। ଏହାର ବଜାର ଦର ୧୬,୯୯୯ ଟଙ୍କାରୁ ଆରମ୍ଭ ହେଉଥିବା କମ୍ପାନୀ ପକ୍ଷରୁ ସୂଚନା ରହିଛି।

# ରିଲାଏନ୍ସ ସ୍ମାର୍ଟର ନୂଆ ଷ୍ଟୋର

ଭୁବନେଶ୍ୱର,୩-୮

ରିଲାଏନ୍ସ ସ୍ମାର୍ଟର ନୂଆ ଷ୍ଟୋର ପଟିଆ ମେନ୍ ରୋଡ୍‌ଠାରେ ଖୋଲିଛି। ଏହା ରିଲାଏନ୍ସ ଟ୍ରେଣ୍ଡସ ନିକଟ ସାଇସୁମନ କମର୍ସିଆଲ କମ୍ପ୍ଲେକ୍ସଠାରେ ଅବସ୍ଥିତ। ଗୋଟିଏ ଛାତ ତଳେ କିରାନା ସାମଗ୍ରୀ, ଫଳ, ପନିପରିବା, ଦୁଗ୍ଧଜାତ ସାମଗ୍ରୀଠାରୁ ଆରମ୍ଭ କରି ରୋଷେଇ ଉପକରଣ, ଘର କରଣା ସାମଗ୍ରୀ ଗ୍ରାହକ ଗୋଟିଏ ଛାତ ତଳେ ଲାଭ କରି ପାରିବେ। ନୂଆ ଷ୍ଟୋର ଶୁଭାରମ୍ଭ ଅବସରରେ ସାମଗ୍ରୀ କ୍ରୟରେ ଆକର୍ଷଣୀୟ ରିହାତି ଗ୍ରାହକ ଲାଭ କରି ପାରିବେ। ସେହିଭଳି ଷ୍ଟାପଲ ଏବଂ ପନିପରିବା ରିହାତି ଦରରେ ଷ୍ଟୋରରେ ଉପଲବ୍ଧ ହେଉଛି। ଏହା ଦ୍ୱାରା ଓଡ଼ିଶାରେ ରିଲାଏନ୍ସ ସ୍ମାର୍ଟ ଷ୍ଟୋର ସଂଖ୍ୟା ୫ ଛୁଇଁଛି। ଷ୍ଟୋରଟି ୧୨,୩୦୦ ବର୍ଗଫୁଟ ପରିମିତ ସ୍ଥାନରେ ଖୋଲିଛି। ଗ୍ରାହକଙ୍କ ଲାଗି ଉଦ୍‌ଘାଟନୀ ଅଫର ପାୱାର ଅଫ୍ ନାଇନ ରହିଛି। ଏବେ ଦେଶର ୧୦୦ରୁ ଅଧିକ ସହରରେ ୧୭୦ରୁ ଅଧିକ ରିଲାଏନ୍ସ ସ୍ମାର୍ଟ ଷ୍ଟୋର ରହିଥିବା କମ୍ପାନୀ ପକ୍ଷରୁ ସୂଚନା ରହିଛି।

# ଫେଡେରାଲ୍ ବ୍ୟାଙ୍କର ରପ୍ତାନି ବୈଠକ

ଭୁବନେଶ୍ୱର,୩-୮

ଫେଡେରାଲ ବ୍ୟାଙ୍କ କ୍ଷେତ୍ରୀୟ କାର୍ଯ୍ୟାଳୟ ଭୁବନେଶ୍ୱର ପକ୍ଷରୁ ନୌବାଣିଜ୍ୟ ରପ୍ତାନି ସମ୍ପର୍କିତ ବୈଠକ ଅନୁଷ୍ଠିତ ହୋଇଯାଇଛି। ରପ୍ତାନୀ କ୍ଷେତ୍ରରେ ଉପୁଜୁଥିବା ବିଭିନ୍ନ ସମସ୍ୟା ଉପରେ ଏଠାରେ ଆଲୋଚନା ହୋଇଥିଲା। ବୃହତ୍ ରପ୍ତାନିକାରୀ ମାନେ ଏଠାରେ ଯୋଗ ଦେଇଥିଲେ। ଏଥିରେ ଫେଡେରାଲ ବ୍ୟାଙ୍କ ସଦସ୍ୟମାନେ ଟ୍ରେଡ ମାର୍କେଟର ଦୃଷ୍ଟାନ୍ତମୂଳକ ପଦକ୍ଷେପ ଉପରେ ଗୁରୁତ୍ୱାରୋପ କରିଥିଲେ। ପରିବର୍ତ୍ତିତ ସ୍ଥିତିରେ ରପ୍ତାନି ବଜାର ଏବଂ ରିସ୍କ ମ୍ୟାନେଜମେଣ୍ଟ ଏଥିରେ ସ୍ଥାନିତ ହୋଇଥିଲା। ମେରାଇନ ରପ୍ତାନିକାରୀମାନେ କିଭଳି ବିଭିନ୍ନ ସମସ୍ୟାର ସମାଧାନ କରିପାରିବେ ସେ ଉପରେ ବୈଠକରେ ଆଲୋଚନା କରାଯାଇଛି।

# ଏନ୍‌ଆଇଏନ୍‌ଏଲ୍ ବ୍ଲାଷ୍ଟ ଫର୍ନେସ ସାମୟିକ ବନ୍ଦ

ଭୁବନେଶ୍ୱର,୩-୮

କଳିଙ୍ଗ ନଗରସ୍ଥିତ ନୀଳାଚଳ ଇସ୍ପାତ ନିଗମ ଲିମିଟେଡ(ଏନ୍‌ଆଇଏନ୍‌ଏଲ୍)ର ବ୍ଲାଷ୍ଟ ଫର୍ନେସକୁ ସାମୟିକ ସମୟ ଲାଗି ବନ୍ଦ କରାଯାଇଛି। ବୈଷୟିକ ଆବଶ୍ୟକତା ଏବଂ କଞ୍ଚାମାଲ ନିୟମିତ ଯୋଗାଣ ଅଭାବ ଯୋଗୁ ଏଭଳି ନିଷ୍ପତ୍ତି ନିଆଯାଇଥିବା କମ୍ପାନୀ ପକ୍ଷରୁ ଏକ ପ୍ରେସ ବିବୃତି ଯୋଗେ କୁହାଯାଇଛି। କଞ୍ଚାମାଲ ନିୟମିତ ପ୍ଲାଣ୍ଟକୁ ପହଞ୍ଚିଲେ ବ୍ଲାଷ୍ଟ ଫର୍ନେସ ପୁଣି ଥରେ କାର୍ଯ୍ୟକ୍ଷମ ହେବ। ଏହି ସମୟରେ କମ୍ପାନୀର କୋକ୍ ଓଭେନ କାର୍ଯ୍ୟକ୍ଷମ ରହିବା ସହ କୋକ୍ ଉତ୍ପାଦନ ହେଉଛି। କିଛି ବର୍ଷ ପୂର୍ବରୁ କମ୍ପାନୀର ସ୍ଥିତି ଖରାପ ହୋଇଥିବା ବେଳେ ଏହାକୁ ଲାଭଜନକ ସ୍ଥିତିକୁ ଆଣିବା ଲାଗି ଯୋଜନା କରାଯାଇଥିଲା। ଫଳରେ ବ୍ଲାଷ୍ଟ ଫର୍ନେସର କ୍ୟାପିଟାଲ ରିପେୟାର, ଷ୍ଟିଲ ବିଲେଟ ଉତ୍ପାଦନ ଏବଂ ନିଜ ଲୁହାପଥର ଖଣିରୁ ଉତ୍ପାଦନ ଭଳି ପଦକ୍ଷେପ ନିଆଯାଇଥିଲା। କମ୍ପାନୀ ଏହାର ନିଜ ଖଣିରୁ ଲୁହାପଥର ଉତ୍ପାଦନ ପାଇଁ ଯୋଜନା ରଖିଛି। ଏଥିଲାଗି କମ୍ପାନୀ ସମସ୍ତ ମଞ୍ଜୁରୀ ଲାଭ କରିଥିବା ସୂଚନା ରହିଛି।

## ଜୁନ ତ୍ରୈମାସରେ ୮.୮୪ ଲକ୍ଷ ୟୁନିଟ ଯାନ ବିକିଲା ଟିଭିଏସ୍

ନୂଆଦିଲ୍ଲୀ,୩-୮

ଚଳିତ ଆର୍ଥିକ ବର୍ଷ ଜୁନ ତ୍ରୈମାସରେ ଟିଭିଏସ୍ ମୋଟର କମ୍ପାନୀ ପକ୍ଷରୁ ମୋଟ ୮.୮୪ ଲକ୍ଷ ୟୁନିଟ ଯାନ ବିକ୍ରି ହୋଇଛି। ଏହା ମଧ୍ୟରେ ଘରୋଇ ବଜାର ବିକ୍ରି ଏବଂ ରପ୍ତାନି ସାମିଲ ହୋଇଛି। କମ୍ପାନୀର ରପ୍ତାନି ଅଭିବୃଦ୍ଧି ୧୦% ବଢ଼ି ୨.୦୯ ଲକ୍ଷ ୟୁନିଟ ରହିଛି। ଏହା ଗତ ଆର୍ଥିକ ବର୍ଷ ସମାନ ସମୟରେ ୧.୯୦ ଲକ୍ଷ ୟୁନିଟ ରହିଥିଲା। କମ୍ପାନୀର ୩ ଚକିଆ ଯାନ ବିକ୍ରି ୧୧.୧% ବୃଦ୍ଧି ଘଟିଛି। ୨୦୧୯-୨୦ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସରେ କମ୍ପାନୀର ରାଜସ୍ୱରେ ୭.୨% ବୃଦ୍ଧି ଘଟିଛି। କମ୍ପାନୀର ମୋଟ ରାଜସ୍ୱ ୪୪୬୯.୮ କୋଟି ଟଙ୍କା ଛୁଇଁଛି। ଏହା ଗତ ବର୍ଷ ସମାନ ସମୟରେ ୪୧୭୧.୦ କୋଟି ଟଙ୍କା ରହିଥିଲା। ଏହି ସମୟରେ ଏବିଟ୍‌ଡା ୩୫୫.୮ କୋଟି, ଟିକସ ପୂର୍ବବର୍ତ୍ତୀ ଲାଭ ୨୦୮.୫ କୋଟି ରହିଛି। ସେହିଭଳି ଟିକସ ପରବର୍ତ୍ତୀ ଲାଭ ୧୪୩ କୋଟି ଟଙ୍କା ରହିଥିବା କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି।

# ଏସ୍‌ବିଆଇ ପକ୍ଷରୁ ଗ୍ରୀନ ମାରାଥନ

ଭୁବନେଶ୍ୱର,୩-୮

ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଏସ୍‌ବିଆଇ) ଗ୍ରୁପ ପକ୍ଷରୁ ଦେଶର ୧୫ ସହରରେ ଗ୍ରୀନ ମାରାଥନର ତୃତୀୟ ସଂସ୍କରଣ ଆୟୋଜନ ସମ୍ପର୍କରେ ଘୋଷଣା କରାଯାଇଛି। ଚଳିତ ବର୍ଷ ଡିସେମ୍ବର ୨୨ରେ ଏହା ଭୁବନେଶ୍ୱରରେ ଆୟୋଜିତ ହେବ। ୬ ମାସ ମଧ୍ୟରେ ଏହାକୁ ୧୫ ସହରରେ ଆୟୋଜନ କରିବା ନେଇ ଏସ୍‌ବିଆଇ ଯୋଜନା ରଖିଛି। ଚଳିତ ବର୍ଷ ମାରାଥନର ଥିମ ରହିଛି ଏକ ସବୁଜ ଭବିଷ୍ୟତ ପାଇଁ ଦୌଡ଼। ସାରା ଦେଶରେ ପ୍ରାୟ ୧ ଲକ୍ଷ ଲୋକ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିବେ ବୋଲି ବ୍ୟାଙ୍କ ପକ୍ଷରୁ ଆଶା ରଖାଯାଇଛି। ସ୍ୱଚ୍ଛ ଏବଂ ସବୁଜ ସହରର ପ୍ରଚାର ନେଇ ଅଂଶୀଦାରଙ୍କ ମଧ୍ୟରେ ସଚେତନତା ଲାଗି ଏକ କାର୍ଯ୍ୟକ୍ରମ ପରିକଳ୍ପନା କରାଯାଇଛି। ପରିବେଶ ସୁରକ୍ଷା ଏବଂ ନିରନ୍ତର ବିକାଶ ପ୍ରତି ପ୍ରତିଶ୍ରୁତିବଦ୍ଧ ବୋଲି ଏସ୍‌ବିଆଇର ଡିଏମ୍‌ଡି ଏବଂ ସିଡିଓ ଆଲୋକ କୁମାର ଚୌଧୁରୀ କହିଛନ୍ତି।

# ୟୁକୋ ବ୍ୟାଙ୍କର ନୂତନ ଆଞ୍ଚଳିକ ପ୍ରବନ୍ଧକ

ଭୁବନେଶ୍ୱର,୩-୮



ୟୁକୋ ବ୍ୟାଙ୍କ ବାଲେଶ୍ୱର ଆଞ୍ଚଳିକ କାର୍ଯ୍ୟାଳୟର ନୂଆ ପ୍ରବନ୍ଧକ ଭାବେ ପ୍ରଣବ କୁମାର ବିଶ୍ୱାସ କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ଏହା ପୂର୍ବରୁ ସେ ଭୁବନେଶ୍ୱର ଅଶୋକା ମାର୍କେଟସ୍ଥିତ ଶାଖାର ସହାୟକ ମହାପ୍ରବନ୍ଧକ ତଥା ଶାଖା ମୁଖ୍ୟ ରୂପେ କାର୍ଯ୍ୟ କରୁଥିଲେ। ୨୦୦୪ ମସିହାରେ ଅହମ୍ମଦାବାଦସ୍ଥିତ କାର୍ଯ୍ୟାଳୟରେ ରିସ୍କ ମ୍ୟାନେଜମେଣ୍ଟ ଅଫିସର ଭାବେ କ୍ୟାରିୟର ଆରମ୍ଭ କରିଥିଲେ। କଲିକତା ମୁଖ୍ୟ କାର୍ଯ୍ୟାଳୟ, ଧର୍ମଶାଳା ଶାଖାର ମୁଖ୍ୟ, ସିଙ୍ଗାପୁର ଶାଖା ମୁଖ୍ୟ ଭାବେ କାର୍ଯ୍ୟ କରିଛନ୍ତି। ୨୦୧୩ରେ ସେ ମୁଖ୍ୟ ପ୍ରବନ୍ଧକ ପଦବୀକୁ ପଦୋନ୍ନତି ଲାଭ କରିଥିଲେ। ସେ ପ୍ରଶାସନିକ ସ୍ତରରେ ୧୦ ବର୍ଷ ଏବଂ ଶାଖା ସ୍ତରରେ ୬ ବର୍ଷର ଅଭିଜ୍ଞତା ହାସଲ କରିଛନ୍ତି। ବାଲେଶ୍ୱର ଅଞ୍ଚଳରେ ରିକଭରି ଓ ଋଣ ପ୍ରଦାନ ଦିଗରେ ଗୁରୁତ୍ୱ ଦେବେ ବୋଲି ବିଶ୍ୱାସ କହିଛନ୍ତି।

# ସିଆଇଆଇ ଓଡ଼ିଶା ପକ୍ଷରୁ ବୃକ୍ଷରୋପଣ

**ଭୁବନେଶ୍ୱର,୩-୮:** ସିଆଇଆଇ ଓଡ଼ିଶା ପକ୍ଷରୁ ଭୁବନେଶ୍ୱରଠାରେ ଆୟୋଜିତ ହ୍ୟୁମାନ କ୍ୟାପିଟାଲ କନକ୍ଲେଭ ଅବସରରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି। ନାଲ୍‌କୋ ସିଏମ୍‌ଡି ଏବଂ ବିପର୍ଯ୍ୟୟ ପ୍ରଶମନ ପାଇଁ ସିଆଇଆଇ ପକ୍ଷରୁ ଗଠିତ ସ୍ୱତନ୍ତ୍ର ଟାସ୍କ ଫୋର୍ସର ଅଧ୍ୟକ୍ଷ ଡ. ତପନ କୁମାର ଚାନ୍ଦଙ୍କ ଦ୍ୱାରା ବୃକ୍ଷରୋପଣ ଅନୁଷ୍ଠିତ ହୋଇଥିଲା। ଏଥିରେ ସିଆଇଆଇ ଓଡିଶା ଅଧ୍ୟକ୍ଷ ରଞ୍ଜନ କୁମାର ମହାପାତ୍ର, ନାଲ୍‌କୋ ମାନବ ସମ୍ବଳ ନିର୍ଦ୍ଦେଶକ ବି.କେ.ଠାକୁର, ଏମ୍‌ଓଆଇଏଲ୍ ନିର୍ଦ୍ଦେଶକ ଉଷା ସିଂ, ବିଭିନ୍ନ ଅନୁଷ୍ଠାନର ମାନବ ସମ୍ବଳ ଅଧିକାରୀ ଏବଂ ସିଆଇଆଇ ଓଡିଶା ପରିଷଦର ସଦସ୍ୟମାନେ ଏଠାରେ ଉପସ୍ଥିତ ଥିଲେ। ଫନୀ ପରେ ଭୁବନେଶ୍ୱର ଏବଂ ଏହାର ପାରିପାର୍ଶ୍ୱିକ ଅଞ୍ଚଳରେ ବୃକ୍ଷରୋପଣର ଆବଶ୍ୟକତା ରହିଥିବା ଡ. ଚାନ୍ଦ କହିଛନ୍ତି। ଆଗାମୀ ଦିନରେ ଏହି ଧାରା ଜାରି ରହିବ ବୋଲି ସିଆଇଆଇ ପକ୍ଷରୁ ସୂଚନା ରହିଛି।





“ ହକି ଆମ ଦେଶ ପାଇଁ ଅନେକ ଅନ୍ତର୍ଜାତୀୟ ସମ୍ମାନ ଆଣିଦେଇଛି । ତେଣୁ ଏହି ଖେଳ ପ୍ରତି ଅବହେଳା ହେବା ଉଚିତ ନୁହେଁ ।

–ମେଓ୍ୱିସ ହାୟତ, ପାକିସ୍ତାନ ଅଭିନେତ୍ରୀ



“ ସୁନୀଲ ଛେତ୍ରୀଙ୍କୁ ମୁଁ ତାଙ୍କ କ୍ୟାରିୟର ଆରମ୍ଭରୁ ଦେଖିଆସୁଛି। ତାଙ୍କ ନିକଟରେ ଜଣେ ସ୍ୱତନ୍ତ୍ର ଖେଳାଳିର କ୍ୱାଲିଟି ରହିଛି ।

–ଶନମୁଗମ ଭେଙ୍କଟେସ
ଭାରତୀୟ ଫୁଟ୍‌ବଲ ଟିମ୍ ସହକାରୀ କୋଚ୍

## ସଂକ୍ଷେପରେ

### ସ୍ୱାର୍ଥ ନିହିତ ଦ୍ୱନ୍ଦ୍ୱ ପ୍ରସଙ୍ଗ ସିଏସି ସଦସ୍ୟଙ୍କ ଘୋଷଣାନାମା ପତ୍ର ଦାଖଲ

**ନୂଆଦିଲ୍ଲୀ, ୩।୮(ପି.ଟି.):** ସ୍ୱାର୍ଥ ନିହିତ ଦ୍ୱନ୍ଦ୍ୱ (କନ୍‌ଫ୍ଲିକ୍ଟ ଅଫ୍ ଇଣ୍ଟରେଷ୍ଟ) ପ୍ରସଙ୍ଗ ନେଇ କ୍ରିକେଟ ଉପଦେଷ୍ଟା କମିଟି (ସିଏସି)ର ସଦସ୍ୟମାନେ ସେମାନଙ୍କ ଘୋଷଣାନାମା ଫର୍ମ ଦାଖଲ କରିଛନ୍ତି। ପୂର୍ବତନ ଅଧିନାୟକ କପିଳ ଦେବ, ପୂର୍ବତନ କୋଚ୍ ଅଂଶୁମାନ ଗାଏକ୍ୱାଡ ଏବଂ ପୂର୍ବତନ ମହିଳା ଅଧିନାୟିକା ଶାନ୍ତା ରଙ୍ଗାସ୍ୱାମୀଙ୍କୁ ନେଇ ଗଠିତ ସିଏସି ଭାରତୀୟ କ୍ରିକେଟ ଦଳର ସହଯୋଗୀ ଷ୍ଟାଫ୍ ମନୋନୟନ କରିବ। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର ଏଥିକ୍ସ ଅଫିସର ଏହି ବ୍ୟାପାରରେ ଦେଖା ଚାହାଁ କରୁଛନ୍ତି ବୋଲି ବିସିସିଆଇର ଜଣେ ସିନିୟର ଅଫିସିଆଲ ପ୍ରକାଶ କରିଛନ୍ତି।

### ସୁରକ୍ଷା ବ୍ୟବସ୍ଥା ଯାଞ୍ଚ କରିବେ ଶ୍ରୀଲଙ୍କା ପ୍ରତିନିଧି

**କରାଚୀ,୩।୮(ପିଟି):** ଶ୍ରୀଲଙ୍କା କ୍ରିକେଟର ଦୁଇଜଣିଆ ପ୍ରତିନିଧି ଦଳ ବୁଧବାର ପାକିସ୍ତାନ ଗସ୍ତ କରିବେ। ସେମାନେ ସେଠାକାର ସୁରକ୍ଷା ବ୍ୟବସ୍ଥା ଯାଞ୍ଚ କରିବେ। ସେମାନଙ୍କ ନିଷ୍ପତ୍ତି ଉପରେ ଆସନ୍ତା ଅକ୍ଟୋବରରେ ହେବାକୁ ଥିବା ଆଇସିସି ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ ସିରିଜ୍‌ର ଭାଗ୍ୟ ନିର୍ଦ୍ଧାରଣ ହେବ। ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି) ଅଧକ୍ଷ ଈଶାନ ମାନି କହିଛନ୍ତି, ଶ୍ରୀଲଙ୍କା କ୍ରିକେଟର ପ୍ରତିନିଧି ଦଳ କରାଚୀ, ଲାହୋର ଓ ଇସ୍‌ଲାମାବାଦ ଭେନ୍ୟୁ ଏବଂ ଦଳୀୟ ହୋଟେଲର ସୁରକ୍ଷା ବ୍ୟବସ୍ଥା ଯାଞ୍ଚ କରିବେ। ଏହାବାଦ୍ ସେମାନେ ପୋଲିସ ଓ ସୁରକ୍ଷା ବ୍ୟବସ୍ଥାରେ ନିଯୁକ୍ତ ହେବାକୁ ଥିବା ଅଫିସିଆଲଙ୍କ ସହ ବୈଠକରେ ଯୋଗଦେବେ। ଉଲ୍ଲେଖଥାଉ କି, ୨୦୦୯ରେ ଶ୍ରୀଲଙ୍କା ଦଳ ଉପରେ ଆତଙ୍କବାଦୀ ଆକ୍ରମଣରେ କୌଣସି ବଡ଼ ଦଳ ପାକିସ୍ତାନ ଗସ୍ତ କରୁ ନାହାନ୍ତି। ଶ୍ରୀଲଙ୍କା ଦଳ ପିସିବିର ଅନୁରୋଧ ରକ୍ଷା କରିବ ବୋଲି ମାନି ଆଶା ପ୍ରକଟ କରିଛନ୍ତି। ଏବେ ପିସିବି ଅନ୍ୟ ବୋର୍ଡଙ୍କୁ ବୁଝାଇବାକୁ ଉଦ୍ୟମ କରିବ।

### ଜୟପୁର ପିଙ୍କ୍ ପାନ୍ଥର୍ସ ବିଜୟୀ

**ପାଟନା, ୩।୮ (ପି.ଟି.):** ଚଳିତ ଭିଭୋ ପ୍ରୋ-କବାଡ଼ି ସିଜନ-୭ରେ ଶନିବାର ଖେଳାଯାଇଥିବା ମ୍ୟାଚରେ ଜୟପୁର ପିଙ୍କ୍ ପାନ୍ଥର୍ସ ବିଜୟ ଲାଭ କରିଛି। ଦଳ ୩୪-୨୧ରେ ପାଟନା ପାଇରେଟ୍ସଙ୍କୁ ପରାସ୍ତ କରିଛି। ମ୍ୟାଚରେ ସନ୍ଦୀପ ଧୂଲ ଏବଂ ଅମିତ ହୁଦାଙ୍କ ନେତୃତ୍ୱରେ ପିଙ୍କ୍ ପାନ୍ଥର୍ସ ଡିଫେନ୍ସ ପାଟନା ଦଳର ବିପଜ୍ଜନକ ଖେଳାଳି ପ୍ରଦୀପ ନରଓ୍ୱାଲଙ୍କୁ ରୋକିବାରେ ବିଶେଷ ଭୂମିକା ଗ୍ରହଣ କରିଥିଲେ। ନରଓ୍ୱାଲ ପାଟନା ଦଳର ଟପ୍ ସ୍କୋରର ଥିଲେ। ସେ ୯ ପଏଣ୍ଟ ସ୍କୋର କରିଥିଲେ। ଜୟପୁର ପିଙ୍କ୍ ପାନ୍ଥର୍ସ ପକ୍ଷରୁ ସନ୍ଦୀପ ଧୂଲ ୮ ଟାକଲ ପଏଣ୍ଟ ସ୍କୋର କରିଥିବାବେଳେ ଦୀପକ ନରଓ୍ୱାଲ ୮ ରେଡ୍ ପଏଣ୍ଟ ସ୍କୋର କରିଥିଲେ।

# ଇଂଲଣ୍ଡ ପ୍ରଥମ ଇନିଂସ୍ ଅଗ୍ରଣୀ

**ବର୍ମିଂହାମ,୩।୮(ଏଏଫ୍‌ପି)**

ଅଷ୍ଟ୍ରେଲିଆ ବିପକ୍ଷ ଆଶେସ ସିରିଜର ପ୍ରଥମ ଟେଷ୍ଟ ମ୍ୟାଚ୍‌ରେ ଘରୋଇ ଇଂଲଣ୍ଡ ପ୍ରଥମ ଇନିଂସରେ ଅଗ୍ରଣୀ ହାସଲ କରିଛି। ସ୍ଥାନୀୟ ଏଜ୍‌ବାଷ୍ଟନ ଗ୍ରାଉଣ୍ଡରେ ଟସ୍ ଜିତି ଅଷ୍ଟ୍ରେଲିଆ ପ୍ରଥମ ଇନିଂସରେ ଅଭିଜ୍ଞ ଷ୍ଟିଭ୍ ସ୍ମିଥ୍‌ଙ୍କ ୧୪୪ ରନର ଶତକ ସହାୟତାରେ ୮୦.୪ ଓଭରରେ ୨୮୪ ରନ କରି ଅଲଆଉଟ ହୋଇଥିଲା। ଜବାବରେ ଇଂଲଣ୍ଡ ପ୍ରଥମ ଇନିଂସରେ ତୃତୀୟ ଦିନ ଚା’ପାନ ବିରତି ସୁଦ୍ଧା ୧୩୫.୫ ଓଭରରେ



ଉଇକେଟ ହାସଲ ପରେ ନାଥନ ଲିୟନଙ୍କୁ ସାଥୀ ଖେଳାଳିଙ୍କ ଅଭିନନ୍ଦନ।

### ସଂକ୍ଷିପ୍ତ ସ୍କୋର

- **ଅଷ୍ଟ୍ରେଲିଆ ପ୍ରଥମ ଇନିଂସ:** ୮୦.୪ ଓଭରରେ ୨୮୪ ଅଲଆଉଟ।
- **ଇଂଲଣ୍ଡ ପ୍ରଥମ ଇନିଂସ:** ୧୩୫.୫ ଓଭରରେ ୩୭୪ ଅଲଆଉଟ, (ବର୍ନ୍ସ- ୧୩୩, ରୁଟ୍- ୫୭, ଷ୍ଟୋକ୍ସ- ୫୦, ଓ୍ୱକ୍ସ- ୩୭*, ବ୍ରଡ୍-୨୯, କୁମିନ୍ସ- ୩/୮୪, ଲିୟନ- ୩/୧୧୨, ପାଟିନସନ- ୨/୮୨, ସଡଲ- ୨/୫୨ )
- **ଅଷ୍ଟ୍ରେଲିଆ ଦ୍ୱିତୀୟ ଇନିଂସ:** ୩୧ ଓଭରରେ ୧୨୪/୩।

୩୭୪ ରନ କରି ଅଲଆଉଟ ହୋଇ ୯୦ ରନର ମହତ୍ତ୍ୱପୂର୍ଣ୍ଣ ଅଗ୍ରଣୀ ହାସଲ କରିଥିଲା। ଦ୍ୱିତୀୟ ଇନିଂସ ଆରମ୍ଭ କରି ଅଷ୍ଟ୍ରେଲିଆ ଶନିବାର ଖେଳ ଶେଷ ସୁଦ୍ଧା ୩୧ ଓଭରରେ ୩ ଉଇକେଟ ହରାଇ ୧୨୪ ରନ ସଂଗ୍ରହ କରିଛି। ଫଳରେ ୭ ଉଇକେଟ ହାତରେ ରଖି ଅଷ୍ଟ୍ରେଲିଆ ୩୪ ରନରେ ଅଗ୍ରଣୀ ହାସଲ କରିଛି। ଓପନର କାମେରନ ବ୍ୟାଙ୍କ୍ରଫ୍ଟ ୭, ଡେଭିଡ ଓ୍ୱାର୍ନର ୮, ଉସମାନ ଖ୍ୱାଜା ୪୦ ରନ କରି ଆଉଟ ହୋଇଥିବା ବେଳେ ଷ୍ଟିଭ୍ ସ୍ମିଥ୍ ୪୬ ଓ ଟ୍ରାଭିସ୍ ହେଡ ୨୧ ରନ କରି ଅପରାଜିତ ରହିଛନ୍ତି। ବୋଲିଂରେ ଇଂଲଣ୍ଡ ତରଫରୁ ଷ୍ଟୁଆର୍ଟ ବ୍ରଡ, ମୋଇନ ଅଲି ଓ ବେନ୍ ଷ୍ଟୋକ୍ସ ଗୋଟିଏ ଲେଖାଏ ଉଇକେଟ ହାସଲ କରିଛନ୍ତି।

ଅସମାପ୍ତ ପ୍ରଥମ ଇନିଂସ ସ୍କୋର

**ଆଶେସ୍**

୨୬୭/୪ରୁ ଇଂଲଣ୍ଡ ଖେଳ ଆରମ୍ଭ କରି ଅଲଆଉଟ୍ ହୋଇଥିଲା। ଓଭରନାଇଟ୍ ବ୍ୟାଟ୍ସମ୍ୟାନ ବର୍ନ୍ସ ୧୨୫ରୁ ଖେଳ ଆରମ୍ଭ କରି ଆଉ ମାତ୍ର ୮ ରନ ଅଧିକ ସଂଗ୍ରହ କରି ଅଭିଜ୍ଞ ସ୍ପିନର ନାଥନ ଲିୟନଙ୍କ ବଲରେ ଉଇକେଟକିପର ଟିମ୍ ପେନ୍‌ଙ୍କୁ କ୍ୟାଚ୍ ଦେଇଥିଲେ। ସେହିପରି ୩୮ ରନରୁ ଖେଳ ଆରମ୍ଭ କରି ବେନ୍ ଷ୍ଟୋକ୍ସ ୫୦ ରନ କରି ଆଉଟ ହୋଇଥିଲେ। ପାଖାପାଖି ୮ ଘଣ୍ଟା ବ୍ୟାଟିଂ କରି ବର୍ନ୍ସ ୩୧୨ଟି ବଲ୍‌ର ସମ୍ମୁଖୀନ ହୋଇ ୧୭ଟି ଚୌକା ସହ ୧୩୩ ରନର ଶତକୀୟ ପାଳି ଖେଳି ଟପ୍ ସ୍କୋରର ସାବ୍ୟସ୍ତ ହୋଇଥିଲେ। ଏଥିସହିତ ଟେଷ୍ଟ କ୍ୟାରିୟରର ପ୍ରଥମ ଶତକ ଅର୍ଜନ କରିଛନ୍ତି। ନବମ ଉଇକେଟରେ ଷ୍ଟୁଆର୍ଟ ବ୍ରଡ ଓ କ୍ରିସ ଓ୍ୱକ୍ସ ୬୫ ରନ ସଂଗ୍ରହ କରି ଦଳର ସ୍କୋରକୁ ଆଗକୁ ବଢାଇଥିଲେ। ଓ୍ୱକ୍ସ ୩୭ ରନ କରି ଶେଷପର୍ଯ୍ୟନ୍ତ ଅପରାଜିତ ରହିଥିଲେ। ବ୍ରଡ ଉପଯୋଗୀ ୨୯ ରନ ସଂଗ୍ରହ କରିଥିଲେ। ପୂର୍ବରୁ ରୁଟ୍ ୫୭ ରନର ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ। ଇଞ୍ଜୁରି ସତ୍ତ୍ୱେ ବ୍ୟାଟିଂ କରିବାକୁ ଆସିଥିବା ଜେମ୍ସ ଆଣ୍ଡରସନ ୩ ରନ କରି ଶେଷ ବ୍ୟାଟ୍ସମ୍ୟାନ ଭାବେ ପ୍ୟାଭିଲିୟନ ଫେରିଥିଲେ। ଏହାପୂର୍ବରୁ ଜନି ବେୟାରଷ୍ଟୋ ୮ ରନ କରି ପିଟର ସିଡଲଙ୍କ ବଲ୍‌ରେ ଓ୍ୱାର୍ନରଙ୍କୁ କ୍ୟାଚ ଦେଇ ପ୍ୟାଭିଲିୟନ ଫେରିଥିଲେ। ବୋଲିଂରେ ଅଷ୍ଟ୍ରେଲିଆ ତରଫରୁ କୁମିନ୍ସ ଓ ଲିୟନ ୩ଟି ଲେଖାଏ, ପାଟିନସନ ଓ ସିଡଲ ୨ଟି ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।

## ଅମ୍ପାୟରଙ୍କୁ ପଣ୍ଟିଂଙ୍କ ସମାଲୋଚନା

**ସିଡ୍‌ନୀ,୩।୮(ଏଏଫ୍‌ପି):** ଇଂଲଣ୍ଡର ବର୍ମିଂହାମଠାରେ ଚାଲିଥିବା ପ୍ରଥମ ଆଶେସ ଟେଷ୍ଟରେ ଅମ୍ପାୟରଙ୍କ ବହୁ ତ୍ରୁଟି ପରିଲକ୍ଷିତ ହୋଇଛି। ଏଥିଯୋଗୁ ପୂର୍ବତନ ଅଷ୍ଟ୍ରେଲିଆନ ଅଧିନାୟକ ରିକି ପଣ୍ଟିଂ ଶନିବାର ନିରପେକ୍ଷ ଅମ୍ପାୟରଙ୍କ ନିୟମକୁ ସମାଲୋଚନା କରିଛନ୍ତି। ଚଳିତ ଟେଷ୍ଟରେ ପାକିସ୍ତାନର ଅଲିମ ଦାର ଓ ୱେଷ୍ଟଇଣ୍ଡିଜର ଜୁଏଲ ଓ୍ୱିଲସନ ବହୁ ତ୍ରୁଟିପୂର୍ଣ୍ଣ ନିଷ୍ପତ୍ତି ନେଇଛନ୍ତି। କିନ୍ତୁ ଡିଆରଏସ୍ ଯୋଗୁ ଦୁଇ ଦଳ ଭୁଲ ନିଷ୍ପତ୍ତିର ଶିକାର ହେବାରୁ ବର୍ତ୍ତି ଯାଇଛନ୍ତି। କ୍ରିକେଟର ନିୟମ ନିର୍ଦ୍ଧାରଣ କରୁଥିବା ମାର୍ଲେବୋନ କ୍ରିକେଟ କ୍ଲବ (ଏମ୍‌ସିସି) ସଦସ୍ୟ ପଣ୍ଟିଂ ଆଗାମୀ ବୈଠକରେ ଏ ସମ୍ପର୍କରେ ଆଲୋଚନ କରିବେ ବୋଲି କହିଛନ୍ତି। ପରବର୍ତ୍ତୀ ଏମ୍‌ସିସି ବୈଠକରେ ନିରପେକ୍ଷ ଅମ୍ପାୟର ନିୟମରେ ପରିବର୍ତ୍ତନ ନେଇ ଆଲୋଚନା କରିବି। ଯଦି ନ ହୁଏ, ତେବେ ମୁଁ ଏହାକୁ ଏଜେଣ୍ଡାରେ ସାମିଲ କରିବି। ଆମ ନିକଟରେ ବହୁ ଟେକ୍ନୋଲୋଜି ରହିଛି। କିନ୍ତୁ ଅମ୍ପାୟରଙ୍କ ତ୍ରୁଟିପୂର୍ଣ୍ଣ ନିଷ୍ପତ୍ତି ପରେ



ଏହା ସର୍ବଦା କାମରେ ଆସେନାହିଁ ବୋଲି ସେ କହିଛନ୍ତି। ନିରପେକ୍ଷ ଅମ୍ପାୟରଙ୍କ ନିୟମ ଯୋଗୁ ଇଂଲଣ୍ଡର ରିଚାର୍ଡ କେଟ୍ଟିଲବର୍ଗଙ୍କ ଭଳି ମ୍ୟାଚ୍ ପରିଚାଳକ ବାଦ୍ ପଡ଼ିଥିବା ଘଟଣାକୁ ଇଙ୍ଗିତ କରି କହିଛନ୍ତି, ଆଇସିସିର ଏଭଳି ନିୟମ ଯୋଗୁ ସାଇମନ ଟଫେଲଙ୍କ ଭଳି ଅମ୍ପାୟର ଶୀଘ୍ର ଅବସର ନେଇ ଯାଉଛନ୍ତି। କାରଣ ସେମାନେ କ୍ୟାରିୟରର ପ୍ରାୟତଃ ସମୟ ସ୍ୱଦେଶ ବାହାରେ ବିତାଇବାକୁ ପଡୁଛି। ଉଲ୍ଲେଖଥାଉ କି, ୨୦୦୨ଠାରୁ ନିରପେକ୍ଷ ଅମ୍ପାୟରଙ୍କ ନିୟମ ଲାଗୁ କରାଯାଇଛି।

## ଶରନ-ଏର୍ଲିଚଙ୍କ ବିଦାୟ

**ଲସ୍ କାବୋସ (ମେକ୍ସିକୋ), ୩।୮(ପି.ଟି.):** ଭାରତର ଡିଭିଜ ଶରନ ଓ ତାଙ୍କ ସାଥୀ ଜୋନାଥନ ଏର୍ଲିଚ ଏଠାରେ ଚାଲିଥିବା ଏଟିପି ୨୫୦ ଲସ୍ କାବୋସ ଟେନିସ ଟୁର୍ନାମେଣ୍ଟର ପୁରୁଷ ଡବଲ୍ସ ବର୍ଗର ସେମିଫାଇନାଲରୁ ବିଦାୟ ନେଇଛନ୍ତି। ଶରନ ଓ ଏର୍ଲିଚ ୨-୬, ୬-୩, ୩-୧୦ ସେଟ୍‌ରେ ଡୋମିନିକ ଇଙ୍ଗଲଟ ଓ ଅଷ୍ଟିନ କ୍ରାଜିକଙ୍କଠାରୁ ପରାଜୟବରଣ କରିଛନ୍ତି। ଏହି ମ୍ୟାଚ୍‌ରେ ଇଣ୍ଡୋ-ଇସ୍ରାଏଲ ଖେଳାଳି ଏକଘଣ୍ଟା ୨୦ ମିନିଟ୍ ଧରି ସଂଘର୍ଷ କରିବା ସତ୍ତ୍ୱେ ପରାସ୍ତ ହୋଇଥିଲେ। ପ୍ରଥମ ସେଟ୍ ହାରିବା ପରେ ଅଣସିଡ୍ ଶରନ ଓ ଏର୍ଲିଚ ଦ୍ୱିତୀୟ ସେଟ୍ ମ୍ୟାଚ୍‌କୁ ଫେରିଥିଲେ। ଏହାପରେ ଟପ୍ ସିଡ୍ ବ୍ରିଟିଶ-ଆମେରିକା ଯୋଡ଼ି ସୁପର ଟାଇବ୍ରେକରକୁ ସହଜରେ ଜିତିବା ସହ ଫାଇନାଲରେ ସ୍ଥାନ ପକ୍କା କରିଛନ୍ତି।

## ଗୋଟିଏ ଓଭରରୁ ଗେଲ୍‌ଙ୍କ ୩୨ ରନ



**ବ୍ରମ୍ପଟନ (କାନାଡା), ୩।୮**

ପାକିସ୍ତାନ ଲେଗ୍-ସ୍ପିନର ଶଦାବ ଖାଁଙ୍କ ଗୋଟିଏ ଓଭରରୁ ୩୨ ରନ୍ ସଂଗ୍ରହ କରିଛନ୍ତି ଦୁର୍ଦ୍ଧର୍ଷ ୱେଷ୍ଟଇଣ୍ଡିଜ ବ୍ୟାଟ୍ସମ୍ୟାନ କ୍ରିସ ଗେଲ୍। ଏଠାରେ ଚାଲିଥିବା ଗ୍ଲୋବାଲ ଟି୨୦ ଲିଗ୍‌ରେ ଭାଙ୍କୋଭର ନାଇଟ୍ସ ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ଗେଲ୍ ଏଡ୍‌ମଣ୍ଟନ ରୟାଲ୍ସ ବିପକ୍ଷ ମ୍ୟାଚ୍‌ରେ ଏହି ବିସ୍ଫୋରକ ବ୍ୟାଟିଂ କରିଥିଲେ। ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରିଥିବା ଏଡ୍‌ମଣ୍ଟ ରୟାଲ୍ସ ବେନ୍ କଟିଂ (୭୨ ରନ) ଓ ମହମ୍ମଦ ନୱାଜ (୪୦)ଙ୍କ ଉପଯୋଗୀ ବ୍ୟାଟିଂ ବଳରେ ୨୦ ଓଭରରେ ୯ ଉଇକେଟ୍ ହରାଇ ୧୬୫ ରନ ସଂଗ୍ରହ କରିଥିଲା। ଜବାବରେ ଭାଙ୍କୋଭର ନାଇଟ୍ସ ୧୬.୩ ଓଭରରେ ୪ ଉଇକେଟ୍ ହରାଇ ଲକ୍ଷ୍ୟ ହାସଲ କରିନେଇଥିଲା। ଦଳ ପକ୍ଷରୁ ଓପନର୍ ତଥା ଅଧିନାୟକ ଗେଲ୍ ୪୪ ବଲରୁ ୯ ଛକା ଓ ୬ ଚୌକା ସହାୟତାରେ ୯୪ ରନ୍ ସଂଗ୍ରହ କରି ଆଉଟ୍ ହୋଇଥିଲେ। ଏହି ବିସ୍ଫୋରକ ଇନିଂସ ଅବସରରେ ଗେଲ୍ ଶଦାବ ଖାଁଙ୍କ ଗୋଟିଏ ଓଭରରୁ ୩୨ ରନ୍ ସଂଗ୍ରହ କରିଥିଲେ। ଶଦାବଙ୍କ ଏହି ଓଭରର ୬ଟି ଯାକ ବଲ୍ ଯଥାକ୍ରମେ ୬, ୬, ୪, ୪, ୬, ୬ ରହିଥିଲା। ପୂର୍ବରୁ ଗେଲ୍ ଏହି ଟୁର୍ନାମେଣ୍ଟରେ ୧୨୨ ରନର ଏକ ଶତକୀୟ ଇନିଂସ ଖେଳିସାରିଛନ୍ତି।

## ଜନ୍ମଦିନରେ ଛେତ୍ରୀଙ୍କୁ ଫିଫାର ଅଭିନନ୍ଦନ

**ନୂଆଦିଲ୍ଲୀ, ୩।୮ (ପି.ଟି.):** ଷ୍ଟାର୍ ଭାରତୀୟ ଷ୍ଟ୍ରାଇକର ସୁନୀଲ ଛେତ୍ରୀ ଶନିବାର ୩୫ ବର୍ଷରେ ପଦାର୍ପଣ କରିଛନ୍ତି। ଏହି ଅବସରରେ ଫୁଟ୍‌ବଲର ସର୍ବୋଚ୍ଚ ସଂସ୍ଥା ଫିଫା ଛେତ୍ରୀଙ୍କୁ ଅଭିନନ୍ଦନ ଜଣାଇଛି। ‘ଭାରତୀୟ ଫୁଟ୍‌ବଲ ଆଇକନ୍ ସୁନୀଲ ଛେତ୍ରୀ ୩୫ ବର୍ଷରେ ପଦାର୍ପଣ କରିଛନ୍ତି। ଜନ୍ମଦିନର ଅଭିନନ୍ଦନ’ ବୋଲି ଫିଫା ଏହାର ଟୁଇଟର୍ ପୃଷ୍ଠାରେ ଉଲ୍ଲେଖ କରିଛି। ସେହିଭଳି ସର୍ବଭାରତୀୟ ଫୁଟ୍‌ବଲ ମହାସଂଘର ସଭାପତି ପ୍ରଫୁଲ୍ଲ ପଟେଲ ମଧ୍ୟ ସିକନ୍ଦରାବାଦ୍ ଜନ୍ମିତ ଏହି ଷ୍ଟାର୍ ଷ୍ଟ୍ରାଇକର୍‌ଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଭାରତ ପକ୍ଷରୁ ୧୧୧ ମ୍ୟାଚ୍‌ରେ ପ୍ରତିନିଧିତ୍ୱ କରିଥିବା ଛେତ୍ରୀ ବର୍ତ୍ତମାନ ସୁଦ୍ଧା ୭୧ ଗୋଲ କରିସାରିଛନ୍ତି। ବିଶ୍ୱରେ ଖେଳ ଜାରି ରଖିଥିବା ଖେଳାଳିଙ୍କ ମଧ୍ୟରେ ୨ୟ ସର୍ବାଧିକ ଗୋଲ ଛେତ୍ରୀଙ୍କ ନାମରେ ରହିଛି। ଏହି ତାଲିକାର ଶୀର୍ଷରେ ପର୍ତ୍ତୁଗାଲ ଷ୍ଟାର୍ କ୍ରିଷ୍ଟିଆନୋ ରୋନାଲ୍ଡୋ (୮୮ ଗୋଲ) ରହିଛନ୍ତି।

## ଫାଇନାଲରେ ରାନ୍‌କିରେଡ୍ଡୀ-ଶେଟ୍ଟି

**ବ୍ୟାଙ୍କକ୍,୩।୮(ପି.ଟି.)**

ସାତ୍ୱିକସାଇରାଜ ରାଙ୍କୀରେଡ୍ଡୀ ଓ ଚିରାଗ ଶେଟ୍ଟି ଶନିବାର ଥାଇଲାଣ୍ଡ ଓପନ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟର ପୁରୁଷ ଡବଲ୍ସ ବର୍ଗର ଫାଇନାଲରେ ପ୍ରବେଶ କରିଛନ୍ତି। ଫଳରେ ପ୍ରଥମ ଭାରତୀୟ ଯୋଡ଼ି ଭାବେ ରାନ୍‌କିରେଡ୍ଡୀ ଓ ଶେଟ୍ଟିଙ୍କ ଯୋଡ଼ି ବିଡବ୍ଲ୍ୟୁଏଫ୍ ସୁପର ୫୦୦ ଟୁର୍ନାମେଣ୍ଟ ଫାଇନାଲରେ ସ୍ଥାନ ପାଇଛି। ବିଶ୍ୱର ୧୬ତମ ର୍ୟାଙ୍କ୍ ଭାରତୀୟ ଯୋଡ଼ି ୨୨-୨୦, ୨୨-୨୪, ୨୧-୯ ଗେମ୍‌ରେ ୧୯ତମ ର୍ୟାଙ୍କ କୋରିଆନ ସୁଙ୍ଗ୍ ହ୍ୟୁନ ଓ ଶିନ ବେକ ଚେଓଲଙ୍କୁ ହରାଇ ଦେଇଛନ୍ତି। ଏହି ବିଜୟ ଲାଗି ରାନ୍‌କୀରେଡ୍ଡୀ ଓ ଶେଟ୍ଟିଙ୍କୁ ଏକଘଣ୍ଟା ୩ ମିନିଟ୍ ଧରି କଡ଼ା ସଂଘର୍ଷର ସମ୍ମୁଖୀନ ହେବାକୁ ପଡ଼ିଥିଲା। ରାଜ୍ୟଗୋଷ୍ଠୀ କ୍ରୀଡ଼ାର ରୌପ୍ୟ ପଦକ ବିଜେତା ଯୋଡ଼ି ଚଳିତ ବର୍ଷ ପ୍ରଥମ ଥର କୌଣସି ଟୁର୍ନାମେଣ୍ଟ ଟାଇଟଲ ମୁକାବିଲାରେ ସ୍ଥାନ ପକ୍କା କରିଛନ୍ତି। ଅଣସିଡ୍ ଭାରତୀୟ ଯୋଡ଼ି ଚାଇନାର ଲି ଜୁନ୍ ହୁଇ ଓ ଲିଉ ୟୁ ଚେନ୍‌ଙ୍କୁ ଫାଇନାଲରେ ଭେଟିବେ।



ଭାରତର ସାତ୍ୱିକ ସାଇରାଜ ରାନ୍‌କିରେଡ୍ଡୀ ଓ ଚିରାଗ ଶେଟ୍ଟି।

## ଡୁରାଣ୍ଡ କପ୍: ଇଷ୍ଟବେଙ୍ଗଲ ବିଜୟୀ

**କୋଲକାତା, ୩।୮ (ପି.ଟି.):** ଡୁରାଣ୍ଡ କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟରେ ଶନିବାର ଖେଳାଯାଇଥିବା ମ୍ୟାଚରେ ଇଷ୍ଟବେଙ୍ଗଲ ୨-୦ ଗୋଲରେ ଆର୍ମି ରେଡ୍‌କୁ ପରାସ୍ତ କରିଛି। ବିଜୟୀ ଦଳ ପକ୍ଷରୁ ଜେମି କୋଲାଡୋ ଏବଂ ବିଦ୍ୟାସାଗର ସିଂ ଗୋଟିଏ ଲେଖାଏଁ ଗୋଲ ସ୍କୋର କରିଥିଲେ। ଖେଳର ୨୫ତମ ମିନିଟ୍‌ରେ ଆଇ-ଲିଗ୍ ରନର୍ସ ଅପ୍ ଇଷ୍ଟବେଙ୍ଗଲ ତରଫରୁ ସନ୍ତୋଷଙ୍କୁ ଏକ ଫ୍ରି-କିକ୍ ମିଳିଥିଲା। ମାତ୍ର ତାଙ୍କ ଶଟ୍ ଗୋଲ ପୋଷ୍ଟ ବାର୍‌ରେ ବାଜି ବାହାରକୁ ଚାଲିଯାଇଥିଲା। ମ୍ୟାଚର ପ୍ରଥମାର୍ଦ୍ଧ ଖେଳ ଗୋଲ ଶୂନ୍ୟ ରହିଥିଲା।



ମୁମ୍ବାଇ: ଓଡ଼ିଆ ଧାବିକା ଦୂତୀ ଚାନ୍ଦ ଫୋର୍ବସ ୟୁଥ୍ ଆଇକନ ପୁରସ୍କାର ଗ୍ରହଣ କରୁଛନ୍ତି।

## ଇଂଲଣ୍ଡକୁ ହରାଇଲା ଭାରତ

**ଚେମ୍ସଫୋର୍ଡ (ଇଂଲଣ୍ଡ), ୩।୮:** ଏଠାରେ ଚାଲିଥିବା ୧୯ ବର୍ଷରୁ କମ୍ ତ୍ରିରାଷ୍ଟ୍ରୀୟ ଦିନିକିଆ କ୍ରିକେଟ ଟୁର୍ନାମେଣ୍ଟରେ ଶନିବାର ମ୍ୟାଚରେ ଭାରତୀୟ ଦଳ ୧ ଉଇକେଟରେ ଇଂଲଣ୍ଡକୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରି ଘରୋଇ ଦଳ ୪୯.୫ ଓଭରରେ ୨୦୪ ରନରେ ଅଲଆଉଟ ହୋଇଥିଲା। ଜବାବରେ ଭାରତ ୩୬.୩ ଓଭରରେ ୯ ଉଇକେଟ ବିନିମୟରେ ୨୦୫ ରନ କରି ମ୍ୟାଚ ଜିତି ନେଇଥିଲା। **ସଂକ୍ଷିପ୍ତ ସ୍କୋର: ୧୯ ବର୍ଷରୁ କମ୍ ଇଂଲଣ୍ଡ:** ୪୯.୫ ଓଭରରେ ୨୦୪/ଅଲଆଉଟ ( ଜର୍ଜ ହିଲ୍-୪୬, ନିକ୍ କିମ୍ବର-୩୭, ପୂର୍ଣ୍ଣକ ତ୍ୟାଗି-୫/୩୩)। **୧୯ ବର୍ଷରୁ କମ୍ ଭାରତ:** ୩୬.୩ ଓଭରରେ ୨୦୫/୯ (ଯଶସ୍ୱୀ ଜଇସ୍ୱାଲ-୭୮ ଦିବ୍ୟାଂଶ ସାକ୍‌ସେନା-୩୩, ହାମିଦୁଲ୍ଲା କାଦ୍ରି-୫/୬୧)।

## ବିଶ୍ୱ ଜୁନିୟର ରୋଇଂ ଚାମ୍ପିୟନଶିପରେ ଓଡ଼ିଶାର ୩

**କଟକ ଅଫିସ,୩।୮**

- ଜଗତପୁର କେନ୍ଦ୍ରରୁ ୫ ପ୍ରଶିକ୍ଷାର୍ଥୀ
- ବାଳିକା ଦଳରେ ସୋନାଲି, ରିତୁ, ଦୀପିକା

ଅଗଷ୍ଟ ୭ରୁ ୧୧ ତାରିଖ ପର୍ଯ୍ୟନ୍ତ ଜାପାନର ଟୋକିଓ ସହରରେ ବିଶ୍ୱ ଜୁନିୟର ରୋଇଂ ଚାମ୍ପିୟନଶିପ ଅନୁଷ୍ଠିତ ହେବ। ଏଥିନିମନ୍ତେ ଶନିବାର ଭାରତୀୟ ଦଳ ଘୋଷଣା ହୋଇଛି। ଯେଉଁଥିରେ ୮ଜଣ ବାଳକ ଓ ୪ଜଣ ବାଳିକାଙ୍କୁ ନେଇ ଭାରତୀୟ ଦଳ ଶନିବାର ଦିଲ୍ଲୀରୁ ଟୋକିଓ ଅଭିମୁଖେ ଯାତ୍ରା ଆରମ୍ଭ କରିଛି। ଘୋଷିତ ୪ଜଣିଆ ଭାରତୀୟ ବାଳିକା ଦଳରେ ଓଡ଼ିଶାର ୩ ପ୍ରତିଯୋଗୀ ସୋନାଲି ସ୍ୱାଇଁ, ରିତୁ କାଉଡି, ଦୀପିକା ଖେସ୍ ସାମିଲ ହେବା ରାଜ୍ୟ ରୋଇଂ କ୍ରୀଡ଼ାର ବିକାଶକୁ ଦର୍ଶାଉଛି। ଅନ୍ୟପକ୍ଷରେ ଭାରତୀୟ ବାଳିକା ଦଳରେ ସାମିଲ ହୋଇଥିବା ମହାରାଷ୍ଟ୍ରର ମୃଣ୍ମୟୀ ନିଲେଶ ସାଲଗାଓଁକର ମଧ୍ୟ ଜଗତପୁର ଜଳକ୍ରୀଡ଼ା କେନ୍ଦ୍ରର ପ୍ରଶିକ୍ଷାର୍ଥୀ। ସେହିଭଳି ବାଳକ ଦଳରେ ସ୍ଥାନ ପାଇଥିବା ପଞ୍ଜାବର ସଗନଦୀପ ସିଂ ସ୍ୱତନ୍ତ୍ର ଭାବେ ଗତ ୬ ମାସ ହେଲା ଏହି କେନ୍ଦ୍ରରେ ପ୍ରଶିକ୍ଷଣ ନେଉଥିଲେ।

ଜଗତପୁର ଜଳକ୍ରୀଡ଼ା କେନ୍ଦ୍ରରୁ ମୋଟ ୫ଜଣ ଖେଳାଳି ଟୋକିଓ ବିଶ୍ୱ ଚାମ୍ପିୟନଶିପରେ ଭାଗନେବେ। କେନ୍ଦ୍ରର କୋଚ୍ ପି.ଟି. ପାଲୁସଙ୍କ ତତ୍ତ୍ୱାବଧାନରେ ଏକ ମାସ ହେବ ଏହି ଖେଳାଳିମାନେ ସ୍ୱତନ୍ତ୍ର ପ୍ରଶିକ୍ଷଣ ନେଉଥିଲେ। ଜଗତପୁର ନାନକାର ଅଞ୍ଚଳର ସୋନାଲି ସ୍ୱାଇଁ ପୂର୍ବରୁ ଏସିଆନ ଜୁନିୟର ରୋଇଂ ଚାମ୍ପିୟନଶିପରେ ଭାରତୀୟ ଦଳରୁ ପ୍ରତିନିଧିତ୍ୱ କରିସାରିଛନ୍ତି। ଏହାଛଡ଼ା ଜାତୀୟ ଚାମ୍ପିୟନଶିପ ଗୁଡ଼ିକରେ ସୋନାଲିଙ୍କ ପ୍ରଦର୍ଶନ ବେଶ୍ ଉଚ୍ଚକୋଟୀର ରହିଛି। ବାପା ନବକିଶୋର ସ୍ୱାଇଁ, ମା ଅନୁପମା ସ୍ୱାଇଁଙ୍କ ଝିଅ ସୋନାଲି ବିଶ୍ୱ ଚାମ୍ପିୟନଶିପରେ ପ୍ରଥମଥର ନିମନ୍ତେ ଭାଗ ନେଉଛନ୍ତି। ଚାମ୍ପିୟନଶିପରେ ପ୍ରଦର୍ଶନ ଭଲ ରହିବ ବୋଲି ସୋନାଲି ଆଶାବାଦୀ। ଏହାଛଡ଼ା ଜୁନିୟର ତାରକା ଖେଳାଳି ରାଜଗାଙ୍ଗପୁରର ଦୀପିକା ଖେସ୍ ମଧ୍ୟ ପ୍ରଥମଥର ବିଶ୍ୱ ଚାମ୍ପିୟନଶିପରେ ଭାଗ ନେଉଛନ୍ତି। ୪ବର୍ଷ ହେବ ସେ ଜଗତପୁରରେ ରୋଇଂ କେନ୍ଦ୍ରରେ ରହି ପ୍ରଶିକ୍ଷଣ ଗ୍ରହଣ କରୁଛନ୍ତି। ବାପା ମଙ୍ଗଳା ଖେସ୍ ଓ ମା ପାର୍ବତୀ ଖେସଙ୍କ ଝିଅ ଦୀପିକା ଚାମ୍ପିୟନଶିପରେ ଅଭିଜ୍ଞତା ହାସଲ କରିବେ ବୋଲି ନିଜ ପ୍ରତିକ୍ରିୟାରେ କହିଛନ୍ତି। ଅନ୍ୟତମ ଓଡ଼ିଆ ଖେଳାଳି ରିତୁ କାଉଡି ବିଶ୍ୱ ଚାମ୍ପିୟନଶିପରେ ଦ୍ୱିତୀୟଥର ଲାଗି ଅଂଶଗ୍ରହଣ କରିବେ। ଗତ ୨୦୧୭ରେ ମଧ୍ୟ ସେ ଭାରତୀୟ ଦଳରୁ ପ୍ରତିନିଧିତ୍ୱ କରିଥିଲେ। ସୁନ୍ଦରଗଡ଼ରେ ଜନ୍ମିତ ରିତୁ କୁହନ୍ତି, ବିଶ୍ୱ ଚାମ୍ପିୟନଶିପରେ ଆମେରିକା, ଫ୍ରାନ୍ସ, ନ୍ୟୁଜିଲାଣ୍ଡ ଦଳର ପ୍ରଦର୍ଶନ ଭଲ ରହେ। ଗତଥର ୧୪ତମ ସ୍ଥାନରେ ରହି ଆମେ ପ୍ରତିଯୋଗିତା ଶେଷ କରିଥିଲୁ। ଚଳିତ ସଂସ୍କରଣରେ ତା’ଠାରୁ ଭଲ ପ୍ରଦର୍ଶନ କରିବାର ଆଶା ରହିଛି ବୋଲି ରିତୁ କହିଛନ୍ତି। ପଞ୍ଜାବର ସଗନଦୀପ ସିଂ ନିଜ ପ୍ରତିକ୍ରିୟାରେ କହିଥିଲେ ଓଡ଼ିଶାରେ ପ୍ରଶିକ୍ଷଣର ଅତ୍ୟାଧୁନିକ ସୁବିଧା ରହିଛି। ଏଭଳି ସୁବିଧା ପଞ୍ଜାବରେ ପାଇ ନ ଥିଲି ବୋଲି ସଗନଦୀପ କହିଛନ୍ତି।



କର୍ମକର୍ତ୍ତାଙ୍କ ଗହଣରେ ଭାରତୀୟ ଜୁନିୟର ରୋଇଂ ଦଳର ଖେଳାଳିମାନେ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ୪ ଅଗଷ୍ଟ, ୨୦୧୯





ଇଂଲଣ୍ଡ ବିପକ୍ଷ ପ୍ରଥମ ଆଶେସ ଟେଷ୍ଟରେ କେତୋଟି ନିଷ୍ପତ୍ତି ତ୍ରୁଟିପୂର୍ଣ୍ଣ, ତେଣୁ ନିରପେକ୍ଷ ଅମ୍ପାୟରର ଆବଶ୍ୟକତା ନାହିଁ ବୋଲି ମୋର ମନେହେଉଛି ।
–ରିକି ପଣ୍ଟିଂ, ଅଷ୍ଟ୍ରେଲିଆର ପୂର୍ବତନ ଅଧିନାୟକ



ତିନୋଟି ଫର୍ମାଟରେ ନିଜର ଦକ୍ଷତା ପ୍ରତିପାଦନ କରିବା ଲାଗି ୱେଷ୍ଟଇଣ୍ଡିଜ ଟୁର୍ ରିଷଭ ପନ୍ତଙ୍କ ପାଇଁ ଏକ ବଡ଼ ସୁଯୋଗ ।
–ବିରାଟ କୋହଲି, ଭାରତୀୟ କ୍ରିକେଟ ଅଧିନାୟକ

## ସଂକ୍ଷେପରେ

### ରେକର୍ଡ ସହ ଭର୍ଷ୍ଟାପେନ୍‌ଙ୍କ ପୋଲ ପୋଜିଶନ

ହଙ୍ଗାରୋରିଂ (ହଙ୍ଗେରୀ), ୩।୮ (ଏଏଫ୍‌ପି): ରେକର୍ଡ ବ୍ରେକିଂ ସ୍ପିଡ୍ ସହ ରେଡ୍‌ବୁଲ୍‌ର ମାକ୍ସ ଭର୍ଷ୍ଟାପେନ୍ ଫର୍ମୁଲାୱାନ୍‌ରେ ତାଙ୍କ ବହୁ ପ୍ରତିକ୍ଷୀତ ପ୍ରଥମ ପୋଲ ପୋଜିଶନ ହାସଲ କରିଛନ୍ତି। ଶନିବାର ହଙ୍ଗେରିଆନ ଗ୍ରାଁ ପ୍ରିର କ୍ୱାଲିଫାଇଙ୍ଗ ସେସନ ଅନୁଷ୍ଠିତ ହୋଇଥିଲା। ଡ୍ରାଇଭରମାନଙ୍କ ମଧ୍ୟରେ ତୀବ୍ର ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା। ଭର୍ଷ୍ଟାପେନ୍ ରେଡ୍ ବୁଲ୍ ପାଇଁ ଶ୍ରେଷ୍ଠ ଟାଇମିଂ ରେକର୍ଡ ପ୍ରତିଷ୍ଠା କରିଥିଲେ। ଫର୍ମୁଲା ୱାନରେ ପୋଲ ପୋଜିଶନ ହାସଲ କରିବାରେ ସେ ୧୦୦ତମ ଡ୍ରାଇଭର ବିବେଚିତ ହୋଇଛନ୍ତି। ସୂଚନାଯୋଗ୍ୟ, ଏହି ହଙ୍ଗାରୋରିଂ ଟ୍ରାକ୍‌ରେ ୨୧ ବର୍ଷୀୟ ଭର୍ଷ୍ଟାପେନ୍‌ଙ୍କ ବାପା ଜୋସ୍ ୨୫ ବର୍ଷ ପୂର୍ବେ ୧୯୯୪ରେ ବେନେଟନ ତରଫରୁ ତାଙ୍କର ପ୍ରଥମ ପୋଡିୟମ ଫିନିଶ କରିଥିଲେ। ଡଚ୍ ଡ୍ରାଇଭର ଭର୍ଷ୍ଟାପେନଙ୍କ ଏହାହେଉଛି ୯୪ତମ ଗ୍ରାଁ ପ୍ରି। ସେ ଇତିମଧ୍ୟରେ ୭ଥର ଟାଇଟଲ ଜିତିସାରିଛନ୍ତି। ଏଠାରେ ତାଙ୍କ ଶ୍ରେଷ୍ଠ ଲାପ୍ ଟାଇମିଂ ଏକ ମିନିଟ ୧୪.୫୭୨ ସେକେଣ୍ଡ ରହିଥିଲା। ତାଙ୍କଠାରୁ ମାତ୍ର ୦.୦୧୮ ସେକେଣ୍ଡ ଟାଇମିଂ ବ୍ୟବଧାନରେ ମର୍ସିଡିଜର ଭାଲଟେରୀ ବୋଟାସ ଦ୍ୱିତୀୟ ସ୍ଥାନରେ ରହିଥିଲେ। ବୋଟାସଙ୍କ ଟିମ୍‌ମେଟ ଲୁଇସ ହାମିଲଟନଙ୍କୁ ତୃତୀୟ ସ୍ଥାନରେ ସନ୍ତୁଷ୍ଟ ହେବାକୁ ପଡ଼ିଥିଲା। ଫେରାରିର ଚାର୍ଲସ ଲେକ୍‌ଲେର୍କ ଏବଂ ସେବାଷ୍ଟିଆନ ଭେଟେଲ ଯଥାକ୍ରମେ ଚତୁର୍ଥ ଓ ପଞ୍ଚମ ହୋଇଥିଲେ।

### ଲଭ୍‌ଲିନା, ନୀରଜ ଜିତିଲେ ସ୍ୱର୍ଣ୍ଣ

ନୂଆଦିଲ୍ଲୀ, ୩।୮ (ପି.ଟି.): ରୁଷିଆର କାସ୍ପିସ୍କଠାରେ ଚାଲିଥିବା ମାଗୋମ୍‌ଡ ସଲାମ ଉମାଖାନୋଭ ମେମୋରିଆଲ ଇଣ୍ଟରନ୍ୟାଶନାଲ ବକ୍ସିଂ ଟୁର୍ନାମେଣ୍ଟରେ ଭାରତୀୟ ବକ୍ସରମାନେ ଭଲ ପ୍ରଦର୍ଶନ କରିଛନ୍ତି। ଶନିବାର ଲଭ୍‌ଲିନା ବୋର୍ଗୋହେନ୍ ଏବଂ ନୀରଜ ସ୍ୱର୍ଣ୍ଣ ଜିତିଥିବାବେଳେ ଗୌରବ ସୋଲାଙ୍କି ରୌପ୍ୟ ଜିତିଛନ୍ତି। ଟୁର୍ନାମେଣ୍ଟରେ ଭାରତୀୟ ବକ୍ସରମାନେ ଦୁଇ ସ୍ୱର୍ଣ୍ଣ ୧ ରୌପ୍ୟ ଏବଂ ୩ ବ୍ରୋଞ୍ଜ ସହ ମୋଟ ୭ ପଦକ ଜିତିଛନ୍ତି। ବିଶ୍ୱ ଚାମ୍ପିୟନଶିପ୍‌ରେ ବ୍ରୋଞ୍ଜ ପଦକ ବିଜୟିନୀ ଲଭ୍‌ଲିନା (୬୯କେଜି) ଫାଇନାଲରେ ଇଟାଲିର ଆସଣ୍ଟା କାନଫୋରାଙ୍କୁ ୩-୨ରେ ହରାଇଥିଲେ। ଲଭ୍‌ଲିନାଙ୍କର ଏହା ହେଉଛି ପ୍ରଥମ ଅନ୍ତର୍ଜାତୀୟ ସ୍ୱର୍ଣ୍ଣ। ଅନ୍ୟପକ୍ଷରେ ସେମିଫାଇନାଲରେ ପୂର୍ବତନ ବିଶ୍ୱ ଚାମ୍ପିୟନ ଆଲେସିଆ ମେସିଆନୋଙ୍କୁ ୩-୨ରେ ପରାସ୍ତ କରି ବିପର୍ଯ୍ୟୟ ସୃଷ୍ଟି କରିଥିବା ନୀରଜ ତାଙ୍କ ପ୍ରଭାବୀ ପ୍ରଦର୍ଶନ ଜାରି ରଖି ଟାଇଟଲ ମୁକାବିଲାରେ ରୁଷିଆର ମାଲ୍‌କା ସାକ୍ଷିଡୋଭାଙ୍କୁ ହରାଇ ଦେଇଥିଲେ। ଗୌରବ ସୋଲାଙ୍କି କିନ୍ତୁ ତାଙ୍କ ବାଉଟ୍ ହାରିଯାଇଥିଲେ।

# ଭାରତ ୪ ଉଇକେଟରେ ବିଜୟୀ

## ପ୍ରଥମ ଟି୨୦

ଲଡରହିଲ,୩।୮(ପି.ଟି.)

ବିଶ୍ୱକପ୍ ବିପର୍ଯ୍ୟୟ ପରେ ବିରାଟ କୋହଲିଙ୍କ ନେତୃତ୍ୱାଧୀନ ଭାରତ ୱେଷ୍ଟଇଣ୍ଡିଜ ବିପକ୍ଷ ପ୍ରଥମ ଅନ୍ତର୍ଜାତୀୟ ଟି୨୦ ମ୍ୟାଚ୍‌ରେ ବିଜୟୀ ହୋଇଛି। ସ୍ଥାନୀୟ ସେଣ୍ଟ୍ରାଲ ବ୍ରୋୱାର୍ଡ ରିଜିଓନାଲ ପାର୍କ ଷ୍ଟାଡିୟମର ଟର୍ଫ ଗ୍ରାଉଣ୍ଡରେ ଶନିବାର ଖେଳାଯାଇଥିବା ଲୋ-ସ୍କୋରିଂ ପ୍ରଥମ ଟି୨୦ ମ୍ୟାଚ୍‌ରେ ଭାରତ ୧୬ ବଲ ବାକି ଥାଇ ୪ ଉଇକେଟରେ ବିଜୟୀ ହୋଇଛି। ଏଥିସହିତ ଭାରତ ୩ ମ୍ୟାଚ୍ ବିଶିଷ୍ଟ ସିରିଜରେ ୧-୦ରେ ଅଗ୍ରଣୀ ଲାଭ କରିଛି। ବ୍ୟାଟିଂ ଆମନ୍ତ୍ରଣ ପାଇ ୱେଷ୍ଟଇଣ୍ଡିଜ୍ ଆରମ୍ଭରୁ ନିୟମିତ ବ୍ୟବଧାନରେ ଉଇକେଟ ହରାଇବା ସହ ନିର୍ଦ୍ଧାରିତ ୨୦ ଓଭରରେ ୯ ଉଇକେଟ ହରାଇ ୯୫ ରନ ସଂଗ୍ରହ କରିଥିଲା। ଜବାବରେ ଭାରତ ୧୭.୨ ଓଭରରେ ୬ ଉଇକେଟ ବିନିମୟରେ ୯୮ ରନ କରି ବିଜୟୀ ହୋଇଛି।

୯୬ ରନ ଛୋଟିଆ ଟାର୍ଗେଟର ପିଛା କରି ଭାରତ ଅନୁରୂପ ଭାବେ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଇଞ୍ଜୁରିରୁ ପ୍ରତ୍ୟାବର୍ତ୍ତନ କରିଥିବା ଅଭିଜ୍ଞ ଓପନର ଶିଖର ଧାୱନ ୧ ରନ କରି ସେଲଡ୍ରନ କଟ୍ରେଲଙ୍କ ଦ୍ୱାରା ଏଲ୍‌ବିଡବ୍ଲ୍ୟୁ ହୋଇଥିଲେ। ତାରକା ଓପନର ରୋହିତ ଶର୍ମା ୨ଟି ଲେଖାଏ ଚୌକା ଓ ଛକା ସହ ୨୫ ବଲରୁ ୨୪ ରନ କରି ସୁନୀଲ ନାରିନଙ୍କ ବଲ୍‌ରେ କିରନ ପୋଲାର୍ଡଙ୍କୁ କ୍ୟାଚ୍ ଦେଇଥିଲେ। ଏହା ପର ବଲ୍‌ରେ ରିଷଭ ପନ୍ତ ଖାତା ଖୋଲିବା ପୂର୍ବରୁ ଡିପ୍ ସ୍କୋୟାରରେ କଟ୍ରେଲଙ୍କୁ କ୍ୟାଚ୍ ଦେଇ ନାରିନଙ୍କ ଦ୍ୱିତୀୟ ଶିକାର ହୋଇଥିଲେ। କୋହଲି ୧୯, ମନୀଷ ପାଣ୍ଡେ ୧୯ ଓ କ୍ରୁନାଲ ପାଣ୍ଡ୍ୟା ୧୨ ରନ କରି କିମୋ ପଲ୍‌ଙ୍କ ଦ୍ୱାର କ୍ଲିନ୍ ବୋଲ୍ଡ ହୋଇଥିଲା। ରବୀନ୍ଦ୍ର ଜାଡେଜା ୧୦ ଓ ୱାଶିଂଟନ ସୁନ୍ଦର ଛକା ମାରି ୮ ରନ କରି ଅପରାଜିତ ରହିବା ସହ ଦଳକୁ ଜିତାଇଥିଲେ। ବୋଲିଂରେ ୱେଷ୍ଟଇଣ୍ଡିଜ ତରଫରୁ କଟ୍ରେଲ, ନାରିନ ଓ ପଲ ୨ଟି ଲେଖାଏ ଉଇକେଟ ହାସଲ କରିଥିଲେ।

ପ୍ରଥମେ ବ୍ୟାଟିଂ କରିଥିବା ୱେଷ୍ଟଇଣ୍ଡିଜ୍‌ର ୪ଜଣ ବ୍ୟାଟ୍ସମ୍ୟାନ ଖାତା ଖୋଲିପାରି ନ ଥିଲେ। କିରନ ପୋଲାର୍ଡ ସର୍ବାଧିକ ୪୯ ରନ ସଂଗ୍ରହ କରିଥିଲେ। ସେ ୪୯ ଟି ବଲର ସମ୍ମୁଖୀନ ହୋଇ ୨ ଚୌକା ଓ ୪ ଛକା ମାରିଥିଲେ। ସେହିପରି ଉଇକେଟକିପର ବ୍ୟାଟ୍ସମ୍ୟାନ ନିକୋଲାସ ପୁରନ ୧୬ଟି ବଲର ସମ୍ମୁଖୀନ ହୋଇ ଗୋଟିଏ ଚୌକା ଓ ୨ଟି ଛକା ସହ ୨୦ ରନ କରି ଆଉଟ୍ ହୋଇଥିଲେ। ଓପନର ଜନ୍ କ୍ୟାମ୍ପବେଲ, ଏଭିନ ଲୁଇସ୍ ଖାତା ଖୋଲିବା ପୂର୍ବରୁ ଯଥାକ୍ରମେ



ମ୍ୟାନ୍ ଅଫ୍ ଦି ମ୍ୟାଚ୍ ନବଦୀପ ସଇନି ଉଇକେଟ ହାସଲ ପରେ ଖୁସି ମନାଉଛନ୍ତି।




ୱାଶିଂଟନ ସୁନ୍ଦର ଓ ଭୁବନେଶ୍ୱର କୁମାରଙ୍କ ଦ୍ୱାରା ଆଉଟ ହୋଇଥିଲେ। ରୋଭମନ ପାୱେଲ ୪, ଅଧିନାୟକ କାର୍ଲୋସ ବ୍ରାଥୱେଟ୍ ୯, ସୁନୀଲ ନାରିନ ୨, କିମୋ ପଲ ୩ ରନ କରି କଭରରେ କୋହଲିଙ୍କୁ କ୍ୟାଚ୍ ଦେଇ ଭୁବନେଶ୍ୱରଙ୍କ ବଲ୍‌ରେ ଆଉଟ ହୋଇଥିଲେ। ସେଲଡ୍ରନ କଟ୍ରେଲ ଓ ଓଶେନ ଥୋମାସ ବିନା ସ୍କୋରରେ ଅପରାଜିତ ଥିଲେ। ବୋଲିଂରେ ଭାରତ ତରଫରୁ ସଇନି ସର୍ବାଧିକ ୩, ଭୁବନେଶ୍ୱର ୨, ସୁନ୍ଦର, ଅହମ୍ମଦ, କ୍ରୁନାଲ ଓ ଜାଡେଜା ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।

### ସଂକ୍ଷିପ୍ତ ସ୍କୋର

- ୱେଷ୍ଟଇଣ୍ଡିଜ: ୨୦ ଓଭରରେ ୯୫/୯ (ପୋଲାର୍ଡ- ୪୯, ପୁରନ- ୨୦, ସଇନି- ୩/୧୭, ଭୁବନେଶ୍ୱର- ୨/୧୯)
- ଭାରତ: ୧୭.୨ ଓଭରରେ ୯୮/୬, (ରୋହିତ- ୨୪, କୋହଲି- ୧୯, ମନୀଷ- ୧୯, କ୍ରୁନାଲ- ୧୨, ଜାଡେଜା-୧୦*, କଟ୍ରେଲ- ୨/୨୦, ନାରିନ- ୨/୧୪, ପଲ- ୨/୨୩)

### ପଦାର୍ପଣରେ ସଇନିଙ୍କ ଚମକ

ଟି୨୦ ପଦାର୍ପଣରେ ସଇନି ତାଙ୍କ ପ୍ରଥମ ଓଭରରେ ୨ ଉଇକେଟ ନେଇ ଦମ୍‌ଦାର ପ୍ରଦର୍ଶନ କରିଛନ୍ତି। ଭାରତ ପାଇଁ ଦ୍ୱିତୀୟ ବୋଲରଭାବେ ଏହି ସଫଳତା ହାସଲ କରିଛନ୍ତି। ପୂର୍ବରୁ ୨୦୦୯ରେ ଟ୍ରେଣ୍ଟବ୍ରିଜ୍‌ରେ ବାଂଲାଦେଶ ବିପକ୍ଷରେ ଓଡ଼ିଆ ସ୍ପିନର ପ୍ରଜ୍ଞାନ ଓଝା ପଦାର୍ପଣ କରି ତାଙ୍କ ପ୍ରଥମ ଓଭରରେ ଦୁଇଟି ଉଇକେଟ ଅକ୍ତିଆର କରିଥିଲେ। ପଞ୍ଚମ ଓଭରରେ ବୋଲିଂ କରିବାକୁ ଆସି ସଇନି ଚତୁର୍ଥ ଓ ପଞ୍ଚମ ବଲ୍‌ରେ ପୁରନ ଓ ହେଟମେୟରଙ୍କୁ ଆଉଟ କରିଥିଲେ। ତେବେ ସେ ହ୍ୟାଟ୍ରିକ ନେବାରେ ବିଫଳ ହୋଇଥିଲେ। ଅନ୍ତିମ ଓଭରରେ ସଇନି କୌଣସି ରନ୍ ନ ଦେଇ ମେଡେନ ନେବା ସହ ପୋଲାର୍ଡଙ୍କୁ ଆଉଟ କରିଥିଲେ। ୪ ଓଭର ବୋଲିଂ କରି ସେ ୧୭ ରନ ବିନିମୟରେ ୩ଟି ଉଇକେଟ ଅକ୍ତିଆର କରିଥିଲେ।

## ମେସି ୩ ମାସ ବାସନ୍ଦ

ବୁଏନସ ଏରିଜ,୩।୮



ଆର୍ଜେଣ୍ଟିନା ଷ୍ଟାର ଲିଓନେଲ ମେସି ଜାତୀୟ ଦଳରୁ ୩ ମାସ ପାଇଁ ବାସନ୍ଦ ହୋଇଛନ୍ତି। ଏଥିସହ ତାଙ୍କୁ ଜରିମାନା ବାବଦକୁ ୫୦ ହଜାର ଆମେରିକୀୟ ଡଲାର ଦେବାକୁ ଦକ୍ଷିଣ ଆମେରିକା ଫୁଟ୍‌ବଲ ପରିଚାଳନା ସଂସ୍ଥା ପକ୍ଷରୁ କୁହାଯାଇଛି। କୋପା ଆମେରିକା ଟୁର୍ନାମେଣ୍ଟର ୩ୟ ସ୍ଥାନ ପାଇଁ ଅନୁଷ୍ଠିତ ମ୍ୟାଚ୍‌ରେ ୩୨ ବର୍ଷୀୟ ଏହି ଷ୍ଟାର ଖେଳାଳି ଆୟୋଜକଙ୍କ ଉପରେ ଦୁର୍ନୀତି ଅଭିଯୋଗ ଆଣିଥିଲେ। ଏହି ଟୁର୍ନାମେଣ୍ଟର ଚିରପ୍ରତିଦ୍ୱନ୍ଦ୍ୱୀ ବ୍ରାଜିଲ ବିପକ୍ଷ ସେମିଫାଇନାଲରେ ଆର୍ଜେଣ୍ଟିନାକୁ ଦୁଇ ଥର ପେନାଲ୍ଟି ଦିଆଯାଇ ନ ଥିଲା। ଫଳରେ ବ୍ରାଜିଲ ୨-୦ ବ୍ୟବଧାନରେ ମ୍ୟାଚ୍ ଜିତି ନେଇଥିଲା। ଏହାର ପରବର୍ତ୍ତୀ ମ୍ୟାଚ୍‌ରେ ରେଡ୍ କାର୍ଡ ମିଳିବା ପରେ ମେସି ଆୟୋଜକଙ୍କୁ ସମାଲୋଚନା କରିବା ସହ ପକ୍ଷପାତିତା ଅଭିଯୋଗ କରିଥିଲେ। ଦକ୍ଷିଣ ଆମେରିକା ଫୁଟ୍‌ବଲ ପରିଚାଳନା ସଂସ୍ଥା ତା'ର ୱେବସାଇଟ୍‌ରେ ମେସିଙ୍କ ଦଣ୍ଡାଦେଶ ସମ୍ପର୍କରେ ଉଲ୍ଲେଖ କରିଛି। ହେଲେ କେଉଁ କାରଣ ପାଇଁ ଦଣ୍ଡ ବିଧାନ କରାଯାଇଛି, ତାହା ସ୍ପଷ୍ଟ ହୋଇନାହିଁ। ବାସନ୍ଦ ହେବା ଫଳରେ ମେସି କିଛି ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ୍ ଖେଳିପାରିବେ ନାହିଁ।

## ରେଲୱେକୁ ହରାଇଲା ୟଙ୍ଗ୍ ଉତ୍କଳ କ୍ଲବ

କଟକ ଅଫିସ, ୩।୮: କଟକରେ ଚାଲିଥିବା ଫାଓ ପ୍ରଥମ ଡିଭିଜନ ଲିଗରେ ଶନିବାର ଅନୁଷ୍ଠିତ ମ୍ୟାଚ୍‌ରେ ୟଙ୍ଗ୍ ଉତ୍କଳ କ୍ଲବ ୨-୧ ଗୋଲରେ ଇଷ୍ଟକୋଷ୍ଟ ରେଲୱେକୁ ପରାସ୍ତ କରିଛି। ଏହି ମ୍ୟାଚ୍‌ଟି ବେଶ୍ ସଂଘର୍ଷପୂର୍ଣ୍ଣ ରହିଥିଲା। ପ୍ରଥମାର୍ଦ୍ଧର ୨୯ତମ ମିନିଟରେ ବିଜୟ କୁମାର ବାରିକ ୟଙ୍ଗ ଉତ୍କଳ ପକ୍ଷରୁ ପ୍ରଥମ ଗୋଲ ସ୍କୋର କରିଥିଲେ। ଏହି ଗୋଲ ସହ ପ୍ରଥମାର୍ଦ୍ଧର ଖେଳ ୟଙ୍ଗ୍ ଉତ୍କଳ କ୍ଲବ ଅକ୍ତିଆରରେ ରହିଥିଲା। ଦ୍ୱିତୀୟାର୍ଦ୍ଧର ୫୪ତମ ମିନିଟରେ ବିକାଶ ସାହୁ ଦଳ ନିମନ୍ତେ ଦ୍ୱିତୀୟ ଗୋଲ ଦେବା ଫଳରେ ୟଙ୍ଗ ଉତ୍କଳ ୨-୦ ଗୋଲର ଅଗ୍ରଣୀ ନେଇଥିଲା। ୭୬ତମ ମିନିଟରେ ମ୍ୟାଚ୍‌କୁ ପ୍ରତ୍ୟାବର୍ତ୍ତନ କରିଥିଲା ଇଷ୍ଟକୋଷ୍ଟ ରେଲୱେ। ୩୦ୟାର୍ଡ ଦୂରରୁ ସନାତନ ଲୋହାର ଏକ ଚମତ୍କାର ଗୋଲ ଦେଇ ମ୍ୟାଚକୁ ୨-୧ ସ୍ଥିତିରେ ପହଞ୍ଚାଇ ଜିତାଇଥିଲେ।

## ବ୍ୟାଟିଂ କୋଚ୍ ପାଇଁ ରାଠୋରଙ୍କ ଆବେଦନ

ନୂଆଦିଲ୍ଲୀ, ୩।୮ (ପି.ଟି.)



ପୂର୍ବତନ ଜାତୀୟ ଚୟନକର୍ତ୍ତା ବିକ୍ରମ ରାଠୋର ଭାରତୀୟ ସିନିୟର କ୍ରିକେଟ୍ ଦଳର ବ୍ୟାଟିଂ କୋଚ୍ ପାଇଁ ଆଶାବାଦୀ ରହିଛନ୍ତି। ଏହି ସମ୍ମାନଜନକ ପଦ ଲାଗି ସେ ଆବେଦନ କରିଥିବା ଜଣାପଡ଼ିଛି। ପୂର୍ବରୁ ଆଇପିଏଲ୍ ଦଳ ଦିଲ୍ଲୀ ଡେୟାରଡେଭିଲ୍ସ ବ୍ୟାଟିଂ କୋଚ୍ ତଥା ଅଜିଙ୍କ୍ୟ ରାହାନେଙ୍କ ବ୍ୟକ୍ତିଗତ ପ୍ରଶିକ୍ଷକ ପ୍ରବୀଣ ଆମ୍ରେ ମଧ୍ୟ ଏହି ପଦ ପାଇଁ ଦୌଡ଼ର ସର୍ବାଗ୍ରେ ରହିଛନ୍ତି। ବିସିସିଆଇର ଜନୈକ ଅଧିକାରୀ ବ୍ୟାଟିଂ କୋଚ୍ ପଦ ପାଇଁ ରାଠୋର ଆବେଦନ କରିଥିବା ସ୍ୱୀକାର କରିଛନ୍ତି। 'ହଁ ଏହି ପଦ ପାଇଁ ରାଠୋର ଆଗ୍ରହୀ ରହିଛନ୍ତି। ଫଳରେ ବ୍ୟାଟିଂ କୋଚ୍ ଚୟନ ଏବେ ରୋମାଞ୍ଚକ ହେବ' ବୋଲି ଏହି ଅଧିକାରୀ ଜଣଙ୍କ କହିଛନ୍ତି। ପୂର୍ବରୁ ରାଠୋର ଭାରତୀୟ ୧୯ ବର୍ଷରୁ କମ୍ ଦଳର ବ୍ୟାଟିଂ କୋଚ୍ ଏବଂ ଏନ୍‌ସିଏ ବ୍ୟାଟିଂ ପରାମର୍ଶଦାତା ପାଇଁ ଆବେଦନ କରିଥିଲେ ମଧ୍ୟ 'ସ୍ୱାର୍ଥ ନିହିତ ଦ୍ୱନ୍ଦ୍ୱ' ଲାଗି ତାଙ୍କ ଦରଖାସ୍ତ ଖାରଜ ହୋଇଯାଇଥିଲା। ଏଠାରେ ଉଲ୍ଲେଖଯୋଗ୍ୟ, ବର୍ତ୍ତମାନ ଜାତୀୟ ଦଳର ବ୍ୟାଟିଂ କୋଚ୍ ରହିଥିବା ସଞ୍ଜୟ ବାଙ୍ଗର ତାଙ୍କ କାର୍ଯ୍ୟକାଳ ମଧ୍ୟରେ ମଧ୍ୟକ୍ରମ ବ୍ୟାଟିଂ ବିଫଳତା ସୁଧାରିବାରେ ସମର୍ଥ ହୋଇପାରି ନ ଥିଲେ। ବିଶ୍ୱକପ୍ ସେମିଫାଇନାଲରୁ ଭାରତର ବିଦାୟ ପଛରେ ମଧ୍ୟକ୍ରମ ବିଫଳତା ରହିଥିଲା ଏକ ପ୍ରମୁଖ କାରଣ ରହିଥିଲା। ତେଣୁ ବାଙ୍ଗର ଏହି ପଦରୁ ବିଦାୟ ନେବା ଏକପ୍ରକାର ନିଶ୍ଚିତ ହୋଇଯାଇଛି। ବିଶ୍ୱକପ୍ ପରେ ଭାରତୀୟ ଦଳର ସପୋର୍ଟ ଷ୍ଟାଫ୍‌ଙ୍କ କାର୍ଯ୍ୟକାଳ ସମାପ୍ତ ହୋଇଯାଇଥିଲେ ମଧ୍ୟ ବିସିସିଆଇ ୱେଷ୍ଟଇଣ୍ଡିଜ ଟୁର୍‌କୁ ଦୃଷ୍ଟିରେ ରଖି ଏହାକୁ ୪୫ ଦିନ ପର୍ଯ୍ୟନ୍ତ ବୃଦ୍ଧି କରିଥିଲା। ବିଶ୍ୱକପ୍ ବିଜୟୀ ପୂର୍ବତନ ଅଧିନାୟକ କପିଳ ଦେବ, ପୂର୍ବତନ ବ୍ୟାଟ୍ସମ୍ୟାନ ତଥା କୋଚ୍ ଅଂଶୁମାନ ଗାଏକ୍‌ୱାଡ ଓ ମହିଳା କ୍ରିକେଟ୍ ଦଳର ପୂର୍ବତନ ଅଧିନାୟିକା ଶାନ୍ତା ରାମାସ୍ୱାମୀଙ୍କୁ ନେଇ ଗଠିତ କ୍ରିକେଟ୍ ପରାମର୍ଶଦାତା କମିଟି (ସିଏସି) ଭାରତୀୟ ଦଳର ସପୋର୍ଟ ଷ୍ଟାଫ୍ ଚୟନ କରିବେ।

## ରଣଜୀ ଟ୍ରଫି-୨୦୧୯

# ଘରୋଇ ମାଟିରେ ୫ ମ୍ୟାଚ ଖେଳିବ ଓଡ଼ିଶା

- ଏଲିଟ୍ ଗ୍ରୁପ-ସି'ରେ ଓଡ଼ିଶା
- ସିକେ ନାଇଡୁରେ ପ୍ଲେଟ୍ ଗ୍ରୁପ୍‌କୁ ଖସିଲା ଓଡ଼ିଶା

କଟକ ଅଫିସ,୩।୮

ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ପକ୍ଷରୁ ଆସନ୍ତା ଘରୋଇ କ୍ରିକେଟ ଟୁର୍ନାମେଣ୍ଟଗୁଡ଼ିକ ନିମନ୍ତେ ଖେଳସୂଚୀ ଘୋଷଣା କରାଯାଇଛି। ରଣଜୀ ଟ୍ରଫିରେ ଓଡ଼ିଶା ଏଲିଟ୍ ଗ୍ରୁପ-ସି'ରେ ସ୍ଥାନ ପାଇଥିବା ବେଳେ ୫ଟି ମ୍ୟାଚ୍ ଘରୋଇ ପରିବେଶରେ ଖେଳିବାର ସୁଯୋଗ ପାଇବ। ଚୂଡ଼ାନ୍ତ ଭେନ୍ୟୁ ତାଲିକା ଘୋଷଣା ହୋଇନାହିଁ। ସୂଚନାଯୋଗ୍ୟ, ବିଜୟ ହଜାରେ ଟ୍ରଫିରୁ ବିସିସିଆଇର ଆସନ୍ତା ଘରୋଇ ଟୁର୍ନାମେଣ୍ଟଗୁଡ଼ିକ ଆରମ୍ଭ ହେବ।

ଆସନ୍ତା ଡିସେମ୍ବର ୯ରୁ ରଣଜୀ ଟ୍ରଫି ଆରମ୍ଭ ହେବ। ଏଲିଟ ଗ୍ରୁପ-ସି'ରେ ଓଡ଼ିଶା ସମେତ ଛତିଶଗଡ଼, ସର୍ଭିସେସ, ଉତ୍ତରାଖଣ୍ଡ, ତ୍ରିପୁରା, ହରିୟାଣା, ଜମ୍ମୁ କଶ୍ମୀର, ଆସାମ, ମହାରାଷ୍ଟ୍ର ଏବଂ ଝାଡ଼ଖଣ୍ଡ ରହିଛନ୍ତି। ୯ରୁ ୧୨ ତାରିଖ ପର୍ଯ୍ୟନ୍ତ ଛତିଶଗଡ଼ ବିପକ୍ଷରେ ସିଜନର ପ୍ରଥମ ମ୍ୟାଚ୍ ଓଡ଼ିଶା ଖେଳିବ। ସର୍ଭିସେସ, ଉତ୍ତରାଖଣ୍ଡ, ଜମ୍ମୁ ଓ କାଶ୍ମୀର, ଆସାମ ଓ ଝାଡ଼ଖଣ୍ଡ ବିପକ୍ଷ ମ୍ୟାଚ୍ ଓଡ଼ିଶା ଘରୋଇ ଗ୍ରାଉଣ୍ଡରେ ଖେଳିବ । ବିଜୟ ହଜାରେ ଟ୍ରଫି ସେପ୍ଟେମ୍ବର ୨୪ ତାରିଖରୁ ଆରମ୍ଭ ହେଉଛି। ଟୁର୍ନାମେଣ୍ଟରେ ଓଡ଼ିଶା ଏଲିଟ ଗ୍ରୁପ-ବି'ରେ ସ୍ଥାନ ପାଇଛି। ସୟଦ ମୁସ୍ତାକ ଅଲ୍ଲୀ ଟ୍ରଫି ନଭେମ୍ବର ୮ ତାରିଖରୁ ଆରମ୍ଭ ହେଉଛି। ଓଡ଼ିଶା ଗ୍ରୁପ-ଇ'ରେ, ପୁରୁଷ ୨୩ବର୍ଷରୁ କମ୍ ଏକଦିବସୀୟ ଲିଗ ଅକ୍ଟୋବର ୧୦ରୁ ଆରମ୍ଭ ହେଉଥିବାବେଳେ ଓଡ଼ିଶା ଏଲିଟ ଗ୍ରୁପ-ସି'ରେ ସ୍ଥାନ ପାଇଛି। ସେହିପରି କୁଚ୍‌ବିହାର ଟ୍ରଫି ନଭେମ୍ବର ୨୨ରୁ ଆରମ୍ଭ ହେଉଥିବା ବେଳେ ଓଡ଼ିଶା ଏଲିଟ୍ ଗ୍ରୁପ-ସିରେ ସ୍ଥାନ ପାଇଛି। ଭିନୁ ମଙ୍କଡ ଟ୍ରଫି ଅକ୍ଟୋବର ୪ରୁ ଆରମ୍ଭ ହେଉଥିବା ବେଳେ ଓଡ଼ିଶା ଏଲିଟ ଗ୍ରୁପ-ସି'ରେ ସ୍ଥାନ ପାଇଛି। ମହିଳା ସିନିୟର ଟୁର୍ନାମେଣ୍ଟ ଅକ୍ଟୋବର ୧୪ରୁ ଆରମ୍ଭ ହେଉଥିବା ବେଳେ ଓଡ଼ିଶା ଗ୍ରୁପ-ବି'ରେ, ମହିଳା ୨୩ବର୍ଷରୁ କମ୍ ଟୁର୍ନାମେଣ୍ଟ ଜାନୁୟାରୀ ୨୭ରୁ ଆରମ୍ଭ ହେଉଥିବା ବେଳେ ଓଡ଼ିଶା ଏଲିଟ ଗ୍ରୁପ-ଏ'ରେ, ମହିଳା ୨୩ବର୍ଷରୁ କମ ଟି-୨୦ ଲିଗ୍ ନଭେମ୍ବର ୧୨ରୁ ଆରମ୍ଭ ହେଉଛି। ଏଥିରେ ଓଡ଼ିଶା ଗ୍ରୁପ-ଡି'ରେ ସ୍ଥାନ ପାଇଛି। ସେହିପରି ମହିଳା ୧୯ବର୍ଷରୁ କମ ଏକଦିବସୀୟ ଲିଗ୍ ଫେବୃୟାରୀ ୨୦ରୁ ଆରମ୍ଭ ହେଉଛି। ଏଥିରେ ଓଡ଼ିଶା ଏଲିଟ ଗ୍ରୁପ-ଏ'ରେ ସ୍ଥାନ ପାଇଛି। ମହିଳା ୧୯ବର୍ଷରୁ କମ୍ ଟି-୨୦ ଲିଗ ଅକ୍ଟୋବର ୩୧ରୁ ଆରମ୍ଭ ହେବ। ଏଥିରେ ଓଡ଼ିଶା ଗ୍ରୁପ-ଇ'ରେ ରହିଛି। ଅନ୍ୟପକ୍ଷରେ ବିଜୟ ମର୍ଚ୍ଚାଣ୍ଟ ଟ୍ରଫି ପୂର୍ବାଞ୍ଚଳ ଲିଗ ଅକ୍ଟୋବର ୧୧ରୁ ଆରମ୍ଭ ହେବ। ଏହାଛଡ଼ା ସି.କେ. ନାଇଡୁ ଟ୍ରଫି ଡିସେମ୍ବର ୧୧ରୁ ଆରମ୍ଭ ହେଉଥିବା ବେଳେ ଓଡ଼ିଶା ପ୍ଲେଟ ଗ୍ରୁପକୁ ଖସିଛି।

### ମ୍ୟାଚ୍ ସୂଚୀ

| | |
|---|---|
| ଡିସେମ୍ବର ୯ | ଓଡ଼ିଶା–ଛତିଶଗଡ଼(ଭେନ୍ୟୁ–ଛତିଶଗଡ଼) |
| ଡିସେମ୍ବର ୧୭ | ଓଡ଼ିଶା–ସର୍ଭିସେସ(ଭେନ୍ୟୁ–ଓଡ଼ିଶା) |
| ଡିସେମ୍ବର ୨୫ | ଓଡ଼ିଶା–ଉତ୍ତରାଖଣ୍ଡ(ଭେନ୍ୟୁ–ଓଡ଼ିଶା) |
| ଜାନୁୟାରୀ ୩ | ଓଡ଼ିଶା–ତ୍ରିପୁରା(ଭେନ୍ୟୁ–ତ୍ରିପୁରା) |
| ଜାନୁୟାରୀ ୧୧ | ଓଡ଼ିଶା–ହରିୟାଣା(ଭେନ୍ୟୁ–ହରିୟାଣା) |
| ଜାନୁୟାରୀ ୧୯ | ଓଡ଼ିଶା–ଜମ୍ମୁ ଓ କଶ୍ମୀର(ଭେନ୍ୟୁ–ଓଡ଼ିଶା) |
| ଜାନୁୟାରୀ ୨୭ | ଓଡ଼ିଶା–ଆସାମ(ଭେନ୍ୟୁ–ଓଡ଼ିଶା) |
| ଫେବୃୟାରୀ ୪ | ଓଡ଼ିଶା–ମହାରାଷ୍ଟ୍ର(ଭେନ୍ୟୁ–ମହାରାଷ୍ଟ୍ର) |
| ଫେବୃୟାରୀ ୧୨ | ଓଡ଼ିଶା–ଝାଡ଼ଖଣ୍ଡ(ଭେନ୍ୟୁ–ଓଡ଼ିଶା) |

# ଭାରତ-ଏ ସିରିଜ୍ ଜିତିଲା

## ଦ୍ୱିତୀୟ ଅନ୍‌ଅଫିସିଆଲ ଟେଷ୍ଟ

ପୋର୍ଟ ଅଫ୍ ସ୍ପେନ୍,୩।୮(ପି.ଟି.)

ଅଫ୍ ସ୍ପିନର କ୍ରିଷ୍ଣାପ୍ପା ଗୋଥାମଙ୍କ ୫ ଉଇକେଟ ସଫଳତା ଏବଂ ମୟଙ୍କ ଅଗ୍ରୱାଲ, ପ୍ରିୟଙ୍କ ପଞ୍ଚାଲ, ଅଭିମନ୍ୟୁ ଈଶ୍ୱରନ ଓ ଅନମୋଲପ୍ରୀତ୍ ସିଂଙ୍କ ଅର୍ଦ୍ଧଶତକ ବଳରେ ଭାରତ-ଏ ଏଠାରେ ଅନୁଷ୍ଠିତ ୨ୟ ଅନ୍‌ଅଫିସିଆଲ ମ୍ୟାଚ୍‌ରେ ଘରୋଇ ୱେଷ୍ଟଇଣ୍ଡିଜ-ଏ'କୁ ୭ ଉଇକେଟ୍‌ରେ ପରାସ୍ତ କରିଛି। ଏଥିସହ ହନୁମା ବିହାରୀଙ୍କ ନେତୃତ୍ୱାଧୀନ ଭାରତ-ଏ ୩ ମ୍ୟାଚ୍‌ବିଶିଷ୍ଟ ସିରିଜକୁ ୨-୦ରେ ଆଗୁଆ କବ୍‌ଜା କରିନେଇଛି। ପୂର୍ବରୁ ଭାରତ-ଏ ପ୍ରଥମ ମ୍ୟାଚ୍‌କୁ ୬ ଉଇକେଟ୍‌ରେ ଜିତିଥିଲା। ସିରିଜର ଅନ୍ତିମ ତଥା ୩ୟ ମ୍ୟାଚ୍ ଅଗଷ୍ଟ ୯ରୁ ତ୍ରିନିଦାଦରେ ଆରମ୍ଭ ହେବ।

ଟସ୍ ଜିତି ୱେଷ୍ଟଇଣ୍ଡିଜ୍-ଏ ପ୍ରଥମ ଇନିଂସରେ ୧୧୩ ଓଭରରେ ୩୧୮ ରନ କରି ଅଲଆଉଟ ହୋଇଛି। ଜବାବରେ ଭାରତ-ଏ ଆଶାନୁରୂପ ବ୍ୟାଟିଂ କରି ନ ପାରି ୪୭ ଓଭରରେ ୧୯୦ ରନକରି ଅଲଆଉଟ ହୋଇଛି। ଫଳରେ ପ୍ରଥମ ଇନିଂସରେ ଭାରତ-ଏ ୧୨୮ ରନ ପଛରେ ପଡିଥିଲା। ତେବେ ଭାରତୀୟ ବୋଲର ଉନ୍ନତ ବୋଲିଂ କରି ୱେଷ୍ଟଇଣ୍ଡିଜ-ଏ'କୁ ୨ୟ ଇନିଂସରେ ବଡ଼ ସ୍କୋର ହାସଲ କରିବାକୁ ସୁଯୋଗ ଦେଇ ନ ଥିଲା। ଦ୍ୱିତୀୟ ଇନିଂସରେ ୱେଷ୍ଟଇଣ୍ଡିଜ-ଏ ୩୯.୫ ଓଭରରେ ମାତ୍ର ୧୪୯ ରନ କରି ଅଲଆଉଟ ହୋଇଥିଲା। ଫଳରେ ଭାରତ-ଏ ସମ୍ମୁଖରେ ୨୭୮ ରନର ବିଜୟ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା। ଜବାବରେ ଦ୍ୱିତୀୟ ଇନିଂସ ଆରମ୍ଭ କରି ଭାରତ-ଏ ଶୁକ୍ରବାର ତୃତୀୟ ଦିନ ଖେଳ ଶେଷ ସୁଦ୍ଧା ୫୦ ଓଭରରେ ୩ ଉଇକେଟ ହରାଇ ୧୮୫ ରନ ସଂଗ୍ରହ କରିଥିଲା। ଅନ୍ତିମ ଦିବସରେ ଶନିବାର ଭାରତ-ଏ ଆଉ କୌଣସି ଉଇକେଟ୍ ନ ହରାଇ ବିଜୟ ପାଇଁ ଆବଶ୍ୟକ ୯୩ ରନ ସଂଗ୍ରହ କରିନେଇଥିଲା। ଦୁଇ ଓପନର ମୟଙ୍କ (୮୧ ରନ) ଓ ପ୍ରିୟଙ୍କ ପଞ୍ଚାଲ (୬୮) ଓପନିଂ ଯୋଡିରେ ୧୫୦ ରନ କରି ଦଳକୁ ଜବରଦସ୍ତ ଆରମ୍ଭ ପ୍ରଦାନ କରିଥିଲେ। ହନୁମା ବିହାରୀ ୧ ରନ କରି ଆଉଟ୍ ହୋଇଥିବାବେଳେ ଈଶ୍ୱରନ ୬୨ ଓ ଅନ୍‌ମୋଲପ୍ରୀତ୍ ସିଂ ୫୧ ରନ୍ କରି ଅପରାଜିତ ରହିଥିଲେ। ବୋଲିଂରେ ୱେଷ୍ଟଇଣ୍ଡିଜ-ଏ ତରଫରୁ ହୋଲ୍ଡର ୨ ଓ ରେଇଫର ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ।

ଅସମାପ୍ତ ଦ୍ୱିତୀୟ ଇନିଂସ ସ୍କୋର ୧୨/୪ ରୁ ଖେଳ ଆରମ୍ଭ କରି ୱେଷ୍ଟଇଣ୍ଡିଜ-ଏ ଅଲ୍‌ଆଉଟ ହୋଇଥିଲା। ଓଭରନାଇଟ୍ ବ୍ୟାଟ୍ସମ୍ୟାନ ସୁନୀଲ ଆମ୍ବ୍ରିସ ଓ ଜେରମାଇନ ବ୍ଲାକଉଡ୍ ଯଥାକ୍ରମେ ୭୧ ଓ ୩୧ ରନ କରି ଆଉଟ ହୋଇଥିଲେ। ରୋମାରିଓ ଶେଫର୍ଡ ୧୬ ରନ କରି ଅପରାଜିତ ରହିଥିଲେ। ଓପନର କ୍ରେଗ ବ୍ରାଥୱେଟ ୧୦ ରନ କରିଥିଲେ। ବାକି ୭ଜଣ ବ୍ୟାଟ୍ସମ୍ୟାନ ଦୁଇ ଅଙ୍କ ଛୁଇଁ ପାରି ନ ଥିଲେ। ଦ୍ୱିତୀୟ ଇନିଂସରେ ଭାରତ-ଏ ପକ୍ଷରୁ କ୍ରିଷ୍ଣାପ୍ପା ଗୋଥାମ ସର୍ବାଧିକ ୫, ଏସ୍. ସନ୍ଦୀପ ୱାରିୟର ୩ ଉଇକେଟ ହାସଲ କରିଥିଲେ।



ମୟଙ୍କ ଅଗ୍ରୱାଲ

### ସଂକ୍ଷିପ୍ତ ସ୍କୋର

- ୱେଷ୍ଟଇଣ୍ଡିଜ୍-ଏ ପ୍ରଥମ ଇନିଂସ: ୧୧୩ ଓଭରରେ ୩୧୮ ଅଲଆଉଟ
- ଭାରତ-ଏ ପ୍ରଥମ ଇନିଂସ: ୪୭ ଓଭରରେ ୧୯୦ ଅଲଆଉଟ
- ୱେଷ୍ଟଇଣ୍ଡିଜ-ଏ ଦ୍ୱିତୀୟ ଇନିଂସ: ୩୯.୫ ଓଭରରେ ୧୪୯ ଅଲଆଉଟ, (ଅମ୍ବ୍ରିଶ- ୭୧, ବ୍ଲାକ୍‌ଉଡ- ୩୧, ଗୋଥାମ- ୫/୧୭, ୱାରିୟର- ୩/୪୩)
- ଭାରତ-ଏ ଦ୍ୱିତୀୟ ଇନିଂସ: ୭୯.୧ ଓଭରରେ ୨୮୧/୩ (ଅଗ୍ରୱାଲ- ୮୧, ପଞ୍ଚଲ- ୬୮, ଈଶ୍ୱରନ ୬୨, ଅନ୍‌ମୋଲପ୍ରୀତ୍ ୫୧, ହୋଲ୍ଡର- ୨/୩୪)




### ନାବାଳକ ଜୀବିତ ଥାଇ ଦୁଇ ଯୁବକଙ୍କୁ ଗିରଫ ଘଟଣା

## ପାଇକମାଳ ଥାନା ଅଧିକାରୀ, ଡିଏସ୍‌ପିଙ୍କୁ ଓଏଚ୍‌ଆର୍‌ସିଙ୍କ ନୋଟିସ

**ଭୁବନେଶ୍ୱର, ୩।୮(ବ୍ୟୁରୋ):** ବରଗଡ଼ ଜିଲା ପାଇକମାଳ ଥାନା ଅଞ୍ଚଳରେ ଜଣେ ନାବାଳକ ଜୀବିତ ଥାଇ ମଧ ପୋଲିସ ତାଙ୍କୁ ମୃତ ଦର୍ଶାଇ ହତ୍ୟା ମାମଲା ରୁଜୁ କରିଥିଲା। ଏପରି କି ଏହି ମାମଲାରେ ଦୁଇ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିଲା। ଉକ୍ତ ଘଟଣାରେ ଦୁଇ ପୋଲିସ ଅଧିକାରୀ ତଦନ୍ତରେ ଅବହେଳା କରିଥିବା ନେଇ ଓଡିଶା ମାନବିକ ଅଧିକାର କମିଶନ (ଓଏଚ୍‌ଆର୍‌ସି)ଙ୍କ ନିକଟରେ ଅଭିଯୋଗ ହୋଇଥିଲା। ଏନେଇ ଓଏଚ୍‌ଆର୍‌ସି ପାଇକମାଳ ଥାନା ଅଧିକାରୀ ପି.କେ କର୍ଣ୍ଣ ଓ ଡିଏସ୍‌ପି ଲକ୍ଷ୍ମୀନାରାୟଣ ପଣ୍ଡାଙ୍କୁ ନୋଟିସ କରିଛନ୍ତି। ସେପ୍ଟେମ୍ବର ୨୪ ସୁଦ୍ଧା ଜବାବ ରଖିବା ପାଇଁ କମିଶନର କାର୍ଯ୍ୟ ନିର୍ବାହୀ ଅଧକ୍ଷ ବିଚାରପତି ରଘୁବୀର ଦାସ ନିର୍ଦ୍ଦେଶ ଦେଇଛନ୍ତି। ମାନବିକ ଅଧିକାର କର୍ମୀ ବିଜୟ କୁମାର ପଣ୍ଡା, ଚନ୍ଦ୍ରନାଥ ଡାନି ଓ ଅନ୍ୟ ଜଣେ କରିଥିବା ଏହି ଅଭିଯୋଗ ଉପରେ କମିଶନ କ୍ରାଇମ୍‌ବ୍ରାଞ୍ଚଠାରୁ ରିପୋର୍ଟ ମାଗିଥିଲେ। କ୍ରାଇମ୍‌ବ୍ରାଞ୍ଚ ରିପୋର୍ଟ ଓ ଅଭିଯୋଗକାରୀଙ୍କ ଜବାବକୁ ବିଚାର କରି କମିଶନଙ୍କ ପକ୍ଷରୁ ଏହି ଆଦେଶ ଦିଆଯାଇଛି।




### ଏସ୍‌ସିବି, ହୋମିଓପାଥିକ ମେଡିକାଲ କଲେଜ ସମ୍ପର୍କରେ ସମୀକ୍ଷା

# ମେରୁଦଣ୍ଡ ଆଘାତ କେନ୍ଦ୍ର, ଟ୍ରମା କେୟାର ୟୁନିଟ୍ ପୂର୍ଣ୍ଣ କାର୍ଯ୍ୟକ୍ଷମ ହେବ

**ଭୁବନେଶ୍ୱର, ୩।୮(ବ୍ୟୁରୋ)**

କଟକ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ହସ୍ପିଟାଲ(ଏସ୍‌ସିବି)ର ବିକାଶ ନେଇ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନବ କିଶୋର ଦାସ ଶନିବାର ସମୀକ୍ଷା କରିଛନ୍ତି। ହସ୍ପିଟାଲର ବିଭିନ୍ନ ବିଭାଗ ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା କରାଯିବା ସହ ମେଡିକାଲର ମେରୁଦଣ୍ଡ ଆଘାତ କେନ୍ଦ୍ରକୁ ବର୍ତ୍ତମାନ ପାଇଁ ଅର୍ଥୋପେଡିକ୍ ବିଭାଗ ସହ ସାମିଲ କରି ପୂର୍ଣ୍ଣ କାର୍ଯ୍ୟକ୍ଷମ କରାଯିବ ବୋଲି କହିଛନ୍ତି। ପର୍ଯ୍ୟାୟକ୍ରମେ ଅନ୍ୟ ବିଭାଗଗୁଡିକୁ ଏଥିସହ ଯୋଡାଯିବ। ପରବର୍ତ୍ତୀ ସମୟରେ ଏହାସହ ଟ୍ରମା କେୟାର ୟୁନିଟ୍‌କୁ ସଂଯୋଗ କରାଯାଇ ଓଡ଼ିଶା ଟ୍ରମା କେୟାର ଓ ମେରୁଦଣ୍ଡ ଆଘାତ କେନ୍ଦ୍ର ଭାବେ ନାମିତ ଲାଗି ଏହି ଉଚ୍ଚସ୍ତରୀୟ ବୈଠକରେ ସ୍ଥିର କରାଯାଇଛି। ବର୍ତ୍ତମାନ ଟ୍ରମା କେୟାର ସେଣ୍ଟରରେ ଆବଶ୍ୟକ ମାନବ ସମ୍ବଳର ବ୍ୟବସ୍ଥା କରାଯିବ। ସେହିଭଳି ବୃଦ୍ଧାବୃଦ୍ଧଙ୍କ ପାଇଁ ଥିବା ଓପିଡି ସେବା ବର୍ତ୍ତମାନ ସପ୍ତାହରେ ତିନିଦିନ ପାଇଁ ଜେନେରାଲ ମେଡିସିନ ୱାର୍ଡରେ



କାର୍ଯ୍ୟ କରୁଛି। ଏହାକୁ ସବୁଦିନ କାର୍ଯ୍ୟକାରୀ ଲାଗି ବ୍ୟବସ୍ଥା କରାଯିବ। ଏ ନେଇ ସ୍ୱତନ୍ତ୍ର ଆଇପିଡି ସେବା ଉପଲବ୍ଧ ହେବ। ଏଥିପାଇଁ ଏକ ସ୍ୱତନ୍ତ୍ର ଭବନ ନିର୍ମାଣ ଲାଗି ୧୫ ଏକର ଜମିର ବ୍ୟବସ୍ଥା କରାଯିବାକୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ସୂଚନା ଦିଆଯାଇଥିଲା। ସେହିପରି ଲିଭର ପ୍ରତିରୋପଣ ବ୍ୟବସ୍ଥା ଶୀଘ୍ର ଆରମ୍ଭ କରାଯିବାକୁ ଆସନ୍ତା ୭ ଦିନ ମଧ୍ୟରେ ଏମ୍‌ଓୟୁ ସ୍ୱାକ୍ଷରିତ ପାଇଁ ସମସ୍ତ ପ୍ରସ୍ତୁତି କରାଯାଉଛି। ନିର୍ମାଣ ହେବାକୁ ଥିବା ଜି + ୭ ସୁପର ସ୍ପେଶିଆଲିଷ୍ଟ ଭବନ କାର୍ଯ୍ୟ ପ୍ରକ୍ରିୟା ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ରୋଗୀ ଯେପରି କୌଣସି ପ୍ରକାରର ଅସୁବିଧାର ସମ୍ମୁଖୀନ ନ ହୁଅନ୍ତି ସେଥିପାଇଁ ଠିକ୍ ପଦକ୍ଷେପ ଗ୍ରହଣ କରିବାକୁ ମନ୍ତ୍ରୀ ଦାସ ନିର୍ଦ୍ଦେଶ ଦେଇଛନ୍ତି।

ପୂର୍ବରୁ ରାଜ୍ୟରେ ଥିବା ସରକାରୀ ହୋମିଓପାଥିକ ମେଡିକାଲ କଲେଜଗୁଡିକ ସମ୍ପର୍କରେ ମଧ ସ୍ୱାସ୍ଥ୍ୟମନ୍ତ୍ରୀ ଦାସ ସମୀକ୍ଷା କରିଥିଲେ। ବୈଠକରେ ଘରୋଇ ହୋମିଓପାଥିକ ମେଡିକାଲ କଲେଜଗୁଡିକୁ ପ୍ରଦାନ କରାଯାଉଥିବା ଏନ୍‌ଓସି ସମ୍ପର୍କରେ ଡିଏମ୍‌ଇଟି ଏକ କମିଟି ଗଠନ କରି ପଶ୍ଚିମବଙ୍ଗ ଆଦି ରାଜ୍ୟରେ ଯେଉଁ ପ୍ରକାର ବ୍ୟବସ୍ଥା ରହିଛି ତାହାର ଅନୁଧ୍ୟାନ ପାଇଁ କୁହାଯାଇଛି। ବାରିପଦାରେ ଥିବା ଘରୋଇ ଆୟୁର୍ବେଦିକ କଲେଜକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସରକାରୀ କରାଯିବା ସମ୍ପର୍କରେ କରିଥିବା ଘୋଷଣା ସଂକ୍ରାନ୍ତରେ ଏହି ଅବସରରେ ଆଲୋଚନା ହୋଇଥିଲା। ସେହିପରି ସମ୍ବଲପୁର ସରକାରୀ ହୋମିଓପାଥିକ ମେଡିକାଲ କଲେଜରେ ଖାଲିଥିବା ପଦବୀ ପୂରଣ ପାଇଁ ଆୟୁଷ ନିର୍ଦ୍ଦେଶକ ତିନିଦିନ ମଧ୍ୟରେ ପ୍ରସ୍ତାବ ଦେବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଶନିବାର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ବୈଠକରେ ବିଭାଗର କମିଶନର ତଥା ଶାସନ ସଚିବ ଡା. ପ୍ରମୋଦ କୁମାର ମେହେର୍ଦ୍ଦା, ମେଡିକାଲ ନିଗମର ଏମ୍‌ଡି ଯାମିନୀ ଷଡଙ୍ଗୀ, ଯୁଗ୍ମ ସଚିବ ଗୁହା ପୁନମ ତାପସ କୁମାର, ଡିଏମ୍‌ଇଟି ସୋନାମାଳି ବାଗ, ଏସ୍‌ସିବି ମେଡିକାଲ କଲେଜର ଅଧକ୍ଷ, ବିଭିନ୍ନ ବିଭାଗୀୟ ମୁଖ୍ୟ, ମୁଖ୍ୟଯନ୍ତ୍ରୀ(କୋଠାବାଡି), ହୋମିଓପାଥି ମେଡିକାଲ କଲେଜଗୁଡିକର ଅଧକ୍ଷଙ୍କ ସମେତ ଅନ୍ୟ ବିଭାଗୀୟ ପଦାଧିକାରୀମାନେ ଉପସ୍ଥିତ ଥିଲେ।




3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ



ଯେଉଁ ଲୋକ ଭୟରୁ ମୁକ୍ତ ନ ହୋଇଛନ୍ତି, ତା'ର ସଦ୍‌ଗୁଣର କୌଣସି ମୂଲ୍ୟ ନାହିଁ।
-ଲାମାର୍ଟିନ



## ସଂକ୍ଷେପରେ

### ପାଞ୍ଚଗାଁ ଗ୍ରାମରୁ ଓଧ ଉଦ୍ଧାର



**ତିଗିରିଆ,୩।୮(ଡି.ଏନ.ଏ.):** ତିଗିରିଆ ବ୍ଲକ ଅନ୍ତର୍ଗତ ପାଞ୍ଚଗାଁ ଗ୍ରାମର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଅରକ୍ଷିତ ସାହୁଙ୍କ ଘରୁ ଶନିବାର ଏକ ଓଧ ଉଦ୍ଧାର କରାଯାଇଛି। ଏହାପରେ ତାକୁ ଜଙ୍ଗଲରେ ଛାଡ଼ି ଦିଆଯାଇଛି। ସାହୁଙ୍କ ଶୋଇବା ପ୍ରକୋଷ୍ଠର ଖଟତଳେ ଓଧଟି ଲୁଚି ରହିଥିବା ତାଙ୍କ ପରିବାର ଲୋକେ ଦେଖିବାକୁ ପାଇଥିଲେ। ହେଲେ ତାହାକୁ ଚିହ୍ନଟ କରି ନ ପାରି ଘଉଡ଼ାଇବାକୁ ଚେଷ୍ଟା କରିଥିଲେ ମଧ ବିଫଳ ହୋଇଥିଲେ। ଜନ୍ତୁଟି ଘରୁ ନ ବାହାରି ସନ୍ଧିସ୍ଥାନ ଦେଖି ଲୁଚିବାକୁ ଉଦ୍ୟମ କରିଥିଲା। ତିଗିରିଆ ବନ ବିଭାଗକୁ ଖବର ଦେବା ପରେ ବିଭାଗୀୟ ଏଲିଫ୍ୟାଣ୍ଟ ସ୍କ୍ୱାଡ୍‌ର ସଦସ୍ୟମାନେ ପହଁଞ୍ଚି ଓଧକୁ ଚିହ୍ନଟ କରିବା ସହ ଉଦ୍ଧାର କରି ନିଜିଗଡ଼ ସଂରକ୍ଷିତ ଜଙ୍ଗଲରେ ଥିବା ଔଷଧୀୟ ବନରେ ଛାଡ଼ିଥିଲେ ବୋଲି ବନପାଳ ସୁଚରିତା ସାମନ୍ତରାୟ ସୂଚନା ଦେଇଛନ୍ତି।

### କ୍ଲଷ୍ଟରସ୍ତରୀୟ ନିଯୁକ୍ତି ଭିତ୍ତିକ ପରାମର୍ଶ ଶିବିର

**ବାଙ୍କୀ,୩।୮(ବି.ପ୍ର.):** ବାଙ୍କୀ ବ୍ଲକ ଅଧୀନ ସୁବର୍ଣ୍ଣପୁର ପଞ୍ଚାୟତରେ ଜୀବିକା ମିଶନ ଆର୍ଥିକ ସହାୟତାରେ ଶନିବାର ନିଯୁକ୍ତି ଭିତ୍ତିକ ପରାମର୍ଶ ଶିବିର ଅନୁଷ୍ଠିତ ହୋଇଯାଇଛି। ବିଡିଓ ପ୍ରଭାତ କୁମାର ସାହୁ ସରଣ୍ଡାଗଡ଼ସ୍ଥିତ ଡାକବଙ୍ଗଳା ପରିସରରେ ଆୟୋଜିତ ଶିବିରରେ ମୁଖ୍ୟଅତିଥିଭାବେ ଯୋଗଦେଇ ଦୀନ ଦୟାଲ ଉପାଧ୍ୟାୟ ଗ୍ରାମୀଣ କୌଶଲ୍ୟ ଯୋଜନା ଅନ୍ତର୍ଗତ କାର୍ଯ୍ୟକ୍ରମ ଗାଁର ବେକାର ଯୁବତୀଯୁବକଙ୍କ ପାଇଁ ପ୍ରଶିକ୍ଷଣ ମାଧମରେ ନିଯୁକ୍ତି ଓ ରୋଜଗାରର ଏକ ସୁଯୋଗ ବୋଲି କହିଥିଲେ। ପ୍ରଗତି ସହାୟିକା ଜ୍ୟୋତିର୍ମୟୀ ବେହେରାଙ୍କ ସଞ୍ଚାଳନରେ ଅନୁଷ୍ଠିତ ଶିବିରରେ ସୁବର୍ଣ୍ଣପୁର, ରତାଗଡ, ଓସ୍ତିଆ, କଦଳୀବାଡି, କନ୍ତପହଁରା, ବନ୍ଦାଳ ଓ ବାଉଁଶପୁଟ ପଞ୍ଚାୟତର ୧୦୭ ଯୁବତୀଯୁବକ ନାମ ପଞ୍ଜୀକୃତ କରି ଉପସ୍ଥିତ ଥିବା ୫ ଯୋଜନା କାର୍ଯ୍ୟକାରୀ କରୁଥିବା ସଂସ୍ଥାର ପଦାଧିକାରୀଙ୍କଠାରୁ ପରାମର୍ଶ ଗ୍ରହଣ କରିଛନ୍ତି। ପଞ୍ଜୀକୃତ ଶିବିରାର୍ଥୀଙ୍କ ମଧ୍ୟରୁ ୯୧ଜଣଙ୍କୁ ପ୍ରଶିକ୍ଷଣ ନିମନ୍ତେ ଚୟନ କରାଯାଇଥିବା ସୂଚନା ମିଳିଛି।

### ବାଳିକା ଉଚ୍ଚ ବିଦ୍ୟାଳୟର ନୂତନ ପରିଚାଳନା କମିଟି

**ବଡ଼ମ୍ବା,୩।୮(ଡି.ଏନ୍.ଏ):** ବଡ଼ମ୍ବା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ନୂତନ ପରିଚାଳନା କମିଟି ଗଠନ କରାଯାଇଛି । ଏହି ପରିପ୍ରେକ୍ଷୀରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ସର୍ବସମ୍ମତିକ୍ରମେ ସଭାପତି ଭାବେ ବଡ଼ମ୍ବାର ବରିଷ୍ଠ ଖବରଦାତା ତ୍ରିଲୋଚନ ରଣା ଓ ଉପସଭାପତି ଭାବେ ରଶ୍ମିତା ଗୋଛିଙ୍କୁ ନିର୍ବାଚିତ କରାଯାଇଥିଲା। ସେହିପରି କମିଟିର ସଭ୍ୟା ଭାବେ ଅପର୍ଣ୍ଣା ମହାନ୍ତି, ରେଶମା ବିବି, ସରୋଜିନୀ ନାୟକ, ସବିତା ଦାସ ଓ ପିଙ୍କି ରଣା ନିର୍ବାଚିତ ହୋଇଥିଲେ। ନୂତନ ସଭ୍ୟଭାବେ ବିକ୍ରମ କେଶରୀ ବରାଳ, ପ୍ରଦୀପ କୁମାର ମହାନ୍ତି, ବିଶ୍ୱନାଥ ମହାପାତ୍ର, ସତ୍ୟବାଦୀ ବେହେରା ଓ ମହେଶ୍ୱର ନାୟକଙ୍କୁ ନିର୍ବାଚିତ କରାଯାଇଥିଲା । ବୈଠକରେ କମିଟିର ଆବାହକ ତଥା ବିଦ୍ୟାଳୟ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ସରୋଜ କୁମାର ମିଶ୍ର ପୌରୋହିତ୍ୟ କରିଥିଲେ। ଇଚ୍ଛାପୁର କ୍ଲଷ୍ଟର ସିଆର୍‌ସିସି ବୈଦ୍ୟନାଥ ସାହୁ ଏଥିରେ ଉପସ୍ଥିତ ଥିଲେ। ଏହି ଅବସରରେ ନୂତନ ସଭାପତି ରଣାଙ୍କୁ ବିଦ୍ୟାଳୟ ତରଫରୁ ସ୍ୱାଗତ କରାଯାଇଥିଲା। ଏଥିସହ ପୂର୍ବତନ ସଭାପତି ମନୋଜ କୁମାର ତରାସିଆଙ୍କୁ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ବୈଠକରେ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଓ କର୍ମଚାରୀ ଉପସ୍ଥିତ ରହି ସହଯୋଗ କରିଥିଲେ।

■ ନାବାଳିକାଙ୍କୁ ଅସଦାଚରଣ, ମହିଳାଙ୍କୁ ବଳାତ୍କାର ଉଦ୍ୟମ ଘଟଣା

# ନ୍ୟାୟ ଦେଇପାରୁନି ପୋଲିସ

**ନିଶ୍ଚିନ୍ତକୋଇଲି,୩।୮(ସ୍ୱ.ପ୍ର.)**

ସାଧାରଣ ଲୋକଙ୍କ ବିଭିନ୍ନ ସମସ୍ୟା ସମାଧାନ କରିବା ପାଇଁ ଲୋକ ପ୍ରତିନିଧି ନିର୍ବାଚିତ ହୋଇଥାନ୍ତି। ହେଲେ ଏହି ଲୋକ ପ୍ରତିନିଧିଙ୍କ ମଧ୍ୟରୁ କେତେଜଣ ବେଳେବେଳେ ଲୋକଙ୍କ ସମସ୍ୟାର କାରଣ ହୋଇଥାନ୍ତି। ଏପରି ଏକ ଘଟଣା ଦେଖିବାକୁ ମିଳିଛି କଟକ ଜିଲା ନିଶ୍ଚିନ୍ତକୋଇଲି ଥାନା ଅଧୀନ ଶୁକରପଡ଼ା ପଞ୍ଚାୟତରେ। ୨୦୧୮ରେ ଏହି ପଞ୍ଚାୟତର ପୂର୍ବତନ ସରପଞ୍ଚ ଜଣେ ସଂଖ୍ୟାଲଘୁ ସମ୍ପ୍ରଦାୟ ନାବାଳିକାଙ୍କୁ ଅସଦାଚରଣ କରିଥିଲେ। ଏ ନେଇ ଥାନାରେ ଅଭିଯୋଗ ହୋଇଥିଲେ ମଧ ଏବେ ସୁଦ୍ଧା ପୀଡ଼ିତାଙ୍କୁ ନ୍ୟାୟ ମିଳି ପାରିନାହିଁ। ଏହାରି ଭିତରେ ପୁଣି ୨୦୧୯ରେ ଏହି ପଞ୍ଚାୟତର ସମିତିସଭ୍ୟ ଜଣେ ସଂଖ୍ୟାଲଘୁ ମହିଳାଙ୍କୁ ଘରେ ପଶି ବଳାତ୍କାର ଉଦ୍ୟମ କରିଥିବା ଘଟଣା ଘଟିଛି। ହେଲେ ଏହି ୨ ଅଭିଯୋଗରେ ପୋଲିସର କାର୍ଯ୍ୟାନୁଷ୍ଠାନ ଶୂନ ହୋଇଥିବାରୁ ଅଞ୍ଚଳରେ ଅସନ୍ତୋଷ ତୀବ୍ର ହେଉଛି। ଶୀଘ୍ର ୨ ପୀଡ଼ିତାଙ୍କୁ ନ୍ୟାୟ ପ୍ରଦାନ କରା ନ ଗଲେ ଆନ୍ଦୋଳନ ଜୋରଦାର ହେବବୋଲି ଚେତାବନୀ ଦିଆଯାଇଛି। ଏହାକୁ ନେଇ ପୋଲିସ ଅଡୁଆରେ ପଡ଼ିଛି। ଏପରି କି ପୋଲିସର କାର୍ଯ୍ୟ ଦକ୍ଷତାକୁ ନେଇ ମଧ ସାଧାରଣରେ ନାନା ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ସୂଚନା ଅନୁସାରେ, ୧୨।୧୨।୨୦୧୮ରେ ଏହି ପଞ୍ଚାୟତର ଜଣେ ନାବାଳିକାଙ୍କୁ ପୂର୍ବତନ ସରପଞ୍ଚ ମୃତ୍ୟୁଞ୍ଜୟ ସ୍ୱାଇଁ ଅସଦାଚରଣ କରିଥିଲେ। ଏନେଇ ଥାନାରେ ସମ୍ପୃକ୍ତ ଯୁବତୀଙ୍କ ପରିବାର ପକ୍ଷରୁ ଅଭିଯୋଗ ହୋଇଥିଲା। ପୋଲିସ ମାମଲା ନଂ-୮୬/୧୮ରେ ମାମଲା ରୁଜୁ କରିବା ସହ ଦଫା ୩୪୧, ୩୫୪(ଏ), ୩୫୪(ଡି), ୫୦୯ ଓ ୧୨ ପୋସ୍କୋ ଆକ୍ଟ ଲଗାଇ ତଦନ୍ତ ଆରମ୍ଭ କରିଥିଲା। ହେଲେ ଅଭିଯୁକ୍ତଙ୍କୁ ଗିରଫ କରି ପାରି ନ ଥିଲା। ଫଳରେ ସେତେବେଳେ ଏହାର ପ୍ରତିବାଦରେ ଲୋକେ ରାସ୍ତାରୋକୋ ଠାରୁ ଆରମ୍ଭ କରି ଥାନା ଘେରାଉ କରିଥିଲେ। ସେହି ମାମଲାରେ ଏ ପର୍ଯ୍ୟନ୍ତ ପୀଡ଼ିତାଙ୍କୁ ନ୍ୟାୟ ମିଳି ପାରିନାହିଁ।

■ ଲୋକଙ୍କ ଭରସା ତୁଟୁଛି
■ ନ୍ୟାୟ ନ ମିଳିଲେ ଜୋରଦାର ହେବ ଆନ୍ଦୋଳନ
■ ପୋଲିସର କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ

ସେହିପରି ଜୁଲାଇ ୧୨ ତାରିଖରେ ଏହି ପଞ୍ଚାୟତର ସମିତିସଭ୍ୟ ସେକ୍ କଲାମ ଖାଁ ଜଣେ ମହିଳାଙ୍କୁ ତାଙ୍କ ସ୍ୱାମୀଙ୍କ ଅନୁପସ୍ଥିତିରେ ବଳାତ୍କାର ଉଦ୍ୟମ କରିବା ସହ ମାରଣାସ୍ତ୍ର ଦେଖାଇ ହତ୍ୟା ଧମକ ଦେଇଥିଲେ। ଏନେଇ ସମ୍ପୃକ୍ତ ମହିଳା ନିଶ୍ଚନ୍ତକୋଇଲି ଥାନାରେ ୧୮ତାରିଖରେ ଅଭିଯୋଗ କରିଥିଲେ। ପୋଲିସ ମାମଲା ନଂ-୭୩/୧୯ରୁଜୁ କରିବା ସହ ଦଫା ୪୫୭, ୩୫୪, ୩୫୪(ଏ), ୩୨୩ ଓ ୫୦୬ ଲଗାଇ ତଦନ୍ତ ଆରମ୍ଭ କରିଥିଲା। ହେଲେ ଏ ପର୍ଯ୍ୟନ୍ତ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରି ପାରିନାହିଁ। ସେହିପରି ଏ ନେଇ ସମ୍ପୃକ୍ତ ମହିଳା ମଧ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, ରାଜ୍ୟ ମାନବାଧିକାର କମିଶନ, ମହିଳା କମିଶନ ଓ ରାଜ୍ୟ ପୋଲିସ ମହାନିର୍ଦ୍ଦେଶକଙ୍କୁ ଲିଖିତଭାବେ ଜଣାଇଛନ୍ତି। ଏପରି କି ନ୍ୟାୟ ପାଇଁ ପ୍ରଧାନମନ୍ତ୍ରୀଙ୍କୁ ପତ୍ର ଲେଖିଛନ୍ତି। ଅପରପକ୍ଷରେ ପୋଲିସ ରାଜନୈତିକ ଚାପରେ ଲୋକପ୍ରତିନିଧିଙ୍କୁ ସୁରକ୍ଷା ଯୋଗାଉଥିବା ଅଭିଯୋଗ ହେଉଛି। ବଳାତ୍କାର ଉଦ୍ୟମ ପରି ଘଟଣାରେ ପୋଲିସର କୋହଳ ମନୋଭାବ ବିଭାଗର ପାରିବା ପଣିଆ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏ ସମ୍ପର୍କରେ ନିଶ୍ଚିନ୍ତକୋଇଲି ଥାନା ଅଧିକାରୀ ଶୁଭ୍ରାଂଶୁ ଶେଖର ପରିଡ଼ାଙ୍କୁ ପଚାରିବାରୁ ସେ କହିଥିଲେ, ୮୬/୧୮ ମାମଲାର ଅପୋସ ସମାଧାନ ପାଇଁ ପୂର୍ବତନ ସରପଞ୍ଚ କୋର୍ଟରେ ସତ୍ୟପାଠ ଦାଖଲ କରିଛନ୍ତି। ତେଣୁ ଏହି ମାମଲାର ଫାଇନାଲ ଚାର୍ଜସିଟ କୋର୍ଟରେ ଦାଖଲ କରାଯାଇଛି। କୋର୍ଟ ଯାହା ବିଚାର କରିବେ। ସେହିପରି ୭୩/୧୯ମାମଲା ସମ୍ପର୍କରେ କହିଥିଲେ, ଅଭିଯୁକ୍ତ ଫେରାର ଥିବାରୁ ଗିରଫ କରାଯାଇ ପାରିନାହିଁ। ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଛି। ଖୁବ୍‌ଶୀଘ୍ର ଅଭିଯୁକ୍ତଙ୍କୁ ଗିରଫ କରାଯିବ।



ମୁଖ୍ୟମନ୍ତ୍ରୀଙ୍କୁ ବାଉଁଶପୁଟ ପଞ୍ଚାୟତ ପକ୍ଷରୁ ଆର୍ଥିକ ରାଶିର ଚେକ୍ ପ୍ରଦାନ କରାଯାଉଛି।

## ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ ସହାୟତା

**ବାଙ୍କୀ,୩।୮(ବି.ପ୍ର.)**

ଫନୀ ବିପନ୍ନଙ୍କୁ ସହାୟତା ପାଇଁ ବାଙ୍କୀ ବ୍ଲକ ଅଧୀନ ବାଉଁଶପୁଟ ପଞ୍ଚାୟତ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ୧ଲକ୍ଷ ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ସରପଞ୍ଚ ରୁନୁବାଳା ସ୍ୱାଇଁଙ୍କ ନେତୃତ୍ୱରେ ପଞ୍ଚାୟତର ୱାର୍ଡ ସଭ୍ୟାସଭ୍ୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସାକ୍ଷାତ କରି ୧ ଲକ୍ଷ ଟଙ୍କାର ଚେକ୍ ପ୍ରଦାନ କରିଛନ୍ତି। ୱାର୍ଡ ସଭ୍ୟ ମନୋଜ ପଣ୍ଡା, ବିନୋଦ ରାଉତ, ଲକ୍ଷ୍ମୀଧର ସାହୁ, ସୁବାସ ପ୍ରଧାନ, ଗୋବିନ୍ଦ ନାୟକ, ପ୍ରଭାତି ରାଉତ, ଗଣେଶ ପରିଡା, ରମାଦେଈ ପାତ୍ର ପ୍ରମୁଖ ଚେକ୍ ପ୍ରଦାନବେଳେ ଉପସ୍ଥିତ ଥିଲେ।

## ସରଣ୍ଡାଗଡ଼ରେ ସ୍ୱାଧୀନତା ଦିବସ ପାଳନ ପ୍ରସ୍ତୁତି ବୈଠକ

**ବାଙ୍କୀ,୩।୮(ବି.ପ୍ର.)**

ବାଙ୍କୀ ବ୍ଲକ ଅନ୍ତର୍ଗତ ସରଣ୍ଡାଗଡ଼ଠାରେ ସ୍ୱାଧୀନତା ଦିବସ ପାଳନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଅଂଶୁପା ଜୁନିୟର କଲେଜ ପରିସରରେ ଅନୁଷ୍ଠିତ ବୈଠକରେ ଅଧକ୍ଷ ପ୍ରଦୀପ କୁମାର ବେଉରା ଅଧକ୍ଷତା କରିଥିଲେ। ବୈଠକରେ ସରଣ୍ଡାଗଡ ଅନ୍ତର୍ଗତ ବିଭିନ୍ନ ବିଦ୍ୟାଳୟର ପ୍ରଧାନଶିକ୍ଷକ ଓ ଅଞ୍ଚଳର ବୁଦ୍ଧିଜୀବୀ ଉପସ୍ଥିତ ରହି ମତ ପ୍ରଦାନ କରିଥିଲେ। ଚଳିତ ବର୍ଷ ଏହି ଉପଲକ୍ଷେ ଏକ ମାର୍ଚ୍ଚ ଫାଷ୍ଟ ସହ ମୁଖ୍ୟଅତିଥିଙ୍କ ଦ୍ୱାରା ଜାତୀୟ ପତାକା ଉତ୍ତୋଳନ ଓ ଅଭିବାଦନ ଗ୍ରହଣ କରିବାକୁ ସ୍ଥିର କରାଯାଇଛି। ସରଣ୍ଡାଗଡ଼ର ବିଶିଷ୍ଟ ବ୍ୟକ୍ତି ଗତିକୃଷ୍ଣ ସ୍ୱାଇଁ, ବନ୍ଧୁମୋହନ ଦଳେଇ, ସରପଞ୍ଚ ତରୁଣ ମହାପାତ୍ର, ବେଣୁଧର ଦାସ, ସଦାଶିବ ଦାସ ଓ ଶତ୍ରୁଘ୍ନ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ପରେଡ଼୍‌ରେ ବାଙ୍କୀ ବିଧାୟକ ଅଭିବାଦନ ଗ୍ରାହଣ କରିବା ପାଇଁ ନିଷ୍ପତ୍ତି ହୋଇଛି। ସୂଚନାଯୋଗ୍ୟ, ପ୍ରତି ବର୍ଷ ସ୍ୱାଧୀନତା ଦିବସ ଏବଂ ଜନରାଜ୍ୟ ଦିବସ ଅଂଶୁପା ମହାବିଦ୍ୟାଳୟ ଖେଳ ପଡିଆରେ ପାଳନ କରାଯିବା ପାଇଁ ଉପସ୍ଥିତ ସଦସ୍ୟଙ୍କ ସର୍ବସମ୍ମତି କ୍ରମେ ନିଷ୍ପତ୍ତି ନିଆଯାଇଛି। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ସମସ୍ତ ଅଧାପିକା ଅଧାପକ ସହଯୋଗ କରିଥିଲେ।

## ମହାବିଦ୍ୟାଳୟସ୍ତରୀୟ ବକ୍ତୃତା ପ୍ରତିଯୋଗିତା


ଅତିଥିଙ୍କ ଗହଣରେ ମହାବିଦ୍ୟାଳୟସ୍ତରୀୟ ବକ୍ତୃତା ପ୍ରତିଯୋଗିତାରେ ଭାଗ ନେଇଥିବା ପ୍ରତିଯୋଗୀ।

**ବାଙ୍କୀ,୩।୮(ସ୍ୱ.ପ୍ର.)**

ବାଙ୍କୀ ଉପଖଣ୍ଡସ୍ତରୀୟ ସ୍ୱାଧୀନତା ଦିବସ ପାଳନ ଉପଲକ୍ଷେ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ମହାବିଦ୍ୟାଳୟସ୍ତରୀୟ ବକ୍ତୃତା ପ୍ରତିଯୋଗିତା ଶନିବାର ଉପଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ପ୍ରତିଯୋଗିତାରେ 'ମହାବିଦ୍ୟାଳୟର ଶିକ୍ଷାବ୍ୟବସ୍ଥା, ସମସ୍ୟା ଓ ପ୍ରତିକାର' ବିଷୟବସ୍ତୁ ରହିଥିଲା। ଏଥିରେ ବାଙ୍କୀ କଲେଜର ଓମ୍ ଈଶ୍ୱରୀ ମହାପାତ୍ର ୧ମ, ସୁଚିତ୍ରା ବେହେରା ୨ୟ ଓ କଳାପଥର-ଧଳାପଥର ଆଞ୍ଚଳିକ ଉଚ୍ଚ ମାଧମିକ ବିଦ୍ୟାଳୟର ପ୍ରବାସିନୀ ନାୟକ ୩ୟ ସ୍ଥାନ ଅଧିକାର କରିଥିବା ବେଳେ ଅଂଶୁପା ଶିକ୍ଷା ଓ ବୈଷୟିକ ଉଚ୍ଚ ମାଧମିକ ବିଦ୍ୟାଳୟର ଦେବସ୍ମିତା ରଣାଙ୍କୁ ସାନ୍ତ୍ୱନାମୂଳକ ପୁରସ୍କାର ପ୍ରଦାନ କରାଯିବ ବୋଲି ସ୍ଥିର କରାଯାଇଛି। ବିଚାରକ ଭାବେ ଶିକ୍ଷାବିତ୍ ଅଖିଳବୀରବର ହରିଚନ୍ଦନ, ଇଂ. ସତ୍ୟବ୍ରତ ରଥ ଓ ସମରେନ୍ଦ୍ର ମହାପାତ୍ର ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶାରଦା ପ୍ରସାଦ ମହାନ୍ତି ପରିଚାଳନା କରିଥିଲେ। କର୍ମଚାରୀ କାଳିଚରଣ ତ୍ରିପାଠୀ, ଦୁର୍ଯ୍ୟୋଧନ ପରିଡା ଓ ସୁଦର୍ଶନ ବେହେରା ସହଯୋଗ କରିଥିଲେ। ଅବସରପ୍ରାପ୍ତ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଜଗଦୀଶ ପଣ୍ଡା ଉପସ୍ଥିତ ରହି ପ୍ରତିଯୋଗୀଙ୍କୁ ଉତ୍ସାହିତ କରିଥିଲେ।

## ମାରପିଟ୍ ଘଟଣାରେ ଯୁବକ କୋର୍ଟଚାଲାଣ

**ସାଲେପୁର,୩।୮(ଡି.ଏନ.ଏ.)**

ମାର୍‌ପିଟ୍ ଘଟଣାରେ ସାଲେପୁର ପୋଲିସ ଜଣେ ଯୁବକଙ୍କୁ ଶନିବାର ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ କେନ୍ଦୁପାଟଣା ପଞ୍ଚାୟତ ଖଣ୍ଡ ଗାଁର ଚନ୍ଦ୍ରକାନ୍ତ ଲେଙ୍କା। ସୂଚନା ଅନୁସାରେ, ଜୁଲାଇ ୧୬ରେ ଚନ୍ଦ୍ରକାନ୍ତ ତାଙ୍କ ଗ୍ରାମର ସାରଦା ପ୍ରସନ୍ନ ନାୟକଙ୍କୁ ପୂର୍ବଶତ୍ରୁତାକୁ କେନ୍ଦ୍ରକରି ମାର୍‌ପିଟ୍ କରିଥିଲେ। ଏନେଇ ସାରଦା ସାଲେପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ମାମଲା ନଂ-୧୭୧/୧୯ରୁଜୁ କରି ତଦନ୍ତ ଚାଳାଇଥିଲା। ଚନ୍ଦ୍ରକାନ୍ତ ସେବେଠାରୁ ଫେରାର୍ ହୋଇ ଯାଇଥିଲେ। ପରେ ସେ ଗୁରୁଡି ଝାଟିଆ ଅଞ୍ଚଳରେ ରହୁଥିବା ପୋଲିସ ଜାଣିବା ପରେ ଶୁକ୍ରବାର ଚଢ଼ାଉ କରି ତାଙ୍କୁ କାବୁ କରିଥିଲା ବୋଲି ଏଏସଆଇ ନିମାଇଁ ଚରଣ ମହାପାତ୍ର ସୂଚନା ଦେଇଛନ୍ତି।

## ରାଜ୍ୟପାଳଙ୍କୁ ପ୍ରତିକୃତି ଉପହାର ଦେଲେ ଲକ୍ଷ୍ମୀପ୍ରସାଦ


ରାଜ୍ୟପାଳଙ୍କୁ ପ୍ରତିକୃତି ପ୍ରଦାନ କରୁଛନ୍ତି ଲକ୍ଷ୍ମୀପ୍ରସାଦ ।

**ବାଙ୍କୀ,୩।୮(ବି.ପ୍ର.)**

ବାଙ୍କୀ-ଡମପଡ଼ା ବ୍ଲକ ଅନ୍ତର୍ଗତ ରଗଡ଼ି ଗ୍ରାମର ଯୁବ ଚିତ୍ର ଶିଳ୍ପୀ ଲକ୍ଷ୍ମୀପ୍ରସାଦ ରାଉତ ରାଜଭବନଠାରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କୁ ଶନିବାର ମଧାହ୍ନରେ ଭେଟିଛନ୍ତି। ଏହି ସମୟରେ ସେ ନିଜସ୍ୱ କାରୁକାର୍ଯ୍ୟରେ ଆଙ୍କିଥିବା ରାଜ୍ୟପାଳ ଲାଲଙ୍କ ପ୍ରତିକୃତି ତାଙ୍କୁ ପ୍ରଦାନ କରିଛନ୍ତି। ପିଲା ବେଳୁ ଚିତ୍ର ଓ ରଙ୍ଗ ତୁଳୀ ସହିତ ସମ୍ପର୍କକୁ ଯୋଡିଥିବା ଲକ୍ଷ୍ମୀପ୍ରସାଦ ଜଣେ ଚିତ୍ର ଶିଳ୍ପୀ ଭାବେ ଅଞ୍ଚଳରେ ବେଶ୍ ଜଣାଶୁଣା। ରାଜ୍ୟପାଳ ଲକ୍ଷ୍ମୀପ୍ରସାଦଙ୍କୁ ସାବାସୀ ଜଣାଇ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ରାଜ୍ୟପାଳଙ୍କୁ ପ୍ରତିକୃତି ଦେଇ ନିଜକୁ ଧନ୍ୟ ମନେ କରିଥିବା ଲକ୍ଷ୍ମୀପ୍ରସାଦ କହିଛନ୍ତି।

## ଚକାପଦା ରାମଲୀଳା ଛକରେ ପାଣି ଜମି ପଟୁ ମାଡ଼ିଲାଣି
## ଏନ୍‌ଏସି କର୍ତ୍ତୃପକ୍ଷଙ୍କ ଦୃଷ୍ଟି ପଡୁନି

**ବାଙ୍କୀ,୩।୮(ସ୍ୱ.ପ୍ର.)**

ବାଙ୍କୀ ଏନଏସି ଅନ୍ତର୍ଗତ ଚକାପଦା ଗ୍ରାମର ରାମଲୀଳା ଛକନିକଟ ରାସ୍ତା ଉପରେ ବର୍ଷା ପାଣି ଜମି ପଟୁ ମାଡ଼ିଲାଣି। ହେଲେ ଏଥିପ୍ରତି ଏନ୍‌ଏସି କର୍ତ୍ତୃପକ୍ଷଙ୍କ ଦୃଷ୍ଟି ପଡୁନାହିଁ। ଏହାକୁ ନେଇ ସାଧାରଣରେ ନାନା ଅସନ୍ତୋଷ ପ୍ରକାଶ ପାଇଛି। ଏହି ରାସ୍ତା ମାଳି ସାହି, ଚଷା ସାହି ଓ ଚକାପଦା-ମନ୍ତ୍ରୀସାହିକୁ ସଂଯୋଗ କରୁଛି। ବର୍ଷେ ହେବ ରାସ୍ତାର ଅବସ୍ଥା ଏପରି ରହିଛି। ଏଥିଯୋଗୁ ଦୈନିକ ଛୋଟମୋଟ ଦୁର୍ଘଟଣା ଘଟୁଛି। ଚକାପଦା ଓ ମନ୍ତ୍ରୀ ସାହି ରାସ୍ତା ମଧ ଦୁଇପଟୁ ଖୋଳାଯାଇ


ରାମଲୀଳା ଛକରେ ବର୍ଷା ପାଣି ଜମି ରହିଛି।

ଠିକ୍ ଭାବେ ମାଟି ପକାଯାଇ ନ ଥିବାରୁ ଅନେକ ଦୁର୍ଘଟଣା ଘଟିସାରିଲାଣି। ବାଙ୍କୀ ବିଜ୍ଞାପିତ କ୍ଷେତ୍ର ପରିଷଦ ରାଜ୍ୟର ଶ୍ରେଷ୍ଠ ମଳମୁକ୍ତ ଓ ସ୍ୱଚ୍ଛଭାରତ ମିଶନରେ ପୁରସ୍କାର ଲାଭ କରିଛି। ଗତ ପରିଷଦରେ ସେହି ଗ୍ରାମର କାଉନ୍‌ସିଲର ଅଧକ୍ଷଭାବେ ଦାୟିତ୍ୱ ତୁଲାଉଥିଲେ। ଏହା ସତ୍ତ୍ୱେ ବିଜ୍ଞାପିତ ଅଞ୍ଚଳ ପରିଷଦ ତରଫରୁ କୌଣସି ପଦକ୍ଷେପ ନିଆଯାଇ ନାହିଁ ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଗ୍ରାମର ମହିଳାମାନେ ଅବ୍ୟବସ୍ଥା ସମ୍ପର୍କରେ ସ୍ୱର ଉତ୍ତୋଳନ କରିଥିଲେ ମଧ କୌଣସି ସମାଧାନ ହୋଇନାହିଁ। ଆଗାମୀ ଦିନରେ ଏହାର ସମାଧାନ କରା ନ ଗଲେ ଜନଆନ୍ଦୋଳନ ଦେଖାଦେବ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ବାଙ୍କୀ ଏନ୍‌ଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ବିନୟ ରଞ୍ଜନ ମହାପାତ୍ରଙ୍କୁ ପଚାରିବାରୁ ସେ କହିଥିଲେ, ମୁଁ ଘଟଣା ସ୍ଥଳକୁ ଯାଇ ସ୍ଥିତି ଅନୁଧ୍ୟାନ କରିବି। ଏହାପରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ।

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପକ୍ଷରୁ ଜ୍ଞାନବିଜ୍ଞାନ ମେଳା

**ସାଲେପୁର,୩।୮(ଡି.ଏନ.ଏ.)**

ସାଲେପୁର ବ୍ଲକ ଅନ୍ତର୍ଗତ ପୂର୍ବକଚ୍ଛ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପକ୍ଷରୁ ଜ୍ଞାନ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ସ୍ୱୟଂଶାସିତ ମହାବିଦ୍ୟାଳୟ ସ୍ୱର୍ଣ୍ଣପଦକ ବିଜେତା ଅଙ୍କିତା ସାହୁ ଯୋଗଦେଇ ମେଳାକୁ ଉଦ୍‌ଘାଟନ କରିଥିଲେ। ଓଡ଼ିଶା ଶିକ୍ଷା ବିକାଶ ସମିତି ଗଞ୍ଜାମ ବିଭାଗ ନିରୀକ୍ଷକ ସରୋଜ ପଟ୍ଟନାୟକ ମୁଖ୍ୟଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମର ଗୁରୁତ୍ୱ ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ଦିଗ୍‌ଦର୍ଶନ ଦେଇଥିଲେ। ବିଦ୍ୟାଳୟ ପରିଚାଳନା ସମିତି ସଭାପତି ରେବତୀ ଦାସ ଅଧକ୍ଷତା କରିଥିବା ବେଳେ ପ୍ରଧାନଆଚାର୍ଯ୍ୟା ସଂଯୁକ୍ତା ରାଉଳ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ମେଳାରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ୧୪୭ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଏଥିସହ ବିଜ୍ଞାନ, ବୈଦିକ ଗଣିତ, ସଂସ୍କୃତିବୋଧ ପ୍ରଶ୍ନମଞ୍ଚ, ପତ୍ରବାଚନ, ପ୍ରୟୋଗ ଓ ଚାର୍ଟ ଆଦି ପ୍ରଦର୍ଶନ କରାଯାଇଥିଲା। ବିଦ୍ୟାଳୟ ପରିଚାଳନା କମିଟି ସମ୍ପାଦକ କ୍ଷୀରୋଦ ଚନ୍ଦ୍ର ପଣ୍ଡା ଧନ୍ୟବାଦ ଦେଇଥିଲେ।


ଜ୍ଞାନ ବିଜ୍ଞାନ ମେଳାରେ ଯୋଗଦେଇଥିବା ଅତିଥି ଓ ଅନ୍ୟମାନେ।

## 'ମତ୍ସ୍ୟଚାଷ ମହିଳାଙ୍କୁ ଆର୍ଥିକ ସ୍ୱାବଲମ୍ବୀ କରାଇବ'

**ବଡମ୍ବା,୩।୮(ଡି.ଏନ.ଏ.)**

ସ୍ୱୟଂ ସହାୟିକା ଗୋଷ୍ଠୀଙ୍କ ଦ୍ୱାରା ପଞ୍ଚାୟତ ପୋଖରୀରେ ବୈଜ୍ଞାନିକ ପଦ୍ଧତିରେ ମାଛଚାଷ ନିମନ୍ତେ ଏକ ବ୍ଲକ୍‌ସ୍ତରୀୟ ପ୍ରଶିକ୍ଷଣ ଶିବିର ବଡ଼ମ୍ବା ଆତ୍ମା ସଭାଗୃହରେ ଶନିବାର ଉଦ୍‌ଘାଟିତ ହୋଇଯାଇଛି। ମିଶନ୍ ଶକ୍ତି, ୱାର୍ଲଡ ଫିସ୍, ରାଜ୍ୟ ମତ୍ସ୍ୟ ନିର୍ଦ୍ଦେଶାଳୟ ମିଳିତ ଆନୁକୂଲ୍ୟ ଓ ଜିଲା ମତ୍ସ୍ୟବିଭାଗ ସହଯୋଗରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ମୁଖ୍ୟଅତିଥିଭାବେ ମତ୍ସ୍ୟ ଉପନିର୍ଦ୍ଦେଶକ ଶ୍ରୀମାଞ୍ଚଳ ବେହେରା ଓ ବିଶିଷ୍ଟ ଅତିଥିଭାବେ ବଡ଼ମ୍ବା ବିଡିଓ ସଦାନନ୍ଦ ସେଠୀ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିବା ସହିତ ଏହି ଚାଷ ଦ୍ୱାରା ମହିଳା ଆର୍ଥିକ ସ୍ୱାବଲମ୍ବୀ ହୋଇପାରିବେ ବୋଲି କହିଥିଲେ। ସମ୍ମାନିତ ଅତିଥି ଓଡ଼ିଶା ଜୀବିକା ମିଶନ୍ ବଡ଼ମ୍ବା ବ୍ଲକ୍ ପ୍ରକଳ୍ପ ପରିଚାଳିକା ମୋନାଲିସା ତ୍ରିପାଠୀ, ପ୍ରଗତି ସହାୟିକା ସୁଚିସ୍ମିତା ନାୟକ, ବ୍ଲକ ସହକାରୀ କୃଷି ଅଧିକାରୀ ପ୍ରଭାତି ରାମ୍ ପ୍ରମୁଖ ଯୋଗଦେଇ ମତ୍ସ୍ୟଚାଷ ଉପରେ ଗୁରୁତ୍ୱ ପ୍ରଦାନ କରିଥିଲେ। ଜିଲା ମତ୍ସ୍ୟ ଅଧିକାରୀ ବବିତା ମହନ୍ତଙ୍କ ପୌରୋହିତ୍ୟ ଓ ବ୍ଲକ୍ ସହକାରୀ ମତ୍ସ୍ୟ ଅଧିକାରୀ ଦିନେଶ ପ୍ରଧାନଙ୍କ ସଂଯୋଜନାରେ ଅନୁଷ୍ଠିତ ଶିବିରରେ ୱାର୍ଲଡ ଫିସ୍‌ର ବୈଷୟିକ ସହାୟିକା ତଥା ସହକାରୀ ମତ୍ସ୍ୟ ଅଧିକାରୀ ନିବେଦିତା ପଳିତା ପ୍ରଶିକ୍ଷକଭାବେ ଯୋଗଦେଇ ପ୍ରଶିକ୍ଷାର୍ଥୀଙ୍କୁ ମାଛ ଚାଷର ଗୁରୁତ୍ୱ, ପଞ୍ଚାୟତ ପୋଖରରେ କାର୍ପ ନର୍ସରୀ ପରିଚାଳନା, ପୋଖରୀ ପ୍ରସ୍ତୁତି ପ୍ରଣାଳୀ, ଯାଆଁଳ ଛାଡିବା ପୂର୍ବ ପ୍ରସ୍ତୁତି, ମିଶ୍ରିତ ମାଛ ଚାଷର ପ୍ରଣାଳୀ, ମାଛର ପ୍ରକାରଭେଦ, ପରିଚାଳନା ଓ ଲାଭାଂଶ ବଣ୍ଟନ ସହିତ ସରକାରୀ ସହାୟତା ଆଦି ଉପରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଶିବିରକୁ ବ୍ଲକ୍ କନିଷ୍ଠ ମତ୍ସ୍ୟ ବୈଷୟିକ ସହାୟକ ନୃସିଂହ ଚରଣ ମହାନ୍ତି ପରିଚାଳନା କରିଥିବାବେଳେ ଅନ୍ୟ କର୍ମଚାରୀ ସହଯୋଗ କରିଥିଲେ। ଏହି ପ୍ରଶିକ୍ଷଣ ୨ ଦିନ ଧରି ଅନୁଷ୍ଠିତ ହେବ। ମହିଳା ଗୋଷ୍ଠୀଙ୍କ ଦ୍ୱାରା ପ୍ରସ୍ତୁତ ବିଭିନ୍ନ ମାଛଚାଷ ପୋଖରୀକୁ ରବିବାର ପ୍ରଶିକ୍ଷାର୍ଥୀ ପରିଦର୍ଶନରେ ଯିବାର କାର୍ଯ୍ୟକ୍ରମ ରହିଛିବୋଲି ବିଭାଗୀୟ ଅଧିକାରୀ ସୂଚନା ଦେଇଛନ୍ତି। ଶିବିରରେ ବଡ଼ମ୍ବା ଓ ନରସିଂହପୁର ବ୍ଲକ୍‌ର ବିଭିନ୍ନ ସ୍ୱୟଂସହାୟିକା ଗୋଷ୍ଠୀର ୩୦ କର୍ମକର୍ତ୍ତା ଯୋଗଦେଇଛନ୍ତି। ସେମାନଙ୍କୁ ମତ୍ସ୍ୟଚାଷ ସମ୍ବନ୍ଧୀୟ ସରଞ୍ଜାମ ଓ କିଟ୍‌ସ୍ ପ୍ରଦାନ କରାଯାଇଛି।



ପ୍ରଶିକ୍ଷଣ ଶିବିରରେ ଯୋଗଦେଇଥିବା ପ୍ରଶିକ୍ଷାର୍ଥୀଙ୍କୁ ମତ୍ସ୍ୟଚାଷ ସମ୍ବନ୍ଧୀୟ ସରଞ୍ଜାମ ଓ କିଟ୍‌ସ୍ ପ୍ରଦାନ କରାଯାଉଛି।



ଯେଉଁ ଲୋକ ଭୟରୁ ମୁକ୍ତ ନ ହୋଇଛନ୍ତି, ତା'ର ସଦ୍‌ଗୁଣର କୌଣସି ମୂଲ୍ୟ ନାହିଁ।
-ଲାମାର୍ଟିନ



## ସଂକ୍ଷେପରେ

### ସ୍ୱେରେଜ ବ୍ୟବସ୍ଥା ସୁଦୃଢ଼ୀକରଣ ସମ୍ପର୍କିତ କର୍ମଶାଳା

**କଟକ ଅଫିସ, ୩।୮:** ଓଡ଼ିଶା ଜଳଯୋଗାଣ ଓ ସ୍ୱେରେଜ ବୋର୍ଡ଼ ଏବଂ ସ୍ୱେଚ୍ଛାସେବୀ ସଙ୍ଗଠନ ଉତ୍କଳ ସେବକ ସମାଜ ମିଳିତ ଆନୁକୂଲ୍ୟରେ ସ୍ୱେରେଜ ବ୍ୟବସ୍ଥା ସୁଦୃଢ଼ୀକରଣ ସମ୍ପର୍କିତ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ବାଦାମବାଡିସ୍ଥିତ ମନୀଷା ରେସିଡେନ୍ସିରେ ୫୦ଜଣ ଆଇଜୀବଙ୍କୁ ନେଇ ଏହି କର୍ମଶାଳା ହୋଇଥିଲା। ସଙ୍ଗଠନ ସମ୍ପାଦକ ଅମୀୟ ଭୂଷଣ ବିଶ୍ୱାଳ ଏଥିରେ ଅଧ୍ୟକ୍ଷତା କରିଥିଲେ। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ହାଇକୋର୍ଟ ବାର ଆସୋସିଏଶନର ସଭାପତି ଗୋପାଳକୃଷ୍ଣ ମହାନ୍ତି ମୁଖ୍ୟଅତିଥି, କଟକ ମହାନଗର ନିଗମର ପୂର୍ବତନ ମେୟର ସୌମେନ୍ଦ୍ର ଘୋଷ ମୁଖ୍ୟବକ୍ତା, ସ୍ୱାସ୍ଥ୍ୟ ତଦାରଖ କମିଟିର ପୂର୍ବତନ ସଭ୍ୟ ପ୍ରଭାତ ଦାସ ପ୍ରମୁଖ ଯୋଗଦେଇ ସ୍ୱେରେଜ ବ୍ୟବସ୍ଥାର ସୁଦୃଢ଼ୀକରଣ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି କର୍ମଶାଳାରେ ଓଡ଼ିଶା ଜଳ ଯୋଗାଣ ଓ ସ୍ୱେରେଜ ବୋର୍ଡର ଶ୍ୟାମଳ କିଶୋର ଦାସ, ଭାନୁ ପ୍ରସାଦ ପାଣିଗ୍ରାହୀ ଯେଗାଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଅନୁଷ୍ଠାନର ନିର୍ଦ୍ଦେଶକ ଇଂ. ଅନ୍ୱୟ ଅଭିନବ କଟକରେ ଜଳ ପରିମଳ ଓ ସ୍ୱେରେଜ ସ୍ଥିତି ସମ୍ପର୍କରେ ପ୍ରାରମ୍ଭିକ ସୂଚନା ଦେଇଥିବାବେଳେ ଦିଲ୍ଲୀପ କୁଅଁର ଅତିଥି ପରିଚୟ ଦେଇଥିଲେ। ବୈଠକରେ ଶ୍ରାବଣୀ ସ୍ୱାଇଁ, ଅଶ୍ୱିନ ପାଣି, ଅପର୍ଣ୍ଣାଙ୍ଗୀ ବେହେରା, କୋମଲ ରାଜପୁତ, ଅଜିତାଭ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ମଳୟ ଷଡ଼ଙ୍ଗୀ ଧନ୍ୟବାଦ ଦେଇଥିଲେ।

### ଲକ୍ଷେଶ୍ୱର ନୋଡାଲ ହାଇସ୍କୁଲର ପ୍ରତିଷ୍ଠା ଦିବସ

**ଫୁଲନଖରା,୩।୮(ଡି.ଏନ୍.ଏ.):** କଟକ ସଦର ଥାନା ଅନ୍ତର୍ଗତ ଫୁଲନଖରାସ୍ଥିତ ଲକ୍ଷେଶ୍ୱର ନୋଡାଲ ହାଇସ୍କୁଲର ୫୩ତମ ପ୍ରତିଷ୍ଠା ଦିବସ ଓ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ ଉତ୍ସବରେ ସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ବିଜୟଲକ୍ଷ୍ମୀ ଦାସ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥିଭାବେ ପୂର୍ବତନ ୫୯ନଂ. ୱାର୍ଡ କର୍ପୋରେଟର ପ୍ରମୋଦ କୁମାର ମହାପାତ୍ର, ଭାଣପୁର କ୍ଲଷ୍ଟରର ସିଆରସିସି ସଇଦ କାସିମୁଲ ଇସଲାମ, ପୂର୍ବତନ ପ୍ରଧାନଶିକ୍ଷକ ପ୍ରତାପ କିଶୋର ଜେନା, ସାମାଜିକ କର୍ମୀ ଗଣେଶ ପ୍ରସାଦ ଦାଶ, ସତ୍ୟନାରାୟଣ ଦାଶ, ଉର୍ମିଳା ଦାଶ, ସ୍ୱର୍ଣ୍ଣଲତା ଜେନା, ମୋନାଲିସା ମହାନ୍ତି, ରାଜକିଶୋର ପଣ୍ଡା ପ୍ରମୁଖ ଅତିଥିଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଭଲ ମଣିଷ ହୋଇ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଆୟୋଜିତ ବିଜ୍ଞାନ ମେଳାରେ ୩୨ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା।

### କଟକ-ଜଗତ୍‌ସିଂହପୁର ଜିଲ୍ଲା ସୀମାରେ ସୂଚନାଫଳକ ପାଇଁ ଦାବି

**କଟକ ସଦର,୩।୮(ଡି.ଏନ୍.ଏ.):** କଟକ-ପାରାଦ୍ୱୀପ ରାଜ୍ୟ ରାଜପଥ ୧୨ନଂ. କଟକ ଓ ଜଗତ୍‌ସିଂହପୁର ଜିଲା ମଧ୍ୟରେ ଯାଇଛି। ଏହି ରାସ୍ତାର ଗଡ଼ମା-କଣ୍ଟୁଆର ମଧ୍ୟରେ ପ୍ରାୟ ୩କି.ମି. ରାସ୍ତା ସ୍ୱର୍ଶକାତର ହୋଇପଡିଛି। ଏହି ସ୍ଥାନରେ ଦୁର୍ଘଟଣା, ଲୁଟ ଭଳି ଘଟଣା ଘଟୁଥିଲେ ମଧ୍ୟ ତୁରନ୍ତ ପୋଲିସ ସହାୟତା ମିଳୁପାରୁନାହିଁ। ଏହି ସ୍ଥାନ ୩ଟି ଥାନା କିଶୋରନଗର, ବିରିଡି ଓ ରଘୁନାଥପୁର ସୀମା ବର୍ତ୍ତି ଅଞ୍ଚଳ। କଟକ-ଜଗତ୍‌ସିଂହପୁର ଜିଲା ସୀମାରେ ସୂଚନାଫଳକ ଲଗାଇବା ପାଇଁ ଶନିବାର ଧରୀଣା, ସୋମପୁର, ଗଡ଼ମା ଓ ଅରଣା ଗ୍ରାମର କେତେଜଣ ବାସିନ୍ଦା ପୂର୍ତ୍ତ ବିଭାଗର ଅଧୀକ୍ଷଣ ଯନ୍ତ୍ରୀଙ୍କୁ କଟକସ୍ଥିତ କାର୍ଯ୍ୟାଳୟରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଏହି ସୂଚନାଫଳକରେ ପୂର୍ତ୍ତ ବିଭାଗ ଜିଲା, ଥାନା ଓ ଅଞ୍ଚଳ ନାମ ଲେଖିବା ସହ ଜରୁରି ଟେଲିଫୋନ ନମ୍ବର ଉଲ୍ଲେଖ ପାଇଁ ଦାବିପତ୍ରରେ ଅନୁରୋଧ କରାଯାଇଛି। ଫଳରେ କୌଣସି ଆକସ୍ମିକ ଘଟଣା ଘଟିଲେ ସ୍ଥାନୀୟ ଲୋକ ଜରୁରି ଟେଲିଫୋନ ନମ୍ବରରେ ଯୋଗାଯୋଗ କରିପାରିବେ। ଏହି ଦାବିପତ୍ରକୁ ଜଗତ୍‌ସିଂହପୁର ରାସ୍ତା ଓ କୋଠାବାଡି ଡିଭିଜନର ନିର୍ବାହୀ ଯନ୍ତ୍ରୀଙ୍କ ପାଖକୁ ପଠାଯିବ ବୋଲି ଅଧୀକ୍ଷଣ ଯନ୍ତ୍ରୀ ଆଶ୍ୱସନା ଦେଇଥିବା ସାମାଜିକ କାର୍ଯ୍ୟକର୍ତ୍ତା ପ୍ରଶାନ୍ତ ପ୍ରଧାନ କହିଛନ୍ତି।



ଦୋବନ୍ଧା ବସ୍ତି ଉଚ୍ଛେଦକୁ ବିରୋଧ କରି ମହିଳାମାନେ ଧାରଣାରେ ବସିଛନ୍ତି।



ପୋଲିସ ଉପସ୍ଥିତିରେ ବସ୍ତି ଉଚ୍ଛେଦ ବେଳେ ଜିଲାପାଳ ଓ ଅନ୍ୟମାନେ ।

■ କୃଷକ ବଜାର ବସ୍ତି, ଦୋବନ୍ଧା ବସ୍ତିରୁ ଜବରଦଖଲ ଉଚ୍ଛେଦ

# ମାଟିରେ ମିଶିଲା ୨୦ରୁ ଊର୍ଦ୍ଧ୍ୱ ଘର

- ଉଚ୍ଛେଦ ବେଳେ ବସ୍ତିବାସିନ୍ଦା-ଜିଲା ପ୍ରଶାସନ ମୁହାଁମୁହିଁ
- ଧାରଣାରେ ବସିଲେ, ରାସ୍ତାରୋକୋ କଲେ
- ପ୍ରଶାସନ ମାନିଲାନି କୋର୍ଟ ନିର୍ଦ୍ଦେଶ

**କଟକ ଅଫିସ, ୩।୮**

କଟକ ସହରରେ ଥିବା କୃଷକ ବଜାର ବସ୍ତି ଓ ଦୋବନ୍ଧା ବସ୍ତିରେ ବେଆଇନ ଭାବେ ବାସ କରୁଥିବା ବସ୍ତିବାସିନ୍ଦାଙ୍କୁ ଶନିବାର ଜିଲା ପ୍ରଶାସନ ପକ୍ଷରୁ ଉଚ୍ଛେଦ କରାଯାଇଥିଲା। ଉଚ୍ଛେଦ ବେଳେ ବସ୍ତିବାସିନ୍ଦା ଏହାକୁ ବିରୋଧ କରିବାରୁ ଉତ୍ତେଜନା ପ୍ରକାଶ ପାଇଥିଲା। ମିଳିଥିବା ସୂଚନା ଅନୁଯାୟୀ, ଉକ୍ତ ବସ୍ତିରୁ ବେଆଇନ ଉଚ୍ଛେଦ ପାଇଁ ୨୪ ଘଣ୍ଟା ପୂର୍ବରୁ ପ୍ରଶାସନ ପକ୍ଷରୁ ଡାକବାଜି ଯନ୍ତ୍ର ମାଧ୍ୟମରେ ବସ୍ତିବାସିନ୍ଦାଙ୍କୁ ଅବଗତ କରାଯାଇଥିଲା। ତଦନୁଯାୟୀ ଶନିବାର ସକାଳ ସାଢେ ୮ଟାରେ ପ୍ରଥମେ ପୋଲିସ ଉପସ୍ଥିତିରେ ପ୍ରଶାସନ କୃଷକ ବଜାର ବସ୍ତିରୁ ବେଆଇନ ଭାବେ ଗଢି ଉଠିଥିବା ଘରକୁ ଭାଙ୍ଗିଥିଲା ପରେ ଦୋବନ୍ଧା ବସ୍ତିରୁ ଜବରଦଖଲ ଉଚ୍ଛେଦ ବେଳେ ବସ୍ତିବାସିନ୍ଦା ବିରୋଧ କରିଥିଲେ। ଉକ୍ତ ବସ୍ତିରୁ ଜବରଦଖଲ ଉଚ୍ଛେଦ ନ କରିବା ପାଇଁ କୋର୍ଟଙ୍କ ନିର୍ଦ୍ଦେଶ ରହିଥିବା ସେମାନେ କହିଥିଲେ। ଏହାର କପିକୁ ସେମାନେ ଧରି ଧାରଣାରେ ବସିଥିଲେ। ଫଳରେ କିଛି ସମୟ ପାଇଁ ଉଚ୍ଛେଦ କାର୍ଯ୍ୟ ବନ୍ଦ ରହିଥିଲା। ପରବର୍ତ୍ତୀ ସମୟରେ ଜିଲାପାଳ ସେଠାରୁ ପହଞ୍ଚିବାରୁ ଉଚ୍ଛେଦ କାର୍ଯ୍ୟ ପୁନର୍ବାର ଆରମ୍ଭ ହୋଇଥିଲା। କୋର୍ଟଙ୍କ ନିର୍ଦ୍ଦେଶକୁ ଅବମାନନା କରି ପ୍ରଶାସନ ପକ୍ଷରୁ ଜବରଦଖଲ ଉଚ୍ଛେଦ କରାଯାଇଥିଲା। ଏହି ସମୟରେ ଗୃହ ହରାଇଥିବା ବସ୍ତିର ମହିଳାମାନେ କାନ୍ଦି କାନ୍ଦି ରାସ୍ତା ଅବରୋଧ କରିଥିଲେ। ଏପରି କି କେତେଜଣ ମହିଳା ଏହି ଉଚ୍ଛେଦକୁ ବିରୋଧ କରି ରାସ୍ତାରେ ଶୋଇ ରହିଥିଲେ। ପରେ ପୋଲିସ ସହାୟତାରେ ସେମାନଙ୍କୁ ରାସ୍ତା ଉପରୁ ଉଠାଯାଇଥିଲା। ଏହି ସମୟରେ ପୋଲିସ ଓ ବସ୍ତିବସିନ୍ଦା ମଧ୍ୟରେ ଧସ୍ତାଧସ୍ତି ହୋଇଥିବା ଦେଖିବାକୁ ମିଳିଥିଲା। ଥଇଥାନ ନ କରି ପ୍ରଶାସନ ପକ୍ଷରୁ ଜବରଦସ୍ତ ବସ୍ତି ଭଙ୍ଗାଯିବା ନେଇ ବସ୍ତିବାସିନ୍ଦା ଅଭିଯୋଗ କରିଛନ୍ତି। ଏହି ଉଚ୍ଛେଦ ପ୍ରକ୍ରିୟାକୁ କଡାଭାବରେ କଂଗ୍ରେସ ନିନ୍ଦା କରିଛି। ବସ୍ତିବାସିନ୍ଦାଙ୍କ ହାତରେ କୋର୍ଟ ଅର୍ଡର ଥାଇ ମଧ୍ୟ ଜିଲାପାଳ ଉଦ୍ଦେଶ୍ୟମୂଳକ ଭାବେ ସେମାନଙ୍କ ଘର ଭାଙ୍ଗି ଦେଇଛନ୍ତି। ଏବେ ବର୍ଷା ଜାରି ରହିଥିବାରୁ ସେମାନଙ୍କ ଲାଗି କୌଣସି ବ୍ୟବସ୍ଥା ନ କରାଯାଇ ଜୋରଜବରଦସ୍ତ ଉଠାଇବା ପ୍ରଶାସନର ଅହଂକାର ପଦାରେ ପଡିଛି। ଅନ୍ୟାୟ ଭାବେ ବସ୍ତି ଉଚ୍ଛେଦ କରିଥିବାରୁ ଜିଲାପାଳଙ୍କ ବିରୋଧରେ ଥାନାରେ ଲିଖିତ ଅଭିଯୋଗ କରାଯିବ ବୋଲି କଂଗ୍ରେସ ନେତ୍ରୀ ଗିରିବାଳା ବେହେରା କହିଛନ୍ତି। ଏ ନେଇ ଜିଲାପାଳ ଭବାନୀ ଶଙ୍କର ଚୟନୀ କହିଛନ୍ତି, ଏହି ବସ୍ତିରେ ଆପରାଧିକ କାର୍ଯ୍ୟକଳାପ ବୃଦ୍ଧି ପାଇବାରେ ଲାଗିଛି। ବସ୍ତି ଉଚ୍ଛେଦ ପୂର୍ବରୁ ଡାକବାଜି ଯନ୍ତ୍ର ଯୋଗେ ବାସିନ୍ଦାମାନଙ୍କୁ ଅବଗତ କରାଯାଇଛି। ଏଥିରେ କିଛି ଅନ୍ୟାୟ ହୋଇନାହିଁ। ଏହି ଉଚ୍ଛେଦ ସମୟରେ ୪ ଜେସିବି ଓ ଦୁଇଟି ଟ୍ରାକ୍ଟର ନିୟୋଜିତ ହୋଇଥିବା ବେଳେ ୨୦ରୁ ଊର୍ଦ୍ଧ୍ୱ ଘର ଭଙ୍ଗାଯାଇଛି। ଉଚ୍ଛେଦ ହେବାର ୪୮ ଘଣ୍ଟା ପୂର୍ବରୁ ମାଇକ୍‌ରେ ପ୍ରଚାର କରାଯାଇଥିବା ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ ଅଧିକାରୀ ପ୍ରଭାକର ସାହୁ କହିଛନ୍ତି। ଏହି ଉଚ୍ଛେଦ ସମୟରେ ଜିଲାପାଳଙ୍କ ସମେତ ତହସିଲଦାର, ବହୁ ଅଧିକାରୀ ଉପସ୍ଥିତ ଥିଲେ। ଏଥିସହ ପୋଲିସ ପକ୍ଷରୁ ସୁରକ୍ଷାବ୍ୟବସ୍ଥା ଗ୍ରହଣ କରଯାଇଥିଲା।



ଜେସିବି ସହାୟତାରେ ଦୋବନ୍ଧା ବସ୍ତିର ଏକ ଘରକୁ ଭଙ୍ଗାଯାଉଛି।



ରାସ୍ତାରୋକୋ କରୁଥିବା ମହିଳାମାନଙ୍କୁ ପୋଲିସ ଉଠାଇ ନେଉଛି।

### ବିଶ୍ୱ ସ୍ତନ୍ୟପାନ ସପ୍ତାହ ପାଳିତ

**ଟାଙ୍ଗୀ(କଟକ),୩।୮(ଡି.ଏନ୍.ଏ.)**

ଟାଙ୍ଗୀ-ଚୌଦ୍ୱାର ବ୍ଲକ ସମନ୍ୱିତ ଶିଶୁ ବିକାଶ ସେବା ପ୍ରକଳ୍ପ ସମ୍ମିଳନୀ କକ୍ଷରେ ଶନିବାର ବିଶ୍ୱ ସ୍ତନ୍ୟପାନ ସପ୍ତାହ ପାଳିତ ହୋଇଯାଇଛି। ଏହି ଅବସରରେ 'ଏମ୍ପାୱାର ପ୍ୟାରେଣ୍ଟସ୍ ଓ ଏନେବଲ ବ୍ରେଷ୍ଟଫିଡ଼ିଙ୍ଗ' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ଅଙ୍ଗନୱାଡି କର୍ମୀଙ୍କୁ ସମ୍ବୋଧିତକରି କଟକ ସଦର ଉପ-ଜିଲାପାଳ ଶୁଭ୍ରାଂଶୁ ମିଶ୍ର କହିଛନ୍ତି, ମା' କ୍ଷୀର ଅମୃତ, ଏହା ଶିଶୁର ଜନ୍ମଗତ ଅଧିକାର। ଏଥିରୁ ବଞ୍ଚିତ ଶିଶୁ ପୁଷ୍ଟିହୀନତା ସହିତ ବିଭିନ୍ନ ପ୍ରକାର ରୋଗର ଶିକାର ହୋଇଥାଏ। ଜିଲା ସମାଜମଙ୍ଗଳ ଅଧିକାରୀ ନିରୂପମା ବେହେରା, ସିଡିପିଓ ପଦ୍ମିନୀ ବକ୍ସି, ଫୁଡ୍ ଓ ନ୍ୟୁଟ୍ରିସନ୍ ବୋର୍ଡର ଭାରପ୍ରାପ୍ତ ଅଧିକାରୀ ମନୋରଞ୍ଜନ ବାରିକ ପ୍ରମୁଖ ଯୋଗଦେଇ ମା' କ୍ଷୀରର ମହନୀୟତା ବର୍ଣ୍ଣନା କରିଥିଲେ। ଭାରତ ସରକାରଙ୍କ ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟ ଆନୁକୂଲ୍ୟରେ ଏବଂ ଜିଲା ପ୍ରଶାସନ ସହଯୋଗରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପୁଷ୍ଟିଯୁକ୍ତ ଖାଦ୍ୟ ପ୍ରଦର୍ଶନୀ ଆୟୋଜିତ ହୋଇଥିଲା। ଉପ ଜିଲାପାଳ ମିଶ୍ର ସୁସ୍ୱାଦୁ ବ୍ୟଞ୍ଜନ ପ୍ରସ୍ତୁତ କରିଥିବା ୫ଜଣ ଅଙ୍ଗନୱାଡି କର୍ମୀଙ୍କୁ ପୁରସ୍କୃତ କରିଥିଲେ। ପରିସଂଖ୍ୟାନ ସହାୟକ ଅଭୟ ମିଶ୍ର ଓ ମନୋରଞ୍ଜନ ସେଠୀଙ୍କ ସମେତ ସମସ୍ତ ସୁପରଭାଇଜର କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

### ଟ୍ରାଫିକ ସଚେତନତା ଶିବିର

**କଟକ ଅଫିସ, ୩।୮**

ଟ୍ରାଫିକ ପୋଲିସ ପକ୍ଷରୁ କ୍ୟାଣ୍ଟନମେଣ୍ଟ ରୋଡସ୍ଥିତ ସେଣ୍ଟ ଜୋଶେଫ ବାଳିକା ବିଦ୍ୟାଳୟରେ ଟ୍ରାଫିକ ନିୟମ ସମ୍ପର୍କିତ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଟ୍ରାଫିକ ଏସିପି ଯତୀନ ପଣ୍ଡା ଯୋଗଦେଇ ଟ୍ରାଫିକ ନିୟମ ମାନି ଗାଡ଼ି ଚଳାଇବାକୁ କହିଥିଲେ। ଟ୍ରାଫିକ ଥାନା ଅଧିକାରୀ ସୁରେନ୍ଦ୍ର ବଳ ଯୋଗଦେଇ ଗାଡି ଚଳାଇବା ସମୟରେ ହେଲମେଟ ପିନ୍ଧିବା, ଟ୍ରାଫିକ ସିଗ୍‌ନାଲ ମାନିବା, ବିନା ଡ୍ରାଇଭିଂ ଲାଇସେନ୍ସରେ ଗାଡି ନ ଚଳାଇବା ବିଷୟରେ ଛାତ୍ରୀମାନଙ୍କୁ ସଚେତନ କରାଇଥିଲେ।




ଉତ୍ତରପ୍ରଦେଶ ଉନ୍ନାଓ ନାବାଳିକା ବଳାତ୍କାରୀଙ୍କୁ ଦୃଷ୍ଟାନ୍ତମୂଳକ ଦଣ୍ଡଦେବା ଦାବି ନେଇ ଶନିବାର କଟକ କଲେଜ ଛକଠାରେ ଏସୟୁସିଆଇ (ସି) ପକ୍ଷରୁ ଅନୁଷ୍ଠିତ ମହମବତି ଶୋଭାଯାତ୍ରା।

### କ୍ରୀଡ଼ା ସମାରୋହ ଉଦ୍‌ଘାଟିତ

**କଟକ ଅଫିସ, ୩।୮**

ବିଦ୍ୟାଭାରତୀ ଶିକ୍ଷା ବିକାଶ ସମିତି ଆନୁକୂଲ୍ୟରେ ଶନିବାର ସିଡିଏ ସେକ୍ଟର-୯ସ୍ଥିତ ମର୍କତନଗର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଶନିବାର କ୍ରୀଡା ସମାରୋହ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାରେ ଶିଶୁ ବିଦ୍ୟାମନ୍ଦିରର ୩୨୦ ଜଣ ପ୍ରତିଯୋଗୀ ଭାଗ ନେଇଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ କିଶୋର ଚନ୍ଦ୍ର ମହାନ୍ତି, ଅନ୍ୟ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା ସମିତି ସମ୍ପାଦକ ପାର୍ଥସାରଥୀ ନାୟକ, ମନୋରଞ୍ଜନ ଦାସ, ମଧୁସୂଦନ ବାରିକ, ରୁଦ୍ରନାରାୟଣ ବେହେରା, ନରୋତ୍ତମ ମିଶ୍ର ଉପସ୍ଥିତ ଥିଲେ। ପ୍ରଧାନ ଆଚାର୍ଯ୍ୟ ସୁକାନ୍ତ କୁମାର ସାହୁ କାର୍ଯ୍ୟକ୍ରମ ସଂଯୋଜନା ଓ ମମତା ନାୟକ ଧନ୍ୟବାଦ ଦେଇଥିଲେ।

■ ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ

## ହତ୍ୟା ଅଭିଯୋଗ ଆଣିଲେ ବାପା

**ଟାଙ୍ଗୀ(କଟକ),୩।୮(ଡି.ଏନ୍.ଏ.)**

ଟାଙ୍ଗୀ ଥାନା ଅନ୍ତର୍ଗତ ନିମାଇସାପୁର ଗ୍ରାମରେ ଶୁକ୍ରବାର ବୈଜୟନ୍ତୀ ରାଉତ ଓରଫ ଟିଙ୍କିନା ନାମ୍ନୀ ଜଣେ ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ଶାଶୂଘର ଲୋକ ଟିଙ୍କିନାଙ୍କୁ ନିର୍ଯାତନା ଦେବା ସହ ହତ୍ୟା କରିଛନ୍ତି ବୋଲି ବାପା ଚିତ୍ତରଞ୍ଜନ ରାଉତ ଥାନାରେ ଅଭିଯୋଗ କରିଛନ୍ତି। ଏ ନେଇ ପୋଲିସ ମାମଲା (ନଂ.୧୪୯/୧୯) ରୁଜୁ କରି ଟିଙ୍କିନାଙ୍କ ସ୍ୱାମୀ ଜ୍ଞାନରଞ୍ଜନ ସାହୁଙ୍କୁ ଅଟକ ରଖିଛି। ମୃତଦେହ ବ୍ୟବଚ୍ଛେଦ ପାଇଁ କଟକ ବଡ଼ ଡାକ୍ତରଖାନାକୁ ପଠାଯାଇଥିବା ଥାନା ଅଧିକାରୀ ବିମଳ ବାରିକ କହିଛନ୍ତି। ସୂଚନା ଅନୁଯାୟୀ, ଯାଜପୁର ଜିଲା ବରୀ-ରାମଚନ୍ଦ୍ରପୁର ଥାନା ଅଞ୍ଚଳର ଜ୍ଞାନରଞ୍ଜନ ଦେଢ଼ବର୍ଷ ପୂର୍ବେ ବିଞ୍ଝାରପୁର ଥାନା ବନ୍ଧପଡ଼ା ଗ୍ରାମର ଟିଙ୍କିନାଙ୍କୁ ପ୍ରେମ ବିବାହ କରିଥିଲେ। ବିବାହ ପରେ ଉଭୟେ ନିମାଇସାପୁର ଗ୍ରାମରେ ଘର ଭଡା ନେଇ ରହୁଥିଲେ। ପରବର୍ତ୍ତୀ ସମୟରେ ଟିଙ୍କିନା ତାଙ୍କ ସ୍ୱାମୀଙ୍କ ଦ୍ୱାରା ନିର୍ଯ୍ୟାତିତ ହେଉଥିବା ଫୋନରେ ପରିବାର ଲୋକଙ୍କୁ ଜଣାଇଥିଲେ। ଶୁକ୍ରବାର କୌଣସି କାରଣରୁ ଉଭୟଙ୍କ ମଧ୍ୟରେ ଝଗଡା ହୋଇଥିଲା। ଏହା ପରେ ଜ୍ଞାନରଞ୍ଜନ ଘରୁ ପଳାଇଆସିଥିଲେ। ପରବର୍ତ୍ତି ସମୟରେ ଜ୍ଞାନରଞ୍ଜନ ଘରକୁ ଫେରିବା ପରେ ଟିଙ୍କିନା କବାଟ ନ ଖୋଲିବାରୁ କବାଟ ଭାଙ୍ଗି ଖୋଲିଥିଲେ। ଟିଙ୍କିନା ବେକରେ ଦଉଡି ଲଗାଇ ପଙ୍ଖାରେ ଝୁଲୁଥିବା ସେ ଦେଇଥିବା ଦେଖିବାକୁ ପାଇଥିଲେ। ଏହା ପରେ ଜ୍ଞାନରଞ୍ଜନ ଟିଙ୍କିନାଙ୍କୁ ଉଦ୍ଧାର କରି ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରି ଥାନାକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଥିବାବେଳେ ଟିଙ୍କିନା ୩ମାସ ଗର୍ଭବତୀ ଥିବା ଡାକ୍ତର କହିଛନ୍ତି।

## ବିଭିନ୍ନ ଦାବି ନେଇ କଲେଜ ଛାତ୍ରୀଙ୍କ ବିକ୍ଷୋଭ

**କଟକ ଅଫିସ,୩।୮**

ବିଭିନ୍ନ ଦାବି ନେଇ ଶୈଳବାଳା ସ୍ୱୟଂଶାସିତ ମହିଳା ମହାବିଦ୍ୟାଳୟର ଛାତ୍ରୀମାନେ ଶନିବାର ମହାବିଦ୍ୟାଳୟ ପରିସରରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏଥିସହ ମହାବିଦ୍ୟାଳୟର ଅଧ୍ୟକ୍ଷାଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ମଧୁସୂଦନ ନ୍ୟୁ ହଷ୍ଟେଲରେ ରହୁଥିବା ଅନ୍ତେବାସୀମାନେ ପ୍ରତ୍ୟହ ଅନେକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି ବୋଲି ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ହଷ୍ଟେଲରେ ନିମ୍ନମାନର ଖାଦ୍ୟ ଦିଆଯାଉଥିବା ବେଳେ ପରିବେଶକୁ ଠିକ୍‌ଭାବେ ସଫା କରାଯାଉନାହିଁ। ଏହାଛଡ଼ା ଅଳ୍ପ ବର୍ଷା ହେଲେ ହଷ୍ଟେଲ ଛାତରୁ ପାଣି ଗଳୁଛି ବୋଲି ଅଭିଯୋଗ ହୋଇଛି। ଏ ସମ୍ପର୍କରେ ଅଧ୍ୟକ୍ଷା ଡ. ଚିନ୍ମୟୀ ମହାପାତ୍ର କୁହନ୍ତି, ଆଗାମୀ ୧୫ଦିନ ମଧ୍ୟରେ ସବୁ ସମସ୍ୟାର ସମାଧାନ ହେବ।

## ଆଟେଣ୍ଡାଣ୍ଟ ନିଯୁକ୍ତିରେ ଅନିୟମିତତା

### ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ଜିଲାପାଳଙ୍କୁ ସ୍ମାରକପତ୍ର

**କଟକ ଅଫିସ, ୩।୮**

ଏସ୍‌ସିବି ମେଡିକାଲରେ ଆଟେଣ୍ଡାଣ୍ଟ ନିଯୁକ୍ତିରେ ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ଏ ନେଇ ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ଶନିବାର ଜିଲାପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଅଭିଯୋଗ ଅନୁଯାୟୀ, ଏସ୍‌ସିବି ମେଡିକାଲରେ ମୋଟ୍ ୧୨୭୩ଟି ଆଟେଣ୍ଡାଣ୍ଟ ପଦବୀ ମଧ୍ୟରୁ ୪୮୦ଟି ନିୟମିତ ରହିଛି। ଆଟେଣ୍ଡାଣ୍ଟ ଅଭାବକୁ ଦୃଷ୍ଟିରେ ରଖି ମେଡ଼ିକାଲ କର୍ତ୍ତୃପକ୍ଷ ୨୦୧୧-୧୨ରେ ୧୫୦ ଜଣ ଆଟେଣ୍ଡାଣ୍ଟଙ୍କୁ ନିଯୁକ୍ତି କରିବା ପାଇଁ ଟେଣ୍ଡର ପ୍ରକ୍ରିୟାରେ ଏକ ଘରୋଇ ସଂସ୍ଥାକୁ ଦାୟିତ୍ୱ ଦେଇଥିଲେ। ଏହାର ଅବଧି ୩ ବର୍ଷ ଥିଲା। ଏହାପରେ ପୁନର୍ବାର ଟେଣ୍ଡର ପ୍ରକ୍ରିୟା କରିବା ପାଇଁ ବ୍ୟବସ୍ଥା ଥିଲା। କିନ୍ତୁ ଉକ୍ତ ସଂସ୍ଥାକୁ ବିନା ଟେଣ୍ଡରରେ ୮ ବର୍ଷ ପର୍ଯ୍ୟନ୍ତ ଦାୟିତ୍ୱ ଦିଆଯାଇଛି। ୨୦୧୮ରେ ଏସ୍‌ସିବି ମେଡ଼ିକାଲ ପକ୍ଷରୁ ୨୯୪ ଆଟେଣ୍ଡାଣ୍ଟ ପଦବୀ ପାଇଁ ଟେଣ୍ଡର କରାଯାଇଥିଲା। ଏଥିରେ ୬ଟି ସଂସ୍ଥା ଭାଗ ନେଇଥିଲା। ହେଲେ ଏଥିରେ ଚଞ୍ଚକତା କରାଯାଇ ପୂର୍ବରୁ ନେଇଥିବା ଠିକା ସଂସ୍ଥାକୁ ଦାୟିତ୍ୱ ଦିଆଯାଇଥିଲା। ଉକ୍ତ ସଂସ୍ଥା ଚାକିରି ଦେବା ନାଁରେ ନିରୀହ ଯୁବତୀଯୁବକଙ୍କ ଠାରୁ ୩୦ରୁ ୫୦ହଜାର ଟଙ୍କା ପର୍ଯ୍ୟନ୍ତ ଦାବି କରୁଛି। ଏହାର ଉପଯୁକ୍ତ ତଦନ୍ତ କରି ଅଭିଯୁକ୍ତମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ସହ ପୁନଃ ଟେଣ୍ଡର ପ୍ରକ୍ରିୟା କରିବା ପାଇଁ ଯୁବମୋର୍ଚ୍ଚାର ରାଜ୍ୟ ସଂଯୋଜକ ଦେବାଶିଷ ରାୟ ଦାବି କରିଛନ୍ତି। ଆଗାମୀ ଦିନରେ ଦାବି ପୂରଣ ନ ହେଲେ ଭାଜପା ପକ୍ଷରୁ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କୁହାଯାଇଛି। ଏହି ସ୍ମାରକପତ୍ର ପ୍ରଦାନବେଳେ ଭାଜପା ନେତା ସୁନେଲି ଦ୍ୱିବେଦୀ, ନଗର ଉପସଭାପତି ବିଶ୍ୱରଞ୍ଜନ ମିଶ୍ର, ଲଲାଟେନ୍ଦୁ ବନ୍ଧୁ, ସଞ୍ଜୀବ ଚିନ୍ନାରା, ଶିବ ପ୍ରସାଦ ବେହେରା, ଅମିତ ମିତ୍ର, ଅଂଶୁମାନ ବୋଷ, ଅମରଜିତ ସିଂହଙ୍କ ସମେତ ଯୁବମୋର୍ଚ୍ଚାର ବହୁ ସଦସ୍ୟ ଉପସ୍ଥିତ ଥିଲେ।

## ସିସିଟିଭି କ୍ୟାମେରା ଅଚଳ: ବଢୁଛି ଅଣଛାତ୍ରଙ୍କ ପ୍ରବେଶ

**କଟକ ଅଫିସ, ୩।୮**

ରାଜ୍ୟର ସର୍ବପୁରାତନ ଶିକ୍ଷାନୁଷ୍ଠାନ ରେଭେନ୍‌ଶା ବିଶ୍ୱବିଦ୍ୟାଳୟରେ ଅବ୍ୟବସ୍ଥା ଦେଖିବାକୁ ମିଳୁଛି। କର୍ତ୍ତୃପକ୍ଷଙ୍କ ଅବହେଳା ଯୋଗୁ ବିଶ୍ୱବିଦ୍ୟାଳୟ ଛବି ଦିନକୁ ଦିନ ଖରାପ ହେଉଥିବା ଅଭିଯୋଗ ହେଉଛି। ବିଶ୍ୱବିଦ୍ୟାଳୟ ପରିସରରେ ଅଣଛାତ୍ରଙ୍କ ଅବାଧ ପ୍ରବେଶ ଯୋଗୁ ଅନେକ ସମୟରେ ବିଶୃଙ୍ଖଳା ଦେଖିବାକୁ ମିଳୁଛି। ଛାତ୍ରୀଛାତ୍ରଙ୍କୁ ସୁରକ୍ଷା ଦେବା, ସେମାନଙ୍କୁ ବିଭିନ୍ନ ଅସାମାଜିକ କାର୍ଯ୍ୟରୁ ନିବୃତ୍ତ ରଖିବା ଓ ଅଣଛାତ୍ରଙ୍କ ପ୍ରବେଶ ଉପରେ ନଜର ଦେବା ଲାଗି ୩ବର୍ଷ ତଳେ ବିଶ୍ୱବିଦ୍ୟାଳୟ ପରିସରରେ ସିସିଟିଭି କ୍ୟାମେରା ଲଗାଯାଇଥିଲା। ହେଲେ ଏବେ ଏହି ସମସ୍ତ କ୍ୟାମେରା ଅଚଳ ହୋଇପଡିଛି। ଫଳରେ ବିଶ୍ୱବିଦ୍ୟାଳୟ କ୍ୟାମ୍ପସ୍‌ରେ ବିଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେଉଥିଲେ ମଧ୍ୟ ଏ ନେଇ କୌଣସି ପ୍ରମାଣ ମିଳୁନି। ଅନ୍ୟପକ୍ଷରେ ସିସିଟିଭି କ୍ୟାମେରା ଅଚଳ ହେବାର ସୁଯୋଗ ନେଇ ଅଣଛାତ୍ରମାନେ ନିଶାସକ୍ତ ଅବସ୍ଥାରେ କ୍ୟାମ୍ପସରେ ପଶି ଅରାଜକତା ସୃଷ୍ଟି କରୁଥିବା ଅଭିଯୋଗ ହୋଇଛି। ଆଗକୁ ଛାତ୍ର ସଂସଦ ନିର୍ବାଚନ ଆସୁଥିବାବେଳେ ବିଶ୍ୱବିଦ୍ୟାଳୟ ପରିସରରେ ଏପରି ଅବସ୍ଥା ଏବେ ଚିନ୍ତାର କାରଣ ପାଲଟିଛି।

ରେଭେନ୍‌ଶା ବିଶ୍ୱବିଦ୍ୟାଳୟ କ୍ୟାମ୍ପସରେ ୧୦ ଲକ୍ଷ ଟଙ୍କା ବ୍ୟୟରେ ମୋଟ୍ ୫୬ଟି ସିସିଟିଭି କ୍ୟାମେରା ଲଗାଯାଇଥିଲା। ବିଶେଷକରି କୁଳପତିଙ୍କ କାର୍ଯ୍ୟାଳୟ, ପ୍ରଶାସନିକ କାର୍ଯ୍ୟାଳୟ, ୬ଟି ଲେଡିଜ ହଷ୍ଟେଲ, ୬ଟି ବୟେଜ ହଷ୍ଟେଲ, କଲେଜ ମୁଖ୍ୟ ଫାଟକ ଓ କ୍ୟାମ୍ପସରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ଏହି କ୍ୟାମେରା ଲାଗିଥିବା ଦେଖିବାକୁ ମିଳିଛି। ସୁରକ୍ଷା ଦୃଷ୍ଟିରୁ ସମସ୍ତ ଲେଡିଜ ହଷ୍ଟେଲରେ ସିସିଟିଭି କ୍ୟାମେରା ଅତ୍ୟନ୍ତ ଆବଶ୍ୟକ ଥିବାବେଳେ ଏବେ କୌଣସି ଲେଡିଜ ହଷ୍ଟେଲର କ୍ୟାମେରା ଚାଲୁନାହିଁ।

**ରେଭେନ୍‌ଶା ବିଶ୍ୱବିଦ୍ୟାଳୟ**

■ବିଗୁଡୁଛି କ୍ୟାମ୍ପସର ଶୃଙ୍ଖଳା



ଅଚଳ ହୋଇ ପଡ଼ିଥିବା ସିସିଟିଭି କ୍ୟାମେରା।

ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ବୟେଜ ହଷ୍ଟେଲରେ ଲାଗିଥିବା କ୍ୟାମେରାଗୁଡିକ ଅଚଳ ହୋଇପଡିଥିବାରୁ ଏହାର ସୁଯୋଗରେ ହଷ୍ଟେଲ ଭିତରେ ଅବାଧରେ ନିଶାଦ୍ରବ୍ୟ ସେବନ ଓ ଅଣଛାତ୍ର ପ୍ରବେଶ ବୃଦ୍ଧିପାଇଥିବା ଅଭିଯୋଗ ହୋଇଛି।

ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ବିଭିନ୍ନ ହଷ୍ଟେଲ ଭିତରକୁ ବାହାର ପିଲା ପ୍ରବେଶ କରିବା ପୂର୍ବରୁ ଏକ ରେଜିଷ୍ଟରରେ ଦସ୍ତଖତ କରିବାକୁ ପଡିଥାଏ। ହେଲେ ହଷ୍ଟେଲ ଜଗୁଥିବା ଲୋକ ଉକ୍ତ ରେଜିଷ୍ଟରକୁ ଠିକ୍‌ଭାବେ ପରିଚାଳନା କରୁ ନ ଥିବାରୁ ଅବାଧରେ ବାହାର ପିଲା ପ୍ରବେଶ କରୁଥିବା ଛାତ୍ରୀଛାତ୍ରମାନେ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ହଷ୍ଟେଲ ଦାୟିତ୍ୱରେ ଥିବା ୱାର୍ଡେନମାନେ ଅନେକ ସମୟରେ ପରିଦର୍ଶନରେ ଆସୁନାହାନ୍ତି ବୋଲି ଛାତ୍ରୀଛାତ୍ର ଅଭିଯୋଗ କରିଛନ୍ତି।

ଏ ସମ୍ପର୍କରେ ବିଶ୍ୱବିଦ୍ୟାଳୟ କୁଳସଚିବ ଅଶୋକ କୁମାର ଦାଶ କୁହନ୍ତି, ଉକ୍ତ ସିସିଟିଭି କ୍ୟାମେରା ରାଷ୍ଟ୍ରୀୟ ଉଚ୍ଚତର ଶିକ୍ଷା ଫଣ୍ଡ ଅନୁଦାନରେ ଲଗାଯାଇଥିଲା। ଅଚଳ ହୋଇପଡିଥିବା କ୍ୟାମେରାର ମରାମତି ସମ୍ପର୍କରେ ଖୁବ୍‌ଶୀଘ୍ର ନିଷ୍ପତ୍ତି ନିଆଯିବ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ୪ ଅଗଷ୍ଟ, ୨୦୧୯



ଯେଉଁ ଲୋକ ଭୟରୁ ମୁକ୍ତ ନ ହୋଇଛନ୍ତି,
ତା'ର ସଦ୍‌ଗୁଣର କୌଣସି ମୂଲ୍ୟ ନାହିଁ।
-ଲାମାର୍‌ଟିନ



## ସଂକ୍ଷେପରେ

### ଡକାୟତି ଉଦ୍ୟମ ବିଫଳ: ୫ ଜେଲ ଗଲେ

**ଖୋର୍ଦ୍ଧା ଅଫିସ,୩।୮:** ଖୋର୍ଦ୍ଧା ଆଦର୍ଶ ଥାନା ପୋଲିସ ଶନିବାର ଏକ ଡକାୟତି ଉଦ୍ୟମକୁ ବିଫଳ କରିଛି। ଭୋରରୁ ଗୁରୁଜଙ୍ଗ ମହୋତ୍ସବ ପଡିଆରେ ଡକାୟତି ପାଇଁ ପ୍ରସ୍ତୁତି ଚାଲିଥିବାବେଳେ ବିଶେଷ ସୂତ୍ରରୁ ଜାଣି ପାରି ପୋଲିସ ଚଢାଉ କରିଥିଲା। ଘଟଣାସ୍ଥଳରୁ ପୋଲିସ ୫ ଜଣଙ୍କୁ ଗିରଫ କରିବା ସହ ଖଣ୍ଡା, କଟୁରି, ଆଇରନ ରଡ ଜବତ କରିଛି। ଗିରଫ ହୋଇଥିବା ଅଭିଯୁକ୍ତମାନେ ହେଲେ କେରଙ୍ଗର ଏସ୍.କେ. ଜାଫର ରେହମନ ଓ ଏସ୍.କେ. ଅମାନ, ନନ୍ଦପୁର ଗାଁର ସୁନିଲ ମାନସିଂ ଓରଫ ଠେଙ୍ଗା, ଭାଲିଆବାଡିର ଗଗନ ନାୟକ ଓରଫ ତପୁ, ଜଟଣୀ ଥାନା ଅଞ୍ଚଳର ଆସିକ ଖାଁ। ଏମାନଙ୍କ ନାମରେ ୩୯୯, ୪୦୨, ୨୫ ଆର୍ମସ ଆକ୍ଟରେ ନଂ. ୨୨୯/୧୯ରେ ମାମଲା ରୁଜୁ କରି କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ପରେ ସେମାନଙ୍କୁ ଖୋର୍ଦ୍ଧା ସବ୍‌ଜେଲକୁ ପଠାଯାଇଥିବା ଆଇଆଇସି ଉମା ପ୍ରସାଦ ସିଂ ସୂଚନା ଦେଇଛନ୍ତି।

### ୮ ଗ୍ରାମ ବ୍ରାଉନସୁଗାର, ୭୨ ହଜାର ଟଙ୍କା ଜବତ

### ଅଟକ ବ୍ୟବସାୟୀ ଜେଲ ଗଲେ

**ଖୋର୍ଦ୍ଧା ଅଫିସ,୩।୮:** ଖୋର୍ଦ୍ଧା ଆଦର୍ଶ ଥାନା ପୋଲିସ ଅଟକ ରଖିଥିବା ବ୍ରାଉନ୍‌ସୁଗାର ବ୍ୟବସାୟୀ କେରଙ୍ଗ ମାସିନଗରର ସେଖ୍ ହବିବ୍ ଓରଫ ନାଫା (୪୮)ଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ପରେ ନାଫାଙ୍କୁ ଖୋର୍ଦ୍ଧା ସବ୍‌ଜେଲକୁ ଯିବାକୁ ପଡିଛି। ପୋଲିସ ସୂଚନା ଅନୁସାରେ, କେରଙ୍ଗରେ ନାଫା ବ୍ରାଉନ୍‌ସୁଗାର ବ୍ୟବସାୟ କରନ୍ତି। ସ୍ଥାନୀୟ ଯୁବକମାନେ ନାଫାଙ୍କୁ କାବୁ କରି ପୋଲିସ ଜିମା ଦେବା ସହ ବ୍ରାଉନ୍‌ସୁଗାର ଜବତ କରିଥିଲେ। ପରେ ପୋଲିସ ଚଢ଼ାଉ କରି ବ୍ରାଉନ୍‌ସୁଗାର ବିକ୍ରି ବାବଦକୁ ୭୨ ହଜାର ଟଙ୍କା ଓ ୮ ଗ୍ରାମରୁ ଊର୍ଦ୍ଧ୍ୱ ବ୍ରାଉନସୁଗାର ଜବତ କରିଥିଲା। ଯୁବକ ଓ ପୋଲିସ ମିଳିତ ଭାବେ ମୋଟ ୮ ଗ୍ରାମ ବ୍ରାଉନ୍‌ସୁଗାର ଜବତ କରିଥିବା ଜଣାପଡିଛି। ଅନ୍ୟପକ୍ଷେ ପୋଲିସ ବ୍ରାଉନ୍‌ସୁଗାର ରଖିବାକୁ ଖାଲି ପଲିଥିନ୍ ଓ ପେପର ପ୍ୟାକେଟ ଜବତ କରିଛି। ୨୧(ବି) ଏନଡିପିସି ଆକ୍ଟରେ ନଂ. ୨୩୦/୧୯ରେ ମାମଲା ରୁଜୁ କରି ତଦନ୍ତ କରିଥିଲା।

### ୧୦ ମୋବାଇଲ ଜବତ, ୨ ଗିରଫ

**ପାତ୍ରପଡା, ୩।୮ (ଡି.ଏନ.ଏ.)-** ମୋବାଇଲ ଚୋରି କରିବା ଅଭିଯୋଗରେ ଖଣ୍ଡଗିରି ଥାନା ପୋଲିସ ୨ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ସ୍ଥାନୀୟ ଭରତପୁର ବସ୍ତିର ସମ୍ରାଟ ଦାସ(୨୪) ଓ ପ୍ରଶାନ୍ତ ପ୍ରଧାନ(୨୮)। ପୋଲିସ ସେମାନଙ୍କଠାରୁ ୧୦ଟି ଚୋରା ମୋବାଇଲ ଫୋନ୍ ଜବତ କରିଛି। ପୋଲିସ ସୂଚନା ଅନୁଯାୟୀ, ଗତ ୧ ତାରିଖରେ ଖଣ୍ଡଗିରି ବାରି ଅଞ୍ଚଳର ବିଶ୍ୱରଞ୍ଜନ ସାହୁଙ୍କ ମୋବାଇଲ ଚୋରି ହୋଇଯାଇଥିଲା। ଏ ନେଇ ବିଶ୍ୱରଞ୍ଜନ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ନଂ. ୪୦୬/୧୯ରେ ଏକ ମାମଲା ରୁଜୁ କରି ଘଟଣାର ଅନୁସନ୍ଧାନ ଚଳାଇଥିବା ବେଳେ ଅଭିଯୁକ୍ତ ଦ୍ୱୟଙ୍କୁ ଗିରଫ କରିଥିଲା।

■ ଫନୀକୁ ପୂରିଲା ୩ ମାସ

# ତ୍ରୁଟିପୂର୍ଣ୍ଣ ଚୟନ, ବାଦ୍ ପଡିଲେ ବିପନ୍ନ

**ଖୋର୍ଦ୍ଧା ଅଫିସ,୩।୮**

ଫନୀ ବାତ୍ୟାକୁ ପୂରିଯାଇଛି ୩ ମାସ। ମେ ୩ ରେ ଫନୀ ଖୋର୍ଦ୍ଧା ଜିଲାକୁ ଛାରଖାର କରି ଦେଇଥିଲା। ଏଥିରେ କ୍ଷତିଗ୍ରସ୍ତ ଅନେକ ହୋଇଥିଲେ ହେଁ ସବୁ ବିପନ୍ନଙ୍କ ପାଖରେ ପହଞ୍ଚି ପାରିନି ସରକାରୀ ସହାୟତା। ତ୍ରୁଟିପୂର୍ଣ୍ଣ ଚୟନ କାରଣରୁ ଅନେକ ବିପନ୍ନ ବାଦ୍ ପଡିଗଲେ। ବାରମ୍ବାର ଆରଆଇ, ବିଡିଓ, ତହସିଲଦାର, ଉପଜିଲାପାଳ, ଜିଲାପାଳଙ୍କ କାର୍ଯ୍ୟାଳୟକୁ ଦୌଡି ଦୌଡି ବିପନ୍ନ ନିରାଶ ହେଲେ। ବାରମ୍ବାର ପ୍ରଶାସନିକ ପ୍ରତିଶ୍ରୁତି ପାଇବା ପରେ ବି ସହାୟତା ପାଇବା ପ୍ରତାରଣାରେ ପାଲଟିଗଲା। ଦିନ ପରେ ଦିନ ୩ ମାସ ବିତିଗଲା ପରେ କେତେଜଣ ବିପନ୍ନ ସରକାରୀ ସହାୟତାକୁ ଭୁଲି ଯାଇ ନିଜ ଗୋଡରେ ଠିଆ ହେବାକୁ ଉଦ୍ୟମ ଆରମ୍ଭ କରିଛନ୍ତି। ଆଉ କେତେଜଣ ଏବେବି ସରକାରୀ ସହାୟତା ପାଇବେ ବୋଲି ଆଶା ବାନ୍ଧି ବିଭିନ୍ନ କାର୍ଯ୍ୟାଳୟକୁ ଘୂରି ବୁଲୁଛନ୍ତି। ଅନ୍ୟପକ୍ଷେ ଘରଭଙ୍ଗା ଅନୁଦାନ ପାଇବାକୁ ଆବେଦନ କରିଥିବା ବିପନ୍ନଙ୍କ ଦରଖାସ୍ତ ଜମିର ପଟ୍ଟା ନ ଦେବା, କାଗଜାତରେ ତ୍ରୁଟି ଯୋଗୁ ଖୋର୍ଦ୍ଧା ସହରର ପ୍ରତି ୱାର୍ଡରୁ ୨୦୦ରୁ ୩୦୦ ଲେଖାଏ ଆରଆଇ ଅଫିସରୁ ଫେରି ଆସିଛି। ଏପରିପ୍ରେକ୍ଷୀରେ



ବିଧାୟକ ଓ ବାତ୍ୟା ବିପନ୍ନ ୧୮ନଂ ୱାର୍ଡର ବାସିନ୍ଦାମାନେ ଜିଲାପାଳଙ୍କୁ ଭେଟି ଫେରୁଛନ୍ତି।

■ ଅଧିକାଂଶ ବିପନ୍ନ ପାଇଲେ ନାହିଁ ସରକାରୀ ସହାୟତା
■ ଜମିର ପଟ୍ଟା ନ ଦେବାରୁ ଫେରିଲା ଦରଖାସ୍ତ
■ ଜିଲାପାଳଙ୍କୁ ଫେରାଦ ହେଲେ ବିପନ୍ନ ପରିବାର

୧୮ ନଂ. ୱାର୍ଡର ବାସିନ୍ଦା ଖୋର୍ଦ୍ଧା ବିଧାୟକ ଜ୍ୟୋତିରୀନ୍ଦ୍ରନାଥ ମିତ୍ର ଓ ପୂର୍ବତନ କାଉନ୍‌ସିଲର ରିତେଶ ସାହୁଙ୍କ ନେତୃତ୍ୱରେ ଜିଲାପାଳଙ୍କୁ ଭେଟିଛନ୍ତି। ରାଶନକାର୍ଡ ନ ଥିବା ଫନୀ କ୍ଷତିଗ୍ରସ୍ତଙ୍କୁ ସରକାରୀ ସହାୟତା ଯୋଗାଇବାକୁ ତ୍ରୁଟି ସଂଶୋଧନ କରିବା, ସରକାରୀ ଜମିରେ ଘର କରିଥିଲେ ଯେପରି କ୍ଷତିଗ୍ରସ୍ତମାନେ ଗୃହ ନିର୍ମାଣ କରିବାକୁ ସହାୟତା ପାଇ ପାରିବେ ସେ ଦିଗରେ ପଦକ୍ଷେପ ନେବାକୁ ଆଲୋଚନା କରିଛନ୍ତି। ସେହିଭଳି ଜମି ପଟ୍ଟା ପାଇବାରୁ ବଞ୍ଚିତ ଭୂମିହୀନମାନେ ଯେପରି ଶୀଘ୍ର ପଟ୍ଟା ପାଇବେ ସେ ଦିଗରେ ତ୍ୱରିତ ପଦକ୍ଷେପ ନେବାକୁ ଅନୁରୂପ ଆଲୋଚନା କରିଥିଲେ। ନଗର କଂଗ୍ରେସ ସଭାପତି ରଞ୍ଜିତ ମହାପାତ୍ର କୁହନ୍ତି, ଖୋର୍ଦ୍ଧା ସହରର କେତେଜଣ ଭୂମିହୀନ ପଟ୍ଟା ପାଇଲେ ଆଉ କେତେକେ ରହିଗଲେ। ଯେଉଁମାନେ ରହିଗଲେ ସେମାନେ ବାତ୍ୟାରେ କ୍ଷତିଗ୍ରସ୍ତ ହୋଇଥିଲେ ହେଁ ପଟ୍ଟା ନ ଥିବାରୁ ସେମାନଙ୍କର ଦରଖାସ୍ତ ଫେରି ଆସିଛି। ସେହିଭଳି ସବୁ କ୍ଷତିଗ୍ରସ୍ତ ପରିବାରର ମୁଖିଆଙ୍କ ନାଁରେ ବ୍ୟାଙ୍କ ପାସବୁକ୍ ନାହିଁ। ତେଣୁ ପରିବାରର ଅନ୍ୟ ସଦସ୍ୟଙ୍କ ନାଁରେ ଯେଉଁ ଆବେଦନ ହୋଇଥିଲା ସେଗୁଡିକ ବି ଫେରି ଆସିଛି। କଂଗ୍ରେସ ପକ୍ଷରୁ ବିପନ୍ନ ଓ ପ୍ରଶାସନିକ ଅଧିକାରୀଙ୍କୁ ଭେଟି ଫେରି ଆସିଥିବା ଦରଖାସ୍ତଗୁଡିକ କିପରି ପୁଣି ଆବେଦନ କରାଯିବ। ବିପନ୍ନ ପରିବାର ସହାୟତା ରାଶି ପାଇବେ ସେ ଦିଗରେ ପଦକ୍ଷେପ ନିଆଯାଉଛି। ପୁଣି ଅନେକ ରାଶନକାର୍ଡ ନ ଥିବା ହିତାଧିକାରୀ ବାତ୍ୟାରେ କ୍ଷତି ସତ୍ତ୍ୱେ ସରକାରୀ ସହାୟତା ପାଇନାହାନ୍ତି। ସେଗୁଡିକ ବି ଅନୁଧ୍ୟାନ କରାଯାଇ ସରକାରୀ ସହାୟତା କିପରି ମିଳିବ ସେ ଦିଗରେ ପ୍ରୟାସ ଚାଲିଛି। ଆରଆଇ କବିରାଜ ସେଠୀ କୁହନ୍ତି, ସ୍ୱାମୀ ରିଲିଫ୍ ପାଇଥିବାବେଳେ ସ୍ତ୍ରୀ ନାଁରେ ଘରଭଙ୍ଗାରେ ସାମିଲ କରିବାକୁ ଦରଖାସ୍ତ ହୋଇଛି। କେତେଜଣ ପୁଅ ଝିଅଙ୍କ ନାଁରେ ଆବେଦନ କରିଛନ୍ତି। ପୁଣି ପଟ୍ଟା ନ ଥିବା ଲୋକ ବି ଆବେଦନ କରିଛନ୍ତି। ସରକାରୀ ନୀତିନିୟମ ଭିତରେ ଆସୁ ନ ଥିବା ଲୋକଙ୍କ ଦରଖାସ୍ତ ଫେରିଛି। ଠିକ୍ ଭାବେ ଆସିଲେ ପୁଣି ସମୀକ୍ଷା କରାଯାଇ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି। ପୂର୍ବତନ କାଉନସିଲର ରିତେଶ ସାହୁ କୁହନ୍ତି, ଫନୀ ବିପନ୍ନଙ୍କ ସମସ୍ୟା ନେଇ ଖୋର୍ଦ୍ଧା ବିଧାୟକ ଜିଲାପାଳଙ୍କ ସହ ଆଲୋଚନା କରିଛନ୍ତି। ଜିଲାପାଳ ବିପନ୍ନଙ୍କ ସମସ୍ୟାଙ୍କୁ ଅନୁଧ୍ୟାନ କରି ପଦକ୍ଷେପ ନେବେ ବୋଲି କହିଥିବା ପ୍ରକାଶ କରିଛନ୍ତି।



କୁମ୍‌କୁମ୍ ମହାନ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

## କଲେଜରେ ରୋଭର ରେଞ୍ଜର ବୈଠକ

**ଖୋର୍ଦ୍ଧା ଅଫିସ,୩।୮**

ଖୋର୍ଦ୍ଧା ପି.ଏନ୍. ସ୍ୱୟଂ ଶାସିତ ମହାବିଦ୍ୟାଳୟରେ ରୋଭର ରେଞ୍ଜରର ୨୬ ତମ ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭାରତ ସ୍କାଉଟ୍ ଗାଇଡ୍‌ର ଜାତୀୟ ଉପସଭାପତି କାଳି ପ୍ରସାଦ ମିଶ୍ର ମୁଖ୍ୟଅତିଥି, ଖୋର୍ଦ୍ଧା ବିଧାୟକ ଜ୍ୟୋତିରୀନ୍ଦ୍ରନାଥ ମିତ୍ର ଉଦ୍‌ଘାଟକ ଓ ମୁଖ୍ୟବକ୍ତା କ୍ଷୀରୋଦ ପ୍ରସାଦ ମହାନ୍ତି ଯୋଗ ଦେଇଥିଲେ। ଏହି ଅବସରରେ ପଦ୍ମଶ୍ରୀ କୁମ୍‌କୁମ୍ ମହାନ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ରୋଭର ଲିଡର ପ୍ରାଧ୍ୟାପକ ଗୋପାଳ କୃଷ୍ଣ ଦାସ ବାର୍ଷିକ ବିବରଣୀ ପଠନ କରିଥିଲେ। ଏଥିରେ ମହାବିଦ୍ୟାଳୟର ଅଧକ୍ଷା ସୌଦାମିନି ଦାସ ଅଧକ୍ଷତା କରିଥିଲେ।

■ ଜଟଣୀ ମ୍ୟୁନିସିପାଲିଟି ଫନୀ ଟଙ୍କା ହଡ଼ପ ଘଟଣା

## ହଡ଼ପକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଶୂନ

**ଉଚ୍ଚସ୍ତରୀୟ ତଦନ୍ତ ପାଇଁ ବିଭିନ୍ନ ମହଲରେ ଦାବି**

**ଜଟଣୀ,୩।୮(ଡି.ଏନ.ଏ.)**

ଲକ୍ଷାଧିକ ବାତ୍ୟା ଫନୀ ଟଙ୍କା ହଡ଼ପ କରିବା ନେଇ ଧରିତ୍ରୀରେ ଶନିବାର ବିସ୍ତୃତ ଖବର ବାହାରିବା ପରେ ଜଟଣୀ ମ୍ୟୁନିସିପାଲିଟିରେ ହଟଚମଟ ସୃଷ୍ଟି ହୋଇଥିଲା। ବାତ୍ୟା ଫନୀ ପାଇଁ ଜଟଣୀ ମ୍ୟୁନିସିପାଲିଟିକୁ ଆସିଥିବା ଅର୍ଥରୁ ଲକ୍ଷାଧିକ ଟଙ୍କା ହଡ଼ପ କରିବା ଘଟଣା ଜଣାପଡ଼ିବା ପରେ ହଡ଼ପ କାରିଥିବା କର୍ମଚାରୀଙ୍କ ବିରୋଧରେ ଏଯାବତ୍ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ରାଶନକାର୍ଡଧାରୀଙ୍କ ନାମରେ ଟିପଚିହ୍ନ ଦେଇ ୫ ଲକ୍ଷରୁ ଅଧିକ ଟଙ୍କା ଦାୟିତ୍ୱରେ ଥିବା କେତେଜଣ କର୍ମଚାରୀ ହଡ଼ପ କରି ନେଇଥିଲେ। ତେବେ ଯାଞ୍ଚ ସମୟରେ ନିର୍ବାହୀ ଅଧିକାରୀଙ୍କ ନଜରକୁ ଆସିବା ପରେ କଥା ଧୀରେ ଧୀରେ ପଦାକୁ ଆସିଥିଲା। ପୋଲିସରେ ଅଭିଯୋଗ ହେବା ଓ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଭୟ ଦେଖାଇ ହଡ଼ପକାରୀଙ୍କଠାରୁ କେବଳ ଟଙ୍କା ଫେରାଇ ଆଣିବାରେ ମ୍ୟୁନିସିପାଲିଟି କର୍ତ୍ତୃପକ୍ଷ ସୀମିତ ରହିଛନ୍ତି। ତଦନ୍ତର ପ୍ରଥମ ପର୍ଯ୍ୟାୟରେ ୨୪୩ ଜଣ ରାଶନକାର୍ଡଧାରୀଙ୍କ ଟିପଚିହ୍ନ ଓ ନକଲି ଦସ୍ତଖତ କରି ଏହି ଟଙ୍କା କେତେଜଣ କର୍ମଚାରୀ ଉଠାଇ ନେଇ ପକେଟ ଗରମ କରିଥିବା ଜଣାପଡ଼ିଥିଲା। ଆହୁରି ୩୦ ଜଣ ରାଶନକାର୍ଡଧାରୀଙ୍କ ନାମରେ ଉଠାଇ ନେଇଥିବା ଟଙ୍କା ଏଯାବତ୍ ଫେରସ୍ତ କରିନାହାନ୍ତି। ବିଭାଗୀୟ କର୍ତ୍ତୃପକ୍ଷ ଏହାର ଅଧିକ ତଦନ୍ତ କଲେ ଏହି ସଂଖ୍ୟା ୫୦୦ ଟପି ଯାଇ ପାରେ ବୋଲି ବିଶେଷସୂତ୍ରରୁ ଜଣାପଡିଛି। ଯାହା ୧୦ ଲକ୍ଷରୁ ଅଧିକ ଟଙ୍କା ହେବ। ବିଭାଗୀୟ କର୍ତ୍ତୃପକ୍ଷ ଏହାର ଅଧିକ ତଦନ୍ତ କରିବା ଦୂରର କଥା ଧରାପଡ଼ିଥିବା ଦୁର୍ନୀତିଗ୍ରସ୍ତ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାରେ ପଛଘୁଞ୍ଚା ଦେଉଥିବା ଘଟଣାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ଏହି ଘଟଣା ଜଣାପଡ଼ିବା ପରେ ହଡ଼ପ କାରିଥିବା କର୍ମଚାରୀମାନେ ଟଙ୍କା ଫେରସ୍ତ କରି ଦେଲେ ଯେ ସେମାନେ ଦୁର୍ନୀତିମୁକ୍ତ ହୋଇଗଲେ ଏହାକୁ ନେଇ ସାଧାରଣରେ ଚର୍ଚ୍ଚା ଜୋର୍ ଧରିଛି। ଏହାର ଉଚ୍ଚସ୍ତରୀୟ ତଦନ୍ତ ହେବା ସହ ଏଥିରେ ସମ୍ପୃକ୍ତ କର୍ମଚାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଫନୀ କ୍ଷତିଗ୍ରସ୍ତମାନଙ୍କ ପକ୍ଷରୁ ଦାବି ହେଉଛି।

## କଣ୍ଟାବାଡ଼ ଗାଁ ରାସ୍ତା ଶୋଚନୀୟ



କଣ୍ଟାବାଡ ଗାଁ ରାସ୍ତା ଖାଲଖମାରେ ପରିପୂର୍ଣ୍ଣ।

**ବେଗୁନିଆ, ୩।୮ (ଡି.ଏନ.ଏ.)**

ସରକାରଙ୍କ ପକ୍ଷରୁ ଗାଁ ଗଣ୍ଡାର ବିକାଶ ଲାଗି ବହୁ ଯୋଜନା କାର୍ଯ୍ୟକାରୀ କରାଯାଉଛି। ହେଲେ ଗାଁର ବିକାଶ କେତେଦୂର ଠିକ୍ ଅଛି ଓ ଜନସାଧାରଣ କିଭଳି ଦୁର୍ଦ୍ଦଶା ଭୋଗୁଛନ୍ତି ତାହାର ସତ୍ୟତା ବେଗୁନିଆ ବ୍ଲକ ଏକ ଗାଁରୁ ସ୍ପଷ୍ଟ। ବ୍ଲକ ସଦର ମହକୁମାରୁ ୧୧ କିମି ଗଲେ ପଡେ କଣ୍ଟାବାଡ ଗାଁ। ଗାଁରେ ଆଦିବାସୀ, ହରିଜନ ଏବଂ ସାଧାରଣବର୍ଗର ପ୍ରାୟ ୨ ହଜାରରୁ ଊର୍ଦ୍ଧ୍ୱ ଲୋକ ବାସ କରୁଛନ୍ତି। ଏହି ଗାଁରେ ସରକାରୀ ଓ ବେସରକାରୀ ସ୍କୁଲ କଲେଜ, ଟେଲିଫୋନ ଏକ୍ସଚେଞ୍ଜ, ସ୍ୱାସ୍ଥ୍ୟକେନ୍ଦ୍ର ରହିଛି। ଏଥିସହ ସପ୍ତାହକୁ ଦୁଇଦିନ ହାଟ ଖୋଲିଥାଏ। ଏଠାରେ ବହୁ ଛୋଟବଡ ଦୋକାନ ରହିଛି। ଗାଁକୁ ପ୍ରବେଶ କରିବାକୁ ହେଲେ ୩ ଦିଗରୁ ରାସ୍ତା ରହିଛି। ପଣ୍ଡାଳମ ଗାଁ ପଟୁ ସଂଯୋଗ କରୁଥିବା ଗ୍ରାମ ରାସ୍ତା ଅଣଓସାର ହୋଇଥିବାରୁ ଲୋକେ ଯାତାୟାତରେ ଅସୁବିଧା ହେଉଛି। ମଲିପଦର ପଟୁ ଆସିଥିବା ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡିଛି। ସେହିପରି ଗୋବିନ୍ଦପୁର ଗ୍ରାମ ପଟୁ ଆସିଥିବା ପ୍ରମୁଖ ପ୍ରବେଶ ପଥ କଥା ନ କହିବା ଭଲ। କଲେଜ ଛକଠାରୁ ପ୍ରାୟ ୧ କିମି ରାସ୍ତା ଖାଲ ଖମାରେ ଭର୍ତ୍ତି ହୋଇରହିଛି। ଫଳରେ ଅସରାଏ ବର୍ଷାରେ ଲୋକେ ହନ୍ତସନ୍ତ ହେଉଛନ୍ତି। ସେହିପରି ଗାଁର ଚତୁଃପାର୍ଶ୍ୱରେ ଅଳିଆ ଆବର୍ଜନା ଭରି ହୋଇ ରହିଛି। ସତେ ଯେମିତି ଏହି ଗାଁରେ ଗାଁ କଲ୍ୟାଣ ସମିତି ସ୍ଥାଣୁ ପାଲଟିଛି। ଏଥିସହ ଏହି ଗାଁକୁ ପ୍ରଶାସନିକ ଅଧିକାର, ସ୍ଥାନୀୟ ଜନପ୍ରତିନିଧିମାନଙ୍କର ପାଦ ପଡି ନ ଥିବା ଭଳି ମନେ ହେଉଛି। ଏ ସମ୍ପର୍କରେ ସ୍ଥାନୀୟ ସରପଞ୍ଚ ପ୍ରଶାନ୍ତ କୁମାର ବେହେରାଙ୍କୁ ପଚାରିବାରେ ରାସ୍ତା ଖରାପ ସମ୍ପର୍କରେ ବିଭାଗକୁ ଚିଠି କରାଯାଇଛି ବୋଲି ସେ କହିଛନ୍ତି।

### ବେଆଇନ ଖଣି କାରବାର, ଆଉ ଜଣେ ଗିରଫ

**ଭୁବନେଶ୍ୱର, ୩।୮(ବ୍ୟୁରୋ)**

ବେଆଇନ ଖଣି କାରବାର ଅଭିଯୋଗରେ ବେଗୁନିଆ ଥାନା ଉଲକ ଗ୍ରାମର ବାଦଲ ବଡଜେନାଙ୍କୁ ଶନିବାର କ୍ରାଇମବ୍ରାଞ୍ଚ ଏସଟିଏଫ ଗିରଫ କରି କୋର୍ଟ ଚାଲାଣ କରିଛି। ତାଙ୍କୁ ଏସ୍‌ଟିଏଫ କେସ (ନଂ.୭/୧୯)ରେ ଗିରଫ କରିଥିବା କୁହାଯାଇଛି। ତାଙ୍କ ନାଁରେ ବେଆଇନଭାବେ ଖଣିରୁ ପଥର ଖନନ କରିବା ଅଭିଯୋଗ ରହିଛି। ମାରଣାସ୍ତ୍ର ରଖିବା, ଧମକ ଦେବା, ବଟି ଆଦାୟ କରିବା ଭଳି ଅଭିଯୋଗ ଏସଟିଏଫ ତଦନ୍ତ ବେଳେ ଜାଣିବାକୁ ପାଇଛି। ଗ୍ୟାଙ୍ଗଷ୍ଟାରଙ୍କ ଛତ୍ରଛାୟା ତଳେ ସେ ଏଭଳି ପଥର ଖନନ କରୁଥିବା ଜଣାପଡିଛି। ଏସଟିଏଫ ଖୋର୍ଦ୍ଧାରୁ ଖଣି ମାଫିଆଙ୍କୁ ଗିରଫ କରିବା ପରେ ବାଦଲ ଭୟରେ ଫେରାର ହୋଇଯାଇଥିଲା। ମୋବାଇଲ ଫୋନ ବ୍ୟବହାର ନ କରି ଜଙ୍ଗଲ ମଧ୍ୟରେ ପରିତ୍ୟକ୍ତଭାବେ ରହୁଥିଲେ। ଖବରପାଇ ଏସଟିଏଫ ଚଢ଼ାଉ କରି ବାଦଲଙ୍କୁ ଧରିଥିଲା।

### ୩ ଦିନ ହେଲା ପଡି ରହିଛି ବାଇକ

**ଖୋର୍ଦ୍ଧା ଅଫିସ,୩।୮:**

ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟର ମୁଖ୍ୟ ଫାଟକ ୫୭ ନଂ. ଜାତୀୟ ରାଜପଥ କଡରେ ନଂ. (ଓଡି୦୨ ଏଏଏଫ ୧୧୯୧) ଏକ ପଲସର ବାଇକ୍ ପଡି ରହିଛି। ୩ ଦିନ ଧରି ବାଇକ୍‌ଟି ପଡି ରହିଥିଲେ ମଧ କେହି ନେଉନାହାନ୍ତି।

## ଫାଇଲେରିଆ ତାଲିମ ଶିବିର



ପ୍ରଶିକ୍ଷଣ ଶିବିରରେ ଯୋଗ ଦେଇଥିବା ଆଶା, ଅଙ୍ଗନୱାଡି କର୍ମୀ ଓ ଅନ୍ୟମାନେ।

**ଯାଁଳା,୩।୮(ଡି.ଏନ.ଏ.)**

ଯାଁଳା ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଫାଇଲେରିଆ ଉପରେ ଶନିବାର ଏକ ତାଲିମ ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ଯାଁଳା, ଅଙ୍ଗାରପଡ଼ା, ରାଧାଚରଣପୁର ଓ ମଦନପୁର ଚାରିଟି ସେକ୍ଟରର ଆଶା, ଅଙ୍ଗନବାଡି କର୍ମୀ, ମହିଳାପୁରୁଷ ସ୍ୱାସ୍ଥ୍ୟକର୍ମୀ ଉପସ୍ଥିତ ରହି ତାଲିମ ନେଇଥିଲେ। ଜଟଣୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମେଡିକାଲ ଅଫିସର ଜେ.କେ. ପଣ୍ଡା, ସୌମେନ୍ ସାର୍ଥକ ମହାନ୍ତି, ଧନଞ୍ଜୟ ମହାପାତ୍ର ଉପସ୍ଥିତ ରହି ଫାଇଲେରିଆର ଲକ୍ଷଣଠାରୁ ନିରାକରଣ ଉପରେ କର୍ମୀମାନଙ୍କୁ ଅବଗତ କରାଇଥିଲେ। ଘରକୁ ଘର ବୁଲି ଔଷଧ ଖୁଆଇବା ସହ ବିଭିନ୍ନ ଆବଶ୍ୟକ ସୂଚନା ଦେଇଥିଲେ। ସୁପରଭାଇଜର ଲକ୍ଷ୍ମୀକାନ୍ତ ଦାସ ଓ ଅନ୍ୟମାନେ ଉପସ୍ଥିତ ରହି ତାଲିମ ଶିବିର ପରିଚାଳନା କରିଥିଲେ।

■ ଚାକିରି ବାହାନାରେ ଠକି ନେଲେ ୩ ଲକ୍ଷ

## ମା'ଙ୍କୁ ପ୍ରତାରିତ କରିଥିବା ପୁଅ ୩ ବର୍ଷ ପରେ ଗିରଫ

**ଖୋର୍ଦ୍ଧା ଅଫିସ,୩।୮**

ଚାକିରି ବାହାନାରେ ମା'ବାପାଙ୍କଠାରୁ ୩ ଲକ୍ଷ ଟଙ୍କା ଠକି ନେଇ ଜଣେ ପୁଅ ଫେରାର ହୋଇଗଲେ। ପୁଅଙ୍କ ଠକାମିକୁ ନ ବୁଝି ପାରି ମା'ବାପା ଧାରକରଜ କରି ତାଙ୍କ ଭବିଷ୍ୟତ ପାଇଁ ଟଙ୍କା ଦେଇଥିଲେ। ହେଲେ ଧୂର୍ତ୍ତ ପୁଅ ମା'ବାପାଙ୍କର ମନର କଥା ନ ବୁଝି ପାରି ପ୍ରତାରଣା କରିଥିଲେ। ତେବେ ଘଟଣା ସମ୍ପର୍କରେ ମା' ବାଣପୁର ଥାନାରେ ଅଭିଯୋଗ କରିବା ପରେ ପୋଲିସ ୩ ବର୍ଷ ପରେ ପୁଅଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ପରେ ପୁଅଙ୍କୁ ବାଣପୁର ଜେଲକୁ ଯିବାକୁ ପଡିଛି।

ଅଭିଯୋଗ ଅନୁସାରେ ବାଣପୁର ଥାନା ସୁନାକେରା ଗ୍ରାମର କୈଳାସ ଦାସଙ୍କ ପୁଅ ଭକ୍ତପ୍ରିୟ (୩୫)। ଏକ ସରକାରୀ ସଂସ୍ଥାରେ ଭକ୍ତପ୍ରିୟ ଚାକିରି କରିବାକୁ ମନୋନୀତ ହୋଇଥିବା ମା'ବାପାଙ୍କୁ କହିଥିଲେ। ତେବେ ଏଥିପାଇଁ ବିଭାଗୀୟ କର୍ମଚାରୀ ଓ ଅଧିକାରୀ ୩ ଲକ୍ଷ ଟଙ୍କା ଲାଞ୍ଚ ମାଗୁଥିବା ବିଷୟ ପରିବାର ଲୋକଙ୍କୁ ଜଣାଇଥିଲେ। ମାତ୍ର ଘରେ ଏତେ ଟଙ୍କା ନ ଥିବାରୁ ଗ୍ରାମବାସୀଙ୍କଠାରୁ ଧାର ସୂତ୍ରରେ ଟଙ୍କା ଆଣିବାକୁ ଭକ୍ତପ୍ରିୟ ମା'ଙ୍କୁ ପ୍ରବର୍ତ୍ତାଇ ଥିଲେ। ଚାକିରି ପାଇଗଲେ ଦରମା ଟଙ୍କାରେ ସମସ୍ତ କରଜ ଶୁଝି ଦେବେ ବୋଲି ଭକ୍ତପ୍ରିୟ ମା'ଙ୍କୁ କହିଥିଲେ। ପୁଅ କଥାରେ ବିଶ୍ୱାସ କରି ଗ୍ରାମବାସୀଙ୍କଠାରୁ ୩ ଲକ୍ଷ ଟଙ୍କା ଧାର ଆଣି ମା' ବସନ୍ତ ମଞ୍ଜରୀ ପୁଅକୁ ଦେଇଥିଲେ। ଭକ୍ତପ୍ରିୟ ଏହି ଟଙ୍କା ନେଇ ଗୁଜରାଟ ପଳାଇ ଥିଲେ। କିଛିଦିନ ପରେ ନିଜ ସ୍ତ୍ରୀ ଓ ପିଲାଙ୍କୁ ମଧ ସେଠାକୁ ନେଇ ଯାଇଥିଲେ। ତେବେ ଦୀର୍ଘ ଦୁଇବର୍ଷ ହେବ ଧାର ଟଙ୍କା ନ ଫେରାଇବାରୁ ଗ୍ରାମବାସୀ ବସନ୍ତମଞ୍ଜରୀଙ୍କୁ ଏ ନେଇ ତାଗିଦା କରିଥିଲେ। ଫଳରେ କୈଳାସ ପୁଅଙ୍କୁ ଖୋଜା ଖୋଜି କରିବାରେ ଗତବର୍ଷ ଅଗଷ୍ଟରେ ଭକ୍ତପ୍ରିୟ ଗୁଜରାଟରେ ଥିବା ଜାଣିବାକୁ ପାଇଥିଲେ। କୈଳାସ ଗୁଜରାଟ ଯାଇ ଭକ୍ତପ୍ରିୟଙ୍କୁ ଧାର ଟଙ୍କା ମାଗିଥିଲେ। ଭକ୍ତପ୍ରିୟ ବାପାଙ୍କୁ ଷ୍ଟେଟ ବ୍ୟାଙ୍କର ଏକ ଏଟିଏମ୍ କାର୍ଡ ଦେଇ ସେଥିରେ ଥିବା ୭୫ ହଜାର ଟଙ୍କା ଉଠାଇ ଗ୍ରାମବାସୀଙ୍କ କରଜ ପରିଶୋଧ କରିବାକୁ କହିବା ସହ ଦୁଇ ସପ୍ତାହ ସମୟ ମାଗିଥିଲେ। ପରେ ଗାଁକୁ ଗଲେ ସେ ସମସ୍ତଙ୍କ କରଜ ପରିଶୋଧ କରି ଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ପୁଅ କଥାରେ ବିଶ୍ୱାସ କରି ବୃଦ୍ଧ ବାପା ଗ୍ରାମକୁ ଫେରି ଆସି ଏଟିଏମ୍‌ରୁ ଟଙ୍କା ଉଠାଇବାକୁ ଉଦ୍ୟମ କରିବାରେ ଆକାଉଣ୍ଟରେ ଟଙ୍କା ନ ଥିବା ଜାଣିବାକୁ ପାଇଥିଲେ। କୈଳାସ ଏ ନେଇ ଫୋନ କରିବାରେ ଭକ୍ତପ୍ରିୟ ଫୋନ ଧରି ନ ଥିଲେ ଏବଂ ପରିବାର ସହ ସେଠାରୁ ଅନ୍ୟ ସ୍ଥାନକୁ ପଳାଇ ଯାଇଥିଲେ। ଶେଷରେ ଅନ୍ୟ ଉପାୟ ନ ପାଇ ବସନ୍ତ ମଞ୍ଜରୀ ଏ ନେଇ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକ୍ରମେ ପୋଲିସ ମକଦ୍ଦମା ରୁଜୁ କରି ତଦନ୍ତ କରୁଛି। ଶୁକ୍ରବାର ରାତ୍ରିରେ ଟ୍ରେନ ଯୋଗେ ଭକ୍ତପ୍ରିୟ ବାଲୁଗାଁ ଆସିଥିବା ସୂଚନା ପାଇ ପୋଲିସ ରେଳ ଷ୍ଟେଶନରୁ ତାଙ୍କୁ ଗିରଫ କରିଥିଲା।

■ ପ୍ରଶାସନିକ ସ୍ତରରେ ଅନୁମତି ମିଳୁଛି କିପରି

## ସରକାରୀ ଜମିରେ ନିର୍ମାଣ ହେଉଛି ଆବାସ

**ଖୋର୍ଦ୍ଧା ଅଫିସ,୩।୮:**

**ବିଲ୍ ମଞ୍ଜୁର ପଛରେ ହାତଗୁଞ୍ଜାର କାରବାର ଅଭିଯୋଗ**

ବିଜୁ ପକ୍କାଘର ଓ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ପରି ଗ୍ରାମୀଣ ଆବାସ ଯୋଜନାରେ ହିତାଧିକାରୀ ସରକାରୀ ଜମିରେ ଘର କରୁଛନ୍ତି। ବିଲ୍ ମଞ୍ଜୁର ପଛରେ ହାତଗୁଞ୍ଜା କାରବାର ହେଉଥିବାରୁ ଘଟଣା ଲୋକ ଲୋଚନକୁ ଆସିପାରୁନି। ଯେଉଁଠି ଆସୁଛି ତାହାକୁ ତଦନ୍ତ ଆଳରେ ଚାପି ଦିଆଯାଉଛି ବୋଲି ଅଭିଯୋଗ ରହିଛି। ଏପରି ଅଭିଯୋଗ ବିଭିନ୍ନ ସମୟରେ ହେଉଥିଲେ ମଧ ତଦନ୍ତରେ ସ୍ୱଚ୍ଛତା ରହୁନାହିଁ। ଖୋର୍ଦ୍ଧା ବ୍ଲକର ନରଣଗଡରେ ଏପରି ଅଭିଯୋଗ କିଛିଦିନ ତଳେ ଆସିଥିଲା, ଏବଂ ଏହା ସତ୍ୟ ବୋଲି ଜଣାପଡିଥିଲା। ଗାଁ ଲୋକମାନେ ଏକଜୁଟ୍ ହୋଇ ସରକାରୀ ଜମିରେ ଗଢ଼ି ଉଠିଥିବା ଇନ୍ଦିରା ଆବାସ ଯୋଜନାର ଘରକୁ ଭାଙ୍ଗି ଦେଲେ। ପରବର୍ତ୍ତୀ ପର୍ଯ୍ୟାୟରେ ପୁଣି ସରକାରୀ ଜମିରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ନିର୍ମାଣ ହୋଇଥିବାର ଅଭିଯୋଗ ଅଛି। ତେବେ ଏହାର ତଦନ୍ତ



ସରକାରୀ ଜାଗାରେ ଗ୍ରାମୀଣ ଆବାସ ନିର୍ମାଣ ଚାଲିଛି।

କରାଯାଉନି। ଏବେ ଟାଙ୍ଗିଆପଡା ପଞ୍ଚାୟତ ପାଇକତିଗିରିଆରେ ପୁଣି ସରକାରୀ ଜମିରେ ବିଜୁ ପକ୍କାଘର ଯୋଜନାରେ ଘର ନିର୍ମାଣ ହୋଇଛି। ସେହିପରି ସରକାରୀ ରାସ୍ତାକୁ ଅବରୋଧ କରି ପ୍ରାଚୀର ପାଇଁ ନିଅଁ ଖୋଳା ଯାଇଛି। ସମ୍ପୃକ୍ତ ରାସ୍ତାରେ ନିଅଁ ଖୋଳିବା ପରେ ପାଇକତିଗିରିଆ ଗ୍ରାମବାସୀ ଉପଜିଲାପାଳଙ୍କୁ ସରକାରୀ ରାସ୍ତା ଜବରଦଖଲ ଓ ସରକାରୀ ଜମିରେ ଇନ୍ଦିରା ଆବାସ ନିର୍ମାଣ କରାଯାଇଛି ବୋଲି ଅଭିଯୋଗ କରିଥିଲେ। ଉପଜିଲାପାଳ ଏହାର ତଦନ୍ତ କରି ରିପୋର୍ଟ ଦେବାକୁ ଖୋର୍ଦ୍ଧା ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପାଇକତିଗିରିଆ ଆରଆଇ ବିବାଦୀୟ ଜମିର ତଦନ୍ତ କରି ରିପୋର୍ଟ ଦେଇ ସାରିଛନ୍ତି। ଆରଆଇ ଅମିର ନାୟକ କୁହନ୍ତି, ନିଜ କବିଲତ ଜମିରେ ବିଜୁ ପକ୍କାଘର ନିର୍ମାଣ ହୋଇଥିଲେ ହେଁ କିଛି ଅଂଶ ସରକାରୀ ଜମିରେ ରହିଛି। ତେବେ ସରକାରୀ ରାସ୍ତାରେ ନିଅଁ ଖୋଳା ଯାଇଥିବାରୁ କାମ ବନ୍ଦ କରାଯାଇଛି। ଏ ସମ୍ପର୍କରେ ତଦନ୍ତ ରିପୋର୍ଟ ତହସିଲଦାରଙ୍କୁ ପ୍ରଦାନ କରାଯାଇଛି। ଅନ୍ୟପକ୍ଷେ ସରକାରୀ ଜମିରେ ଘର କରିବାକୁ ଟାଙ୍ଗିଆପଡା ସରପଞ୍ଚଙ୍କ ସହଯୋଗିତା ରହିଥିବା ଅଭିଯୋଗ ଉଠିଛି। ସରପଞ୍ଚ କଲ୍ୟାଣୀ ଦଳେଇ ସହଯୋଗିତାକୁ ମନା କରି କହିଛନ୍ତି ଜଣେ ଲୋକ ପ୍ରତିନିଧି ହିସାବରେ ମୁଁ ମୋର କାମ କରି ଆସୁଛି। ସରକାରୀ ଜମିରେ କି କବଲତି ଜମିରେ ଘର କରାଯାଉଛି ତାହା ସରକାରୀ ସ୍ତରରେ ତଦନ୍ତ କରାଯାଇ ପଦକ୍ଷେପ ନିଆଯାଉ। ସବୁ ପ୍ରକାରର ତଦନ୍ତକୁ ମୁଁ ସ୍ୱାଗତ କରୁଛି।



ଯେଉଁ ଲୋକ ଭୟରୁ ମୁକ୍ତ ନ ହୋଇଛନ୍ତି, ତା'ର ସଦ୍‌ଗୁଣର କୌଣସି ମୂଲ୍ୟ ନାହିଁ।
-ଲାମାର୍ଟିନ



## ସଂକ୍ଷେପରେ

### ଭାଜପାର 'ଆଗ ଗଛ, ସବୁ ପଛ' ଅଭିଯାନ



ପୁରୀ ଅଫିସ, ୩।୮: ଭାଜପାର 'ଆଗ ଗଛ, ସବୁ ପଛ' ଅଭିଯାନ କ୍ରମେ ଶନିବାର ପୁରୀ ମାଳତୀପାଟପୁରଠାରେ ଚାରା ରୋପଣ କରିଛନ୍ତି ଭାଜପା ରାଷ୍ଟ୍ରୀୟ ମୁଖପାତ୍ର ଡା. ସମ୍ବିତ୍ ପାତ୍ର। ମାଳତୀପାଟପୁର ବସ୍‌ଷ୍ଟାଣ୍ଡ ପାଖ ରାସ୍ତା ପାର୍ଶ୍ୱରେ ସମ୍ବିତ୍‌ଙ୍କ ସମେତ ବିଧାୟକ ଜୟନ୍ତ ଷଡ଼ଙ୍ଗୀ, ଶର୍ଙ୍କର୍ଷଣ ପରିଡ଼ା ପ୍ରମୁଖ ଚାରା ରୋପଣ କରିଛନ୍ତି। ଏହା ପୂର୍ବରୁ ସାକ୍ଷୀଗୋପାଳସ୍ଥିତ କାଦୁଆ ଆଶ୍ରମ ପରିସରରେ ଭାଜପା କର୍ମକର୍ତ୍ତାଙ୍କ ସହ ଡା. ପାତ୍ର ଗାନ୍ଧିଜୀ ଓ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଚାରାରୋପଣ କରିଥିଲେ। ଏଠାରେ ଆୟୋଜିତ ସାଙ୍ଗଠନିକ ସଭାରେ ମଧ ଯୋଗଦେଇଥିଲେ।

### ଭକ୍ତ ଦାସ ପୁରୀ ସହର ବିଜେଡି ସଭାପତି

ପୁରୀ ଅଫିସ, ୩।୮: ପୁରୀ ଜିଲା ବିଜୁ ଜନତା ଦଳ(ବିଜେଡି)ର ସଭାପତି ମହେଶ୍ୱର ମହାନ୍ତି ଶନିବାର ପୁରୀ ସହର ବିଜୁ ଜନତା ଦଳର ପୁନର୍ଗଠନ କରିଛନ୍ତି। ଭକ୍ତ ଚରଣ ଦାସଙ୍କୁ ସଭାପତି ଭାବେ ମନୋନୀତ କରାଯାଇଥିବାବେଳେ ନାରାୟଣ ପଟ୍ଟନାୟକ, ଏନ୍. ବଳରାମ ରେଡ୍ଡୀ ଓ ଘନଶ୍ୟାମ ମର୍ଦ୍ଦରାଜ ଉପସଭାପତି ରହିଛନ୍ତି। ଭଗବାନ ପଢ଼ିହାରୀ ସାଧାରଣ ସମ୍ପାଦକ, ସୁବାସ ମହାପାତ୍ର, ଅଖିଳ ମହାପାତ୍ର, ଭାଗୀରଥି ଖୁଣ୍ଟିଆ ଓ ବିଶ୍ୱଜିତ ପ୍ରଧାନ ସମ୍ପାଦକ ଏବଂ ପ୍ରସନ୍ନ ମହାପାତ୍ରଙ୍କୁ କୋଷାଧ୍ୟକ୍ଷ ଭାବେ ମନୋନୀତ କରାଯାଇଛି। ସେହିପରି ଜିଲା ସମ୍ପାଦକ ଭାବେ ସବ୍ୟସାଚୀ ମହାପାତ୍ର ମନୋନୀତ ହୋଇଥିବା ଦଳ ସଭାପତି ଏକ ପ୍ରେସ୍ ବିଜ୍ଞପ୍ତିରେ ଜଣାଇଛନ୍ତି ।

### ୨୨ଗ୍ରାମ୍ ବ୍ରାଉନସୁଗାର ଜବତ, ଜଣେ ଗିରଫ

କଟକ ରୋଡ,୩।୮(ଡି.ଏନ୍.ଏ.): କଟକ କେନ୍ଦ୍ରାଞ୍ଚଳ ଅବକାରୀ ଗୋଇନ୍ଦା ବିଭାଗ ଶନିବାର ଚନ୍ଦ୍ରଶେଖରପୁର ଥାନା ଅଞ୍ଚଳରେ ଚଢ଼ାଉ କରି ଜଣେ ବ୍ରାଉନସୁଗାର ବ୍ୟବସାୟୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ହେଲେ ମଞ୍ଚେଶ୍ୱର ଥାନା ଅଧୀନ ଇଞ୍ଜଣା ଅଞ୍ଚଳର ସାମନ୍ତ ଦାସ। ତାଙ୍କଠାରୁ ୨୨ଗ୍ରାମ୍ ବ୍ରାଉନସୁଗାର ସହ ଏକ ଆକ୍ଟିଭା ଜବତ ହୋଇଛି। ଜବତ ବ୍ରାଉନସୁଗାରର ମୂଲ୍ୟ ପ୍ରାୟ ୨ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ହେବ ବୋଲି ଗୋଇନ୍ଦା ବିଭାଗର ଜଣେ ଅଧିକାରୀ କହିଛନ୍ତି। ସୂଚନା ଅନୁଯାୟୀ, ଦୀର୍ଘଦିନ ହେବ ସାମନ୍ତ ପଟିଆ ଛକରେ ବ୍ରାନସୁଗାର ବିକ୍ରି କରୁଥିବା ନେଇ ଗୋଇନ୍ଦା ବିଭାଗ ପାଖରେ ସୂଚନା ରହିଥିଲା। ଏହି ଅଞ୍ଚଳରେ ଏକାଧିକ କଲେଜ ଥିବାରୁ କେତେଜଣ ଛାତ୍ରଙ୍କୁ ସାମନ୍ତ ଫୋନ କଲ ମାଧମରେ ବ୍ରାଉନସୁଗାର ପହଞ୍ଚାଉଥିଲେ।

■ ଆଡ୍‌ମିଶନରୁ ବଞ୍ଚିତ ଛାତ୍ରୀ ବିଷ ପିଇବା ଘଟଣା

# ଉଚ୍ଚଶିକ୍ଷା ବିଭାଗକୁ ରିପୋର୍ଟ ଦେଲେ କର୍ତ୍ତୃପକ୍ଷ

ପୁରୀ ଅଫିସ, ୩।୮:

**ପ୍ରମାଣପତ୍ରରେ ତାଳମେଳ ନ ଥିଲା**

ପୁରୀ ସରକାରୀ ମହିଳା ମହାବିଦ୍ୟାଳୟରେ ଯୁକ୍ତ୩ ପ୍ରଥମ ବର୍ଷ ଆଡମିଶନରୁ ବଞ୍ଚିତ ଜଣେ ଛାତ୍ରୀ ବିଷ ପିଇ ଗୁରୁତର ହେବା ଘଟଣା ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ଏ ନେଇ ଗଣମାଧମରେ ଖବର ପ୍ରକାଶ ପରେ ରାଜ୍ୟ ଉଚ୍ଚଶିକ୍ଷା ବିଭାଗ ସଚିବ କଲେଜ କର୍ତ୍ତୃପକ୍ଷଙ୍କୁ ଶୁକ୍ରବାର ରିପୋର୍ଟ ତଲବ କରିଥିଲେ। ଶନିବାର କଲେଜ ଅଧକ୍ଷା ଅଞ୍ଜଳି ଶୁକ୍ଳା ଉଚ୍ଚଶିକ୍ଷା ବିଭାଗକୁ ରିପୋର୍ଟ ପ୍ରଦାନ କରିଛନ୍ତି। ଅଧକ୍ଷା ଶୁକ୍ଳା କହିଛନ୍ତି, ସମ୍ପୃକ୍ତ ଛାତ୍ରୀଙ୍କ ମାଟ୍ରିକ ଓ ଯୁକ୍ତ ଦୁଇ ବୋର୍ଡ ମୂଳ ସାର୍ଟିଫିକେଟ ଏବଂ ଜାତିଗତ ପ୍ରମାଣପତ୍ରରେ ବାପାଙ୍କ ନାମ ଅଲଗା ଉଲ୍ଲେଖ ରହିଥିଲା। ସାର୍ଟିଫିକେଟ ଯାଞ୍ଚ ବେଳେ ଆଡମିଶନ ଦାୟିତ୍ୱରେ ରହିଥିବା ଅଧାପକ ଏହାକୁ ବାରଣ କରିଥିଲେ।

ଆଡମିଶନ ଇନ୍‌ଚାର୍ଜ ପି.ସି.ସେଠୀ କହିଛନ୍ତି, ରାଜ୍ୟ ସରକାରଙ୍କ ଗାଇଡ ଲାଇନ ଅନୁସାରେ ଆଡମିଶନ କରାଯାଉଛି। ଜାତିଗତ ପ୍ରମାଣପତ୍ରରେ ତ୍ରୁଟି ଯୋଗୁ ତାଙ୍କ ଆଡମିଶନରେ ସମସ୍ୟା ସୃଷ୍ଟି ହୋଇଥିଲା। ପରବର୍ତ୍ତୀ ସମୟରେ ସେ ଏକ କୋର୍ଟ ଆଫିଡେଭିଟ କରି ଆଣିଥିଲେ। ଜାତିଗତ ପ୍ରମାଣପତ୍ର ନେଇ ତାଙ୍କୁ ଏକ ଅଣ୍ଡରଟେକିଂ ଦେବାକୁ ଅନୁରୋଧ କରାଯାଇଥିଲା। ତାଙ୍କୁ ବୁଝାଶୁଝା ସତ୍ତ୍ୱେ ସେ କୌଣସି କଥାକୁ ଗୁରୁତ୍ୱ ଦେଇ ନ ଥିଲେ। ସେ ପୁଣି ଜୁଲାଇ ୩୦ରେ କଲେଜକୁ ଆସିଥିଲେ। ଆଡମିଶନ ନେଇ ତାଙ୍କ ମୋବାଇଲକୁ ଏକ ମେସେଜ ଆସିଥିବା ଦେଖାଇଥିଲେ। ତେବେ ଆଡମିଶନ ସଂକ୍ରାନ୍ତ ଇଣ୍ଟିମେଶନ ଲେଟର ପ୍ରଦାନ କରିବାକୁ କୁହାଯାଇଥିଲା। ସେ ତାହା ଦାଖଲ କରି ନ ଥିଲେ ବୋଲି ସେଠୀ କହିଛନ୍ତି। ସେଠୀ କହିଛନ୍ତି ଯେ, ପ୍ରଥମ ପର୍ଯ୍ୟାୟ ଆଡମିଶନ୍ ଜୁଲାଇ ୧୯ରୁ ୨୩ତାରିଖ ଅପରାହ୍ନ ୫ଟା ପର୍ଯ୍ୟନ୍ତ ହୋଇଥିଲା। ପ୍ରଥମ ପର୍ଯ୍ୟାୟରେ ଆଡମିଶନ କରିଥିବା ଛାତ୍ରୀଙ୍କ ନାମ ଜୁଲାଇ ୨୫ତାରିଖରେ ପ୍ରକାଶ ପାଇଥିଲା। ଦ୍ୱିତୀୟ ପର୍ଯ୍ୟାୟ ଆଡମିଶନ ଲାଗି ଅଗଷ୍ଟ ୫ରେ ମେରିଟ ଲିଷ୍ଟ ପ୍ରକାଶ ପାଇବ।

ସୂଚନାଯୋଗ୍ୟ, ପୁରୀ ଜିଲା ଚନ୍ଦନପୁର ଥାନା ଅଧୀନ କୁରୁଷ୍ଟି ଗ୍ରାମର ମିଲି ସେଠୀ ନାମ୍ନୀ ଛାତ୍ରୀ ସାମନ୍ତ ଚନ୍ଦ୍ରଶେଖର ମହାବିଦ୍ୟାଳୟରୁ ଯୁକ୍ତଦୁଇରେ ପାସ୍ କରିଥିଲେ। ଯୁକ୍ତ୩ରେ ନାମ ଲେଖାଇବା ଲାଗି ଅନ୍‌ଲାଇନରେ ଆବେଦନ କରିଥିଲେ। ଏସ୍‌ସି କାଟାଗୋରୀରେ ସେ ପ୍ରଥମ ପର୍ଯ୍ୟାୟ ମେରିଟ୍ ଲିଷ୍ଟରେ ସରକାରୀ ମହିଳା ମହାବିଦ୍ୟାଳୟ ଆଡମିଶନ ଲାଗି ସିଲେକ୍ସନ ହୋଇଥିଲେ। ୨୩ତାରିଖରେ ସେ ଏହି କଲେଜକୁ ଯାଇଥିଲେ। ସାର୍ଟିଫିକେଟ ଯାଞ୍ଚ ବେଳେ ମାଟ୍ରିକ ଓ ଯୁକ୍ତ ଦୁଇ ସାର୍ଟିଫିକେଟରେ ବାପାଙ୍କ ନାମ ଶଙ୍କର ସେଠୀ ରହିଥିବା ବେଳେ ଜାତିଗତ ପ୍ରମାଣପତ୍ରରେ ବାପାଙ୍କ ନାମ ମଙ୍ଗଳି ସେଠୀ ଉଲ୍ଲେଖ ରହିଥିଲା। ପ୍ରମାଣପତ୍ରରେ ତାଳମେଳ ରହୁ ନ ଥିବାରୁ ଆଡମିଶନ ଇନଚାର୍ଜରେ ରହିଥିବା ଅଧାପକ ଏହାକୁ ବାରଣ କରିଥିଲେ। ଏ ନେଇ ଆଡମିଶନ ପ୍ରକ୍ରିୟାରୁ ବାଦ୍ ପଡ଼ିବା ପରେ ମିଲି ମାନସିକ ସ୍ତରରେ ଭାରକ୍ରାନ୍ତ ହୋଇ କୀଟନାଶକ ପିଇ ଗୁରୁତର ହୋଇପଡ଼ିଥିଲେ । ତାଙ୍କୁ ଗୁରୁତର ଅବସ୍ଥାରେ ପ୍ରଥମେ ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟ ଓ ପରେ କଟକ ବଡ ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଛି।



ପ୍ରତିଷ୍ଠା ଦିବସ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ ।

## ଶୋଭନୀୟ ଶିକ୍ଷାଶ୍ରମର ୩୦ତମ ପ୍ରତିଷ୍ଠା ଦିବସ

କୋଣାର୍କ, ୩।୮(ଡି.ଏନ୍.ଏ.)

କୋଣାର୍କଠାରେ ପ୍ରତିଷ୍ଠିତ ଶୋଭନୀୟ ଶିକ୍ଷାଶ୍ରମର ୩୦ତମ ପ୍ରତିଷ୍ଠା ଦିବସ ଶନିବାର ଏହା ପରିସରରେ ପାଳିତ ହୋଇଯାଇଛି। ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନର ପ୍ରବର୍ତ୍ତକ କୁମାର ଭାଇଙ୍କ ଦ୍ୱାରା ୧୯୮୯ ଅଗଷ୍ଟ ୩ ତାରିଖରେ କୋଣାର୍କଠାରେ ଶୋଭନୀୟ ଶିକ୍ଷାଶ୍ରମ ପ୍ରତିଷ୍ଠା କରାଯାଇଥିଲା। ସେହି ବର୍ଷଠାରୁ ପ୍ରତିବର୍ଷ କୋଣାର୍କ ଶୋଭନୀୟ ଶିକ୍ଷାଶ୍ରମ ପକ୍ଷରୁ ପ୍ରତିଷ୍ଠା ଦିବସ ପାଳନ କରାଯାଉଛି। ଏଥିରେ ମୁଖ୍ୟଅତିଥି ଭାବେ କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ତୁଷାରକାନ୍ତି ବେହେରା ଯୋଗଦେଇଥିଲେ। ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନର ଲୋକସମ୍ପର୍କ ସମ୍ପାଦିକା ଡ. ଅରୁନ୍ଧତୀ ଦେବୀଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ଉତ୍ସବରେ ଉଦ୍‌ଘାଟିକା ଭାବେ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜର ପୂର୍ବତନ ଅଧକ୍ଷା ପ୍ରଫେସର ଡାକ୍ତର ଇନ୍ଦିରା ଜୀ, ଓଡ଼ିଶା ଚାରୁ ଓ କାରୁକଳା ମହାବିଦ୍ୟାଳୟ ପୁରୀର ଅଧକ୍ଷ ଦୁର୍ଗାମାଧବ କର, ଜିଲା ଶିଶୁ ମଙ୍ଗଳ କମିଟି ସଦସ୍ୟ ରମାଶଙ୍କର ପାତ୍ର, ପରିବେଶବିତ୍ ଉମେଶ ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ। କୁମାର ଭାଇଙ୍କ ଫଟୋଚିତ୍ରରେ ଅତିଥିମାନେ ମାଲ୍ୟାର୍ପଣ କରି ତାଙ୍କ ସ୍ମୃତିଚାରଣ କରିଥିଲେ। ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନର ନିୟନ୍ତ୍ରିକା ତଥା କୋଣାର୍କ ଶୋଭନୀୟ ଶିକ୍ଷାଶ୍ରମର ଅଧକ୍ଷା ରୁକ୍ମିଣୀ ଦେବୀ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ବିଡାନାସୀ ଶୋଭନୀୟ ଶିକ୍ଷାଶ୍ରମର ଅଧକ୍ଷା ଡ. ବନଲତା ଦେବୀ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଅନୁଷ୍ଠିତ ଶିଶୁ ବିଜ୍ଞାନମେଳା ଓ ଚିତ୍ରାଙ୍କନ ପ୍ରଦର୍ଶନୀକୁ ଅତିଥିମାନେ ବୁଲି ଦେଖିଥିଲେ। ମନ୍ତ୍ରୀ ବେହେରାଙ୍କ ଦ୍ୱାରା ଶିକ୍ଷାଶ୍ରମ ପରିସରରେ ବୃକ୍ଷ ରୋପଣ, ଡାକ୍ତର ଶିବ କରଙ୍କ ଦ୍ୱାରା ମାଗଣା ଔଷଧ ବଣ୍ଟନ କରାଯାଇଥିଲା। ଶୋଭନୀୟ ଶିକ୍ଷାଶ୍ରମର ଛାତ୍ରୀଛାତ୍ରମାନେ ବିଭିନ୍ନ ପ୍ରକାର ସଚେତନଧର୍ମୀ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରି ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ। କାର୍ଯ୍ୟକ୍ରମକୁ ଶୋଭନୀୟ ଶିକ୍ଷାଶ୍ରମର ଗୁରୁମା ଗୁରୁଜୀମାନେ ପରିଚାଳନା କରିଥିଲେ।

## ଜ୍ଞାନ ବିଜ୍ଞାନ ମେଳାରେ ଭାଗନେଲେ ୩୦୦ ଛାତ୍ରୀଛାତ୍ର

ପୁରୀ ଅଫିସ, ୩।୮:



ଛାତ୍ରୀଛାତ୍ରମାନେ ପ୍ରକଳ୍ପ ପ୍ରଦର୍ଶନ କରୁଛନ୍ତି ।

ଘୋଡାବଜାରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଆନୁକୂଲ୍ୟରେ ଶନିବାର ୨୭ତମ ଜ୍ଞାନ ବିଜ୍ଞାନ ମେଳା ଓ ମେଧାବୀ ଅଭିନନ୍ଦନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପିଲାଙ୍କ ମଧରେ ବିଭିନ୍ନ ପ୍ରତିଯୋଗିତା ହୋଇଥିଲା। ଏଥିରେ ୩ଶହରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ସାକ୍ଷୀଗୋପାଳସ୍ଥିତ କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଡ. ସଞ୍ଜୟ କୁମାର ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ୨୦୧୮-୧୯ ଶିକ୍ଷାବର୍ଷ ମାଟ୍ରିକ ପରୀକ୍ଷାରେ ଏ-୧ରେ ରହିଥିବା ୧୧ଜଣ, ପଠାଣି ସାମନ୍ତ ଗଣିତ ମେଧା ବୃତ୍ତିରେ ୮, ସରକାରୀ ବୃତ୍ତିରେ ୬, ପ୍ରାଦେଶିକ ମେଧା ଓ ଭାରତୀକୃଷ୍ଣ ଗଣିତ ପ୍ରତିଭା, ବିଜ୍ଞାନ ଅଲିମ୍ପିଆଡ, ଇସ୍ରୋ ଦ୍ୱାରା ପୁରସ୍କୃତ ୪ଜଣ ପ୍ରତିଭାଧାରୀଙ୍କୁ ସମ୍ମାନିତ କରାଯାଇଥିଲା। ଯୁକ୍ତଦୁଇରେ ବିଦ୍ୟାଳୟର ସର୍ବାଧିକ ନମ୍ବର ରଖିଥିବା ମେଧାବୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଜିଲା ଶିକ୍ଷା ଓ ଗବେଷଣା ଅନୁଷ୍ଠାନର ଅଧକ୍ଷ ଚଣ୍ଡେଶ୍ୱର ମହାପାତ୍ର, ସହକାରୀ ଜିଲାପାଳ ମନୋଜ କୁମାର ନାୟକ, ପରିଚାଳନା ସମିତି ସଭାପତି ଡା. ସୁନୀଲ ଚକ୍ରବର୍ତ୍ତୀ, ଉପସଭାପତି ରତ୍ନାକର ସାହୁ, ସମ୍ପାଦକ ପ୍ରିୟ ରଞ୍ଜନ ଜେନା ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ପ୍ରଫୁଲ୍ଲ କୁମାର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରଧାନାଚାର୍ଯ୍ୟ ଅରବିନ୍ଦ ଦାସ କାର୍ଯ୍ୟକ୍ରମ ପରିଚାଳନା କାରିଥିଲେ।

### ସରକାରୀ ନିୟମାନୁଯାୟୀ ବିଦ୍ୟାଳୟ ନାମକରଣ ଦାବି ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ

ପୁରୀ ଅଫିସ, ୩।୮:

ସରକାରୀ ନିୟମାବଳୀ ଅନୁଯାୟୀ ବିଦ୍ୟାଳୟ ନାମକରଣ କରିବାକୁ ଦାବି ନେଇ ଶନିବାର ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। ପିପିଲି ବ୍ଲକ କମାକନ୍ତିଆ ଗ୍ରାମର ଦିଲ୍ଲିପ ବରାଳ ଏହି ସ୍ମାରକପତ୍ର ଦେଇଛନ୍ତି। ଏଥିରେ ସେ ଦର୍ଶାଇଛନ୍ତି, ୧୯୫୪ ମସିହାରେ କମାକନ୍ତିଆ ଗ୍ରାମରେ ୟୁପି ସ୍କୁଲ ପ୍ରତିଷ୍ଠା ହୋଇଥିଲା। ଏହାର ନାମ ଥିଲା କମାକନ୍ତିଆ ୟୁପି ସ୍କୁଲ। ୧୯୮୬ରେ ଏହି ସ୍କୁଲ ନିକଟରେ ଆର୍.କେ.ଏସ୍.ଏମ୍‌ଇ ବିଦ୍ୟାଳୟ ପ୍ରତିଷ୍ଠା କରାଗଲା। ସର୍ବଶିକ୍ଷା ଅଭିଯାନ ଆରମ୍ଭ ହେବା ପରେ ଏମ୍‌ଇ ସ୍କୁଲକୁ ୟୁପି ସ୍କୁଲ ସହିତ ମିଶାଇ ଦିଆଯାଇଥିଲା। ସରକାରୀ ନିୟମାନୁଯାୟୀ, ଏହି ବିଦ୍ୟାଳୟର ନାମ କମାକନ୍ତିଆ ନୋଡାଲ ୟୁପି ସ୍କୁଲ ରଖାଯିବା କଥା। କିନ୍ତୁ ତାହା କରା ନ ଯାଇ ଆର୍.କେ.ଏସ୍. ନୋଡାଲ ୟୁପି ରଖାଗଲା। ୨୦୦୮ରେ କମାକନ୍ତିରେ ହାଇସ୍କୁଲ ପ୍ରତିଷ୍ଠା କରାଯାଇ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ନାମ ରଖାଯାଇଥିଲା। ୨୦୧୭ରେ ଗଣଶିକ୍ଷା ବିଭାଗ ପକ୍ଷରୁ ନିର୍ଦ୍ଦେଶାବଳୀ ଜାରି କରାଯାଇଥିଲା। ହାଇସ୍କୁଲ ନିକଟସ୍ଥ ୟୁପି ସ୍କୁଲଗୁଡ଼ିକ ହାଇସ୍କୁଲ ସହ ମିଶିବା ପରେ ଏହାର ନାମ ନୋଡ଼ାଲ ହାଇସ୍କୁଲ ରହିବ ବୋଲି ଦର୍ଶାଯାଇଥିଲା। ଏହାପରେ ଆର୍.କେ.ଏସ୍. ନୋଡାଲ ୟୁପି ସ୍କୁଲ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ସହିତ ମିଶିଥିଲା। ତେଣୁ ନିୟମାନୁଯାୟୀ ଏହି ବିଦ୍ୟାଳୟର ନାମ ସରକାରୀ ଉନ୍ନୀତ ନୋଡାଲ ଉଚ୍ଚ ବିଦ୍ୟାଳୟ ରଖିବାକୁ ବରାଳ ଦାବି ଜଣାଇଛନ୍ତି।

■ ସିଦ୍ଧମହାବୀର ଆର୍‌ଓବି ନିର୍ମାଣ ପ୍ରସଙ୍ଗ

## କେନ୍ଦ୍ର ସରକାରଙ୍କ ଅନୁମୋଦନ ମିଳିଲା

ପୁରୀ ଅଫିସ, ୩।୮:

ପୁରୀ-କୋଣାର୍କ ବେଳାମାର୍ଗର ସିଦ୍ଧମହାବୀର ଲେଭଲ କ୍ରସିଂଠାରେ ରେଳ ଓଭରବ୍ରିଜ୍ (ଆର୍‌ଓବି) ନିର୍ମାଣ କରିବାକୁ ପୁରୀବାସୀ ଦୀର୍ଘବର୍ଷ ହେଲା ଦାବି କରିଆସୁଛନ୍ତି। ଏଥିପାଇଁ କେନ୍ଦ୍ର ସରକାରଙ୍କ ସଡ଼କ ପରିବହନ ଓ ଜାତୀୟ ରାଜପଥ ବିଭାଗରୁ ଅନୁମୋଦନ ମିଳିଛି। ଏହାର ନିର୍ମାଣ ନେଇ ରାଜ୍ୟ ସରକାର ତତ୍ପରତା ପ୍ରକାଶ କଲେ ପୁରୀବାସୀଙ୍କ ଦୀର୍ଘଦିନର ଦାବି ପୂରଣ ହୋଇପାରିବ ବୋଲି କୁହାଯାଉଛି।

ଗତବର୍ଷ ନଭେମ୍ବର ୨୮ରେ ରାଜ୍ୟ ଜାତୀୟ ରାଜପଥ ବିଭାଗର ମୁଖ୍ୟଯନ୍ତ୍ରୀ ସିଦ୍ଧମହାବୀର ରେଳ ଓଭରବ୍ରିଜ ନିର୍ମାଣ ପାଇଁ କେନ୍ଦ୍ର ସରକାରଙ୍କ ସଡ଼କ ପରିବହନ ଓ ଜାତୀୟ ରାଜପଥ ବିଭାଗକୁ ଅନୁମତି ମାଗିଥିଲେ। ୪ ଲେନ ବିଶିଷ୍ଟ ଓଭରବ୍ରିଜ୍ ସମେତ ଦୁଇପାର୍ଶ୍ୱରେ ପାଦଚଲା ରାସ୍ତା ନିର୍ମାଣ ପାଇଁ ପ୍ରସ୍ତାବ ଦିଆଯାଇଥିଲା। କେନ୍ଦ୍ର ସରକାର ଗତ ଗୁରୁବାର ଏହି ପ୍ରସ୍ତାବକୁ ଅନୁମୋଦନ କରିଛନ୍ତି। ପୁରୀ-କୋଣାର୍କ ମେରାଇନ ଡ୍ରାଇଭ ରୋଡ୍। ପ୍ରତିଦିନ ଆମ୍ବୁଲାନ୍ସ, ସ୍କୁଲବସ୍, ପର୍ଯ୍ୟଟକ ଗାଡ଼ି ବହୁ ସଂଖ୍ୟାରେ ଯିବାଆସିବା କରେ। ହେଲେ ଏହି ରାସ୍ତା ଦେଇ ଯାଉଥିବା ଯାତ୍ରୀ, ପର୍ଯ୍ୟଟକ, ରୋଗୀ, ଭୋଗୀ ସମସ୍ତଙ୍କ ଦୁଃଖ ପାଲଟିଛି ସିଦ୍ଧମହାବୀର ଲେଭଲ କ୍ରସିଂ। ଏଠାରେ ଥରେ ଫାଟକ ପଡ଼ିଲେ ଉଭୟ ପାର୍ଶ୍ୱରେ ପ୍ରାୟ ୧ କିମି ପର୍ଯ୍ୟନ୍ତ ଗାଡ଼ିମୋଟର ଲମ୍ବିଯାଏ। ଫାଟକ ଉଠିବା ପରେ ବି ଲେଭଲ କ୍ରସିଂ ପାର୍ ହେବାକୁ ଛାତ୍ରୀଛାତ୍ର, ରୋଗୀ, ବରିଷ୍ଠ ନାଗରିକ, ପ୍ରସୂତି ସମସ୍ତଙ୍କୁ ନାକେଦମ୍ ହେବାକୁ ପଡ଼େ। ତେଣୁ ଏଠାରେ ଆର୍‌ଓବି ନିର୍ମାଣ କରିବା ଲାଗି ଦୀର୍ଘ ୨୦ବର୍ଷରୁ ଉର୍ଦ୍ଧ୍ୱ ହେବ ପୁରୀବାସୀ ଦାବି କରିଆସୁଛନ୍ତି। ବିଭିନ୍ନ ଦଳର ନେତା, ମନ୍ତ୍ରୀ ଓ ବିଧାୟକ ପ୍ରତିଶ୍ରୁତି ଦେଉଛନ୍ତି। ହେଲେ ଏ ପର୍ଯ୍ୟନ୍ତ ଆର୍‌ଓବି ନିର୍ମାଣ ହୋଇପାରିନାହିଁ। ବର୍ତ୍ତମାନ ଆରଓବି ପାଇଁ କେନ୍ଦ୍ର ସରକାର ଅନୁମୋଦନ ଦେବା ପରେ ପୁରୀବାସୀଙ୍କ ମନରେ ଆଶା ସଞ୍ଚାର ହୋଇଛି।

## ରାଜପଥ ପାର୍ଶ୍ୱରେ ନିମ୍ବ ଚାରା ରୋପଣ



ରାସ୍ତା ପାର୍ଶ୍ୱରେ ଚାରା ରୋପଣ କରାଯାଉଛି ।

ସାକ୍ଷୀଗୋପାଳ, ୩।୮(ଡି.ଏନ୍.ଏ.)

ସଜାଗ ଅନୁଷ୍ଠାନ ପକ୍ଷରୁ ଭୁବନେଶ୍ୱର-ପୁରୀ ୩୧୬ ନଂ. ଜାତୀୟ ରାଜପଥ ପାର୍ଶ୍ୱରେ ଚାରାରୋପଣ କାର୍ଯ୍ୟକ୍ରମ ଶନିବାରଠାରୁ ଆରମ୍ଭ ହୋଇଛି। କାର୍ଯ୍ୟକ୍ରମକୁ ସତ୍ୟବାଦୀ ବିଧାୟକ ଉମାକାନ୍ତ ସାମନ୍ତରାୟ ଉଦ୍‌ଘାଟନ କରିଥିଲେ। ଛାୟା ପ୍ରଦାନ, ପରିବେଶ ସୁରକ୍ଷା, ନିମ୍ବର ଔଷଧୀୟ ଗୁଣ ଏବଂ ମହାପ୍ରଭୁଙ୍କ ବିଗ୍ରହ ନିମନ୍ତେ ଦାରୁ ଯୋଗାଣ ଆଦି ଲକ୍ଷ୍ୟରେ ଏହି କାର୍ଯ୍ୟକ୍ରମ ହାତକୁ ନିଆଯାଇଛି ବୋଲି ବିଧାୟକ କହିଥିଲେ। ଇଫ୍‌କୋ ୫ହଜାର ନିମ୍ବ ଚାରା ଯୋଗାଇ ଦେଇଥିବା ଇଫ୍‌କୋର ରାଜ୍ୟ ବିପଣନ ଅଧିକାରୀ କିଶୋର ଚନ୍ଦ୍ର ଜେନା କହିଛନ୍ତି। ସତ୍ୟବାଦୀ ବ୍ଲକ ଅଧକ୍ଷା ସସ୍ମିତା ପ୍ରଧାନ, ଉପାଧକ୍ଷ ବିକ୍ରମ କୁମାର ଜେନା, ଇଫ୍‌କୋର କ୍ଷେତ୍ର ଅଧିକାରୀ ଗଣେଶ ପ୍ରସାଦ ପାଢ଼ୀ, ଜିଲା ପରିଷଦ ସଭ୍ୟ ପ୍ରହ୍ଲାଦ ଘଗୁଆରୀ, ଧ୍ରୁବଚରଣ ଦାଶ, ବିଜେଡି ବ୍ଲକ ସଭାପତି ପ୍ରମୋଦ କୁମାର ରାଉତରାୟ, ସାମାଜିକ କର୍ମୀ ରାମଚନ୍ଦ୍ର ମହାନ୍ତି, ଶଙ୍କର ପ୍ରଧାନ, ସୁନୀଲ କୁମାର ପଣ୍ଡା, ମହିଳା ମହାସଂଘ ସଭାପତି ଲକ୍ଷ୍ମୀପ୍ରିୟା ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

## ଯିଏ ଚାରା ଲଗାଇଲେ ତାଙ୍କ ନାଁ ରହିଲା

ପୁରୀ ଅଫିସ, ୩।୮:

ବାତ୍ୟା ଫନୀରେ ପୁରୀ ଜିଲାରେ ଲକ୍ଷ ଲକ୍ଷ ଗଛ ନଷ୍ଟ ହୋଇଯାଇଛି । ଏମିତି କି ବାଲୁଖଣ୍ଡ ଅଭୟାରଣ୍ୟ ଏକପ୍ରକାର ଧରାଶାୟୀ ହୋଇପଡ଼ିଛି। ବାତ୍ୟାର ୩ମାସ ପରେ ବି ପୁରୀ ସହର ଗଛ ବିନା ଶୂନ୍ୟ ଶୂନ୍ୟ ଲାଗୁଛି। ତେଣୁ ସହର ସମେତ ଜିଲାର ବିଭିନ୍ନ ଅଞ୍ଚଳରେ ସବୁଜିମା ଫେରାଇ ଆଣିବା ଲାଗି ବିଭିନ୍ନ ସ୍ତରରେ ଉଦ୍ୟମ ଜାରି ରହିଛି। ବିଶେଷକରି ବନ ବିଭାଗ ଲୋକଙ୍କୁ ମାଗଣାରେ ଚାରା ବଣ୍ଟନ କରୁଥିବା ବେଳେ ନିଜେ ବାଲୁଖଣ୍ଡ ଅଭୟାରଣ୍ୟରେ ଚାରା ଲଗାଉଛି। ବିଭିନ୍ନ ସ୍ୱେଚ୍ଛାସେବୀ ସଙ୍ଗଠନ ଏ ଦିଗରେ ପ୍ରୟାସ ଜାରି ରଖିଛନ୍ତି। ଅନେକ ବ୍ୟକ୍ତି ଚାରା ଲଗାଉଥିଲେ ମଧ ଏହାର ଉପଯୁକ୍ତ ଯତ୍ନ ନେଉନାହାନ୍ତି। ତେଣୁ ଅଳ୍ପ ଦିନରେ ଚାରା ମରିଯିବାର ନଜିର ରହିଛି। ଚାରାର ଉପଯୁକ୍ତ ଯତ୍ନ ନେବା ଲାଗି ପୁରୀ ସହରରେ ଏକ ଅଭିନବ ପ୍ରୟାସ ଆରମ୍ଭ ହୋଇଛି। ଶନିବାର ବାତ୍ୟାର ୩ମାସ ପୂର୍ତ୍ତି ଅବସରରେ ବନ ବିଭାଗ ସହଯୋଗରେ ଆଇଟିଆଇ କଲେଜ ପରିସରରେ ସ୍ୱେଚ୍ଛାସେବୀମାନେ ଆକାଶୀ, ନିମ୍ବ, କରଞ୍ଜ, ବଉଳ, ଜାମୁ ଆଦି ଚାରା ଲଗାଇଛନ୍ତି। ତେବେ ଯେଉଁ ସ୍ୱେଚ୍ଛାସେବୀ ଯେଉଁ ଚାରା ଲଗାଇଛନ୍ତି ସେହି ଚାରା ତାଙ୍କ ନାମରେ ନାମକରଣ କରାଯାଇଛି। ସମ୍ପୃକ୍ତ ସ୍ୱେଚ୍ଛାସେବୀ ସେହି ଚାରାର ଉପଯୁକ୍ତ ଯତ୍ନ ନେଇ ବଞ୍ଚାଇବାର ଦାୟିତ୍ୱ ବହନ କରିବେ। ଏହାଦ୍ୱାରା ଅନ୍ୟମାନେ ମଧ ଚାରା ରୋପଣ ଲାଗି ଆଗ୍ରହ ପ୍ରକାଶ କରିବେ ବୋଲି ଚିନ୍ତାଧାରା ରଖି ଏହି ପଦକ୍ଷେପ ନିଆଯାଇଛି।



ଆଇଟିଆଇ କଲେଜ ପରିସରରେ ସ୍ୱେଚ୍ଛାସେବୀମାନେ ଚାରା ରୋପଣ କରୁଛନ୍ତି ।

### ଖବରଦାତା ଗିରଫ

ପୁରୀ ଅଫିସ,୩।୮:

ପରୀ-୩ ଅଭିଯାନରେ ସାମିଲ ଥିବା ଜଣେ ମହିଳା ପୋଲିସ ଅଧିକାରୀ ଏକ ହୋଟେଲରେ କାର୍ଯ୍ୟରତ ଶିଶୁ ଶ୍ରମିକଙ୍କୁ ଉଦ୍ଧାର କରିଥିଲେ। ସମ୍ପୃକ୍ତ ମାଲିକଙ୍କଠାରୁ ସେ ଏନେଇ ତଥ୍ୟ ସଂଗ୍ରହ କରୁଥିବା ବେଳେ ଏକ ବୈଦ୍ୟୁତିକ ଗଣମାଧମର ଖବରଦାତା ଏହାର ଭିଡିଓ ରେକର୍ଡିଂ କରିଥିଲେ। ସମ୍ପୃକ୍ତ ମହିଳା ପୋଲିସ ଅଧିକାରୀ ଭିଡିଓ ଉଠାଇବାକୁ ବାରଣ କରିଥିଲେ। ନାବାଳକ ହୋଇଥିବାରୁ ଜୁଭେନାଇଲ ଆକ୍ଟ ଅନୁସାରେ ଏହା ନିୟମ ବିରୋଧ ବୋଲି କହିଥିଲେ। ତେବେ ପରବର୍ତ୍ତୀ ସମୟରେ ଗିରଫ ଖବରଦାତା ତାଙ୍କ ବିରୋଧରେ ଅଶ୍ଳୀଳ ଭାଷାରେ ରିପୋର୍ଟ ପ୍ରସ୍ତୁତ କରି ଖବର ପରିବେଷଣ ସହ ସୋସିଆଲ ମିଡିଆରେ ଭିଡିଓ ଭାଇରାଲ କରିଥିଲେ। ଭାଇରାଲ ହୋଇଥିବା ଭିଡିଓକୁ ଅନୁଧ୍ୟାନ ପରେ ସମ୍ପୃକ୍ତ ଖବରଦାତାଙ୍କୁ ଗିରଫ ପାଇଁ ଏସ୍‌ପି ଉମାଶଙ୍କର ଦାଶ ନିର୍ଦ୍ଦେଶ ଦେଇଥିଲେ। ନାବାଳକଙ୍କ ଚିତ୍ରତୋଳନ ଏବଂ ଡ୍ୟୁଟିରେ ଥିବା ପୋଲିସ ଅଧିକାରୀଙ୍କ ବିରୋଧରେ ଅଶ୍ଳୀଳ ରିପୋର୍ଟ ପରିବେଷଣ ଅଭିଯୋଗରେ ତାଙ୍କୁ ଗିରଫ କରାଯାଇଥିବା ଏସ୍‌ପି ଦାଶ କହିଛନ୍ତି।

## ବିପଦସଙ୍କୁଳ ଅବସ୍ଥାରେ ପରିତ୍ୟକ୍ତ କୋଠା

ସାକ୍ଷୀଗୋପାଳ, ୩।୮(ଡି.ଏନ୍.ଏ.)



ସାକ୍ଷୀଗୋପାଳ ମନ୍ଦିର ଓ ମୁଖ୍ୟରାସ୍ତାକୁ ଲାଗିରହିଛି କେତେକ ପରିତ୍ୟକ୍ତ ବିପଦସଙ୍କୁଳ କୋଠା। କୋଠାଘରଗୁଡ଼ିକରେ ଛୋଟବଡ଼ ଗଛ ଉଠି ଘରର ଚେର କାନ୍ଥରେ ଫାଟ ସୃଷ୍ଟିକରି ଏହାକୁ ଅଧିକ ଦୁର୍ବଳ କରୁଛି। ଏବେ ଦୁହାକୁ ଦୁହା ବର୍ଷାରେ ସେଗୁଡିକ କେଉଁ ମୁହୂର୍ତ୍ତରେ ଭାଙ୍ଗି ସାଧାରଣ ଜନଜୀବନ ପ୍ରତି ବିପଦ ସୃଷ୍ଟି କରିବ, ସେନେଇ ଆଶଙ୍କା ପ୍ରକାଶ ପାଇଛି।

ସାକ୍ଷୀଗୋପାଳ ଏକ ତୀର୍ଥସ୍ଥାନ ହୋଇଥିବାରୁ ଉକ୍ତ ରାସ୍ତାରେ ପ୍ରତିଦିନ ଛୋଟବଡ଼ ଯାତ୍ରୀବାହୀ ଯାନ ତୀର୍ଥଯାତ୍ରୀଙ୍କୁ ନେଇ ସାକ୍ଷୀଗୋପାଳ ମନ୍ଦିରକୁ ଚଳାଚଳ କରୁଛି। ଏପରି କି ସ୍କୁଲ କଲେଜ ଛାତ୍ରୀଛାତ୍ର ଓ ସ୍ଥାନୀୟ ଲୋକେ ଏହି ବିପଦସଙ୍କୁଳ କୋଠା ପାର୍ଶ୍ୱଦେଇ ଯାତାୟାତ କରୁଛନ୍ତି। ସାକ୍ଷୀଗୋପାଳ ବଜାର ସଂଲଗ୍ନ ଗୋପାଳପୁର ପାଟଣା, ରାଇସ୍‌ମିଲ, ଧର୍ମଶାଳା, ଏମାରମଠ ଶାଖା, ମନ୍ଦିର ଡାକବଙ୍ଗଳା, ରାମ ଲକ୍ଷ୍ମଣ ମନ୍ଦିର, ମହିଳା ଶିଳ୍ପ ସମବାୟ ସମିତି ସହିତ କେତେକ ବିଦ୍ୟାଳୟର ଶ୍ରେଣୀ କକ୍ଷ ଭଗ୍ନ ଅବସ୍ଥାରେ ଦୀର୍ଘଦିନ ଧରି ଠିଆ ହୋଇଥିବା ଦେଖାଯାଇଛି। ବିପଦପୂର୍ଣ୍ଣ କୋଠାଗୁଡ଼ିକୁ ଚିହ୍ନଟ କରି ସେଗୁଡିକ ଆଗୁଆ ଭାଙ୍ଗିଦେବା ନିମନ୍ତେ ଏଠାରେ କିଛି ପଦକ୍ଷେପ ଗ୍ରହଣ କରାଯାଉନାହିଁ। ସତ୍ୟବାଦୀ ପଞ୍ଚାୟତ ସମିତି ଅନ୍ତର୍ଗତ ଏହି ଅଞ୍ଚଳ ମ୍ୟୁନିସିପାଲିଟି କିମ୍ବା ଏନ୍‌ଏସି ଅନ୍ତର୍ଭୁକ୍ତ ହୋଇ ନ ଥିବାରୁ ଏଥିପ୍ରତି ପ୍ରଶାସନିକସ୍ତରରେ ଗୁରୁତ୍ୱ ଦିଆଯାଉନାହିଁ ବୋଲି ଅଭିଯୋଗ ହୋଇଛି। ୨୦୧୬ରେ ଏଠାରେ ଏକ ପରିତ୍ୟକ୍ତ ପାଚେରି ଭାଙ୍ଗି ପଡିବାରୁ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଜଣେ ଛାତ୍ରୀଙ୍କ କାନ୍ଥତଳେ ଚାପିହୋଇ ମୃତ୍ୟୁ ଘଟିଥିବାବେଳେ ଅନ୍ୟ ୨୪ ଜଣ ଛାତ୍ରୀ ଆହତ ହୋଇଥିଲେ। ଏହି ଦୁର୍ଘଟଣା ପରେ ବି ପରିତ୍ୟକ୍ତ କୋଠାଗୁଡ଼ିକର ମାଲିକ ଏବଂ ଅଧିକାରୀଙ୍କ ସଚେତନତା ଅଭାବ ଚିନ୍ତାର କାରଣ ହୋଇଛି।